

ମହେଶ ବାବୁଙ୍କ ଫଟୋ ଲିକ୍

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-15 •THURSDAY •09 JULY 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୪ •ସଂଖ୍ୟା-୧୫ •ଗୁରୁବାର •୦୯ ଜୁଲାଇ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


### ଟ୍ରମ୍ପଙ୍କ ଧମକ ପରେ ମଧ୍ୟପ୍ରାଚ୍ୟ ପୁଣି ଅଶାନ୍ତ

# ଶାନ୍ତି ଚୁକ୍ତି ରଦ୍ଦ, ଆକ୍ରମଣ ଜୋର୍‌ଦାର୍

■ ଅଙ୍କାରା/ୱାଶିଂଟନ, ୮।୭ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ଏବେ ଅତି ଭୟାନକ ରୂପ ଧାରଣ କରିବାକୁ ଯାଉଛି। ମାତ୍ର ତିନି ସପ୍ତାହ ପୂର୍ବରୁ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ଶାନ୍ତି ଚୁକ୍ତି ଏବେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ତୁର୍କୀରେ ଆୟୋଜିତ ନାଟୋ ସମ୍ମିଳନୀରେ ଯୋଗଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅତି କ୍ରୋଧିତ ସ୍ୱରରେ ଇରାନ ସହିତ ଶାନ୍ତି ଚୁକ୍ତି ଶେଷ ହୋଇଥିବା ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଯୁଦ୍ଧବିରତି ମଧ ଶେଷ ହୋଇଛି। ଆଜି ରାତିରେ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରାଯିବ ବୋଲି ସେ ପୁଣି ଥରେ ଧମକ ଦେଇଛନ୍ତି। ଏହା ସହିତ ଇରାନ ଉପରେ ଆର୍ଥିକ କଟକଣାକୁ ଅଧିକ ଦୃଢ଼ କରିବାକୁ ଘୋଷଣା କରି ଟ୍ରମ୍ପ କହିଛନ୍ତି ଯେ ଇରାନକୁ ତେଲ ବିକ୍ରି ପାଇଁ ଅନୁମତିକୁ ମଧ ବାତିଲ କରିଦେଇଛି।



ହର୍ମୁଜ୍‌ରେ ଭାରତୀୟ ତୈଳ ଜାହାଜକୁ ଫେରାଇଦେଲା ଇରାନ

ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, ତାଙ୍କ ପାଇଁ ଏହି ଚୁକ୍ତିର ଆଉ କୌଣସି ମୂଲ୍ୟ ନାହିଁ ଏବଂ ସେ ଇରାନ ସହିତ ଆଉ କୌଣସି ସମ୍ପର୍କ ରଖିବାକୁ ଚାହାଁନ୍ତି ନାହିଁ। ଇରାନର ନେତାମାନଙ୍କୁ ଅତି ଦୁଷ୍ଟ, ନିଷ୍ଠୁର ଏବଂ ମାନସିକ ଅସୁସ୍ଥ ବୋଲି ଅଭିହିତ କରି ଟ୍ରମ୍ପ କହିଛନ୍ତି ଯେ, ସେମାନେ ସମ୍ପୂର୍ଣ୍ଣ ମିଥ୍ୟାବାଦୀ ଏବଂ ଯଦି ସେମାନଙ୍କ ପାଖରେ ପରମାଣୁ ଅସ୍ତ୍ର ଥାନ୍ତା, ତେବେ ସେମାନେ ନିଶ୍ଚିତ ଭାବେ ଏହାର ପ୍ରୟୋଗ କରିସାରନ୍ତେଣି। ଦୁଇ ଦେଶର ପ୍ରତିନିଧିଙ୍କ ମଧ୍ୟରେ ଚାଲିଥିବା ଆଲୋଚନାକୁ ସେ ସମ୍ପୂର୍ଣ୍ଣ ସମୟ ନଷ୍ଟ ବୋଲି କହିଛନ୍ତି। ତେବେ ଆଲୋଚନା ଜାରି ରହିବ ବୋଲି ସେ କହିଛନ୍ତି।

ଟ୍ରମ୍ପଙ୍କ ଧମକ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହଠାତ୍ ୬ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ହର୍ମୁଜ ପ୍ରଣାଳୀରେ ଓମାନ ଉପକୂଳ ଦେଇ ଭାରତ ଆସୁଥିବା ଏକ ବାଣିଜ୍ୟିକ ଜାହାଜ ସମେତ ତିନୋଟି ଜାହାଜ ଉପରେ ଇରାନ ଆକ୍ରମଣ କରିବା ପରେ ଏହି ସଙ୍କଟ ତୀବ୍ର ହୋଇଛି। ଏହାର ଜବାବରେ ଆମେରିକା ଗତ ରାତିରେ ଇରାନର ୮୦ରୁ ଅଧିକ ସାମରିକ ଘାଟି, କ୍ଷେପଣାସ୍ତ୍ର କେନ୍ଦ୍ର ଏବଂ ବନ୍ଦର ଉପରେ ପ୍ରଚଣ୍ଡ ବୋମାମାଡ଼ କରିଛି। ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ସପ୍ତାହ ବ୍ୟାପୀ ଚାଲିଥିବା ଅନ୍ତ୍ୟେଷ୍ଟିକ୍ରିୟା ସମୟରେ ହିଁ ଏହି ଆକ୍ରମଣ ହୋଇଛି। ଅପରପକ୍ଷରେ, ଇରାନ ମଧ ଜବାବୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କୁଏତ ଏବଂ ବାହରିନରେ ଥିବା ଆମେରିକାର ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରି ଆକ୍ରମଣ କରିଥିବା ଦାବି କରିଛି। ▶ପୃଷ୍ଠା-୭

### ଦୋହଲିଗଲା ପୁଞ୍ଜିବଜାର

# ବୁଡ଼ିଗଲା ୧୦ ଲକ୍ଷ କୋଟି

■ ମୁମ୍ବଇ,୮।୭ (ଏଜେନ୍ସି): ବୁଧବାର ଭାରତୀୟ ସେୟାର ବଜାରକୁ ଲାଗିଛି ବଡ଼ ଝଟ୍‌କା। ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧବିରତି ସମାପ୍ତ ହେବାର ଘୋଷଣା ପରେ ଭାରତୀୟ ଇକ୍ୱିଟି ବେଞ୍ଚମାର୍କ ସୂଚକାଙ୍କ ସେନ୍‌ସେକ୍ସ ଏବଂ ନିଫ୍‌ଟି କ୍ରାସ କରିଯାଇଛି। ଏହି ଘୋଷଣା ସହ ଘରୋଇ ପୁଞ୍ଜି ବଜାରରେ ହାହାକାର ସୃଷ୍ଟି ହୋଇଛି। ଫଳରେ ଆଜି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସରେ ୧,୬୭୭.୧୨ ପଏଣ୍ଟ ହ୍ରାସ ଘଟିଛି। ବଜାର ଅସ୍ଥିରତା ମଧ୍ୟରେ ପ୍ରବଳ ବିକ୍ରିବଟା ଯୋଗୁଁ ନିବେଶକଙ୍କ ସମ୍ପତ୍ତିରେ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା ହ୍ରାସ ଘଟିଛି।

ମଧ୍ୟପ୍ରାଚ୍ୟ ଅସ୍ଥିରତା ମଧ୍ୟରେ ଆଜି ମାତ୍ର ୨୦ ମିନିଟ୍ ମଧ୍ୟରେ ଘରୋଇ ପୁଞ୍ଜି ବଜାରରେ ୧୦୦୦ ପଏଣ୍ଟ ହ୍ରାସ ପାଇଛି। ଏହାଫଳରେ ସେନ୍‌ସେକ୍ସ ଏବଂ ନିଫ୍‌ଟି ଉଭୟରେ ୨%ରୁ ଅଧିକ ହ୍ରାସ ଘଟିଛି। ଅପରାହ୍ନରେ କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୧,୬୭୭.୧୨ ପଏଣ୍ଟ ହ୍ରାସ ଘଟି ୭୬,୫୦୩.୬୦ ପଏଣ୍ଟରେ ବନ୍ଦ ହୋଇଥିବାବେଳେ ନିଫ୍‌ଟିରେ ୫୧୬.୬୫



## ଅଶୋଧିତ ତେଲ ଛୁଇଁଲା ୮୦ ଡଲାର୍

ପଏଣ୍ଟ ହ୍ରାସ ପାଇ ୨୩,୮୮୨.୦୫ ପଏଣ୍ଟ ସ୍ତର ତଳକୁ ଖସିଯାଇଛି। ଏହାଫଳରେ ବିଏସ୍‌ଇ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ପ୍ରାୟ ୪୭୦ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ଦିନ ଯାକର କାରବାରରେ ସେନ୍‌ସେକ୍ସ ୧୯୦୦ ପଏଣ୍ଟରୁ ଅଧିକ ଖସିଥିବାବେଳେ ନିଫ୍‌ଟିରେ ୫୯୩ ପଏଣ୍ଟ ହ୍ରାସ ହୋଇଛି। ଆଜି ସେନ୍‌ସେକ୍ସର ସମସ୍ତ ଷ୍ଟକ୍ ▶ପୃଷ୍ଠା-୭

# ମମତାଙ୍କ ଚିନ୍ତା ବଢ଼ାଇଲା ଇଡି

### ଟିଏମ୍‌ସିର ୪୪୦ କୋଟିର ବ୍ୟାଙ୍କ ଜମା ଜବତ

■ କୋଲକାତା, ୮।୭ (ଏଜେନ୍ସି): ମମତା ବାନାର୍ଜୀଙ୍କ ଟିଏମ୍‌ସିକୁ ନେଇ ଅନୁଗତ ଏବଂ ବି।।ଦ୍ରୋହୀଙ୍କ ମଧ୍ୟରେ ଟଣାଓଟରା ଚାଲିଥିବା ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆଜି ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅର୍ଥ ହେରଫେର ମାମଲାରେ ପାର୍ଟିର ୪୪୦ କୋଟି ଟଙ୍କାର ତିନିଟି ବ୍ୟାଙ୍କ ଆକାଉଣ୍ଟକୁ ଜବତ କରିଛି। ମମତା ଓ ବିଦ୍ରୋହୀଙ୍କ ମଧ୍ୟରେ ବିବାଦ ଯୋଗୁଁ ଟିଏମ୍‌ସି ବ୍ୟାଙ୍କ ଜମାକୁ ପୂର୍ବରୁ ରାଜ୍ୟ ପୋଲିସ ସିଜ୍ କରିଥିବା ବେଳେ ଇଡି ଆଜି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ରାଜ୍ୟ ରାଜନୀତିରେ ପୁଣି ହଟଚମଟ ସୃଷ୍ଟି ହୋଇଛି। ଆର୍ଥିକ ଦୃଷ୍ଟିରୁ ମମତାଙ୍କ ପାର୍ଟିକୁ ପଙ୍ଗୁ କରିବା ଲାଗି ଏହା ଏକ ଚକ୍ରାନ୍ତ ବୋଲି କେତେକ ଟିଏମସି ନେତା ଅଭିଯୋଗ କରିଛନ୍ତି। କିନ୍ତୁ ମମତାଙ୍କ ପକ୍ଷରୁ ଏସଂପର୍କରେ କିଛି କୁହାଯାଇ ନାହିଁ। ତେବେ ଇଡିର ଏହି କାର୍ଯ୍ୟାନୁଷ୍ଠାନ ମମତାଙ୍କ ପାଇଁ ଆଉ ଏକ ଝଟକା ବୋଲି କୁହାଯାଉଛି। ଇଡି ଦ୍ୱାରା କୌଣସି ରାଜନୈତିକ ଦଳର ପାଣ୍ଠି ଜବତ ହେବାରେ ଏହା ପ୍ରଥମ ଘଟଣା ବୋଲି କୁହାଯାଉଛି।

ଇଡି ପକ୍ଷରୁ କୁହାଯାଇଛି ଯେ ଅର୍ଥ ହେରଫେର ନିବାରଣ ଆଇନ ଅନୁସାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ତିନୋଟି ବ୍ୟାଙ୍କ ଖାତାରେ ଥିବା ପ୍ରାୟ ୪୪୦ କୋଟି ଟଙ୍କା ଜବତ କରାଯାଇଛି। ଏହି ଅର୍ଥ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ତିନିଟି ଆକାଉଣ୍ଟରେ ଥିଲା। କେୟାରୱେଲ ଆଭିଏସନ ନାମକ ଏକ ବିମାନ ସେବା ସଂସ୍ଥା ସହ ପାର୍ଟିର ସନ୍ଦିଗ୍ଧ ଆର୍ଥିକ



ଇଡି ଦ୍ୱାରା ରାଜନୈତିକ ଦଳର ପାଣ୍ଠି ଜବତ ହେବାରେ ଏହା ପ୍ରଥମ ଘଟଣା


ମମତା ଓ ଅଭିଶେକଙ୍କୁ ଜେରା କରିପାରେ ଇଡି

କାରବାରର ତଦନ୍ତ ପରେ ଏହି ପଦକ୍ଷେପ ନିଆଯାଇଛି। ଏହି ସଂସ୍ଥାର ୫ଟି କେନ୍ଦ୍ର ଉପରେ ଚଢ଼ାଉ କରାଯିବା ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୁରାକ ମିଳିଥିଲା। ତଦନ୍ତକାରୀ ସଂସ୍ଥାର ସୂଚନା ଅନୁଯାୟୀ, ଦଳର ବ୍ୟାଙ୍କ ଖାତାରୁ ପ୍ରାୟ ୧୬୦ କୋଟି ଟଙ୍କା ଏକ ବିମାନ ସେବା କମ୍ପାନୀ ଏବଂ ଏହାର ସହଯୋଗୀ ସଂସ୍ଥାକୁ ସ୍ଥାନାନ୍ତର କରାଯାଇଥିଲା। ସେହି ଅର୍ଥରେ ଏକ ବିମାନ ଓ ଏକ ହେଲିକପ୍ଟର କିଣାଯାଇଥିବା ବେଳେ ପରେ ସେଗୁଡ଼ିକୁ ପୁଣି ତୃଣମୂଳ କଂଗ୍ରେସକୁ ଭଡ଼ାରେ ଦିଆଯାଇଥିଲା। ଏହି କାରବାରର ପ୍ରକୃତ ଉଦ୍ଦେଶ୍ୟ ଏବଂ ଅର୍ଥର ବ୍ୟବହାରକୁ ନେଇ ତଦନ୍ତ ଜାରି ରହିଛି। ▶ପୃଷ୍ଠା-୭

# ଆଜି ଆସୁଛନ୍ତି ଉପରାଷ୍ଟ୍ରପତି

### ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନର କରିବେ ଶୁଭାରମ୍ଭ

■ ଭୁବନେଶ୍ୱର, ୮।୭ (ସମିସ):ଆସନ୍ତାକାଲି ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ଭାରତର ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍। ଭାରତ ସରକାରଙ୍କ ମତ୍ସ୍ୟପାଳନ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରାଳୟ ପକ୍ଷରୁ ସ୍ଥାନୀୟ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଗଭୀର



ସମୁଦ୍ରରୁ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରାଧିକରଣ ପତ୍ର ବଣ୍ଟନ କରିବା ସହ 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ'ର ଶୁଭାରମ୍ଭ କରିବେ। ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ କାର୍ଯ୍ୟକାରୀ ହେବା ଦ୍ୱାରା ଓଡ଼ିଶାର ମତ୍ସ୍ୟଜୀବୀମାନେ ୩୭୦ କିଲୋମିଟର ସୀମା ▶ପୃଷ୍ଠା-୭

### ଆଜାଦ ନଗର ବିସ୍ଫୋରଣ ଘଟଣା

# ୟୁପିରୁ ବନ୍ଧାହେଲା ମଫିର ସହଯୋଗୀ

■ ଭୁବନେଶ୍ୱର ୮।୭ (ସମିସ): ସୁନ୍ଦରପଦା ଆଜାଦ ନଗରରେ ଘଟିଥିବା ବିସ୍ଫୋରଣ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ତଦନ୍ତ ଆଗକୁ ବଢ଼ିଛି। ଘଟଣା ପରଠାରୁ ଉତ୍ତରପ୍ରଦେଶରେ ଲୁଚିଥିବା



ଜଣେ ଅଭିଯୁକ୍ତକୁ ଗିରଫ କରିଛି ଏନ୍‌ଆଇଏ। ଗିରଫ ଅଭିଯୁକ୍ତ ହେଉଛି ପଟିଆର ସାନୁ ଓରଫ୍ ରୋହନ ରଞ୍ଜନ ରାଉତ। ପାତ୍ରପଡ଼ା ଥାର୍ ଦୁର୍ଘଟଣା ବା ହିଟ୍ ଆଣ୍ଡ ରନରେ ମାଆ ଝିଅଙ୍କ ମୃତ୍ୟୁ ଘଟଣାରେ ରୋହନ ଖଣ୍ଡଗିରି ପୁଲିସ ଦ୍ୱାରା ଗିରଫ ହୋଇଥିଲା। ସୂଚନା ଅନୁସାରେ, ଅଭ୍ୟାସଗତ ଅପରାଧୀ ସେହେନବାଜ ମଲ୍ଲିକ ଓରଫ୍ ମଫି ତା'ର ପରିବାର ସହ ▶ପୃଷ୍ଠା-୭

### ୧୪ ଜୁଆଙ୍ଗଙ୍କ ଜୀବନ ଯିବା ପରେ ଚେତିଲେ ସରକାର

# ପ୍ରବାସୀ ଶ୍ରମିକଙ୍କ ହିସାବ ରଖାଯିବ

ରାଜ୍ୟ ବାହାରେ ଥିବା ଶ୍ରମିକଙ୍କ ସମସ୍ତ ତଥ୍ୟ ସଂଗ୍ରହ ହେଉଛି: ଶ୍ରମମନ୍ତ୍ରୀ

କାର୍ଯ୍ୟଦକ୍ଷତା ଭିତ୍ତିରେ ଦିଆଯିବ କର୍ମନିଯୁକ୍ତି

ରାଜ୍ୟସାରା ଦଲାଲ୍ ସକ୍ରିୟ ଥିବା ନେଇ କଲେ ସ୍ୱୀକାର

ବୈଠକରେ ସୀମିତ ଟାସ୍କଫୋର୍ସ ଭୂମିକା

■ ଭୁବନେଶ୍ୱର, ୮।୭ (ସମିସ): ରାଜ୍ୟରେ କ୍ଷମତାକୁ ଆସିଲେ ଓଡ଼ିଶାକୁ ଦାଦନମୁକ୍ତ କରାଯିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା। ସରକାରକୁ ଆସିବା ପରେ ଏ କ୍ଷେତ୍ରରେ ଏକ ଟାସ୍କଫୋର୍ସ ଗଠନ ବି ହୋଇଥିଲା। ମାତ୍ର ୨ ବର୍ଷ ବିତିବା ପରେ ମଧ ଟାସ୍କ ଫୋର୍ସର ଭୂମିକା କେବଳ ବୈଠକ ମଧ୍ୟରେ ସୀମିତ ରହିଛି। ଟାସ୍କ ଫୋର୍ସର ଅଧକ୍ଷ ତଥା ଉପମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରୁ ସର୍ବାଧିକ ଦାଦନ ଚାଲାଣ ହୋଇଥିବା ରିପୋର୍ଟ ଆସିଥିବାବେଳେ ଏବେ କେନ୍ଦୁଝର ଜିଲ୍ଲାର ୧୫ ଶ୍ରମିକ ତାମିଲନାଡୁ ଗ୍ୟାସ ଟ୍ରାଜେଡ଼ିର ଶିକାର ହୋଇ ପ୍ରାଣ ହରାଇବା ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଇଛି। ଏହି ସମୟରେ ରାଜ୍ୟ ବାହାରେ କାମ କରୁଥିବା ଦାଦନ ଶ୍ରମିକଙ୍କୁ ଚିହ୍ନଟ କରି ସେମାନଙ୍କୁ ଓଡ଼ିଶା ଫେରାଇ ଅଣାଯିବ ଓ ସେମାନଙ୍କୁ କର୍ମନିଯୁକ୍ତି ଯୋଗାଇ ଦିଆଯିବ ବୋଲି ଘୋଷଣା କରିଛନ୍ତି ଶ୍ରମମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ। ରାଜ୍ୟ ବାହାରେ ଥିବା ଦାଦନ ▶ପୃଷ୍ଠା-୭

# ରାଜ୍ୟ ବିଜେପିରେ 'ଆମଦାନୀ' ଫାଟ

### ଆମଦାନୀ ନେତାଙ୍କ ପାଇଁ ପୁରୁଣା ନେତାଙ୍କୁ ଉପେକ୍ଷା

■ ଭୁବନେଶ୍ୱର, ୮।୭ (ସମିସ): ରାଜ୍ୟରେ ପ୍ରଥମଥର ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ବିଜେପି ଶାସନ ଗାଦିରେ ବସିଛି। ଇତିମଧ୍ୟରେ ଦୁଇବର୍ଷ ବିତିଥିଲେ ହେଁ ସରକାର ଖାଲି ପଡ଼ିଥିବା ୬ ମନ୍ତ୍ରୀ ପଦ ଓ ବିଭିନ୍ନ ନିଗମ ମୁଖିଆଙ୍କୁ ନିଯୁକ୍ତ କରିପାରୁ ନାହାନ୍ତି। ରାଜ୍ୟ ସଭାପତି ଠିକ୍ ସମୟରେ ଠିକ୍ ପଦକ୍ଷେପ ନିଆଯିବ ବୋଲି କହୁଛନ୍ତି, ମୁଖ୍ୟମନ୍ତ୍ରୀ ଏ କ୍ଷେତ୍ରରେ ନିରବତା ଅବଲମ୍ବନ କରୁଛନ୍ତି। ମଝିରେ ମଝିରେ ରାଜସ୍ୱ ମନ୍ତ୍ରୀ ନିଗମ ନିଯୁକ୍ତିକୁ ନେଇ ଆଶାୟୀଙ୍କୁ ଆଶା ଦେଖାଉଥିଲେ ହେଁ ଏଯାଏ ସେଥିରେ କୌଣସି ଅଗ୍ରଗତି ଘଟିନାହିଁ। ସଂଗଠନ ଓ ସରକାରରେ ସମନ୍ୱୟ ଓ ସ୍ଥିରତାକୁ ନେଇ ପ୍ରଶ୍ନ ଉଠୁଥିବା ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରସଙ୍ଗରେ ଦଳ ଭିତରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ସମୟରେ ଗତ ନିର୍ବାଚନରେ ପରାଜିତ ଓ କୋଣଠେସା ହୋଇଥିବା ବିରୋଧୀ ଦଳଗୁଡ଼ିକର କିଛି ନେତା

ତେଜୁଛି ପୁରୁଣା ଓ ନୂଆ ନେତାଙ୍କ ମଧ୍ୟରେ ବିଭେଦ

ବିଜେପିରେ ଯୋଗଦାନ ଦଳରେ ସୃଷ୍ଟି କରିଛି ତୀବ୍ର ଅସନ୍ତୋଷ। ଦୀର୍ଘଦିନ ଧରି ଦଳରେ ପଡ଼ି ରହିଥିବା ପୁରୁଖା ଓ ପୁରୁଣା ନେତାମାନଙ୍କୁ ଗୁରୁତ୍ୱ ନ ଦେଇ ନବାଗତ ଆମଦାନୀ ନେତାଙ୍କୁ ଦଳ ଅଗ୍ରାଧିକାର ଦେଉଥିବା ଅଭିଯୋଗ କ୍ରମଶଃ ଦଳରେ ଅସନ୍ତୋଷର ଅବପାତ ସୃଷ୍ଟି କରିଛି।

ସାଧାରଣତଃ କ୍ଷମତାସୀନ ଦଳରେ ଯୋଗଦେବା ରାଜନୀତିରେ ଏକ ନିୟମିତ ଧାରା। ଅତୀତରେ ବିଜେପି ଓ କଂଗ୍ରେସର ନେତାମାନେ କ୍ଷମତାସୀନ ବିଜେଡିରେ ଯୋଗ ଦେଉଥିଲେ, ଏବେ ବିରୋଧୀ ବିଜେଡି ଓ କଂଗ୍ରେସର କିଛି ନେତା ବିଜେପିରେ ଯୋଗ ଦେଉଥିବା ଦେଖାଯାଉଛି। ବିଜେଡି ନେତାଙ୍କ ଯୋଗଦାନକୁ ଦଳ ପାଇଁ ଏକ ବଡ଼ ଲାଭ ବୋଲି ରାଜ୍ୟ ବିଜେପିର ନେତାମାନେ ଏକ ବାର୍ତ୍ତା ଦେବାକୁ ଚାହୁଁଥିଲେ ହେଁ ତୃଣମୂଳସ୍ତରରେ ଏହାକୁ ନେଇ ଅସନ୍ତୋଷକୁ ତୀବ୍ର କରିଛି। ଅନ୍ୟଦଳର ନେତାମାନଙ୍କ ▶ପୃଷ୍ଠା-୭


SINCE 1999 SYNERGY

SYNERGY
Accredited by NBA, New Delhi
(Approved AICTE, New Delhi, Affiliated to BPUT, Odisha & Affiliated to SCTE&VT, Odisha)
Dhenkanal & Bhubaneswar (Phulnakhara)
NBA NATIONAL BOARD of ACCREDITATION ACCREDITED
Celebrating Glorious 26 Years
Admission 2026
For B.Tech. Regular | B.Tech. Lateral Entry | Working Professionals
Apply Now >
Through the website synergyinstitute.net/admission

OUR ACADEMIC PARTNERS
coursera | futureskills prime (A MeitY - NASSCOM Digital Skilling Initiative) | campus connect (An Infosys Industry Academia Partnership Program)

SPECIALISATION COURSES
Computer Science & Engineering
- Cloud Computing & Data Science
- Data Engineering & Mainframe Dev.
- Cyber Security & Analyst
- Block Chain Technology
- Embedded System & Industrial IOT
- Data Science & Big Data
- Artificial intelligence & Machine Learning
- Image & Video Processing
- UI Design & Mobile App Development
- Web Development Application Design
- Augmented Reality & Virtual Reality
- Full Stack Development

Electrical Engineering
MATLAB & Simulink | Installation & Maintenance of Solar Power | PLC, SCADA | Energy Management | Electrical Equipment Repair & Maintenance | Industrial Automation

Mechanical Engineering
Hybrid Electric Vehicle Design | AutoCAD | Solid Works | Ansys | CNC Milling & Turning | Robotics | 3D Printing | Advance Welding | Performance analysis of Bio fuels

Civil Engineering
Revit | Mat Lab | Manual Engineering Drawing | Introduction to architectural designing | 3D Max. | GIS

B.Tech. & B.Tech. Lateral Entry
Courses : Computer Science | Computer Science with AI&ML | Mechanical | Civil | Electrical
Providing Professional Certificate Courses along with B.Tech Programs (Collaboration with COURSERA )
Google IBM Meta INTUIT HubSpot salesforce

Placement Highlights
2025-2026 | 22 Recruiters | 292 contd.
2024-2025 | 26 Recruiters | 267 + offers
2023-2024 | 33 Recruiters | 297 + offers
2022-2023 | 28 Recruiters | 244 + offers
2021-2022 | 25 Recruiters | 282 + offers

We provide PLACEMENT opportunities to eligible students those who have minimum 60% career, 90% attendance & no back papers

SOME OF OUR RECRUITERS...
accenture, AIRDIT SOFTWARE, Apptimate Software Pvt Ltd, Calibo, Capgemini, cognizant, Infosys, innostax, ORACLE, tcs, Ubona, wipro, Aceron, Jio, GMR, Tech Mahindra, EMERSON, MICHELIN, softtech, Deloitte, IBM and many more

FACILITIES & FEATURES
- State-of-the-art infrastructure
- Serene academic ambience
- Updated Labs
- 24x7 Internet facilities
- Digital Classrooms
- Multi storied Library
- Study tours
- Separate hostels for boys and girls
- Visiting faculties from reputed institutions
- Scholarships and Financial Aids
- Special Courses to Prepare Students for the Industry
- Internship & Placement facilities

B.Sc. NURSING (Approved by DMET, Health & Family Welfare Dept., Govt. of Odisha) | B.Sc. (ALL HONS.) (Recognised by Higher Education Department, Govt. of Odisha) | DIPLOMA (Approved AICTE, New Delhi & Affiliated to SCTE&VT, Odisha) | BBA (Affiliated & Recognised by BPUT, Odisha)

Govt. Approved Course Fees
GOVT. SCHOLARSHIPS for the Meritorious / SC / ST / OBC Students.
We invite you to visit to our institute & discover our potentiality. SEEING IS BELIEVING

Contact Details
DKL - 6372024980, 7978909283, 63728 51685
BBSR - 9861575524, 9348352445, 9437169419
synergyinstitute.ac.in
synergyinstitute.net

# ଜଗତସିଂହପୁର ସହରରେ ଜବରଦଖଲ ଉଚ୍ଛେଦ ଆରମ୍ଭ

ଜଗତସିଂହପୁର,୮।୭(ସମିସ)

ଜଗତସିଂହପୁର ସହର ମଧ୍ୟରେ ଯାଇଥିବା ମୁଖ୍ୟ ସଡ଼କ ତଥା ସଂଯୋଗୀକରଣ ରାସ୍ତାକୁ କେତେକ ଘର ମାଲିକ ଏବଂ ବ୍ୟବସାୟୀ ଜବରଦଖଲ କରିଥିବାରୁ ଗମନାଗମନରେ ଅସୁବିଧା ହେବା ସହିତ ଦୁର୍ଘଟଣା ବଢି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ପ୍ରାୟ ୨ ମାସ ତଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳଙ୍କ ସହିତ ଏସ୍‌ପି, ବରିଷ୍ଠ ପ୍ରଶାସନିକ ଅଧିକାରୀ, ସମସ୍ତ ବଜାର କମିଟି କର୍ମକର୍ତ୍ତା, ସହରର ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଜଗତସିଂହପୁର ସହରର ସୌନ୍ଦର୍ଯ୍ୟକରଣ ତଥା ଅବରୋଧ ମୁକ୍ତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ରଜପର୍ବ ପରେ ଉଚ୍ଛେଦ ପାଇଁ ଏହି ବୈଠକରେ ସ୍ଥିର ହୋଇଥିଲା। ଆଜି ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରିବା ସହିତ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଏଠାରେ ପ୍ରକାଶ ଥାଉକି ଜଗତସିଂହପୁର ସହର ମଧ୍ୟ ଦେଇ ଜାତୀୟ ରାଜପଥ ୫୫, ଜିଲ୍ଲା ମୁଖ୍ୟ ସଡକପଥ ଜୟପୁରରୁ ଜଗତସିଂହପୁର ଓ ପୋଷ୍ଟ ଅଫିସ ଛକ ଠାରୁ ଆଳିପିଙ୍ଗଳ ପର୍ଯ୍ୟନ୍ତ ରାସ୍ତା ଅତିକ୍ରମ ରହିଛି।



ଏସବୁ ରାସ୍ତାରେ ବ୍ୟବସାୟୀ ମାନେ ତାଙ୍କର ଦୋକାନ ସମ୍ପ୍ରସାରଣ କରି ରାସ୍ତା ଜବଲଦଖଲ କରିବା ସହିତ ଉଠା ଦୋକାନୀମାନେ ମଧ୍ୟ ରାସ୍ତା ଜବରଦଖଲ କରିଥିବାରୁ ଯାନବାହନ ଚଳାଚଳରେ ସମସ୍ୟା ଦେଖାଯିବା ସହିତ ଦୁର୍ଘଟଣା ମଧ୍ୟ ବଢୁଥିଲା। ଆଜି ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତସିଂହପୁର ତହସିଲଦାର ଅଜୟ ମହାନ୍ତି, ଜଗତସିଂହପୁର ପୌରନିର୍ବାହୀ ଅଧିକାରୀ ସନ୍ଦୀପ ସିଂ ପ୍ରମୁଖଙ୍କ ଉପସ୍ଥିତରେ ପୁଲିସ ଫୋର୍ସ ଓ ଜେସିବି ସହାୟତାରେ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇ ସଡ଼କ ପଥରୁ ସମ୍ପ୍ରସାରିତ କରାଯାଇଛି। ପ୍ରଥମ ଦିନରେ ଥାନା ଛକ ଠାରୁ କଲେଜ ଛକ ପର୍ଯ୍ୟନ୍ତ ଉଚ୍ଛେଦ କରାଯାଇଛି। ତେବେ ପୂର୍ବରୁ ମାପ କରାଯାଇ ନୋଟିସ ଜାରି ହୋଇଥିବାରୁ ଅନେକ ସ୍ଥାନରେ ବ୍ୟବସାୟୀ ଏବଂ ସ୍ଥାନୀୟ ଲୋକମାନେ ବେଆଇନ ନିର୍ମାଣ ଭାଙ୍ଗି ଦେଇଥିଲେ। ଆଉ ଯାହା ଥିଲା ତାକୁ ଆଜି ପ୍ରଶାସନ ଉଚ୍ଛେଦ କରିଛି। ଏହି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆସନ୍ତା କାଲି ମଧ୍ୟ ଜାରି ରହିବ ଓ ସହରର ସଡ଼କ ପଥକୁ ଜବରଦଖଲ ମୁକ୍ତ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ବିରିଡ଼ି ମହିଳା କୃଷକ ଉତ୍ପାଦକ କମ୍ପାନୀ କିଣିବ ମୁଗ




ଜଗତସିଂହପୁର,୮।୭(ସମିସ): ଓରମାସ ଜଗତସିଂହପୁର ଅଧୀନରେ ଥିବା ବିରିଡି ମହିଳା କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ଗ୍ରୀନ୍ ଗ୍ରାମ୍ (ମୁଗ) କ୍ରୟ ମଣ୍ଡି ଭାବେ ଅନୁମୋଦନ ହାସଲ କରିଛି। ଏହି ଉତ୍ପାଦକ କମ୍ପାନୀ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)ରେ ସ୍ଥାନୀୟ କୃଷକଙ୍କଠାରୁ ୧୦୦ କ୍ୱିଣ୍ଟାଲ ମୁଗ କ୍ରୟ କରିଛି। ଏହି କ୍ରୟ କରାଯାଇଥିବା ମୁଗ ମାର୍କଫେଡ୍ ସହଯୋଗରେ ନାଫେଡ୍‌କୁ ପଠାଯାଇଥିଲା। କ୍ରୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛତା ସୁନିଶ୍ଚିତ କରିଥିଲା। ଯେଉଁଥିରେ ବିକ୍ରିରୁ ମିଳୁଥିବା ଅର୍ଥ ସିଧାସଳଖ କୃଷକମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଇଥିଲା। ଏହା ବ୍ୟତୀତ, ଏଫପିଓ ୧ ପ୍ରତିଶତ ସେବା ଭାଗ ଅର୍ଜନ କରିଛି। ଏହି ପଦକ୍ଷେପ କୃଷକ ସମ୍ପ୍ରଦାୟ ପାଇଁ ଯଥେଷ୍ଟ ଲାଭ ଆଣିଛି। ପୂର୍ବ ବର୍ଷଗୁଡ଼ିକରେ, କୃଷକମାନେ ସେମାନଙ୍କ ଉତ୍ପାଦକୁ କ୍ୱିଣ୍ଟାଲ ପିଛା ୬୫୦୦ ଟଙ୍କା ଭଳି ସର୍ବନିମ୍ନ ମୂଲ୍ୟରେ ସ୍ଥାନୀୟ ବ୍ୟବସାୟୀ ଏବଂ ମଧ୍ୟସ୍ଥିମାନଙ୍କୁ ବିକ୍ରୟ କରିବାକୁ ବାଧ ହେଉଥିଲେ। ଚଳିତ ବର୍ଷ, ଏମଏସପି କ୍ରୟ ମାଧ୍ୟମରେ କୃଷକମାନେ କ୍ୱିଣ୍ଟାଲ ପିଛା ୮୭୬୮ ଟଙ୍କା ପାଇଥିଲେ। ଯାହାର ଫଳସ୍ୱରୂପ କ୍ୱିଣ୍ଟାଲ ପିଛା ପ୍ରାୟ ୨୨୬୮ ଟଙ୍କା ଅତିରିକ୍ତ ଆୟ ହୋଇଥିଲା। ଏହି ସଫଳ କ୍ରୟ ଦ୍ୱାରା ମିଡିଲ ମ୍ୟାନ ଭୂମିକା ସମାପ୍ତ ହୋଇଛି। ଉଚିତ ମୂଲ୍ୟ ସୁନିଶ୍ଚିତ ହୋଇଛି। କୃଷକଙ୍କ ଆୟବୃଦ୍ଧି ପାଇଛି ଏବଂ ଏଫପିଓ ମାଧ୍ୟମରେ ସାମୂହିକ ବିପଣନ ଉପରେ ସେମାନଙ୍କର ବିଶ୍ୱାସ ବୃଦ୍ଧି ପାଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### କଣ୍ଟେନର କ୍ୟାରିଅର ଓନର୍ସ ଆସୋସିଏସନ ନିର୍ବାଚନ

## ନିରଞ୍ଜନ ସଭାପତି, ଜୟପ୍ରକାଶ ସମ୍ପାଦକ




ପାରାଦୀପ,୮।୭(ସମିସ): ପ୍ରକୃତି କଣ୍ଟେନର କ୍ୟାରିୟର ଓନର୍ସ ଆସୋସିଏସନର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମିଳିତ ଟ୍ରେଲର ସମନ୍ୱୟ କମିଟିର ଅଧ୍ୟକ୍ଷ ତଥା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ନିର୍ଦ୍ଦେଶ ମୁତାବକ ଓ ସଙ୍ଘର ଉପଦେଷ୍ଟା ପ୍ରକାଶ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସଂଘର ନିର୍ବାଚନ ବିଧିବଧ ଭାବେ କରାଯାଇଥିଲା। ଏଥିରେ ସଭାପତି ଭାବେ ନିରଞ୍ଜନ ବେହେରା, ଉପସଭାପତି ଫକୀର ମୋହନ ସାହାଣୀ, ସମ୍ପାଦକ ଜୟ ପ୍ରକାଶ ସ୍ୱାଇଁ, ସହ ସମ୍ପାଦକ ରବିନାରାୟଣ ଦାସ ଓ କୋଷାଧ୍ୟକ୍ଷ ଭାବେ ରବିନାରାୟଣ ପ୍ରଧାନଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇ ଶପଥପାଠ କରାଯାଇଥିଲା। ଜେସିସି ତରଫରୁ ନଗେନ୍ଦ୍ର ରାଉତ ଓ ଆଲୋକ ଦାସ ନୂତନ କର୍ମକର୍ତ୍ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଥାଉକି ଗତ ଜୁନ ୧୨ ତାରିଖ ଦିନ ତିନୋଟି ଟ୍ରେଲର ସଂଘକୁ ନେଇ ମିଳିତ ସମନ୍ୱୟ କମିଟିରେ ଆସନ୍ତା ଜୁଲାଇ ୧୫ ତାରିଖ ସୁଦ୍ଧା ତିନୋଟି ଯାକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଶେଷ କରିବାକୁ କମିଟିର ଅଧ୍ୟକ୍ଷ ପ୍ରକାଶ ତ୍ରିପାଠୀ ପ୍ରସ୍ତାବ ଦେଇଥିଲେ। ଆଗାମୀ ଦିନରେ ପାରାଦୀପ ବନ୍ଦରରେ କଣ୍ଟେନର ଦ୍ୱାରା ପଣ୍ୟ ପରିବହନ କରିବାକୁ ବନ୍ଦର ପ୍ରାଧିକରଣ ନିଷ୍ପତି ନେଇଥିବାରୁ ଟ୍ରେଲର ମାଧ୍ୟମରେ କଣ୍ଟେନର ଗୁଡିକୁ ପରିବହନ କରାଯିବ। ଏଥିପାଇଁ ଆଗାମୀ ଦିନରେ ପାରାଦୀପରେ ବହୁ ଟ୍ରେଲରର ଆବଶ୍ୟକତା ପଡିବ। ପାରାଦୀପରେ ଟ୍ରେଲର ସଂଖ୍ୟା କମ୍ ଥିବାରୁ ଏବଂ ଅଧିକ ଟ୍ରେଲରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନଙ୍କୁ ନୂଆ ଟ୍ରେଲର କରିବା ପାଇଁ କମିଟି ତରଫରୁ ନୂତନ ସଭ୍ୟ ସଂଗ୍ରହ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା।

## ଚାରି ଅସହାୟ ମାନସିକ ଭିନ୍ନକ୍ଷମ ଉଦ୍ଧାର

ପାରାଦୀପ,୮।୭(ସମିସ): 'ସମୟ ଆସିଛି ପରିବର୍ତ୍ତନ' ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ୪ ଅସହାୟ ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଦୁଇ ଜଣ ମହିଳା ଓ ଦୁଇ ଜଣ ପୁରୁଷ ଗରିବ ଅସହାୟ ମାନସିକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ନୀଳାଞ୍ଚଳ ସେବା ପ୍ରତିଷ୍ଠାନ କଣାସ ଠାରେ ଚିକିତ୍ସା, ରହିବା ଓ ଖାଇବା ପାଇଁ ଥଇଥାନ କରାଯାଇଛି। ସେଥିମଧ୍ୟରୁ କୁଜଙ୍ଗ ଅଞ୍ଚଳରୁ ଦୁଇ ଜଣ ଥିବା ବେଳେ ଦୁଇଜଣ ଏରସମା ବ୍ଲକର ଅଟନ୍ତି। ଏହି ଉଦ୍ଧାର କାର୍ଯ୍ୟକ୍ରମରେ ସଙ୍ଗଠନର ସଭାପତି ରଶ୍ମିତା ନାୟକଙ୍କ ସମେତ ସଂଗ୍ରାମ ନାୟକ, ବିପିନି ମାଝୀ, ସୁକାନ୍ତ ସେଠୀ, ପପିନ ସେଠୀଙ୍କ ସମେତ ଅନେକ ଭଦ୍ର ବ୍ୟକ୍ତି ସାହାଯ୍ୟ ଓ ସହଯୋଗ କରିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଲେ ସମସ୍ତ କଥା ମନେ ପଡିଲେ ତାଙ୍କ ପରିବାର ନିକଟକୁ ଫେରି ଆସିବେ। ଏହି ସଙ୍ଗଠନ ପକ୍ଷରୁ ପାରାଦୀପ ଓ ଏହାର ଆଖପାଖ ସମେତ ସମ୍ପୂର୍ଣ୍ଣ ଜିଲ୍ଲାରୁ ଗରିବ ନିଷ୍ପେସିତ, ମାନସିକ ଭିନ୍ନକ୍ଷମମାନଙ୍କୁ ଉଦ୍ଧାର କରି ସେମାନଙ୍କୁ ସମସ୍ତ ସହଯୋଗର ହାତ ବଢାଇବା ନେଇ ସ୍ଥିର କରାଯାଇଛି।

## ପାରାଦୀପ ପୋର୍ଟ ଗୋସେବା ସଂଗଠନର ବୈଠକ

ପାରାଦୀପ,୮।୭(ସମିସ): ଶିଳ୍ପ ଓ ବନ୍ଦର ସହର ପାରାଦୀପରେ ରାସ୍ତାଘାଟରେ ଗୋମାତାମାନେ ବୁଲାବୁଲି କରୁଛନ୍ତି। ରାସ୍ତାରେ ଯାଉଥିବା ଗାଡ଼ି ମୋଟର ଦୁର୍ଘଟଣାରେ ଅନେକ ଗୋମାତା ଆହତ ହୋଇଥାନ୍ତି। ଗ୍ରୀଷ୍ମ ଋତୁରେ ଗୋମାତାମାନେ ପିଇବା ପାଇଁ ପାଣି ପାଉ ନଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ପାରାଦୀପ ସହରର କିଛି ଯୁବକ ଏହି ଗୋମାତାଙ୍କ ସେବା କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହି ଯୁବକମାନେ ପାରାଦୀପ ଗୋସେବା ସଙ୍ଗଠନ ନାମରେ ଏକ ସଙ୍ଗଠନ ଗଠନ କରିଛନ୍ତି। ଏହି ଗୋସେବା ସଙ୍ଗଠନର ପ୍ରଥମ ସାଙ୍ଗଠନିକ ବୈଠକ ପାରାଦୀପ ବଡ଼ପଡିଆସ୍ଥିତ ବିଲଡିଂ ମାର୍କେଟ ପରିସରେ ଆନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ପାରାଦୀପ ପୋର୍ଟ ବଣିକ ସଂଘର ପୂର୍ବତନ ସଭାପତି କ୍ଷୀରୋଦ ଚନ୍ଦ୍ର ସ୍ୱାଇଁ ପୌରୋହିତ୍ୟ କରିଥିଲେ। ସଭାପତି ଭାବେ ବଜରଙ୍ଗ ପ୍ରସାଦ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର କୁମାର ବଳ, ଉପସଭାପତି ସତ୍ୟଜିତ ନାୟକ, ସାଧାରଣ ସମ୍ପାଦକ ସୁଜିତ କୁମାର ପରିଡା, କୋଷାଧ୍ୟକ୍ଷ ମୁରଲୀ ରାଓ ମନୋନୀତ ହୋଇଥିଲେ। ପାରାଦୀପର ବିଭିନ୍ନ ସ୍ଥାନରେ ଗୋମାତାଙ୍କ ନିମନ୍ତେ ଖାଦ୍ୟ, ଦୁର୍ଘଟଣା ପରେ ଚିକିତ୍ସା ସେବା ଯୋଗାଇ ଦେବାକୁ ସଦସ୍ୟମାନେ ନିଷ୍ପତ୍ତି ନେଇଥିଲେ। ସଙ୍ଗଠନର ଉପଦେଷ୍ଟା ମାନସ ରଞ୍ଜନ ବିଶ୍ୱାଳ, ଯୁଧିଷ୍ଠିର ଲେଙ୍କା, ସୂର୍ଯ୍ୟକାନ୍ତ ସାହୁ, ଆଇନଜୀବୀ ଦେବବ୍ରତ ସାହୁ, ଅନୁପ କୁମାର ସାହାଣୀ, ଚୈତନ୍ୟ ସାହୁ, ଶରତ ସାହୁ, ଆଇନଜୀବୀ ସଂଜୟ କୁମାର ମିଶ୍ର ପ୍ରମୁଖଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶଶୁର ଘରେ ଜ୍ୱାଇଁର ସନ୍ଦେହଜନକ ମୃତ୍ୟୁ

ତିର୍ତ୍ତୋଲ,୮।୭(ସମିସ): ଜଗତସିଂହପୁର ଥାନା ଅନ୍ତର୍ଗତ ମଧୁସୂଦନ ଶାସନ ପଞ୍ଚାୟତର କେନ୍ଦାଳ ଗ୍ରାମର ଚନ୍ଦ୍ରହାଶ ନାଥଙ୍କ ପୁଅ ସଚିନ ନାଥ (୨୨)ଙ୍କ ଗତକାଲି ଶଶୁର ଘର ତିର୍ତ୍ତୋଲ ଥାନା ଅନ୍ତର୍ଗତ କୋଡିଆଁ ବାରଙ୍ଗରେ ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ ଘଟିଛି। ସଚିନ ଓ କୋଡିଆ ବାରଙ୍ଗ ଗ୍ରାମର ସ୍ୱପ୍ନା ସାମଲ ଦୁହେଁ ଇନ୍‌ଷ୍ଟାଗ୍ରାମରେ ପ୍ରେମ କରି ତିନିବର୍ଷ ତଳେ ବିବାହ କରିଥିଲେ। ଉଭୟଙ୍କର ଗୋଟିଏ ଝିଅ ମଧ୍ୟ ଅଛି। ବିବାହ ଦିନଠାରୁ ଅନେକ ସମୟ ଶଶୁର ଘରେ ରହୁଥିଲେ ସଚିନ ନାଥ। ଗତକାଲି ସଚିନଙ୍କୁ ଗୁରୁତର ଅବସ୍ଥାରେ ଶଶୁର ଘର ଲୋକେ ତାଙ୍କୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମୃତକଙ୍କ ବାପା, ମା', ପିଉସୀ ଓ ଦୁଇ ଭାଇ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ମୃତଦେହକୁ ଦେଖିବା ପରେ ପରିବାର ସଦସ୍ୟ ହତ୍ୟା କରାଯାଇଥିବା ସନ୍ଦେହ କରିଥିଲେ। ପରିବାର ପକ୍ଷରୁ ଏହାକୁ ନେଇ ତିର୍ତ୍ତୋଲ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ସଚିନଙ୍କ ଶରୀରରେ ବିଭିନ୍ନ କ୍ଷତଚିହ୍ନ ଓ ଖଣ୍ଡିଆ ଦାଗ ଥିବାରୁ ଏହା ସାଧାରଣ ମୃତ୍ୟୁ କିମ୍ବା ଆତ୍ମହତ୍ୟା ନୁହେଁ ବରଂ ଏକ ଯୋଜନା ବଦ୍ଧ ହତ୍ୟା ବୋଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ କନକପୁର ଫାଣ୍ଡି ଅଧିକାରୀ ରଘୁନାଥ ଟୁଡୁ ମେଡିକାଲରେ ପହଞ୍ଚି ତଦନ୍ତ କରିଛନ୍ତି। ପରିବାର ସଦସ୍ୟମାନେ ଏହି ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରି ପ୍ରକୃତ ଦୋଷୀଙ୍କୁ ଚିହ୍ନଟ ସହ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଅନ୍ୟ ପକ୍ଷରେ ସଚିନଙ୍କ ପତ୍ନୀ ଓ ଶଶୁର ଘର ଲୋକେ ସେ ରସି ଲଗାଇ ଆତ୍ମହତ୍ୟା କରିଛନ୍ତି ବୋଲି କହିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

## ପାରାଦୀପ କଲେଜ ଏନ୍‌ସିସି ଆଲୁମନି ଆସୋସିଏସନକୁ 'ପ୍ରକୃତି ମିତ୍ର ପୁରସ୍କାର'




ପାରାଦୀପ,୮।୭(ସମିସ): ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଜଗତସିଂହପୁରଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ପାରାଦୀପ କଲେଜ ଏନ୍‌ସିସି ଆଲୁମନି ଆସୋସିଏସନକୁ "ପ୍ରକୃତି ମିତ୍ର ପୁରସ୍କାର' ପ୍ରଦାନ କରାଯାଇଛି। ଜିଲ୍ଲାର ଆଠଟି ବ୍ଲକରୁ ମନୋନୀତ ପ୍ରକୃତିମିତ୍ରମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପରିବେଶବିତ୍ ତଥା ପାରାଦୀପ କଲେଜ ଏନ୍‌ସିସି ଆଲୁମନି ଆସୋସିଏସନର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର କହିଥିଲେ ଯେ, "ପୁରସ୍କାର କେବଳ ସମ୍ମାନ ନୁହେଁ, ଏହା ଏକ ବଡ଼ ଦାୟିତ୍ୱ'। ଗତ ତିନି ବର୍ଷ ଧରି ଆସୋସିଏସନ ପକ୍ଷରୁ ନିୟମିତ ଭାବେ ବୃକ୍ଷରୋପଣ, ଗଛ ଚାରା ରୋପଣ, ମହେନ୍ଦ୍ରାଳ ବନ ସଂରକ୍ଷଣ, ପକ୍ଷୀ ଓ ପଶୁମାନଙ୍କ ପାଇଁ ଜଳ ବ୍ୟବସ୍ଥା, ଗ୍ରୀଷ୍ମ ଋତୁରେ ଦହିପାଣି ବଣ୍ଟନ, ସାମାଜିକ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଏବଂ ପ୍ରତ୍ୟେକ ରବିବାର ପାରାଦୀପ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଜାରି ରଖାଯାଇଛି।

## ଘଡ଼ିମୂଳ ନାରାୟଣୀ ପଡ଼ିଆରେ ବୃକ୍ଷରୋପଣ



ଜଗତସିଂହପୁର,୮।୭(ସମିସ): ଜଗତସିଂହପୁର ବ୍ଲକ ଅନ୍ତର୍ଗତ କଣ୍ଟିଲୋ ପଞ୍ଚାୟତର ଘଡିମୂଳ ସ୍ଥିତ ନାରାୟଣୀ ପଡିଆରେ ଗାନ୍ଧିବାଦୀ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ ଦାସ, ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ମହାନ୍ତି, ଜ୍ଞାନ ରଞ୍ଜନ ମହାନ୍ତି, ବିଭୂତି ଭୂଷଣ ରଥ, ଜ୍ଞାନରଞ୍ଜନ ଜେନାଙ୍କ ସମେତ ଗାନ୍ଧିବାଦୀ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ଏବଂ ଆଇଡିଆଲ କ୍ଲବର ସମସ୍ତ ସଦସ୍ୟ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ପ୍ରାରମ୍ଭରେ ପରିବେଶ ପାଇଁ ବୃକ୍ଷର ଆବଶ୍ୟକତା ଉପରେ ଅତିଥିମାନେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

## ମାଛଗାଁ ପଞ୍ଚମୁଖୀ ଶାନ୍ତି ଆଶ୍ରମରେ ବୃକ୍ଷରୋପଣ

ବାଲିକୁଦା,୮।୭(ସମିସ): ପରିବେଶ ସୁରକ୍ଷା ଓ ସବୁଜିମା ସୃଷ୍ଟି ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ, ମାଛଗାଁ ପଞ୍ଚମୁଖୀ ଶାନ୍ତି ଆଶ୍ରମ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଳୁ ବାବା ଓ ସପନି ବେହେରାଙ୍କ ନେତୃତ୍ୱରେ ସାମ୍ବାଦିକ ବିରୁପାକ୍ଷ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାଖାପାଖି ୧୨୦ଟି ବୃକ୍ଷରୋପଣ କରାଯାଇଛି। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ



ଗଙ୍ଗାଧର ମାଳତୀ, ବିଶ୍ୱଜିତ୍ ମଲିକ, ଆଶିଷ୍ ସାହୁ, ବୁଲୁ ବିଶ୍ୱାଳ, ସୂର୍ଯ୍ୟକାନ୍ତ ପାଲ୍, ଅରବିନ୍ଦ ବିଶ୍ୱାଳ, ପ୍ରଭାସ ପରିଡା, ବିଭୁତି ଜେନା, ଚନ୍ଦ୍ରକାନ୍ତ ପାଲ୍, ଅଭିମନ୍ୟୁ ସାହୁ, ସିଲୁ ରାଉତ, ତୋଫାନ୍ ସାହୁ, ଦୁର୍ଗେଶ୍ ମହାନ୍ତି, ଉମାକାନ୍ତ ପାଲ୍, ବାବୁଲ ମଲିକ, ରାଜେଶ ଜେନା, ଦେବବ୍ରତ ମାହାନ୍ତି, ଲିକୁ ପାଲ୍, ଅନିଲ ପରିଡା, ବିଶ୍ୱଜିତ୍ ପରିଡା, ଅମିତ୍ ପରିଡା, ମିଲୁ ପରିଡା ପ୍ରମୁଖ ସହଯୋଗ କରିଥିଲେ।

## ଶୁଦ୍ଧାନନ୍ଦ ବିଦ୍ୟାଳୟ ସ୍କାଉଟ୍ ୟୁନିଟ୍ ପକ୍ଷରୁ ବନ ମହୋତ୍ସବ



ଜଗତସିଂହପୁର,୮।୭(ସମିସ): ଓଡ଼ିଶା ରାଜ୍ୟ ସ୍କାଉଟ୍ ଆଣ୍ଡ ଗାଇଡ୍ସର 'ଶୁଦ୍ଧାନନ୍ଦ ସ୍କାଉଟ ୟୁନିଟ୍' ତରଫରୁ ପରିବେଶ ସୁରକ୍ଷା ଓ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ସପ୍ତାହ ବ୍ୟାପୀ 'ବନ ମହୋତ୍ସବ' ସଫଳତାର ସହ ପାଳିତ ହୋଇଯାଇଛି। ଏହି ଅଭିଯାନର ଉଦ୍‌ଯାପନୀ ଦିବସ ଅବସରରେ "ଗୋଟିଏ ସ୍କାଉଟ୍ ଗୋଟିଏ ଗଛ'ର ବାର୍ତ୍ତା ନେଇ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱଜିତ ସ୍ୱାଇଁ, ପ୍ରଶାସନିକ ଅଧିକାରୀ ବ୍ରହ୍ମଚାରୀ ଯଦୁନାଥ ଦାସ, ସହକାରୀ ସ୍କାଉଟ ମାଷ୍ଟର ରାକେଶ ରୋଶନ ସାହୁ, ସ୍କାଉଟ୍ କୋଷାଧ୍ୟକ୍ଷା ପ୍ରିୟଦର୍ଶିନୀ ଦାସ, ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅଭୟ କୁମାର ପାଳ, ଶକ୍ତି ପ୍ରସାଦ ଦାଶ ଏବଂ ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହିଥିଲେ। ସ୍କାଉଟ ଗାଇଡର ପ୍ରାର୍ଥନା ଓ ସ୍ପେଶାଲ କ୍ଲାପ ସହ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହାପରେ ସ୍କାଉଟ ମାଷ୍ଟର ଆଶୁତୋଷ ପଣ୍ଡାଙ୍କ ନେତୃତ୍ୱରେ ଶୁଦ୍ଧାନନ୍ଦ ବିଦ୍ୟାଳୟ ପରିସରରେ ଶତାଧିକ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷରେ ସମସ୍ତ ସ୍କାଉଟ୍ ଓ ଗାଇଡ୍ସ ଏବଂ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଟ୍ରୁପ ଲିଡର ରୁଦ୍ରନାରାୟଣ ବେହେରା ଓ କୁମାର ଗୌରବ ପରିବେଶକୁ ସ୍ୱଚ୍ଛ ରଖିବା, ପ୍ଲାଷ୍ଟିକ ବର୍ଜନ କରିବା ଏବଂ ପ୍ରତିବର୍ଷ ଅତିକମରେ ଗୋଟିଏ ଗଛ ଲଗାଇବା ପାଇଁ ଶପଥ ପାଠ କରାଇଥିଲେ। ଆସିଷ୍ଟାଣ୍ଟ ଟ୍ରୁପ ଲିଡର ସତ୍ୟବ୍ରତ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମ ସାଙ୍ଗ ହୋଇଥିଲା।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବନମହୋତ୍ସବ

ଜଗତସିଂହପୁର,୮।୭(ସମିସ)

ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ ଓ ସ୍ୱାମୀ ବିବେକାନନ୍ଦ ଲୋକସଂସଦ ଜିଲ୍ଲା ଶାଖା, ଭୁବନେଶ୍ୱରର ଓଡିଶା ପରିବେଶ ସମିତି, ହନେଷ୍ଟ, ଏନ୍‌ସିଏନ୍‌ଏଫର ମିଳିତ ଆନୁକୂଲ୍ୟରେ ବାଲିକୁଦା ବ୍ଲକ ଅନ୍ତର୍ଗତ ଦୁଆସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ୭୭ତମ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ସଚେତନତା ସଭା, ପ୍ରତିଯୋଗିତା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଅଜିତ୍ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାର ପ୍ରାରମ୍ଭରେ ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ସ୍ୱାଗତଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଓଡିଶା କୃଷି ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଣୀବିଜ୍ଞାନ ବିଭାଗର ପ୍ରଫେସର ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର, ଓଡିଶା ପରିବେଶ ସମିତିର ସଂପାଦକ ଇଂ. ମନୋରଞ୍ଜନ ମିଶ୍ର ମୁଖ୍ୟବକ୍ତା ଏବଂ ସମ୍ମାନନୀୟ ଅତିଥିଭାବେ ସମିତିର ବରିଷ୍ଠ




ଆଜୀବନ ସଦସ୍ୟ ତଥା ଓଡିଶା ସରକାରଙ୍କ ପଞ୍ଚାୟତରାଜ ବିଭାଗର ଅବସରପ୍ରାପ୍ତ ସଚିବ ଡ. ଦିଲ୍ଲୀପ ରାୟ ଏବଂ ଅବସରପ୍ରାପ୍ତ ମୁଖ୍ୟ ମଞ୍ଜି ବା ବିହନ ସାର୍ଟିଫିକେସନ୍ ଅଧିକାରୀ ଏକାଦଶୀ ନନ୍ଦୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ଓପନ୍ କୁଇଜ୍ ଏବଂ ପୂର୍ବରୁ ଆୟୋଜିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପରିସରରେ ଏକଶହରୁ ଉର୍ଦ୍ଧ୍ୱ ସଂଖ୍ୟକ ବିଭିନ୍ନ ପ୍ରକାର ଫଳଚାରା ରୋପଣ କରାଯାଇଥିଲା। ଲୋକସଂସଦର କଟକ ଜୋନ୍‌ର ପରିବେଶ ଦାୟିତ୍ୱରେ ଥିବା କାର୍ତ୍ତିକ ଚନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ଲୋକସଂସଦର ଆଜୀବନ ସଦସ୍ୟା କନକଲତା ପରିଡା, ସଦସ୍ୟ ରାଜକିଶୋର ବିଶ୍ୱାଳ, ଯୁବ ସ୍ୱେଚ୍ଛାସେବୀ ମନୋଜ କୁମାର ନାୟକ ବିଦ୍ୟାଳୟର ଉପାଧ୍ୟକ୍ଷା ସଂଘମିତ୍ରା ସ୍ୱାଇଁ, ଶିକ୍ଷକ ବିଭୂପଦ ମହାନ୍ତି, ଦିନେଶ ରାଉତ, ସୋହେଲ ଆଲାମ୍ ଖାନ୍ ପ୍ରମୁଖ ପରିଚାଳନା କରିବାରେ ଆନ୍ତରିକ ସହଯୋଗ କରିଥିଲେ।

## ଭଦ୍ରକରୁ ଚାଲିଚାଲି ଶ୍ରୀକ୍ଷେତ୍ର ଯାତ୍ରା



ବାରିକପୁର,୮।୭(ସମିସ): ପବିତ୍ର ରଥଯାତ୍ରା ଉପଲକ୍ଷେ ଭଦ୍ରକରୁ ଚାଲିଚାଲି ଶ୍ରୀକ୍ଷେତ୍ର ପୁରୀକୁ ଯାତ୍ରା କରିଛନ୍ତି ଜଣେ ଯୁବକ। ଚରମ୍ପା ପାଞ୍ଚପଡ଼ା ଗ୍ରାମର ଯୁବକ କ୍ଷୀରୋଦ କୁମାର ଜେନା ବୁଧବାର ଶ୍ରୀକ୍ଷେତ୍ରକୁ ଯାତ୍ରା ଆରମ୍ଭ କରିଛନ୍ତି। ଗାଁର ଦେବଦେବୀ ପାଠରେ ପୂଜାର୍ଚ୍ଚନା ପରେ ଜଗନ୍ନାଥଙ୍କୁ ସ୍ମରଣ କରି ଘରୁ ବାହାରିଛନ୍ତି। ପ୍ରଥମ ଦିନରେ ଭଦ୍ରକ ସହର ଅତିକ୍ରମ କରି ଭଣ୍ଡାରିପୋଖରୀଠାରେ ପହଞ୍ଚିଛନ୍ତି। ଚାଲିଚାଲି ଗଲେ ପୁରୀରେ ପହଞ୍ଚିବାକୁ ତାଙ୍କୁ ୩ ଦିନ ଲାଗିବ ବୋଲି ଶ୍ରଦ୍ଧାଳୁ ଯୁବକ ଜଣକ କହିଛନ୍ତି। ବାହାନାଗା ଅଞ୍ଚଳରେ କିଛି ଗୋ-ରକ୍ଷକ ମଧ୍ୟ ଯୁବକଙ୍କ ସହିତ ସାମିଲ ହୋଇଛନ୍ତି। ଭକ୍ତମାନେ ଭଦ୍ରକର ଶେଷ ସୀମା ଅଖୁଆପଦା ଅତିକ୍ରମ କରିବା ପରେ ଯାଜପୁର ଜିଲ୍ଲା ପାଣିକୋଇଲିଠାରେ ରାତ୍ରିଯାପନ କରିବେ। କୌଣସି ମାନସିକ ପୂରଣ ତଥା ରଥଯାତ୍ରା ଦେଖିବା ପାଇଁ ନିଷ୍ଠାର ସହିତ ଜଗନ୍ନାଥଙ୍କୁ ଆଖି ଆଗରେ ରଖି ଚାଲିଚାଲି ଯାଉଥିବା ବେଳେ ଏଥିପାଇଁ ସେଭଳି ଶାରୀରିକ କଷ୍ଟ ହେଉ ନ ଥିବା ସେ ସୂଚନା ଦେଇଛନ୍ତି।

## ଡିଲରଙ୍କ ମନମାନୀ ବିରୋଧରେ ଦାବିପତ୍ର

ବାରିକପୁର,୮।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀ ଗ୍ରାମଠାରେ ସାଇରାମ ସ୍ୱୟଂ ସହାୟକ ଗୋଷ୍ଠୀ ରାସନ ସାମଗ୍ରୀ ଯୋଗାଇବା ପାଇଁ ଦାୟିତ୍ୱ ନେଇଛି। ପରିଚାଳନା ବିଷୟ ସ୍ୱୟଂ ସହାୟକ ଗୋଷ୍ଠୀ ନିଜେ ଚାଉଳ ନ ଦେଇ ଜଣେକ ବ୍ୟକ୍ତିଙ୍କୁ ସାମଗ୍ରୀ ବଣ୍ଟନ ପାଇଁ ଦାୟିତ୍ୱ ଦେଇଛି। ହିତାଧିକାରୀମାନେ ଚାଉଳ ପାଇଁ ଗଲେ ବ୍ୟକ୍ତି ଜଣକ ଜାତିଆଣ ମନୋବୃତ୍ତି ରଖି ଲୋକମାନଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଛି। ଓଜନ କଣ୍ଟାରେ ମଧ୍ୟ ଲୋଭେ ଠକାମି ଶିକାର ହେଉଛନ୍ତି। ପ୍ରତିବାଦ କଲେ ରାସନ କାର୍ଡ କାଟି ଦେବାର ଧମକ ଦିଆଯାଉଛି। ଏନେଇ କାର୍ଡଧାରୀମାନେ ବ୍ଲକ୍ ଯୋଗାଣ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ସେ କିଛି ଶୁଣୁନାହାନ୍ତି। ପରିଶେଷରେ ଗ୍ରାମବାସୀ ପ୍ରଫୁଲ୍ଲ ନାୟକ, ଗୀତାଞ୍ଜଳି ନାୟକ, ରମାକାନ୍ତ ନାୟକ, ଅକ୍ଷୟ ମଲିକ, ତୋଳ ମଲିକ, ପ୍ରଶାନ୍ତ ମଲିକ, ନାଳମଣି ମଲିକ, ଚନ୍ଦ୍ରମଣି ମଲିକ, ଜାନକୀ ନାୟକ, କାର୍ତ୍ତିକ ନାୟକ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ଉପରେ ତଦନ୍ତ କରି ଲୋକଙ୍କୁ ସୁଚାରୁ ରୂପେ ସାମଗ୍ରୀ ବଣ୍ଟନ ପାଇଁ ମଧ୍ୟ ଦାବି କରିଛନ୍ତି।

## ଜାତୀୟ ରାଜପଥ ଉପରେ ଜଳିଗଲା ଟ୍ରକ୍



ଭଣ୍ଡାରିପୋଖରୀ,୮।୭(ସମିସ): ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୧୨ଟା ୩୦ ମିନିଟ୍ ସମୟରେ ଏକ ୧୪ ଚକିଆ ଆଇରନ ବୋଝେଇ ଟ୍ରକ୍ (ଓଡି୨୧ସି୪୦୪୦) ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ଉପରେ ଜଳିଯାଇଥିବା ଦେଖିବାକୁ ମିଳିଥିଲା। ସୋମବାର ଦୈତାରି ମାଇନ୍ସରୁ ଆଇରନ ବୋଝେଇ କରି ମଙ୍ଗଳବାର ରାତି ୧୦ଟାରେ ଚଣ୍ଡିଖୋଲରୁ ବାହାରି ଖଡ଼ଗପୁର ରଶ୍ମି ଗ୍ରୀନ୍ ପ୍ଲାଣ୍ଟ ଅଭିମୁଖେ ଯାଉଥିଲା। ଛତାବର ଟୋଲ୍ ପ୍ଲାଜା ଅତିକ୍ରମ କରିବା ପରେ ଡ୍ରାଇଭରଙ୍କୁ ନିଦ ଲାଗିବାରୁ ରାସ୍ତା ଜାଣି ନ ପାରି ବ୍ରିଜ୍ ଡିଭାଇଡରକୁ ବାଡ଼େଇ ହୋଇଯାଇଥିଲା। ଫଳରେ କୌଣସି କାରଣରୁ ନିଆଁ ଲାଗିଯାଇ ଗାଡ଼ିଟି ଜଳିଯାଇଥିଲା। ତତ୍‌କ୍ଷଣାତ୍ ଗାଡ଼ି ଚାଳକ ଗାଡ଼ିର ଆଗ କାଚକୁ ଭାଙ୍ଗି ବାହାରକୁ ବାହାରି ଆସିଥିଲେ। ଗାଡ଼ିରେ ଚାଳକ ଓ ହେଲ୍‌ପର ୨ଜଣ ରହିଥିବା ଜଣାପଡ଼ିଛି। ସଙ୍ଗେ ସଙ୍ଗେ ଖବର ପାଇ ଭଣ୍ଡାରିପୋଖରୀ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀଙ୍କୁ ଟେଲିଫୋନ ଯୋଗେ ଯୋଗାଯୋଗ କରି ନିଆଁକୁ ଆୟତ କରିଥିଲେ। ଏହି ଘଟଣାରେ କାହାର କିଛି କ୍ଷତି ହୋଇ ନ ଥିବା ଭଣ୍ଡାରିପୋଖରୀ ଥାନା ଅଧିକାରିଣୀ ସୂଚନା ଦେଇଛନ୍ତି।

## ନିଃସ୍ୱାର୍ଥପର ସେବା ଯୋଗାଉଛନ୍ତି ଅନାଦି



ଭଦ୍ରକ,୮।୭(ସମିସ): ଲୋକଙ୍କ ସୁବିଧା ଅସୁବିଧାରେ ସହଯୋଗର ହାତ ବଢ଼ାଇବାଠାରୁ ନିଜ ଅଞ୍ଚଳର କୌଣସି ବି ସମସ୍ୟାର ସମାଧାନ ନେଇ ସଦାସର୍ବଦା ସ୍ୱର ଉତ୍ତୋଳନ କରୁଥିବା ଜଣେ ଆଗଧାଡ଼ିର ଯୁବକ ହେଉଛନ୍ତି ଅନାଦି ଚରଣ ବାରିକ। ତିହିଡ଼ି ବ୍ଲକ୍ ଅନ୍ତର୍ଗତ ରାଜନଗର ପଞ୍ଚାୟତ ଖଡ଼ିଜାଣ ଗାଁର ବାସିନ୍ଦା ଅନାଦି ନିଜର ସବୁକିଛି ସୁଖ ସ୍ୱାଚ୍ଛନ୍ଦ୍ୟକୁ ଭୁଲି ନିରନ୍ତର ଭାବେ ଲୋକଙ୍କୁ ସେବା ଯୋଗାଇ ଆସୁଛନ୍ତି। ଜଣେ ପରୋପକାରୀ ଓ ଦୃଢ଼ ସଂଗଠକ ଭାବେ ପରିଚିତ ଅନାଦି ୧୯୯୧-୯୨ ମସିହାରେ ଚାନ୍ଦବାଲି କଲେଜରେ ପାଠ ପଢ଼ିବା ବେଳେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦରୁ ଛାତ୍ର ସଂସଦର ସଭାପତି ନିର୍ବାଚିତ ହୋଇଥିଲେ। ପରେ ସେ ବିଜେପିରେ ଯୋଗଦେଇ ସେହିଦିନଠାରୁ ଅଦ୍ୟାବଧି ଦଳ ଲାଗି କାର୍ଯ୍ୟ କରୁଛନ୍ତି। ସେ ମଧ୍ୟ ଥରେ ସରପଞ୍ଚ ଓ ଥରେ ସମିତିସଭ୍ୟ ଭାବେ ନିର୍ବାଚନ ଲଢ଼ିଥିଲେ। ଜଣେ ସରଳ, ଶିକ୍ଷିତ ଓ ନିଃସ୍ୱାର୍ଥପର ମଣିଷ ଭାବେ ସେ ଚାନ୍ଦବାଲି ଅଞ୍ଚଳରେ ବେଶ୍ ପରିଚିତ। ତାଙ୍କର ଏହି ସେବା ମନୋବୃତ୍ତି ଲାଗି ସେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ପ୍ରିୟପାତ୍ର ହୋଇପାରିଛନ୍ତି।

## ୨୭ତମ ବନ ମହୋତ୍ସବ କାର୍ଯ୍ୟକ୍ରମ

ବାରିକପୁର,୮।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀ ପଞ୍ଚାୟତ କୋରକରା ପଣସା ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ୨୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଧାମନଗର ବନାଞ୍ଚଳ ବିଭାଗ, ଗ୍ରୀନ୍ ଓଡ଼ିଶା ଓ ସ୍ଥାନୀୟ ସବୁଜ ବାହିନୀ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସବୁଜ ବାହିନୀ ତଥା ଗ୍ରୀନ୍ ଓଡ଼ିଶା ସମ୍ପାଦକ ବିରଞ୍ଚି ନାରାୟଣ ଲେଙ୍କାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ କୃଷ୍ଣ ଚନ୍ଦ୍ର ବାସ୍କେ, ପ୍ରଦୀପ ନାୟକ, ମଧୁସ୍ମିତା ଦାସ, ବନିତା ସିହ୍ନା, ପ୍ରଧାନଶିକ୍ଷକ ପ୍ରଦୀପ ନନ୍ଦ, ଅନୁସୟା ତରାଇ, ଅର୍ଜୁନ ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରତ୍ୟେକ ବ୍ୟକ୍ତି ବୃକ୍ଷରୋପଣ କରିବା ଜରୁରୀ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ନାରାୟଣ ଲେଙ୍କା, କାଳନ୍ଦୀ ମହାଲିକ, ଅଭିରାମ ଜେନା, ଗୋପିନାଥ ମହାଲିକ ପ୍ରମୁଖ ପରିଚାଳନା କରିଥିଲେ।

# ବନ୍ୟା ନିୟନ୍ତ୍ରଣ ନାଁରେ କୋଟି କୋଟି ଟଙ୍କା ହରିଲୁଟ୍

ଦୋବଲ,୮।୭(ସମିସ)



ଧାମନଗର ବୈତରଣୀ ଓ ଏହାର ଶାଖା ନଦୀ ଗେଙ୍ଗୁଟି ଅବବାହିକାରେ ବନ୍ୟା ନିୟନ୍ତ୍ରଣର ଡିଣ୍ଡିମ ପିଟୁଥିବା ଜଳସମ୍ପଦ ବିଭାଗର ଅସଲ ଚେହେରା ପଦାରେ ପଡ଼ିଛି। ମୌସୁମୀ ପ୍ରାରମ୍ଭରେ ଲଘୁଚାପ ବର୍ଷା ଯୋଗୁଁ ନଦୀରେ ଜଳସ୍ତର ସାମାନ୍ୟ ବୃଦ୍ଧି ପାଇବା ମାତ୍ରେ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ହଜାର ହଜାର ସିମେଣ୍ଟ ବସ୍ତାରେ ବାଲି ଭର୍ତ୍ତି କରି ରଖାଯାଉଥିବା ଦେଖିବାକୁ ମିଳିଛି। ଗୋଟିଏ ଗୋଟିଏ ସ୍ଥାନରେ ୩୦୦ରୁ ଅଧିକ ବାଲି ବସ୍ତା ପ୍ରସ୍ତୁତ ହୋଇ ରହିଛି। ଆଶ୍ଚର୍ଯ୍ୟର କଥା, ଗତବର୍ଷ ଭର୍ତ୍ତି ହୋଇଥିବା ବାଲି ବସ୍ତା ଏବେ ବି ଅବ୍ୟବହୃତ ହୋଇ ନଷ୍ଟ ହେଉଥିବାବେଳେ, ଚଳିତ

- ସୁଦୃଢ଼ୀକରଣ ଦାବି ଭିତରେ ସାମୟିକ ବାଲି ବସ୍ତା ଭରସା
- ପ୍ରଶାସନର ଆଗୁଆ ପ୍ରସ୍ତୁତି ନା ପିସି କାରବାର ?

ବର୍ଷ ପୁଣି ସେହି ସାମୟିକ ବ୍ୟବସ୍ଥା ନାଁରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ପ୍ରଶାସନର ସ୍ୱଚ୍ଛତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ସ୍ଥାୟୀ ସୁଦୃଢ଼ୀକରଣ କଥା କହୁଥିବାବେଳେ ସତୁରି ଦଶକର ଏହି ପାରମ୍ପରିକ ପଦ୍ଧତି ଆପଣାଇବା କେବଳ ପାଣ୍ଠି ହରିଲୁଟ୍‌ର ମାଧ୍ୟମ ପାଲଟିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି।

ରାଜ୍ୟରେ ୨୦୨୪ ନିର୍ବାଚନ ପରେ ନୂଆ ସରକାର ଆସିବା ପରେ ବନ୍ୟା ନିୟନ୍ତ୍ରଣ, ଜଳନିଷ୍କାସନ ଓ ଜଳସେଚନ ନାଁରେ ପ୍ରାୟ ୭୦୦ କୋଟି ଟଙ୍କା ବ୍ୟୟ କରାଯାଇଥିବା ସରକାର ଦାବି କରୁଛନ୍ତି। ବୈତରଣୀ ନଦୀର ଉତେଇପୁର ମଲ୍ଲିମାହାରା ଓ ସୋହଡ଼ାର ଗୌରାଙ୍ଗପୁର ଏସ୍‌କେପ୍‌କୁ ଉଚ୍ଚା କରାଯିବା ସହ ପ୍ରାୟ ୬୦ଟି ଜାଗାରେ ନଦୀବନ୍ଧକୁ ସୁରକ୍ଷା ଦେବାକୁ କଂକ୍ରିଟ କାନ୍ଥ କରାଯାଇଛି। ଏହା ସହିତ ୩୦ରୁ ଅଧିକ ସ୍ଥାନରେ ନଦୀପଠାରେ ପଥର ବିଛାଯାଇଛି। ଯଦି ବନ୍ଧଗୁଡ଼ିକ ଏତେ ସୁଦୃଢ଼ ଓ ବିପଦମୁକ୍ତ, ତେବେ ଜଳସ୍ତର ବିପଦସଂକେତ ଟପି ନ ଥିବା ସତ୍ତ୍ୱେ ଏଭଳି ସାମୟିକ ସମାଧାନ ବାବଦରେ ଲକ୍ଷ ଲକ୍ଷ ଟଙ୍କା ପାଣି ଭଳି ବୁହାଇ ଦିଆଯିବା କେଉଁ ଯୁକ୍ତିରେ ବୋଲି ସ୍ଥାନୀୟ ଜନସାଧାରଣ ପ୍ରଶ୍ନ କରୁଛନ୍ତି। ଅପରପକ୍ଷରେ, ଗତ ୨ବର୍ଷ ମଧ୍ୟରେ କୌଣସି ନଦୀବନ୍ଧରେ ମୁଠାଏ ମାଟି ପଡ଼ି ନାହିଁ କି ଚଉଡ଼ା କରାଯାଇନାହିଁ। ମୁସ୍ତଫାପୁରର ବେଲମଳାରୁ ଦଳାଙ୍ଗ ଭାୟା ରାମେଶ୍ୱରପୁର ଏବଂ କୋରକଦାରୁ କଣ୍ଟଦା ଭାୟା କରଦା ନଦୀବନ୍ଧର ଅବସ୍ଥା ଅତି ଶୋଚନୀୟ। ଏହି ବନ୍ଧଗୁଡ଼ିକ ଉପରେ ପିଚୁ ରାସ୍ତା ତ କରାଯାଇଛି, ମାତ୍ର ବେଲମଳାରୁ ରାମେଶ୍ୱରପୁର ଗେଙ୍ଗୁଟି ବାମ ପାର୍ଶ୍ୱ ନଦୀବନ୍ଧ ପ୍ରାୟ ୧୦ ବର୍ଷ ପୂର୍ବେ ପିଚୁ ହେବା ପରଠାରୁ ଜଳସମ୍ପଦ ବିଭାଗ ଏହାକୁ ସମ୍ପୂର୍ଣ୍ଣ ଭୁଲିଯାଇଛି। ମରାମତି ଅଭାବରୁ ଏହି ବନ୍ଧ ରାସ୍ତା ଏବେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଏହି ରାସ୍ତା ଉପରେ ସୋଧ, କୋଳେଇପଦା, ଦୋବଲ, ଇଟୁଆ, ରାମେଶ୍ୱରପୁର ଓ କରଦା ଅଞ୍ଚଳର ହଜାର ହଜାର ଜନସାଧାରଣ ନିର୍ଭର କରୁଥିଲେ ସୁଦ୍ଧା ସେଥିପ୍ରତି ନା ଜଳସମ୍ପଦ ବିଭାଗର ନିଘା ଅଛି ନା ସ୍ଥାନୀୟ ରାଜନେତାଙ୍କର ଆନ୍ତରିକତା ଅଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ଏସ୍‌ଡିଓଙ୍କୁ ପଚାରିବାରୁ ସେ ନିଜ ସଫେଇରେ କହିଛନ୍ତି ଯେ, ବନ୍ୟା ହେଉଛି ଏକ ପ୍ରାକୃତିକ ଦୁର୍ବିପାକ। ଏହାର ସଠିକ୍ ଆକଳନ କରିବା ସହଜ ନୁହେଁ। ତେଣୁ ସରକାରୀ ବିଧି ବ୍ୟବସ୍ଥା ଅନୁଯାୟୀ ଆଗୁଆ ପ୍ରସ୍ତୁତି ସ୍ୱରୂପ ବାଲି ବସ୍ତା ଗଚ୍ଛିତ ରଖାଯାଇଛି। ମାତ୍ର ବିଭାଗର ଏହି ପ୍ରାକ୍ ପ୍ରସ୍ତୁତି ଆଳରେ ପ୍ରତିବର୍ଷ ଅର୍ଥ ଆତ୍ମସାତ୍ କରାଯାଉଥିବା ସ୍ପଷ୍ଟ ଜଣାପଡୁଛି। ସ୍ଥାୟୀ ନଦୀବନ୍ଧ ମରାମତିକୁ ଏଡ଼ାଇ ବାଲି ବସ୍ତା ଭଳି ଅସ୍ଥାୟୀ କାର୍ଯ୍ୟକ୍ରମ ପ୍ରଶାସନିକ ଉଦାସିନତା ଓ ଦୁର୍ନୀତିର ଜ୍ୱଳନ୍ତ ଉଦାହରଣ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ବନ ବିଭାଗ ପକ୍ଷରୁ ବେଆଇନ କରତକଳ ଉପରେ ଚଢ଼ଉ



ମୂଲ୍ୟବାନ କାଠ ସହ ଯନ୍ତ୍ରାଂଶ ଜବତ

ଧାମନଗର,୮।୭(ସମିସ): ଧାମନଗର ଏନ୍‌ଏସି ଅଞ୍ଚଳରେ ବେଆଇନ କରତକଳ ଉପରେ ସକାଳୁ ସକାଳୁ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଭଦ୍ରକ ଡିଏଫ୍‌ଓ ଅରୁଣ କୁମାର ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ବନ ସଂରକ୍ଷକ ସୁମିତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଧାମନଗର ବନାଞ୍ଚଳ ଅଧିକାରୀ ବବୁଲ ମଲ୍ଲିକ, ଧାମନଗର ପୁଲିସ ସହାୟତାରେ ଭଦ୍ରକ ଜିଲ୍ଲା ଧାମନଗର ରେଞ୍ଜ ଅଧୀନ ଧାମନଗରସ୍ଥିତ ମୁଲଣାସାହିଠାରେ ବେଆଇନ ଭାବେ ଚାଲିଥିବା କରତକଳ ଉପରେ ବୁଧବାର ସକାଳୁ ସକାଳୁ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ବେଆଇନ କରତ କଳରୁ ପୁଣ୍ଡିଆ, ଜାମୁ, ଶିରିଶ, ବବୁରି, ଚାକୁଣ୍ଡା ଆଦି ବିଭିନ୍ନ କାଠ ସମେତ ଯନ୍ତ୍ରାଂଶ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି। ଗ୍ୟାସ କଟର ବ୍ୟବହାର କରି କରତକଳର ଯନ୍ତ୍ରପାତିଗୁଡ଼ିକ କଟାଯାଇଥିବା ଦେଖିବାକୁ ମିଳିଛି। ଏହି ଚଢ଼ଉରେ ଧାମନଗର ଫରେଷ୍ଟର ବସନ୍ତ ମାଝୀ, ମଧୁସ୍ମିତା ମହାନ୍ତି, ସୂର୍ଯ୍ୟକାନ୍ତ ପଣ୍ଡା, କୃଷ୍ଣ ଚନ୍ଦ୍ର ବାସ୍କେ, ଫରେଷ୍ଟ ଗାର୍ଡ ପୀତବାସ ଶଙ୍ଖୁଆ, ସୁହାସିନୀ ସ୍ୱାଇଁ, ଲିପିକା ଦାସ ପ୍ରମୁଖ ସାମିଲ୍ ଥିଲେ। ଜବତ କାଠ ଓ ଯନ୍ତ୍ରାଂଶର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବନାଞ୍ଚଳ ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି। ତେବେ ବେଆଇନ ଭାବେ ବିଭିନ୍ନ ସ୍ଥାନରେ ଚାଲୁଥିବା କରତକଳଗୁଡ଼ିକୁ ପର୍ଯ୍ୟାୟକ୍ରମେ ଚଢ଼ଉ କରାଯିବ ବୋଲି ରେଞ୍ଜର ବବୁଲ ମଲିକ ସୂଚନା ଦେଇଛନ୍ତି। ତେବେ ସରକାର ଏବଂ ବିଭାଗୀୟ ଅଧିକାରୀଙ୍କ ମନମୁଖୀ ଭାବେ ଚଢ଼ଉକୁ ସାଧାରଣରେ ନାପସନ୍ଦ କରାଯାଇଛି। କାରଣ ଝିଅ ବିବାହର କାଠ ସାମଗ୍ରୀ ତିଆରି କରିବା ପାଇଁ ଦୂରରୁ କାଠ ସଂଗ୍ରହ କରି ବହୁ ଖର୍ଚ୍ଚ ଓ ସମସ୍ୟା ସୃଷ୍ଟି ହେଉଛି। ଏଥିପ୍ରତି ସରକାର ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ବିଚାର କରନ୍ତୁ ନ ହେଲେ ଜନସାଧାରଣ ଆନ୍ଦୋଳନ ପନ୍ଥା ଗ୍ରହଣ ପାଇଁ ସୂଚନା ଦେଇଛନ୍ତି।

## ଗାଡ଼ି ଧକ୍କାରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

ବିନା ବୀମାରେ ଚାଲିଛି ମ୍ୟୁନିସିପାଲିଟିର ସ୍ୱଚ୍ଛ ସବାରୀ

ବାସୁଦେବପୁର,୮।୭(ସମିସ): ବାସୁଦେବପୁର ପୌରପାଳିକାର ସ୍ୱଚ୍ଛ ସବାରୀ ଧକ୍କାରେ ରମାକାନ୍ତ ମଲ୍ଲିକ ନାମକ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି। ସରକାରଙ୍କ ନୀତି ନିୟମକୁ ଉଲ୍ଲଂଘନ କଲେ ସାଧାରଣ ଲୋକଙ୍କଠାରୁ ହଜାରେରୁ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଫାଇନ୍ ଆଦାୟ ହେଉଛି। ସରକାରଙ୍କ କୌଣସି ବିଭାଗ ନିୟମକୁ ଉଲ୍ଲଂଘନ କଲେ ଆଇନର ଗଳା ବାଟଦେଇ ଖସିଯାଉଛନ୍ତି ବିଭାଗୀୟ ଅଧିକାରୀ। ବାସୁଦେବପୁର ପୌରପାଳିକାର ପ୍ରତି ୱାର୍ଡରେ ୧୦ଟି ସ୍ୱଚ୍ଛ ସବାରୀ ଗାଡ଼ି ଅଳିଆ ଆଣିବାକୁ ଯାଇଥା'ନ୍ତି। ବୁଧବାର ସକାଳେ ସ୍ୱଚ୍ଛ ସବାରୀ(ଓଡି ୨୨ଭି ୮୬୩୭) ଅଳିଆ ଆଣିବାକୁ ଭୈରବପୁର ରାସ୍ତାରେ ଯାଉଥିବାବେଳେ ଉଚ୍ଚଡିହା ଛକରେ ହଠାତ୍ ଗାଡ଼ିଟି ବାମରୁ ଡାହାଣକୁ ମାଡ଼ି ଆସିଥିଲା। ସେହି ରାସ୍ତାରେ ସାଇକଲ ଯୋଗେ ଦୋକାନ ଖୋଲିବାକୁ ଯାଉଥିବା ମଞ୍ଜି ବ୍ୟବସାୟୀ ରମାକାନ୍ତ ମଲ୍ଲିକଙ୍କ ସହ ଧକ୍କା ଦେବା ସହିତ ପାଖରେ ଥିବା ଦୋକାନକୁ ମାଡ଼ି ଯାଇଥିଲା। ରମାକାନ୍ତଙ୍କୁ ଗୁରୁତର ଅବସ୍ଥାରେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ କଟକ ରେଫର କରିଥିଲେ। ଅଧା ବାଟରେ ରମାକାନ୍ତଙ୍କର ମୃତ୍ୟୁ ହୋଇଥିଲା। ଏନେଇ ସ୍ଥାନୀୟ ଗ୍ରାମବାସୀ ପୌରପାଳିକା ଘେରଉ କରିଥିଲେ। ମୃତକଙ୍କ ପରିବାର ସଦସ୍ୟଙ୍କୁ ଆଉଟ୍‌ସୋର୍ସିଂରେ ଏକ ନିଯୁକ୍ତି ଦେବାକୁ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏଠାରେ କଥା ଉଠୁଛି ପୌରପାଳିକାର କାହିଁକି ବେଆଇନ ଭାବେ ଏହି ଗାଡ଼ିଗୁଡ଼ିକ ବିନା ଇନ୍‌ସୁରାନ୍ସରେ ଚଳାଇଛନ୍ତି। କିଏ ଏହି ଦାୟିତ୍ୱରେ ଥିଲେ। ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଜୀବନ ହରାଇଥିବା ନିରିହ ଲୋକଙ୍କ ପରିବାର ଇନ୍‌ସୁରାନ୍ସ ପାଇବାରୁ ବଞ୍ଚିତ ହେବ। ଗାଡ଼ିର ବିନା ଇନ୍‌ସୁରାନ୍ସରେ ସାଧାରଣ ଲୋକଙ୍କର ଯଦି ଦୁର୍ଘଟଣା ଘଟାଇଥା'ନ୍ତା ସରକାରଙ୍କ ସବୁ ଆଇନ ଉଲ୍ଲଂଘନ ଦଫା ଲଗାଇ ଥାନାରେ ଗାଡ଼ି ଖତ ହୋଇ ପଡ଼ିଥା'ନ୍ତା।





- ପଦାରେ ପଡ଼ିଲା ପରିବହନ ବିଭାଗର ଦାୟିତ୍ୱହୀନତା

## ଗାଡ଼ି ଅଛି ଭଦ୍ରକରେ; ଚାଲାଣ କଟିଲା ନୟାଗଡ଼ରୁ

କାର୍ ନମ୍ବରରେ କଟିଛି ବାଇକ୍ ଚାଲାଣ

ଭଦ୍ରକ,୮।୭(ସମିସ): ପଦାରେ ପଡ଼ିଛି ପରିବହନ ବିଭାଗର ଫାଇନ କାଟିବା ନିଶା। ଭଦ୍ରକରେ ଗାଡ଼ି ଅଛି କିନ୍ତୁ ଚାଲାଣ ଆସିଲା ନୟାଗଡ଼ରୁ। ଆହୁରି ପୁଣି ଚାରି ଚକିଆ ଗାଡ଼ି ନାଁରେ ଆସିଛି ଦୁଇ ଚକିଆ ଗାଡ଼ିର ଜରିମାନା। ବାଇକ୍ ଚଳାଇବା ବେଳେ ଫୋନ୍‌ରେ କଥା ହେବା ନିମନ୍ତେ ଆସିଛି ୫ ହଜାର ଟଙ୍କାର ଜରିମାନା। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଭଦ୍ରକ ସହର ଉପକଣ୍ଠ ଆରଡ଼ି ଛକ ନିବାସୀ କ୍ଷିତୀଶ ବେହେରାଙ୍କ ମୋବାଇଲ୍‌କୁ ନୟାଗଡ଼ ପରିବହନ ବିଭାଗ ତରଫରୁ ୫ ହଜାର ଟଙ୍କାର ଫାଇନ୍ ନୋଟିସ୍ ଆସିଥିଲା। ଓଡି୦୨ସିଏ ୧୭୪୨ ନମ୍ବର ବାଇକ୍ ଚଳାଉଥିବାବେଳେ ଫୋନ୍‌ରେ କଥା ହେବା ଅପରାଧ ପାଇଁ ପରିବହନ ବିଭାଗର ଏମ୍‌ଭି ଆକ୍ଟ ୧୮୪ (ସି) ଅନୁଯାୟୀ ଏହି ଫାଇନ କରାଯାଇଥିବା ନୋଟିସ୍ ଆସିଥିଲା। ତେବେ ଏହି ଚାଲାଣ କ୍ଷିତୀଶଙ୍କୁ ବେଶ୍ ଆଶ୍ଚର୍ଯ୍ୟ କରିଛି। ସମ୍ପୃକ୍ତ ଗାଡ଼ି ନମ୍ବର ହେଉଛି ନିଜ କାର୍‌ର ହୋଇଥିବାବେଳେ ଚାଲାଣ କଟିଥିବା ସମୟରେ ଗାଡ଼ି ଭଦ୍ରକରେ ଥିବା ସେ ଅଭିଯୋଗ କରିଛନ୍ତି। କାର୍‌ଟି ଭଦ୍ରକରେ ଥିବାବେଳେ ନୟାଗଡ଼ ଆର୍‌ଟିଓ କିପରି ସମ୍ପୃକ୍ତ ନମ୍ବରରେ ବାଇକ୍‌ର ଚାଲାଣ ପଠାଇଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି କ୍ଷିତୀଶ। କୌଣସି ଯାଞ୍ଚ ନ କରି ପରିବହନ ବିଭାଗର ଏପରି ଚାଲାଣ ପଠାଇବା ପଛରେ ଆର୍‌ଟିଓ ବିଭାଗର ଦାୟିତ୍ୱହୀନତାକୁ ସେ ଦାୟୀ କରିଛନ୍ତି। ତୁରନ୍ତ ଘଟଣାର ସମାଧାନ ପାଇଁ ସେ ଦାବି କରିଛନ୍ତି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବନ୍ତ/ଆଗରପଡ଼ା,୮।୭(ସମିସ): ବନ୍ତ ବ୍ଲକ୍ ରାମକୃଷ୍ଣପୁର ପଞ୍ଚାୟତ ବାଲୁଙ୍କେଶ୍ୱର ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନସ୍ଥ ଟିକିରପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏକ ଭାବପୂର୍ଣ୍ଣ ପରିବେଶରେ ପ୍ରଧାନଶିକ୍ଷୟିତ୍ରୀ ମିନତୀ ମଲ୍ଲିକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନରେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନ ଓ ପ୍ରାକ୍ତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଧୀର କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସରପଞ୍ଚ ହୀରେନ୍ଦ୍ର ଖିଲାର, ମୁଖ୍ୟବକ୍ତା ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁକାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଶିକ୍ଷାବିତ୍ ଉର୍ମିଳା ପଣ୍ଡା, ଗଗନ ବିହାରୀ ଦାଶ, ସମାଜସେବୀ ଦୀନବନ୍ଧୁ ସାହୁ, ପ୍ରାକ୍ତନ ପରିଚାଳନା କମିଟି ସଭାପତି ନବ କିଶୋର ବଳ, ବାଲୁଙ୍କେଶ୍ୱର ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିରୁଦ୍ଧ ମଙ୍ଗଳ, ଶିକ୍ଷକ ପର୍ଶୁରାମ ନାୟକ, କୁଣ୍ଡୁଳା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ କୁମାର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶୀଳ କୁମାର ଜେନା, ସନାତନ ଜେନା, ସମାଜସେବୀ ବଙ୍କିମ ସେଠୀ, ପ୍ରାକ୍ତନ ସରପଞ୍ଚ ମନୋଜ ବିଶ୍ୱାଳ, ପ୍ରାକ୍ତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରତିକାନ୍ତ ମଲ୍ଲିକ, ଶିକ୍ଷକ ପ୍ରକାଶ ଚନ୍ଦ୍ର ଜେନା, ଆନନ୍ଦ ଚନ୍ଦ୍ର ସାହୁ, ମନୋରଞ୍ଜନ ମଲ୍ଲିକ, ଦେବବ୍ରତ ପାଢ଼ୀ, ଦିବାକର ଭଞ୍ଜ, ଶାନ୍ତିଲତା ଦାସ, ରଞ୍ଜନ କୁମାର ମୁଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଧାନଶିକ୍ଷୟିତ୍ରୀ ମିନତୀ ମଲ୍ଲିକଙ୍କୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ସୁନାମ ତଥା ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ କରିବାରେ ତାଙ୍କର ଭୂମିକା ଅତୁଳନୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ପ୍ରଶାସନିକ ନାଲିଫିତା ଭିତରେ ବନ୍ଧା ୩୦ ହଜାର ଜନତାଙ୍କ ଭାଗ୍ୟ

# ମନ୍ତ୍ରୀଙ୍କ ସମୀକ୍ଷା ପରେ ବି ଫଳପୁର ରାସ୍ତା କାମ ଶୂନ୍

ଦୋବଲ,୮।୭(ସମିସ)



"ବିକାଶର ଧାରା ଓଡ଼ିଶା ସାରା' ରାଜ୍ୟ ସରକାରଙ୍କ ଏହି ଡିଣ୍ଡିମ ପିଟା ନାରା ଯେମିତି ଧାମନଗରର ଫଳପୁର ରାସ୍ତାରେ ଆସି ସମ୍ପୂର୍ଣ୍ଣ ଅଟକି ଯାଇଛି। ଦୀର୍ଘ ବର୍ଷ ଧରି ଏହି ରାସ୍ତା ନିର୍ମାଣ ପାଇଁ ଜନସାଧାରଣ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନିକ ଉଦାସିନତା ଯୋଗୁଁ ପଦ୍ମ ଘୁଞ୍ଚି ଘୁଞ୍ଚି ଗଲା ଭଳି ସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନ ୭ କିଲୋମିଟର ଦୈର୍ଘ୍ୟର ଏହି ସମ୍ପୂର୍ଣ୍ଣ ରାସ୍ତାର ଅବସ୍ଥା ଦିନକୁ ଦିନ ଅତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ମରାମତି ଅଭାବରୁ ରାସ୍ତାରେ ୭୦ରୁ ଅଧିକ ମରଣଯନ୍ତା ଭଳି ଗାତ ସୃଷ୍ଟି ହୋଇଛି। ଧାମନଗର ମୁସଲିମ ବସ୍ତି ପାଖରୁ ଦଳାଙ୍ଗ ଗେଟ୍ ଯାଏ ରାସ୍ତା ଫାଟି ଖଣ୍ଡ ଖଣ୍ଡ କଂକ୍ରିଟ୍ ବି ଛାଡ଼ି ହୋଇ ପଡ଼ିଥିବାବେଳେ ବର୍ଷା ପାଣି ଜମି ରହିବା ଯୋଗୁଁ ଦଳାଙ୍ଗରୁ ବିରୁହାଁ ଛକ ପର୍ଯ୍ୟନ୍ତ ପିଚୁ ଉଠି ବେହାଲ ହୋଇପଡ଼ିଛି। ଚାରିଚକିଆ ଯାନ ଯିବା ତ ଦୂରର କଥା, ବାଇକ୍‌ରେ ଏହି ୭ କିମି ରାସ୍ତା ପାର୍ ହେବାକୁ ଅଧଘଣ୍ଟାରୁ ଅଧିକ ସମୟ ଲାଗୁଛି। ଏହି ସମସ୍ୟା ଦୀର୍ଘ ବର୍ଷର ପୁରୁଣା।

୨୦୦୭ ମସିହାରେ ଏହାକୁ ପକ୍କା ସଡ଼କ କରାଯାଇଥିଲେ ବି ବନ୍ୟା ଓ ଭାରୀଯାନ ଚଳାଚଳ ଯୋଗୁଁ ଏହା ପ୍ରତିବର୍ଷ ନଷ୍ଟ ହେଉଛି। କରଦା, ପଧାନି, ଦଳାଙ୍ଗ, ଅର୍ଜୁନପୁର, ଭଟ୍ଟସାହି ଓ ନଦୀଗାଁ ପଞ୍ଚାୟତର ପ୍ରାୟ ୩୦ ହଜାରରୁ ଅଧିକ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିବାବେଳେ ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ିଟିଏ ଯିବା ସମ୍ଭବ ହେଉନାହିଁ। ପୂର୍ବରୁ ୨୦୨୦ ଫେବୃଆରୀ ବଜେଟ୍ ଅଧିବେଶନରେ ଦିବଂଗତ ବିଧାୟକ ବିଷ୍ଣୁ ଚରଣ ସେଠୀ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବା ପରେ ମରାମତି ପାଇଁ ୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ଅତି ନିମ୍ନମାନର କାମ ଯୋଗୁଁ ତାହା ବର୍ଷକରେ ଉଭେଇ ଯାଇଥିଲା। ୨୦୨୫ ଜୁନ୍ ୧୫ରେ ପୂର୍ତ୍ତ ବିଭାଗ ପକ୍ଷରୁ ୨୯ କୋଟି ଟଙ୍କା ମଞ୍ଜୁର ହୋଇଥିବା ନେଇ ଭଦ୍ରକ ପ୍ରଶାସନ ଢେଙ୍ଗୁରା ପିଟିଥିଲା, ହେଲେ ଆଜି ବି ଡିପିଆର୍ ଓ ଟେଣ୍ଡର ନାଁରେ କାମ ଶୂନ୍। ବିଷ୍ଣୁ ସେଠୀଙ୍କ ପରେ ତାଙ୍କ ପୁଅ ତଥା ବର୍ତ୍ତମାନର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଇ ଟେଣ୍ଡର ପ୍ରକ୍ରିୟା ଆଗେଇଥିଲେ। ୨୦୨୬ ଫେବୃଆରୀ ୧୦ରେ ହସନାବାଦ କଲ୍ୟାଣ ମଣ୍ଡପ ଅଭିଯୋଗ ଶୁଣାଣି ସମୟରେ ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ମନ୍ତ୍ରୀ ପ୍ରଶାସନକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ୪ଟି ବକ୍ସେଲ କଲ୍‌ଭର୍ଟ ସହ ରାସ୍ତା ନିର୍ମାଣ ପାଇଁ ଗତ ମେ' ୨୭ରେ ସମୀକ୍ଷା ମଧ୍ୟ କରିଥିଲେ। ତେବେ ପ୍ରଶ୍ନ ଉଠୁଛି, ପ୍ରଶାସନିକ ଶିଥିଳତାରେ ଜନସାଧାରଣଙ୍କୁ ଆଉ କେତେ ଦିନ ହନ୍ତସନ୍ତ ହେବାକୁ ପଡ଼ିବ? କାଗଜପତ୍ରରେ ବିକାଶର ଗଙ୍ଗା ବୋହୁଥିବାବେଳେ ବାସ୍ତବରେ ଜନତା କାଦୁଅ-ଖାଲରେ ସନ୍ତୁଳି ହେଉଛନ୍ତି। ସରକାରଙ୍କ ଏଭଳି ପ୍ରତାରଣାପୂର୍ଣ୍ଣ ଆଭିମୁଖ୍ୟକୁ ଅଞ୍ଚଳବାସୀ ତୀବ୍ର ସମାଲୋଚନା କରିବା ସହ ତୁରନ୍ତ ସ୍ଥାୟୀ ପ୍ରତିକାର ପାଇଁ ଦାବି କରିଛନ୍ତି।

## ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ



ଆରଡ଼ି,୮।୭(ସମିସ): ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ମହତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଚାନ୍ଦବାଲି ବ୍ଲକ୍ ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ମଙ୍ଗଳବାର ଉତ୍ସାହର ସହ ପାଳନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସର ଏବଂ ଆଖପାଖ ଅଞ୍ଚଳରେ ବିଭିନ୍ନ ପ୍ରଜାତିର ଫଳ, ଔଷଧୀୟ ଓ ଛାୟାପ୍ରଦ ବୃକ୍ଷର ଚାରାରୋପଣ କରାଯାଇଥିଲା। ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁ ସଭାପତି ଦୀପ୍ତି ରଞ୍ଜନ ନାୟକ, ସାମ୍ବାଦିକ ସ୍ୱାଧୀନ କୁମାର ଦାସ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭ ବିଦ୍ୟାଳୟର ପ୍ରଧାନଶିକ୍ଷକ ସକ୍ଲାଫାତୁ ସୋରେନଙ୍କ ଦ୍ୱାରା କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ବୃକ୍ଷରୋପଣ ସହ ପରିବେଶ ସଚେତନତା ଶୋଭାଯାତ୍ରା, ବକ୍ତୃତା ପ୍ରତିଯୋଗିତା, ଚିତ୍ରାଙ୍କନ ଓ ସ୍ଲୋଗାନ ପାଠ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ସମସ୍ତେ ପରିବେଶ ସୁରକ୍ଷା ପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ସହ ରୋପଣ କରାଯାଇଥିବା ଚାରାର ନିୟମିତ ଯତ୍ନ ନେବାକୁ ଶପଥ ଗ୍ରହଣ କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜଣାଇ ବନ ମହୋତ୍ସବ ସପ୍ତାହକୁ କେବଳ ଔପଚାରିକତାରେ ସୀମିତ ନ ରଖି ବର୍ଷସାରା ବୃକ୍ଷ ସୁରକ୍ଷାରେ ସାମିଲ୍ ହେବାକୁ ଆହ୍ୱାନ ଜଣାଇଥିଲେ।

## ନାବାଳିକାକୁ ଦୁଷ୍କର୍ମ; ଦୋଷୀକୁ ୨୦ ବର୍ଷ ଜେଲ୍

ଢେଙ୍କାନାଳ,୮ ।୭(ସମିସ): ୬ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ମାମଲାର ବିଚାର କରି ଢେଙ୍କାନାଳର ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ପୋକ୍‌ସୋ କୋର୍ଟ ବିଚାରପତି ସୁଶୀଲ କୁମାର ସାହୁ ଦୋଷୀକୁ ୨୦ ବର୍ଷ କାରାଦଣ୍ଡ ପ୍ରଦାନ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ ପରଜଙ୍ଗ ଥାନା ଅଞ୍ଚଳର ସାଗର ବାରିକ।

ପରଜଙ୍ଗ ଥାନା ଅଞ୍ଚଳରେ ଗତ ୨୦୨୯ ମାର୍ଚ୍ଚ ୨୪ ତାରିଖ ନାବାଳିକା ଜଣକ ନିଜ ସମ୍ପର୍କୀୟ ଭାଇ ସହ ଦୋଳଯାତ୍ରା ଦେଖିବାକୁ ଯାଇଥିଲେ। ଏହି ସମୟରେ ସାଗର ନାବାଳିକାଙ୍କ ଭାଇକୁ କୁରକୁରେ ଲୋଭ ଦେଖେଇ ତାକୁ ଦୂରେଇ ନେଇଯାଇଥିଲା। ନାବାଳିକାକୁ ଏକୁଟିଆ ପାଇ ସାଗର ତାଙ୍କୁ ନିକଟସ୍ଥ ଗୁହାଳ ଘରକୁ ନେଇ ଦୁଷ୍କର୍ମ କରିଥିଲା। ନାବାଳିକାଙ୍କ ଚିତ୍କାର ଶୁଣି ସମ୍ପର୍କୀୟ ପିଉସୀ ଓ ଗ୍ରାମର ଅନ୍ୟ ଲୋକମାନେ ପହଞ୍ଚିବାରୁ ସାଗର ଫେରାର ହୋଇଯାଇଥିଲା। ପରେ ନାବାଳିକାଙ୍କ ବାପା ପରଜଙ୍ଗ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରି ସାଗରକୁ ଗିରଫ କରିଥିଲା। ତଦନ୍ତ ଅଧିକାରୀ ସସ୍ମିତା ପାଲ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପରେ ମାମଲାର ବିଚାର ଚାଲିଥିଲା। ସମସ୍ତ ସାକ୍ଷ୍ୟପ୍ରମାଣ ଓ ଅନ୍ୟାନ୍ୟ ଦସ୍ତାବିଜକୁ ଆଧାର କରି କୋର୍ଟ ସାଗରକୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରା ଏବଂ ପିପି ସୀତାକାନ୍ତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ପିପି ସ୍ମିତା ପଟ୍ଟନାୟକ ଓ ସରକାରୀ ଓକିଲ ସୁଶାନ୍ତ କୁମାର ପାଣିଗ୍ରାହୀ ମାମଲା ପରିଚାଳନା କରୁଥିଲେ।

**ଯୁକ୍ତ ୨ ନାମଲେଖା କଟ୍‌ଅଫ୍ ମାର୍କ ପ୍ରକାଶିତ**

# ଢେଙ୍କାନାଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟ କଳାରେ ୬୬.୬୭%, ବିଜ୍ଞାନରେ ୮୦%

ଢେଙ୍କାନାଳ,୮ ।୭(ସମିସ): ଢେଙ୍କାନାଳ ଜିଲ୍ଲାରେ ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟରେ ନାମ ଲେଖାଇବା ପାଇଁ କଟ୍ ଅଫ୍ ମାର୍କ ପ୍ରକାଶିତ ହୋଇଛି। ଚଳିତ ବର୍ଷ ବିଜ୍ଞାନରେ ଇ-ଟେକ ଆବାସିକ ମହାବିଦ୍ୟାଳୟ ଓ ଢେଙ୍କାନାଳ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୮୦% କଟଅଫ୍ ମାର୍କ ରହିଥିବାର ଜଣାପଡ଼ିଛି।

ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟରେ ନାମ ଲେଖାଇବା ପାଇଁ ପ୍ରକାଶିତ କଟ୍‌ଅଫ୍ ମାର୍କରେ କଳା ବିଭାଗରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସର୍ବାଧିକ ୭୦ ପ୍ରତିଶତ, ବିଜ୍ଞାନରେ ଇ-ଟେକ୍ ଆବିସିକ ମହାବିଦ୍ୟାଳୟ ଓ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଢେଙ୍କାନାଳରେ ବିଜ୍ଞାନରେ ୮୦ ପ୍ରତିଶତ ରହିଥିବାର ଜଣାପଡ଼ିଛି। ସେହିପରି ଗୁନେଇବିଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୩୩, ବିଜ୍ଞାନରେ ୪୦ ପ୍ରତିଶତ ରହିଥିବା ବେଳେ କୁରୁମଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୩୩, ସିମିନଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୪୩.୫୦, ବିଜ୍ଞାନରେ ୬୦ ପ୍ରତିଶତ, କୁଆଳୋ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୩୩, ଭୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୩୩, ବିଜ୍ଞାନରେ ୩୭.୫୦ ଓ ବାଣିଜ୍ୟରେ ୪୦.୬୭, ବଣସିଂହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୫୩, ବିଜ୍ଞାନରେ ୬୨.୬୭ ପ୍ରତିଶତ, ଗଡପଳାଶୁଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୪୩ ପ୍ରତିଶତ, ବିଜ୍ଞାନରେ ୩୬.୮୩%, ବାରିହାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୩୬.୩୩ ପ୍ରତିଶତ, ବେଲଟିକିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୪୧.୫୦ ପ୍ରତିଶତ, ଭୁବନ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୩୩, ବାଣିଜ୍ୟରେ ୩୩ ପ୍ରତିଶତ, ବିଆଇଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୩୬.୬୭ ପ୍ରତିଶତ, ବିରାଶାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୩୩, ବିଜ୍ଞାନ ୩୫.୮୩, ବାଣିଜ୍ୟରେ ୩୯.୬୭ ପ୍ରତିଶତ, ଭାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୪୭.୩୩, ବିଜ୍ଞାନରେ ୪୪.୬୭ ପ୍ରତିଶତ, ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୫୦.୬୭, ବିଜ୍ଞାନରେ ୩୩.୬୭ ପ୍ରତିଶତ ଓ ବାଣିଜ୍ୟରେ ୩୪.୪୦ ପ୍ରତିଶତ, ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୬୬.୬୭, ବିଜ୍ଞାନରେ ୮୦ ଓ ବାଣିଜ୍ୟରେ ୪୦.୩୩ ପ୍ରତିଶତ, ଇଟେକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୭୧.୩୩ ପ୍ରତିଶତ, ଇଟେକ ରେସିଡେନସିଆଲରେ ବ୍ଜିଜ୍ଞାନରେ ୮୦ ପ୍ରତିଶତ, ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୭୦, ବିଜ୍ଞାନରେ ୭୧.୬୭ ଓ ବାଣିଜ୍ୟରେ ୩୫.୩୩ ପ୍ରତିଶତ, ହିନ୍ଦୋଳ ଖଜୁରିଆକଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୫୬.୮୩, ବିଜ୍ଞାନରେ ୫୬.୮୩ ପ୍ରତିଶତ, ସାତମାଇଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୫୧.୮୩, ବିଜ୍ଞାନରେ ୩୩.୮୩ ପ୍ରତିଶତ, ଜିରାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୩୩, ବିଜ୍ଞାନରେ ୩୪ ଓ ବାଣିଜ୍ୟରେ ୩୪.୬୭ ପ୍ରତିଶତ, କାମାକ୍ଷାନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୫୨.୫, ବିଜ୍ଞାନରେ ୪୩.୧୭ ଓ ବାଣିଜ୍ୟରେ ୬୨.୬୭ ପ୍ରତିଶତ, କଙ୍କଡାହାଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୫୦ପ୍ରତିଶତ, କପିଳାସ ଗଁଦିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୪୩.୬୭, ବିଜ୍ଞାନରେ ୩୫.୧୭ ପ୍ରତିଶତ, ଖଡଗପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୩୩.୫୦ ପ୍ରତିଶତ, ଖାରବେଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୪୪ ପ୍ରତିଶତ, ରାସୋଳ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୪୮.୧୭ ପ୍ରତିଶତ, ଯୋରନ୍ଦା ମହିମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୫୨.୬୭, ବିଜ୍ଞାନରେ ୪୪ ପ୍ରତିଶତ, ମଠକରଗୋଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୪୦, ବିଜ୍ଞାନରେ ୬୩ ଓ ବାଣିଜ୍ୟରେ ୩୩.୩୩ ପ୍ରତିଶତ, ନୂଆହତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୩୩ ପ୍ରତିଶତ, ହିନ୍ଦୋରୋଡ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୪୮, ବିଜ୍ଞାନରେ ୬୦ ପ୍ରତିଶତ, ମହାବିରୋଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୩୬.୧୭, ବିଜ୍ଞାନରେ ୩୩ ପ୍ରତିଶତ, ଗେଙ୍ଗୁଟିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୩୩ ପ୍ରତିଶତ, ପାଇକପୁରୁଣାକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୪୬.୬୭ ପ୍ରତିଶତ, ପାରିମାଳ ପଣ୍ଡୁଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୩୨, ବିଜ୍ଞାନରେ ୪୨.୫ ଓ ବାଣିଜ୍ୟରେ ୩୩ ପ୍ରତିଶତ, ପରଜଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୫୩, ବିଜ୍ଞାନରେ ୩୩ ଓ ବାଣିଜ୍ୟରେ ୩୩ପ୍ରତିଶତ, ରିଜିଓନାଲ ହିନ୍ଦୋଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୪୪.୧୭, ବିଜ୍ଞାନରେ ୬୦ ଓ ବାଣିଜ୍ୟରେ ୩୪.୧୭ ପ୍ରତିଶତ, ସାଆନ୍ଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୩୩, ବିଜ୍ଞାନରେ ୩୩.୮୦ ଓ ବାଣିଜ୍ୟରେ ୩୪.୬୭ ପ୍ରତିଶତ, ଇନ୍ଦିପୁର ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୫୨.୩୩, ବିଜ୍ଞାନରେ ୭୦ ପ୍ରତିଶତ, ସାଇକୃପା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୪୨.୬୭ ପ୍ରତିଶତ, ସତ୍ୟମ ସୁନ୍ଦରମ ଗଉଡକାଟେଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୪୦.୬୭, ବିଜ୍ଞାନରେ ୪୦.୧୭ ପ୍ରତିଶତ, ପିଙ୍ଗୁଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୩୭.୧୭ ପ୍ରତିଶତ, ବାରୁଆଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୩୩ ପ୍ରତିଶତ, ଷଡଙ୍ଗୀ ଶ୍ରୀଧରସ୍ୱାମୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୩୩, ବିଜ୍ଞାନରେ ୪୦ ପ୍ରତିଶତ କଟଅଫ ମାର୍କ ରହିଛି। ଯେଉଁ ଛାତ୍ରଛାତ୍ରୀ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ସେହି ବିଦ୍ୟାଳୟରେ ନାମ ଲେଖାଇବାକୁ ବାଧ ବୋଲି ସରକାରଙ୍କ ତରଫରୁ ପ୍ରକାଶ। ଏହି ନାମଲେଖା ଜୁଲାଇ ୯ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି।

**ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନର ଅଗ୍ରଗତି**

## ଏଜିଙ୍କୁ ଭେଟିଲେ ସାମ୍ବାଦିକ

ଢେଙ୍କାନାଳ,୮ ।୭(ସମିସ): ଢେଙ୍କାନାଳ ପୌରାଞ୍ଚଳ ଅନ୍ତର୍ଗତ ୩ ନମ୍ବର ୱାର୍ଡରେ ଥିବା ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନର ଅଗ୍ରଗତି ନେଇ ଦିଲ୍ଲୀରେ କିଛି ଓଡ଼ିଆ ସାମ୍ବାଦିକ ଓଡ଼ିଶାର ଆଡ୍‌ଭୋକେଟ



ଜେନେରାଲ (ଏଜି) ପୀତାମ୍ବର ଆଚାର୍ଯ୍ୟଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଜଣେ ବ୍ୟକ୍ତି ଶିଶୁ ଉଦ୍ୟାନ ପାଶ୍ୱର୍ରେ ଘର କରିଛନ୍ତି। ମ୍ୟୁନିସିପାଲିଟି ତରଫରୁ ପ୍ରାଚୀର ନିର୍ମାଣ କରାଯାଉଥିବା ବେଳେ ସେ ଅଦାଲତର ଆଶ୍ରୟ ନେଇଥିବା କହିବା ସହ ପାଚେରି ନିର୍ମାଣ କାର୍ଯ୍ୟ ହେଇପାରିବ ନାହିଁ ବୋଲି ଅଭିଯୋଗ କରିଛନ୍ତି। ନିୟମ ଅନୁସାରେ ସରକାରୀ ପାର୍କ ଜମିରେ କୌଣସି ପ୍ରକାର ଇନଜକସନ ମଧ୍ୟ ସିଭିଲ କୋର୍ଟ ତରଫରୁ ଦିଆଯାଇପାରିବ ନାହିଁ। ଯଦି କୌଣସି ବ୍ୟକ୍ତି ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରେ ଅବା ବିଳମ୍ବ କରେଇବାକୁ ଚେଷ୍ଟା କରେ ତେବେ ଆଇନ ଅନୁଯାୟୀ ଦଣ୍ଡିତ ହେବେ। କିନ୍ତୁ ସମ୍ପୃକ୍ତ ବ୍ୟକ୍ତି ଜଣକ କୌଣସି ଆଇନକାନୁନକୁ ଖାତିର ନ କରି ନିଜ ଜିଦ୍‌ରେ ଅଡ଼ିବସିଛନ୍ତି ବୋଲି ସାମ୍ବାଦିକମାନେ ଏଜିଙ୍କୁ ଅବଗତ କରିଥିଲେ।

ଏଜି ଆଚାର୍ଯ୍ୟ ସବୁ ଶୁଣିଲା ପରେ କହିଛନ୍ତି, ସରକାରୀ ପାର୍କ ଜମି ଭିତର ଦେଇ କେହି ରାସ୍ତା ନିର୍ମାଣ କରିପାରିବେ ନାହିଁ। ସବୁକିଛି ଆଇନ ଅନୁଯାୟୀ ସ୍ୱୀକୃତି ପାଇଲା ପରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥାଏ ଓ କାମ ଆରମ୍ଭ ହୋଇଥାଏ। ସରକାରୀ ଜମି ଯେବେ ଉନ୍ନୟନ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ହୋଇ ସେଥିରେ କାମ ଆରମ୍ଭ ହୁଏ ତା' ପରେ କୌଣସି ସିଭିଲ କୋର୍ଟରୁ କୌଣସି ପ୍ରକାରର ରହିତାଦେଶ କିମ୍ବା ଇନଜକସନର ପ୍ରଶ୍ନଉଠୁ ନାହିଁ। ଯଦି ସେ ବ୍ୟକ୍ତି କହୁଛନ୍ତି ତାଙ୍କ ପାଖରେ ରହିତାଦେଶ କିମ୍ବା ଇନଜକସନ ଅଛି ସେ ଦେଖାନ୍ତୁ। ଯଦି ମିଛ କହି ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ତେବେ ଅଞ୍ଚଳବାସୀ ଅଦାଲତ ଓ ଜିଲ୍ଲାପାଳଙ୍କୁ ଜଣାଇବାକୁ କହିଥିଲେ।

ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ପାର୍କ ପାଇଁ ଆଉ ୧୩ ଲକ୍ଷ ଟଙ୍କା ମଞ୍ଜୁର ହେଇଛି ବୋଲି ପୌରାଧକ୍ଷା ଜୟନ୍ତୀ ପାତ୍ର ପ୍ରକାଶ କରିଛନ୍ତି। ଯଥାଶୀଘ୍ର ପାର୍କ ପାଚେରି ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଞ୍ଚଳବାସୀ ସମାଜସେବୀ ରାମଚନ୍ଦ୍ର ପାତ୍ରଙ୍କୁ ଭେଟି କାର୍ଯ୍ୟ ଶୀଘ୍ର ସାରିବାକୁ କହିଛନ୍ତି। ସମାଜସେବୀ ପାତ୍ର ଅଞ୍ଚଳବାସୀଙ୍କୁ ଆଶ୍ୱାସନା ଦେବା ସହ ଯିଏ ଜବରଦସ୍ତ ରାସ୍ତା ନେବାକୁ ଚାହିଁବ ବା ଅଦାଲତ ନାମରେ ମିଛ ଧମକ ଦେବ ଓ ସରକାରୀ କାମରେ ବାଧା ଦେବ ଆମେ ତା' ବିରୋଧରେ ଅଦାଲତ ଓ ପୁଲିସ ପ୍ରଶାସନର ସାହାଯ୍ୟ ନେବୁ, କିନ୍ତୁ ଲୋକଙ୍କ କାମ ରୋକାଯିବ ନାହିଁ ବୋଲି ପ୍ରକାଶ କରିଛନ୍ତି।

## ଲୁଟେରା ଗ୍ୟାଙ୍ଗ୍‌ର ୫ ନାବାଳକଙ୍କୁ ଧରିଲା ପୁଲିସ

**୫ ବାଇକ୍, ୯ ମୋବାଇଲ୍ ଜବତ**

ଢେଙ୍କାନାଳ,୮ ।୭(ସମିସ): ଢେଙ୍କାନାଳ ସହରରେ ଗତ କିଛିମାସ ହେବ ବିଭିନ୍ନ ଲୁଟ୍ ଘଟଣାରେ ସମ୍ପୃକ୍ତି ଥିବା ୫ ନାବାଳକକୁ ପୁଲିସ ଧରିବାରେ ସଫଳ ହୋଇଛି। ସେମାନଙ୍କଠାରୁ ଚୋରି ସାମଗ୍ରୀ କିଣିଥିବା ଅଭିଯୋଗରେ ସ୍ଥାନୀୟ ଟାଉନ ପ୍ଲାନିଂ ଅଞ୍ଚଳର ସଞ୍ଜୀବ ଦାସ (୩୧)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସ୍ଥାନୀୟ ୪ନଂ ୱାର୍ଡ ଅଞ୍ଚଳରୁ ଜଣେ ମହିଳାଙ୍କଠାରୁ ମୋବାଇଲ ଓ ପର୍ସ ଲୁଟ୍



ଘଟଣାରେ ଏହି ନାବାଳକମାନଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ଗତ ୨ ତାରିଖ ରୁଜୁ ହୋଇଥିବା ଏକ ଛିନତାଇ ମାମଲାର ତଦନ୍ତ ବେଳେ ସିସିଟିଭି ଫୁଟେଜ୍, ବୈଜ୍ଞାନିକ ପ୍ରମାଣ ଓ ତଦନ୍ତକୁ ନେଇ ଏହି ଲୁଟେରା ଗ୍ୟାଙ୍ଗକୁ ପୁଲିସ ଠାବ କରିଥିଲା। ପଚରାଉଚରା ବେଳେ ସେମାନେ ସହରର ବିଭିନ୍ନ ସ୍ଥାନରେ ଘଟିଥିବା ଏକାଧିକ ଛିନତାଇ ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ। ପୁଲିସ ସେମାନଙ୍କଠାରୁ ୫ଟି ବାଇକ୍, ୯ଟି ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍, ଏକ ଖେଳନା ବନ୍ଧୁକ, ଏକ ଭ୍ୟାନିଟି ବ୍ୟାଗ୍, ଏକ ନମ୍ବର ପ୍ଲେଟ୍, ବ୍ୟାଙ୍କ ପାସବୁକ୍, ଏଟିଏମ୍ କାର୍ଡ, ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ ସମେତ ବିଭିନ୍ନ ସାମଗ୍ରୀ ଜବତ କରିଛି। ଅଭିଯୁକ୍ତ ନାବାଳକ ଥିବାରୁ ସେମାନଙ୍କୁ କିଶୋର ନ୍ୟାୟ ବୋର୍ଡରେ ହାଜର କରାଯିବା ସହ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଧୀରେନ କୁମାର ବେହେରା ସୂଚନା ଦେଇଛନ୍ତି।

## ବ୍ୟାଙ୍କରେ ଖାତାଖୋଲି ଠକେଇର ଶିକାର ହେଲେ ୪୪ ଶ୍ରମିକ

କାମାକ୍ଷାନଗର,୮ ।୭(ସମିସ): କମ୍ପାନୀରେ କାମ କରେଇଦେବା କହି ଶ୍ରମିକମାନଙ୍କ ନାମରେ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ପରେ ଠକେଇର ଶିକାର ହୋଇଛନ୍ତି କଙ୍କଡ଼ାହାଡ଼ ବ୍ଲକ ବିଭିନ୍ନ ଗ୍ରାମର ୪୪ ଶ୍ରମିକ। ଆକାଉଣ୍ଟରେ କୋଟିକୋଟି ଟଙ୍କା ନେଣଦେଣ ହୋଇଥିବା ନୋଟିସ ପାଇବା ପରେ କାମାକ୍ଷାନଗର ଏସଡିପିଓଙ୍କୁ ଭେଟି ଅଭିଯୋଗ କରିଛନ୍ତି। କଙ୍କଡ଼ାହାଡ଼ ବ୍ଲକ ବାଲିକୁମା, ପଳାସଟାଙ୍ଗି, ଜିରୋସାହି, ତାରିଣୀପଶି, ଧୂଳିଗୋଠ ଆଦି ଗ୍ରାମରୁ ୪୪ ଶ୍ରମିକଙ୍କ ଆକାଉଣ୍ଟରେ କୋଟିକୋଟି ଟଙ୍କା ନେଣଦେଣ ହୋଇଥିବା ଦେଖିବାକୁ ମିଳିଛି।



କଟକ ଜିଲ୍ଲାରେ ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରେଇଦେବାକୁ କହି ଦେବାଶିଷ ଦାସ ନାମକ ଜଣେ ବ୍ୟକ୍ତି ଏହି ୪୪ ଶ୍ରମିକଙ୍କ ନାମରେ ଢେଙ୍କାନାଳ ସହରରେ ଥିବା ଫେଡେରାଲ ବ୍ୟାଙ୍କରେ ୧୫୦୦ ଟଙ୍କା ଲେଖାଏ ଜମା କରି ଆକାଉଣ୍ଟ ଖୋଲାଇଥିଲେ। ପରେ ତଞ୍ଚକତା କରି ଶ୍ରମିକମାନଙ୍କ ବ୍ୟାଙ୍କ ପାସବୁକ ମଧ୍ୟ ନେଇଯାଇଥିଲେ। ୨୦୨୩ରେ ଆକାଉଣ୍ଟ ଖୋଲାଯାଇଥିବା ବେଳେ କମ୍ପାନୀରେ ଚାକିରି ପ୍ରତିଶ୍ରୁତି ପାଇ ଶ୍ରମିକମାନେ ନିଜ ବ୍ୟାଙ୍କ ପାସବୁକ ଦେବାଶିଷଙ୍କୁ ଦେଇଥିଲେ। କିନ୍ତୁ ପରେ ଦେବାଶିଷଙ୍କ ସହ ଶ୍ରମିକମାନଙ୍କର କୌଣସି ଯୋଗାଯୋଗ ହୋଇପାରି ନ ଥିଲା। ତିନିବର୍ଷ ପରେ ଆକାଉଣ୍ଟ ଖୋଲିଥିବା ଏହି ଶ୍ରମିକମାନଙ୍କ ପାଖକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ଥାନାରୁ ନୋଟିସ ଆସିଥିଲା। ଶ୍ରମିକମାନଙ୍କ ଆକାଉଣ୍ଟରୁ ଆଣ୍ଡାମାନ, ୟୁପି, କେରଳ, ପ୍ରଭୃତି ରାଜ୍ୟରୁ କୋଟିକୋଟି ଟଙ୍କା ନେଣଦେଣ ହୋଇଥିବା ନେଇ ନୋଟିସ ଆସିଥିଲା। ନୋଟିସ ପାଇବା ପରେ ଶ୍ରମିକମାନେ ଠକେଇର ଶିକାର ହୋଇଥିବା ଜାଣି ବୁଧବାର କାମାକ୍ଷାନଗର ଏସଡ଼ିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଛନ୍ତି। ସେମାନଙ୍କ

**ରାଜ୍ୟ ତଥା ରାଜ୍ୟ ବାହାରୁ ଆକାଉଣ୍ଟରେ ହୋଇଛି କୋଟିକୋଟି ଟଙ୍କା ନେଣଦେଣ**

**ନୋଟିସ ଆସିବା ପରେ ଏସ୍‌ଡିପିଓଙ୍କୁ ଅଭିଯୋଗ କଲେ ଶ୍ରମିକ**

ଅଜାଣତରେ କିପରି ଆକାଉଣ୍ଟରେ କୋଟିକୋଟି ଟଙ୍କା ନେଣଦେଣ ହୋଇଛି ତାହାର ତଦନ୍ତ କରିବା ପାଇଁ ସେମାନେ ଦାବି କରିଛନ୍ତି। ପୁଲିସ ତଦନ୍ତ ଆରମ୍ଭ କରିଥିବା ଏସଡିପିଓ ଚିତ୍ତରଞ୍ଜନ ବେହେରା କହିଛନ୍ତି।

## ହିନ୍ଦୋଳ ବସଷ୍ଟାଣ୍ଡକୁ ଯାଉନି ବସ୍; ଯାତ୍ରୀ ହନ୍ତସନ୍ତ

ଖଜୁରିଆକଟା,୮ ।୭(ସମିସ): ହିନ୍ଦୋଳ ଉପଖଣ୍ଡରେ ବସ୍ କର୍ମଚାରୀଙ୍କ ମନମାନି ଯୋଗୁଁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହିନ୍ଦୋଳ ଦେଇ ସମ୍ବଲପୁର, ଅନୁଗୋଳରୁ କଟକ, ଭୁବନେଶ୍ୱର, ନରସିଂହପୁର, ନୟାଗଡ଼ ଆଦି ବିଭିନ୍ନ ସ୍ଥାନକୁ ଅନେକ ବସ ଚଳାଚଳ କରୁଥିଲେ ହେଁ ଅନେକ ବସ ସିଧା ସିଧା ଅନୁଗୋଳ ମହୀଧରପୁର ସାତମାଇଲ ଦେଇ ସହର ବାହାରେ ପଳାଇଯାଉଥିବାରୁ ସଦରମହକୁମାବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଅନେକ ବସ ବସଷ୍ଟାଣ୍ଡ ଓ ହିନ୍ଦୋଳ ଏନଏସି ଧୂଳିଆମୁଣ୍ଡା ଛକକୁ ନ ଆସି ବାହାରେ ବାହାରେ ଚାଲିଯାଉଥିବାରୁ ଯାତ୍ରୀ, ମହିଳା, କଲେଜ ଛାତ୍ରଛାତ୍ରୀ ବାଧହୋଇ ଅସୁରକ୍ଷିତ ସ୍ଥାନରେ ଅପେକ୍ଷା କରୁଛନ୍ତି। ଏପରିକି ଜନବସତିଠାରୁ ୫ଶହ ମିଟର ଦୂରରେ ମଦଦୋକାନ ଖୋଲିବା ନିୟମ ଥିଲେ ହେଁ ହିନ୍ଦୋଳ ଏନଏସି ବସଷ୍ଟାଣ୍ଡ ଛକରେ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ଥିବାରୁ ଅସାମାଜିକଙ୍କ ଦୌରାତ୍ମ୍ୟ ରହୁଛି। ସେହି ସ୍ଥାନରେ ଯାତ୍ରୀ, ଛାତ୍ରଛାତ୍ରୀ ଅପେକ୍ଷା କରିବା ବିପଦପୂର୍ଣ୍ଣ ହୋଇଛି। ଏଠାରେ ସବୁ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ଥିବାରୁ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ପ୍ରଶାସନ ଓ ପୁଲିସ ନିକଟରେ ଉପଖଣ୍ଡବାସୀ ଦାବି କରିଛନ୍ତି।

## ଶିବିରରେ ୭୭ ୟୁନିଟ୍ ରକ୍ତ ସଂଗ୍ରହ

ଢେଙ୍କାନାଳ,୮ ।୭(ସମିସ): ସେଚ୍ଛାସେବୀ ଓ ସାଂସ୍କୃତିକ ଅନୁଷ୍ଠାନ ସୂର୍ଯ୍ୟାଲୋକ ଫାଉଣ୍ଡେସନ ଓ ଛାୟା ଟ୍ରେଡର୍ସ ପକ୍ଷରୁ ଓଡ଼ାପଡ଼ା ବ୍ଲକ୍ ନରେନ୍ଦ୍ରପୁରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୭୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ମୁଖ୍ୟଅତିଥି ଭାବେ କୁସୁପଡ଼ା ସରପଞ୍ଚ ଅନିତା ନାୟକ, ସମ୍ମାନିତ ଅତିଥି ଭାବେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ମୁଖ୍ୟ ସୌରଭ କୁମାର, ସାମ୍ବାଦିକ ଜୟନ୍ତ ନାଥ, ପର୍ବତାରୋହିଣୀ ବିଭାରାଣୀ ପାତ୍ର, ସମାଜସେବୀ ବିବେକାନନ୍ଦ ନାୟକ ପ୍ରମୁଖ ଯୋଗଦେଇଥିଲେ। ସୂର୍ଯ୍ୟାଲୋକ ଫାଉଣ୍ଡେସନ୍ ଅଧ୍ୟକ୍ଷ ଦୀପକ ରଞ୍ଜନ ମିଶ୍ର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସ୍ମିତା ପ୍ରିୟଦର୍ଶିନୀ ଷଡ଼ଙ୍ଗୀ ଓ ନିର୍ଦ୍ଦେଶିକା ଶୁଭଦର୍ଶିନୀ ପରିଡ଼ା ତଥା ଛାୟା ଟ୍ରେଡର୍ସ ମୁଖ୍ୟ ଚିତ୍ତରଞ୍ଜନ ନାଥ, ସୌମ୍ୟା ପ୍ରଶାନ୍ତି ନାଥ, ନୀତୀଶ ରଞ୍ଜନ ନାଥ, ଦୀପ୍ତିରଞ୍ଜନ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

## ଡିପିଏସ୍‌ରେ ଇନଭେଷ୍ଟିଚର ସେରିମୋନି

ଢେଙ୍କାନାଳ,୮ ।୭(ସମିସ): ସ୍ଥାନୀୟ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍) ପରିସରରେ ନୂତନ ଶିକ୍ଷାବର୍ଷ ଅବସରରେ ଇନଭେଷ୍ଟିଚର ସେରିମୋନି ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ୱିଙ୍ଗ କମାଣ୍ଡର ବିରଜା ଶଙ୍କର ସିଂହଦେଓ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସୁବ୍ରମଣ୍ୟ କୁମାର ଶ୍ରୀପଦ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଚାରିଟି ହାଉସ ଯଥା ବୋଷ, କଲାମ, ମେନନ, ରମନ ହାଉସର କ୍ୟାପ୍ଟେନ, ଭାଇସ କ୍ୟାପ୍ଟେନ, ସ୍ପୋର୍ଟସ କ୍ୟାପ୍ଟେନ, କଲ୍‌ଚରାଲ କ୍ୟାପଟେନ, ଭାଇସ କ୍ୟାପଟେନ, ଇଂରାଜୀ, ହିନ୍ଦୀ, ସଂସ୍କୃତ ଭାଷାର କ୍ୟାପଟେନ, ହେଡ୍ ବୟ, ହେଡ ଗାର୍ଲ ଆଦି ଅନ୍ୟୂନ ୬୦ ଛାତ୍ରଛାତ୍ରୀ ନେତାଙ୍କୁ ନିଜ କର୍ତ୍ତବ୍ୟ ପାଳନ କରିବାକୁ ଏକାଡେମୀ କୋଅର୍ଡିନେଟର ରାଜହଂସ ଶପଥପାଠ କରାଇଥିଲେ। ଆକ୍ଟିଭିଟି କୋଅର୍ଡିନେଟର ନୁସରତ ହାସମି, ବିଜ୍ଞାନ ଶିକ୍ଷକ ଅଭିଷେକ ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ପ୍ରୋ ଭାଇସ ଚେୟାରମ୍ୟାନ ବିନୋଦ




ଦାସ, ଡାଇରେକ୍ଟର ଡ. ଲଗ୍ନଜିତ ଦାସଙ୍କ ପରୋକ୍ଷ ତତ୍ତ୍ୱାବଧାନ ତଥା ବିଦ୍ୟାଳୟ ଅଧ୍ୟକ୍ଷ ସୁବ୍ରମଣ୍ୟ କୁମାର ଶ୍ରୀପଦ, ପ୍ରଶାସନିକ ଅଧିକାରୀ ମାନସ କୁମାର ସାହୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନ୍ୟମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ପାଳିତ

ଢେଙ୍କାନାଳ,୮ ।୭(ସମିସ): ସ୍ଥାନୀୟ ସାମାଜିକ ସାଂସ୍କୃତିକ ବିକାଶ ସଂଘ ଓ ମାଇଁ ଭାରତ ମିଳିତ ଆନୁକୂଲ୍ୟରେରେ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ଇ-ଟେକ୍ କଲେଜ ପରିସରରେ ପାଳିତ ହୋଇଛି। ଏଥିରେ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଆତ୍ମଜୀବନୀ ଓ ତାଙ୍କ ସଂଘର୍ଷର କାହାଣୀ ଉପରେ ଆଲୋଚନା ହୋଇଥିଲା। ଯୁବପିଢ଼ି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦିଆଯାଇଛି। କାର୍ଯ୍ୟକ୍ରମରେ ଇ-ଟେକ୍ କଲେଜର ପ୍ରଧାନଶିକ୍ଷକ ଜିତେନ୍ଦ୍ର ପଲେଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

# ଛତୁଚାଷ ମାଧ୍ୟମରେ ଗ୍ରାମୀଣ ମହିଳାଙ୍କ ସଶକ୍ତୀକରଣ

ଢେଙ୍କାନାଳ,୮ ।୭(ସମିସ)

ଢେଙ୍କାନାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଛତୁଚାଷକୁ କମ୍ ନିବେଶରେ ଅଧିକ ଲାଭଦାୟକ ଜୀବିକା ଭାବେ ପ୍ରୋତ୍ସାହିତ କରାଯାଇଛି। କମ୍ ଜମି, ସ୍ୱଳ୍ପ ଉତ୍ପାଦନ ଅବଧି ଏବଂ ସ୍ଥାନୀୟ ଧାନ ନଡ଼ାର ବ୍ୟବହାର ଯୋଗୁଁ ଏହି ଚାଷ ଗ୍ରାମାଞ୍ଚଳ ପାଇଁ ଏକ ଉପଯୁକ୍ତ ବିକଳ୍ପ ଭାବେ ପରିଗଣିତ ହୋଇଛି। ପରଜଙ୍ଗ, କାମାକ୍ଷାନଗର ଓ ଗଁଦିଆ ବ୍ଲକର ଅନୁକୂଳ କୃଷି ଜଳବାୟୁ ଛତୁଚାଷ ପାଇଁ ବିପୁଳ ସମ୍ଭାବନା ସୃଷ୍ଟି କରିଛି। ଏହି ଜୀବିକା ସଚେତନତା ଅଭାବ, ବୈଷୟିକ ଜ୍ଞାନ, ଉନ୍ନତ ମାନର ସ୍ପନ୍ ଓ ବଜାର ସଂଯୋଗର ଅଭାବ ଏହାର ବିସ୍ତାରରେ ବାଧକ ଥିଲା। ଏହାକୁ ଦୂର କରିବା ପାଇଁ ଜିଲ୍ଲା ପ୍ରଶାସନ ପ୍ରଶିକ୍ଷଣ, ପ୍ରଦର୍ଶନୀ, ବୈଷୟିକ ସହାୟତା, ଉନ୍ନତମାନର ସାମଗ୍ରୀ ଯୋଗାଣ ଏବଂ ବଜାର ସଂଯୋଗ ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ଉଦ୍ୟାନ କୃଷି ବିଭାଗ ଓ ଓଡ଼ିଶା ଜୀବିକା ମିଶନ ମିଳିତ ପ୍ରୟାସରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଛତୁଚାଷ ପ୍ରତି ଆକୃଷ୍ଟ କରାଯାଇଛି। ଓଏଲଏମ ପକ୍ଷରୁ ସଚେତନତା ସୃଷ୍ଟି, ସମୁଦାୟ ସହାୟକ



କର୍ମୀ ଓ କୃଷିମିତ୍ରଙ୍କ ମାଧ୍ୟମରେ ନିରନ୍ତର ସହଯୋଗ ପ୍ରଦାନ କରାଯାଉଥିବାବେଳେ, ଉଦ୍ୟାନ କୃଷି ବିଭାଗ ବୈଜ୍ଞାନିକ ପଦ୍ଧତିରେ ଛତୁଚାଷ ସମ୍ପର୍କିତ ପ୍ରଶିକ୍ଷଣ ଯୋଗାଇଛି। ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ କମ୍ୟୁନିଟି ଇନଭେଷ୍ଟମେଣ୍ଟ ଫଣ୍ଡ, ରିଭଲଭିଂ ଫଣ୍ଡ, ଭଲନେରାବିଲିଟି ରିଡକ୍ସନ୍ ଫଣ୍ଡ ସହ ବ୍ୟାଙ୍କ ଋଣ ସଂଯୋଗ ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହା ଫଳରେ ଛତୁ ସ୍ପନ୍, ର୍ୟାକ୍ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ କ୍ରୟ କରି ମହିଳାମାନେ ସଫଳ ଉଦ୍ୟୋଗୀ ଭାବେ ଗଡ଼ିଉଠୁଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଧାନ ନଡ଼ା ଛତୁ ଚାଷରେ ନିୟୋଜିତ ପରିବାର ସଂଖ୍ୟା ୩୦ରୁ ବୃଦ୍ଧି ପାଇ ୮୮୦ରେ ପହଞ୍ଚିଥିବାବେଳେ, ୪ଟି ପ୍ରଡ୍ୟୁସର ଗ୍ରୁପ୍ ଓ ୧୧୧ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏହି କାର୍ଯ୍ୟରେ ସାମିଲ ହୋଇଛନ୍ତି। ବାର୍ଷିକ ଛତୁ ଉତ୍ପାଦନ ୧୨ କ୍ୱିଣ୍ଟାଲରୁ ବୃଦ୍ଧି ପାଇ ୩୩୦ କ୍ୱିଣ୍ଟାଲରେ ପହଞ୍ଚିଛି। ବୃହତ୍ ଚାଷୀମାନେ ୧୫୦୦ରୁ ୩୦୦୦ ବେଡ୍ ବିଶିଷ୍ଟ ଚାଷ ପ୍ରଣାଳୀ ଅବଲମ୍ବନ କରି ବାର୍ଷିକ ପ୍ରାୟ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଆୟ କରୁଥିବାବେଳେ, କ୍ଷୁଦ୍ର ଚାଷୀମାନେ ୩୦ରୁ ୫୦ ବେଡ୍ ଚାଷ ମାଧ୍ୟମରେ ବାର୍ଷିକ ପ୍ରାୟ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଆୟ କରୁଛନ୍ତି। ଭବିଷ୍ୟତରେ ଛତୁ ଆଚାର, ସୁପ୍ ପାଉଡର, ଶୁଖିଲା ଛତୁ, ପାପଡ଼, ବିସ୍କୁଟ୍, ସ୍ନାକ୍ସ ଓ ରେଡି-ଟୁ-କୁକ୍ ଉତ୍ପାଦ ଭଳି ମୂଲ୍ୟଯୁକ୍ତ ଉତ୍ପାଦ ବିକାଶ କରିବା ସହ କୋଲ୍ଡ ଷ୍ଟୋରେଜ୍ ସୁବିଧା ସୃଷ୍ଟି କରି ଅମଳ ପରବର୍ତ୍ତୀ କ୍ଷତି ହ୍ରାସ ଏବଂ ଛତୁର ସଂରକ୍ଷଣ ସମୟ ବୃଦ୍ଧି କରିବାର ଯୋଜନା ରହିଛି। ଛତୁ ଚାଷକୁ ଆଧାର କରି ଢେଙ୍କାନାଳ ଜିଲ୍ଲାରେ ଏକ ସ୍ଥାୟୀ ଓ ଲାଭଜନକ ଜୀବିକା ମଡେଲ୍ ଗଢ଼ିଉଠିଛି। ଏହି ପଦକ୍ଷେପ ଗ୍ରାମୀଣ ମହିଳାଙ୍କ ଆର୍ଥିକ ସଶକ୍ତିକରଣ, ପରିବାରର ଆୟ ବୃଦ୍ଧି ଏବଂ ସମାବେଶୀ ଗ୍ରାମୀଣ ବିକାଶରେ ଏକ ସଫଳ ଦୃଷ୍ଟାନ୍ତ ସୃଷ୍ଟି କରିଛି।

## ନିମ୍ନମାନର କାମ; ଧସିଲା ରାସ୍ତା



ଗଁଦିଆ,୮ ।୭(ସମିସ): ଗଁଦିଆ ବ୍ଲକ ଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାକାମ ନିମ୍ନମାନର ହୋଇଥିବାରୁ ନିକଟରେ ହୋଇଥିବା ବର୍ଷାରେ ଧନିଆନାଳୀଠାରେ ରାସ୍ତା ଧସିଯାଇଛି। ମାତ୍ର ଗୋଟିଏ ମାସରେ ରାସ୍ତା ଫାଟି ଆଁ କରିଛି। ନବନିର୍ମିତ ଉଚ୍ଚସ୍ତରୀୟ ସେତୁକୁ ସଂଯୋଗ କରିଥିବା ଏହି ରାସ୍ତା ଫାଟିଯିବା ସହ କଡ଼ରେ ବିଛାଯାଇଥିବା ପିଚ୍ଛୁ ଉଠିଯିବା ଫଳରେ ବର୍ତ୍ତମାନ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ପୂର୍ତ୍ତ ବିଭାଗ ତୁରନ୍ତ ଉକ୍ତ ରାସ୍ତାର ପୁନଃନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

## ସାପକାମୁଡ଼ାରେ ଚାଷୀ ମୃତ

ଭୁବନ,୮ ।୭(ସମିସ): ଧାନବିଲକୁ ତଳି ରୋଇବାକୁ ଯାଇ ସାପ କାମୁଡାରେ ଚାଷୀ ମୃତ। ମୃତକ ଚାଷୀ ହେଲେ ଭୁବନ ଥାନା ଅନ୍ତର୍ଗତ ଭୁଷଳ ପଞ୍ଚାୟତ ଅସୁରବନ୍ଧ ଗ୍ରାମ ଦେହୁରୀ ସାହିର ସୁଧାକର ଦେହୁରୀ। ସୁଧାକରଙ୍କୁ ପରିବାର ଲୋକ ଧାନବିଲ ରୁ ଆଣି ଭୁବନ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ। ହେଲେ ସୁଧାକରଙ୍କ ଅବସ୍ଥା ଗୁରୁତର ଥିବାରୁ ଇଞ୍ଜେକସନ ଦେବାପରେ ଡାକ୍ତର କଟକ ବଡ ଡାକ୍ତରଖାନାକୁ ଅଧିକ ଚିକିତ୍ସା ପାଇଁ ପଠାଇଥିଲେ। କିନ୍ତୁ କଟକ ଯିବା ରାସ୍ତାରେ ସୁଧାକରଙ୍କ ମୃତ୍ୟୁ ଘଟିଥିବା ବେଳେ ଭୁବନ ଥାନା ପକ୍ଷରୁ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି।

# କୁଡୁମି ସେନାର ସାରସକଣା ବ୍ଲକ୍ ଘେରାଉ; ପ୍ରତିବାଦ ସଭା

## କୁଡୁମି ଭବନ ଉଦ୍‌ଘାଟନକୁ ନେଇ ବିବାଦ, ବିଧାୟକଙ୍କୁ ଚେତାବନୀ




ସାରସକଣା,୮।୭(ସମିସ): ସାରସକଣା କୁଡୁମି ସମାଜକୁ ଅଣଦେଖା କରାଯାଇଥିବା ଅଭିଯୋଗ ଆଣି ବ୍ଲକ୍ ଘେରଉ କରିଛି ଓଡ଼ିଶା କୁଡୁମି ସେନା ସଂଘ। କିଛିଦିନ ପୂର୍ବରୁ ସାରସକଣା ବ୍ଲକ୍ ଅନ୍ତର୍ଗତ ବଡ଼ଚାଟରା ପଡ଼ିଆରେ ଓଡ଼ିଶା ସରକାରଙ୍କ “ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅବସରରେ ନବନିର୍ମିତ କୁଡୁମି ଭବନର ଉଦ୍‌ଘାଟନ କରିଥିଲେ ସାରସକଣା ବିଧାୟକ ଭାଦବ ହାଁସଦା। ତେବେ ଉଦ୍‌ଘାଟନ ସମୟରେ କୁଡୁମି ସମାଜର ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ସଂଗଠନର କର୍ମକର୍ତ୍ତାଙ୍କୁ ନିମନ୍ତ୍ରଣ କରାଯାଇନଥିବା ଅଭିଯୋଗ ହୋଇଛି। ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରାଯାଇନଥିବା ଏବଂ ସମାଜର ପରମ୍ପରା ଅନୁଯାୟୀ ଗୋରମ୍ ଠାକୁରଙ୍କ ପୂଜା ନକରି ଭବନ ଉଦ୍‌ଘାଟନ କରାଯାଇଥିବା ଅଭିଯୋଗ କରିଛି ଓଡ଼ିଶା କୁଡୁମି ସେନା। ବିଜେଡି ସରକାର ସମୟରେ ରାଜ୍ୟସଭା ସାଂସଦ ମମତା ମାହାନ୍ତ ବିଜେପିରେ ମିଶିଥିଲେ। ପୁଣି ରାଜ୍ୟସଭା ଯିବା ନେଇ ଆଲୋଚନା ହେଇଥିଲା। ବିଜେପି ତାଙ୍କୁ ଶେଷ ସମୟରେ ରାଜ୍ୟସଭା ଟିକେଟ ଦେଇନଥିଲା। ବିଗତ ବିଜେଡି ସରକାର ସମୟରେ ସାଂସଦ ମମତା ମାହାନ୍ତ ତରଫରୁ କୁଡୁମୀ ସମାଜ ପାଇଁ ଏକ କୁଡୁମୀ ଭବନ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହେଇଥିଲା। ତହା ସାରସକଣା ବ୍ଲକ୍ ଅନ୍ତର୍ଗତ ବଡ଼ଚାଟାରା ପାଡିଆରେ ହେବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ବିଜେପି ସରକାର ସମୟରେ ଉଦ୍‌ଘାଟନ ହୋଇଥିଲେ ମଧ୍ୟ ତାଙ୍କୁ ନିମନ୍ତ୍ରଣ କରାଯାଇନଥିଲା। ସେ ଯେ ହେତୁ ସ୍ଥାନୀୟ ନାରୀ ନେତ୍ରୀ ତାଙ୍କ ଘର ସାରସକଣା ବ୍ଲକ୍‌ରେ, ଏପରିକି ସେ ମଧ୍ୟ କୁଡୁମି ସମାଜର, ତାଙ୍କୁ ନିମନ୍ତ୍ରଣ କରାଯିବା କଥା, ହେଲେ ତାହା ହୋଇନଥିବାରୁ ସମାଜ ଏହାର ପ୍ରତିବାଦ କରିଛି।

ଏହି ପରିପ୍ରେକ୍ଷୀରେ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ସାରସକଣା ଜଗନ୍ନାଥ ମନ୍ଦିର ଠାରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରତିବାଦକାରୀମାନେ ଅଭିଯୋଗ କରିଥିଲେ ଯେ, ସରକାରୀ କାର୍ଯ୍ୟକ୍ରମ ନାମରେ କୁଡୁମୀ ସମାଜର ସ୍ୱାଭିମାନ ଓ ପରମ୍ପରାକୁ ଅଣଦେଖା କରାଯାଇଛି। କୁଡୁମୀ ଭବନ କେବଳ ଏକ ସରକାରୀ ପ୍ରକଳ୍ପ ନୁହେଁ, ବରଂ ଏହା କୁଡୁମି ସମାଜର ଅସ୍ମିତା, ପରମ୍ପରା ଓ ସାଂସ୍କୃତିକ ପରିଚୟର ପ୍ରତୀକ। ସେହି ଭବନର ଉଦ୍‌ଘାଟନ ସମୟରେ ସମାଜର ରୀତିନୀତିକୁ ଅବହେଳା କରିବା ସହ ସମାଜର ପ୍ରତିନିଧିଙ୍କୁ ନିମନ୍ତ୍ରଣ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସାରସକଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସ୍ଥାନୀୟ ବିଧାୟକ ସର୍ବସମ୍ମୁଖରେ ନିଜ ଭୁଲ ସ୍ୱୀକାର କରି କୁଡୁମୀ ସମାଜଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ। ଯଦି ଏହି ଦାବି ପୂରଣ ନହୁଏ, ତେବେ ଆଗାମୀ ଦିନରେ ବ୍ଲକ୍‌ରୁ ଜିଲ୍ଲା ଏବଂ ଜିଲ୍ଲାରୁ ରାଜ୍ୟ ପର୍ଯ୍ୟନ୍ତ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସଂଗଠନ ଚେତାବନୀ ଦେଇଛି। ଆବଶ୍ୟକ ପଡ଼ିଲେ ରାସ୍ତାରୋକ, ଧାରଣା, ଗଣବିକ୍ଷୋଭ ଓ ଅନ୍ୟାନ୍ୟ ଗଣତାନ୍ତ୍ରିକ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସେମାନେ କହିଛନ୍ତି। ସେମାନେ ସାରସକଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସ୍ଥାନୀୟ ବିଧାୟକଙ୍କ ବିରୋଧରେ ସ୍ଲୋଗାନ ଦେଇ ଏଭଳି ଘଟଣାର ନିନ୍ଦା କରିଥିଲେ। ବିଡିଓ ଅନୁପସ୍ଥିତ ଥିବାରୁ ବ୍ଲକ୍‌ର ବଡ଼ ବାବୁ ମିଳନ କୁମାର ରାୟଙ୍କୁ ଦାବିପତ୍ର ଦେଇଥିଲେ। ତେବେ ଏହି ଅଭିଯୋଗ ଉପରେ ବ୍ଲକ ପ୍ରଶାସନ କିମ୍ବା ବିଧାୟକଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ଘେରାଉରେ ସମାଜର ରାଜ୍ୟ ସଭାପତି ଦିବ୍ୟ ସିଂହ ମହାନ୍ତ, ଅମିତ୍ ମାହାତୋ, କ୍ରାନ୍ତିକାରୀ ଯୁବ ପ୍ରତିଭା ଝାରଖଣ୍ଡ, ଦୁର୍ଗା ଚରଣ ମହାନ୍ତ, ସାଧାରଣ ସମ୍ପାଦକ, ବିପିନ୍ ବିହାରୀ ମହାନ୍ତ ରାଜ୍ୟ ପ୍ରବକ୍ତା, ଫଣୁସ୍ ମହାନ୍ତ ଜିଲ୍ଲା ସଭାପତି, ଅଶେଷ କୁମାର ମହାନ୍ତ ସମ୍ପାଦକ, ହୀରାଲାଲ ମହାନ୍ତ, ଜିଲ୍ଲା ଉପ ସଭାପତି, ପୂର୍ଣ୍ଣିମା ମହାନ୍ତ ଜିଲ୍ଲା ମହିଳା ସଭାନେତ୍ରୀ, ପ୍ରତିଭା ମହାନ୍ତ ବାମନଘାଟି ସଭାନେତ୍ରୀ, ଆରତୀ ମହାନ୍ତ ବିଶୋଇ ବ୍ଲକ ମହିଳା ସଭାନେତ୍ରୀ, ନିରୁପମା ମହାନ୍ତ ମହିଳା ଉପ ସଭାନେତ୍ରୀ, ମାନସ ମହାନ୍ତ ସାରସକଣା ବ୍ଲକ୍ ସଭାପତି, କାର୍ତ୍ତିକ ମହାନ୍ତ ଉପ ସଭାପତି, ସତ୍ୟଜିତ ମହାନ୍ତ ଯୁବ ନେତା , ମନୋଜ ମହାନ୍ତ , ଘନଶ୍ୟାମ ମହାନ୍ତ, ବାସନ୍ତୀ ମହାନ୍ତ ମହିଳା ସଭାନେତ୍ରୀ ସାରସକଣା, ଅମିତ୍ କୁମାର ମହାନ୍ତ ସଭାପତି ରରୁଆଁ ବ୍ଲକ୍, ଚିନ୍ମୟ କୁମାର ମହାନ୍ତ ଯୁବ ସଭାପତି ଯଶୀପୁର ବ୍ଲକ୍ ପ୍ରମୁଖ ଯୋଗ ଦେଇଥିଲେ।

### ଗ୍ରାମାଞ୍ଚଳରେ ଆଧୁନିକ କାରିଗରୀ

## ଆଦୃତ ହେଉଛି ସୁଶାନ୍ତଙ୍କ ପଲିରେଜିନ୍ ମୂର୍ତ୍ତି






ଆନନ୍ଦପୁର, ୮।୭(ସମିସ): ମୁମ୍ବାଇରେ ତାଲିମ ପରେ ଦେବଦେବୀଙ୍କ ଆକର୍ଷଣୀୟ ପଲିରେଜିନ ମୂର୍ତ୍ତି ନିର୍ମାଣରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି କାରିଗର ସୁଶାନ୍ତ ମହାରଣା। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଆଗର୍ଦ୍ଦା ଗ୍ରାମର ଯୁବ କାରିଗର ସୁଶାନ୍ତ ନିଜର ନିଖୁଣ କାରିଗରୀ ପାଇଁ ଆଜି ବେଶ ଚର୍ଚ୍ଚିତ। ପଲିରେଜିନ ଓ ମାର୍ବଲ ଡଷ୍ଟ ବ୍ୟବହାର କରି ସେ ବିଭିନ୍ନ ଦେବଦେବୀଙ୍କ ସୁନ୍ଦର, ଆକର୍ଷଣୀୟ ଓ ଜୀବନ୍ତ ମୂର୍ତ୍ତି ନିର୍ମାଣ କରୁଛନ୍ତି। ତାଙ୍କ ହାତରେ ତିଆରି ହେଉଥିବା ଗଣେଶ, ଲକ୍ଷ୍ମୀ, ସରସ୍ୱତୀ, ଜଗନ୍ନାଥ, ଶିବ-ପାର୍ବତୀ ଓ ଅନ୍ୟାନ୍ୟ ଦେବଦେବୀଙ୍କ ମୂର୍ତ୍ତି ସୌନ୍ଦର୍ଯ୍ୟ ଓ କଳାନୈପୁଣ୍ୟ ପାଇଁ ଗ୍ରାହକଙ୍କ ମନ ଜିତୁଛି। ସୁଶାନ୍ତ ପ୍ରାୟ ଦୁଇ ବର୍ଷ ଧରି ମୁମ୍ବାଇରେ ପଲିରେଜିନ ମୂର୍ତ୍ତି ନିର୍ମାଣର ଉନ୍ନତ ତାଲିମ ଗ୍ରହଣ କରିଥିଲେ। ତାଲିମ ସମାପ୍ତ କରି ନିଜ ଗାଁକୁ ଫେରିବା ପରେ ସେ ଏହି କଳାକୁ ଜୀବିକାର ମାଧ୍ୟମ ଭାବେ ଗ୍ରହଣ କରିଥିଲେ। ନିଜର ଅକ୍ଳାନ୍ତ ପରିଶ୍ରମ, ନିଷ୍ଠା ଓ ସୃଜନଶୀଳତା ବଳରେ ସେ ଆଜି ଜଣେ ସଫଳ ପଲିରେଜିନ ମୂର୍ତ୍ତି କାରିଗର ଭାବେ ପରିଚିତ ହୋଇପାରିଛନ୍ତି। କେବଳ ନିଜେ ସ୍ୱାବଲମ୍ବୀ ହୋଇ ରହିନାହାନ୍ତି, ବରଂ ନିଜ କାରଖାନାରେ ପ୍ରାୟ ୮ରୁ ୧୦ ଜଣ ଯୁବକଙ୍କୁ ନିୟମିତ ରୋଜଗାରର ସୁଯୋଗ ମଧ୍ୟ ସୃଷ୍ଟି କରିଛନ୍ତି। ତାଙ୍କ ନିର୍ମିତ ରଙ୍ଗବେରଙ୍ଗର ଚିତ୍ତାକର୍ଷକ ମୂର୍ତ୍ତିଗୁଡ଼ିକ କେବଳ କେନ୍ଦୁଝରେ କିମ୍ବା ଓଡ଼ିଶାରେ ସୀମିତ ନୁହେଁ; ରାଜ୍ୟର ବିଭିନ୍ନ ସ୍ଥାନ ସହିତ ପଡ଼ୋଶୀ ରାଜ୍ୟରୁ ମଧ୍ୟ ତାଙ୍କ ପାଖକୁ କାମ ଆସୁଛି। ମୂର୍ତ୍ତିର ସୂକ୍ଷ୍ମ କାରୁକାର୍ଯ୍ୟ, ଆକର୍ଷଣୀୟ ରଙ୍ଗର ସମନ୍ୱୟ ଓ ଉତ୍ତମ ଗୁଣବତ୍ତା ପାଇଁ ତାଙ୍କ କଳାକୃତି ବେଶ ପ୍ରଶଂସିତ ହେଉଛି। ଗ୍ରାମାଞ୍ଚଳରେ ରହି ଆଧୁନିକ କାରିଗରୀକୁ ଆପଣାଇ ସ୍ୱାବଲମ୍ବନର ଏକ ସଫଳ ଦୃଷ୍ଟାନ୍ତ ପାଲଟିଛନ୍ତି ସୁଶାନ୍ତ। ସରକାରୀ ସହଯୋଗ ଓ ଉନ୍ନତ ବଜାର ସୁବିଧା ମିଳିଲେ ସେ ନିଜ ଶିଳ୍ପକୁ ଆହୁରି ବିସ୍ତାର କରି ଅଧିକ ଲୋକଙ୍କୁ ରୋଜଗାର ଯୋଗାଇବା ସହିତ ଓଡ଼ିଶାର ଏହି କଳାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାର ଆଶା ରଖିଛନ୍ତି।

## ତାଲା ଭାଙ୍ଗି ଘରୁ ଚୋରି

କୁଆମରା,୮।୭(ସମିସ): ଖୁଣ୍ଟା ଥାନା ଅଞ୍ଚଳରେ ପୁଣି ଚୋର ସକ୍ରିୟ ହୋଇ ଉଠିଛନ୍ତି। ସପ୍ତାହ ତଳେ ଦୁଇଟି ସ୍ଥାନରୁ ଚୋରି ହୋଇଥିବା ବେଳେ ପୁଣି ମଙ୍ଗଳବାର ରାତିରେ ଖୁଣ୍ଟାସ୍ଥିତ ଚତୁର୍ଶିଳା ଗ୍ରାମର ବିଦ୍ୟୁତ କାର୍ଯ୍ୟାଳୟ ପଛପଟେ ପ୍ରଶାନ୍ତ କୁମାର ବେହେରାଙ୍କ ଘରେ ଦୁର୍ବୃତ୍ତ ତାଲାକାଟି ଘର ମଧ୍ୟରେ ଥିବା ବିଭିନ୍ନ ସାମଗ୍ରୀ ଲୁଟ୍ କରି ନେଇଥିବା ନେଇ ଥାନା ରେ ଅଭିଯୋଗ ହୋଇଛି। ପ୍ରଶାନ୍ତ ଙ୍କ ଅଭିଯୋଗ କ୍ରମେ ୧୬୯/୨୬ ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଏ ଏସ୍ ଆଇ ରତିକାନ୍ତ ଦାସ ତଦନ୍ତ ଚଳାଇଛନ୍ତି।

## ସ୍କୁଲରେ ସାପକାମୁଡ଼ାରେ ଛାତ୍ର ଗୁରୁତର, ଉତ୍ତେଜନା

ବାରିପଦା,୮।୭(ସମିସ): ବାରିପଦା ମ୍ୟୁନସିପାଲିଟି ଅନ୍ତର୍ଗତ ଭୁଗୁଡ଼ାକୋଠା ଉପ୍ରା ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରକୁ ବିଦ୍ୟାଳୟ ବାରଣ୍ଡାରେ ସାପ କାମୁଡ଼ି ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଛାତ୍ର ଜଣଙ୍କ ସ୍ଥାନୀୟ ଜୟକୃଷ୍ଣ ଭୂଜବଳଙ୍କ ପୁଅ ସ୍ୱସ୍ତିକ(୧୨)। ବିଦ୍ୟାଳୟରେ ଆଜି ପୋଷାକ ବଣ୍ଟନ କାର୍ଯ୍ୟ ଚାଲିଥିବା ବେଳେ ସ୍ୱସ୍ତିକ ପୋଷାକ ନେଇ ଶ୍ରେଣୀ ଗୃହକୁ ଯିବା ସମୟରେ ବାରଣ୍ଡାରେ ଏକ ବୋଡ଼ା ସାପ ଉପରେ ପାଦ ପଡ଼ିଯିବାରୁ ସାପଟି କାମୁଡ଼ି ଦେଇଥିଲା। ପରେ ସେ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବା ବେଳେ ସେଠାରୁ ପିଆରଏମ୍ ଟିଚିଂ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବିଦ୍ୟାଳୟ ପରିସର ସଫାସୁତରା ହେଉନଥିବାରୁ ସାପଙ୍କ ବାସସ୍ଥଳୀ ପାଲଟିଛି। ପୂର୍ବରୁ ମଧ୍ୟ ବୋଡ଼ା ସାପ ଦେଖିବାକୁ ମିଳିଥିଲେ ହେଁ ପ୍ରଧାନ ଶିକ୍ଷୟିତ୍ରୀ ଗୁରୁତ୍ୱ ନଦେବା କାରଣରୁ ପୁଣି ଅଘଟଣ ଘଟିଥିବା ଅଭିଯୋଗ କରି ଅଭିଭାବକମାନେ ଉତ୍ତେଜିତ ହୋଇଥିଲେ। ରିପୋର୍ଟ ଲେଖା ଯିବା ବେଳକୁ ଛାତ୍ରଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ନହେବାରୁ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିବା କୁହାଯାଇଛି।

### ପ୍ରଶାସନିକ ଅବହେଳା ନା ରାଜନୈତିକ ଚାପ

## ପାଳନ ହୋଇନି ଆଦେଶ; ଅଟକିଛି ରିକଭରି

ବେତନଟୀ,୮।୭(ସମିସ): ମୟୂରଭଞ୍ଜ ଜିଲ୍ଲାର ଅଗ୍ରିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଏକ ବ୍ୟକ୍ତିଗତ ଫାର୍ମ ପଣ୍ଡ କାର୍ଯ୍ୟରେ ମେସିନ୍ ବ୍ୟବହାର, ଜାଲ୍ ମଷ୍ଟର ରୋଲ୍ ଏବଂ ନିୟମ ଉଲ୍ଲଙ୍ଘନ କରି ସରକାରୀ ଟଙ୍କା ଆତ୍ମସାତ ଅଭିଯୋଗରେ ଓମ୍ବୁଡସ୍ମର୍ସନ୍ (ଏମ୍‌ଜିଏନ୍‌ଆର୍‌ଇଜିଏ) ଦ୍ୱାରା ପ୍ରାୟ ଏକ ବର୍ଷ ପୂର୍ବେ ଦିଆ ହୋଇଥିବା ଆଦେଶ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ରିକଭରି ପାଇଁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ପ୍ରଶାସନିକ ସ୍ତରରେ କୌଣସି ସ୍ପଷ୍ଟ କାର୍ଯ୍ୟାନୁଷ୍ଠାନ ନ ହେବା ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ ଉଠୁଛି। ଓମ୍ବୁଡସ୍ମର୍ସନ୍ (ଏମ୍‌ଜିଏନ୍‌ଆର୍‌ଇଜିଏ), ମୟୂରଭଞ୍ଜଙ୍କ ଆଦେଶ ନମ୍ବର ୦୧/୨୦୨୫-୨୬ ଅନୁଯାୟୀ, ଏପ୍ରିଲ୍ ୮, ୨୦୨୫ ତାରିଖରେ ଦିଆ ହୋଇଥିଲା। ଏହି ଆଦେଶରେ ୱାଟରସେଡ୍ସ ପ୍ରୋଜେକ୍ଟ ଡାଇରେକ୍ଟର, ମୟୂରଭଞ୍ଜଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ କାର୍ଯ୍ୟ କୋଡ୍-୨୪୦୪୦୪୮/ଆଇଏଫ୍/୧୦୮୨୭୭୧୧ ଅନ୍ତର୍ଗତ ଫାର୍ମ ପଣ୍ଡ କାର୍ଯ୍ୟରେ ଅନିୟମିତତା ପାଇଁ ଖର୍ଚ୍ଚ ହୋଇଥିବା ୧,୩୬,୯୯୫ ଟଙ୍କା ସହିତ ଜଡିତ କର୍ମଚାରୀଙ୍କଠାରୁ ଆଦାୟ କରି ଏସ୍‌ଇଜିଏଫ୍ ଖାତାକୁ ଜମା କରିବା, ପ୍ରଭାବିତ ଜମିକୁ ପୂର୍ବ ଅବସ୍ଥାକୁ ଫେରାଇ ଆଣିବା ଏବଂ ଜଡ଼ିତ ଅଧିକାରୀ-କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା। ଏହି ସମସ୍ତ କାର୍ଯ୍ୟ ତିନି ମାସ ଭିତରେ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଭିଯୋଗକାରୀ ଶିଶିର କୁମାର ଦାଶ ଏବଂ ଲାଭାର୍ଥୀ ବିନୋଦ କୁମାର ଶର୍ମାଙ୍କ ଅଭିଯୋଗ ଅନୁଯାୟୀ, କାର୍ଯ୍ୟସ୍ଥଳରେ ସୂଚନା ଫଳକ ନ ଲଗାଇବା, ପ୍ରଥମ ଜିଓ-ଟ୍ୟାଗିଙ୍ଗ୍ ନ କରିବା, କୁଶଳୀ ଶ୍ରମିକ, ଅଣକୁଶଳୀ ଶ୍ରମିକଙ୍କ ପରିବର୍ତ୍ତେ ମେସିନ୍ (ଜେସିବି) ବ୍ୟବହାର ଏବଂ ଜାଲ୍ ମଷ୍ଟର ରୋଲ୍ ମାଧ୍ୟମରେ ଟଙ୍କା ବଣ୍ଟନ କରାଯାଇଥିଲା। ଓମ୍ବୁଡସ୍ମର୍ସନ୍‌ଙ୍କ ଫିଲ୍ଡ ଯାଞ୍ଚରେ ଶ୍ରମିକଙ୍କ ସ୍ୱାକ୍ଷର ଜାଲିଆତି, ଅନୁମୋଦିତ ନକ୍ସା ଅନୁଯାୟୀ ପୋଖରୀ ନ ଖୋଳାଯିବା ଏବଂ ମେସିନ୍ ବ୍ୟବହାରର ପ୍ରମାଣ ମିଳିଥିଲା। ଏହି ଆଦେଶ ପ୍ରିନ୍ସିପାଲ୍ ସେକ୍ରେଟାରୀ, ପିଆର୍ ଓ ଡବ୍ଲୁ ବିଭାଗ, କଲେକ୍ଟର-କମ୍-ଡିପିସି ଏବଂ ସିଡିଓ-କମ୍-ଇଓ, ଜିଲ୍ଲା ପରିଷଦଙ୍କୁ ମଧ୍ୟ ପଠାଯାଇଥିଲା। ତଥାପି ଜୁଲାଇ ୨୦୨୬ ପର୍ଯ୍ୟନ୍ତ ରିକଭରି କାର୍ଯ୍ୟ ଆରମ୍ଭ ହୋଇନଥିବା ସୂଚନା ମିଳୁଛି। ପ୍ରଶାସନିକ ସ୍ତରରେ କେତେକ ଅଧିକାରୀଙ୍କ ଅବହେଳା ଏବଂ ସ୍ଥାନୀୟ ବିଧାୟକଙ୍କ ସମ୍ଭାବ୍ୟ ଚାପ ଯୋଗୁଁ ଏହି ପ୍ରକ୍ରିୟା ବିଳମ୍ବିତ ହେଉଛି ବୋଲି ଅଭିଯୋଗ ହେଉଛି। ଲାଭାର୍ଥୀ ବିନୋଦ କୁମାର ଶର୍ମା ଏବଂ ଅନ୍ୟ ଅଭିଯୋଗକାରୀମାନେ ପୁନର୍ବାର ଅଧିକାରୀଙ୍କ ଦ୍ୱାରସ୍ଥ ହେବାକୁ ସଜବାଜ ହେଉଥିବା ଜଣାପଡ଼ିଛି। ଓମ୍ବୁଡସ୍ମର୍ସନ୍‌ଙ୍କ ଆଦେଶ କାର୍ଯ୍ୟକାରୀ ନ ହେବା କେବଳ ଏକ ବ୍ୟକ୍ତିଗତ ଘଟଣା ନୁହେଁ, ବରଂ ସରକାରୀ ଯୋଜନାର ସଫଳତା ଏବଂ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଉଛି ବୋଲି ଅଭିଯୋଗ ହେଉଛି।


OFFICE OF THE OMBUDSPERSON (MGNREGS), MAYURBHANJ

## ଲକ୍ଷାଧିକ ଟଙ୍କାର ଶାଳ ଗଣ୍ଡି ଜବତ

ତୁରୁମୁଙ୍ଗା, ୮।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡା ସେକ୍ସନ ମାଛଗଡ଼ ଅଞ୍ଚଳରୁ ବୁଧବାର ଅପରାହ୍ନରେ ଲକ୍ଷାଧିକ ଟଙ୍କାର ଶାଳ ଗଣ୍ଡିକୁ ବନ ବିଭାଗ ଜବତ କରିଛି। ମାଫିଆମାନେ ଗଛ କାଟି ଚାଲାଣ ପାଇଁ ରଖିଥିବା ସମୟରେ ବନ ବିଭାଗ ସୂଚନା ପାଇ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ବିପୁଳ ଶାଳ ଗଣ୍ଡିକୁ ବନ ବିଭାଗ ଜବତ କରି ବନ କାର୍ଯ୍ୟାଳୟକୁ ଆଣିଛି। ସାହାରପଡା ବନପାଳ ଶ୍ରୀମନ୍ତ ବେହେରା ସମେତ ବନ କର୍ମଚାରୀ ଓ ପାରା ଷ୍ଟାଫ ସାମିଲ ଥିଲେ।

### ରାସଗୋବିନ୍ଦପୁର ବ୍ଲକ ବିଜେଡିର କର୍ମଶାଳା

## ପ୍ରଶିକ୍ଷଣ ଶିବିରରେ ଏସ୍‌ଆଇଆର୍ ସଚେତନତା ଉପରେ ଗୁରୁତ୍ୱ



ରାସଗୋବିନ୍ଦପୁର,୮।୭(ସମିସ):-ଏସ୍‌ଆଇଆର୍ ସଂକ୍ରାନ୍ତରେ ରାସଗୋବିନ୍ଦପୁର ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ସାଇ କ୍ରିଷ୍ଣା କଲ୍ୟାଣ ମଣ୍ଡପରେ ଏକ ପ୍ରଶିକ୍ଷଣ ଶିବିର ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଜଗନ୍ନାଥ ଦାଶଙ୍କ ଆବାହକତ୍ୱରେ ଆୟୋଜିତ ଏହି ସଭାରେ ପୂର୍ବତନ ବିଧାୟକ ରାଜକିଶୋର ଦାସ ମୁଖ୍ୟ ଅତିଥି ଏବଂ ପୂର୍ବତନ ବିଧାୟିକା ପ୍ରାର୍ଥୀନୀ ପ୍ରୀତିନନ୍ଦା କାନୁନଗୋ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବକ୍ତାମାନେ ସମସ୍ତ ବୁଥ୍ ଏଜେଣ୍ଟଙ୍କୁ ପରସ୍ପର ସହଯୋଗ ଓ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏସ୍‌ଆଇଆର୍ ପ୍ରକ୍ରିୟା ସମୟରେ ଭୁଲ ସୂଚନା ଆଧାରରେ ଅନେକ ଯୋଗ୍ୟ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ ପଡ଼ିଥିବା ସୂଚନା ମିଳୁଥିବାରୁ ପ୍ରତ୍ୟେକ ବୁଥ୍ ସ୍ତରରେ ସତର୍କତାର ସହ କାର୍ଯ୍ୟ କରି ଯୋଗ୍ୟ ଭୋଟରଙ୍କ ଅଧିକାର ସୁରକ୍ଷିତ ରଖିବାକୁ ପରାମର୍ଶ ଦେଇଥିଲେ। ସଠିକ୍ ତଥ୍ୟ ସଂଗ୍ରହ, ଜନସଚେତନତା ଏବଂ ଭୋଟର ତାଲିକାରେ କୌଣସି ଯୋଗ୍ୟ ଭୋଟରଙ୍କ ନାମ ବାଦ ନ ପଡ଼ିବା ଦିଗରେ ସମସ୍ତ କର୍ମୀଙ୍କୁ ସକ୍ରିୟ ରହିବାକୁ ଆହ୍ୱାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ବହୁ ବୁଥ୍ ଏଜେଣ୍ଟ ଓ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିର ମାଧ୍ୟମରେ ବୁଥ୍ ଏଜେଣ୍ଟମାନଙ୍କୁ ଏସ୍‌ଆଇଆର୍ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଯାଇଥିଲା।

## ଦାମୋଦରପୁରରେ ଭଞ୍ଜସେନାର ମଶାଲ ଶୋଭାଯାତ୍ରା




ବାରିପଦା, ୮।୭(ସମିସ): ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦର ଉପଯୋଗରେ ମୟୂରଭଞ୍ଜ ବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟ ନେଇ ଲୋକଙ୍କ ମଧ୍ୟରେ ସଚେତନତା ଆଣିବା ସହିତ ସରକାରଙ୍କୁ ଅବଗତ କରାଇବା ନିମନ୍ତେ 'ଦାଦନ ହଟିବ, ମୟୂରଭଞ୍ଜ ହସିବ' ସ୍ଲୋଗାନ ନେଇ ଗତ ମାସ ୧୭ ତାରିଖରୁ ଜୁଲାଇ ୧୨ତାରିଖ ମଧ୍ୟରେ ଜିଲ୍ଲା ତମାମ(ସମସ୍ତ ବ୍ଲକ/ମ୍ୟୁନିସିପାଲଟି/ଏନ୍‌ଏସି) ପର୍ଯ୍ୟାୟ କ୍ରମେ ଭଞ୍ଜସେନା ପକ୍ଷରୁ ମଶାଲ ରାଲି ଆୟୋଜନ ଚାଲିଛି। କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ସଂଗଠନ ପକ୍ଷରୁ ବାରିପଦା ବ୍ଲକ୍‌ର ଦାମୋଦରପୁର ଠାରେ ଅନୁଷ୍ଠିତ ହୋଇଥିଲା। ଯୁବ ଉପସଭାପତି ଦେବାଶିଷ ଦାସଙ୍କ ନେତୃତ୍ୱରେ ଶତାଧିକ ଯୁବକ, ଛାତ୍ର, ମହିଳା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଭଞ୍ଜସେନାର ଜିଲ୍ଲା କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲଙ୍କ ସମେତ, କୃପାସିନ୍ଧୁ ସେନାପତି, ସଞ୍ଜୟ ବେହେରା, ମିଳନ ମହାନ୍ତି, ଚନ୍ଦ୍ରଶେଖର ବାଗ, ମନୁ ମାଣ, ଏସ କେ ସାଜିଦ, ବିଶ୍ୱଜିତ ବିଶ୍ୱାଳ ପ୍ରମୁଖ ଯୋଗଦାନ କରିଥିଲେ।

## ବ୍ୟାଟେରୀ ଚୋର କୋର୍ଟ ଚାଲାଣ



ବଡ଼ସାହି,୮।୭(ସମିସ): ବଡ଼ସାହି ଥାନା ଅଧୀନ ବାଲିଯୋଡା ଛକ ନିକଟରେ ଥିବା ଏକ ଟାୱାରରୁ ବ୍ୟାଟେରୀ ଚୋରି କରୁଥିବାବେଳେ ସାଇରନ ବାଜିବାରୁ ଜଗୁଆଳି ଗାଁ ଲୋକଙ୍କ ସହାୟତାରେ ୨ ଜଣ ଯୁବକଙ୍କୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ୨ ଜଣ ହେଲେ ବାରିପଦା ତୁଳସୀ ଚଉରା ୱାର୍ଡ ନମ୍ବର-୧୪ର ଭିକି ମୁଖୀ(୧୯) ଓ ବିକ୍ରମ ମୁଖୀ(୨୧)। ସେମାନଙ୍କ ନିକଟରୁ ଏକ କାର, ଏକ ବାଇକ୍, ୧୨ଟି ବ୍ୟାଟେରୀ, ଶାବଳ, କଟର ମେସିନ ୨ଟି ଜବତ ହୋଇଥିବା ତଦନ୍ତକାରୀ ଅଫିସର ନିରଞ୍ଜନ ସେଠୀ ପ୍ରକାଶ କରିଛନ୍ତି।

### କେନ୍ଦୁଝର ଜିଲ୍ଲା ପରିଷଦର ଦଶମ ଅଧିବେଶନ

## ଜିଲ୍ଲାର ବିକାଶ ପ୍ରକଳ୍ପ ଓ ଜନହିତକର ଯୋଜନାର ଅଗ୍ରଗତି ସମୀକ୍ଷା

କେନ୍ଦୁଝର, ୮।୭(ସମିସ)



କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ଆଜି ଷଷ୍ଠ ଜିଲ୍ଲା ପରିଷଦର ଦଶମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସାଂସଦ ଅନନ୍ତ ନାୟକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଉପାଧ୍ୟକ୍ଷ ଜିଲ୍ଲା ପରିଷଦ ସୋମନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗାଭୂଷଣ ଅନ୍ତର୍ଗତ ବିଭିନ୍ନ ପ୍ରଗତିଶୀଳ ପ୍ରକଳ୍ପ ଓ ସରକାରୀ ଜନହିତକର ଯୋଜନାଗୁଡ଼ିକର କ୍ଷେତ୍ରସ୍ତରୀୟ ଅଗ୍ରଗତି ଅନୁଧ୍ୟାନ କରିବା ସହ ଏହାର ସଫଳ ରୂପାୟନ ଉପରେ ସବିଶେଷ ସମୀକ୍ଷା କରିଥିଲେ।

ଜିଲ୍ଲାରେ ଚାଲିଥିବା ଖଣି କାର୍ଯ୍ୟ ଏବଂ ଏହି ବର୍ଷ ପାଇଁ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକର ବିବରଣୀ ପ୍ରସ୍ତୁତ କରିବା ଉପରେ ଆଲୋଚନା ହୋଇଥିଲା। ଚାଷୀମାନଙ୍କ ବ୍ୟାପକ ସୁବିଧା ଏବଂ ଚାଷଜମିକୁ ଜଳସେଚନ ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟରେ, କୃଷକ ବିକାଶ ଯୋଜନା ଅଧୀନରେ ନୂତନ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ଓ ସମୀକ୍ଷା କରାଯାଇଥିଲା। ବାସୁଦେବପୁର ଗ୍ରାମରେ ଚାଲିଥିବା କାନପୁର ଜଳସେଚନ ପ୍ରକଳ୍ପ କାର୍ଯ୍ୟକୁ ଦ୍ରୁତଗତିରେ ଶେଷ କରିବା ପାଇଁ ଗୁରୁତ୍ୱ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଜିଲ୍ଲାରେ ବିଭିନ୍ନ ନୂଆ ରାସ୍ତା ଓ ସେତୁ ତିଆରି ପାଇଁ ସରକାରୀ ପାଣ୍ଠିର ସଠିକ୍ ଉପଯୋଗ ଉପରେ ସମୀକ୍ଷା କରାଯାଇଥିଲା। କାଞ୍ଜିଅଶୂଳା-ତୁରୁମୁଙ୍ଗା ରାସ୍ତାର ନେଉଳଯୋଡି ନାଳ ଉପରେ ଚାଲିଥିବା ସେତୁ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଏବଂ ଘଟଗାଁ ଅଞ୍ଚଳରେ କେତେକ ନୂଆ ଉନ୍ନୟନମୂଳକ କାମ ପାଇଁ ସରକାରୀ ପାଣ୍ଠି ଓ ମଞ୍ଜୁରୀ ମିଳିବା ସମ୍ପର୍କରେ ଆଲୋଚନା ହୋଇଥିଲା।

ଗ୍ରାମଗୁଡ଼ିକରେ ନଳକୂପ, ପାଇପ୍ ପ୍ରକଳ୍ପ ଏବଂ ସୋଲାର ସିଷ୍ଟମ୍ ମାଧ୍ୟମରେ ପାନୀୟ ଜଳ ଯୋଗାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହାସହ ଅନେକ ଗ୍ରାମକୁ “ହର ଘର ଜଳ” ଗ୍ରାମ ଭାବେ ଘୋଷଣା କରିବାକୁ ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା। ଦୁର୍ଗମ ଅଞ୍ଚଳରେ ମାତୃ ମୃତ୍ୟୁହାର କମାଇବା ଏବଂ ରୋଗୀଙ୍କୁ ମେଡିକାଲ ଆଣିବା ପାଇଁ 'ବାଇକ ଆମ୍ବୁଲାନ୍ସ' ସେବାକୁ ଅଧିକ ସକ୍ରିୟ, ଜିଲ୍ଲାର ପ୍ରମୁଖ ଘରୋଇ ମେଡିକାଲଗୁଡ଼ିକୁ 'ଆୟୁଷ୍ମାନ ଭାରତ' ଓ 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା'ରେ ସାମିଲ କରାଯାଇ ଲୋକଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଏବଂ କିଡନୀ ରୋଗୀଙ୍କ ପାଇଁ ବଡ଼ବିଲ, ଆନନ୍ଦପୁର ଏବଂ ଚମ୍ପୁଆ ମେଡିକାଲରେ ନୂଆ ଡାଏଲିସିସ ମେସିନ୍ ସବୁ ଚାଲୁ ରଖିବା ପାଇଁ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ରହିବା ସହ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଏବଂ 'ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା'ରେ ଖାଦ୍ୟଶସ୍ୟ ଓ ରନ୍ଧନ ଖର୍ଚ୍ଚ ଯୋଗାଇ ଦିଆଯାଉଛି। ହାଇସ୍କୁଲ ପରୀକ୍ଷା ଫଳାଫଳ ଉତ୍ସାହଜନକ ରହିଛି ଏବଂ ନୂତନ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ସ୍ଥାପନ ପାଇଁ ମଞ୍ଜୁରୀ ମିଳିଛି। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଜୁଆଙ୍ଗ, ହୋ ଏବଂ ସାନ୍ତାଳି ଭାଷାରେ ବହୁଭାଷୀ ଶିକ୍ଷକଙ୍କ ଦ୍ୱାରା ଶିକ୍ଷା ପ୍ରଦାନ କରାଯାଉଛି। ଏହା ସହିତ ଏକ 'ଟ୍ରାଇବାଲ ରିସୋର୍ସ ସେଣ୍ଟର' ମଧ୍ୟ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରାଯାଇଛି।

### ବୈଠକରୁ ଉଠି ଆସିଲେ ସଦସ୍ୟ



କେନ୍ଦୁଝର, ୮।୭(ସମିସ): କେନ୍ଦୁଝର ଦରବାର ହଲ୍‌ଠାରେ ବୁଧବାର ଷଷ୍ଠ ଜିଲ୍ଲା ପରିଷଦର ୧୦ମ ଅଧିବେଶନ ପୂର୍ବରୁ ଏକ ଅଭାବନୀୟ ଘଟଣା ଦେଖାଯାଇଛି। ୬ ମାସ ପରେ ଆହୂତ ଏହି ଅଧିବେଶନ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସର ଦରବାର ହଲରେ ଦିନ ୧୦ଟାରେ ହୋଇଥିଲା। ଜିଲ୍ଲା ପରିଷଦ ଅଧ୍ୟକ୍ଷା, ସାଂସଦ, ବିଧାୟକ, ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା, ଜିଲ୍ଲା ପରିଷଦର ସଦସ୍ୟ/ସଦସ୍ୟାମାନେ ଅନେକ ସମୟ ଅପେକ୍ଷା କରିବା ପରେ ମଧ୍ୟ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ବିଳମ୍ବରେ ପହଞ୍ଚିବାକୁ ନେଇ ଉପସ୍ଥିତ ନିର୍ବାଚିତ ପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିବା ସହିତ କକ୍ଷତ୍ୟାଗ କରି ବାହାରକୁ ଚାଲି ଆସିଥିଲେ। କ'ଣ ହେଲା କାହିଁକି ସମସ୍ତେ ବାହାରକୁ ଚାଲି ଆସିଲେ ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ଘେରିଯିବାରୁ ପୂର୍ବତନ ମନ୍ତ୍ରୀ ତଥା ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଗଣମାଧ୍ୟମକୁ ସୂଚନା ଦେଉଥିବା ସମୟରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡା ଫକିର ନାୟକ, ପାଟଣା ବିଧାୟକ ଅଖିଳ ନାୟକ, ଜିଲ୍ଲାପାଳ ବିଶାଳ ସିଂ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବାହାରକୁ ଆସି ସଦସ୍ୟଙ୍କୁ ବୁଝାସୁଝା କରି ଭିତରକୁ ଡାକି ନେଇଥିଲେ। ପରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲେ ମଧ୍ୟ ବିଳମ୍ବ ପର୍ଯ୍ୟନ୍ତ ଅଧିବେଶନ ଚାଲିଥିଲା।

ସକାଳ
THE SAKALA



www.sakalaepaper.com

# ଜେଲ୍ ଗଲେ ଗିରଫ ଲାଞ୍ଚୁଆ ଖଣି ଉପନିର୍ଦ୍ଦେଶକ



ଜୟପୁର, ୮ ।୭ (ସମିସ): କୋରାପୁଟ ଡିଭିଜନ ଜୟପୁର ସ୍ଥିତ ଭିଜିଲାନ୍ସ ବିଭାଗ ଗତକାଲି ରାତି ସାଢେ ୧୦ଟା ସମୟରେ ସ୍ଥାନୀୟ ଖଣି ବିଭାଗ ଉପନିର୍ଦ୍ଦେଶକଙ୍କୁ ଲାଞ୍ଚ ନେବା ବେଳେ ଧରିଥିଲେ। ସ୍ଥାନୀୟ ଲିଙ୍ଗରାଜ ନଗରସ୍ଥିତ ବାସଭବନରେ ଜଣେ ବାଲି ଘାଟ ଲିଜ୍ ଧାରୀଙ୍କ ଅବଧି ଶେଷ ହେଉଥିବା ବାଲିଘାଟକୁ ବିନା ଟେଣ୍ଡରରେ ତାଙ୍କ ନାମରେ ପୁଣି ସମୟ ବୃଦ୍ଧି କରିବା ଏବଂ ଭବିଷ୍ୟତରେ ଅନ୍ୟାନ୍ୟ ସୁବିଧା ଦେବା ନେଇ ୨ ଲକ୍ଷ ଟଙ୍କା ଲାଞ୍ଚ ନେଉଥଲେ। ଭିଜିଲାନ୍ସ ଦଳ ଚଢଉ କରିବା ସହିତ ଅଭିଯୁକ୍ତ ଉପନିର୍ଦ୍ଦେଶକ ସତ୍ୟଜିତ ରାଉତଙ୍କ ଲାଞ୍ଚ ଟଙ୍କା ସହିତ ଧରିଥିଲେ। ତାଙ୍କ ହାତକୁ ପାଣିରେ ଧୋଇବାରୁ ଟଙ୍କାରେ ବୋଳା ହୋଇଥିବା ରସାୟନିକ ପଦାର୍ଥର ପ୍ରତିକ୍ରିୟାରେ ପାଣି ଲାଲ ହୋଇଥିଲା। ଉକ୍ତ ଲାଞ୍ଚ ଟଙ୍କା ଜବତ କରିବା ସହିତ ଅଭିଯୁକ୍ତ ଉପକୃଷି ନିର୍ଦ୍ଦେଶକଙ୍କୁ ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କୁ ସ୍ଥାନୀୟ ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଅଣାଯାଇ ପଚରାଉଚରା କରାଯାଇଥିଲା। ଆଜି ତାଙ୍କୁ ଗିରଫ କରାଯାଇ ସ୍ଥାନୀୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲଣ କରାଯାଇଛି । ତାଙ୍କ ଓକିଲଙ୍କ ପକ୍ଷରୁ ଜାମିନ ଆବେଦନ କରାଯାଇଥିଲା। କିନ୍ତୁ କୋର୍ଟ ପକ୍ଷରୁ ଏହାର ଶୁଣାଣିକୁ ସ୍ଥଗିତ ରଖାଯିବା ସହିତ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ତାଙ୍କୁ ବିଚାର ବିଭାଗୀୟ ହାଜତରେ ରଖିବା ନେଇ ନିର୍ଦ୍ଦେଶ ପରେ ତାଙ୍କୁ ସ୍ଥାନୀୟ ସ୍ୱତନ୍ତ୍ର ଜେଲକୁ ପଠାଯାଇଛି। ଗିରଫ ଅଭିଯୁକ୍ତ ଉପନିର୍ଦ୍ଦେଶକଙ୍କ ଜୟପୁର ବାସଭବନରେ ଗତକାଲି ରାତିରେ ଯାଞ୍ଚ ବେଳେ ୨ ଲକ୍ଷ ୯୦ ହଜାର ଏବଂ କଟକସ୍ଥିତ ବିଦ୍ୟାଧରପୁର ବାସଭବନରୁ ୨ ଲକ୍ଷ ଟଙ୍କା ଏବଂ ଲାଞ୍ଚ ନେଉଥିବା ୨ ଲକ୍ଷ ଟଙ୍କା ସମେତ ସମୁଦାୟ ୬ଲକ୍ଷ ୯୦ ହଜାର ଟଙ୍କା ଜବତ କରାଯାଇଛି। ଚଢଉ ପରେ ଗିରଫ ଅଭିଯୁକ୍ତ ଉପ ନିର୍ଦ୍ଦେଶକଙ୍କ ଜୟପୁର କାର୍ଯ୍ୟାଳୟ, କଟକର ବିଦ୍ୟାଧରପୁର ଏବଂ ମାହାଙ୍ଗା ଥାନା ଓଲାକଣା ପୈତୃକ ଗ୍ରାମ ଉପରେ ଚଢଉ କରାଯାଇଛି। ଅଭିଯୋଗକାରୀ ବାଲିଘାଟ ଲିଜଧାରୀ ନିୟମ ଅନୁଯାୟୀ ଟେଣ୍ଡରରେ ପାଇବା ପରେ ଲିଜ୍ ସମୟ ଅବଧି ବୃଦ୍ଧି ହୋଇଥିଲା। ସରକାରୀ ନିୟମ ଅନୁଯାୟୀ ସେ ଆବଶ୍ୟକ ଟଙ୍କା ମଧ୍ୟ ପୈଠ କରିଥିଲେ। କିନ୍ତୁ ଅଭିଯୁକ୍ତ ଗିରଫ ଉପ ନିର୍ଦ୍ଦେଶକ ତାଙ୍କୁ ନିର୍ଦ୍ଦେଶନାମା ଦେବାକୁ ଜାଣିଶୁଣି ବିଳମ୍ବ କରୁଥିଲେ। ଅଭିଯୋଗକାରୀ ଲିଜ୍ ଧାରୀ ତାଙ୍କୁ ନିର୍ଦ୍ଦେଶନାମା ପ୍ରଦାନ କରିବାକୁ କହିବାରୁ ୨ ଲକ୍ଷ ଟଙ୍କା ଲାଞ୍ଚ ବାବଦକୁ ଟଙ୍କା ମାଗିବା ସହିତ ଭବିଷ୍ୟତରେ ଜବତ ବାଲିକୁ ସ୍ୱଟ ନିଲାମ ମାଧ୍ୟମରେ ତାଙ୍କୁ ପ୍ରଦାନ କରିବା ନେଇ ସାହାଯ୍ୟ କରିବାକୁ ଲାଳସା ଦେଖାଇ ଲାଞ୍ଚ ଟଙ୍କା ଦାବି କରୁଥିଲେ ବୋଲି ଆଜି ଜୟପୁର ଭିଜିଲାନ୍ସ ଏସ୍‌ପି ଏସ. ସୁଶ୍ରୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହିପରି ତାଙ୍କ ବିରୋଧରେ ଅନ୍ୟାନ୍ୟ ଅଭିଯୋଗ ଏବଂ ଆୟବର୍ହିଭୁତ ସମ୍ପତି ନେଇ ତଦନ୍ତ ଜାରୀ ରହିଥିବା ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଢଉରେ ଇନ୍ସପେକ୍ଟର ସଞ୍ଜୟ ପ୍ରଧାନ, ସୂର୍ଯ୍ୟ ପ୍ରକାଶ ନାୟକ, ସନ୍ତୋଷୀ ବାରିକ, ସାବିତ୍ରୀ ପ୍ରଧାନ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ସାମିଲ ରହିଥିଲେ।

## ସୁନାବେଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ




ସୁନାବେଡ଼ା,୮।୭(ସମିସ); ସୁନାବେଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ଅଧକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଚିକାପାର ଗ୍ରାମର ପାହାଡ଼ରେ ୧୦୦ଟି ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ସୁନାବେଡ଼ା ସ୍ଥିତ ସତ୍ୟ ସାଇ ସେବା ସମିତିର ସଦସ୍ୟ ମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର କର୍ମଚାରୀ କିଶୋର ଚନ୍ଦ୍ର ସାହୁ, ଦେବଦତ୍ତ ମହାନ୍ତି, ରଶ୍ମିତା ରାଉତ, ରାଜେଶ୍ୱର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଏନଏସଏସ୍‌ର ସ୍ୱେଚ୍ଛାସେବୀ ମାନଙ୍କୁ ଚାରାରୋପଣରେ ସହଯୋଗ କରିଥିଲେ। ଜାତୀୟ ସେବା ଯୋଜନାର ଅଧିକାରୀ ଇତିଶ୍ରୀ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ



ପଟ୍ଟାଙ୍ଗି,୮।୭(ସମିସ): ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ପୁକାଲି ଗ୍ରାମପଞ୍ଚାୟତର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ପୁକାଲି ଠାରେ ବନମହୋତ୍ସବ ପାଳନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀପଶିଖା ବେହେରା ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପଟ୍ଟାଙ୍ଗି ବନାଞ୍ଚଳର ବନ ଅଧିକାରୀ ବିଦ୍ୟାଳୟକୁ ୮୦ଟି ଚାରା ଯୋଗାଇ ଦେଇଥିଲେ। ପଟ୍ଟାଙ୍ଗି ବନାଞ୍ଚଳର ବନ ଅଧିକାରୀ ବିଦ୍ୟାଳୟର ସାମୂହିକ ଚାରାରୋପଣରେ ସାହାଯ୍ୟ କରିଥିଲେ। ଏଥିରେ ବିଦ୍ୟାଳୟର ଇକୋ କ୍ଲବ୍, ଜୁନିଅର ରେଡ୍‌କ୍ରସ, ଏନର୍ଜି କ୍ଲବ୍ ଓ ସ୍କାଉଟର ସଦସ୍ୟଗଣ ଓ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଅଂଶ କରି ବିଦ୍ୟାଳୟ ପରିସର ଓ ରାସ୍ତା କଡ଼ରେ ଚାରାରୋପଣ କରିଥିଲେ।

## ଜୟ ହିନ୍ଦ୍ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବନ ମହୋତ୍ସବ



ଉମରକୋଟ ୮।୭ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବେନରା ପଞ୍ଚାୟତଠାରେ ଜୟ ହିନ୍ଦ୍ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଚାରାରୋପଣ କରାଯାଇଛି। ଉମରକୋଟ ବେହେରା ନର୍ସରୀ ଠାରୁ ଚାରା ଆଣି ବେନରା ସରକାରୀ ବିଦ୍ୟାଳୟ ଠାରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜୁଳି , ସଜନା, କଦମ୍ବ, ସୀତାଫଳ, ଅମୃତ ଭଣ୍ଡା, ଚମ୍ପା, କୃଷ୍ଣଚୁଡ଼ା, ରାଧାଚୂଡା ଇତ୍ୟାଦି ଗଛ ଲଗାଯାଇଥିଲା। କାର୍ଯ୍ୟକ୍ରମରେ ଜୟ ହିନ୍ଦ୍ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଦସ୍ୟ ସଦସ୍ୟା, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ଜୟ ହିନ୍ଦ୍ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସୁନିଲ କିର୍ତ୍ତନୀୟା , ରମେଶ ଚନ୍ଦ୍ର ରାଏ, ଯୁବରାଜ ଓକିଲ, ରାମକାନ୍ତ ବାଇନ, ଖୋକନ ବିଶ୍ୱାସ, ଶୁଭମ ବିଶ୍ୱାସ, କିରଣ ବିଶ୍ୱାସ, ଅମଲ ହାଲଦାର, ନିମାଇଁ ଦାସ, ରାନା ବାବୁ, ରମେଶ ବିଶ୍ୱାସ, ସୁଶାନ୍ତ ରାଏ ଏବଂ ମହିଳା ସଦସ୍ୟା ନିରୁପମା ବୈଦ୍ୟ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା



ନାରାୟଣପାଟଣା,୮।୭(ସମିସ): ରାଧାକ୍ରିଷ୍ଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନାରାୟଣପାଟଣା ଠାରେ ୪ର୍ଥ ଶ୍ରେଣୀ କର୍ମଚାରୀ ମଙ୍ଗଳଦାନ କୁଳଦୀପ୍ୟା ଦୀର୍ଘ ୩୧ ବର୍ଷରୁ ଅଧିକ ନିରନ୍ତର ସେବା ପ୍ରଦାନ କରିବା ପରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଗ୍ରୀଷ୍ମ ଅବକାଶ ଥିବାରୁ ଅନୁଷ୍ଠାନ ତରଫରୁ ଆଜି ଶ୍ରୀ କୁଳଦୀପ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ପରିଚାଳନା କମିଟିର ସଦସ୍ୟ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ସମାଜସେବୀ କେ. ନାଗେଶ୍ୱର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପାଢୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ବୈଦ୍ୟ, ଲକ୍ଷ୍ମୀପ୍ରିୟା ବୈଦ୍ୟ ଏବଂ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ମହାନ୍ତି ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ଅଧକ୍ଷ ସୁଧିର କୁମାର ଜେନାଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶ୍ରୀ କୁଳଦୀପ୍ୟାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର କ୍ରୀଡା ଶିକ୍ଷକ ରଜତ କୁମାର ହିଆଲ ପରିଚାଳନା କରିଥବାବେଳେ ଇତିହାସ ଅଧାପକ ସୁରଥ ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ।

### ● ନନ୍ଦାହାଣ୍ଡି ବ୍ଲକରେ ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ

## ପ୍ରଶାସନିକ କାର୍ଯ୍ୟ; ଉନ୍ନୟନମୂଳକ ଯୋଜନାର ସମୀକ୍ଷା



ନବରଙ୍ଗପୁର,୮।୭(ସମିସ): ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଆଜି ନନ୍ଦାହାଣ୍ଡି ବ୍ଲକରେ କ୍ଷେତ୍ର ପରିଦର୍ଶନ କରି ବ୍ଲକ ସ୍ତରରେ ଚାଲିଥିବା ପ୍ରଶାସନିକ କାର୍ଯ୍ୟ, ବିଭିନ୍ନ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ସାଧାରଣ ଲୋକଙ୍କୁ ପ୍ରଦାନ କରାଯାଉଥିବା ସେବାର ସ୍ଥିତିର ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ବ୍ଲକ କାର୍ଯ୍ୟାଳୟ ଏବଂ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ ଶାଖାର କାର୍ଯ୍ୟଧାରା, ରେକର୍ଡ ସଂରକ୍ଷଣ, ଫାଇଲ୍ ନିଷ୍ପତ୍ତି, ଜନ ଅଭିଯୋଗର ସମାଧାନ, ଲୋକସେବା ପ୍ରଦାନ ବ୍ୟବସ୍ଥା ଏବଂ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ। ପ୍ରତ୍ୟେକ କାର୍ଯ୍ୟାଳୟରେ ସ୍ୱଚ୍ଛ, ଦକ୍ଷ, ଉତ୍ତରଦାୟୀ ଏବଂ ଲୋକାଭିମୁଖୀ ପ୍ରଶାସନ ସୁନିଶ୍ଚିତ କରିବା ସହ ସମସ୍ତ ସେବା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଲୋକଙ୍କୁ ଯୋଗାଇ ଦେବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ବ୍ଲକ ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି, ଗୁଣାତକ ମାନ ଏବଂ ସମୟାନୁବର୍ତ୍ତିତାର ଯାଞ୍ଚ କରିଥିଲେ। ଜନସାଧାରଣଙ୍କ ଆବଶ୍ୟକତା ଓ ସରକାରଙ୍କ ବିକାଶମୂଳକ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ପ୍ରକଳ୍ପଗୁଡ଼ିକୁ ଗୁଣାତ୍ମକ ମାନ ବଜାୟ ରଖି ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ତୃଣମୂଳ ସ୍ତରରେ ପ୍ରଭାବଶାଳୀ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ମୂଳକ ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ନିକଟରେ ସ୍ୱଚ୍ଛତା ଓ ଦକ୍ଷତାର ସହ ପହଞ୍ଚାଇବା ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ କରିବା ହିଁ ପ୍ରଶାସନର ପ୍ରମୁଖ ଲକ୍ଷ୍ୟ ହେବା ଉଚିତ ଏବଂ ଏଥିପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀ ନିଷ୍ଠାର ସହ କାର୍ଯ୍ୟ କରିବା ଆବଶ୍ୟକ।ପରିଦର୍ଶନ ସମୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ।

### ■ ମେଲେରିଆରେ ଛାତ୍ରଙ୍କ ମୃତ୍ୟୁ ଘଟଣା

## ସ୍କୁଲ୍ ହଷ୍ଟେଲରେ ସ୍ୱାସ୍ଥ୍ୟ ବିଭାଗର ଛାନ୍‌ଭିନ୍

ରାୟଗଡ,୮।୭(ସମିସ): ରାୟଗଡ ଜିଲ୍ଲା କୋଲନରା ବ୍ଲକର ଡାକୁଲଗୁଡା ଆବାସିକ ବିଦ୍ୟାଳୟର ୪ର୍ଥ ଶ୍ରେଣୀ ଛାତ୍ର ଚନ୍ଦୁ ଉଲାକାଙ୍କ ଗତ ମଙ୍ଗଳବାର ଅପରାହ୍ଣରେ ମ୍ୟାଲେରିଆରେ ମୃତ୍ୟୁ ପରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରିଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମଓ)ଙ୍କ ନିର୍ଦ୍ଦେଶକ୍ରମେ ଭାରପ୍ରାପ୍ତ ଏଡିପିଏଚଓ (ଭିବିଡି) ଡା. ମମତା ସାହୁ ବିଦ୍ୟାଳୟ ଗସ୍ତ କରି ମୃତ ଛାତ୍ର ରହୁଥିବା ହଷ୍ଟେଲର ଶୋଇବା କକ୍ଷ ପରିଦର୍ଶନ କରିଥିଲେ। ସେ ଅନ୍ତେବାସୀ ଛାତ୍ରମାନେ ମଶାରୀ ଓ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ନିମ ତେଲ ବ୍ୟବହାର କରୁଥିଲେ କି ନାହିଁ, କେବେଠୁ ଚନ୍ଦୁକୁ ମେଲେରିଆ ଜ୍ୱର ହୋଇଥିଲା, କିଭଳି ଚିକିତ୍ସା ସେବା ପ୍ରଦାନ କରାଯାଇଥିଲା, ସେ ଔଷଧ ଖାଇଥିଲେ କି ନାହିଁ ଭଳି ଅନ୍ୟାନ୍ୟ ବିଷୟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଠାରୁ ସୂଚନା ନେଇଥିଲେ। ଏହି ଗସ୍ତବେଳେ ଭିବିଡି ପରାମର୍ଶଦାତା, କୋଲନରା ସିଏଚସିର ମେଡିକାଲ ଇନଚାର୍ଜ, ପିଏଚଓ, ସୁପରଭାଇଜର ଓ ଆଶାକର୍ମୀମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ, ମୃତ ଛାତ୍ରଙ୍କ ଶବ ନେବା ପାଇଁ କୋଲନରା ସିଏଚସିରେ ମହାପ୍ରୟାଣ ଗାଡ଼ିର ବ୍ୟବସ୍ଥା ନଥିବାରୁ ପରିବାର ଲୋକେ ବାଧ ହୋଇ ବାଇକ୍‌ରେ ଶବ ନେଇଥିଲେ। ଜିଲ୍ଲାରେ କେବଳ ରାୟଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ମହାପ୍ରୟାଣ ଗାଡ଼ି ଥିବା ବେଳେ ଅନ୍ୟ ସିଏଚସିଗୁଡ଼ିକରେ ଏହି ସୁବିଧା ନାହିଁ। ଫଳରେ ଗରିବ ଓ ମଧ୍ୟବିତ୍ତ ପରିବାର ମୃତଦେହ ନେବାରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜିଲ୍ଲାର ପ୍ରତ୍ୟେକ ସିଏଚସିରେ ଗୋଟିଏ ଲେଖାଏଁ ମହାପ୍ରୟାଣ ଗାଡ଼ି ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

## ଅଗ୍ନି ନିରାପତ୍ତା ପାଇଁ ଜିଲ୍ଲାସ୍ତରୀୟ ମନିଟରିଂ ଟିମ୍ ଗଠିତ



ନବରଙ୍ଗପୁର, ୮।୭(ସମିସ): ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ସମ୍ପ୍ରତି ଘଟିଥିବା ଅଗ୍ନିକାଣ୍ଡ ଘଟଣାକୁ ଦୃଷ୍ଟିରେ ରଖି ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଜିଲ୍ଲାରେ ଆଜି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଅଗ୍ନି ନିରାପତ୍ତା ସଭା ସ୍ଥାନୀୟ ଅଶୋକ ମେହେତା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଅଗ୍ନି ନିରାପତ୍ତା ନିୟମର କଡ଼ାକଡ଼ି ପାଳନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏକ ଜିଲ୍ଲାସ୍ତରୀୟ ମନିଟରିଂ, ଏନଫୋର୍ସମେଣ୍ଟ ଏବଂ ମିଳିତ ଟିମ୍ ଗଠନ କରାଯାଇଛି। ଜରୁରୀ କାଳୀନ ବିଭାଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୁଲାଇ ୨ ତାରିଖରେ ଜାରି ହୋଇଥିବା କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୦୩୩୩ ଅନୁଯାୟୀ ଗଠିତ ଏହି ଦଳରେ ଉପଜିଲ୍ଲାପାଳ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଜିଲ୍ଲା ପ୍ରକଳ୍ପ ଅଧିକାରୀ (ଜରୁରୀକାଳୀନ), ଜିଲ୍ଲା ଅଗ୍ନିଶମ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ,କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (ଅର୍‌ଆଣ୍ଡବି) ଏବଂ ଟିପିଏସ୍‌ଓଡିଏଲ୍ ସମେତ ମୋଟ ୧୨ ଜଣ ବରିଷ୍ଠ ଅଧିକାରୀ ସଦସ୍ୟ ରହିଛନ୍ତି। ଏହି ଟିମ୍ ଜିଲ୍ଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, କୋଚିଂ ସେଣ୍ଟର, ଛାତ୍ରାବାସ, ଦକ୍ଷତା ବିକାଶ କେନ୍ଦ୍ର, ତାଲିମ କେନ୍ଦ୍ର, ରେଷ୍ଟୋରାଁ, ସପିଂ ମଲ୍, ସିନେମା ହଲ୍ ଏବଂ ବହୁତଳ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକରେ ୧୬ ଦଫା ବିଶିଷ୍ଟ ଯାଞ୍ଚ ତାଲିକା ଆଧାରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସମୀକ୍ଷା କରିବେ। ଯାଞ୍ଚ ସମୟରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର (ଏନ୍‌ଓସି)ର ବୈଧତା, ଅଗ୍ନି ନିର୍ବାପକ ଯନ୍ତ୍ର, ଫାୟାର ଆଲାର୍ମ, ସ୍ମୋକ ଡିଟେକ୍ଟର, ଜରୁରୀକାଳୀନ ଆଲୋକ ବ୍ୟବସ୍ଥା, ନିଷ୍କାସନ ପଥ, ସୁରକ୍ଷିତ ସିଡ଼ି, ବିଦ୍ୟୁତ ସଂଯୋଗର ସୁରକ୍ଷା, ନିୟମିତ ରକ୍ଷଣାବେକ୍ଷଣ ଏବଂ ଅଗ୍ନି ସୁରକ୍ଷା ଅଡିଟ୍ ସମ୍ବନ୍ଧୀୟ ବିଭିନ୍ନ ଦିଗକୁ ଗୁରୁତ୍ୱର ସହ ପରୀକ୍ଷା କରାଯିବ। ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ଙ୍କ ନିର୍ଦ୍ଦେଶ ଅନୁଯାୟୀ ଟିମ୍ ୭ ଦିନ ମଧ୍ୟରେ ଯାଞ୍ଚ କାର୍ଯ୍ୟ ସମାପ୍ତ କରି ଯାଞ୍ଚ କରାଯାଇଥିବା ଅନୁଷ୍ଠାନ ସଂଖ୍ୟା, ଚିହ୍ନଟ ହୋଇଥିବା ତ୍ରୁଟି ଏବଂ ଗ୍ରହଣ କରାଯାଇଥିବା ସଂଶୋଧନମୂଳକ ପଦକ୍ଷେପ ସମ୍ପର୍କିତ ଏକ ସମନ୍ୱିତ ରିପୋର୍ଟ ଦାଖଲ କରିବେ। ଏହି ରିପୋର୍ଟ ରାଜ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନର କର୍ତ୍ତୃପକ୍ଷଙ୍କୁ ଅଗ୍ନି ନିରାପତ୍ତା ନିୟମାବଳୀର କଡ଼ାକଡ଼ି ପାଳନ କରିବା ସହ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ସାଧାରଣ ଜନତାଙ୍କ ଜୀବନର ସୁରକ୍ଷା ଜିଲ୍ଲା ପ୍ରଶାସନର ସର୍ବୋଚ୍ଚ ପ୍ରାଥମିକତା ବୋଲି ପ୍ରକାଶ କରାଯାଇଛି।

## ସୋର୍ଲୁକୋଣ୍ଡା ଗ୍ରାମରେ ବନ ମହୋତ୍ସବ

କୋରୁକୋଣ୍ଡା,୮।୭(ସମିସ): ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନିଲାକମ୍ବେରୁ ପଞ୍ଚାୟତର ସୋର୍ଲୁକୋଣ୍ଡା ଗ୍ରାମରେ ସେବା ଭାରତୀର ସହଯୋଗ ଓ ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସମିତି, ବାଲିମେଳାର ସମନ୍ୱୟରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଉତ୍ସାହର ସହ ପାଳିତ ହୋଇଯାଇଛି। ପରିବେଶ ସୁରକ୍ଷା, ସବୁଜ ବନାନୀ ଓ ଜନସାଧାରଣଙ୍କ ମଧ୍ୟରେ ଚାରାରୋପଣ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ବନମହୋତ୍ସବ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଏସଡିସି ଉପାଧକ୍ଷା ସାବିତ୍ରୀ ପଡ଼ିଆମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷାରେ ବୃକ୍ଷର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଭାଜପା ଜିଲ୍ଲା ଉପସଭାପତି ସୁଭାଷ ପଡ଼ିଆମୀ ଉପସ୍ଥିତ ରହି ଚାରାରୋପଣକୁ ଏକ ସାମାଜିକ ଦାୟିତ୍ୱ ବୋଲି କହିଥିଲେ। ସେ ସମସ୍ତଙ୍କୁ ଅଧିକରୁ ଅଧିକ ଫଳଜ ଓ ଔଷଧୀୟ ଗଛ ଲଗାଇ ସେଗୁଡ଼ିକର ସୁରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ୧୫୦ଟି ପରିବାରକୁ ୭୫୦ରୁ ଅଧିକ ଚାରା ବଣ୍ଟନ କରାଯାଇଥିଲା। ପ୍ରତ୍ୟେକ ପରିବାରକୁ ୫ଟି ଲେଖାଏଁ ଆମ୍ବ, ଅଁଳା, ସଜନା, କାଜୁବାଦାମ ଓ ଓଉ ଗଛର ଚାରା ପ୍ରଦାନ କରାଯାଇଥିଲା। ଉପସ୍ଥିତ ଅତିଥି ଓ ସ୍ଥାନୀୟ ଲୋକମାନେ ମିଳିତ ଭାବେ ଚାରାରୋପଣ କରି ପରିବେଶ ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ।

## ଜିଲ୍ଲାସ୍ତରୀୟ ବନ ମହୋତ୍ସବ ସପ୍ତାହ



ନବରଙ୍ଗପୁର, ୮।୭(ସମିସ): ଜିଲ୍ଲାସ୍ତରୀୟ ବନ ମହୋତ୍ସବ ସପ୍ତାହ ନିକଟସ୍ଥ ମିୟାୱାକି ପ୍ଲାଣ୍ଟେସନ୍ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିବା ବେଳେ ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ,ବନଖଣ୍ଡ ଅଧିକାରୀ ନବରଙ୍ଗପୁର ଉଦୟନ ସୁବୁଦ୍ଧି, ଜିଲ୍ଲା ଆରକ୍ଷୀ ଅଧିକ୍ଷକ କାଶ୍ୟପ ପାର୍ଥ ଜଗଦିଶ, ବନଖଣ୍ଡ ଅଧିକାରୀ(କେନ୍ଦୁପତ୍ର) ନବରଙ୍ଗପୁର କିରଣବାଳା ସାମନ୍ତରାୟ, ସହକାରୀ ବନ ସଂରକ୍ଷକ ନବରଙ୍ଗପୁର ଦିବ୍ୟା ମାଧୁରୀ ସେଠୀ, ନବରଙ୍ଗପୁର ବନାଞ୍ଚଳ ଅଧିକାରୀ ଗୋପିନାଥ ସାହୁ, କୋଡିଙ୍ଗା ବନାଞ୍ଚଳ ଅଧିକାରୀ ପୁର୍ଣ୍ଣଚନ୍ଦ୍ର ନନ୍ଦ, ଉମରକୋଟ୍ ବନାଞ୍ଚଳ ଅଧିକାରୀ ଦେବସ୍ମିତା ସାହୁ ଓ ଫରେଷ୍ଟର, ଫରେଷ୍ଟ ଗାର୍ଡ ଉପସ୍ଥିତ ରହିବା ସହିତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଶେଷରେ ୭୭ ତମ ବନମହୋତ୍ସବ ସପ୍ତାହ ଦିବସ ପାଳନ ୨୦୨୬ ଅବସରରେ ଉମରକୋଟ ବନାଞ୍ଚଳ ଅଧିନରେ ଥିବା ସିଉନି ବନ ସୁରକ୍ଷା ସମିତିଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଛି।

### ସିସିଟିଭି ପ୍ରକଳ୍ପର ତଦନ୍ତ, ନୂଆ କ୍ୟାମେରା ସ୍ଥାପନ ଦାବି

## ଅପରାଧ ନିୟନ୍ତ୍ରଣ ପାଇଁ ଉପଜିଲ୍ଲାପାଳଙ୍କୁ ବିଜେପିର ସ୍ମାରକପତ୍ର



ଗୁଣପୁର, ୮।୭(ସମିସ): ଦିନକୁ ଦିନ ଗୁଣପୁର ସହରରେ ଜନସଂଖ୍ୟା, ଯାନବାହନ ଚଳାଚଳ ଏବଂ ବ୍ୟବସାୟିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବେଳେ ସହରର ଆଇନଶୃଙ୍ଖଳା, ଜନସାଧାରଣଙ୍କ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଗୁଣପୁର ପୌରପାଳିକା ଅଧୀନରେ ଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି କ୍ୟାମେରା ସ୍ଥାପନ କରିବାକୁ ଦାବି ଜୋର ଧରିଛି। ଏନେଇ ଗୁଣପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲିପ୍ ଓ ପୌରପାଳିକା ନିର୍ବାହି ଅଧିକାରି ସନ୍ତୋଷ ନାୟକଙ୍କ ନିକଟରେ ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ୱାଇ ଗଣପତୀଙ୍କ ନେତୃତ୍ୱରେ ଏକ ଦଳ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ରାମନାଗୁଡ଼ା ବ୍ଲକ୍ ଅଧକ୍ଷ ରବିଶଙ୍କର ଗମାଙ୍ଗ, ବିଜେପି ଯୁବ ନେତା ଅମର ସାହୁ,ମୁଖି ଦିବାକର ପ୍ରମୁଖ ଉପସ୍ଥିତ ଥିଲେ। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଗୁଣପୁର ରାୟଗଡ଼ା ଜିଲ୍ଲାର ଏକ ପ୍ରମୁଖ ବାଣିଜ୍ୟିକ, ଶିକ୍ଷା ଓ ପ୍ରଶାସନିକ କେନ୍ଦ୍ର ହୋଇଥିବାରୁ ପ୍ରତିଦିନ ହଜାର ହଜାର ଲୋକ ଏବଂ ଶତାଧିକ ଯାନବାହନ ସହର ମଧ୍ୟକୁ ଆସିଥାନ୍ତି। ଏଭଳି ପରିସ୍ଥିତିରେ ଆଧୁନିକ ନଜରଦାରି ବ୍ୟବସ୍ଥାର ଅଭାବ ଅନେକ ସମୟରେ ଆଇନଶୃଙ୍ଖଳା ରକ୍ଷା ଓ ଅପରାଧ ତଦନ୍ତରେ ବାଧକ ସାଜୁଛି। ଦାବିପତ୍ରରେ ସହରର ପ୍ରମୁଖ ଛକ, ବସ୍ଷ୍ଟାଣ୍ଡ, ରେଳ ଷ୍ଟେସନ, ମୁଖ୍ୟ ବଜାର, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ପରିସର, ପାର୍କ, ଶିକ୍ଷାନୁଷ୍ଠାନ, ହସ୍ପିଟାଲ, ଧାର୍ମିକ ସ୍ଥାନ ଏବଂ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନରେ ପର୍ଯ୍ୟାୟକ୍ରମେ ସିସିଟିଭି କ୍ୟାମେରା ସ୍ଥାପନ କରିବାକୁ ପ୍ରସ୍ତାବ ଦିଆଯାଇଛି। ସ୍ମାରକପତ୍ରରେ ଆହୁରି ଉଲ୍ଲେଖ ରହିଛି ଯେ, ସିସିଟିଭି କ୍ୟାମେରା ସ୍ଥାପନ ହେଲେ ଚୋରି, ଲୁଟ୍, ଅସାମାଜିକ କାର୍ଯ୍ୟକଳାପ ଓ ଟ୍ରାଫିକ ନିୟମ ଉଲ୍ଲଙ୍ଘନ ଭଳି ଘଟଣା ଉପରେ ଅଙ୍କୁଶ ଲଗାଇବା ସହଜ ହେବ। କୌଣସି ଅପରାଧ କିମ୍ବା ଦୁର୍ଘଟଣା ଘଟିଲେ ଘଟଣାସ୍ଥଳର ଭିଡିଓ ଫୁଟେଜ୍ ପୁଲିସ ଓ ତଦନ୍ତକାରୀ ସଂସ୍ଥାଙ୍କୁ ପ୍ରମାଣ ସଂଗ୍ରହରେ ବେଶ ସହାୟକ ହେବ। ଏହା ସହରର ସାମଗ୍ରିକ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ। ଟ୍ରାଫିକ ପରିଚାଳନା କ୍ଷେତ୍ରରେ ମଧ୍ୟ ସିସିଟିଭିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି। ପ୍ରମୁଖ ଛକଗୁଡ଼ିକରେ ଯାନବାହାନ ନିୟନ୍ତ୍ରଣ, ବେପରୁଆ ଗାଡ଼ି ଚାଳନା ଉପରେ ନଜର ଏବଂ ଦୁର୍ଘଟଣାର କାରଣ ଚିହ୍ନଟ କରିବାରେ ଏହି ବ୍ୟବସ୍ଥା ଫଳପ୍ରଦ ହେବ। ସେହିପରି ସହରକୁ ଆସୁଥିବା ପର୍ଯ୍ୟଟକେ ଓ ବାହାର ଲୋକଙ୍କ ମନରେ ମଧ୍ୟ ସୁରକ୍ଷାର ଭାବନା ବୃଦ୍ଧି ପାଇବ। ଦାବିକାରୀମାନେ ପୌରପାଳିକାକୁ ଶୀଘ୍ର ଏକ ବିସ୍ତୃତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରି ସହରର ସମସ୍ତ ରଣନୀତିକ ସ୍ଥାନରେ ପର୍ଯ୍ୟାୟକ୍ରମେ ସିସିଟିଭି କ୍ୟାମେରା ସ୍ଥାପନ କରିବା ସହ ଏହାର ନିୟମିତ ରକ୍ଷଣାବେକ୍ଷଣ ଓ ୨୪ ଘଣ୍ଟିଆ ମନିଟରିଂ ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି।

## କୃଷ୍ଣ ସିଂହଙ୍କୁ ଘୁମରଶ୍ରୀ ସମ୍ମାନ



ସେମିଳିଗୁଡା, ୮।୭ (ସମିସ): କୋରାପୁଟ ଜିଲ୍ଲାରେ ସେମିଳିଗୁଡାର ବିଶିଷ୍ଟ ସାହିତ୍ୟିକ କୃଷ୍ଣ ସିଂହଙ୍କୁ ଘୁମରର ସର୍ବୋଚ୍ଚ ସମ୍ମାନ "ଘୁମର ଶ୍ରୀ ସମ୍ମାନ୨୦୨୬'ରେ ସମ୍ମାନିତ କରାଯାଇଛି। ନବରଙ୍ଗପୁର ଜିଲ୍ଲାର ଚନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ପାନାବେଡ଼ା ମହାବିଦ୍ୟାଳୟ ପରିସରରେ ଆୟୋଜିତ ଘୁମର ସାହିତ୍ୟ ଉତ୍ସବ୨୦୨୬ ଅବସରରେ ପାନାବେଡ଼ା ସାହିତ୍ୟ ସଂସଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବର ଦ୍ୱିତୀୟ ଅଧିବେଶନରେ କୃଷ୍ଣ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ତାଙ୍କର ସାହିତ୍ୟ ସାଧନା, ସାମାଜିକ ଚେତନା ଓ ଓଡ଼ିଆ ଭାଷା ପ୍ରତି ଅବଦାନକୁ ସ୍ୱୀକୃତି ଦେଇ ଆୟୋଜକମାନଙ୍କ ପକ୍ଷରୁ ଏହି ଗରିମାମୟ ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରୀ କୃଷ୍ଣ ସିଂହ ନିଜ ଅଭିଭାଷଣରେ ଉପାନ୍ତ ଅଞ୍ଚଳର ସାହିତ୍ୟିକ ଶକ୍ତି, ଲୋକଭାଷାର ସୌନ୍ଦର୍ଯ୍ୟ ଓ ଜନଜାତିୟ ସଂସ୍କୃତିର ଗୁରୁତ୍ୱ ଉପରେ ମତ ପ୍ରକାଶ କରିଥିଲେ। ଉତ୍ସବରେ ଉପସ୍ଥିତ ସାହିତ୍ୟିକମାନେ ମଧ୍ୟ ଶ୍ରୀ କୃଷ୍ଣ ସିଂହଙ୍କ ସାହିତ୍ୟିକ ଅବଦାନ ଓ ଚିନ୍ତନକୁ ଉଚ୍ଚ ପ୍ରଶଂସା କରିଥିଲେ। ପାନାବେଡ଼ା ସାହିତ୍ୟ ସଂସଦ ପକ୍ଷରୁ କୁହାଯାଇଥିଲା ଯେ, ଶ୍ରୀ କୃଷ୍ଣ ସିଂହଙ୍କୁ ଘୁମରର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରିବା ଉପାନ୍ତ ଅଞ୍ଚଳର ସାହିତ୍ୟିକ ମନୋବଳକୁ ଅଧିକ ଦୃଢ଼ କରିବା ସହ ନୂତନ ପିଢ଼ିକୁ ସାହିତ୍ୟ ସାଧନା ପ୍ରତି ପ୍ରେରିତ କରିବ।



# ପୁଣି ବେହାଲ୍; ନୂଆ ରାସ୍ତା ବି ମରାମତି ଖୋଜୁଛି

## କାଗଜକଲମରେ ଉତ୍ତରଦାୟୀ ହେଉଛନ୍ତି ଠିକାଦାର







କଟକ, ୮।୭(ସମିସ):

କଟକ ସହରରେ ରାସ୍ତାଘାଟଗୁଡିକର ଅବସ୍ଥା, ଏଥର ବର୍ଷାରେ ଗତବର୍ଷ ଭଳି ଶୋଚନୀୟ ଅବସ୍ଥାକୁ ଚାଲିଆସିଛି। ଏପରିକି ମାତ୍ର ୬ ମାସ ପୂର୍ବରୁ ନିର୍ମାଣ ହୋଇଥିବା ଅଧିକାଂଶ ରାସ୍ତା ଏବେ ମରାମତି ଖୋଜିଲାଣି। ରାସ୍ତାରେ ଖାଲଖମା ସୃଷ୍ଟି ହୋଇଥିବା ବେଳେ ଲଗାଣ ବର୍ଷାରେ ଆହୁରି ବେହାଲ ହୋଇପଡିଛି ସହରର ରାସ୍ତାଘାଟ। ଗତ ତିନି ଦିନ ଧରି ହୋଇଥିବା ଲଗାଣ ବର୍ଷା ପାଇଁ କଟକ ସହରର ଅଧିକାଂଶ ଅଞ୍ଚଳ ଜଳବନ୍ଦୀ ହୋଇପଡିଥିଲା। ବର୍ଷା ଏବେ ଛାଡିବା ପରେ ରାସ୍ତାଘାଟର ଅବସ୍ଥା ଯୋଗୁଁ ପଥଚାରୀ ଏବଂ ବିଭିନ୍ନ ଗାଡ଼ି ଚାଳକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ପୂର୍ବରୁ ରାସ୍ତାଘାଟ ସଜାଡିବା ପାଇଁ ହାଇକୋର୍ଟ ଅନେକ ସମୟରେ ତାଗିଦ କରିଆସିଛନ୍ତି। ଏପରିକି ନୂଆ ରାସ୍ତା ନିର୍ମାଣ କ୍ଷେତ୍ରରେ ଠିକାଦାରଙ୍କ କିଛି ସିକ୍ୟୁରିଟି ଅର୍ଥ କଟାଯାଇ ରଖାଯାଉଛି। ଧାର୍ଯ୍ୟ ସମୟ ପୂର୍ବରୁ ରାସ୍ତା ଖରାପ ହେଲେ ସମ୍ପୃକ୍ତ ଠିକାଦାରମାନେ ଏହାର ମରାମତି କରିବା କଥା; ହେଲେ କାଗଜକଲମରେ ଉତ୍ତରଦାୟୀ ହୋଇଛନ୍ତି ଠିକାଦାର। କେତେକ ରାସ୍ତାଘାଟ ଦୀର୍ଘ ଦିନ ଧରି ଶୋଚନୀୟ ହୋଇପଡିରହିବା ପରେ ସ୍ଥିରୀକୃତ ଅବଧି ଶେଷ ହୋଇଯିବା ପରେ ଠିକାଦାରମାନେ ବକେୟା ବିଲ୍ କରିନେଉଥିବା ଅଭିଯୋଗ ହେଉଛି।

ମିଳିଥିବା ସୂଚନାନୁସାରେ, କଟକ ମହାନଗର ନିଗମର ୫୯ଟି ୱାର୍ଡରେ ରହିଛି ମୋଟ ୫୫୦କିଲୋମିଟର ଦୀର୍ଘ ୩୩୭୨ଟି ରାସ୍ତା। ମହାନଗର ନିଗମ ଅଞ୍ଚଳରେ ୧୩୭କିଲୋମିଟର ରାସ୍ତା ବିପର୍ଯ୍ୟସ୍ତ ରହିଥିବା ନେଇ ୬ମାସ ପୂର୍ବରୁ ହାଇକୋର୍ଟରେ ଏକ ରିପୋର୍ଟ ଦାଖଲ କରାଯାଇଥିଲା। ପରବର୍ତ୍ତୀ ସମୟରେ ଯଦିଓ ମାତ୍ର ୪୦-୫୦ କିଲୋମିଟର ରାସ୍ତା ମରାମତି ହୋଇପାରିଥିଲା କିନ୍ତୁ ଏବେ ସହରରେ ୧୫୦କିଲୋମିଟର ଦୀର୍ଘ ରାସ୍ତା ମରାମତି ଓ ନବୀକରଣ ଲୋଡିଲାଣି। ବର୍ଷା ଋତୁ ଆରମ୍ଭ ହୋଇଥିବା ବେଳେ ରାସ୍ତାଘାଟର ଖାଲଖମାରେ ପାଣି ଜମିବା ଫଳରେ ଏହା ଦୁର୍ଘଟଣାର କାରଣ ପାଲଟିଛି। ନିକଟରେ କଟକ ମର୍କତନଗର ସେକ୍ଟର ୯ ରେ ଏକ ନବ ନିର୍ମିତ ରାସ୍ତା ଦବିଯାଇ ଗର୍ତ୍ତ ସୃଷ୍ଟି ହୋଇଥିଲା। ସେହିଭଳି ନିକଟରେ ଭୁଆସୁଣି ଗଡା ନିକଟରେ ୧୦୦ମିଟର ଗାର୍ଡୱାଲ ସହ ୬ଲେନ ବିଶିଷ୍ଟ ରାସ୍ତା ଭୁଶୁଡିପଡିଥିଲା। ସହରର ଅନ୍ୟ କେତେକ ସ୍ଥାନରେ ବି ନୂଆ କରି ନିର୍ମିତ ହୋଇଥିବା ରାସ୍ତାରେ ବଡ ବଡ ଗର୍ତ୍ତ ସୃଷ୍ଟି ହେଲାଣି। ସହରରେ ବିଦ୍ୟୁତ କେବୁଲ ଓ ଗ୍ୟାସ ପାଇପଲାଇନ ବିଛା ସହ ସବୁ ଅନେକ ଥର ଗୋଟିଏ ସ୍ଥାନରେ ବାରମ୍ବାର ସ୍ୱେରେଜ ପାଇପଲାଇନକୁ ଖୋଳାଯାଉଛି। ଏଥିପାଇଁ ରାସ୍ତାଘାଟଗୁଡିକ ବର୍ଷା ହେବା ପରେ ବେଶୀ ଶୋଚନୀୟ ହୋଇପଡିଛି। ବିଭିନ୍ନ ବିଭାଗ ସିଏମସି ସହ ପରାମର୍ଶ କରୁ ନଥିବା ତଥା ସମନ୍ୱୟ ରଖୁ ନଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ସହରର ଗଳିକନ୍ଦି ରାସ୍ତା ଶୋଚନୀୟ ହୋଇଥିବା ବେଳେ ଏଥିରୁ ବାଦ୍ ପଡିନି ମୁଖ୍ୟ ରାସ୍ତା। କଟକର ପ୍ରବେଶ ପଥ ମଧୁପାଟଣା-ବାଦାମବାଡି ମୁଖ୍ୟ ରାସ୍ତାର କେତେକ ସ୍ଥାନରେ ନିକଟରେ ସ୍ୱେରେଜ ଲାଇନ ପାଇଁ ଖୋଳାଯାଇଥିଲେ ବି ଏହାକୁ ଉପଯୁକ୍ତ ଭାବେ ମରାମତି ନ କରାଯାଇ ଛାଡିଦିଆଯାଇଛି।

# ଗୋପାଳପୁର ଶନିମନ୍ଦିର ସମ୍ମୁଖ ରାସ୍ତା ମରଣଯନ୍ତା

ଫୁଲନଖରା, ୮।୭ (ସମିସ): କଟକ-ଭୁବନେଶ୍ୱର ୧୬ନଂ ଜାତୀୟ ରାଜପଥରୁ ବାରଙ୍ଗ, ତ୍ରିଶୂଳିଆ ଆଦି ଦିଗକୁ ଯିବାପାଇଁ ବାଲିକୁଦା ରେଳଲାଇନ୍ ଉପରେ ଏକ ଓଭରବ୍ରିଜ୍ ଦେଇ ସମସ୍ତ ଯାନବାହନ ଯାତାୟତ କରିଥାଆନ୍ତି। ନିମ୍ନମାନର କାମଯୋଗୁଁ ଓଭରବ୍ରିଜ୍‌ରେ ଖାଲଖମା ସୃଷ୍ଟି ହୋଇଥିବା ବେଳେ ଓଭରବ୍ରିଜ୍ ଆରମ୍ଭ ଯାହାକି ଶନିମନ୍ଦିର ସମ୍ମୁଖ ରାସ୍ତାରେ ବଡ ବଡ ଖାଲଖମା ଯୋଗୁଁ ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଥିବା ଜଣାପଡିଛି। ଏ ବିଷୟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଭାଗୀୟ ଦୃଷ୍ଟି ଦେଉନାହାଁନ୍ତି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। କିଛିମାସ ହେବ ଭୁବନେଶ୍ୱରକୁ ଭିଡମୁକ୍ତ କରିବା ପାଇଁ କଟକରୁ ଭୁବନେଶ୍ୱର ଯାଉଥିବା ଭାରୀଯାନଗୁଡିକୁ ଗୋପାଳପୁର କାନାରା ବ୍ୟାଙ୍କଠାରୁ ସର୍ଭିସ୍ ରୋଡର ବାଲିକୁଦା ରେଳ ଓଭରବ୍ରିଜ୍ ଶନିମନ୍ଦିର ଅଣ୍ଡର ଦେଇ ତ୍ରିଶୂଳିଆ ରାସ୍ତାକୁ ଛଡାଯାଉଛି। ଓଭରବ୍ରିଜ୍ ଆରମ୍ଭରୁ ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ସେଠାରେ ପ୍ରତ୍ୟେକଦିନ କିଛି ନା କିଛି ଦୁର୍ଘଟଣା ଘଟିବା ପରିଦୃଷ୍ଟ ହେଉଛି। ଏହି ସ୍ଥାନଟି ବର୍ଷକୁ ତିନିରୁ ଚାରିଥର କାମ ହେଉଛି ମାତ୍ର ନିମ୍ନମାନର କାମ ଯୋଗୁଁ ସେହି ସ୍ଥାନରେ ବାରମ୍ବାର ଖାଲଖମା ସୃଷ୍ଟି ହେଉଛି। ଏହି ରାସ୍ତା ଦେଇ ପ୍ରତ୍ୟେହ ଶହଶହ ସଂଖ୍ୟାରେ ହାଇୱା, ମାଲ୍ ବୋଝେଇ ଟ୍ରକ୍ ଏପରିକି ବସ୍, କାର୍ ସମେତ ଭାରୀଯାନଗୁଡିକ ଯାତାୟାତ କରୁଥିବାରୁ ସେଠାରେ ଥିବା ରାସ୍ତା ଏତେମାତ୍ରାରେ ଖାଲଖମା ହୋଇଛି ଯେ ସର୍ବସାଧାରଣଙ୍କ ଯାତାୟତ ବାଧାପ୍ରାପ୍ତ ହେଉଛି। ଉକ୍ତ ଖାଲଖମା ଗୁଡିକୁ ତୁରନ୍ତ ସମତୁଲ କରିବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇଛି।



# ଯୁକ୍ତ ଦୁଇ ନାମଲେଖା ପାଇଁ କଟକରେ ପ୍ରଥମ ପର୍ଯ୍ୟାୟ କଟ୍‌ଅଫ୍ ତାଲିକା

କଟକ,୮।୭(ସମିସ): ରାଜ୍ୟରେ ଯୁକ୍ତ ଦୁଇ +୨ ପ୍ରଥମ ବର୍ଷ ବିଜ୍ଞାନ, କଳା ଓ ବାଣିଜ୍ୟରେ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା (କଟଅଫ ଲିଷ୍ଟ) ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଛି। କଟକର ବିଭିନ୍ନ ପ୍ରମୁଖ କଲେଜଗୁଡ଼ିକରେ ବିଜ୍ଞାନ, କଳା ଏବଂ ବାଣିଜ୍ୟ ଶ୍ରେଣୀ ପାଇଁ ପ୍ରଥମ ପର୍ଯ୍ୟାୟ କଟ୍-ଅଫ୍ ମାର୍କ ଏଥର ଅଧିକ ରହିଥିବା ଜଣାପଡିଛି। ଯୁକ୍ତ ଦୁଇରେ ଶିକ୍ଷା ଲାଭ ନିମନ୍ତେ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ରେଭେନ୍ସା ପ୍ରଥମ ପସନ୍ଦ ପାଲଟିଛି। ରେଭେନ୍ସା ପରେ ଜାତୀୟ କବି ବୀରକିଶୋର କଲେଜ (ଜେକେବିକେ) ଓ ଏହା ପଛକୁ ରହିଛି ଶୈଳବାଳା ମହିଳା କଲେଜ। ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ବିଜ୍ଞାନରେ ପ୍ରଥମ କଟଅଫ ୯୩.୪୦ପ୍ରତିଶତ ରହିଥିବା ବେଳେ ବାଣିଜ୍ୟରେ ୮୧ପ୍ରତିଶତ ଏବଂ କଳାରେ ୮୨.୪୦ପ୍ରତିଶତ କଟ୍-ଅଫ୍ ମାର୍କ ରହିଛି। ଜେକେବିକେ ସରକାରୀ କଲେଜରେ ବିଜ୍ଞାନ ବିଭାଗରେ ୮୭.୧୭ପ୍ରତିଶତ, କଳା ବିଭାଗରେ ୭୨.୩୩ ଏବଂ ବାଣିଜ୍ୟ ବିଭାଗରେ ୭୨.୬୭ ପ୍ରତିଶତ କଟ୍-ଅଫ୍ ମାର୍କ ନିର୍ଦ୍ଧାରଣ କରାଯାଇଛି। ଶୈଳବାଳା ମହିଳା କଲେଜରେ ବିଜ୍ଞାନ ପାଇଁ ୮୪ ପ୍ରତିଶତ, କଳା ପାଇଁ ୭୩.୨୦ ଏବଂ ବାଣିଜ୍ୟ ପାଇଁ ୭୦.୮୦ ପ୍ରତିଶତ କଟ୍-ଅଫ୍ ମାର୍କ ରହିଛି। ସେହିଭଳି ଷ୍ଟୁୱାର୍ଟ ବିଜ୍ଞାନ କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ କଟ୍-ଅଫ୍ ମାର୍କ ଏଥର ୭୮.୪୦ ପ୍ରତିଶତ ରହିଛି।




ଖ୍ରୀଷ୍ଟ କଲେଜରେ ନାମଲେଖା ପାଇଁ ବିଜ୍ଞାନରେ ୭୦ପ୍ରତିଶତ, କଳାରେ ୬୪.୧୭ ଏବଂ ବାଣିଜ୍ୟରେ ୫୮.୪୦ପ୍ରତିଶତ କଟ୍‌ଅଫ୍ ମାର୍କ ରହିଛି। ଖ୍ରୀଷ୍ଟ କଲେଜ ପଛକୁ ରହିଛି ଇନ୍ଦିରାଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ। ଏଠାରେ ବିଜ୍ଞାନ କଟଅଫ ୬୬.୧୭ପ୍ରତିଶତ, କଳା ୬୩ପ୍ରତିଶତ ଓ ବାଣିଜ୍ୟ କଟଅଫ ୪୦.୬୭ ପ୍ରତିଶତ ରହିଥିବା ଜଣାପଡିଛି। ଏନଏସଏମ ସିଟି କଲେଜରେ ବିଜ୍ଞାନ, କଳା ଓ ବାଣିଜ୍ୟରେ ଯଥାକ୍ରମେ ୬୦,୬୩ ଓ ୩୫.୧୭ ପ୍ରତିଶତ କଟଅଫ ମାର୍କ ସ୍ଥିର କରାଯାଇଛି। ଇମର୍ତ୍ତି ଦେବୀରେ ଯଥାକ୍ରମେ ୫୫.୬୩,୪୭ ଓ ୪୨.୬୭ ପ୍ରତିଶତ ରହିଥିବା ବେଳେ କଟକ କଲେଜରେ ବିଜ୍ଞାନ ପାଇଁ ୪୨ପ୍ରତିଶତ, କଳାରେ ୪୭ ଓ ବାଣିଜ୍ୟରେ ୪୬.୬୨ପ୍ରତିଶତ କଟଅଫ ରହିଛି। ସେହିଭଳି ବୀରେନମିତ୍ର କଲେଜରେ ବିଜ୍ଞାନ ନାମଲେଖା ପାଇଁ ୪୨.୮୩ ପ୍ରତିଶତ, କଳାରେ ୩୩ ପ୍ରତିଶତ ସ୍ଥିର କରାଯାଇଛି। ଉପରୋକ୍ତ ସମସ୍ତ କଟ୍-ଅଫ୍ ମାର୍କ ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା କୁହାଯାଇଛି। ପ୍ରଥମ ମେରିଟ୍ ଲିଷ୍ଟରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀମାନେ ସାମ୍ସ ଓଡ଼ିଶା ୱେବସାଇଟରୁ ନିଜର ଇଣ୍ଟିମେସନ୍ ଲେଟର ଡାଉନଲୋଡ କରିବେ। ଜୁଲାଇ ୯ରୁ ଜୁଲାଇ ୧୫ ଯାଏଁ ମନୋନୀତ ଛାତ୍ରଛାତ୍ରୀମାନେ ନିଜର ସମସ୍ତ ମୂଳ ପ୍ରମାଣପତ୍ର ଏବଂ ଆବଶ୍ୟକୀୟ ଫି' ସହ ସମ୍ପୃକ୍ତ କଲେଜରେ ପହଞ୍ଚି ନାମ ଲେଖାଇବେ ବୋଲି କୁହାଯାଇଛି। ଏହି ନାମ ଲେଖା ଶେଷ ପରେ ବଳକା ସିଟ ପାଇଁ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ। ପ୍ରକାଶଥାଉକି ଆସନ୍ତା ଜୁଲାଇ ୨୩ରୁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ପାଠପଢ଼ା ଆନୁଷ୍ଠାନିକ ଭାବେ ଆରମ୍ଭ ହେବ।

## ● ହୀରାକୁଦରୁ ଛଡ଼ାଯିବ ପ୍ରଥମ ବନ୍ୟାଜଳ

# ବାଲିଘାଟ ବନ୍ଦ ନିର୍ଦ୍ଦେଶ

**ଭିଡ଼ ଜମାଇବା, ଫଟୋ ଓ ଭିଡିଓ ଉତ୍ତୋଳନରେ କଟକଣା**

କଟକ, ୮।୭(ସମିସ): ହୀରାକୁଦ ଜଳଭଣ୍ଡାରରୁ ଚଳିତ ମୌସୁମୀ ଋତୁର ପ୍ରଥମ ବନ୍ୟାଜଳ ମହାନଦୀକୁ ଛଡ଼ାଯିବା ପୂର୍ବରୁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇବା ଆଶଙ୍କା ଥିବାରୁ କଟକ ଜିଲ୍ଲାପାଳ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଅଧ୍ୟକ୍ଷ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଏକ ଜରୁରିକାଳୀନ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲ୍ଲାରେ ଥିବା ସମସ୍ତ ବାଲି ସୈରାତ ବା ବାଲିଘାଟରୁ ଉତ୍ତୋଳନ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ରଖାଯାଇଛି। ମହାନଦୀ ଏବଂ ଏହାର ଶାଖା ନଦୀଗୁଡ଼ିକ ଉପରେ ଥିବା କୌଣସି ବି ସେତୁ, ବ୍ୟାରେଜ୍ (ମୁଣ୍ଡଳୀ ଓ ଯୋବ୍ରା ସମେତ) କିମ୍ବା ନଦୀବନ୍ଧ ଉପରେ ବନ୍ୟାଜଳ ଦେଖିବା, ସେଲଫି ନେବା, ଫଟୋ ଉଠାଇବା ଉଦ୍ଦେଶ୍ୟରେ ଭିଡ଼ ଜମାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ନଦୀରେ ଗାଧୋଇବା ଓ ସନ୍ତରଣ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇଛି। କଟକ ମହାନଗର ନିଗମ କମିସନର ଏବଂ ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ନଦୀଘାଟଗୁଡ଼ିକ ନିକଟରେ ଏହି ସୂଚନା ପ୍ରଚାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିରନ୍ତର ତଦାରଖ ପାଇଁ ସ୍ୱତନ୍ତ୍ର ନୋଡାଲ ଅଫିସର ମୁତୟନ କରିବାକୁ କୁହାଯାଇଛି। ଘାଟଗୁଡ଼ିକ ଉପରେ ସମସ୍ତ ସ୍ଥାନୀୟ ଥାନାର ଆଇଆଇସି ଏବଂ ପୁଲିସ ପାଟ୍ରୋଲିଂ ଗାଡ଼ିଗୁଡ଼ିକୁ ଏହି ପ୍ରତିବନ୍ଧକ କଡ଼ାକଡ଼ି ଭାବେ ଲାଗୁ କରିବା ଏବଂ ଲୋକଙ୍କୁ ନଦୀଘାଟକୁ ଯିବାରୁ ବାରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ବ୍ୟକ୍ତି ଏହି ନିର୍ଦ୍ଦେଶନାମାର ଉଲ୍ଲଂଘନ କରନ୍ତି, ତେବେ ତାଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗାଇଡଲାଇନ ଜାରି କରାଯାଇଛି।

# ଏସ୍‌ସିବିରେ ଦ୍ୱିତୀୟ ଆହାର କେନ୍ଦ୍ର ଉଦ୍‌ଘାଟିତ

କଟକ,୮।୭(ସମିସ): ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ କଟକ ମହାନଗର ନିଗମ ପକ୍ଷରୁ ଆଉ ଏକ ନୂତନ 'ଆହାର କେନ୍ଦ୍ର' ନିର୍ମାଣ କରାଯାଇଛି। ବୁଧବାର ଅପରାହ୍ନରେ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଏହି କେନ୍ଦ୍ରର ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କେଏମସିର ମେୟର ସୁବାସ ସିଂହ, ବାଟବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିର୍ଦ୍ଦୋଷ, କମିସନର ସୁଶ୍ରୀ କିରନଦୀପ୍ କୌର ସହୋତା, କଟକ ଡିସିପି ଖିଲାରୀ ରିଷିକେଶ ଦ୍ୟାନଦେଓ, ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ଅଧୀକ୍ଷକ ପ୍ରମୁଖ ସାମିଲ ହୋଇଥିଲେ। କଟକ ମହାନଗର ନିଗମ ପକ୍ଷରୁ ୬୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଆହାର କେନ୍ଦ୍ରରେ ପ୍ରତିଦିନ ୬୦୦ ଜଣଙ୍କ ଲାଗି ମଧ୍ୟାହ୍ନ ଭୋଜନ ଏବଂ ୪୦୦ ଜଣଙ୍କ ଲାଗି ରାତ୍ରୀ ଭୋଜନର କ୍ଷମତା ରହିଛି। କାର୍ଯ୍ୟକ୍ରମରେ କେଏମସିର ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଜନ ଅଭିଯୋଗ ଶୁଣାଣି ଏବଂ ସାମାଜିକ ନ୍ୟାୟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ପ୍ରଳୟା ବେଉରା ଓ କେଏମସିର ସ୍ଥାନୀୟ କର୍ପୋରେଟରଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏହି ଉତ୍ସବରେ ଉପସ୍ଥିତ ଥିଲେ।




# ପ୍ରକାଶ ପାଇଲା ଓଷ୍ଟା ଦଶମ ଶ୍ରେଣୀ ଟେଷ୍ଟ ପେପର୍ସ

କଟକ,୮।୭(ସମିସ): ଆସନ୍ତା ୨୦୨୭ ମସିହା ମାଟ୍ରିକ ପରୀକ୍ଷାର୍ଥୀଙ୍କ ନିମନ୍ତେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରସ୍ତୁତ ପାଠ୍ୟଖସଡ଼ା ଆଧାରରେ ବୁଧବାର ନୟାସଡ଼କସ୍ଥିତ ଓଷ୍ଟାର ମୁଖ୍ୟ କାର୍ଯ୍ୟାଳୟଠାରେ ଉଭୟ ବସ୍ତୁନିଷ୍ଠ ଓ ଦୀର୍ଘ ଉତ୍ତରମୂଳକ ଓଷ୍ଟା ଟେଷ୍ଟ ପେପର୍ସ ପ୍ରକାଶିତ ହୋଇଛି। ଆଜିଠାରୁ ବଜାରରେ ଏହା ବଜାରରେ ଉପଲବ୍ଧ ହୋଇଛି ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ବୋଲି ଓଷ୍ଟାର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଉଭୟ ସଂକ୍ଷିପ୍ତ ଓ ଦୀର୍ଘ ଉତ୍ତରମୂଳକ ଟେଷ୍ଟ ପେପର୍ସ ଓଷ୍ଟା ଦ୍ୱାରା ପ୍ରସ୍ତୁତ କରାଯାଇଛି। ଟେଷ୍ଟପେପର୍ସ ପ୍ରକାଶନ କ୍ଷେତ୍ରରେ ଓଷ୍ଟା ୬୧ବର୍ଷ ଅତିକ୍ରାନ୍ତ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ଉପସ୍ଥିତ ଥିଲେ।



# ନୂତନ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଯୋଗଦାନ



କଟକ,୮।୭(ସମିସ): କଟକ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଭାବେ ସୁଗୁଡା ମୁର୍ମୁ ଆଜି କାର୍ଯ୍ୟରେ ଯୋଗ ଦେଉଛନ୍ତି। ଏହି ଅବସରରେ କଟକ କଲେକ୍ଟରେଟ ଷ୍ଟାଫ କମିଟିର ସଭାପତି ନରେଶଚନ୍ଦ୍ର ମହାପାତ୍ର, ଅଜୟ କୁମାର ମୁଦୁଲି, ସୁବ୍ରତ କୁମାର ସାହୁ, ସଞ୍ଜୟ କୁମାର ସାହୁ ଏବଂ କଟକ ଜିଲ୍ଲା ରାଜସ୍ୱ ଅମଲା ସଂଘ ସଭାପତି ସୁଧାଂଶୁ ଭୂଷଣ ମହାପାତ୍ର, ସୂର୍ଯ୍ୟକାନ୍ତ ପାଣି ତାଙ୍କୁ ସ୍ୱାଗତ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଯୋଗାଣ ଅଧିକାରୀ କେ. ଚନ୍ଦ୍ରଶେଖର ରାଓ, ଅତିରିକ୍ତ ଯୋଗାଣ ଅଧିକାରୀ ଦୀପକ ବେହେରା, ମଧୁସ୍ମିତା ମହାପାତ୍ର, ସହାୟକ ଯୋଗାଣ ଅଧିକାରୀ ରାଜଲକ୍ଷ୍ମୀ ପାତ୍ର, ବିଷ୍ଣୁ ପରିଡାଙ୍କ ସହ ମହାନଗର ନିଗମ ନିରୀକ୍ଷକ, ଦେବୀପ୍ରସାଦ ଦାସ, ଇତିଶ୍ରୀ ଜେନା, ସହାୟକ ନିବନ୍ଧକ ଯୋଗାଣ ନିଗମ, ରୋଜାଲିନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଶାସନର କଟକରେ ରଥଯାତ୍ରା ପ୍ରସ୍ତୁତି

# ରାସ୍ତାଘାଟ ମରାମତି ଓ କେବୁଲ୍ ତାର ଅପସାରଣକୁ ଗୁରୁତ୍ୱ

କଟକ, ୮।୭(ସମିସ):



ଚଳିତ ବର୍ଷ କଟକରେ ରଥଯାତ୍ରା ସଫଳ ଆୟୋଜନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡଃ ଦିବ୍ୟଲୋଚନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ହେଉଥିବା ରଥଯାତ୍ରାକୁ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସହରରେ ହରିପୁର-ଦୋଳମୁଣ୍ଡାଇ ଏବଂ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ରାଣୀହାଟସ୍ଥିତ ବଳଦେବଜୀଉ ମନ୍ଦିର, ତୁଳସୀପୁର, ପିଠାପୁର, ଯୋବ୍ରା ସହ ଚଳିତ ବର୍ଷ ନୂତନ ଭାବେ ଅନୁଷ୍ଠିତ ହେବାକୁ ଥିବା ସିଡିଏ ସେକ୍ଟର-୬ସ୍ଥିତ ଜଗନ୍ନାଥ ମନ୍ଦିର ଆଦି ସ୍ଥାନରେ ପରମ୍ପରା ଅନୁଯାୟୀ ଶ୍ରୀଜୀଉମାନଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ବୈଠକରେ ସହଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) କମଳଜିତ ଦାସ ରଥର ସୁରକ୍ଷା ପାଇଁ ରଥ ଗତି କରୁଥିବା ପଥଗୁଡିକରୁ ବିଦ୍ୟୁତ ତାର, ଟିଭି କେବୁଲ ତାର ସହ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ବିଛା ଯାଇଥିବା କେବୁଲ ତାର ଅପସାରଣ ସମ୍ବନ୍ଧରେ ଆଲୋଚନା କରିଥିଲେ। ରାସ୍ତାଘାଟର ମରାମତି, ପାନୀୟଜଳ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତସେବା, କେବୁଲ ତାର ଅପସାରଣ, ରଥଯାତ୍ରା ସମୟରେ ସହରରେ ଦିବାରାତ୍ର ପରିମଳ ବ୍ୟବସ୍ଥା, ନାଳନର୍ଦ୍ଦମାଗୁଡିକର ସଫେଇ ଓ ଜଳନିଷ୍କାସନ, ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସ୍ୱାଗତିକା ବେହେରା, ଅତିରିକ୍ତ ପୁଲିସ ଉପ ଆୟୁକ୍ତ ରଞ୍ଜନ ପୃଷ୍ଟିଙ୍କ ସମେତ ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ, ଅଗ୍ନିଶମ, ଟିପିସିଓଡିଏଲ, କଟକ ମହାନଗର ନିଗମ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ରଥଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି, ଭିକାରି ଦାସଙ୍କ ସମେତ ବିଜୟ କୁମାର ସାହୁ, ହରେକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ଉଲ୍ଲାସ ସମୀକ୍ଷା ବୈଠକ

ଅତାବିରା, ୮ ।୭ (ସମିସ): ଅତାବିରା ଉଚ୍ଚ ବିଦ୍ୟାଳୟରେ ଅତାବିରା ବ୍ଲକସ୍ତରୀୟ ଉଲ୍ଲାସ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏବିଇଓ ମୁକେଶ ଚନ୍ଦ୍ର ଭୋଇ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ହରପାଲ, ଭୀଷ୍ମଦେବ ସରାଫ ପ୍ରମୁଖ ଉପସ୍ଥିତ ଥିଲେ । ନନ୍ଦିଘୋଷ ଭୁଏ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଅସହାୟ ବ୍ୟକ୍ତିଙ୍କ ଶବ ସଂସ୍କାର କଲା ସଂକଳ୍ପ ପରିବାର

ବରଗଡ଼, ୮ । ୭ (ସମିସ): ସଂକଳ୍ପ ପରିବାର ଅତାବିରା ଥାନା କୁଯାପାଳି ଗ୍ରାମର ସତ୍ରୁଘ୍ନ ଭୁଏ (୫୫)ଙ୍କ ଶବ ସତ୍କାର କରିଛି । ପୁଲିସ ଅନୁରୋଧ କ୍ରମେ ସଂକଳ୍ପ ପରିବାରର ସଭାପତି ବିକାଶ ଅଗ୍ରୱାଲ, ଶେଷଦେବ ପଧାନ ଏବଂ ସୁରେନ୍ଦ୍ର ଭୁଏ ବରଗଡ଼ ପିପଲମୁଣ୍ଡା ସ୍ୱର୍ଗଦ୍ୱାରରେ ସମ୍ମାନର ସହ ଏହି କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ସମୟରେ ଅତାବିରା ଥାନା ଅଧୀନ ଗୋଡ଼ଭୋଗା ଫାଣ୍ଡି ଅଧିକାରୀ ଏସ୍ଆଇ ଗଣେଶ ବାରିକ, ମୃତକଙ୍କ ଝିଅ ଓ ନାତି ଉପସ୍ଥିତ ଥିଲେ ।

## ରୋନକ ପ୍ରଧାନଙ୍କ ଚେସ୍ ଫିଡେ ରେଟିଂ ଲାଭ



ବରଗଡ଼, ୮ ।୭ (ସମିସ): ବରଗଡ଼ ଚେସ୍ ଆସୋସିଏସନ ତରଫରୁ ଚାଲିଥିବା ଚେସ୍ ପ୍ରଶିକ୍ଷଣ କେନ୍ଦ୍ର 'ଲିଟିଲ ଚାମ୍ପ' ର ଶିକ୍ଷାର୍ଥୀ ରୋନକ ପ୍ରଧାନ ଚଳିତ ଜୁଲାଇ ମାସରୁ ଆନ୍ତର୍ଜାତିକ ଫିଡେ ରେଟିଂ ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି । ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସପ୍ତଦଶ ଚେସ୍ ମେଳାରେ ଉଲ୍ଲେଖନୀୟ ଖେଳ ପ୍ରଦର୍ଶନ ପୂର୍ବକ ରୋନକ ଏହି ସଫଳତା ଅର୍ଜନ କରିଛନ୍ତି । ସ୍ଥାନୀୟ ରୋଟାରି ପବ୍ଲିକ ସ୍କୁଲରେ ଗତ ଜୁଲାଇ ୫ ତାରିଖ ଦିନ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରଛାତ୍ରୀ ଏ ନିମନ୍ତେ ଆୟୋଜିତ ଏହି ସ୍ୱତନ୍ତ୍ର ଉତ୍ସବରେ ରୋନକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ଏସୋସିଏସନର ସମ୍ପାଦକ କେଶରଞ୍ଜନ ପ୍ରଧାନ, ସହ ସମ୍ପାଦକ ସୁନୀଲ ପୁରୋହିତ, ପ୍ରଶିକ୍ଷକ ସୁନିଲ ସିଂ ଏବଂ ଡ୍ରପ ଦୁଆନ ଏ ଉତ୍ସବରେ ଉପସ୍ଥିତ ଥିଲେ । ବରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ରୋନକ ବରଗଡ଼ କୁର୍ଲା ନିବାସୀ ଜୟରାମ ପ୍ରଧାନ ଏବଂ କଳ୍ପନା ପ୍ରଧାନଙ୍କ ପୁତ୍ର । ସୂଚନାଯୋଗ୍ୟ, ବରଗଡ଼ ଜିଲ୍ଲା ଚେସ୍ ଆସୋସିଏସନ ବରଗଡ଼ ରୋଟାରୀ ପବ୍ଲିକ ସ୍କୁଲରେ ପ୍ରତି ମାସ ୨ଟି ରବିବାର ଦିନ ଚେସ୍ ପ୍ରଶିକ୍ଷଣର ବ୍ୟବସ୍ଥା କରିଛି ।

## ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି

ପାଇକମାଲ, ୮ ।୭ (ସମିସ): ପାଇକମାଲ ବ୍ଲକର ମାଣ୍ଡୋସିଲ ପଞ୍ଚାୟତ ଅଧୀନ ଡୁମେରବାହାଲ ଗ୍ରାମରେ ସରକାରଙ୍କ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ



ଡୁମେବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ ଦାବି କରିଛନ୍ତି । ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ, ପାଇକମାଲ ବିଡ଼ିଓ ପ୍ରଫୁଲ୍ଲ ଓଡୁ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେରଙ୍କୁ ସାକ୍ଷାତ କରି ଏ ସଂକ୍ରାନ୍ତରେ ଦାବୀପତ୍ର ପ୍ରଦାନ କରିଥିଲେ । ସୁଶାନ୍ତ ଖୁମୁରୀଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳୀରେ ଗୀତାଞ୍ଜଳି କୁମ୍ଭାର, ରୁଦନା ବାଗ, ଜୟନ୍ତୀ ସାହୁ, ରୀନା ମୁଗୁରୀ, ଗୟାଧର ବାଗ, ଲିଙ୍ଗରାଜ ଷଡ଼ଙ୍ଗୀ, ହୃଷିକେଶ ସାହୁ, ଜୟକିଶୋର ପୁରୋହିତ, ପ୍ରଦୀପ ବଢ଼େଇ, ଅହଲ୍ୟା ମାଝୀ, ରାଧାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ଗୌନ୍ତିଆଙ୍କ ଗଙ୍ଗାଶ୍ରାଦ୍ଧରେ ରକ୍ତଦାନ ଶିବିର



ବରଗଡ଼, ୮ । ୭ (ସମିସ): ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଲଚିଦା ଗ୍ରାମର ଗୌନ୍ତିଆ ତଥା ଗ୍ରାମ୍ୟ କମିଟି ସଭାପତି ସଞ୍ଜିବ ପତିଙ୍କ ଗଙ୍ଗାଶ୍ରାଦ୍ଧରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । 'ପଶ୍ଚିମ୍ ଓଡ଼ିଶା ଯୁବା ମଞ୍ଚ୍ ଏବଂ ଲଚିଦା ଗ୍ରାମବାସୀ ଏହାର ଆୟୋଜନ କରିଥିଲେ । ୫୦ ଜଣ ରକ୍ତଦାନ କରିଥିଲେ । ସୁଜିତ ପତି କାର୍ଯର୍‌ୟକ୍ରମର ଉଦଘାଟନ କରିଥିଲେ । ଅଜିତ ପତି, ସମ୍ପାଦକ ସୁମନ୍ତ ଶତପଥୀ, ଶ୍ରୀକାନ୍ତ ପଧାନ, ଯତୀନ ନାୟକ, ସମ୍ରିତ୍ ଚାନ୍ଦ, ବିକ୍ରମ ପଣ୍ଡା, ମଳୟ ପାଧନ, ହିତେଶ କୁମ୍ଭାର, ଶିବଶଙ୍କର ପଣ୍ଡା ସହ ଅନେକ ସଦସ୍ୟ ରକ୍ତଦାନ ଶିବିର ପରିଚାଳନା କରିଥିଲେ ।

# ବସ୍ ଧକ୍କାରେ ଛାତ୍ରଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା






ବରଗଡ଼, ୮ ।୭ (ସମିସ)

ବରଗଡ଼ ସହରର ଘରୋଇ ବସ ଷ୍ଟାଣ୍ଡ ଛକ ନିକଟରେ ବୁଧବାର ସକାଳେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୪ ବର୍ଷୀୟ ଛାତ୍ର ରୋନକ ଝାଙ୍କର ମୃତ୍ୟୁ ଘଟିଛି । ମୃତ ଛାତ୍ର ପଧାନପାଲି ଅଞ୍ଚଳର ବାସିନ୍ଦା ରାଘବେନ ଝାଙ୍କ ପୁଅ । ସେ ବରଗଡ଼ ହିନ୍ଦୀ ବାଳକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଥିଲେ । ରୋନକ ପ୍ରତିଦିନ ଭଳି ବୁଧବାର ସକାଳେ ସ୍କୁଲକୁ ଯାଉଥିବା ବେଳେ ଘରୋଇ ବସ ଷ୍ଟାଣ୍ଡ ଛକ ନିକଟରେ ଏକ ଯାତ୍ରୀବାହୀ ବସ ତାଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ବସ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ସ୍ଥାନୀୟ ଲୋକେ ଗୁରୁତର ଆହତ ରୋନକଙ୍କୁ ତୁରନ୍ତ ବରଗଡ଼ ସହର ମଧ୍ୟରେ ରହିଥିବା ସିଏଚସି ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସ୍ଥଳକୁ ବରଗଡ଼ ପୋଲିସ ପହଞ୍ଚି ଶବ ଜବତ କରିବା ସହିତ ଖେଦାପାଲିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକ ଓ ଉତ୍ତେଜନା ଦେଖାଦେଇଥିଲା । ଉତ୍ତ୍ୟକ୍ତ ସ୍ଥାନୀୟ ବାସିନ୍ଦା ଓ ପରିବାର ଲୋକେ ମୃତଦେହକୁ ଘରୋଇ ବସ ଷ୍ଟାଣ୍ଡ ଛକରେ ରଖି ରାସ୍ତାରୋକ କରିଥିଲେ । ଦୁର୍ଘଟଣା ପାଇଁ ଦାୟୀ ବସ୍‌ଚାଳକଙ୍କ ଗିରଫ ସହ ପୀଡ଼ିତ ପରିବାରକୁ ଉଚିତ କ୍ଷତିପୂରଣ ଏବଂ ବରଗଡ଼ ସହରର ଅବ୍ୟବସ୍ଥିତ ଟ୍ରାଫିକ ବ୍ୟବସ୍ଥାର ସ୍ଥାୟୀ ସମାଧାନ ପାଇଁ ଦାବି କରିଥିଲେ ।



## ୧୦ରେ ବିଜେଡିର ଶିକ୍ଷା ବଞ୍ଚାଅ ଆନ୍ଦୋଳନ



ବରଗଡ଼, ୮ । ୭ (ସମିସ): ବିଜେପି ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିଦେବା । ଏଥିପାଇଁ ସରକାର ଷଡ଼ଯନ୍ତ୍ର କରୁଛନ୍ତି । ଏହା ବିରୋଧରେ ବିଜୁ ଜନତା ଦଳ ଆଗପକୁ ଆସିଛି । ଆସନ୍ତା ୧୦ ତାରିଖ ଶୁକ୍ରବାର ସକାଳ ୧୦ଟାରେ ବରଗଡ଼ ଗାନ୍ଧୀ ଛକରୁ ଶିକ୍ଷା ବଞ୍ଚାଅ ଆନ୍ଦୋଳନ ଆରମ୍ଭ କରାଯିବ । ଏହି ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ଆଜି ବରଗଡ଼ରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଦ୍ୟୁମ୍ନ ତ୍ରିପାଠୀ, କରନ ସିକନ୍ଦର, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପଦ୍ମପୁର ବିଧାୟିକା ବର୍ଷା ସିଂହ ବରିହା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲ୍ଲା ମହିଳା ସଭାପତି କଳ୍ପନା ମାଝୀ, ସୁବ୍ରତ ସିଂହ, ଚନ୍ଦନ ଗୁପ୍ତା, ଟିକାୟତ ମହତ୍ତମ, ପ୍ରଫୁଲ୍ଲ ନାୟକ, ସୁବ୍ରତ ବେହେରା, ଉପନଗରପାଳ ରାଜେଶ ଅଗ୍ରୱାଲ, କମଲ ତାଣ୍ଡି, ହିମାଂଶୁ ପଣ୍ଡା, ବରଗଡ଼ ଟାଉନ ସଭାପତି ଅନୁପ ଶତପଥୀ, ହରିଶଙ୍କର ବେହେରା, ବରଗଡ଼ ଜିଲ୍ଲା ଉପସଭାପତି କିଶୋର ମିଶ୍ର, ପ୍ରଶାନ୍ତ ମହାନ୍ତି, ଅବିନାଶ ମଲ୍ଲିକ, ଲିପୁ ସାହୁ, ସୁରୁ ପ୍ରଧାନ, ରାଜୁ ଭୋଷାଗର, ବେଲାଲ ମେହେର, ଏମ୍‌ଡି ଜମିର ପ୍ରମୁଖ ଉପସ୍ଥିତ ଥିଲେ ।

## ପିକ୍‌ଅପ୍ ଧକ୍କାରେ ପୂର୍ବତନ ସମବାୟ ସମିତି ସଭାପତିଙ୍କ ପରଲୋକ

ପାଇକମାଲ, ୮ ।୭ (ସମିସ): ପାଇକମାଲ ବ୍ଲକୟ ଜାମସେଠ ବିଜୁ ଏକ୍ସପ୍ରେସୱେର ବୁଲାଣି ନିକଟରେ ବୁଧବାର ଅପରାହ୍ନରେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଅଞ୍ଚଳର ଜଣାଶୁଣା ତଥା ଜାମସେଠ ସମବାୟ ସମିତିର ପୂର୍ବତନ ସଭାପତି ବେଣୁଧର ବେହେରା (୫୮)ଙ୍କ ମୃତ୍ୟୁ ଘଟିଛି । ତାଙ୍କ ଅକାଳ ବିୟୋଗରେ ମାଣ୍ଡୋସିଲ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।



ଖରାମାଳ ଗ୍ରାମର ବାସିନ୍ଦା ବେଣୁଧର ମାଣ୍ଡୋସିଲ ପଟରୁ ନିଜ ମୋଟରସାଇକେଲ (ଓଡି ୧୭ ଟି ୦୪୭୯) ଯୋଗେ ଘରକୁ ଫେରୁଥିଲେ । ଅପରାହ୍ନ ପ୍ରାୟ ୩ଟା ସମୟରେ ଜାମସେଠ ନିକଟସ୍ଥ ବୁଲାଣି ଅଞ୍ଚଳରେ ପଛପଟରୁ ଦ୍ରୁତଗତିରେ ଆସୁଥିବା ଏକ ପିକଅପ୍ ଗାଡ଼ି (ସିଜି ୦୬ ଜି ୦୭୦୩୫) ତାଙ୍କ ବାଇକକୁ ଜୋରରେ ଧକ୍କା ଦେଇଥିଲା । ଫଳରେ ସେ ରାସ୍ତା ଉପରକୁ ଛିଟିକି ପଡ଼ି ମୁଣ୍ଡରେ ଗୁରୁତର ଆଘାତ ଯୋଗୁଁ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ନୂଆପଡ଼ା ସରକାରୀ ଚିକିତ୍ସାଳୟକୁ ନେଇଥିଲେ । ଦୁର୍ଘଟଣା ପରେ ପିକଅପ୍ ଗାଡ଼ିର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି । ଖବର ପାଇ ପାଇକମାଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରିଥିବା ବେଳେ ଘଟଣାର ତଦନ୍ତ ଆରମ୍ଭ କରିଛି । ଫେରାର ଚାଳକଙ୍କ ସନ୍ଧାନ ଜାରି ରହିଥିବା ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଏସଆଇ ବୀଣା ତିର୍କୀ ସୂଚନା ଦେଇଛନ୍ତି । ଏନେଇ ମଧ୍ୟ ଥାନା ମାମଲା ରୁଜୁ ହୋଇଛି । ନୂଆପଡ଼ାରେ ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି ।

### ● ବିକାଶ ଫାର୍ମାସୀ କଲେଜ

## ବନମହୋତ୍ସବ ଅବସରରେ ସଂଗୋଷ୍ଠୀ

ବରଗଡ଼, ୮ ।୭ (ସମିସ): ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ଫାର୍ମାସୀ କଲେଜରେ 'ବନ ମହୋତ୍ସବ' ଅବସରରେ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଅଧ୍ୟକ୍ଷ ଡ. ଶୁଭେନ୍ଦୁ ଶେଖର ମିଶ୍ରଙ୍କ ନେତୃତ୍ୱରେ ଅଧ୍ୟାପକ ଅଧ୍ୟାପିକା ତଥା ଛାତ୍ରଛାତ୍ରୀ ବିକାଶ ପ୍ରାଙ୍ଗଣରେ ବୃକ୍ଷରୋପଣ କରିଥିଲେ । କାର୍ଯ୍ୟକ୍ରମରେ ଚିଫ୍ ଆଡମିନିଷ୍ଟ୍ରେଟିଭ ଅଫିସର ଇଂ ଅଜୟ କୁମାର ମହାପାତ୍ର, ବରିଷ୍ଠ ଉପଦେଷ୍ଟା ପ୍ରସନ୍ନ କୁମାର ଦାଶ ଏବଂ ଡିନ୍ ଆର୍‌ଏସ୍‌ଭି କ୍ରିଷ୍ଣା ଯୋଗଦେଇଥିଲେ । ଏହି ଅବସରରେ ଔଷଧୀୟ ବୃକ୍ଷ ଏବଂ ସେମାନଙ୍କ ଉପଯୋଗିତା ସମ୍ବନ୍ଧିତ ସଂଗୋଷ୍ଠୀ ଆୟୋଜିତ ହୋଇଥିଲା । ଏହି ସଂଗୋଷ୍ଠିରେ ଅଧ୍ୟକ୍ଷ ଡ. ମିଶ୍ର ପ୍ରାରମ୍ଭିକ ବକ୍ତବ୍ୟ ଉପସ୍ଥାପନ କରିଥିବାବେଳେ ଫାର୍ମାସୀ ପ୍ରଥମ ବର୍ଷର ଛାତ୍ରଛାତ୍ରୀ ମେହେକ୍ ଅଗ୍ରୱାଲ୍, ଗୁରୁ ପ୍ରସାଦ ପଣ୍ଡା, ସୌଜନ୍ୟା ମିଶ୍ର, ଅମୀୟ ପ୍ରଧାନ, ସିଦ୍ଧାନ୍ତ ଏବଂ ଆଜାଦ୍ ସାହୁ ଭିନ୍ନ ଭିନ୍ନ ବିଷୟବସ୍ତୁ ଉପରେ ରୋଚକ ତଥ୍ୟ ଉପସ୍ଥାପନ କରିଥିଲେ । ସଂଯୋଜନା ଦାୟିତ୍ୱ ଅଧ୍ୟାପିକା ଶିବାନୀ ରାଉତ ତୁଲାଇଥିବା ବେଳେ ଅଧ୍ୟାପକ ସ୍ୱସ୍ତିକ ସୌରଭ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଝାଞ୍ଜିପାହାଡ଼ରେ ବାଟବଣା ଦୁଇ ଯୁବକ ୨୦ ଘଣ୍ଟା ପରେ ଉଦ୍ଧାର

ପଦ୍ମପୁର, ୮ ।୭ (ସମିସ): ପଦ୍ମପୁର ଉପଖଣ୍ଡ ଝାଞ୍ଜି ପାହାଡ଼ କୁଠିଖୋଲକୁ ବୁଲିଯାଇ ନିଖୋଜ ହୋଇଥିବା ଦୁଇ ଯୁବକଙ୍କୁ ଦୀର୍ଘ ୨୦ ଘଣ୍ଟାର ବ୍ୟାପକ ଖୋଜାଖୋଜି ପରେ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଉଦ୍ଧାର ହୋଇଥିବା ଦୁଇ ଯୁବକ ହେଲେ କନସିଂହା ଗ୍ରାମର ରାଜ ମଲ୍ଲିକ ଓ ଗଣେଶ ଡୁଡୁକା । ୯ ଜଣ ଯୁବକ ଝାଞ୍ଜି ପାହାଡ଼ ନିକଟସ୍ଥ କୁଠିଖୋଲ ଅଞ୍ଚଳକୁ ବୁଲିବାକୁ



ଯାଇଥିବା ସମୟରେ ଘଞ୍ଚ ଜଙ୍ଗଲ ମଧ୍ୟରେ ବାଟ ହୁଡ଼ି ଦୁଇଜଣ ନିଖୋଜ ହୋଇଯାଇଥିଲେ । ଅନ୍ୟ ସାତ ଜଣ ସେମାନଙ୍କୁ ଖୋଜାଖୋଜି କଲାପରେ ସନ୍ଧାନ ନ ପାଇବାରୁ ଚକାଖଲିଆ ଗାଁକୁ ଆସି ଖବର ଦେଇଥିଲେ । ସେମାନଙ୍କ ସହ କୌଣସି ଯୋଗାଯୋଗ ସମ୍ଭବ ନହେବାରୁ ପରିବାର ଲୋକେ ଏନେଇ ପ୍ରଶାସନକୁ ଅବଗତ କରାଇଥିଲେ । ଫରେଷ୍ଟର ସୁଶାନ୍ତ ଦାଶ, ପୂର୍ବତନ ସରପଞ୍ଚ ସୁଦାମ ପ୍ରଧାନ ଖବର ପାଇବା ପରେ ବନ ବିଭାଗର ଅନ୍ୟ କର୍ମଚାରୀ, ଅଗ୍ନିଶମ ବାହିନୀ, ପୁଲିସ ଏବଂ ଟିମ୍ ମିଳିତ ଭାବେ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରେ ଜୋରଦାର ସନ୍ଧାନ ଅଭିଯାନ ଆରମ୍ଭ କରିଥିଲେ । ଦୀର୍ଘ ୨୦ ଘଣ୍ଟାର ପ୍ରୟାସ ପରେ ସନ୍ଧାନ ମିଳିଲା ପରେ ପଦ୍ମପୁର ପୋଲିସ ସେମାନଙ୍କୁ ପାହାଡ଼ ଅପର ପାର୍ଶ୍ୱ ଛତିଶଗଡ଼ ର ବଳଦା ନିକଟସ୍ଥ ବନୁଭଟା ଗାଁରୁ ସୁରକ୍ଷିତ ଭାବେ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

# ବନ ମହୋତ୍ସବରେ ସବୁଜ ପରିବେଶ ସୃଷ୍ଟି ପାଇଁ ସଂକଳ୍ପ








ବରଗଡ଼, ୮ ।୭ (ସମିସ)

ନବଜ୍ୟୋତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଛି । ଜିଲ୍ଲା ବନଖଣ୍ଡ ଅଧିକାରୀ ଓ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚର ସହାଭାଗିତାରେ ଆୟୋଜିତ ଏଇ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ହୃଷିକେଶ ସାହୁ ଅଧ୍ୟକ୍ଷତା କରିଥିଲେ । ଜିଲ୍ଲା ବନଖଣ୍ଡ ଅଧିକାରୀ ସରୋଜ ପଣ୍ଡା, ଶିକ୍ଷାବିତ ପ୍ରଫେସର ପ୍ରୀତିଶଚନ୍ଦ୍ର ଆଚାର୍ଯ୍ୟ, ଜିଲ୍ଲା ଯୁବ ଅଧିକାରୀ କମଲ ସା, ମୀନକେତନ ସାହୁ, ଭଗବାନ ପଧାନ, ଅବସରପ୍ରାପ୍ତ ଶିକ୍ଷକ ପ୍ରହଲ୍ଲାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଭଗବାନ ପଧାନଙ୍କୁ ସମ୍ମାନିତ କରାଯାଇଥିଲା । ଅଧ୍ୟାପିକା ବର୍ଷାରାଣୀ ନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଦରିଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ଦିଲ୍ଲୀପ ସାହୁ, ସୁବଳ ପଧାନ, ବନମାଳୀ ସାହୁ, ଲଳିତ ପାତ୍ର, ଅଧ୍ୟାପିକା





ଲିପିକା ସାହୁ, ଶର୍ମିଷ୍ଠା ରାଣୀ ସାହୁ ପ୍ରମୁଖ ସହଯୋଗ କରିଥିଲେ । ସେହିଭଳି ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଛି । ପ୍ରଧାନ ଶିକ୍ଷକ ସୁଦୀପ ରଥ, ଶିକ୍ଷକ ଗୋପବନ୍ଧୁ ପୁରୋହିତ, ଡ ଡୋଳାମଣି ଶତପଥୀ, ଅର୍ଜୁନ ସେଟ୍, ସଂସ୍କୃତି ସୁରକ୍ଷା ମଞ୍ଚ ଆବାହକ କପିଳେଶ୍ୱର ବାଗ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୀନା ପଣ୍ଡା, ଶିକ୍ଷୟିତ୍ରୀ ବିନିତା ବରିହା, ସୁନୀତା ମିଶ୍ର, ଜ୍ୟୋତି ବେହେରା, ଜ୍ୟୋତ୍ସ୍ନା ତ୍ରିପାଠୀ, ସୀମା ବିଶ୍ୱାସ, ଗୀତା ଜାଲ, ତପସ୍ୱିନୀ ତ୍ରିପାଠୀ, ସୀମା ଭୋଇ, ନନ୍ଦିତା ସାହୁ, ବବିତା ନାଏକ, ସୀମା ସାହୁ, ସାଞ୍ଚା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

**ପଦ୍ମପୁର:** ସରେଇକେଲା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ୭୭ତମ ବନ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ବରିଷ୍ଠ ଶିକ୍ଷକ ଧର୍ମ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ପଦ୍ମପୁର ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ସାହୁ, ଜଗଦଳପୁର ବନପାଳ ରାଧାକାନ୍ତ କୁମ୍ଭାର, ଝାରବନ୍ଧ ବ୍ଲକର ଧଉରାଭଟା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହେମରାଜ ସେଠ ଅତିଥି ଭାବେ ଉପସ୍ଥିତ ଥିଲେ । ଶିକ୍ଷକ ବିନୋଦ ବିହାରୀ ସାହୁ ସଂଯୋଜନା କରିଥିଲେ । ଦଶମ ଶ୍ରେଣୀ ଛାତ୍ରୀ ସୋନାଲି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଛାତ୍ରୀ ବର୍ଷା କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ ।

**ଅମ୍ବାଭୋନା:** ଲଖନପୁର ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଲଖନପୁର ସେକ୍ସନ ଅଧୀନ ଲଖନପୁର ବିଟର ଯୋରବନ୍ଧାଠାରେ ବନମହୋତ୍ସବ ପାଳନ କରାଯାଇଛି । ବନ ସଂରକ୍ଷକ ଦିଲ୍ଲୀପ ଧଳଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଲଖନପୁର ସରପଞ୍ଚ ସତ୍ୟଭୂଷଣ ସାହୁ, ଚୂଡ଼ାମଣି ମେହେର, କିଶୋର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ସୋମନାଥ ବେହେରା ଏବଂ ଜୈବ ଉନ୍ନୟନ ପରିଷଦର ସଭାପତି ପୁଷ୍ପାଞ୍ଜଳି ଦାଶ ଯୋଗ ଦେଇଥିଲେ । ଲଖନପୁର ସେକ୍ସନର ବନପାଳ ସଞ୍ଜୀବ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥଲେ । ବନପାଳ ନିରଞ୍ଜନ କନ୍ଧ, ବିକାଶ ସାହୁ ଏବଂ ଖୋଲା ବିଟର ବନରକ୍ଷୀ କୁମାରୀ ନମିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

**ଝାରବନ୍ଧ:** କୁର୍ମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ କରାଯାଇଥିଲା । ପ୍ରଧାନ ଶିକ୍ଷକ ଶରତ ସାହୁ, ଗୌଡ଼ମାଳ କ୍ଲଷ୍ଟର ସିଆରସିସି ପୁରନ୍ଦର କୁମ୍ଭାର ଏବଂ ଫରେଷ୍ଟ ଗାର୍ଡ ନରୋତ୍ତମ ଖମାରୀ ଯୋଗଦେଇ ବୃକ୍ଷରୋପଣ କରିଥିଲେ ।

### ବହୁ ପ୍ରତୀକ୍ଷିତ ପ୍ରସ୍ତାବିତ କରଡ଼ାସିଂ ମଧ୍ୟମ ଜଳସେଚନ ପ୍ରକଳ୍ପ

# ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଶିବିର ଅନୁଷ୍ଠିତ

ଅନୁଗୋଳ,୮ ।୭(ସମିସ):

ଅନୁଗୋଳ ଜିଲ୍ଲାର ବହୁ ପ୍ରତିକ୍ଷୀତ ବନ୍ତଳା ଅଞ୍ଚଳ ନନ୍ଦପୁର ପଞ୍ଚାୟତ କରଡ଼ାସିଂଠାରେ ବହୁ ପ୍ରତିକ୍ଷୀତ ପ୍ରସ୍ତାବିତ କରଡ଼ାସିଂ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ଆଶା ଉଜ୍ଜୀବିତ ହୋଇଛି । ବୁଧବାର ଏନେଇ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏହି ଜନଶୁଣାଣିରେ ପ୍ରଦୂଷଣ ବିଭାଗର ଆଞ୍ଚଳିକ ଅଧିକାରୀ ରମେଶ ଚନ୍ଦ୍ର ଏକା ଓ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଯୋଗଦେଇ ଲୋକଙ୍କ ସମସ୍ୟା ଶୁଣିଥିଲେ । କାର୍ଯ୍ୟକ୍ରମରେ ସୁରକ୍ଷା ପାଇଁ ଅତିରିକ୍ତ ଏସ୍‌ପି, ଏସଡିପିଓଙ୍କ ସମେତ ବନ୍ତଳା, ଜରପଡ଼ା, ନାଲକୋ, ବଁଅରପାଳ,



ପୁରୁଣାକୋଟ ସମେତ ଆଦି ଥାନା ଅଧିକାରୀ ଓ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ । ବିସ୍ଥାପିତ ହେବାକୁ ଥିବା ବଲଙ୍ଗ ପଞ୍ଚାୟତ ହିଡିସିଙ୍ଗ ଓ ଡିମିରିପାଳ ଗ୍ରାମବାସୀଙ୍କ ସହ ନନ୍ଦପୁର, ପୋକତୁଙ୍ଗା, ଧୋକୁଟା, ତଳଗଡ଼, ବାରଗୌଣିଆ, ଶଙ୍ଖପୁର, ବନ୍ତଳା, ଇଙ୍କରବନ୍ଧ, ବାଲୁଅକଟା, କୁମୁରିସିଙ୍ଗା, ଛେଳିଆପଡ଼ା, ବସଲା ଆଦି ପଞ୍ଚାୟତର ଚାଷୀମାନେ ଯୋଗଦେଇଥିଲେ । ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ଚାଷୀଙ୍କ ସହ ବସିଥିଲେ । ଜଳସେଚନ ପ୍ରକଳ୍ପ ହେଲେ କ'ଣ ଲାଭ ହେବ ସେ ସମ୍ପର୍କରେ ଅବଗତ କରାଇଥିଲେ । ହିଡ଼ିସିଙ୍ଗ ପ୍ରକଳ୍ପ ନିର୍ମାଣ ହେଲେ ଜଳସ୍ତର ବୃଦ୍ଧି ପାଇବ, ପରିବେଶ ସନ୍ତୁଳିତ ରହିବ, ସବୁଜିମା ସୃଷ୍ଟି ହେବ, ହାତୀ ମଣିଷ ଲଢ଼େଇ ବନ୍ଦହେବ, ଦୁଇଫସଲି ଧାନ ଅମଳ ହେବ, ସାତକୋଶିଆରେ ଜୀବଜନ୍ତୁ ପାଣି ପାଇବା ସହ ସବୁଜିମା ସୃଷ୍ଟି ହେବ, ବନ୍ୟଜନ୍ତୁ ସୁରକ୍ଷା ହେବ, ମରୁଡ଼ି ହେବନାହିଁ, ଚାଷୀଙ୍କ ରୋଜଗାର ବଢ଼ିବ ବୋଲି ହିଡିସିଙ୍ଗ ପ୍ରୋଜେକ୍ଟ କୃଷକ ମହାସଙ୍ଘ ସଭାପତି ଦୀନେଶ ଦେହୁରୀ, କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜା ନିରଞ୍ଜନ ଦେହୁରୀ, ତ୍ରିନାଥ ସାହୁ, ସରୋଜ ଜେନା, ମମତା ଦେହୁରୀ, କରୁଣାକର ଦେହୁରୀ, ମୋହନ ସାହୁ, ହାଡ଼ିବନ୍ଧୁ ଦେହୁରୀ, ଯତୀନ୍ଦ୍ର ଦେହୁରୀ, କେଶବ ନାୟକ, ସୁଲଭ ଦେହୁରୀଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଚାଷୀ ମତବ୍ୟକ୍ତ କରିଥିଲେ । ଏଥିସହ ବିସ୍ଥାପିତମାନେ ପ୍ରକଳ୍ପରେ ମାଛଚାଷ କରି ଗୁଜୁରାଣ ମେଣ୍ଟେଇ ପାରିବେ । କିନ୍ତୁ କ୍ଷତିଗ୍ରସ୍ତ ପ୍ରଜାମାନଙ୍କୁ ଅଧିକରୁ ଅଧିକ କ୍ଷତିପୂରଣ, ଜଣପ୍ରତି ଅଧିକ ପ୍ୟାକେଜ ବ୍ୟବସ୍ଥା, ଜମି ଭାଲୁଏସନକୁ ବୃଦ୍ଧି କରି ସରକାରଙ୍କ ନିୟମ ଅନୁଯାୟୀ ଥଇଥାନ ବ୍ୟବସ୍ଥା କରିବା ପାଇଁ ସମସ୍ତ ଚାଷୀ ପ୍ରକାଶ କରିଥିଲେ । ଏହି ଜନଶୁଣାଣି ସଫଳ ହୋଇଥିବା ବେଳେ ଖୁବ୍‌ଶୀଘ୍ର ଏହା ଉପରେ ବିଚାର କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି ।

# ସାତକୋଶିଆ ମହାନଦୀ ଗଣ୍ଡରେ ବଢ଼ିଲା ଜଳସ୍ତର

ଅନୁଗୋଳ,୮ ।୭(ସମିସ): ଗତ କିଛି ଦିନର ଲଗାଣ ବର୍ଷା ଯୋଗୁଁ ସାତକୋଶିଆ ଗଣ୍ଡ ଦେଇ ବହି ଯାଉଥିବା ମହାନଦୀର ଜଳସ୍ତର ହଠାତ୍ ବୃଦ୍ଧି ପାଇଛି । ଫଳରେ

- ୩ ଫୁଟ୍ ଉପରେ ପାଣି ପ୍ରବାହ, ଯାତାୟତ ବାଧା
- ବେହେରା ସାହି, ଗାଇଁଦି, ମଝିପଡ଼ା ଗ୍ରାମବାସୀଙ୍କ ମଧ୍ୟରେ ଭୟ

ଗଣ୍ଡ ଉପରେ ପାଣି ବହୁଥିବାରୁ ସ୍ଥାନୀୟ ଯାତାୟତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ବର୍ଷା ପୂର୍ବରୁ ମହାନଦୀର ଜଳସ୍ତର ଅତ୍ୟନ୍ତ ନିମ୍ନ



ସ୍ତରରେ ଥିଲା । କିନ୍ତୁ ଗତ କିଛି ଦିନ ଧରି ହୋଇଥିବା ଲଗାଣ ବର୍ଷା ପରେ ଜଳସ୍ତର ବଢ଼ି ଏବେ ରାସ୍ତା ଉପରେ ପ୍ରାୟ ୩ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଛି । ଏହି ପରିସ୍ଥିତି ଯୋଗୁଁ ବେହେରା ସାହି, ଗାଇଁଦି ଓ ମଝିପଡ଼ା ଆଦି ଗ୍ରାମର ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଗ୍ରାମବାସୀମାନେ କହିଛନ୍ତି ଯେ, 'ଯଦି ଆହୁରି ଅତ୍ୟଧିକ ବର୍ଷା ହୁଏ ତେବେ ସ୍ଥାନୀୟ ଅଞ୍ଚଳରେ ବନ୍ୟା ଆଶଙ୍କା ରହିଛି' । ଏପର୍ଯ୍ୟନ୍ତ ଏହି ଅଞ୍ଚଳରେ କୌଣସି ସରକାରୀ ଅଧିକାରୀ ପହଞ୍ଚି ନଥିବା ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଯାତାୟତ ସ୍ୱାଭାବିକ କରିବା ସହ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ତୁରନ୍ତ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ରେଙ୍ଗାଳି ଡ୍ୟାମରେ ବୁଡ଼ି ଡ୍ରାଇଭର ମୃତ

କଣିହାଁ,୮ ।୭(ସମିସ): କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ତଳେ ଥିବା ଡଙ୍ଗୀରେ ବୁଡ଼ି ଜଣେ ଗାଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରେଙ୍ଗାଳି ପ୍ରକଳ୍ପ ଅପେରା ପଡ଼ିଆ ନିକଟ ବସ୍ତିରେ ରହୁଥିବା ରାଜ ସୁରୀ (୪୦) । ରାଜ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି । ବୁଧବାର ମଧ୍ୟାହ୍ନରେ ସେ ଚଳାଉଥିବା ପିକ୍‌ଅପ ଗାଡ଼ି ଧରି ଡ୍ୟାମ ତଳକୁ ଗାଧୋଇବାକୁ ଯାଇଥିଲେ । ଡ୍ୟାମ ତଳ ଡଙ୍ଗିରେ ଗାଧୋଇବା ବେଳେ ଅସାବଧାନତା ବଶତଃ ପାଣିରେ ବୁଡ଼ି ଯାଇଥିଲେ । ଅପରାହ୍ନରେ ପରିବାର ଲୋକ ଓ ସ୍ଥାନୀୟ ଲୋକେ ରାଜଙ୍କ ଗାଡ଼ି ଓ ଚପଲ ଥିବା ଦେଖି ଡଙ୍ଗୀରେ ଖୋଜାଖୋଜି କରି ମୃତଦେହ ଉଦ୍ଧାର କରିଥିଲେ । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ନେଇ ପାଲଲହଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଜଳପ୍ଲାବିତ ଅଞ୍ଚଳରେ ପୌରପାଳିକାର ତତ୍ପରତା

ଅନୁଗୋଳ,୮ ।୭(ସମିସ): ଅନୁଗୋଳ ସହର ଭିତରେ ଯୋଜନାବିହୀନ ମାଳ ମାଳ କୋଠାବାଡ଼ି । ଡ୍ରେନ୍ ପାଇଁ ଜାଗା ଛାଡୁନାହାନ୍ତି । ଘର କର ଭଡ଼ା ଦିଅ । ମଲ୍ ମାଲିକମାନେ ମଧ୍ୟ ଜାଗା ଛାଡ଼ିବାକୁ କୁଣ୍ଠିତ । ଏଣେ ବର୍ଷା ଆସିଲେ ଘରେ ପାଣି ପଶିଲା ଆଉ ସବୁ ଦୋଷ



ପୌରପାଳିକା ମୁଣ୍ଡରେ । ଏସବୁ ସତ୍ତ୍ୱେ ଚଳିତ ଅବିଶ୍ରାନ୍ତ ବର୍ଷାରେ ସହରର କିଛି ଅଞ୍ଚଳ ଜଳପ୍ଲାବିତ ହେବା ଫଳରେ ଅନୁଗୋଳ ପୌରପାଳିକା ତତ୍ପରତା ଦେଖାଇ ସେସବୁ ଅଞ୍ଚଳରେ ପହଞ୍ଚି ପାଣି ନିଷ୍କାସନ ପାଇଁ ବାଟ କରିଥିଲା । ବିଶେଷ କରି ୱାର୍ଡ ନଂ ୫, ୮, ୯ ଓ ୧୦ରେ ପାଣି ମାହାର ସବୁ ବନ୍ଦ ହୋଇ ଯାଇଥିବାରୁ ଲୋକଙ୍କ ଘରେ ପାଣି ପଶିଥିଲା । ପୌର ସଫେଇ କର୍ମଚାରୀମାନେ ଜେସିବି ମେସିନ୍ ସାହାଯ୍ୟରେ ପାଣି ମାହାର ବାଟ ଖୋଲା କରିବା ଫଳରେ ବର୍ଷାଜଳ ନିଷ୍କାସିତ ହୋଇଥିଲା । ସେହିଭଳି ବ୍ଲାକ ଡାଇମଣ୍ଡ ସାମନା ଓ ସେଣ୍ଟ୍ରାଲ ଲଜ୍ ସାମନା ଡ୍ରେନ୍, ଗଳିଗୁଡ଼ିକରେ ଜମି ରହିଥିବା ଆବର୍ଜନାକୁ କାଢ଼ିବା ପାଇଁ ଅତ୍ୟାଧୁନିକ ଭାଇବ୍ରେଟିଂ ମେସିନ୍‌ର ସହାୟତା ନିଆ ଯାଇଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପାଣି ନିଷ୍କାସନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିଲା । ଯେ କେହି ପାଣି ମାହାର ବନ୍ଦ କରିଛି କିମ୍ବା ଡ୍ରେନ୍ ଅବରୋଧ କରିଛି ସେସବୁକୁ ତୁରନ୍ତ ଉଚ୍ଛେଦ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ସଫେଇ କର୍ମଚାରୀଙ୍କୁ ଧରି ଜଳପ୍ଲାବିତ ୱାର୍ଡରେ ଅକ୍ଳାନ୍ତ ପରିଶ୍ରମ କରି ଜଳ ନିଷ୍କାସନ କରିଥିଲେ ।

### ● କଣ୍ଡାଳ ଗ୍ରାମ ଜମି ଅଧିଗ୍ରହଣ ପ୍ରସଙ୍ଗ

## ଏମସିଏଲ କର୍ତ୍ତୃପକ୍ଷଙ୍କ ସହ ଗ୍ରାମ କମିଟିର ଆଲୋଚନା

ତାଳଚେର,୮ ।୭(ସମିସ): କଣ୍ଡାଳ ଗ୍ରାମ ସମେତ ତ୍ରିଲୋଚନପୁର, ଯଦୁନାଥପୁର ଓ ଅନାଦିପୁର ମୌଜା ଭୁବନେଶ୍ୱରୀ କୋଇଲାଖଣି ପାଇଁ ଅଧିଗ୍ରହଣ ହେବାକୁ ଥିବାବେଳେ ଏନେଇ ହେଉଥିବା ସର୍ଭେ କାର୍ଯ୍ୟରେ ବିଳମ୍ବ ଓ ପୂର୍ବ ନିଷ୍ପତ୍ତି ମୁତାବକ ଆସନ୍ତା ମାର୍ଚ୍ଚ ୨୦୨୭ ତାରିଖ ସୁଦ୍ଧା କଟ ଅଫ ତାରିଖ ଘୋଷଣା ନେଇ ଆଜି କଣ୍ଡାଳ ଗ୍ରାମ ପଞ୍ଚାୟତ ସରପଞ୍ଚ ଯଶୋବନ୍ତି ବେହେରାଙ୍କ ନେତୃତ୍ୱରେ ଗ୍ରାମ କମିଟିର ଏକ ପ୍ରତିନିଧି ଦଳ ମହାନଦୀ କୋଇଲା କମ୍ପାନୀର



ମୁଖ୍ୟାଳୟ ବୁର୍ଲା ଠାରେ କମ୍ପାନୀର ଅଧକ୍ଷ ଉଦୟ ଅନନ୍ତ କାଓଲେ ଓ ବୈଷୟିକ ନିର୍ଦ୍ଦେଶକ ସଞ୍ଜୟ ଝାଙ୍କୁ ସାକ୍ଷାତ୍ ଆଲୋଚନା କରିଛନ୍ତି । ପ୍ରତିନିଧି ଦଳଙ୍କ ସହ ଆଲୋଚନା ପରେ ପୂର୍ବ ନିଷ୍ପତ୍ତି ମୁତାବକ କଟ ଅଫ ତାରିଖ ମାର୍ଚ୍ଚ ୨୦୨୭ ସୁଦ୍ଧା ପ୍ରକାଶ ପାଇବ ଓ ଏ ନେଇ ସର୍ଭେ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ଶ୍ରୀ କାଓଲେ ପ୍ରତିଶ୍ରୁତି ଦେଇଥିଲେ । ଏହାସହ ବାଲୁଙ୍ଗା କାଠଘରରୁ କଣ୍ଡାଳ ଶ୍ମଶାନ ପର୍ଯ୍ୟନ୍ତ ରାସ୍ତା ତୁରନ୍ତ କଂକ୍ରିଟ କରାଯିବାକୁ ବୈଷୟିକ ନିର୍ଦ୍ଦେଶକ ଶ୍ରୀ ଝା ଲିଙ୍ଗରାଜ କୋଇଲାଖଣି ମହାପ୍ରବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଗ୍ରାମ କମିଟି ପକ୍ଷରୁ ସଭାପତି ବିପିନ ବିହାରୀ ମିଶ୍ର ଓ ଧିରେନ ଶତପଥୀ ଓ ମହିଳା ସଭାପତି କଣ୍ଡାଳ ରଶ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ସରକାରୀ ନିୟମକୁ ବେଖାତିର

## ସକାଳ ୬ରୁ ଖୋଲୁଛି ବିଦେଶୀ ମଦ ଦୋକାନ

କଣିହାଁ,୮ ।୭(ସମିସ): ଅବକାରୀ ବିଭାଗର ନିର୍ଦ୍ଧାରିତ ସମୟକୁ ଉଲ୍ଲଂଘନ କରି ରେଙ୍ଗାଳି ଅଞ୍ଚଳର ଏକ ବିଦେଶୀ ମଦ ଦୋକାନ ପ୍ରତିଦିନ ସକାଳ ପ୍ରାୟ ୬ଟାରୁ




ଖୋଲୁଥିବା ଅଭିଯୋଗ ଉଠିଛି । ଫଳରେ ସକାଳୁ ସକାଳୁ ଦୋକାନ ସମ୍ମୁଖରେ ମଦ୍ୟପଙ୍କ ଭିଡ଼ ଜମୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସୁରକ୍ଷିତ ପରିବେଶ ସୃଷ୍ଟି ହେଉଛି । ଏ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏହି ମଦ ଦୋକାନ ଦୀର୍ଘଦିନ ଧରି ନିର୍ଦ୍ଧାରିତ ସମୟ ପୂର୍ବରୁ ଖୋଲୁଥିଲେ ମଧ୍ୟ ଅବକାରୀ ବିଭାଗ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ । ଏହି ମଦ ଦୋକାନ ନିକଟ ରାସ୍ତା ଦେଇ ପ୍ରତିଦିନ ସକାଳେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ମହିଳା, ଯୁବତୀ ଓ ପ୍ରାତଃ ଭ୍ରମଣକାରୀମାନେ ଯାତାୟାତ କରୁଥିବାବେଳେ ମଦ୍ୟପଙ୍କ ଭିଡ଼ ଯୋଗୁଁ ସେମାନେ ଅସୁରକ୍ଷିତ ମନେ କରିବା ସହ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିସହ ରେଙ୍ଗାଳି ଅଞ୍ଚଳରେ ବେଆଇନ ଜୁଆ ଆଡ୍ଡା ଚାଲୁଥିବା ସହ ସ୍ଥାନୀୟ ବଜାରର କେତେକ ପାନ ଦୋକାନ, ଚା' ଦୋକାନ, ଗ୍ରୋସରୀ ଦୋକାନ ଓ ଅନ୍ୟାନ୍ୟ ସ୍ଥାନରେ ବିଦେଶୀ ମଦ, ଦେଶୀ ମହୁଲି ମଦ ସହ ଗଞ୍ଜେଇ ଓ ଅଫିମର ବେଆଇନ କାରବାର ଖୋଲାଖୋଲି ଚାଲୁଥିବା ନେଇ ବୁଦ୍ଧିଜୀବୀମହଲଏବଂ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରୁ ଅଭିଯୋଗ ଉଠିଛି । ଏଭଳି ବେଆଇନ କାରବାର ବିରୋଧରେ ନିୟମିତ ଚଢ଼ଉ ଓ କଠୋର କାର୍ଯ୍ୟାନୁଷ୍ଠାନ ନ ହେବାରୁ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନ ଉଠୁଥିବା ସେମାନେ କହିଛନ୍ତି । ଅଭିଯୋଗ ସତ୍ତ୍ୱେ ଅବକାରୀ ବିଭାଗ ଓ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ କାହିଁକି ନିୟମିତ ତଦନ୍ତ, ଚଢ଼ଉ କିମ୍ବା

> ସକାଳୁ ଜମୁଛି ମଦ୍ୟପଙ୍କ ଭିଡ଼; ମହିଳା ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ଉଠିଲା ପ୍ରଶ୍ନ
>
> ଜୁଆ ଆଡ୍ଡାରୁ ଆରମ୍ଭ କରି ମଦ, ଗଞ୍ଜେଇ ଓ ଅଫିମ କାରବାର ନେଇ ବଢ଼ୁଛି ଅସନ୍ତୋଷ

ଦୃଶ୍ୟମାନ କାର୍ଯ୍ୟାନୁଷ୍ଠାନ ହେଉନାହିଁ, ତାହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି । ନିୟମ ଉଲ୍ଲଂଘନ ଓ ବେଆଇନ କାରବାର ସମ୍ପର୍କିତ ଅଭିଯୋଗର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ମହଲ ଦାବି କରିଛନ୍ତି । ଏହି ଅଭିଯୋଗ ସମ୍ପର୍କରେ ରେଙ୍ଗାଳି ଥାନାର ମତାମତ ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଖବର ଲେଖାଯିବା ସୁଦ୍ଧା ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା ।

## ଜିଲ୍ଲାସ୍ତରୀୟ ଜନଗଣନା ପୁସ୍ତିକା ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଅନୁଗୋଳ,୮ ।୭(ସମିସ): ଅନୁଗୋଳ ଜିଲ୍ଲା ପ୍ରଦକ୍ଷଣ ଗୃହର ସମ୍ମିଳନୀ କକ୍ଷରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ଜନଗଣନା ପୁସ୍ତିକା ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ଶ୍ରୀ ପ୍ରତାପ ପ୍ରିତୀମୟ ଅନୁଷ୍ଠାନିକ ଭାବେ ଉଦଘାଟନ କରି ପ୍ରଶିକ୍ଷାର୍ଥୀମାନଙ୍କୁ ଏହି ଜାତୀୟ କାର୍ଯ୍ୟକ୍ରମକୁ ଗମ୍ଭୀରତାର ସହିତ ନେବା ସହିତ ଏହାକୁ ସଫଳ କରିବା ପାଇଁ ପରାମର୍ଶ ଦେଇଥିଲେ କ୍ଷ ପ୍ରଥମେ ଡେପୁଟି କଲେକ୍ଟର ତଥା ଜିଲ୍ଲା ଡେପୁଟି ଜନଗଣନା ଅଧିକାରୀ ଶ୍ରୀ ଜୟକୃଷ୍ଣ ପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ତାଲିମ ବିଷୟବସ୍ତୁ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟରୁ ଆସିଥିବା ଉପ-ନିର୍ଦ୍ଦେଶକ ଶ୍ରୀ ଜୟକୃଷ୍ଣ ଭୋଇ, ସହାୟକ ଶ୍ରୀ ଦୀପକ କୁମାର ଉପସ୍ଥିତ ଅଂଶଗ୍ରହଣକାରୀ ମାନଙ୍କୁ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ତହସିଲଦାର ତଥା ଚାର୍ଜ ଜନଗଣନା ଅଧିକାରୀ, ଅତିରିକ୍ତ ତହସିଲଦାର ତଥା ଅତିରିକ୍ତ ଚାର୍ଜ ଜନଗଣନା ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ତଥା ଚାର୍ଜ ଜନଗଣନା ଅଧିକାରୀ, ରାଜସ୍ୱ ନିରୀକ୍ଷକ,



ଅତିରିକ୍ତ ରାଜସ୍ୱ ନିରୀକ୍ଷକ, ଅମିନ ଓ ବୈଷୟିକ ସହାୟକମାନେ ଅଂଶଗ୍ରହଣ କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ଜିଲ୍ଲା ଜନଗଣନା ବିଭାଗର ବରିଷ୍ଠ ସହାୟକ ଶ୍ରୀ ସୁଶାନ୍ତ କୁମାର ଅମାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୂର୍ବତନ ସୈନିକ ସଂଘ ପକ୍ଷରୁ ଜନକଲ୍ୟାଣ କାର୍ଯ୍ୟକ୍ରମ



ଅନୁଗୋଳ,୮ ।୭(ସମିସ): ଅନୁଗୋଳ ଡିଫେନ୍ସ ଭେଟରାନ ବା ପୂର୍ବତନ ସୈନିକ ସଂଘ ୨୦୨୩ ଜୁଲାଇ ୨୬ରେ ପ୍ରତିଷ୍ଠା କରାଯାଇଥିଲା । ସେହିଦିନଠାରୁ ଏହି ସଂଘ ପକ୍ଷରୁ ଜିଲ୍ଲାର ଅବସରପ୍ରାପ୍ତ ଯବାନ ତଥା ଜନସାଧାରଣଙ୍କ ହିତରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏକ ସାମ୍ବାଦିକ ସମ୍ମିଳନୀରେ ସଂଘର କାର୍ଯ୍ୟକ୍ରମ ନେଇ ସବିଶେଷ ତଥ୍ୟ ଦେଇଥିଲେ ସଭାପତି ଅନିଲ କୁମାର ମହାନ୍ତି । ବେରୋଜଗାର ଯୁବକ, ଯେଉଁମାନେ ପୁଲିସ, ସେନା, ଅବକାରୀ, ଅଗ୍ନିଶମ, ସିଆଇଏସଏଫ୍, ସିଆପିଏଫ ତଥା ଅନ୍ୟ ପାରା ମିଲିଟାରୀ ଫୋର୍ସରେ ଯୋଗଦେବାକୁ ଚାହୁଁଛନ୍ତି ସେମାନଙ୍କୁ ନିଃଶୁଳ୍କ ଶାରୀରିକ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଅନୁଗୋଳ ଓ ତାଳଚେରରେ ଏଥିପାଇଁ ପ୍ରଶିକ୍ଷଣ କେନ୍ଦ୍ର ରହିଛି । ବର୍ତ୍ତମାନ ସୁଦ୍ଧା ୫୦ରୁ ଊର୍ଦ୍ଧ୍ୱ ଯୁବକ ଏହି ତାଲିମ ନେଇ ବିଭିନ୍ନ ବିଭାଗରେ ନିଯୁକ୍ତି ପାଇସାରିଲେଣି । ଏହାଛଡ଼ା ଅବସରପ୍ରାପ୍ତ ଯବାନମାନଙ୍କ ପାଇଁ ପୁନଃ ନିଯୁକ୍ତି ସେବା ଯୋଗାଇଦେବାରେ ସହାୟତା କରାଯାଉଛି । କୌଣସି ସେନା କର୍ମଚାରୀ ମୃତ୍ୟୁବରଣ କଲେ ତାଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେଇ ଅନ୍ତ୍ୟେଷ୍ଟି କ୍ରିୟା କରାଯାଉଛି । ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପେନସନ, ସ୍ପର୍ଶ, ଡିଜିଟାଲ ଲାଇଫ ସାର୍ଟିଫିକେଟ, ଶିକ୍ଷା ବୃତ୍ତି, କନ୍ୟା ବିବାହ ସହାୟତା ପ୍ରଦାନରେ ସଙ୍ଘ ନିରନ୍ତର କାର୍ଯ୍ୟ କରିଚାଲିଛି । ଏତଦବ୍ୟତୀତ ବର୍ଷର ବିଭିନ୍ନ ସମୟରେ ବୃକ୍ଷରୋପଣ,ରକ୍ତଦାନଶିବିର ଆଦି ଆୟୋଜନ କରାଯାଉଛି । ପ୍ରାକୃତିକ ଦୁର୍ବିପାକ ସମୟରେ ସହାୟତା ଆବଶ୍ୟକ ହେଲେ ସଂଘର ସଦସ୍ୟ ମାନେ ଏଥିନେଇ ସହାୟତା କରିବାକୁ ସଦା ପ୍ରସ୍ତୁତ ହୋଇ ରହିଛନ୍ତି । ସ୍ୱଚ୍ଛ ଭାରତ ଅଭିଯାନରେ ସହରର ବିଭିନ୍ନ ସ୍ଥାନ ସଂଘ ପକ୍ଷରୁ ସଫେଇ କରାଯାଇଆସୁଛି ବୋଲି ବୁଧବାର ଅନୁଷ୍ଠିତ ସାମ୍ବାଦିକ ସମିଳନୀରେ ସଙ୍ଘ ପକ୍ଷରୁ ପ୍ରକାଶ କରାଯାଇଛି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପ ସଭାପତି ରଞ୍ଜିତ ଜେନା,ସମ୍ପାଦକ ସୁଶାନ୍ତ ପ୍ରଧାନ,ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ମିଶ୍ର,ସଂଗଠନ ସମ୍ପାଦକ ବିଭୂତି ଭୂଷଣ ପଟ୍ଟନାୟକ,କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

### ● ନାବାଳିକାଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ମାମଲା

## ଦୋଷୀକୁ ଆଜୀବନ କାରାଦଣ୍ଡ

ଅନୁଗୋଳ,୮ ।୭(ସମିସ): ଜଣେ ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ଅନୁଗୋଳ ଆଡ୍‌ହକ ଅତିରିକ୍ତ ଜିଲ୍ଲା ଜଜ ଫାଷ୍ଟଟ୍ରାକ କୋର୍ଟ ବୁଧବାର ରାୟ ପ୍ରକାଶ କରିଛନ୍ତି । ଦୋଷୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୩୦ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ଅଧିକ ୧ବର୍ଷ କାରାଦଣ୍ଡ ଶୁଣାଣି କରିଛନ୍ତି । ପୀଡ଼ିତାଙ୍କ ପରିବାରକୁ ୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ଅର୍ଥରାଶି ପ୍ରଦାନ କରିବାକୁ ନିର୍ଦେଶ ଦେଇଛନ୍ତି । ଦଣ୍ଡିତ ବ୍ୟକ୍ତି ହେଲେ ଅନୁଗୋଳ ଜିଲ୍ଲା ପୁରୁଣାକୋଟ ଥାନା କଣ୍ଟାବେଡ଼ା ଗ୍ରାମର ଜିତୁ ବର୍ଗିଆ । ୨୦୨୪ରେ ଜିତୁ ନାବାଳିକାଙ୍କୁ ଅପହରଣ କରିନେଇ ତାଙ୍କ ସହ ଦୁଷ୍କର୍ମ କରିବା ପରେ ହତ୍ୟା କରିଥିଲା । ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଜିତୁକୁ ଗିରଫ କରିଥିଲା । ବୁଧବାର ଏହି ମାମଲାରେ ରାୟ ପ୍ରକାଶ ପାଇଛି । ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ଜିତୁକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ଜିଲ୍ଲା ଅଭିଯୋଜନ କାର୍ଯ୍ୟାଳୟର ଡେପୁଟି ଡାଇରେକ୍ଟର ଗଣେଶ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସରକାରୀ ଓକିଲ ରଞ୍ଜନ ପାତ୍ର ଏହି ମାମଲା ପରିଚାଳନା କରୁଥିଲେ ।

# ବିଭିନ୍ନ ଅନୁଷ୍ଠାନରେ ବନ ମହୋତ୍ସବ ପାଳିତ



ଅନୁଗୋଳ



କିଶୋରନଗର


ଖମାର


ବଁଅରପାଳ

ଅନୁଗୋଳ,୮ ।୭(ସମିସ):

ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ପନ୍ଦନ' ଏବଂ ବେନ୍ତପୁର ପଞ୍ଚାୟତ ବିଦ୍ୟାଳୟ ଇକୋ କ୍ଲବର ମିଳିତ ସହଯୋଗରେ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଛି । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜନକ କୁମାର ଭୋଇ ଉଦଘାଟନ କରିବା ସହ ବିଶ୍ୱ ତାପନ ସମସ୍ୟା ପ୍ରତିହତ କରିବା ନିମନ୍ତେ ଚାରାରୋପଣ କରିବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ସମାଜସେବୀ ତାପସ ପାଳ ଯୋଗଦେଇ ପ୍ରତ୍ୟେକ ଛାତ୍ରଛାତ୍ରୀ ଗୋଟିଏ ଲେଖାଏଁ ଚାରାରୋପଣ କରି ତାହାର ଯତ୍ନ ନେଲେ ସାମାଜିକ ଉତ୍ତରଦାୟିତ୍ୱ ବଢ଼ିବା ସହ ଆଗାମୀ ଦିନରେ ନିଜକୁ ସୁନାଗରିକ ଭାବେ ପ୍ରସ୍ତୁତ କରିପାରିବେ ବୋଲି କହିଥିଲେ । ସ୍ପନ୍ଦନର ବିଭୁ ଶତପଥୀ ବର୍ଷାଜଳ ସଂରକ୍ଷଣ ସହ ବଣଭୋଜି ସ୍ଥାନରେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ କରଞ୍ଜ, ବେଲ, ଅଶୋକ, ନିମ, ଜାମୁ, ବଉଳ ଆଦି ଚାରାରୋପଣ କରାଯାଇଥିଲା ।

**କିଶୋରନଗର:** କିଶୋରନଗର ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନ ପକ୍ଷରୁ ବନ ମହୋତ୍ସବ ପାଳନ କରାଯାଇଛି । ଅନୁଷ୍ଠାନ ଅଧ୍ୟକ୍ଷ ମଦନ ସୁନ୍ଦର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଚାରାରୋପଣ ଅନୁଷ୍ଠିତ ହୋଇଥିଲା । ଶିବାନୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ, ବୃକ୍ଷ ଆମ ପାଇଁ ମାଆ ପରି । ଆମେ ଯେପରି ବଞ୍ଚିବା ପାଇଁ ଖାଦ୍ୟ, ପାଣି ଓ ବାୟୁର ଆବଶ୍ୟକତା ଅନୁଭବ କରୁ, ସେହିପରି ବୃକ୍ଷ ଆମକୁ ଅମ୍ଳଜାନ, ଫଳ, ଛାଇ, ଔଷଧ ଓ ପରିବେଶର ସନ୍ତୁଳନ ରକ୍ଷା କରିବାରେ ବହୁ ଉପକାର କରିଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଅତି କମରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବା ଉଚିତ ବୋଲି ସେ କହିଥିଲେ । ଗ୍ରନ୍ଥାଗାରିକ ବିଭୂତି ଭୂଷଣ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଛାତ୍ର ସଂସଦ ସଭାପତି ତଥା ଗୁରୁଛାତ୍ର ଅସିତ କୁମାର ସାହୁ, 'ମୋ କର୍ତ୍ତବ୍ୟ' ସମ୍ପାଦକ ହୃଷୀକେଶ ପଧାନ, ପ୍ରିୟସୁନ୍ଦର ମୁଦୁଲି, ବର୍ଷାରାଣୀ ସାହୁ, ଶ୍ୱେତାପଦ୍ମା ସାହୁଙ୍କ ସମେତ ସମସ୍ତ ଗୁରୁଛାତ୍ରଛାତ୍ରୀ ସହଯୋଗ କରିଥିଲେ । ଶେଷରେ ସମସ୍ତେ ମିଶି ଚାରାରୋପଣ କରିଥିଲେ । ଚାରାଗୁଡ଼ିକର ଯତ୍ନ ନେବାକୁ ସଂକଳ୍ପ ନେଇଥିଲେ ।

**ଖମାର:** ଦେବଗଡ଼ ବନଖଣ୍ଡ ଖମାର ବନାଞ୍ଚଳ ପକ୍ଷରୁ କୁଞ୍ଜାମ ପଞ୍ଚାୟତ ଧଉରାଗୋଠରେ ୭୭ତମ ବନ ମହୋତ୍ସବ ପାଳିତ ହୋଇଛି । ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କରିବା ସହ ଲୋକଙ୍କୁ ଅଧିକରୁ ଅଧିକ ଗଛ ଲଗାଇ ପରିବେଶ ସୁରକ୍ଷାରେ ସାମିଲ ହେବାକୁ ଆହ୍ୱାନ କରିଥିଲେ । ଚାରାରୋପଣ କେବଳ ସରକାରୀ କାର୍ଯ୍ୟକ୍ରମରେ ସୀମିତ ନ ରହି ଏକ ଜନଆନ୍ଦୋଳନର ରୂପ ନେବା ଆବଶ୍ୟକ ବୋଲି କହିଥିଲେ । ଏହି ଅବସରରେ ଖମାର ବନ ବିଭାଗ ପକ୍ଷରୁ "ସବୁଜ ରଥ'କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ଉପସ୍ଥିତ ଲୋକଙ୍କୁ ବିଭିନ୍ନ ପ୍ରଜାତିର ଚାରା ବଣ୍ଟନ କରାଯାଇଥିଲା ।

ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟରେ ମଧ୍ୟ ବନ ମହୋତ୍ସବ ପାଳନ କରାଯାଇଛି । ଛାତ୍ରଛାତ୍ରୀମାନେ ଚାରାରୋପଣ କରିବା ସହ ପରିବେଶ ସୁରକ୍ଷାର ସଂକଳ୍ପ ନେଇଥିଲେ । ଏହି ଅବସରରେ ବିଧାୟକ ଛାତ୍ରଛାତ୍ରୀଙ୍କୁ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବାକୁ ପ୍ରେରିତ କରିଥିଲେ । କାର୍ଯ୍ୟକ୍ରମରେ ଦେବଗଡ଼ ବନଖଣ୍ଡ ଅଧିକାରିଣୀ କୁମାରୀ ରଶ୍ମି ଜି, ସହକାରୀ ବନ ସଂରକ୍ଷକ ସ୍ୱାଧୀନତା ସାହାଣୀ, ଖମାର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାସ ମିଶ୍ର, କୁଞ୍ଜାମ ସରପଞ୍ଚଙ୍କ ପ୍ରତିନିଧି ପ୍ରତାପ ଚନ୍ଦ୍ର ବେହେରା, ବରିଷ୍ଠ ନେତା ଗୌରଚନ୍ଦ୍ର ପ୍ରଧାନ, ସରୋଜ ସାହୁ, ଖମାର ମଣ୍ଡଳ ବିଜେପି ସଭାପତି କାର୍ତ୍ତିକ ହୃଦୟ ଚନ୍ଦନ ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ବନ ବିଭାଗ ଅଧିକାରୀ, ଜନପ୍ରତିନିଧି, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

**ବଁଅରପାଳ:** ବଁଅରପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଟାଟା ଷ୍ଟିଲ, ମେରାମଣ୍ଡଳୀର ମିଳିତ ପ୍ରୟାସରେ ବନ ମହୋତ୍ସବ ପାଳିତ ହୋଇଛି । କାର୍ଯ୍ୟକ୍ରମରେ ପରିଚାଳନା ସମିତି ସଭାପତି ସତ୍ୟବାନ ବରାହ, ସମ୍ପାଦକ ଅଖିଳ କୁମାର ମହାପାତ୍ର ଓ ଟାଟା ଷ୍ଟିଲର ଅଧିକାରୀମାନେ ଉପସ୍ଥିତ ରହି ଚାରାରୋପଣ କରିଥିଲେ । ଶିଶୁ ଭାଇ, ଭଉଣୀଙ୍କୁ ଅତିଥି ଚାରାରୋପଣର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ । ପ୍ରଧାନଆଚାର୍ଯ୍ୟ ଧର୍ମାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

**କିଶୋରନଗର:** ଅଙ୍ଗପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ବିଭାଗ ସହଯୋଗରେ ୭୭ ବନ ମହୋତ୍ସବ ପାଳିତ ହୋଇଛି । ବିଦ୍ୟାଳୟର ପ୍ରାଧନଶିକ୍ଷକ, ସହକାରୀ



ଶିକ୍ଷକ, ବନପାଳ ରାମାକାନ୍ତ ସାହୁ, ବାମୁର ବନପାଳ ଦୀପ୍ତିମୟ ନାୟକ, ସଂଯୋଜକ ତାପସ ରଞ୍ଜନ କର, ବାସୁଦେବ ଚାଉଳିଆ, ଦଳପତି ଅମରେଶ ପ୍ରସାଦ ଦାଶ, ଉନ୍ନୟନ ଅଧିକରିଣୀ ପ୍ରୀତି ପ୍ରମାଣିକ, ବିଦ୍ୟାଳୟ କମିଟି ସଦସ୍ୟ ରାହାସ ସାହୁ ଯୋଗଦେଇ ଚାରାରୋପଣ କରିବା ସହ ତାହାର ସୁରକ୍ଷା ଉପରେ ଆଲୋଚନା କରିଥିଲେ ।

# କଣ୍ଟାପଡ଼ା ଘାଇ ଉଜାଡ଼ିଦେଲା ଧାନ ତଳି

## ନିରୀକ୍ଷଣ କଲେ ଯାଜପୁର ବିଧାୟିକା ଓ ବିଜେପି ନେତା

ଦଶରଥପୁର/କର୍ଯାଁଗୋଲା,୮।୭(ସମିସ): ଲଗାଣ ବର୍ଷା ଯୋଗୁ ବୈତରଣୀ ଓ ତାର ଶାଖା କାଣୀ ନଦୀରେ ବନ୍ୟା ପାଣି ଆସି ଦଶରଥପୁର ବ୍ଲକ ମଲ୍ଲିକାପୁର ପଞ୍ଚାୟତ କଣ୍ଟପଡ଼ା ନିକଟରେ କାଣୀ ନଦୀର ଶେଷ ମୁଣ୍ଡ ଡାହାଣ ପାର୍ଶ୍ୱର ବନ୍ଧରେ ୭୦ଫୁଟ ଆକାରର ୨ଟି ଘାଇ ସୃଷ୍ଟି ହୋଇଛି। ଫଳରେ ତଳିଆ ପଞ୍ଚାୟତରେ ଥିବା ସହସ୍ରାଧିକ ଚାଷ ଜମିରେ ଧାନ ତଳି ୩ ଦିନ ହେବ ବୁଡ଼ି ରହିଛି। ଖରିଫ ଧାନ ଚାଷୀ ନିଜସ୍ୱ ଉଦ୍ୟମରେ ଧାନ ବିହନ କ୍ରୟ କରି ତଳି ବେଉଷଣ କରିଥିବା ବେଳେ ଘାଇରୁ ନିଷ୍କାସିତ ବନ୍ୟା ପାଣି ଧାନ ତଳିକୁ ସମ୍ପୂର୍ଣ୍ଣ ଉଜାଡିଦେଇଛି। ଏପରି ସ୍ଥିତିରେ ପ୍ରଭାବିତ ଅଞ୍ଚଳର ଧାନ ଚାଷୀ ପୁନର୍ବାର ଅଣ୍ଟା ସଳଖି ଚଳିତ ବର୍ଷ ଧାନ ଚାଷ କରିବାକୁ ଚିନ୍ତାରେ ପଡ଼ିଥିବା ବେଳେ ଆଜି ଯାଜପୁର ବିଧାୟିକା ସୁଜାତା ସାହୁ କଣ୍ଟାପଡା ଘାଇ ପରିଦର୍ଶନ କରିବା ସହିତ ସ୍ଥାନୀୟ ଅଞ୍ଚଳର ପ୍ରଭାବିତ ଧାନ





ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଧାୟିକା ଶ୍ରୀମତୀ ସାହୁ କଣ୍ଟାପଡା ଘାଇକୁ ଡ୍ରେନେଜ୍ ବିଭାଗର ଅଧିକାରୀମାନଙ୍କ ଅବହେଳାକୁ ଦାୟୀ କରିବା ସହିତ ସମ୍ପୃକ୍ତ ଅଧିକାରୀଙ୍କ ବେପରୁଆ ମନ୍ତବ୍ୟକୁ ଘୋର ନିନ୍ଦା କରିଥିଲେ। ବିଭାଗୀୟ ଅନୁମତି ନଥାଇ ଏଠାରେ ବନ୍ଧ ନିର୍ମାଣ ହେଲା କିପରି ଏବଂ କିଏ ବନ୍ଧ କାର୍ଯ୍ୟ କଲା ତାହାକୁ ବିଭାଗର ଅଧିକାରୀ କିପରି ଜାଣିପାରିଲେ ନାହିଁ ବୋଲି ପ୍ରଶ୍ନ କରି ବିଭାଗୀୟ ଏସ୍‌ଡିଓ ଜୟପ୍ରକାଶ ସାହୁ ଏଭଳି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଆଖପାଖ ପଞ୍ଚାୟତବାସୀଙ୍କ ଦୁଃଖ ପାଲଟିଥିବା କଣ୍ଟାପଡା ଘାଇର ସ୍ଥାୟୀ ସମାଧାନ କରିବାକୁ ହେଲେ କାଣୀ ନଦୀ ଆରମ୍ଭରୁ ଶେଷ ମୁଣ୍ଡ ପର୍ଯ୍ୟନ୍ତ ଏହି ନାଳକୁ ସମ୍ପୂର୍ଣ୍ଣ ଭାବେ ଗଭୀର ଖନନ ସହ ସଫା କରାଯାଇ ଉଭୟପଟ ବନ୍ଧକୁ ସୁଦୃଢ଼ କରାଗଲେ ଅଞ୍ଚଳବାସୀଙ୍କ ସମସ୍ୟା ଦୂର ହେବା ସହ ଚାଷୀକୂଳ ଉପକୃତ ହୋଇପାରନ୍ତେ। ତାହା ନକରି ଓଲଟା ଏକ ଦୁର୍ବଳ ବନ୍ଧ ବାନ୍ଧି ନାଳକୁ ସଙ୍କୁଚିତ କରିବା ଫଳରେ ନଦୀରେ ବନ୍ୟା ପାଣି ପ୍ରବେଶ କରିବା ଯୋଗୁ ଅଞ୍ଚଳବାସୀଙ୍କ ଅଧିକ କ୍ଷତି ହେଲା। ବିଧାୟିକାଙ୍କ ଘାଇ ପରିଦର୍ଶନରେ ଦଶରଥପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ଜିଲ୍ଲାପରିଷଦ ସଭ୍ୟା ମାମିନା ମଲ୍ଲିକ, ମଲ୍ଲିକାପୁର ସରପଞ୍ଚଙ୍କ ପ୍ରତିନିଧି ସ୍ୱପ୍ନେନ୍ଦୁ କୁମାର ଦାସ, ସମାଜସେବୀ ମନୋଜ ରାଉତ ଓ ଅନେକ ସ୍ଥାନୀୟ ଚାଷୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଯାଜପୁର ବିଜେପିର ପୂର୍ବତନ ଜିଲ୍ଲା ସଭାପତି ଜଗନ୍ନାଥ ସାମଲ, ବିଜେପି ରାଜ୍ୟ ପୂର୍ବତନ ଯୁବମୋର୍ଚ୍ଚା ଉପ ସଭାପତି ସଂଗ୍ରାମ କେଶରୀ ପାତ୍ର, ସଞ୍ଜୟ ନାୟକ, ଲକ୍ଷ୍ମୀନାରାୟଣ ମଲ୍ଲିକ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ମାନସ ତ୍ରିପାଠୀ, ନୀର ସାହୁ, ରାଜେଶ୍ ବିଶ୍ୱାଳ, ଉମେଶ ମଲ୍ଲିକ, ପ୍ରତ୍ୟୁଷ ନାୟକ, ବିଶ୍ୱଜିତ ବିଶ୍ୱାଳଙ୍କ ସମେତ କିଛି ସମର୍ଥକ ଘାଇ ପାଖରେ ପହଞ୍ଚି ବନ୍ଧ ତଦାରଖ କରିଥିଲେ। ପୂର୍ବତନ ବିଜେପି ଜିଲ୍ଲା ସଭାପତି ଡ୍ରେନେଜ ବିଭାଗର ଏପରି ଠିକାଦାର ତୋଷଣ ନୀତିକୁ ବିରୋଧ କରିବା ସହ ସେ ଓଡ଼ିଶା ସରକାରଙ୍କ ଇଂଜିନିୟର ଇନ୍ ଚିଫ୍‌ଙ୍କୁ ଏବାବଦରେ ଅବଗତ କରାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବେ ବୋଲି କହିଥିଲେ।

# ବର୍ଷାରେ ଦବିଗଲା ଜାତୀୟ ରାଜପଥ



ଯାଜପୁର,୮।୭(ସମିସ): ଗତ କିଛି ଦିନ ଧରି ଯାଜପୁର ଜିଲ୍ଲାରେ ଲଗାଣ ବର୍ଷା ଫଳରେ ଯାତାୟାତ ପ୍ରଭାବିତ ହୋଇଛି। ଗ୍ରାମାଞ୍ଚଳ ରାସ୍ତା କ୍ଷତିଗ୍ରସ୍ତ ହୋଇଥିବା ବେଳେ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ମଧ୍ୟ ଦବିଯାଇଥିବା ଦେଖିବାକୁ ମିଳିଛି। ବର୍ଷାରେ ଜିଲ୍ଲାର ୫୩ ନମ୍ବର୍ ଜାତୀୟ ରାଜପଥ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଏହି ରାସ୍ତାର ସ୍ଥାୟୀତ୍ୱ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ରାସ୍ତାଟି ଦୀର୍ଘ ବର୍ଷ ହେବ ସଂପ୍ରସାରଣ କାର୍ଯ୍ୟ ଚାଲୁଥିଲେ ବି ଅଦ୍ୟାବଧି ସରିବା ନା ଧରୁନି। ଏହି ରାସ୍ତାରେ ଦୈନିକ ଯାତାୟାତ କରୁଥିବା ଶହ ଶହ ଲୋକ ନାହିଁ ନଥିବା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ରାସ୍ତା ସଂପ୍ରସାରଣ ପାଇଁ ମାଟି, ବାଲି, ମୋରମ୍ ବଦଳରେ ଅଧିକ ପାଉଁଶ ବ୍ୟବହାର ଏଠାରେ ହୋଇଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି। ରାସ୍ତାରେ ପାଉଁଶ ପକାଇବା ପରେ ପାଣି ବ୍ୟବହାର ନ କରି ରୋଲର ସାହାଯ୍ୟରେ ସମତଳ କରାଯାଇଥିଲା। ଯାହାକି ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏବେ କିଛି ଦିନ ସାମାନ୍ୟ ବର୍ଷା ପରେ ଚଣ୍ଡିଖୋଲ ନିକଟସ୍ଥ ୫୩ ନମ୍ବର ଜାତୀୟ ରାଜପଥ ଚେନେଜ ୬୮୦ରୁ ୮୩୦ ପର୍ଯ୍ୟନ୍ତ ପ୍ରାୟ ଏକ ଶହ ୫୦ ମିଟର ରାସ୍ତାର ୪ ଫୁଟ ଦବି ଯାଇଥିବା ଖବର ମିଳିଛି। ଖବର ମିଳିବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସ୍ଥାନୀୟ ଜନସାଧାରଣ ପହଞ୍ଚି ଏହାର ଦୃଢ଼ ପ୍ରତିବାଦ କରିବା ସହ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିପାତ କରିଥିଲେ। ବିଧାୟକ ଅମର କୁମାର ନାୟକ ଓ ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଏ ସମସ୍ୟା ନେଇ ଅବଗତ କରିବା ପରେ ୫୩ ନମ୍ବର୍ ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ସମୀକ୍ଷା ପାଇଁ ଡାକିଥିଲେ ବି ସେ ଆସିନଥିଲେ। ବିଧାୟକ ଶ୍ରୀ ନାୟକ କହିଥିଲେ ଠିକାଦାର ମହେନ୍ଦ୍ର ସ୍ୱାଇଁଙ୍କ ସଂସ୍ଥା ନିମ୍ନମାନର କାର୍ଯ୍ୟ ନେଇ ସଡ଼କ ଓ ପରିବହନ ବିଭାଗ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବୁ। ଖବର ପ୍ରଚାରିତ ହେବା ପରେ ତରବରିଆ ଭାବେ ଦବିଥିବା ଅଂଶକୁ ତାଡ଼ି ମେଣ୍ଟାଳିଂ କରୁଥିବା ଦେଖିବାକୁ ମିଳିଛି। ଏହି କାମକୁ ଯେଉଁ ଭଳି ମରାମତି କରାଯାଉଛି ତାହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତୁରନ୍ତ ଏହି ଠିକା ସଂସ୍ଥା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ଜୋର ଧରୁଛି।

# ଶେଷଦେବ ବାସନ୍ତୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



ଯାଜପୁର,୮।୭(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ଭୁବନେଶ୍ୱରପୁରସ୍ଥିତ ପିଏମ୍‌ଶ୍ରୀ ଶେଷଦେବ ବାସନ୍ତୀ ସରକାରୀ ଉଚ୍ଚ ବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନୀତା ନାୟକଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ସିଟିଟିସିର କର୍ମକର୍ତ୍ତା ସତ୍ୟନାରାୟଣ ମିଶ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଆଲୁମିନି ସନ୍ତୋଷ କୁମାର ଦାସ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ସିଟିଟିସିର କର୍ମକର୍ତ୍ତା, ସ୍ୱଦେଶ ଭୂଷଣ ମିଶ୍ର, ଅଧିରାଜ ମହାପାତ୍ର, ପଞ୍ଚସଖା ଶିକ୍ଷା ସେତୁର ସଭାପତି ସୁରେନ୍ଦ୍ର କୁମାର ରାୟ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରେଶ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଷ୍ଠା ଦିବସର ପତାକା ଉତ୍ତୋଳନ କରାଯିବା ସହ ଶିକ୍ଷୟିତ୍ରୀ ଗୀତାରାଣୀ ପଣ୍ଡା ଓ ରଞ୍ଜିତା ଘଡ଼ାଇଙ୍କ ଦ୍ୱାରା ବିଦ୍ୟାଳୟର ସଙ୍ଗୀତ ଗାନ କରାଯାଇଥିଲା। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ସ୍ୱୟଂଶ୍ରୀ ମହାପାତ୍ର ଏବଂ ଏ-୨ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ସୂର୍ଯ୍ୟପ୍ରକାଶ ସ୍ୱାଇଁ, ସ୍ମୃତିରେଖା ପହି, ସମ୍ବିତ କୁମାର ସାହୁ ଏବଂ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସିଟିଟିସିର କର୍ମକର୍ତ୍ତାଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପୂରାତନ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷୟତ୍ରୀ ଗୀତାରାଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଷା ଜଳ ନିଷ୍କାସନ ଓ ଜାତୀୟ ରାଜପଥ ବିଭିନ୍ନ ସମସ୍ୟାର ସମୀକ୍ଷା

ବଡ଼ଚଣା,୮।୭(ସମିସ): ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୬ ନମ୍ବର ରାଜପଥ ଛତିଆ ଠାରୁ ଚଣ୍ଡିଖୋଲ ଓ ୫୩ ନମ୍ବର (କ) ଚଣ୍ଡିଖୋଲ ଠାରୁ ପଞ୍ଚୁପାଣ୍ଡବ ଛକ ପର୍ଯ୍ୟନ୍ତ ରାଜପଥ କଡ଼ରେ ଥିବା ପାଟନାଳୀରୁ ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ଗଳିପୋଲ ଓ ଆପ୍ରୋଚ ରୋଡ୍ ସମସ୍ୟା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଖୋଲ ସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ବିଧାୟକ ଅମର କୁମାର ନାୟକ ଓ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଉପସ୍ଥିତରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବଡ଼ଚଣା ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଜାରକା ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ଜାତୀୟ ରାଜପଥ ଅଧିକାରୀ, ଜଳ ନିଷ୍କାସନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ଧର୍ମଶାଳା ଅତିରିକ୍ତ ତହସିଲଦାର ସହ ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇ ଥିଲା। ଏଥିରେ ମୁଖ୍ୟତଃ ଚଣ୍ଡିଖୋଲ ଛକ, ବନ୍ଦାଳ, କଡ଼େଇ ଛକ, ବଡ଼ଚଣା, ପଥରାଜପୁର, ପାରିପଲେଇ ନିକଟ ରାଜପଥ ପାର୍ଶ୍ୱରେ ବର୍ଷା ଜଳ ନିଷ୍କାସନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହେବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ରାଜପଥ ସଂପ୍ରସାରଣ ବେଳେ କଣ୍ଟିଗଡିଆ ମୌଜାର ଚାଷ ଜମିକୁ ଜଳ ଯୋଗାଣ ପାଇଁ ଥିବା ୧୨ ନମ୍ବର (କ) କେନାଲ ଅବରୋଧ ହଟାଇ ଜଳଯୋଗାଣ ପାଇଁ ବ୍ୟବସ୍ଥା କରିବା, କୁନ୍ଦଳ ଛକ ଠାରେ ଗଳିପୋଲ କଡ଼ ସଂଯୋଗୀକରଣ ରାସ୍ତା ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ବ୍ୟବସ୍ଥା ହୋଇଥିବା ରାଜପଥ ଅଧିକାରୀ ସୁଚନା ଦେଇଥିଲେ। ଏଥିସହ ରେଳପଥ ସଂପ୍ରସାରଣ କାର୍ଯ୍ୟ ଚାଲୁଥିବା ସମୟରେ ଯଦି କେଉଁଠି ବର୍ଷା ଜଳ ନିଷ୍କାସନ ସମସ୍ୟା ରହୁଛି ସେଥିପ୍ରତି ଦୃଷ୍ଟିପାତ କରିବାକୁ ଉପସ୍ଥିତ ରେଳ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ସବୁ ସମସ୍ୟାର ସମାଧାନରେ ଯଦି କେହି ଖିଲାପ କରନ୍ତି ତାଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ତାଗିଦ କରିଥିଲେ।

# ସଂସ୍କୃତ ଶିକ୍ଷକଙ୍କ ଅବସର କାଳୀନ ସମ୍ବର୍ଦ୍ଧନା

କର୍ଯାଁଗୋଲା,୮।୭(ସମିସ): ଦଶରଥପୁର ବ୍ଲକ ଶୁଶୁଆ ପଞ୍ଚାୟତ ଈଶ୍ୱରପୁର ଗ୍ରାମର ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ସନ୍ତୋଷ କୁମାର ପାଢ଼ୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।

ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ମର୍କତ କେଶରୀ ରାୟ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ସୁରମା ମହାପାତ୍ର, ସବିତା ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଆଲୋକ କୁମାର ବନ୍ଧ, ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ସତ୍ୟବ୍ରତ ମିଶ୍ର, ବ୍ଲକ ମଣ୍ଡଳ ସହ ଶିକ୍ଷା ଅଧିକାରୀ ବରଦା ଭୂଷଣ ମହାପାତ୍ର, ନୃସିଂହ ଚରଣ ମହାନ୍ତି, ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଅର୍ଣ୍ଣଦା ପ୍ରସାଦ ରଣା, ଶୁଶୁଆ ପଞ୍ଚାୟତ ସରପଞ୍ଚ ବୃନ୍ଦାବନ ସାମଲ, ସମିତି ସଭ୍ୟ ମଧୁସୂଦନ ଦାସ, ପଞ୍ଚଶାଖା ଶିକ୍ଷା ସେତୁ ସଭାପତି ହେମେନ୍ଦ୍ର କୁମାର ବାରିକ, ପରିଚାଳନା କମିଟି ସଭାପତି ଲକ୍ଷ୍ମଣ ବାଇ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମୀ ସହ ପୁରାତନ ଛାତ୍ର ଅମରେଶ ବାରିକ, ପଦ୍ମଲୋଚନ ଦାସ, ପ୍ରୀତିସ ରଞ୍ଜନ ସାମଲ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହଯୋଗ କରିଥିଲେ। ଶ୍ରୀ ପାଢ଼ୀଙ୍କୁ ଅତିଥିମାନେ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଦେଶୀ ଓ ମହୁଲି ମଦ ଜବତ, ୨ବେପାରୀ ଗିରଫ

ପାଣିକୋଇଲି,୮।୭(ସମିସ): ପାଣିକୋଇଲି ଥାନା ପକ୍ଷରୁ ସନ୍ଧ୍ୟା ପାଟ୍ରୋଲିଂ ସମୟରେ ଦେଶୀ ମହୁଲି ମଦ ଜବତ କରାଯାଇଛି। ସନ୍ଧ୍ୟା ପାଟ୍ରୋଲିଂ ସମୟରେ ପାଣିକୋଇଲି ପଞ୍ଚାୟତ ମଣିପୁର ଛକ ନିକଟରେ ଜଣେ ବ୍ୟକ୍ତିଙ୍କୁ ସନ୍ଦେହ ଜନକ ଅବସ୍ଥାରେ ଧରିବାରୁ ତା' ନିକଟରୁ ୨୫ଟି ଆସ୍କା ଫର୍ଟି (୫ଲିଟର) ଦେଶୀ ମଦ ବାହାରିଥିଲା। ଏହି ଘଟଣାରେ ୨୬୫/୨୬ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ କେନ୍ଦୁଝର ଜିଲ୍ଲା ତୁରୁଭଙ୍ଗା ଥାନା ସିଲଦା ଗ୍ରାମର ନନ୍ଦ ମୁଣ୍ଡା (୪୬)ଗିରଫ କରାଯାଇଛି। ସେହିପରି ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଜହ୍ନା ପଞ୍ଚାୟତର ତାଲୁଙ୍ଗା ଠାରେ ଚଢ଼ଉ କରାଯାଇ ତାଲୁଙ୍ଗା ଗ୍ରାମର ଚଗୁଲୁ ମୁଣ୍ଡାଙ୍କୁ ଧରିବାରୁ ତା' ନିକଟରୁ ୯ ଲିଟର ମହୁଲି ମଦ ଜବତ କରାଯାଇଛି। ଏନେଇ ଏକ ମାମଲା ୨୬୪/୨୬ ରୁଜୁ କରାଯାଇ ତାକୁ ଗିରଫ କରାଯାଇ ଥିବା ତଦନ୍ତାଧିକାରୀ ଏଏସଆଇ ଦେବବ୍ରତ ମହାନ୍ତିଙ୍କ ଠାରୁ ସୂଚନା ମଳିଛି।

# ବିଏସ୍ କଲେଜରେ ବନ ମହୋତ୍ସବ ସପ୍ତାହ

ବଡ଼ଚଣା,୮।୭(ସମିସ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ବନ ମହୋତ୍ସବ ସପ୍ତାହ ପାଳନ ହୋଇଯାଉଛି। ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ସଂଯୋଜକ କିଶୋର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ମୁଦୁଲି ଯୋଗ ଦେଇଥିଲେ। ଗଛ ଛାଇ ବଢାଇବା, ମରୁଡି ପରିସ୍ଥିତି ହ୍ରାସ କରାଇବା, ଅଧିକ ବିକଳ୍ପ ଇନ୍ଧନ ଉତ୍ସ ସୃଷ୍ଟି କରିବା, ପରିବେଶ ସନ୍ତୁଳନ ରକ୍ଷା କରିବା, ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା, ମୃତ୍ତିକା କ୍ଷୟ ହ୍ରାସ କରିବା ସହିତ ବିଶ୍ୱର ତାପମାତ୍ରା ବୃଦ୍ଧି ରୋକିବା ଓ ପ୍ରଦୂଷଣ ହ୍ରାସ ଦିଗରେ ବୃକ୍ଷ ରୋପଣ ହିଁ ଏକ ଶ୍ରେଷ୍ଠ ବିକଳ୍ପ ବୋଲି କହିଥିଲେ। ବନ ମହୋତ୍ସବର ଶେଷ ଦିନରେ କଲେଜ ପରିସରରେ ଶତାଧିକ ଫଳ, ଫୁଲ ଔଷଧୀୟ ଗଛ ସହିତ ପରିବେଶ ଉପଯୋଗୀ ବୃକ୍ଷ ରୋପଣ କରାଯାଇଥିଲା। ଅଥିରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା କର୍ମଚାରି ଛାତ୍ରଛାତ୍ରୀ, ଜାତୀୟ ସେବା ଯୋଜନା ର ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ।

# ମୋ ସେବା ଓ ଜନସେବା କେନ୍ଦ୍ରରେ ଗ୍ରାହକଙ୍କୁ ଶୋଷଣ ଅଭିଯୋଗ

ବିଞ୍ଝାରପୁର,୮।୭(ସମିସ): ବିଞ୍ଝାରପୁର ବ୍ଲକର ୨୯ଟି ପଞ୍ଚାୟତରେ ସାଧାରଣ ଲୋକଙ୍କୁ ସରକାରୀ ସେବା ସୁଲଭ ମୂଲ୍ୟରେ ଯୋଗାଇ ଦେବା ଉଦ୍ଦେଶ୍ୟରେ ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ର ଖୋଲାଯାଇଛି। କିନ୍ତୁ ଏହି କେନ୍ଦ୍ରଗୁଡ଼ିକର କେତେକ ସଞ୍ଚାଳକ ଗ୍ରାହକଙ୍କଠାରୁ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଅର୍ଥ ଆଦାୟ କରୁଥିବା ସହ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ଉଠିଛି। ଅଭିଯୋଗ ଅନୁସାରେ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ବିଭିନ୍ନ ସାର୍ଟିଫିକେଟ୍ ଆବେଦନ ପାଇଁ ନିର୍ଦ୍ଧାରିତ ଶୁଳ୍କଠାରୁ ଅନେକ ଗୁଣ ଅଧିକ ଟଙ୍କା ନିଆଯାଉଛି। ଏଥିସହ ଛାତ୍ରଛାତ୍ରୀଙ୍କୁ ୩ରୁ ୪ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରାଯାଉଥିବା ନେଇ ଅରେଇ ପଞ୍ଚାୟତର କିଛି ଅଭିଭାବକ ଓ ଛାତ୍ରଛାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ଆୟ, ଜାତି ଓ ବାସିନ୍ଦା ପ୍ରମାଣପତ୍ର ପାଇଁ ମଧ୍ୟ ସରକାର ଧାର୍ଯ୍ୟ କରିଥିବା ଶୁଳ୍କଠାରୁ ପ୍ରାୟ ଚାରିଗୁଣ ଅଧିକ ଅର୍ଥ ନିଆଯାଉଥିବା ଅଭିଯୋଗ ବିଭିନ୍ନ ମୋ ସେବା କେନ୍ଦ୍ର ବିରୋଧରେ ଆସୁଛି। କେତେକ କେନ୍ଦ୍ର ସଞ୍ଚାଳକ ତହସିଲ କାର୍ଯ୍ୟାଳୟରେ କାମ କରାଇବା ପାଇଁ "ହାତଗୁଞ୍ଜା' ଦେବାକୁ ପଡୁଛି ବୋଲି ଗ୍ରାହକଙ୍କୁ କହୁଥିବା ଅଭିଯୋଗ ମଧ୍ୟ ହୋଇଛି।

ଏପରି ସ୍ଥିତିରେ ଅନଲାଇନ୍ ସେବାକୁ ସ୍ୱଚ୍ଛ ଓ ସୁଲଭ କରିବା ସରକାରଙ୍କ ଉଦ୍ଦେଶ୍ୟ କେତେଦୂର ସଫଳ ହେଉଛି, ତାହା ନେଇ ପ୍ରଶ୍ନ ଉଠିଛି। ଏହି କେନ୍ଦ୍ରଗୁଡ଼ିକରେ ହେଉଥିବା ଅନିୟମିତତା ଓ ଅତ୍ୟଧିକ ଶୁଳ୍କ ଆଦାୟ ଉପରେ ପ୍ରଶାସନ ପକ୍ଷରୁ ନିୟମିତ ତଦନ୍ତ ହେଉନଥିବା ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗଗୁଡ଼ିକର ସତ୍ୟତା ଯାଞ୍ଚ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କୁ ହଇରାଣ ନ କରିବା ପାଇଁ ପ୍ରଶାସନ ତତ୍ପରତା ଦେଖାଇବାକୁ ଦାବି ହେଉଛି

# ପୋଷାକ ବିତରଣ ଉତ୍ସବ

କର୍ଯାଁଗୋଲା,୮।୭(ସମିସ): ବରେଇଁ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତି ସାମଲ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରିଥିଲେ। ମୋଟ ୪୬ ଜଣ ଛାତ୍ରଛାତ୍ରୀଙ୍କୁ ୨ ସେଟ୍ ଲେଖା ପୋଷାକ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମ ୱାର୍ଡମେମ୍ବର ସସ୍ମିତା ବେହେରା, ପୂର୍ବତନ ପରିଚାଳନା କମିଟି ସଭାପତି ତପନ ମିଶ୍ର, ଅଙ୍ଗନବାଡି କର୍ମୀ ଶୁଭସ୍ମିତା ବାହାଲଏବଂ ସହକାରୀ ଶିକ୍ଷକ ଅଭିମନ୍ୟୁ ବାରିକ ପିଲାମାନଙ୍କର ଅଭିଭାବକ ଉପସ୍ଥିତ ଥିଲେ।

# ବ୍ୟାସନଗର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




ବ୍ୟାସନଗର,୮।୭(ସମିସ): ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ୬୧ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ବ୍ୟାସନଗର ମହାବିଦ୍ୟାଳୟର ପୁରାତନ ଛାତ୍ର ପରିଷଦ (ଆଲମୁନି) ପକ୍ଷରୁ ବ୍ୟାସଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେବା ସହିତ ସେଠାରେ ଆଲମୁନି ସଭାପତି ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଯାଇଛି। ଏହି ସମାବେଶରେ ପ୍ରଥମେ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଓ ଛାତ୍ର ପରିଷଦର ଆବାସିକ ସମ୍ପାଦକ ଡ. କୁଶଚନ୍ଦ୍ର ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ମହାବିଦ୍ୟାଳୟରେ ଦେଖାଯାଇଥିବା ବ୍ୟାପକ ଅବ୍ୟବସ୍ଥା ସମ୍ପର୍କରେ ଆଲମୁନି ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିବାକୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲମୁନିର ସମ୍ପାଦକ ନିତ୍ୟାନନ୍ଦ ମହାଳିକ, ଉପସଭାପତି ପ୍ରଫୁଲ୍ଲ ନାୟକ, ଶିକ୍ଷାବିତ୍ ଡ. ଦେବସ୍ମିତା ସାହୁ, ଆଇନଜୀବୀ ଲୋକନାଥ ରାଉତ, କାଉନସିଲର ଶିବାନନ୍ଦ ନାୟକ ଓ ଅରୁଣ କୁମାର ରାଉତ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ପରିଚାଳନାଗତ ତ୍ରୁଟି ଯୋଗୁ ମହାବିଦ୍ୟାଳୟ ଉନ୍ନତି ହୋଇପାରୁନାହିଁ। କଲେଜ କର୍ତ୍ତୃପକ୍ଷ ପରିବେଶ ପ୍ରତି ଦୃଷ୍ଟି ନ ଦେବାରୁ ପରିବେଶ ନଷ୍ଟ ହୋଇଛି ବୋଲି ପୁରାତନ ଛାତ୍ରନେତା ଅଭିଯୋଗ କରିଥିଲେ। ସୁଦୀପ୍ତ ମିଶ୍ର ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।

# ମନ୍ମଥ ଧଳ ଡିଗ୍ରୀ ମହାବିଦ୍ୟାଳୟରେ ବନ ମହୋତ୍ସବ

କର୍ଯାଁଗୋଲା,୮।୭(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟାସ୍ଥିତ ମନ୍ମଥ ଧଳ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବନମହୋତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ସମ୍ପାଦକ ବିଜୟ କୁମାର ଧଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ରୋଡ୍ ଡିଭିଜନର ଡେପୁଟି ଇଲେକ୍ଟ୍ରିସିଟି ଇନ୍ସପେକ୍ଟର ସୋନାଲି ଶ୍ୱେତପଦ୍ମା ଯୋଗ ଦେଇଥିଲେ। ଏହି ଅବସରରେ ଅଧ୍ୟାପକ ନିରାକାର ନାୟକ ଓ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାମଲ 'ଗୋଟିଏ ବୃକ୍ଷ ଗୋଟିଏ ଜୀବନ' ଶୀର୍ଷକରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ ମିଳିତ ଭାବେ ବୃକ୍ଷରୋପଣ କରିଥିଲେ। ଆଗାମୀ ଦିନରେ କେବଳ ମହାବିଦ୍ୟାଳୟ ପରିସର ନୁହେଁ, ସମଗ୍ର ପଞ୍ଚାୟତରେ ବ୍ୟାପକ ବୃକ୍ଷ ରୋପଣକରି ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଛାତ୍ରଛାତ୍ରୀ ସଂକଳ୍ପ ନେଇଥିଲେ। ପରିବେଶ ସୁରକ୍ଷା ଦିଗରେ ଏହି ପଦକ୍ଷେପ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସିତ ହୋଇଛି।

# ନାମ ଲେଖା ଫି' ଛାଡ଼କୁ ନେଇ ଦ୍ୱନ୍ଦ୍ୱ

# ଚିନ୍ତାରେ ଅଭିଭାବକ ଓ ଛାତ୍ରଛାତ୍ରୀ

ଯାଜପୁର,୮।୭(ସମିସ): ନିକଟରେ ରାଜ୍ୟ ସରକାର କେଜି ଠାରୁ ପିଜି ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ନାମଲେଖା ଫି' ଛାଡ ନେଇ ଘୋଷଣା କରିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ଗୁଡିକୁ କୌଣସି ସ୍ପଷ୍ଟ ମାର୍ଗଦର୍ଶିକା ଆସିନଥିବାରୁ ଏହାକୁ ନେଇ ଦ୍ୱନ୍ଦ୍ୱରେ ଅଭିଭାବକ ଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀ ଅଛନ୍ତି। ଆସନ୍ତାକାଲି ଜୁଲାଇ ୯ ତାରିଖ ଦିନ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ପାଇଁ ନାମଲେଖା ଆରମ୍ଭ ହେବାକୁ ଯାଉଛି। ରାଜ୍ୟ ସରକାର ଘୋଷଣା କରିଥିବା ନାମଲେଖା ଫି' ଛାଡକୁ ନେଇ ଏ ଯାଏଁ ଦ୍ୱନ୍ଦ୍ୱ ଦୂର କରିନାହାଁନ୍ତି। ହେଲେ ନାମଲେଖା ଫି' କିପରି ଆଉ କେତେ ଟଙ୍କା ଛାଡ଼ ହେବ ସେ ନେଇ କୌଣସି ସ୍ପଷ୍ଟ ସୂଚନା ରଖିନାହାଁନ୍ତି।

ଉଲ୍ଲେଖଯୋଗ୍ୟ ଯେ ପ୍ରତିବର୍ଷ ପରି ଚଳିତ ବର୍ଷ ଯୁକ୍ତ ୨ ଶ୍ରେଣୀରେ ନାମଲେଖା ପାଇଁ ଅନ୍‌ଲାଇନରେ ଆବେଦନ କରାଯାଇଥିଲା। ଆବେଦନ ସମୟରେ ଛାତ୍ରଛାତ୍ରୀ ମାନେ ସାମ୍ସ ପୋର୍ଟାଲକୁ ଯାଇ ଆବେଦନ କରିଥିଲେ। ନାମଲେଖା ସମୟରେ ଫିସ୍ ଏକ ପ୍ରମୁଖ ପ୍ରସଙ୍ଗ ହୋଇଥାଏ। ଅନେକ ଛାତ୍ରଛାତ୍ରୀ ନିଜ ନିଜର ଆର୍ଥିକ ସ୍ଥିତିକୁ ପରଖି କଲେଜ ମଧ୍ୟ ଚୟନ କରିଥାନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟର କେବଳ ସରକାରୀ ମହାବିଦ୍ୟାଳୟ ଗୁଡିକୁ ଛାଡିଦେଲେ ବାକି ସମସ୍ତ ଅନୁଦାନପ୍ରାପ୍ତ ବା ଆବାସିକ ବିଦ୍ୟାଳୟରେ ନାମଲେଖା ଫି' ବାଦ୍, ଉନ୍ନୟନ (ଡେଭଲପମେଣ୍ଟ) ଫି' ଆଳରେ ଅନେକ ଅର୍ଥ ଆଦାୟ କରାଯାଇଥାଏ। ଏବେ ପ୍ରଶ୍ନ ଉଠୁଛି ଏ ସମସ୍ତ କଲେଜମାନେ ଉକ୍ତ ଉନ୍ନୟନ ଫି'କୁ ନାମଲେଖା ସମୟରେ ବାଦ୍ କରିବେ ତ? ଯଦି ନୁହେଁ ତେବେ କେବଳ ଧର୍ମକୁ ଆଖିଠାର ସଦୃଶ ଅଳ୍ପ କିଛି ଟଙ୍କା ନାମଲେଖା ବାବଦକୁ ଛାଡ଼କରି ଛାତ୍ରଛାତ୍ରୀ ମାନଙ୍କୁ ଭଣ୍ଡାଇ ଦିଆଯାଇ ନାହିଁ କି। ଛାତ୍ରଛାତ୍ରୀଙ୍କୁ ଏହା ଏକ ବିବାଦୀୟ ପରିସ୍ଥିତିର ସାମ୍ନା କରିବାକୁ ପଡିବ ନାହିଁ ତ। ଏହିକ୍ରମରେ ଯଦି ଦେଖିବା ଯାଜପୁର ଜିଲ୍ଲାରେ ଗୋଟିଏ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ (ନରସିଂହ ଚୌଧୁରୀ ଉଚ୍ଚ ମାଧ୍ୟମିକ)କୁ ଛାଡ଼ିଦେଲେ ଅନୁଦାନପ୍ରାପ୍ତ ବେସରକାରୀ ଏବଂ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂଖ୍ୟା ହେଉଛି ୧୧୯। ଚଳିତବର୍ଷ ଜିଲ୍ଲାରେ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାରେ ସମୁଦାୟ ୫୫୭୧ ଜଣ ଛାତ୍ରଛାତ୍ରୀ ନାମ ଲେଖାଇବେ। କେବଳ ଏକମାତ୍ର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଛାଡିଦେଲେ ସମସ୍ତ କଲେଜରେ ଅନ୍ୟୁନ ୫ହଜାରରୁ ୮ହଜାର ଟଙ୍କା ପର୍ଯ୍ୟନ୍ତ ନାମଲେଖା ଫି' ଦେବାକୁ ପଡିବ। ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟମାନଙ୍କ କଥା ନକହିବା ଭଲ। ତେବେ ଏଭଳି ସ୍ଥିତିରେ ରାଜ୍ୟ ସରକାର ଏ ଦ୍ୱନ୍ଦ୍ୱ ଦୂର ନ କଲେ ନାମଲେଖା ସମୟରେ ଅଭିଭାବକ, ଛାତ୍ରଛାତ୍ରୀ ଓ କଲେଜ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ସରକାର ଏହାର ତୁରନ୍ତ ସମାଧାନ ନିମନ୍ତେ ବ୍ୟବସ୍ଥା କରିବାକୁ ବହୁ ଶିକ୍ଷାବିତ ଦାବି କରିଛନ୍ତି।

# ରାସ୍ତାକଡ଼ରେ ମୁକୁଳା ବିଦ୍ୟୁତ ଟ୍ରାନ୍ସଫର୍ମର

## ବିପଦରେ ସାଧାରଣ ଜନଜୀବନ

ଚମ୍ପୁଆ, ୮।୭ (ସମିସ):



ବିଦ୍ୟୁତ ସେବା ଯୋଗାଉଥିବା ଟାଟା ପାୱାର ପକ୍ଷରୁ ବିଦ୍ୟୁତ ସରଞ୍ଜାମର ରକ୍ଷଣାବେକ୍ଷଣ ପ୍ରତି ଅବହେଳା କରାଯାଉଥିବା ଅଭିଯୋଗ ପୁଣିଥରେ ସାମ୍ନାକୁ ଆସିଛି। ଚମ୍ପୁଆ ଏନ୍ଏସି ଅନ୍ତର୍ଗତ ୮ ନମ୍ବର ୱାର୍ଡର କଲ୍ୟାଣ ମଣ୍ଡପ ରାସ୍ତା ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ସମ୍ପୂର୍ଣ୍ଣ ମୁକୁଳା ଅବସ୍ଥାରେ ରହିଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପୃକ୍ତ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ କୌଣସି ସୁରକ୍ଷା ତାରବାଡ଼ କିମ୍ବା ଘେରାବନ୍ଦୀ ବ୍ୟବସ୍ଥା କରାଯାଇନାହିଁ। ଫଳରେ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ ଉପକରଣ ସାଧାରଣ ଲୋକଙ୍କ ସିଧାସଳଖ ସମ୍ପର୍କରେ ଆସୁଥିବାରୁ ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ପ୍ରତିଦିନ ଶହଶହ ଲୋକ, ସ୍କୁଲ ଛାତ୍ରଛାତ୍ରୀ, ମହିଳା ଓ ବୟସ୍କ ବ୍ୟକ୍ତିଙ୍କ ସହ ଗୃହପାଳିତ ପଶୁ ଯାତାୟାତ କରୁଛନ୍ତି। ଟ୍ରାନ୍ସଫର୍ମର ନିକଟରେ କଲ୍ୟାଣ ମଣ୍ଡପ ଓ ଗାୟତ୍ରୀ ସେଣ୍ଟ୍ରାଲ ଏକାଡେମୀ ରହିଥିବାରୁ ପିଲାମାନଙ୍କ ସୁରକ୍ଷା ନେଇ ଅଭିଭାବକମାନେ ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି। ବର୍ଷା ଦିନରେ ଏଭଳି ମୁକୁଳା ବିଦ୍ୟୁତ ଉପକରଣ ଆହୁରି ବିପଦଜନକ ହୋଇପାରେ ବୋଲି ସ୍ଥାନୀୟମାନେ କହିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁସାରେ, ବିଦ୍ୟୁତ ସୁରକ୍ଷା ନିୟମାବଳୀ ଅନୁଯାୟୀ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ସୁରକ୍ଷା ବାଡ଼, ସତର୍କ ସୂଚନା ଫଳକ ଓ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ରହିବା କଥା; କିନ୍ତୁ ଏଠାରେ ସେଭଳି କୌଣସି ବ୍ୟବସ୍ଥା ନଥିବାରୁ ବିଭାଗର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିଛି। ଦୁର୍ଘଟଣା ଘଟିବା ପୂର୍ବରୁ ତୁରନ୍ତ ଟ୍ରାନ୍ସଫର୍ମରକୁ ଘେରାବନ୍ଦୀ କରି ସୁରକ୍ଷିତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ଟାଟା ପାୱାରର ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସାଧାରଣ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଟାଟା ପାୱାର କର୍ତ୍ତୃପକ୍ଷ ଏହି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବେ ବୋଲି ସ୍ଥାନୀୟ ବାସିନ୍ଦା ଆଶା ପ୍ରକାଶ କରିଛନ୍ତି।

# ତହସିଲଦାରଙ୍କ ଘରେ ଭଙ୍ଗାରୁଜା, ଚୋରି ଅଭିଯୋଗ

ଚମ୍ପୁଆ, ୮।୭ (ସମିସ): ଚମ୍ପୁଆ ତହସିଲଦାର ସତ୍ୟବ୍ରତ ସାହୁଙ୍କ ସରକାରୀ କ୍ୱାର୍ଟରରେ ଚୋରି ଓ ଜିନିଷ ଭଙ୍ଗାରୁଜା କରିଛନ୍ତି ଦୁର୍ବୃତ୍ତ। ତହସିଲଦାର ୭ ଜୁଲାଇରେ ଚମ୍ପୁଆ ମୁଖ୍ୟାଳୟ ଛାଡ଼ି କଟକ ଯାଇଥିଲା ବେଳେ ଫେରିବା ପରେ ସେ ଦେଖିଥିଲେ ଯେ ତାଙ୍କ ସରକାରୀ କ୍ୱାର୍ଟରର ଚାବି ଭାଙ୍ଗି ଦୁର୍ବୃତ୍ତମାନେ ଘର ଭିତରକୁ ପ୍ରବେଶ କରିଛନ୍ତି। ଘର ଭିତରେ ଥିବା ବିଭିନ୍ନ ସାମଗ୍ରୀ ଚୋରି କରିବା ସହ ଅସବାବପତ୍ରକୁ ଫିଙ୍ଗାପିଙ୍ଗି କରି ନଷ୍ଟ କରିଦେଇଥିଲେ। ଏହାଛଡ଼ା ପାଣି ଟାଙ୍କିର ପାଣି ଛାଡ଼ି ଦେଇ ସମ୍ପୂର୍ଣ୍ଣ କ୍ୱାର୍ଟରକୁ ଜଳମଗ୍ନ କରିଦେଇଥିବାରୁ ଘର ଭିତରେ ଥିବା ବହୁ ସାମଗ୍ରୀ ନଷ୍ଟ ହୋଇଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ଚମ୍ପୁଆ ଥାନା ଆଇଆଇସି ସ୍ୱରୂପ ରଂଜନ ନାୟକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଘଟଣାସ୍ଥଳରୁ ବିଭିନ୍ନ ପ୍ରମାଣ ସଂଗ୍ରହ କରାଯାଇଥିବା ବେଳେ ଚୋରି ହୋଇଥିବା ସାମଗ୍ରୀ



ଏବଂ କ୍ଷୟକ୍ଷତିର ଆକଳନ କରାଯାଉଛି। ଏନେଇ ତହସିଲଦାର ସତ୍ୟବ୍ରତ ସାହୁ ଚମ୍ପୁଆ ଥାନାରେ ଏକ ଲିଖିତ ଏତଲା ଦାଖଲ କରି ଏଫ୍ଆଇଆର୍ ରୁଜୁ କରିବା ସହ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି। ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

# ୨ ବାଲି ବୋଝେଇ ହାଇୱା ଅଟକ

ହାଟଡ଼ିହୀ, ୮।୭ (ସମିସ): ସରକାରୀ ଭାବେ ବାଲି ଉତ୍ତୋଳନ ବନ୍ଦ ହୋଇଥିବା ବେଳେ ବାଲି ପରିବହନ ହେଉଥିବା ସବୁଠୁ ଆଶ୍ଚର୍ଯ୍ୟଜନକ ପ୍ରସଙ୍ଗ ବୋଲି କୁହାଯାଉଛି। କିଛି ଅମାନିଆ ଆଇନକୁ ଆଖିଠାର ମାରି ବାଲି ପରିବହନ କରୁଥିବା ନେଇ ଖବର ମିଳିଥିବା ବେଳେ ସୋସୋ ପୁଲିସ୍ ପକ୍ଷରୁ ଅଚାନକ ଚଢ଼ଉ କରାଯାଇ ଦୁଇଟି ବାଲି ବୋଝେଇ ହାଇୱା ଅଟକ ରଖାଯାଇଛି। ଯାଞ୍ଚ ପରେ ବାଲି ପରିବହନ ସମ୍ପୂର୍ଣ୍ଣ ବେଆଇନ୍ ବୋଲି ଜଣାପଡିଛି। ଏନେଇ ମାମଲା ପଞ୍ଜିକୃତ ହେବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ କମଳ ପଣ୍ଡା ସୂଚନା ଦେଇଛନ୍ତି।



# ଦୋକାନରୁ ୪୦ ହଜାର ଟଙ୍କା ଲୁଟ୍

ତୁରୁମୁଙ୍ଗା, ୮।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ସାଧୁପଡ଼ାସ୍ଥିତ ଏକ ସିମେଣ୍ଟ ଓ ଛଡ ଦୋକାନରୁ ମଙ୍ଗଳବାର ଅପରାହ୍ନରେ କେହି ଦୁର୍ବୃତ୍ତ ବ୍ୟାଗରେ ଥିବା ୪୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ପାଟଣା ଥାନାରେ ଦୋକାନ ମାଲିକ ଜ୍ୟୋତିରଞ୍ଜନ ମହାନ୍ତ ଅଭିଯୋଗ କରିଛନ୍ତି। ଜ୍ୟୋତିରଞ୍ଜନ କିଛି ସମୟ ପାଇଁ ଦୋକାନ ଛାଡ଼ି ବାହାରକୁ ଯାଇଥିବା ବେଳେ ଜଣେ ଯୁବକ ବାଇକରେ ଆସି ଦୋକାନରେ ପଶିଥିବାର ସିସିଟିଭି ଫୁଟେଜରେ କୈଦ ହୋଇଛି। ସିସିଟିଭି ଫୁଟେଜ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଏନେଇ ପାଟଣା ଥାନାରେ ୨୪୩/୨୬ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଏଏସଆଇ ଧନେଶ୍ୱର ପାତ୍ର କହିଛନ୍ତି।

# ଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ତୁରୁମୁଙ୍ଗା, ୮।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଟାଙ୍ଗରପଡା ପଞ୍ଚାୟତ ଅନ୍ତର୍ଗତ ବାଲିବନ୍ଧ ମହାନ୍ତ ସାହିର ଦେବେନ୍ଦ୍ର ମହାନ୍ତଙ୍କ ପତ୍ନୀ ସୁପ୍ରିୟା ମହାନ୍ତ (୨୪)ଙ୍କ ଝୁଲନ୍ତା ମୃତଦେହ ବୁଧବାର ଶୋଇବା ଘର ଭିତରୁ ପୁଲିସ ଉଦ୍ଧାର କରିଛି। ପାରିବାରିକ କଳହକୁ ନେଇ ମହିଳା ଜଣକ ଆତ୍ମହତ୍ୟା କରିଥିବା ଜଣାପଡିଛି। ସେ ଘର ଭିତରେ ବେକରେ ଚୁନି ଲଗାଇ ଫ୍ୟାନରେ ଝୁଲିପଡିଥିଲେ। ଘର ଭିତରେ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକେ ପୁଲିସକୁ ଖବର ଦେଇଥିଲେ। ପାଟଣା ଥାନା ଏଏସଆଇ ଧନେଶ୍ୱର ପାତ୍ର ମୃତଦେହକୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଶିକ୍ଷାବିତ୍ ହରିହର ନାଥଙ୍କ ଦେହାନ୍ତ

ଆନନ୍ଦପୁର, ୮।୭ (ସମିସ): ଆନନ୍ଦପୁର ପୌରାଞ୍ଚଳର ଫକୀରପୁର ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ମୁଗୁପୁର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିହର ନାଥଙ୍କ ଦେହାନ୍ତ ହୋଇଯାଇଛି। ଶ୍ରୀ ନାଥ ନାରାୟଣ ନନ୍ଦ ସ୍ମୃତି କମିଟିର ସଭାପତି, ଫକୀରପୁର ସାହିତ୍ୟ ସଂସଦର ଉପଦେଷ୍ଟା, ଫକୀରପୁର ଯୋଗକେନ୍ଦ୍ରର ସମ୍ପାଦକ ଓ ଗୟାଧର ସାହୁ ସ୍ମୃତି ସଂସଦର ଉପଦେଷ୍ଟା ଓ ଜଣେ ଶିକ୍ଷାବିତ୍ ଆଉ ଜଣେ ମେଳାପୀ ମିଷ୍ଟଭାଷୀ ମଣିଷ ଥିଲେ। ସକାଳ ୯.୪୦ରେ ଇହଲୀଳା ସମ୍ବରଣ କରିଛନ୍ତି। ସେ ଫକୀରପୁର ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଓ ହୀରକ ଜୟନ୍ତୀ ନିମନ୍ତେ ଉଦ୍ୟମ କରିଥିଲେ। ତାଙ୍କ ଅବର୍ତ୍ତମାନରେ ଫକୀରପୁର ଜଣେ ମହାନ ବ୍ୟକ୍ତିଙ୍କୁ ହରାଇଛି ବୋଲି ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।



# ମଦଦୋକାନ ସ୍ଥାନାନ୍ତର ଦାବିନେଇ ଅବକାରୀ ବିଭାଗର ଯାଞ୍ଚ



ତୁରୁମୁଙ୍ଗା, ୮।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବଡପାଟଣା ପଞ୍ଚାୟତ ସାଧୁପଡା ଗାଁ ନିକଟରେ ନୂତନ ସରକାରୀ ମଦ ଦୋକାନ ଖୋଲିବା ପରେ ସାଧୁପଡ଼ା, ସଅଁରାପଶି ଗ୍ରାମର ମହିଳାମାନେ ମଦ ଦୋକାନ ସେଠାରୁ ସ୍ଥାନାନ୍ତର ପାଇଁ ସୋମବାର ଜିଲ୍ଲାପାଳ ବିଶାଳ ସିଂଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବୁଧବାର ସତ୍ୟତା ଅନୁସନ୍ଧାନ ପାଇଁ ଅବକାରୀ ବିଭାଗର ଡେପୁଟି ସୁପରିନ୍ଟେଣ୍ଡାଣ୍ଟ ଦିବ୍ୟରଞ୍ଜନ ଦୀପ, ପାଟଣା ଅବକାରୀ ଅଧିକାରୀ ପଦ୍ମାବତୀ ମୁର୍ମୁ ଓ କର୍ମଚାରୀମାନେ ତଦନ୍ତ କରି ଫେରିଛନ୍ତି। ତଦନ୍ତ ସମୟରେ ଗ୍ରାମବାସୀ ଓ ମହିଳା ଉପସ୍ଥିତ ରହି ମଦ ଦୋକାନକୁ ତୁରନ୍ତ ସ୍ଥାନାନ୍ତର ପାଇଁ ଦାବି କରିଥିଲେ।

# ରାଜନଗର ଦଧିବାମନଜୀଉଙ୍କ ରଥଯାତ୍ରା ପ୍ରସ୍ତୁତି

ତୁରୁମୁଙ୍ଗା, ୮।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗରସ୍ଥିତ ଦଧିବାମନଜୀଉଙ୍କ ରଥଯାତ୍ରା, ବାହୁଡ଼ାଯାତ୍ରା ଓ ନୀଳାଦ୍ରି ବିଜେ ପାଇଁ ମଙ୍ଗଳବାର ଦେବୋତ୍ତର ବିଭାଗ ପକ୍ଷରୁ ରାଜନଗର ପଞ୍ଚାୟତ ସଭାଗୃହଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଅଶ୍ୱିନୀ କୁମାର ନାଏକ, ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା, ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାର, ଅଗ୍ନିଶମ ଅଧିକାରୀ ଗୌରମୋହନ ହେମ୍ବ୍ରମ, ସରପଞ୍ଚ ସୁଧାଂଶୁ ଶେଖର ନାୟକ, ଲିଙ୍ଗରାଜ ଦାଶ, କୋଠ ତହସିଲଦାର ଶିବଶଙ୍କର ମହାନ୍ତ ସମେତ ବିଭିନ୍ନ ବିଭାଗର ଅଧିକାରୀ, ପୂଜକ, ସେବାୟତ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ବୈଠକରେ ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି, ଆଇନଶୃଙ୍ଖଳା ବ୍ୟବସ୍ଥା, ବଡ଼ଦାଣ୍ଡ



ସଫେଇ, ପାନୀୟଜଳ, ବିଦ୍ୟୁତ ଯୋଗାଣ, ସ୍ୱାସ୍ଥ୍ୟସେବା, ଅଗ୍ନିଶମ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ସିସିଟିଭି କ୍ୟାମେରା ସ୍ଥାପନ, ସ୍ୱେଚ୍ଛାସେବକ ନିୟୋଜନ ଓ ମଦ ଓ ଅନ୍ୟ ନିଶାଦ୍ରବ୍ୟ ଉପରେ କଡ଼ା ନଜର ରଖିବା ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଉପସ୍ଥିତ ଅତିଥିମାନେ ରଥଯାତ୍ରାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ୧୧ ବିବାଦୀୟ ପିଇଓଙ୍କ ବଦଳି

ଆନନ୍ଦପୁର, ୮।୭ (ସମିସ): କେନ୍ଦୁଝର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବ୍ଲକ୍‌ରେ କାର୍ଯ୍ୟ କରୁଥିବା ୧୧ ଜଣ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ହାଟଡ଼ିହି ବ୍ଲକ୍‌ରେ କାର୍ଯ୍ୟରତ ପିଇଓ ରମେଶଚନ୍ଦ୍ର ମାଝୀଙ୍କୁ ଘସିପୁରା ବ୍ଲକ୍ ଓ ବିକଳ୍ପ ନାୟକଙ୍କୁ ବାଂଶପାଳ ବ୍ଲକ୍‌କୁ ବଦଳି କରାଯାଇଛି। ବିକଳ୍ପ ନାୟକ ପୂର୍ବରୁ ହାଟଡ଼ିହି ବ୍ଲକ୍ ଅନ୍ତର୍ଗତ ସୁଲଣ ପଞ୍ଚାୟତରେ କାର୍ଯ୍ୟ କରୁଥିବା ସମୟରେ ଭତ୍ତା ଟଙ୍କା ଆତ୍ମସାତ୍ କରିଥିବାର ଅଭିଯୋଗ ହୋଇଥିଲା। ତାଙ୍କୁ ବାଲିବରେଇ ପଞ୍ଚାୟତ ଦାୟିତ୍ୱ ଦେବା ପରେ ସେଠାରେ ମଧ୍ୟ ଭତ୍ତା ଟଙ୍କା ଉଠାଇ ହିତାଧିକାରୀଙ୍କୁ ନବାଣ୍ଟି ଆଉ ଧରାଛୁଆଁ ଦେଇ ନଥିଲେ। ପରେ ବ୍ଲକ୍ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଥିଲେ ମଧ୍ୟ ଗତ ୨ ବର୍ଷ ମଧ୍ୟରେ ଥରେ ହେଲେ ବ୍ଲକ୍ କାର୍ଯ୍ୟାଳୟକୁ ଅସି ନଥିବା ଅଭିଯୋଗ ହୋଇଛି। ସେହିପରି ରମେଶଚନ୍ଦ୍ର ମାଝୀ ବର୍ତ୍ତମାନ ଶାଳଣିଆଁ, ପଢିଆରୀପଲ୍ଲୀ ଓ ବଡ଼ରମ୍ପାସ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଅଛନ୍ତି। ଶାଳଣିଆଁ ଗ୍ରାମପଞ୍ଚାୟତରେ ଆବାସଗୃହ ଯୋଜନାରେ ଆଦୌ ଘର କରି ନଥିବା ହିତାଧିକାରୀଙ୍କ ଘର ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇ ମନରେଗା ଅର୍ଥକୁ ସେମାନଙ୍କ ଅଗୋଚରରେ ଅନ୍ୟ ଜବକାର୍ଡ଼ଧାରୀଙ୍କ ଖାତାକୁ ପଠାଇବା, ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ସମ୍ପର୍କୀୟଙ୍କୁ ସହାୟତା ରାଶି ପ୍ରଦାନ ନକରିବା, ଅଯୋଗ୍ୟ ହିତାଧିକାରୀଙ୍କୁ ବାସଗୃହ ଯୋଜନାରେ ସାମିଲ କରିବା, ସରକାରୀ ଜମିରୁ ମାଟି ଖୋଳି ବିକ୍ରି କରିବା, ମନରେଗା ଯୋଜନାରେ ଗୋଚର ଜମିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ସହ ମୃତ ବ୍ୟକ୍ତିଙ୍କ ନାଁରେ ଭତ୍ତା ଟଙ୍କା ଉଠାଇ ଆତ୍ମସାତ୍ କରିବା ଭଳି ଅଭିଯୋଗ ଶ୍ରୀ ମାଝୀଙ୍କ ବିରୁଦ୍ଧରେ ରହିଛି। ପୂର୍ବରୁ ଶ୍ରୀ ମାଝୀ ଉଆଁର ପଞ୍ଚାୟତରେ କାର୍ଯ୍ୟ କରୁଥିବା ବେଳେ ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ହିସି ହେମ୍ବ୍ରମ ପଞ୍ଚାୟତରେ ଭତ୍ତା, ରାଜ୍ୟ ଅନୁଦାନ ପାଣ୍ଠି, କେନ୍ଦ୍ରୀୟ ଅନୁଦାନ ପାଣ୍ଠି ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତା ଓ ଅନୁଦାନ ଆତ୍ମସାତ ହୋଇଥିବା ଦର୍ଶାଇ ୨୦୨୧ ଡ଼ିସେମ୍ବର ୨୧ରେ ଓଡ଼ିଶା ଲୋକାୟୁକ୍ତଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ।

# ଷ୍ଟିଲପ୍ଲାଣ୍ଟ ପାଇଁ ଶୁକ୍ରବାର ଚିଲିଦା ଗ୍ରାମସଭା

ତୁରୁମୁଙ୍ଗା, ୮।୭ (ସମିସ): କେନ୍ଦୁଝର ଜିଲ୍ଲାରେ ପ୍ରସ୍ତାବିତ ମେଗାଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଟଣା ତହସିଲ ଅଧୀନ ଚେମଣା ପଞ୍ଚାୟତ ଚିଲିଦା ଗ୍ରାମରେ ଶୁକ୍ରବାର ସକାଳ ୯ଟାରେ ଅନୁଷ୍ଠିତ ହେବ ୧୧ତମ ଗ୍ରାମସଭା। ଗ୍ରାମର ୧୯୫.୩୧୦ ଏକର ଘରୋଇ ଜମି ଅଧିଗ୍ରହଣ ନିମନ୍ତେ ଲୋକଙ୍କଠାରୁ ମତାମତ ଗ୍ରହଣ କରାଯିବ। ଗ୍ରାମର ହାଟ ପଡ଼ିଆରେ ଏହି ଗ୍ରାମସଭା ଅନୁଷ୍ଠିତ ହେବ। ଏନେଇ ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ ସମସ୍ତ ଅଧିକାରୀଙ୍କୁ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମସଭା ଶୃଙ୍ଖଳିତ ସହ ଶେଷ ହେବା ପାଇଁ ବ୍ୟାପକ ପୁଲିସ ଫୋର୍ସ ନିୟୋଜିତ ହୋଇଛନ୍ତି। ପାଟଣା ବ୍ଲକର ୧୨ଟି ଗ୍ରାମରେ ୪୦ ହଜାର କୋଟି ଟଙ୍କା ବ୍ୟୟରେ ବାର୍ଷିକ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ହେବା ପାଇଁ ପୂର୍ବରୁ ୧୦ଟି ଗ୍ରାମସଭା ସମ୍ପନ୍ନ ହୋଇଛି।

# ମାଟୋଆ ନିର୍ବାଚନ ୧୪ରେ; ପ୍ରଚାର ଜୋର୍‌ଦାର

ଯୋଡ଼ା, ୮।୭ (ସମିସ): ମାଇନିଂ ଏରିଆ ଟ୍ରକ ମାଲିକ ସଂଘର ବହୁ ପ୍ରତୀକ୍ଷିତ ନିର୍ବାଚନ ଆସନ୍ତା ଜୁଲାଇ ୧୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବାବେଳେ, ପ୍ରାର୍ଥୀମାନେ ନିଜ ନିଜ ସମର୍ଥକଙ୍କୁ ସାଙ୍ଗରେ ନେଇ ପ୍ରଚାରକୁ ଜୋରଦାର କରିଛନ୍ତି। ଏହି ନିର୍ବାଚନକୁ ନେଇ ଟ୍ରକ ମାଲିକମାନଙ୍କ ମଧ୍ୟରେ ମଧ୍ୟ ବେଶ୍ ଉତ୍ସାହ ଦେଖିବାକୁ ମିଳୁଛି। ଗୋଟିଏ ପକ୍ଷରୁ ଚତୁର୍ଭୁଜ ପଲେଇ ସଭାପତି ଭାବେ ନିର୍ବାଚନ ଲଢୁଥିବା ବେଳେ ତାଙ୍କ ବିପକ୍ଷରେ ଚନ୍ଦ୍ରମୋହନ ପଲେଇ ନିର୍ବାଚନ ଲଢୁଛନ୍ତି। ସମ୍ପାଦକ ପଦ ପାଇଁ ସତ୍ୟପ୍ରିୟ ବାରିକ ଓ ସଞ୍ଜୟ କୁମାର ଆପଟଙ୍କ ମଧ୍ୟରେ ଲଢ଼େଇ ହେଉଛି। ଉପସଭାପତି ଭାବେ ଗୋଟିଏ ପକ୍ଷରୁ ଅଜୟ ସିନ୍‌ହା ନିର୍ବାଚନ ଲଢୁଥିବା ବେଳେ ତାଙ୍କ ବିପକ୍ଷରେ ବିରସିଂ ମୁଣ୍ଡା ଅଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ଭାବେ ସାଗର ମଙ୍ଗରାଜ ନୂଆ କରି ମଇଦାନକୁ ଓହ୍ଲାଇଥିବା ବେଳେ ତାଙ୍କ ବିପକ୍ଷରେ ଅମିତ କୁମାର ବାଗତି ଅଛନ୍ତି। କୋଷାଧ୍ୟକ୍ଷ ଭାବେ ଉଭୟ ପକ୍ଷରୁ ଯଥାକ୍ରମେ ଇନ୍ଦ୍ରଜିତ ଗୁପ୍ତା ଓ ସୁରେଶ ଚନ୍ଦ୍ର ଗିରି ନିର୍ବାଚନ ଲଢୁଛନ୍ତି। ୭/୮ ବର୍ଷ ହେବ ଏକ ଟିମ ମାଟୋଆରେ ନିର୍ବାଚିତ ହୋଇ ଗାଡି ମାଲିକଙ୍କୁ ସେବା ଯୋଗାଇ ଆସୁଥିବା ବେଳେ ସେମାନେ ପୁନର୍ବାର ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ତାଙ୍କ ବିପକ୍ଷରେ ଏକ ନୂଆ ଟିମ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆଗେଇ ଆସିଛି। ନୂଆ ଟିମ ପରିବର୍ତ୍ତନର ନାରା, ଗାଡିମାଲିକଙ୍କ ହକ ପାଇଁ ଲଢେଇ କରିବାକୁ ସ୍ପଷ୍ଟ କରିଛି। ପୁରୁଣା ଟିମ ମଧ୍ୟ ଗାଡି ମାଲିକଙ୍କ ଉନ୍ନତିରେ କାମ କରିବାକୁ ସଂକଳ୍ପବଦ୍ଧ ରହିଥିବା କହିଛନ୍ତି। ତେବେ ଉଭୟ ପକ୍ଷରୁ ଆସନ୍ତା ୧୪ ତାରିଖ ନିମନ୍ତେ ପ୍ରଚାର ପ୍ରସାର ଜୋରଦାର କରୁଥିବା ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଖଣି ଅଞ୍ଚଳରେ ଟ୍ରକ ପରିବହନ ବ୍ୟବସ୍ଥା ଓ ଟ୍ରକ ମାଲିକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଏହି ସଂଘର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। ସେ ଦୃଷ୍ଟିରୁ ଚଳିତ ନିର୍ବାଚନ ବେଶ୍ ଆଗ୍ରହ ଓ ଉତ୍ସାହ ସୃଷ୍ଟି କରିଛି।

# ଆଜି ଲୋକଭବନ ପହଞ୍ଚିବେ ବୈତରଣୀ ସୁରକ୍ଷା ପଦଯାତ୍ରୀ




ଆନନ୍ଦପୁର, ୮।୭ (ସମିସ): ବୈତରଣୀ ସୁରକ୍ଷା ପଦଯାତ୍ରା ଆଜି ତୃତୀୟ ଦିନରେ ପହଞ୍ଚିଛି। ଆସନ୍ତାକାଲି ପଦଯାତ୍ରା ଭୁବନେଶ୍ୱର ଲୋକ ଭବନରେ ପହଞ୍ଚିବ। ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ଜାରି ରହିଥିବା ପଦଯାତ୍ରା ଆଜି କଟକ ଜିଲ୍ଲା ଟାଙ୍ଗୀଠାରୁ ଆରମ୍ଭ ହୋଇଛି। ପ୍ରବଳ ଖରା ସତ୍ତ୍ୱେ ଶତାଧିକ ଯୁବକ ବୈତରଣୀ ସୁରକ୍ଷା ପଦଯାତ୍ରାରେ ସାମିଲ ହୋଇଛନ୍ତି। ଟାଙ୍ଗୀଠାରେ ବିଶିଷ୍ଟ ସମାଜସେବୀ ତ୍ରିଦେବ ବେହେରା ପଦଯାତ୍ରାରେ ସାମିଲ ହୋଇ ସମର୍ଥନ ଜଣାଇଛନ୍ତି। ସେହିପରି ଜଗତପୁରଠାରେ କଟକର ପୂର୍ବତନ ବିଜେପି ଯୁବମୋର୍ଚ୍ଚା ସଭାପତି ନଳିନୀ ରାୟ ଓ ଶୁଭ୍ରାଂଶୁ ପାତ୍ରଙ୍କ ନେତୃତ୍ୱରେ ଯୁବକମାନେ ଏଥିରେ ସାମିଲ ହୋଇଥିଲେ। ନଖରାଠାରେ ଯୁବ ସମାଜସେବୀ ନିରଞ୍ଜନ ସାହୁଙ୍କ ନେତୃତ୍ୱରେ ଏହି ଆନ୍ଦୋଳନକୁ ଯୁବବର୍ଗ ସମର୍ଥନ କରିଥିଲେ। ହଂସପାଳଠାରେ ସଂଗଠନ ପକ୍ଷରୁ ଅନୁଜ ଦାସ, ଲିପି ସାହୁ, ସରୋଜ ବାରିକ, ମନୋଜ ସାହୁ, ବିଭୂପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ରହି ସତ୍ୟାଗ୍ରହୀଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଯଜ୍ଞପ୍ରସାଦ ସାହୁ କହିଛନ୍ତି, ବୈତରଣୀ କେବଳ ଏକ ନଦୀ ନୁହେଁ, କେନ୍ଦୁଝରର ଜୀବନ ପ୍ରବାହ। ବୈତରଣୀ ନଦୀ କୋଳରେ ଆମେ ବଢ଼ିଛୁ, ଏହାର ଜଳ ଆମକୁ ପରିପୃଷ୍ଟ କରିଛି। ବୈତରଣୀର ଋଣ ଶୁଝିବା ପାଇଁ ଉଦ୍ୟମ ଜାରି ରହିବ।

# କାହା ଚାପରେ ତଦନ୍ତ ଚେପା

ଆନନ୍ଦପୁର, ୮।୭ (ସମିସ):

ଘଷିପୁରା ବସଷ୍ଟାଣ୍ଡରୁ ମିଳିଥିବା ସୁନା ଅଳଙ୍କାର ମାମଲାରେ ପୁଲିସ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଏଥିରେ ଶିଥିଳତା ପୋଷଣ କରାଯାଉଥିବା ଅଭିଯୋଗ ହେଉଛି। କାହା ଚାପରେ ତଦନ୍ତ ଚାପି ହୋଇଯାଇଛି ସେନେଇ ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଘସିପୁରା ବସଷ୍ଟାଣ୍ଡରେ ଗତ କିଛି ଦିନ ହେବ ଯାତ୍ରୀଙ୍କ ଆସବାବପତ୍ର ଓ ସୁନାଗହଣା ହଜିବା ଘଟଣା ବୃଦ୍ଧି ପାଇବାରେ ଲାଗିଛି। ବସଷ୍ଟାଣ୍ଡର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ମହିଳା କର୍ମଚାରୀଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରକୁ ଆସିଛି। ନିକଟରେ ଶୌଚାଳୟରୁ ସଫେଇ କର୍ମଚାରୀ କିଛି ଅଳଙ୍କାର ପାଇଥିଲେ। ସଫେଇ କର୍ମଚାରୀ ଉକ୍ତ ଅଳଙ୍କାରକୁ ବସଷ୍ଟାଣ୍ଡ ପରିଚାଳନା ଦାୟିତ୍ୱରେ ଥିବା ଜଣେ ମହିଳା କର୍ମଚାରୀଙ୍କୁ ଦେଇଥିଲେ; କିନ୍ତୁ ଦୀର୍ଘ ଦିନ ପରେ ମଧ୍ୟ





ସେସବୁକୁ ଥାନା ଜିମା ଦିଆଯାଇ ନଥିଲା। ଏପରିକି ଅଳଙ୍କାର ମିଳିବା ଘଟଣାର କିଛି ଦିନ ପୂର୍ବରୁ ସ୍ଥାନୀୟ ଆତାସାହି ଗ୍ରାମର ଜଣେ ବ୍ୟକ୍ତିଙ୍କ ସୁନା ଅଳଙ୍କାର ଏହି ବସଷ୍ଟାଣ୍ଡରେ ହଜି ଯାଇଥିଲା। ଏନେଇ ଘଷିପୁରା ପୁଲିସ ପକ୍ଷରୁ ବସଷ୍ଟାଣ୍ଡରେ ପଚରାଉଚରା କରି ତଦନ୍ତ କରିବା ସହ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ସିସିଟିଭି ଭିଡିଓ ମାଗିଥିଲେ; କିନ୍ତୁ ସିସିଟିଭି କାମ କରୁନାହିଁ କହି ସମ୍ପୃକ୍ତ କର୍ମଚାରୀ ଦାୟିତ୍ୱ ଖସାଇ ଦେଇଥିଲେ। ଏହାପରେ ଶୌଚାଳୟରୁ ମିଳିଥିବା ଅଳଙ୍କାର ସଂପର୍କରେ କାହିଁକି ସେ ସ୍ଥାନୀୟ ପୁଲିସକୁ ସୂଚନା ଦେଇ ନଥିଲେ ସେନେଇ ସନ୍ଦେହ ଘନୀଭୂତ ହୋଇଥିଲା। ସୁନା ଅଳଙ୍କାର ମିଳିଥିବା ନେଇ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ପୁଲିସ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ଥାନାରେ ପଚରାଉଚରା କରିବା ସହ ତାଙ୍କଠାରୁ ସୁନାଅଳଙ୍କାର ଜିମା ନେଇଥିଲା। ଘଟଣା ସଂପର୍କରେ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଲୋକେ ଜିଲ୍ଲା ପରିବହନ ବିଭାଗ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ ସେମାନେ ମହିଳା କର୍ମଚାରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ ତାହା ମଧ୍ୟ ସନ୍ଦେହ ଘେରରେ ଓ ଜିଲ୍ଲା କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ମହିଳା କର୍ମଚାରୀଙ୍କ ସଲସୁତୁରାରେ

## ଘସିପୁରା ବସଷ୍ଟାଣ୍ଡରୁ ଉଦ୍ଧାର ଅଳଙ୍କାର ମାମଲା

ଘଷିପୁରା ବସଷ୍ଟାଣ୍ଡରେ ବହୁ ଅନିୟମିତତା ଚାଲିଥିବା ସାଧାରଣରେ ଅଭିଯୋଗ ହୋଇଛି। ବସଷ୍ଟାଣ୍ଡରେ ସରକାରଙ୍କ ପକ୍ଷରୁ ଥିବା ଉନ୍ନତ ଭିତ୍ତିଭୂମି ଆନୁଷଙ୍ଗିକ ସୁବିଧା ସୁଯୋଗ ଯାତ୍ରୀଙ୍କୁ ବେଶ୍ ଆକୃଷ୍ଟ କରୁଛି; ଯାହା ଦାୟିତ୍ୱହୀନ କର୍ମଚାରୀଙ୍କ ପାଇଁ ଏଠାରେ ସୁରକ୍ଷା ବ୍ୟବସ୍ଥା ନିମ୍ନଗାମୀ ହେବାରେ ଲାଗିଛି।

# ଭୁବନେଶ୍ୱର ସିଟି



**ଲଭ୍-ସେକ୍ସ-ଧୋକା**

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା; ପ୍ରେମିକ ଗିରଫ

ଭୁବନେଶ୍ୱର, ୮।୭ (ସମିସ)

ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଟକ ଜିଲ୍ଲା ବଡ଼ମ୍ବା ଥାନା ଭଗବତପୁରର ବାବୁଲା ମାଟିଆ (୨୮)।

ପୁଲିସ ସୂଚନାନୁସାରେ, ରାଜଧାନୀରେ ରହୁଥିବା ଜଣେ ଯୁବତୀ ଏକ ଜିମକୁ ଯାଉଥିବା ବେଳେ ବାବୁଲା ସହ ତାଙ୍କର ପରିଚୟ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିବା ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବାବୁଲା ତାଙ୍କୁ ପ୍ରେମ ନିବେଦନ କରିବା ପରେ ଯୁବତୀ ଜଣକ ତା'ର ଜାଲରେ ପଡ଼ିଥିଲେ। ଖାଲି ପ୍ରେମ ନିବେଦନ କରିନଥିଲା, ବରଂ ବିବାହ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲା। ବିବାହ ଆଳରେ ଯୁବତୀଙ୍କୁ ବିଭିନ୍ନ ହୋଟେଲକୁ ନେଇଥିଲା। ସେଠାରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା। ଅନେକ ସମୟରେ ବିଭିନ୍ନ ଆଳ ଦେଖାଇ ଯୁବତୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ନେଇଥିଲା। ହେଲେ ଯୁବତୀ ଜଣକ ବିବାହ କରିବାକୁ କହିବାରୁ ବାବୁଲା ଧରାଛୁଆଁ ଦେଇନଥିଲା। ପରବର୍ତ୍ତୀ ସମୟରେ ବିବାହ କରିବ ନାହିଁ ବୋଲି ରୋକ୍ ଠୋକ୍ ମନା କରି ଦେଇଥିଲା। ଏମିତିକି ନେଇଥିବା ଟଙ୍କା ଫେରାଇବାକୁ ମଧ୍ୟ ରାଜି ହୋଇନଥିଲା। ଶେଷରେ ଯୁବତୀ ଜଣକ ମହିଳା ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ କରୁଥିବା ପୁଲିସ ଆଜା ବାବୁଲାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ପ୍ରେମିକାର ଗର୍ଭନଷ୍ଟ କରି ପ୍ରେମିକ ଗିରଫ

ପ୍ରଥମେ ପ୍ରେମ ଓ ପରେ ବିବାହ କରିବାକୁ ପ୍ରତିଶ୍ରୁତି ଦେଲା। ଖାଲି ପ୍ରତିଶ୍ରୁତି ଦେଲା ନାହିଁ, ସେଇ ଆଳରେ ଶାରୀରିକ ସମ୍ପର୍କ ମଧ୍ୟ ରଖିଲା। ହେଲେ ମହିଳା ଜଣକ ଗର୍ଭବତୀ ହେବାପରେ ବିବାହ କରିବାକୁ ମନା କରିଦେଲା। ଏମିତିକି ମହିଳାଙ୍କ ଇଚ୍ଛା ବିରୋଧରେ ଔଷଧ ଦେଇ ଗର୍ଭପାତ କରିଦେଲା। ରାଜଧାନୀରେ ଘଟିଥିବା ଏହି ଘଟଣାରେ ପ୍ରେମିକକୁ ଗିରଫ କରିଛି ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେନ୍ଦୁଝର ଜିଲ୍ଲା ସୋସୋ ଥାନା ଅନ୍ତର୍ଗତ ବାଲିବରେଇ ଗାଁର ଦିବ୍ୟେନ୍ଦୁ କୁମାର ଥାଟୋଇ (୪୩)।

ପୁଲିସ ସୂଚନାନୁଯାୟୀ, ଜଣେ ମହିଳା ସାମାଜିକ ଗଣମାଧ୍ୟମ ଜରିଆରେ ଦିବ୍ୟେନ୍ଦୁ ସହ ପରିଚିତ ହୋଇଥିଲେ। ସୋସିଆଲ ମିଡିଆରୁ ଆରମ୍ଭ ହୋଇଥିବା ସମ୍ପର୍କ ପରବର୍ତ୍ତୀ ସମୟରେ ପ୍ରେମର ରୂପ ନେଇଥିଲା। ଦିବ୍ୟେନ୍ଦୁ ମଧ୍ୟ ମହିଳାଙ୍କୁ ବିବାହ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଦିନ ଗଡ଼ିବା ସହ ପରସ୍ପରଙ୍କ ମଧ୍ୟରେ ସମ୍ପର୍କ ମଜବୁତ ହେଲା। ଦିବ୍ୟେନ୍ଦୁ ବିବାହର ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲା। ବାରମ୍ବାର ଶାରିରୀକ ସମ୍ପର୍କ ରଖିବା ଦ୍ୱାରା ମହିଳା ଜଣକ ଗର୍ଭବତୀ ହୋଇ ଯାଇଥିଲେ। ଗର୍ଭବତୀ ହେବାପରେ ଘଟଣା ସମ୍ପର୍କରେ ଦିବ୍ୟେନ୍ଦୁକୁ ଜଣାଇଥିଲେ। ଏହାସହିତ କେବେ ବିବାହ କରିବ ବୋଲି ପଚାରିଥିଲେ। ହେଲେ ସେବେଠାରୁ ଦିବ୍ୟେନ୍ଦୁ ତାଙ୍କ ଠାରୁ ଦୂରେଇ ଯିବାକୁ ଚେଷ୍ଟା କରିଥିଲା। ଏହାସହିତ ମହିଳାଙ୍କୁ ଔଷଧ ଦେଇ ଗର୍ଭପାତ କରି ଦେଇଥିଲା। ଗର୍ଭ ନଷ୍ଟ ହେବାପରେ ଆଉ ବିବାହ କରିବ ନାହିଁ ବୋଲି ମନା କରି ଦେଇଥିଲା। ଏମିତିକି ମହିଳାଙ୍କ ସହ ସମ୍ପର୍କ ଛିନ୍ନ କରି ଦେଇଥିଲା। ପୀଡ଼ିତା ଜଣକ ଏନେଇ ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଦ୍ୱିବେନ୍ଦୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଅଦରକାରୀ ସାମଗ୍ରୀକୁ ଦିବ୍ୟାଙ୍ଗ ଦେଉଛନ୍ତି ନୂଆରୂପ

ଭୁବନେଶ୍ୱର, ୮।୭ (ସମିସ): ଇଚ୍ଛାଶକ୍ତି ଥିଲେ ସଫଳତାର ଶୀର୍ଷରେ ପହଞ୍ଚିବାକୁ ଶାରିରୀକ ଅକ୍ଷମତା କେବେ କି ପ୍ରତିବନ୍ଧକ ହୋଇ ନପାରେ ବୋଲି ପ୍ରମାଣିତ କରିଛନ୍ତି ଇପ୍‌ସିତା ବାରିକ୍। ପିଲାଦିନରୁ ସେ ସଳଖି ଛିଡ଼ା ହୋଇପାରନ୍ତିନି। କିନ୍ତୁ ତାଙ୍କ ହାତର ସ୍ପର୍ଶରେ ଜୀବନ୍ତ ହୋଇଉଠେ ଅଦରକାରୀ ଜିନିଷ। ଆମେ ଫିଙ୍ଗି ଦେଉଥିବା ବିଭିନ୍ନ ବର୍ଜ୍ୟବସ୍ତୁକୁ ସେ ସାଇତି ରଖି ତାହାକୁ କେବଳ ନୂଆ ରୂପ ଦେଇନାହାନ୍ତି ବରଂ ଏହା ତାଙ୍କ ପାଇଁ ରୋଜଗାରର ମାଧ୍ୟମ ସାଜିଛି। ଆତ୍ମନିର୍ଭରଶୀଳ ହେବାର ତାଙ୍କର ଅଦମ୍ୟ ଇଚ୍ଛାଶକ୍ତି କେବଳ ଇପ୍‌ସିତାଙ୍କ ପାଇଁ ନୁହେଁ ବରଂ ପ୍ରତ୍ୟେକ ଦିବ୍ୟାଙ୍ଗ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।



ଅନୁଗୋଳ ଜିଲ୍ଲାରେ ଇପ୍‌ସିତାଙ୍କ ଘର। ବାପା ସ୍ଥାନୀୟ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ଇପ୍‌ସିତା ପିଲାଦିନରୁ ଦିବ୍ୟାଙ୍ଗ ହୋଇଥିବାରୁ ଝିଅର ଭବିଷ୍ୟତକୁ ନେଇ ପରିବାର ଲୋକେ ଚିନ୍ତାରେ ଥିଲେ। ଗାଁ ସ୍କୁଲରୁ ମାଟ୍ରିକ୍ ପାସ୍ କରିବା ପରେ ଅନୁଗୋଳ ମହିଳା ମହାବିଦ୍ୟାଳୟରୁ +୨ ପାସ୍ କରିଥିଲେ ଇପସିତା। ଆଗକୁ ପଢ଼ିବାର ଇଚ୍ଛା ଥିଲେ ବି ବାପାଙ୍କ ସ୍ୱଳ୍ପ ରୋଜଗାରରେ ସାନ ଭାଇର ପାଠପଢ଼ାରେ ଯେମିତି କୌଣସି ଅସୁବିଧା ନହେବ ସେଥିପାଇଁ ନିଜ ପାଠ ପଢ଼ାରେ ଡୋରୀ ବାନ୍ଧିଥିଲେ। ବାପାଙ୍କୁ ଆର୍ଥିକ କ୍ଷେତ୍ରରେ ସହଯୋଗ କରିବାକୁ ସେ ଆରମ୍ଭ କରିଥିଲେ ବିଭିନ୍ନ କ୍ରାଫ୍ଟ ଡିଜାଇନ୍। ବିନା ପ୍ରଶିକ୍ଷଣରେ ନିଜ ଘରୁ ବାହାରୁଥିବା ବିଭିନ୍ନ ଅଦରକାରୀ ଜିନିଷ ଯଥା, ପ୍ଲାଷ୍ଟିକ ବୋତଲ, ଧୂପକାଠି ଖୋଳ, ନଡ଼ିଆ ସଢ଼େଇ, ପଲିଥିନ୍, ଅଦରକାରୀ କାଗଜରୁ ତିଆରି କଲେ ଭଳି କି ଭଳି ଘରସଜ୍ଜା ଜିନିଷ। ଯାହାକୁ ଦେଖି ସ୍ଥାନୀୟ ଲୋକେ ତାଙ୍କୁ ବ୍ୟବସାୟ କରିବାକୁ ପ୍ରେରଣା ଦେଇଥିଲେ। ୪ବର୍ଷ ହେବ ଇପସିତା ଜନ୍ମଦିନ, ବିବାହବାର୍ଷିକୀ ସମେତ ପର୍ବପର୍ବାଣୀରେ ଗ୍ରାହକଙ୍କ ବରାଦ ମୁତାବକ ଉପହାର ପ୍ରସ୍ତୁତ କରନ୍ତି। ସେ ଜଗନ୍ନାଥଙ୍କ ଆକର୍ଷଣୀୟ ଚିତ୍ରଆଙ୍କି ସମସ୍ତଙ୍କୁ ଚକିତ କରିଛନ୍ତି। ଯାହାକି ଅଦରକାରୀ କାର୍ଡବୋର୍ଡରେ ନିର୍ମିତ ହୋଇଛି। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା ଇପ୍‌ସିତାଙ୍କ କାରୁକାର୍ଯ୍ୟ। ତେବେ କେବଳ ଜଣେ ଶାରିରୀକ ଭାବେ ସକ୍ଷମ ହେଲେ ଯେ ସଫଳତା ଓ ଆତ୍ମନିର୍ଭରଶୀଳ ହୋଇପାରିବ ତାହା ନୁହେଁ ବରଂ ସଂଘର୍ଷ ହିଁ ସଫଳତାର ଚାବିକାଠି ବୋଲି କହିଛନ୍ତି ଇପସିତା।

# ଝାରପଡ଼ା ଜେଲ୍‌ରେ କଏଦୀଙ୍କୁ ସାପ କାମୁଡ଼ିଲା

● **କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି**

ଭୁବନେଶ୍ୱର, ୮।୭ (ସମିସ): ଝାରପଡ଼ା ସ୍ୱତନ୍ତ୍ର ଜେଲରେ ଅଘଟଣ ଘଟିଛି। ସଫାସୁତୁରା କରୁଥିବା ବେଳେ କଏଦୀଙ୍କୁ ସାପ କାମୁଡ଼ି ଦେଇଛି। ହତ୍ୟା ମାମଲାରେ ସଜା କାଟୁଥିବା ହରିଆ ଦଳାଇ (୫୬) ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ହରିଆ ଦୀର୍ଘବର୍ଷ ହେବ ହତ୍ୟା ମାମଲାରେ ଝାରପଡ଼ା ଜେଲରେ ସଜା କାଟୁଛନ୍ତି। ସେ ବୁଧବାର ସକାଳେ ଗଛଲତା ସଫା କରୁଥିବାବେଳେ ହଠାତ୍ ଏକ ସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ସାପ କାମୁଡ଼ିବା ପରେ ସେ ଅସୁସ୍ଥ ହୋଇପଡ଼ିଥିଲେ। କର୍ତ୍ତୃପକ୍ଷ ତୁରନ୍ତ ତାଙ୍କୁ ଜେଲ୍ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ଯୋଗାଇବା ପରେ କ୍ୟାପିଟାଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ନଜର ରଖିଛନ୍ତି।

# ବାତ୍ୟା ଆଶ୍ରୟସ୍ଥଳୀ ନା ସରୀସୃପଙ୍କ ବାସସ୍ଥଳୀ

ବାଲିଅନ୍ତା, ୮।୭ (ସମିସ): ବାଲିଅନ୍ତା ବ୍ଲକ ସାହେବନଗର ବାତ୍ୟା ଆଶ୍ରୟସ୍ଥଳୀ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଗାଁ ଭିତରେ ବିପଜ୍ଜନକ ଅବସ୍ଥାରେ ରହିଥିବା ଉକ୍ତ ବାତ୍ୟା ଆଶ୍ରୟସ୍ଥଳୀ ନେଇ ସ୍ଥାନୀୟ ଅଞ୍ଚଳରେ ଜନ ଜୀବନ କ୍ଷୟକ୍ଷତିର ଆଶଙ୍କା ରହିଛି। ସ୍ଥାନୀୟ ଲୋକମାନେ ଆଶ୍ରୟସ୍ଥଳୀ ମରାମତି ସମ୍ପର୍କରେ ବିଧାୟକଙ୍କ ଠାରୁ ଆରମ୍ଭ କରି, ବିଡ଼ିଓ, ଗ୍ରାମ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ଏବଂ ଜିଲ୍ଲାପାଳଙ୍କୁ ଅନେକ ବାର ଜଣାଇ ସାରିଲେଣି। ହେଲେ କୌଣସି ଅଧିକାରୀ ଅଥବା ଜନ ପ୍ରତିନିଧି କେହି ଆଶ୍ରୟସ୍ଥଳୀ ମରାମତି ପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ଭଙ୍ଗା ବାତ୍ୟା ଆଶ୍ରୟସ୍ଥଳୀ ଏବେ ନାନାଦି ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଅନାବନା ଘାସଲତା ମାଡ଼ି ଗଲାଣି। କାନ୍ଥବାଡ଼ ଫାଟରେ ଗଛ ଉଠିଲାଣି। ଏକ ପକ୍ଷରେ ଜରାଜୀର୍ଣ୍ଣ ଏବଂ ଅନ୍ୟପକ୍ଷରେ ବଣ ଜଙ୍ଗଲ ଘେରା ବାତ୍ୟା ଆଶ୍ରୟସ୍ଥଳୀ ଲୋକଙ୍କ ଜୀବନ ପ୍ରତି ଅଧିକ ବିପଦ ଆଶଙ୍କା ସୃଷ୍ଟି କରୁଛି। କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଉକ୍ତ ଆଶ୍ରୟସ୍ଥଳୀ ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ୧୯୯୯ ମସିହାରେ ଏହି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇଥିଲା। କିଛି ବର୍ଷ ପ୍ରାଥମିକ ବିଦ୍ୟାଳୟ ଚାଲିଥିଲା। ହେଲେ ଏହି ବିଦ୍ୟାଳୟରେ ପିଲା ସଂଖ୍ୟା ନହେବାରୁ ନୂଆ ସାହି ପ୍ରାଥମିକ ବିଦ୍ୟାଳୟରେ ସାମିଲ ହୋଇଯାଇଥିଲା। ହେଲେ ୨୭ ବର୍ଷ ତଳେ ନିର୍ମିତ ବିଦ୍ୟାଳୟ ବିଲ୍ଡିଂ ନଷ୍ଟ ହୋଇଗଲାଣି।



# ବୋମା ଧମକ; ଭୁବନେଶ୍ୱର କୋର୍ଟରେ ହାଇଆଲର୍ଟ

## ଦୁଇ ଘଣ୍ଟା ଧରି ଘାଣ୍ଟି ହେଲା ବମ୍ ସ୍କ୍ୱାଡ୍ ଓ ଡଗ୍ ସ୍କ୍ୱାଡ୍

ଭୁବନେଶ୍ୱର, ୮।୭ (ସମିସ): କଳ୍ପନା ସ୍ଥିତ ଜିଲ୍ଲା ଓ ଦୌରା ଜଜଙ୍କ କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଧମକ ଆସିଥିଲା। କୋର୍ଟ ପରିସରରେ ବୋମା ଥିବା ଓ ବିସ୍ଫୋରଣ କରାଯିବାକୁ ଇ-ମେଲ୍‌ରେ ଧମକ ମିଳିଥିଲା। ଧମକପୂର୍ଣ୍ଣ ଇ-ମେଲ୍ ପାଇବା ପରେ କୋର୍ଟ ପରିସରରେ ହାଇଆଲର୍ଟ ଜାରି ହୋଇଥିଲା। ଖବରପାଇ କମିସନରେଟ ପୁଲିସ ପକ୍ଷରୁ ଯାଞ୍ଚ କରିଥିଲେ ମଧ୍ୟ କୌଣସି ସନ୍ଦେହଜନକ ସାମଗ୍ରୀ ମିଳିନଥିଲା।



ସୂଚନା ଅନୁସାରେ, ମଙ୍ଗଳବାର ମଧ୍ୟାହ୍ନ ୧୨ଟା ୩୦ରେ ଭୁବନେଶ୍ୱର ସ୍ଥିତ ପରିବାର ଅଦାଲତକୁ ଧମକପୂର୍ଣ୍ଣ ଇ-ମେଲ୍ ଆସିଥିଲା। କୋର୍ଟରେ ବୋମା ଥିବାବେଳେ ବିସ୍ୱ?ରଣ କରି କୋର୍ଟଙ୍କୁ ଉଡ଼ାଇ ଦିଆଯିବ ବୋଲି ଇ-ମେଲ୍ ଯୋଗେ ଧମକ ଦିଆଯାଇଥିଲା। କୋର୍ଟ ପକ୍ଷରୁ ସାଙ୍ଗେ ସାଙ୍ଗେ ପୁଲିସକୁ ଖବର ଦିଆଯାଇଥିଲା। କୋର୍ଟକୁ ବୋମା ଧମକ ଖବର ପାଇବା କ୍ଷଣି କମିସନରେଟ ପୁଲିସ, ବମ୍ ଡିସ୍ପୋଜାଲ୍ ସ୍କ୍ୱାଡ୍, ଡଗ୍ ସ୍କ୍ୱାଡ୍ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କୋର୍ଟ ପରିସରକୁ ଘେରାବନ୍ଦୀ କରି ଦେଇଥିଲେ। ହାଇ ଆଲର୍ଟ ଜାରି କରାଯିବା ସୁରକ୍ଷା ଦୃଷ୍ଟିରୁ କୋର୍ଟ ପରିସରରେ ଉପସ୍ଥିତ ଆଇନଜୀବୀ, କର୍ମଚାରୀ ଓ ଅନ୍ୟମାନଙ୍କୁ ସତର୍କ କରାଯାଇଥିଲା। କୋର୍ଟର ବିଭିନ୍ନ କକ୍ଷ, ରେକର୍ଡ ରୁମ୍, ପାର୍କିଂ ସ୍ଥାନ, କରିଡର ଓ ଆଖପାଖ ଅଞ୍ଚଳକୁ ଯାଞ୍ଚ କରାଯାଇଥିଲା। ଦୀର୍ଘ ସମୟ ଧରି ସର୍ଚ୍ଚ ଅପରେସନ୍ ଚାଲିଥିଲେ ମଧ୍ୟ କୌଣସି ବୋମା କିମ୍ବା ସନ୍ଦେହଜନକ ବିସ୍ଫୋରକ ସାମଗ୍ରୀ ମିଳିନଥିଲା।

ତେବେ ଏଭଳି ଧମକକୁ ହାଲୁକା ଭାବେ ନ ନେଇ ଇ-ମେଲ୍ ପଠାଯାଇଥିବା ଉତ୍ସ ଚିହ୍ନଟ ପାଇଁ ପୁଲିସ ତଦନ୍ତ ଚଳାଇଛି। ତଦନ୍ତରେ ସାଇବର ବିଶେଷଜ୍ଞଙ୍କ ସହଯୋଗ ଲୋଡ଼ାଯାଇଛି। ଇ-ମେଲ୍ ପଛରେ କେଉଁ ସଂଗଠନ କିମ୍ବା ବ୍ୟକ୍ତିବିଶେଷ ରହିଛନ୍ତି, ସେ ଦିଗରେ ମଧ୍ୟ ଯାଞ୍ଚ ଚାଲିଛି। ନିକଟ ଅତୀତରେ ରାଜ୍ୟର ବିଭିନ୍ନ କୋର୍ଟ, ସ୍କୁଲ୍ ଓ ସରକାରୀ କାର୍ଯ୍ୟାଳୟକୁ ଇ-ମେଲ୍‌ରେ ଲଗାତାର ବୋମା ଧମକ ଆସୁଛି। ଏପରି ଘଟଣା ସୁରକ୍ଷା ଏଜେନ୍ସିଙ୍କ ଉପରେ ଅତିରିକ୍ତ ଚାପ ସୃଷ୍ଟି କରିବା ସହ ସାଧାରଣ ଲୋକଙ୍କ ମଧ୍ୟରେ ଅଯଥା ଆତଙ୍କ ସୃଷ୍ଟି କରୁଛି।

**କଟକଣା ହେଲାଣି ବାଟବଣା**

# ପଲିଥିନ ବ୍ୟବହାରରେ ଲାଗୁନି ରୋକ୍

ଭୁବନେଶ୍ୱର, ୮।୭ (ସମିସ)

ପଲିଥିନ ପରିବେଶ ଉପରେ ଭୟଙ୍କର ପ୍ରତିକୂଳ ପ୍ରଭାବ ପକାଉଛି। ଏହାର ଭୟାବହତା ବେଳକୁ ବେଳ ଗମ୍ଭୀର ସ୍ଥିତି ସୃଷ୍ଟି କରିଚାଲିଛି। ଗାଁରୁ ସହର ପର୍ଯ୍ୟନ୍ତ ପଲିଥିନର ବହୁଳ ବ୍ୟବହାର ଚିନ୍ତା ବଢ଼ାଇ ଦେଇଛି। ପଲିଥିନର ଅଧିକ ବ୍ୟବହାରକୁ ନେଇ ସରକାରଙ୍କ ପକ୍ଷରୁ ସହରମାନଙ୍କୁ ପଲିଥିନ ମୁକ୍ତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଓ ପଲିଥିନ ବିକ୍ରି ଉପରେ କଟକଣା ଲାଗୁ କରାଯାଇଥିଲା। ହେଲେ ଏହି କଟକଣା ଏବେ ବାଟବଣା ହୋଇଯାଇଛି।

ରାଜଧାନୀରେ ସିଙ୍ଗଲ୍ ୟୁଜ୍ ପଲିଥିନ ବ୍ୟବହାର ଉପରେ ସରକାରଙ୍କ ପକ୍ଷରୁ କଟକଣା ଜାରି ରହିଥିଲେ ମଧ୍ୟ ଏହାର ପ୍ରଭାବ ଆଶାନୁରୂପ ଦେଖିବାକୁ ମିଳୁନାହିଁ। ସହରାଞ୍ଚଳରେ ୫୦ ମାଇକ୍ରନ୍‌ରୁ କମ୍ ମୋଟେଇ ପଲିଥିନ ସହିତ ୨୦୦ ମିଲିଲିଟରରୁ କମ୍ ପାଣିବୋତଲ, ଥର୍ମୋକଲ, ପ୍ଲାଷ୍ଟିକ ଚାମଚ, କପ, ପ୍ଲେଟ, ଗ୍ଲାସ, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପଲିଥିନ ବ୍ୟବହାର କରି ପାରିବେ ନାହିଁ। ସେଥିପାଇଁ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ହେଲେ ଏବେବି ଅନେକ ସ୍ଥାନରେ ବିଶେଷ କରି ସହରର ବିଭିନ୍ନ ବଜାର, ପରିବା ହାଟ, ଫଳ ଦୋକାନ, ରାସ୍ତାକଡ଼ ବ୍ୟବସାୟୀ ଏବଂ ଅନେକ ଖୁଚୁରା ଦୋକାନରେ ଏବେ ମଧ୍ୟ ଅବାଧରେ ପଲିଥିନ ବ୍ୟବହାର କରାଯାଉଛି। ଫଳରେ ସରକାରଙ୍କ ନିଷେଧାଦେଶ କେବଳ କାଗଜକଲମରେ ସୀମିତ ରହିଥିବା ଅଭିଯୋଗ ହେଉଛି। ପ୍ରଶାସନ ପକ୍ଷରୁ ସମୟ ସମୟରେ ଚଢ଼ାଉ, ଜରିମାନା ଆଦାୟ ଏବଂ ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ମଧ୍ୟ ନିୟମର କଡ଼ାକଡ଼ି ପାଳନ ହେଉନାହିଁ। ବ୍ୟବସାୟୀମାନେ ଏବେବ ପଲିଥିନକୁ ଖୁଲମଖୁଲା ବିକ୍ରି କରୁଛନ୍ତି। ପଲିଥିନର ବହୁଳ ବ୍ୟବହାର ଯୋଗୁଁ ଡ୍ରେନ୍ ଅବରୋଧ, ଜଳ ନିଷ୍କାସନରେ ବାଧା, ମାଟି ଓ ଜଳ ପ୍ରଦୂଷଣ ସହ ପଶୁପକ୍ଷୀଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହେଉଛି। ବର୍ଷା ଋତୁରେ ଏହି ସମସ୍ୟା ଆହୁରି ଗୁରୁତର ରୂପ ନେଉଥିବାରୁ ପରିବେଶ ପାଇଁ ଏହା ଚିନ୍ତାର ବିଷୟ ପାଲଟିଛି।



ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ସରକାରୀ ସ୍ତରରେ ନିୟମିତ ଯାଞ୍ଚ, କଡ଼ା ଆଇନଗତ ପଦକ୍ଷେପ, ଫାଇନ୍ ଆଦାୟ, କାଗଜ ବ୍ୟାଗର ପ୍ରୋତ୍ସାହନ ଏବଂ ସାଧାରଣ ଲୋକଙ୍କୁ ପଲିଥିନ ବ୍ୟବହାର ନକରିବା ପାଇଁ ପ୍ରତି ସପ୍ତାହରେ ସଚେତନତା କରାଯିବା ଦରକାର। ଏଥିସହିତ ଯେଉଁ ବଡ଼ ବଡ଼ ପଲିଥିନ ଗୋଦାମ ରହିଛି ସେଠାରେ ଚଢ଼ାଉ କରି ମୋଟା ଆକାରର ଅର୍ଥ ଆଦାୟ କରାଗଲେ ପଲିଥିନର ବ୍ୟବହାର କିଛି ମାତ୍ରାରେ କମି ପାରିବ ବୋଲି ପରିବେଶ ବିଶେଷଜ୍ଞ କହିଛନ୍ତି।

**ରକ୍ଷକ ସାଜିଲେ ଭକ୍ଷକ**

# ନାବାଳିକା ଝିଅାରୀକୁ ଦୁଷ୍କର୍ମ

ଭୁବନେଶ୍ୱର, ୮।୭ (ସମିସ)

କନ୍ଧମାଳ ଜିଲ୍ଲାର ଜଣେ ଯୁବତୀଙ୍କ ଅଭିଯୋଗକୁ ନେଇ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ସମ୍ପର୍କୀୟଙ୍କ ଘରେ ରହି ପଢୁଥିବା ନାବାଳିକା ଅବସ୍ଥାରୁ ଦୁଷ୍କର୍ମର ଶିକାର ହୋଇଛନ୍ତି। ଆଉ କେହି ନୁହେଁ, ଖୋଦ୍ ମଉସା ହିଁ ତାଙ୍କୁ ଦୁଷ୍କର୍ମ କରିଛନ୍ତି। ଖାଲି ସେତିକି ନୁହେଁ, ମଉସା ଓ ମାଉସୀ ମିଶି ନାବାଳିକାକୁ ଅନୈତିକ କାର୍ଯ୍ୟକଳାପରେ ଲିପ୍ତ କରିବା ସହ ଟଙ୍କା ରୋଜଗାର କରୁଥିଲେ। ପୀଡ଼ିତାଙ୍କ ଅଭିଯୋଗ ପରେ ମଉସା ଓ ମାଉସୀକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଜଳସମ୍ପଦ ବିଭାଗର କନସଲଟାଣ୍ଟ ଜୟକୃଷ୍ଣ ବେହେରା (୫୪) ଓ ତାଙ୍କ ପତ୍ନୀ ତଥା ଶିଖରଚଣ୍ଡୀ ଡାକ୍ତରଖାନାର ନର୍ସ ଫୁଲନ୍ଦିନୀ ବେହେରା (୪୩)।

■ **ଅନୈତିକ କାମରେ ଲଗାଇ ଟଙ୍କା ରୋଜଗାର କରୁଥିଲେ ମଉସା, ମାଉସୀ**

■ **ଦୁଷ୍କର୍ମ ପରେ ଭିଡିଓ ଭାଇରାଲ କଲା ରାଜସ୍ଥାନୀ କାଠ ମିସ୍ତ୍ରି**

ପୁଲିସ ସୂଚନାନୁସାରେ, କନ୍ଧମାଳ ଜିଲ୍ଲାର ପୀଡ଼ିତା ୨୦୧୬ ମସିହାରେ ମାଟ୍ରିକ ପାସ୍ କରିବା ପରେ ଉଚ୍ଚଶିକ୍ଷା ପାଇଁ ଭୁବନେଶ୍ୱର ଆସିଥିଲେ। ଏଠାକୁ ଆସି ମଉସା ଜୟକୃଷ୍ଣ ଓ ମାଉସୀ ଫୁଲନ୍ଦିନୀଙ୍କ ଘରେ ରହି ରାଜଧାନୀର ଏକ ପ୍ରତିଷ୍ଠିତ ମହିଳା କଲେଜରେ ପଢୁଥିଲେ। ସେତେବେଳେ ନାବାଳିକା ମାତ୍ର ୧୫ ବର୍ଷ ହୋଇଥିବାବେଳେ ମଉସା ଜୟକୃଷ୍ଣ ତାଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇଥିଲେ। ମାଉସୀ ଫୁଲନ୍ଦିନୀ ଜାଣିଶୁଣି ପୀଡ଼ିତାଙ୍କୁ ଘରେ ସ୍ୱାମୀ ପାଖରେ



ଛାଡ଼ି ବାହାରକୁ ପଳାଉଥିଲେ। ଜୟକୃଷ୍ଣ ନାବାଳିକାକୁ ଏକାକୀ ପାଇଁ ଅଶ୍ଳୀଳ ଇଙ୍ଗିତ କରୁଥିଲେ। ପୀଡ଼ିତା ପ୍ରତିବାଦ କରୁଥିଲେ ମଧ୍ୟ ଜୟକୃଷ୍ଣ ତାଙ୍କୁ ଜୋରଜବରଦସ୍ତି ଦୁଷ୍କର୍ମ କରୁଥିଲେ। ମାଉସୀଙ୍କୁ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳୁନଥିଲା। ଓଲଟି ପାଠପଢ଼ାର ଖର୍ଚ୍ଚ ବଦଳରେ ମଉସାଙ୍କ ଇଛା ପୂରଣ କରିବାକୁ ବାଧ୍ୟ କରୁଥିଲେ। ପୀଡ଼ିତା ବିରୋଧ କଲେ ମାଉସୀ ମାଡ଼ ମାରିବା ସହ ଗର୍ଭଧାରଣ ରୋକିବା ପାଇଁ ଜବରଦସ୍ତି ଔଷଧ ଦେଉଥିଲେ।

ପରବର୍ତ୍ତୀ ସମୟରେ ଜୟକୃଷ୍ଣ, ଫୁଲନ୍ଦିନୀ ଓ ମହେନ୍ଦ୍ର ମିଶି ଯୋଜନା କରିଥିଲେ। ଫୁଲନ୍ଦିନୀ ପୀଡ଼ିତାଙ୍କୁ ନେଇ ମହେନ୍ଦ୍ର ନାମକ ଜଣେ ଯୁବକ ସହ ପରିଚୟ କରାଇ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ। ଦିନେ ମହେନ୍ଦ୍ର ବିବାହର ପ୍ରତିଶ୍ରୁତି ଦେଇ ପୀଡ଼ିତାଙ୍କୁ ହୋଟେଲକୁ ନେଇ ଯାଇଥିଲା। ସେଠାରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହିତ ଅଜାଣତରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ରେକର୍ଡ କରି ନେଇଥିଲା। ପୀଡ଼ିତା ବିବାହ କରିବା କଥା କହିବାରୁ, ସେ ମଉସା ଓ ମାଉସୀକୁ ଟଙ୍କା ଦେଇ ଶାରୀରିକ ସମ୍ପର୍କ ରଖିଥିବା ମହେନ୍ଦ୍ର କହିଥିଲା। ମଉସା ମାଉସୀ ଟଙ୍କା ନେଇ ଅନୈତିକ କାର୍ଯ୍ୟରେ ଲିପ୍ତ କରିଥିବା ଜାଣିବା ପରେ ପୀଡ଼ିତାଙ୍କ ପାଦ ତଳୁ ମାଟି ଖସି ଯାଇଥିଲା। ସେ ପ୍ରତିବାଦ କରି ନିଜ ପୈତୃକ ଘରକୁ ଚାଲିଯାଇଥିଲେ। ହେଲେ ମହେନ୍ଦ୍ର ସଂଗ୍ରହ କରିଥିବା ଫଟୋ ଓ ଭିଡିଓ ଭାଇରାଲ ଆଳରେ ତାଙ୍କୁ ବ୍ଲାକମେଲ କରିବା ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲା। ହେଲେ ପୀଡ଼ିତା ଅରାଜି ହେବାରୁ ମହେନ୍ଦ୍ର ପୀଡ଼ିତାଙ୍କ ନାମରେ ନକଲି ସୋସିଆଲ ମିଡ଼ିଆ ଆକାଉଣ୍ଟ ଖୋଲି ଫଟୋ ଓ ଭିଡିଓ ପୋଷ୍ଟ କରି ଦେଇଥିଲା। ଏହାସହ ପୀଡ଼ିତାଙ୍କ କଲେଜ ସହପାଠୀ ଓ ସହକର୍ମୀଙ୍କୁ ପାଖକୁ ପଠାଇ ଦେଇଥିଲା ଏନେଇ ପୀଡ଼ିତା ନୂଆପଲ୍ଲୀ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଏତଲା ଦେଇଥିଲେ। ପୁଲିସ ତାଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ କରିବା ସହ ମଉସା ଜୟକୃଷ୍ଣ ଓ ମାଉସୀ ଫୁଲନ୍ଦିନୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାର ଅନ୍ୟତମ ଅଭିଯୁକ୍ତ ମହେନ୍ଦ୍ର କୁମାର ଫେରାର ରହିଛି।

**ପୁରୁଣା ଫଟୋ**

**ପୁରୁଣା ସ୍ମୃତି**



ଭୁବନେଶ୍ୱର, ୮।୭ (ସମିସ): ମନ୍ଦିରମାନଙ୍କର ସମୂହ ହେଉଛି ରାଜଧାନୀ ଭୁବନେଶ୍ୱର। ଏଠାରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ଯାହା ବର୍ତ୍ତମାନ ପିଢି ପାଇଁ ଐତିହ୍ୟ କୀର୍ତ୍ତିରାଜିର ମୂକସାକ୍ଷୀ। ଯେଉଁ ସମୟରେ ରାଜଧାନୀ ଭୁବନେଶ୍ୱରରେ ଛୁଇଁନଥିଲା ପରିବର୍ତ୍ତନର ସୁଅ ନା ଉନ୍ନତିକରଣ। ସରଳ ଜୀବନଯାପନ କରୁଥିବା ମଣିଷଙ୍କ କୋଳାହଳ ଭିତରେ ସିମୀତ ଥିଲା ଏହି ସହର। ଗାଡି ମଟର, ବଡ ବଡ ବିଲ୍ଡିଂ ବଦଳରେ ଏଠାରେ ଚାଲିଥିଲା ଶଗଡ଼ ଏବଂ ମୁଣ୍ଡ ଗୁଞ୍ଜିବାକୁ ଥିଲା ମାଟି ଛପର ଘର। ରାଜଧାନୀର ସର୍ବପ୍ରାଚୀନ ଲିଙ୍ଗରାଜ ମନ୍ଦିର ସମେତ ସାଇତା ହୋଇ ରହିଛି ଅନେକ ଶତାବ୍ଦୀ ପୁରାତନ ମନ୍ଦିର। ଯାହାକି ସେସମୟରୁ ପର୍ଯ୍ୟଟନର କେନ୍ଦ୍ରବିନ୍ଦୁ ସାଜି ଆସିଛି। ସେଥିମଧ୍ୟରୁ ଅନ୍ୟତମ ହେଉଛି ରାଜାରାଣୀ ମନ୍ଦିର।

ସାମଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା ସେହି ମନ୍ଦିରର ଅନେକ ବର୍ଷ ପୁରୁଣା ଏକ ଫଟୋଚିତ୍ର। ଯେଉଁଥିରେ ପୁରୁଣା ସମୟରେ ରାଜାରାଣୀ ମନ୍ଦିରର ଝଲକ ପରିଲକ୍ଷିତ ହେଉଛି। ଫଟୋଚିତ୍ରରେ ଦର୍ଶାଯାଇଥିବା ଦୃଶ୍ୟଟି ମନ୍ଦିରର ଏକ ପାର୍ଶ୍ୱର ହୋଇଥିବାବେଳେ ଏହା ୧୦୦ ବର୍ଷ ପୁରୁଣା ଫଟୋ ବୋଲି ଜଣାପଡ଼ିଛି। ଏହି ମନ୍ଦିରଟି ଏକାଦଶ ଶତାବ୍ଦୀରେ ସୋମବଂଶୀ ଶାସନ ସମୟରେ ଏବଂ କଳିଙ୍ଗସ୍ଥାପତ୍ୟ ଶୈଳୀରେ ନିର୍ମାଣ ହୋଇଛି।



# ଭୁବନେଶ୍ୱର ସିଟି

## ମୁକ୍ତାକାଶ ବ୍ୟାୟାମଶାଳାରେ ଅବ୍ୟବସ୍ଥା

# ନଷ୍ଟ ହେଉଛି ବ୍ୟାୟାମ ଉପକରଣ; ମୁହଁ ଫେରାଉଛନ୍ତି ଲୋକ

ଭୁବନେଶ୍ୱର, ୮।୭(ସମିସ): ରାଜଧାନୀର ବିଭିନ୍ନ ସ୍ଥାନରେ ମୁକ୍ତାକାଶ ବ୍ୟାୟାମଶାଳାର ସୁବିଧା କରାଯାଇଥିଲା। ଫଳରେ ଲୋକ ସେଠାରେ ହେଲେ ତାହା ଏବେ ବର୍ଷା ପାଣି ଖାଇବା ବ୍ୟତୀତ ଆଉ କିଛି କାମରେ ଆସୁନି କହିଲେ ଚଳେ। କେଉଁଠି ଉପକରଣରେ ବର୍ଷା ପାଣି ଖାଇ କଳଙ୍କି ଲାଗିଲାଣି ତ ଆଉ କେଉଁଠି ପିଲାଙ୍କ ଖେଳ ସ୍ଥାନ ଓ ପାର୍କିଂ ସ୍ଥଳ ପାଲଟୁଛି।



ଏହି ବ୍ୟାୟାମଶାଳା ଗୁଡିକ ରାଜଧାନୀରେ ବିଭିନ୍ନ ଛକ, ରାସ୍ତାର ପାର୍ଶ୍ୱ ଏବଂ ଖେଳ ପଡ଼ିଆ ଏବଂ ପାର୍କରେ ମଧ୍ୟ ନିର୍ମାଣ କରାଯାଇଥିଲା। ବ୍ୟାୟାମ ଦ୍ୱାରା ଲୋକଙ୍କ ଉତ୍ତମ ସ୍ୱାସ୍ଥ୍ୟ ଉଦେଶ୍ୟରେ ନିର୍ମିତ ହୋଇଥିଲେ ହେଁ ଏବେ ସବୁଠି ଅଲୋଡା ହୋଇ ପଡ଼ି ରହିଥିବା ନଜରକୁ ଆସୁଛି। ବିଏମ୍‌ସି ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗରେ ରାଜଧାନୀର ରାସ୍ତାକଡରେ ଖୋଲା ଯାଇଥିବା ଏହି ବ୍ୟାୟାମଶାଳା ଏବେ କାମରେ ଆସୁନି କହିଲେ ଭୁଲ ହେବ ନାହିଁ। କାରଣ ଲୋକଙ୍କ ମଧ୍ୟରେ ଏହାକୁ ବ୍ୟବହାର କରିବାର ସେତେଟା ଆଗ୍ରହ ଆଉ ପରିଲକ୍ଷିତ ହେଉ ନଥିବାବେଳେ ଉପକରଣଗୁଡିକ ପଡ଼ି ପଡ଼ି ନଷ୍ଟ ହେବାରେ ଲାଗିଲାଣି। ବର୍ତ୍ତମାନ ବର୍ଷା ଦିନ ହୋଇଯାଇଥିବା ଯୋଗୁଁ ଯେତିକି ଲୋକ ଆସୁଥିଲେ ତାହା ବି ଏବେ ବନ୍ଦ ହୋଇଗଲେଣି। ଖୋଲା ଆକାଶ ତଳେ ଏହି ଉପକରଣ ଗୁଡିକ ଥିବା ଯୋଗୁଁ ପଡ଼ି ପଡ଼ି କଳଙ୍କି ଲାଗିଯାଇ ଶେଷରେ ନଷ୍ଟ ହେବାକୁ ବସିଛି। ସେହି ଉପକରଣ ଗୁଡିକ ମଧ୍ୟରେ ବ୍ୟାକ୍ ଲେଗ୍, ସୁଇଟ ସ୍ୱିଙ୍ଗ, ଗ୍ଲାଇଡର, ଟ୍ୱିଷ୍ଟର, ବେଞ୍ଚ, ସ୍କାଏ ୱାକର୍ ଆଦି ରହିଥିଲା। ଯାହା ଭୁବନେଶ୍ୱରର ପୋଖରୀପୁଟ୍, ଖଣ୍ଡଗିରି, ଡୁମ୍‌ଡୁମା, କଲ୍ୟାଣୀ ମାର୍କେଟ, ରେଣ୍ଟାଲ କଲୋନୀ ଭଳି ଅନେକ ଗୁଡିଏ ସ୍ଥାନରେ ଏହାକୁ ନିର୍ମାଣ କରାଯାଇଥିଲା। ଅନ୍ୟପଟେ ପାର୍କ ଗୁଡିକରେ ମଧ୍ୟ ସମାନ ଅବସ୍ଥା, ସେଠାରେ ନିର୍ମାଣ ହୋଇଥିବା ଉପକରଣ କିଛି ମାତ୍ରାରେ ଉପଯୋଗୀ ହେଉଥିଲେ ହେଁ ଏବେ ବର୍ଷା ଯୋଗୁଁ ସେ ବି ଅଲୋଡା। ପ୍ରାତଭ୍ରମଣ କରିବାକୁ ଅଧିକାଂଶ ଲୋକ ପାର୍କକୁ ନିଜ ସାଙ୍ଗସାଥୀଙ୍କ ସହ ବ୍ୟାୟାମ ପାଇଁ ଆସୁଥିଲେ, ହେଲେ ବର୍ତ୍ତମାନ ବର୍ଷା ଦିନରେ ସେତକ ବି ସମ୍ଭବ ହେଉନାହିଁ ବୋଲି ଖଣ୍ଡଗିରିର ଜଣେ ବାସିନ୍ଦା କିଶୋର ସାହୁ ମତ ପ୍ରକାଶ କରିଥିଲେ। ସେହିଭଳି ଡୁମଡୁମାସ୍ଥିତ ଆର୍ଯ୍ୟ ଭିଲେଜ ନିକଟରେଥିବା ଏକ ଛୋଟ ପଡ଼ିଆ ଅନ୍ତର୍ଗତ ନିର୍ମାଣ ହୋଇଥିବା ମୁକ୍ତାକାଶ ବ୍ୟାୟାମଶାଳା ଏବେ ଛୋଟ ପିଲାଙ୍କ ପାଇଁ ଖେଳ ସ୍ଥାନ ପାଲଟିଛି। ଅନ୍ୟପଟେ ଯେଉଁ ମୁକ୍ତାକାଶ ବ୍ୟାୟାମଶାଳା ପାଖରେ କୌଣସି ଅଫିସ କି ସ୍କୁଲ ରହିଛି ସେଠାରେ ଲୋକ ତାକୁ ପାର୍କିଂ ସ୍ଥଳୀରେ ପରିଣତ କରିସାରିଲେଣି। ଯେଉଁ ଉଦେଶ୍ୟରେ ଏହିସବୁ ନିର୍ମାଣ କରାଯାଇଥିଲା ତାଠୁ ସମ୍ପୂର୍ଣ୍ଣ ଭିନ୍ନ ବ୍ୟବହାରରେ ଆସୁଛି। ଆଉ କେଉଁଠି ସନ୍ଧ୍ୟାହେଲେ ଯୁବପିଢିଙ୍କ କେବଳ ସମୟ କାଟିବାର ସ୍ଥାନ କରିସାରିଲେଣି।



## ଧଉଳି ପାହାଡ଼ ପାଦଦେଶରେ ବୃକ୍ଷରୋପଣ

● ବିଭିନ୍ନ ଫଳ ଓ ଫୁଲଗଛ ଲଗେଇଲେ ଶିଳ୍ପୀ ଓ ଛାତ୍ରଛାତ୍ରୀ




ଭୁବନେଶ୍ୱର, ୮।୭(ସମିସ): ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସର ଓ ଧଉଳି ପାଦଦେଶରେ ବିଭିନ୍ନ ଫଳ ଓ ଫୁଲଗଛ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଏନଏସଏସ ସ୍ୱେଚ୍ଛାସେବୀ ଓ ମଦରସ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ବରିଷ୍ଠ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ ବନ ମହୋତ୍ସବ ଅବସରରେ ଗଛ ଲଗାଇବା ଶୁଭାରମ୍ଭ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ବୃକ୍ଷରୋପଣ ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଇଥିଲେ। ପରେ ଛାତ୍ରଛାତ୍ରୀମାନେ ପିଜୁଳି, ଡାଳିମ୍ବ, ଜାମୁକୋଳି, ଅଁଳା, କୃଷ୍ଣଚୂଡ଼ା, ରାଧାଚୂଡ଼ା, ଅଶୋକ ଓ ସୁନାରି ଆଦି ଫଳ ଓ ଫୁଲଗଛ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଏନଏସଏସ ର କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦନ କୁମାର ସାମଲ, ସୋମନାଥ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଅଧ୍ୟାପକ ଭୂପତିଭୂଷଣ ପଣ୍ଡା, ସୁବାସ ଚନ୍ଦ୍ର ମୁଦୁଲି, ଅମୃତା ଏବଂ ମନୋରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ।

## ବନ ମହୋତ୍ସବ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର, ୮।୭(ସମିସ): ପରିବେଶ ସୁରକ୍ଷା ଅଭିଯାନ ଦ୍ୱାରା ଜାମୁଝରି ସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଅଭିଯାନର କର୍ମକର୍ତ୍ତା ରଘୁନାଥ ପୃଷ୍ଟି- ସାଧାରଣ ସମ୍ପାଦକ, କଲ୍ୟାଣୀ ମହାନ୍ତି-ଉପ ସଭାପତି, ନମିତା ମହାପାତ୍ର - କୋଷାଧ୍ୟକ୍ଷା ଏବଂ ଅରୁଣ ଶଙ୍କର ଜେନା ଓ ଡ. ଜଗତ ଜୀବନ ଆଚାର୍ଯ୍ୟ, କାର୍ଯ୍ୟବାହୀ ସଦସ୍ୟବୃନ୍ଦ ଅନ୍ତେବାସୀଙ୍କ ସହଯୋଗରେ ଆମ୍ବ, ପିଜୁଳି, ଲିଚୁ ଓ ସପେଟା ଇତ୍ୟାଦି ଫଳ ଚାରା ରୋପଣ କରିଥିଲେ। ଚାରରୋପଣର ଅବ୍ୟବ୍ୟହିତ ପୂର୍ବରୁ ଅନ୍ତେବାସୀମାନଙ୍କର ଏକ ସଭାରେ କଲ୍ୟାଣୀ ମହାନ୍ତି 'ଜୈବ ତରଳ ସାର'ର ଉପକାରିତା ସମ୍ପର୍କରେ ସମ୍ୟକ ସୂଚନା ଦେବା ସହିତ ଏହାର ପ୍ରସ୍ତୁତି ପ୍ରଣାଳୀ ବୁଝାଇ ଥିଲେ। ଡ. ଜଗତ ଜୀବନ ଆଚାର୍ଯ୍ୟ ଏକକ ବ୍ୟବହୃତ ପ୍ଲାଷ୍ଟିକର କୁପରିଣାମ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। କାରା ଅଧୀକ୍ଷକ ସ୍ମିତା ମହାନ୍ତି ତଥା ସହକାରୀ କାରାପାଳ ସ୍ୱାଗତ ରଞ୍ଜନ ସାହୁ ଓ କାରା କଲ୍ୟାଣ ଅଧିକାରୀ ରଞ୍ଜନ ମାଝୀଙ୍କର ସହଯୋଗଦ୍ୱାରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ୧୧ରୁ ଆଇଏନ୍‌ଏଆଇର ଦୁଇଦିନିଆ 'ଟେକ୍ନୋଲୋଜି କନ୍‌କ୍ଲେଭ-୨୦୨୬'

ଭୁବନେଶ୍ୱର, ୮।୭(ସମିସ):ଇଣ୍ଡିଆନ୍ ନ୍ୟାସନାଲ୍ ଏକାଡେମୀ ଅଫ୍ ଇଞ୍ଜିନିୟରିଂ (ଆଇଏନଏଆଇ) ପକ୍ଷରୁ 'ଟେକ୍ନୋଲୋଜି କନ୍‌କ୍ଲେଭ-୨୦୨୬' ଆସନ୍ତା ଜୁଲାଇ ୧୧ ଓ ୧୨ ତାରିଖରେ ସୋଆ ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ବୁଧବାର ସୋଆରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଇଏନ୍‌ଏଆଇର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଇଞ୍ଜିନିୟରିଂ କ୍ଷେତ୍ରର ଗବେଷକ, ଅଧ୍ୟାପକ, ବୈଷୟିକ ବିଶେଷଜ୍ଞ ଓ ଶିଳ୍ପ କ୍ଷେତ୍ରର ପ୍ରତିନିଧିମାନଙ୍କ ପାଇଁ ଏହି କନ୍‌କ୍ଲେଭ ଜ୍ଞାନର ଆଦାନପ୍ରଦାନ ଓ ବୈଷୟିକ ଆଲୋଚନାର ଏକ ପ୍ରମୁଖ ମଞ୍ଚ ହେବ। ଯୁବ ଇଞ୍ଜିନିୟରମାନଙ୍କୁ ଦେଶ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ସେଗୁଡ଼ିକର ନବସୃଜନାତ୍ମକ ସମାଧାନ ଖୋଜିବା ଏହାର ଉଦ୍ଦେଶ୍ୟ ବୋଲି ସୋଆର ଆନ୍ତର୍ଜାତିକ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ତଥା ଅଲ୍ ଇଣ୍ଡିଆ କାଉନ୍‌ସିଲ ଫର ଟେକ୍ନିକାଲ୍ ଏଜୁକେସନର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ପୂର୍ବତନ ଏନପିସିଆଇଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୁବନ ଚନ୍ଦ୍ର ପାଠକ, ଅଏଲ୍ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ରଞ୍ଜିତ ରଥ, ଆଇଆଇଟି ହାଇଦ୍ରାବାଦର ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର ୟୁ.ବି. ଦେଶାଇ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି, ମୁମ୍ବାଇର ପ୍ରଫେସର ଜି. ଡି. ଯାଦବ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିବେ। ଉଦ୍‌ଘାଟନୀ ଅଧିବେଶନରେ 'ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍‌ଫ)'ରଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ଅଶୋକ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେବେ। ପ୍ରଫେସର ଅଭୟ କରନ୍ଦିକର, ଡିଆରଡିଓର ଇଲେକ୍ଟ୍ରୋନିକ୍ସ ଓ କମ୍ୟୁନିକେସନ୍ ସିଷ୍ଟମ୍ସର ମହାନିର୍ଦ୍ଦେଶକ ଡ. ବିନୟ କୁମାର ଦାସ ଏବଂ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ ଯୋଗଦେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଆଇଆଇଟି ଭୁବନେଶ୍ୱରର ଡିନ୍ ପିଜି ଆଣ୍ଡ ରିସର୍ଚ୍ଚ ପ୍ରୋଗ୍ରାମ ପ୍ରଫେସର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି।



## ସ୍ୱାଭିମାନ ଓଡ଼ିଶା ଫାଉଣ୍ଡେସନ୍ ପକ୍ଷରୁ ରାଜ୍ୟସ୍ତରୀୟ 'ବିକାଶ ସମ୍ମିଳନୀ'




ଭୁବନେଶ୍ୱର, ୮।୭(ସମିସ): ସ୍ୱାଭିମାନ ଓଡ଼ିଶା ଫାଉଣ୍ଡେସନ୍ ପକ୍ଷରୁ ରାଜ୍ୟସ୍ତରୀୟ 'ବିକାଶ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ 'ସ୍ୱାଭିମାନରୁ ସମୃଦ୍ଧି:ଶ୍ରେଷ୍ଠ ଓଡ଼ିଶା ଗଠନ ପାଇଁ ଜନଆନ୍ଦୋଳନ' ଶୀର୍ଷକ ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବୁଦ୍ଧିଜୀବୀ ଓ ଫାଉଣ୍ଡେସନ୍ ସଭାପତି ଅମ୍ବିକା ପ୍ରସାଦ ପଣ୍ଡା ଯୋଗ ଦେଇଥିଲେ। ପ୍ରାରମ୍ଭରେ ଫାଉଣ୍ଡେସନ୍ ଉପସଭାପତି ଡ. ସୁନୀତି ମୁଣ୍ଡ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ, ଲେଖିକା ସୁଜାତା ନନ୍ଦ, ସମାଜସେବୀ ପ୍ରଶାନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ।

## ଷ୍ଟୁଆର୍ଟ ସ୍କୁଲର ୬୬ ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୮।୭(ସମିସ): ଷ୍ଟୁଆର୍ଟ ସ୍କୁଲର ୬୬ ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ କଟକ ଡାଏସିସ, ଚର୍ଚ୍ଚ ଅଫ ନର୍ଥ ଇଣ୍ଡିଆ ତରଫରୁ ସୁରେନ୍ଦ୍ର କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଶିକ୍ଷା, ଶୃଙ୍ଖଳା ଓ ନୈତିକ ମୂଲ୍ୟବୋଧର ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ରିଜିଓନାଲ ଡାଇରେକ୍ଟର ତଥା କାଲଭରୀ ଗସ୍ପେଲ ମିନିଷ୍ଟ୍ରିଜ ପୂର୍ଣ୍ଣସାଗର ନାଗ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମ୍ପାଦକ ରେଭ ଏଫ.ସି ନର୍ଥ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିନି ପ୍ରମାଣିକଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଏହି ସମାରୋହରେ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଏବଂ ଅତିଥିମାନେ ଉପସ୍ଥିତ ଥିଲେ। ଏଥିସହିତ ପ୍ରତିଷ୍ଠା ଦିବସ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଓଏଫଏସ୍‌ଡିଏସ୍‌ର ପରିଚାଳନା ପରିଷଦ ବୈଠକ

ଭୁବନେଶ୍ୱର, ୮।୭(ସମିସ): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନସ୍ଥ ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି (ଓଏଫଏସଡିଏସ୍)ର ୩୮ତମ ପରିଚାଳନା ପରିଷଦ ବୈଠକ ବୁଧବାର ଖାରବେଳ ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରମୁଖ ଶାସନ ସଚିବ ତଥା ପରିଷଦର ସଭାପତି ଭାସ୍କର ଜ୍ୟୋତି ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା (ଜାଇକା) ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ୨ୟ ପର୍ଯ୍ୟାୟ, ଆମ ଜଙ୍ଗଲ ଯୋଜନା, ଓଏଫଏସଡିଏସ୍‌ଓମ୍ବାଡସି ସମେତ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ପ୍ରକଳ୍ପର କାର୍ଯ୍ୟକାଳକୁ କୌଣସି ଅତିରିକ୍ତ ବ୍ୟୟ ବିନା ୨୦୨୭ରୁ ୨୦୩୦ ପର୍ଯ୍ୟନ୍ତ ତିନି ବର୍ଷ ବୃଦ୍ଧି କରିବା ପ୍ରସ୍ତାବକୁ ପରିଷଦ ଅନୁମୋଦନ କରାଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ବିଧିବଦ୍ଧ ଅନୁମୋଦନ ନିଆଯିବ। ଫାର୍ମ ଫରେଷ୍ଟ୍ରି କାର୍ବନ କ୍ରେଡିଟ୍ ପଦକ୍ଷେପର ଅଗ୍ରଗତି ସମୀକ୍ଷା କରାଯାଇଥିବାବେଳେ ୧୨ଟି ବନଖଣ୍ଡରେ ୨, ୭୦୦ରୁ ଅଧିକ ଚାଷୀଙ୍କୁ ୧, ୮୦୦ ଏକରରୁ ଅଧିକ ଜମିରେ କାର୍ବନ କ୍ରେଡିଟ୍ ବ୍ୟବସ୍ଥା ସହ ଯୋଡ଼ାଯାଇଛି। ଏହା ଚାଷୀଙ୍କ ଆୟ ବୃଦ୍ଧି ସହ ପରିବେଶ ସୁରକ୍ଷାରେ ସହାୟକ ହେବ ବୋଲି କୁହାଯାଇଛି। ଏହାସହ ପ୍ରକଳ୍ପ ଶେଷ ପରେ ମଧ୍ୟ ବନାଞ୍ଚଳ ଅଧିବାସୀଙ୍କୁ ନିରନ୍ତର ସହାୟତା ଯୋଗାଇବା ପାଇଁ ଜୀବିକା ସମ୍ବଳ କେନ୍ଦ୍ର ଏଲଆରସି ଗଠନ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରାଯାଇଛି। ଏହି କେନ୍ଦ୍ର ମାଧ୍ୟମରେ ଉତ୍ପାଦକ ଗୋଷ୍ଠୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ବନଜାତ ଉଦ୍ୟୋଗକୁ ପ୍ରଯୁକ୍ତିଗତ ଏବଂ ବ୍ୟବସାୟିକ ସହାୟତା ମିଳିବ। ଭୋପାଳସ୍ଥିତ ଭାରତୀୟ ବନ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ଚାଲିଥିବା ତୃତୀୟ ପକ୍ଷ ମୂଲ୍ୟାଙ୍କନର ଅଗ୍ରଗତି ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡ. କେ ମୁରୁଗେସନ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସ୍ୱୟମ୍ ମଲ୍ଲିକ, ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶିକା ରିଙ୍କୁ କୁମାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।




## ଦେବରାୟ ମହାବିଦ୍ୟାଳୟରେ ବୃକ୍ଷରୋପଣ

ଭୁବନେଶ୍ୱର, ୮।୭(ସମିସ): ବନମହୋତ୍ସବ ସପ୍ତାହ ଉପଲକ୍ଷେ ମଙ୍ଗଳବାର ନୟାପଲ୍ଲୀସ୍ଥିତ ଦେବରାୟ ମହାବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଭାମଞ୍ଜରୀ ପଟ୍ଟନାୟକ, ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍.ଏସ୍.ଏସ୍ ସ୍ୱେଚ୍ଛାସେବୀ ଶୁଭଙ୍କର ସାହୁ, ଜଗନ୍ନାଥ ସାହୁ, କାହ୍ନୁଚରଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ଏନ୍.ଏସ୍.ଏସ୍ ଯୋଜନା ଅଧିକାରୀ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଦାଶ ପରିଚାଳନା କରିଥିଲେ।




## ଜନଗଣନାର ଡିଜିଟାଇଜେସନରେ ଆନ୍ଧ୍ର ଅଧିକାରୀଙ୍କ ହସ୍ତକ୍ଷେପ ବନ୍ଦ କରିବାକୁ ଦାବି

ଭୁବନେଶ୍ୱର, ୮।୭(ସମିସ): ବିଭିନ୍ନ ଗଣମାଧ୍ୟମରେ ଖବର ଆସୁଛି ଯେ ଆନ୍ଧ୍ର ପ୍ରଦେଶର ସାଲୁର ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀମାନେ କୋଟିଆ ଅଞ୍ଚଳରେ ପ୍ରବେଶ କରି ଜନଗଣନାର ଡିଜିଟାଇଜେସନ କାମ ଆରମ୍ଭ କରିଛନ୍ତି। ଏହା ଓଡିଶାର ପ୍ରସନିକ ସ୍ୱାୟତ୍ତତା ଉପରେ ପ୍ରତ୍ୟକ୍ଷ ହସ୍ତକ୍ଷେପ। ଏହାକୁ ଓଡ଼ିଆ ଅସ୍ମିତା ପରିଷଦ ତୀବ୍ର ନିନ୍ଦା କରୁଛି. ତୁରନ୍ତ ଓଡିଶା ପ୍ରଶାସନ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି ଅସ୍ମିତା ପରିଷଦ। ଓଡିଶା ସରକାର ପୂର୍ବରୁ ଏ ଅଞ୍ଚଳରେ ଜନଗଣନା କାମ ସାରିଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ପ୍ରକାଶ କରିଥିଲେ। ଆଜି ଆନ୍ଧ୍ର ଅଧିକାରୀମାନେ ଜନଗଣନା ଡିଜିଟାଇଜେସନ କରିବା କ୍ଷୋଭର କଥା। ତୁରନ୍ତ ପଦକ୍ଷେପ ନେବାକୁ ସଂଗଠନ ଦାବି କରିଛି।

## ତୀରବିଦ୍ଧ ହୋଇଆସିଥିଲେ: ନୂଆ ଜୀବନ ଦେଲେ କିମ୍‌ସ ଡାକ୍ତର



ଭୁବନେଶ୍ୱର, ୮।୭(ସମିସ): ଛାତିରେ ତୀରବିଦ୍ଧ ଅବସ୍ଥାରେ ଅସିଥିବା ଜଣେ ବ୍ୟକ୍ତି କିମ୍‌ସ ଭୁବନେଶ୍ୱର ଡାକ୍ତରଙ୍କ ଅକ୍ଲାନ୍ତ ପରିଶ୍ରମ ପରେ ନୂଆ ଜୀବନ ପାଇଛନ୍ତି। ରାଉରକେଲାର ଜନୈକ ୨୨ବର୍ଷୀୟ ଯୁବକଙ୍କ ଛାତିରେ ବିଦ୍ଧ ହେବା ପରେ ସେ ଗୁରୁତର ହୋଇପଡ଼ିଥିଲେ। କିମ୍‌ସର ସର୍ଜନ ଡ. ଅମରେଶ ମିଶ୍ରଙ୍କ ନେତୃତ୍ୱରେ ଡ. ଏସ୍ କେ. ସାହୁ, ଡ. ବିଏସ୍ ପୂଜାରୀ, ଡ. ଏସ୍ ସାମଲ ଓ ଡ. ଡି ହୋତାଙ୍କୁ ନେଇ ଗଠିତ ଡାକ୍ତରୀ ଦଳ ଏହି ଜଟିଳ ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାରର ଜଟିଳତା ଉପରେ ସୂଚନା ଦେଇ ସର୍ଜରୀ ବିଭାଗ ଡ. ସୁବ୍ରତ ସାହୁ କହିଛନ୍ତି, ଏଭଳି ଘଟଣା ଅତ୍ୟନ୍ତ ବିରଳ। ଅନେକ କ୍ଷେତ୍ରରେ ରୋଗୀମାନେ ତୀର କାଢ଼ିବା ସମୟରେ ରକ୍ତସ୍ରାବ ବନ୍ଦ ହୋଇ ନପାରିବା କାରଣରୁ ଅନେକ ରୋଗୀଙ୍କୁ ବଞ୍ଚାଇବା ସମ୍ଭବ ହୋଇନଥାଏ। କାର୍ଡିଓଥୋରାସିକ୍ ଓ ଭାସ୍କୁଲାର ସର୍ଜରୀ (ସିଟିଭିଏସ) ବିଭାଗର ଡାକ୍ତର ସତ୍ୟଜିତ୍ ସାମଲ କହିଛନ୍ତି, ଅସ୍ତ୍ରୋପଚାର ସମୟରେ ଫୁସଫୁସର କ୍ଷତିଗ୍ରସ୍ତ ହୋଇଥିବା ଅଂଶ ସଫଳତାର ସହ ଅସ୍ତ୍ରୋପଚାର କରାଯାଇଥିଲା। ଏହି ଘଟଣାରେ କିଟ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ପୃକ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇବା ସହ ରୋଗୀଙ୍କ ଆରୋଗ୍ୟ କାମନା କରିଛନ୍ତି।

# ନଡ଼ିଆକତା ଦେଇଛି ଅଶୋକଙ୍କୁ ନୂଆ ପରିଚୟ

ଭୁବନେଶ୍ୱର, ୮।୭(ସମିସ): ପରିସ୍ଥିତି ଯେତେ ବିଷମ ହେଉ ପଛକେ। ନିଜ ଭିତରର ସଂକଳ୍ପ ଆଉ ଧୈର୍ଯ୍ୟ ସହ ଯେ କେହି କିଛିବି ଅସାଧ୍ୟକୁ ସାଧ୍ୟ କରିପାରେ। ଏଥିପାଇଁ ଅନ୍ୟର ଉତ୍ସାହ ଯେତେ ଜରୁରୀ, ନିଜର ଉଦ୍ୟମ ବି ସେତିକି ଦରକାର। ସେହିଭଳି ଦୃଢ ମନବଳ ରଖୁଥିବା ମଣିଷ ହେଲେ ଅଶୋକ ଜେନା।

ଅଶୋକଙ୍କ ବୟସ ୫୦ ବର୍ଷରୁ ଅଧିକ ହେବ ଏବଂ ଗୋଡ ତାଙ୍କର ପୋଲିଓ ଗ୍ରସ୍ତ, ତଥାବି ସେ ନିଜକୁ ରୋଜଗାରକ୍ଷମ କରି ସମାଜରେ ମୁଣ୍ଡଟେକି ଚାଲିବାକୁ ସକ୍ଷମ ହୋଇପାରିଛନ୍ତି। ଘରେ ପତ୍ନୀ ମଧ୍ୟ ଏହି କାମରେ ସାହାଯ୍ୟ କରିଥାନ୍ତି। ଦୁଇ ହାତ କେବେ ତାଙ୍କୁ କାହା ଉପରେ ବୋଝ ହବାକୁ ଦେଇନି। ନଡିଆ କତା ତାଙ୍କ ପାଇଁ ପାଇଟିଛି ରୋଜଗାରର ମାଧ୍ୟମ। ସେ ଜଣେ ହସ୍ତଶିଳ୍ପୀ ଓ ପୁରୀ ଜିଲ୍ଲା କାକଟପୁର ହେଉଛି ତାଙ୍କ ଘର। ହେଲେ ରାଜଧାନୀରେ ମେଳା ମହୋତ୍ସବ ହେଉଛି ତାଙ୍କ ଠିକଣା। ସେଥିପାଇଁ ଅଧିକାଂଶ ସମୟ ସେ ରାଜଧାନୀରେ ରୁହନ୍ତି। ଏକାମ୍ର ହାଟରେ ମଧ୍ୟ ତାଙ୍କ ଷ୍ଟଲ ପକେଇଥାନ୍ତି। ପରିବାର ପୋଷିବା ଓ ରୋଜଗାର କରିବା ନିଶାରେ ସେ ପ୍ରଥମେ ଆନ୍ଧ୍ର ପ୍ରଦେଶରେ ପହଁଚିଥିଲେ।

### ହାର ମାନିଛି ଶାରିରୀକ ଅକ୍ଷମତା

ସେଠାରେ ଏକ ନଡ଼ିଆକତା କାରଖାନାରେ କାମ କରୁଥିବା ସମୟରେ ଦେଖିଲେ ନଡ଼ିଆକତାର ସାମଗ୍ରୀ ତିଆରି ପରେ ବାହାରୁଥିବା ବର୍ଜ୍ୟବସ୍ତୁକୁ ଫୋପାଡ଼ି ଦିଆଯାଉଛି। ପୂର୍ବରୁ ଅନେକ ସ୍ଥାନରେ ନଡ଼ିଆକତାରୁ ବିଭିନ୍ନ ସାମଗ୍ରୀ ତିଆରି ହେଉଥିବା ତାଙ୍କ ନଜରରେ ଆସିଥିଲା। ତେଣୁ ବର୍ଜ୍ୟବସ୍ତୁକୁ ଫୋପାଡି ନଦେଇ ତାକୁ କିପରି ବିଭିନ୍ନ ସୁନ୍ଦର ଜିନିଷରେ ପରିଣତ କରିହେବ ସେ ଦିଗରେ ଚେଷ୍ଟା କଲେ। ପରେ ପରେ ପୁଣି ନିଜ ଘର ତଥା ଓଡ଼ିଶାକୁ ଫେରି ଆସିଲେ। ନିଜ କଳା ଓ କୌଶଳରେ ନଡିଆକତାରେ ଗଢିଲେ ବିଭିନ୍ନ ପ୍ରକାରର ଜୀବଜନ୍ତୁ ଓ ବାଇ ଚଢେଇର ବସା ଏବଂ ଆହୁରି ଅନେକ ଘର ସାଜସଜ୍ଜା ଉପକରଣ। ପ୍ରାରମ୍ଭ ଦିନରେ ୨୦ ଟଙ୍କାରେ ବାଇ ଚଢେଇ ବସା କରି ବିକୁଥିଲେ। ଏବେ କିନ୍ତୁ ସବୁଠି ଦରଦାମ୍ ବୃଦ୍ଧି ଓ ଘର ଖର୍ଚ୍ଚକୁ ନଜରରେ ରଖି ସେ ସାମାନ୍ୟ ଉପକରଣର ମୂଲ୍ୟ ବଢ଼ାଇଛନ୍ତି। ସେ ୭ ଇଞ୍ଚରୁ ଆରମ୍ଭ କରି ୭ଫୁଟ୍ ପର୍ଯ୍ୟନ୍ତ ନଡ଼ିଆକତାରେ ବିଭିନ୍ନ ସାମଗ୍ରୀ ତିଆରିକରି ବିକୁଛନ୍ତି। ଯେଉଁଥିରେ ହରିଣ, ହାତୀ, ଘୋଡ଼ା, ଜିରାଫ ଓ ବାଇ ଚଢେଇ ବସା ଆଦି କେତେ କଣ ଜୀବଜନ୍ତୁ ତିଆରି କରୁଛନ୍ତି।



## ୧୮ ଗ୍ରାମ୍ ହେରୋଇନ ଜବତ, ଜଣେ ଗିରଫ

**ରାଉରକେଲା, ୮।୭(ସମିସ):** ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଟ୍ରାଫିକ ଗେଟ୍ ଅଞ୍ଚଳରେ ଚଢ଼ଉ କରି ଜଣେ ଯୁବକକୁ ଗିରଫ କରିବା ସହ ତା ନିକଟରୁ ୧୮ ଗ୍ରାମ ଓଜନର ହେରୋଇନ ଜବତ କରିଛି। ପ୍ଲାଣ୍ଟସାଇଟ୍ ଥାନାର ସବଇନ୍ସପେକ୍ଟର ସିଦ୍ଧାର୍ଥ ପ୍ରଧାନ ଥାନା କର୍ମଚାରୀଙ୍କ ସହ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ଦିବା ପାଟ୍ରୋଲିଂ କରୁଥିବା ବେଳେ ରାଉରକେଲା ଟ୍ରାଫିକ୍ ଗେଟ୍ ଚାରିଚକିଆ ଗାଡ଼ି ପାର୍କିଂ ଭିତରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ମହମ୍ମଦ ଆଫତାବ (୩୧)ଙ୍କୁ କାବୁକରି ତା ନିକଟରୁ ହେରୋଇନ ଜବତ କରିଥିଲେ। ଗିରଫ ଯୁବକ ହେଉଛି ପ୍ଲାଣ୍ଟସାଇଟ୍ ଥାନା ଅଧୀନ ଗୋପବନ୍ଧୁପଲ୍ଲୀର ୱାର୍ଡ ନଂ-୦୪ ଅଞ୍ଚଳରେ। ସେ ହେରୋଇନ ବିକ୍ରି ଉଦ୍ଦେଶ୍ୟରେ ନିଜ ପାଖରେ ରଖିଥିବା ନେଇ ସ୍ୱୀକାର କରିଥିଲା।



ହେରୋଇନ ସହ ତା ନିକଟରୁ ଏକ ମୋବାଇଲ ଫୋନ୍ ଏବଂ ଏକ ସ୍କୁଟି ଜବତ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ନିଜର ବେଆଇନ ଅର୍ଥରୋଜଗାର ପାଇଁ ନିରୀହ ଲୋକଙ୍କ ସମେତ ସ୍କୁଲ ଓ କଲେଜ ପଢ଼ୁଆ ଛାତ୍ରଛାତ୍ରୀଙ୍କୁ ହେରୋଇନ ବିକ୍ରି କରୁଥିଲେ। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ପ୍ଲାଣ୍ଟସାଇଟ୍ ଥାନାରେ ଏକାଧିକ ମାମଲା ରହିଛି। ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ତା ବିରୁଦ୍ଧରେ ଏନଡିପିଏସ୍ ଆଇନ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

## ୬ ମାସ ହେଲା ଶ୍ୱଶୁର ଘରେ ରହୁଥିଲେ

**ବଣାଇଁ,୮।୭ (ସମିସ) :** ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଅଧୀନ ତାଳବାହାଲି ପଞ୍ଚାୟତର ଜଡ଼ିବାହାଲ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ବୁଧବାର ସକାଳେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଟିକାୟତପାଲି ଥାନା ଅଧୀନ ଜଗବନ୍ଧୁ ଗୋପ (୨୮) ପ୍ରାୟ ଛଅ ମାସ ଧରି ନିଜ ସ୍ତ୍ରୀ ଓ ପୁଅଙ୍କ ସହ ଜଡ଼ିବାହାଲ ଗ୍ରାମରେ ଶଶୁର ଘରେ ରହୁଥିଲେ। ଗତକାଲି ସେ କୌଣସି କାରଣବଶତଃ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଆଜି ଭୋର ସମୟରେ ଗ୍ରାମବାସୀ ଶୌଚ ପାଇଁ ଜଙ୍ଗଲକୁ ଯାଇଥିବାବେଳେ ତାଙ୍କୁ ଗଛରେ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ଏହାପରେ ସେମାନେ ତୁରନ୍ତ ଲହୁଣୀପଡ଼ା ପୁଲିସକୁ ଖବର ଦେଇଥିଲେ। ଲହୁଣୀପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବାପରେ ବ୍ୟବଚ୍ଛେଦ ପାଇଁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ମୃତ୍ୟୁର ପ୍ରକୃତ କାରଣ ବ୍ୟବଚ୍ଛେଦ ରିପୋର୍ଟ ଓ ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଜଣାଯାଇଛି। ଲହୁଣୀପଡ଼ା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି।

## ଆର୍‌ଏସ୍‌ପି କର୍ମଚାରୀଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ

**ରାଉରକେଲା, ୮।୭(ସମିସ) :** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ହଟଷ୍ଟ୍ରିପ ମିଲ୍ ଅପରେସନ ବିଭାଗର ଜଣେ କର୍ମଚାରୀ ଲିଓନାର୍ଡ ଲାକ୍ରାଙ୍କର ବୁଧବାର ସକାଳେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ 'ଏସିଫ୍ଟ' ଡ୍ୟୁଟିରେ ଯୋଗଦେବା ପାଇଁ କାରଖାନାକୁ ଯାଉଥିବାବେଳେ ଏହି ଅଘଟଣ ଘଟିଥିଲା। ସୂଚନା ଅନୁଯାୟୀ, ଦେଓଗାଁସ୍ଥିତ ଏଚ୍‌ଏସ୍‌ଏମ୍-୨ ଗେଟ୍ ନିକଟରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇଥିବାବେଳେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

## ସିପିଆଇଏମ୍‌ର ବରିଷ୍ଠ କର୍ମକର୍ତ୍ତା ଭୁବନେଶ୍ୱର ସାହୁଙ୍କ ପରଲୋକ

**ବଣାଇଁ, ୮।୭(ସମିସ):** ବଣାଇଁଗଡ଼ ସହରସ୍ଥିତ ତେଲିସାହିର ବାସିନ୍ଦା ତଥା ସିପିଆଇଏମ୍‌ର ବରିଷ୍ଠ କର୍ମକର୍ତ୍ତା ଭୁବନେଶ୍ୱର ସାହୁ (୫୫)ଙ୍କ ବୁଧବାର ଅପରାହ୍ଣରେ ରାଉରକେଲାସ୍ଥିତ ଏକ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ବଣାଇଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ସମୟରେ ତାଙ୍କ ନିକଟରେ ଧର୍ମପତ୍ନୀ, ଦୁଇ ପୁତ୍ର, ଦୁଇ କନ୍ୟା, ଭାଇ, ଭଉଣୀ, ପୁତୁରା, ଝିଆରୀଙ୍କ ସମେତ ଅନ୍ୟାନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବାପରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ସିପିଆଇଏମ୍‌ର ବହୁ କର୍ମୀ ଓ ସମର୍ଥକ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ତାଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ବାଲିଆଟୋଟା ସ୍ଥିତ ବ୍ରାହ୍ମଣୀ ନଦୀ କୂଳକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବଡ଼ ପୁଅ ତୁଷାର ସାହୁ ମୁଖାଗ୍ନି ପ୍ରଦାନ କରିଥିଲେ। ବହୁ ଶୁଭେଚ୍ଛୁ, ଦଳୀୟ କର୍ମୀ ଓ ସ୍ଥାନୀୟ ଲୋକ ଶେଷଯାତ୍ରାରେ ସାମିଲ ହୋଇ ଦିବଙ୍ଗତ ନେତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



## ଷ୍ଟେନ୍‌ଲେସ୍ ଷ୍ଟିଲ୍ ସ୍ଲାବ୍ ଉତ୍ପାଦନ ସେଲ୍ ଓ ଇଣ୍ଡୋନେସିଆ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ରାଉରକେଲା, ୮।୭(ସମିସ)**

ଦେଶର ସର୍ବବୃହତ୍ ସରକାରୀ ମହାରତ୍ନ ଇସ୍ପାତ କମ୍ପାନୀ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍‌ଫ) ଇଣ୍ଡୋନେସିଆର ଇସ୍ପାତ ଉତ୍ପାଦକ 'ପିଟି କ୍ରାକାତାଉ ଷ୍ଟିଲ୍ (ପର୍ସେରୋ) ଟିବିକେ' ସହିତ ଇଣ୍ଡୋନେସିଆରେ ଷ୍ଟେନଲେସ୍ ଷ୍ଟିଲ୍ ସ୍ଲାବ୍ ଉତ୍ପାଦନ ପାଇଁ ଏକ ଯୌଥ ଉଦ୍ୟୋଗ ସ୍ଥାପନର ସମ୍ଭାବନାକୁ ଅନୁସନ୍ଧାନ କରିବା ଉଦ୍ଦେଶ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ଘୋଷଣା କରିଛି। ଏହି ଏମଓୟୁ ଭାରତ ଓ ଇଣ୍ଡୋନେସିଆ ସରକାରଙ୍କ ଉଚ୍ଚସ୍ତରୀୟ ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୬ ରୁ ୮ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଇଣ୍ଡୋନେସିଆ ଗସ୍ତ ଅବସରରେ ଘୋଷଣା କରାଯାଇଥିଲା। ଏହି ପ୍ରସ୍ତାବିତ ସହଯୋଗିତା ଉଭୟ କମ୍ପାନୀର ପରସ୍ପର ପୂରକ ଶକ୍ତିକୁ ଏକାଠି କରିବ। ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନର ଅତ୍ୟାବଶ୍ୟକ କଞ୍ଚାମାଲ ନିକେଲ୍ ବିଶ୍ୱର ସବୁଠାରୁ ସମୃଦ୍ଧ ଭଣ୍ଡାର ମଧ୍ୟରୁ ଗୋଟିଏ ଇଣ୍ଡୋନେସିଆରେ ଉପଲବ୍ଧ ଥିବାବେଳେ, ସେଲ୍‌ଫ ନିକଟରେ ପାଞ୍ଚ ଦଶନ୍ଧିରୁ ଅଧିକ ସମୟର ଇସ୍ପାତ ଉତ୍ପାଦନ, ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଏବଂ ବୃହତ୍ ସମନ୍ୱିତ ଇସ୍ପାତ କାରଖାନା ପରିଚାଳନାର ବ୍ୟାପକ ଅଭିଜ୍ଞତା ରହିଛି। ଏହି ଏମଓୟୁ ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ବଢ଼ୁଥିବା ଔଦ୍ୟୋଗିକ ସହଭାଗିତାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଉଭୟ ଦେଶର ଦୃଢ଼ ଓ ସ୍ଥାୟୀ ଉତ୍ପାଦନ ମୂଲ୍ୟ ଶୃଙ୍ଖଳା ଗଠନର ସାମୂହିକ ଦୃଷ୍ଟିଭଙ୍ଗୀର ପ୍ରତିଫଳନ ବୋଲି ଜଣାପଡ଼ିଛି। ପ୍ରସ୍ତାବିତ ଯୁଗ୍ମ ଉଦ୍ୟୋଗ ଭାରତ ଏବଂ ଏସିଆନ ଅଞ୍ଚଳରେ ବଢ଼ୁଥିବା ଷ୍ଟେନଲେସ୍ ଷ୍ଟିଲ୍ ଚାହିଦା ପୂରଣ କରିବା ସହିତ ଇଣ୍ଡୋନେସିଆର ଖଣିଜ ସମ୍ପଦର ମୂଲ୍ୟ ସମ୍ବର୍ଦ୍ଧନକୁ ପ୍ରୋତ୍ସାହନ ଦେବ ବୋଲି ଆଶା କରାଯାଉଛି। ଏହା ଉଭୟ ଦେଶ ମଧ୍ୟରେ ପ୍ରଯୁକ୍ତି ବିନିମୟ, ଔଦ୍ୟୋଗିକ ସହଯୋଗ, ଦକ୍ଷତା ବିକାଶ ଏବଂ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। ପ୍ରସ୍ତାବିତ ଯୁଗ୍ମ ଉଦ୍ୟୋଗ ସମ୍ବନ୍ଧୀୟ ପ୍ରକଳ୍ପ କ୍ଷମତା, ପୁଞ୍ଜିନିବେଶ ଗଠନ, କାର୍ଯ୍ୟାନ୍ୱୟନ ସମୟସୀମା ଏବଂ ପ୍ରଯୁକ୍ତିଗତ ବିନ୍ୟାସ ସମେତ ଅନ୍ୟାନ୍ୟ ବିସ୍ତୃତ ତଥ୍ୟ ସମ୍ଭାବ୍ୟତା ଅଧ୍ୟୟନ ସମାପ୍ତ ହେବାସହିତ ଉଭୟ ସଂସ୍ଥା ଏବଂ ଉଭୟ ଦେଶର ସରକାରଙ୍କ ଆବଶ୍ୟକ ଅନୁମୋଦନ ପରେ ଚୂଡ଼ାନ୍ତ କରାଯିବ। ଏହି ଉନ୍ନୟନ ସମ୍ପର୍କରେ ମତ ପ୍ରକାଶ କରି ସେଲ୍‌ଫ ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ଅଶୋକ କୁମାର ପଣ୍ଡା କହିଛନ୍ତି, ଏହି ସହଭାଗିତା ଭବିଷ୍ୟତ ପାଇଁ କ୍ଷମତା ବିକାଶ କରିବା ଏବଂ ପାରମ୍ପରିକ ସୀମାରୁ ବାହାରକୁ ଯାଇ ନୂତନ ସୁଯୋଗ ଅନ୍ୱେଷଣ କରିବା ପ୍ରତି ସେଲ୍‌ଫ ର ପ୍ରତିବଦ୍ଧତାର ପ୍ରତିଫଳନ। ଭିତ୍ତିଭୂମି, ପରିବହନ, ନବୀକରଣଯୋଗ୍ୟ ଶକ୍ତି ଏବଂ ଉତ୍ପାଦନ କ୍ଷେତ୍ରରେ ଷ୍ଟେନଲେସ୍ ଷ୍ଟିଲ୍‌ର ଚାହିଦା ଦ୍ରୁତ ଗତିରେ ବଢ଼ୁଥିବା ବେଳେ ନିର୍ଭରଯୋଗ୍ୟ କଞ୍ଚାମାଲ ଯୋଗାଣ ଏବଂ ରଣନୀତିକ ସହଭାଗିତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିଟି କ୍ରାକାତାଉ ଷ୍ଟିଲ୍ ସହିତ ଏହି ସହଯୋଗିତା ଉଭୟ କମ୍ପାନୀ ପାଇଁ ଦୀର୍ଘମିଆଦୀ ମୂଲ୍ୟ ସୃଷ୍ଟି କରିବା ସହିତ ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ଆର୍ଥିକ ସହଭାଗିତାକୁ ଆହୁରି ସୁଦୃଢ଼ କରିବ ବୋଲି ଆମର ବିଶ୍ୱାସ।

## ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ନିରଞ୍ଜନଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା, ୮।୭(ସମିସ):** ବରିଷ୍ଠ ସମ୍ବାଦପତ୍ର ବିତରକ ନିରଞ୍ଜନ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆଜି ପାନପୋଷ ରୋଡସ୍ଥିତ ତାରିଣୀ ମନ୍ଦିର କଲ୍ୟାଣ ମଣ୍ଡପ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ଶିକ୍ଷାବିତ୍ ଡ. କିଶୋରୀ ଦାଶ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ, ବରିଷ୍ଠ ବିଜେଡି ନେତା ବୈଲୋଚନ ସାମଲ, ବିରେନ୍ ସେନାପତି, ରାଜ୍ୟ ବିଜେପି ମୁଖପାତ୍ର ଧୀରେନ୍ ସେନାପତି, ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ, ସତ୍ୟାନନ୍ଦ ବେହେରା, ଉମେଶ ଚନ୍ଦ୍ର ସିଂ, ବିଶିଷ୍ଟ ସମାଜସେବୀ ସମରକେତନ ଲେଙ୍କା, ଯୁବ ବିଜେଡି ସଭାପତି ପିଙ୍କୁ ଜୟସ୍ୱାଲ, ଓକିଲ ସଂଘର ସଭାପତି ସଦାନନ୍ଦ ସାହୁ, ଶିକ୍ଷାବିତ୍ ଙ୍ଗ ଦେବାଶିଷ ମହାପାତ୍ର, ନାଟ୍ୟ ବ୍ୟକ୍ତିତ୍ୱ ପ୍ରକାଶ ସାହାଣୀ, କୁଞ୍ଜନଲାଲ ବୋଷ, ସମାଜସେବୀ ରଞ୍ଜନ ନାୟକ, ବାପି ପଟ୍ଟନାୟକ, କୈଳାସ ଚନ୍ଦ୍ର ରାଉତ, ଦତହରି ସାମଲ, ଅନାଥ ରାଉତ, ଖବରକାଗଜ ବିକ୍ରେତା ସଂଘର କର୍ମକର୍ତ୍ତା ଓ ସଦସ୍ୟ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ଅମରଆତ୍ମାର ସଦ୍‌ଗତି କାମନା କରିଥିଲେ।



## ବାଲି ଚୋରା ଚାଲାଣ ଉପରେ ଚଢ଼ଉ

**ରାଉରକେଲା, ୮।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ବାଲି ଚୋରା କାରବାର ଉପରେ ଆଜି ବଡ଼ଧରଣର ଚଢ଼ଉ ଆରମ୍ଭ ହୋଇଛି। ଖଣି ବିଭାଗ ଓ ପୁଲିସ ପକ୍ଷରୁ ମିଳିତ ଭାବେ ଚଢ଼ଉ ଜାରି ରହିଛି। ସୁନ୍ଦରଗଡ଼ ଜିଲ୍ଲାର ସଲଙ୍ଗାବାହାଲ, ସାହାଜବାହାଲ, ଲକ୍ଷ୍ମୀପୋଷ ଓ ଦଲକି ଅଞ୍ଚଳରେ ଚଢ଼ଉ କରାଯାଇଛି। ବେଆଇନ ଭାବେ ମହଜୁଦ ଥିବା ବାଲିର ଆକଳନ କରାଯାଉଥିବା ଖଣି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବାଲି ଚୋରା କାରବାର କରୁଥିବା ଅଭିଯୋଗରେ ରାଏବଗା ଥାନା ପୁଲିସ ଖଣି ବିଭାଗ ସହଯୋଗରେ ଗୋଟିଏ ଜେସିବି ମେସିନ୍ ଓ ଗୋଟିଏ ଟ୍ରକ୍ ଜବତ କରିଥିବା ସୂଚନା ମିଳିଛି।

## ବୃଦ୍ଧଙ୍କୁ ଦଳିଦେଲା ଦନ୍ତା



**କୋଇଡ଼ା, ୮।୭(ସମିସ):** କୋଇଡ଼ା ବ୍ଲକ କେବଲାଙ୍ଗ ଥାନା ଜାମୁଡିହି ପଞ୍ଚାୟତ ଅଧୀନ ଡିମ୍ବାଟୋଲା ଠାରେ ଆଜି ଭୋର୍ ଜୋଲ ଓରାମ (୭୫) ସାମ୍ନା ଘରରୁ ନିଜ ଘରକୁ ଫେରୁଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଥିଲେ। ସେତିକି ବେଳେ ଦନ୍ତାହାତୀ ଟାଣି ଆଣି ବୃଦ୍ଧଙ୍କୁ ଦଳିଦେଇଥିଲା ଓ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକ୍ କରିଥିଲେ। ପରେ ଘଟଣାସ୍ଥଳରେ କେବଲାଙ୍ଗ ପୁଲିସ୍ ଓ ବନ ବିଭାଗ ପହଞ୍ଚି ଶୁଦ୍ଧିକ୍ରିୟା ପାଇଁ ରାଶି ଓ ବାକି ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ମିଳିବା ପ୍ରତିଶ୍ରୁତି ପରେ ପୁଲିସ୍ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

### ଆର୍‌ଏସ୍‌ପି ପକ୍ଷରୁ ବନ ମହୋତ୍ସବ

## ଇସ୍ପାତ ଅମୃତ ବନରେ ୫୦୦ ଚାରା ରୋପଣ

**ରାଉରକେଲା, ୮।୭(ସମିସ):** ସ୍ଥାନୀୟ ସେକ୍ଟର-୨୧, ନୟାବଜାର ସ୍ଥିତ ଇସ୍ପାତ ଅମୃତ ବନଠାରେ ଆୟୋଜିତ ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନାର ଗଣ ପରିବେଶ ସଚେତନତା ଏବଂ ଚାରାରୋପଣ ମହୋତ୍ସବରେ ଇସ୍ପାତ ସହରର ବିଭିନ୍ନ ବିଦ୍ୟାଳୟର ୩୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କ ସମେତ ରାଉରକେଲା ଇସ୍ପାତ କାରଖାନାର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସହ ଅଂଶଗ୍ରହଣ କରିଥିଲେ। ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ରାଉରକେଲା ବନଖଣ୍ଡର ବନଖଣ୍ଡ ଅଧିକାରୀ (ଡିଏଫଓ) ରବିକାନ୍ତ ମୀନା, ଓଡ଼ିଶା ସରକାରଙ୍କ ଓଏସପିସିବିର ଆଞ୍ଚଳିକ ଅଧିକାରୀ ଡା. ଅନୂପ ମଲ୍ଲିକ, ନିର୍ବାହୀ ନିର୍ଦ୍ଦେଶକ ସିଏମଏଲଓ ବି.କେ ଗିରି, ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବିଶ୍ୱରଞ୍ଜନ ପଲାଇ, ନିର୍ବାହୀ ନିର୍ଦ୍ଦେଶକ (ଖଣି) ଏମ. ପି ସିଂ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଏସ. ପାଲ୍ ଚୌଧୁରୀ, ମୁଖ୍ୟ ମହାପ୍ରବନ୍ଧକ (ଅର୍ଥ ଓ ବିତ୍ତ) ରାଜେଶ ଦାସଗୁପ୍ତା, କାରଖାନାର ଅନେକ ମୁଖ୍ୟ ମହାପ୍ରବନ୍ଧକ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ବିପୁଳ ସଂଖ୍ୟାରେ ସ୍କୁଲ ପିଲା ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ଭାରପ୍ରାପ୍ତ ନିର୍ଦ୍ଦେଶକ କହିଥିଲେ, ଆମ ସମସ୍ତଙ୍କୁ ପ୍ରତି ମାସରେ ଗୋଟିଏ ଲେଖାଏଁ ଗଛ ଲଗାଇବାକୁ ଏବଂ ରାଉରକେଲାର ସବୁଜିମାକୁ ବୃଦ୍ଧି କରିବାକୁ ସଂକଳ୍ପ ନେବାକୁ ହେବ। ଶ୍ରୀ ବର୍ମା ପ୍ରଥମ ଚାରା ରୋପଣ କରିବା ସହ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୧.୦୭ ଏକର ଜମିରେ ଉଦ୍ୟାନ କୃଷି (ହର୍ଟିକଲଚର୍) ବିଭାଗ ଦ୍ୱାରା ନିଜସ୍ୱ ସ୍ତରରେ ପ୍ରସ୍ତୁତ କରାଯାଇଥିବା ଛାତିଆନା, କରଞ୍ଜ, ନିମ୍ବ, ପାଟୁଳି, ଜାମୁ, ସୁନାରୀ, ଶିଶୁ, ବକୁଳ, ଅଁଳା, ପଣସ, ପିଜୁଳି, ବରକୋଳି ଭଳି ବିଭିନ୍ନ ପ୍ରଜାତିର ୫୦୦ଟି ଚାରା ରୋପଣ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ବର୍ଷ ସାରା ୪୦୦୦ ଚାରା ରୋପଣ କରିବାର ଯୋଜନା ରହିଛି। ଏହାପୂର୍ବରୁ, ଅତିଥିମାନଙ୍କୁ ଉଦ୍ୟାନ କୃଷି (ହର୍ଟିକଲଚର୍) ବିଭାଗର ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଯାଇଥିଲା। ମୁଖ୍ୟ ମହାପ୍ରବନ୍ଧକ (ଟିଇ ଏବଂ ହର୍ଟିକଲଚର୍) ସି.ଏମ. ଟୁଗ୍ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଉପ-ମହାପ୍ରବନ୍ଧକ (ହର୍ଟିକଲଚର୍) ଟି.ବି. ଟପ୍ପୋ ସଞ୍ଚାଳନ କରିଥିଲେ। ମହାପ୍ରବନ୍ଧକ (ହର୍ଟିକଲଚର୍) ଡା. ଅଭିଜିତ ବିଶ୍ୱାସଙ୍କ ମାର୍ଗଦର୍ଶନରେ ଉଦ୍ୟାନ କୃଷି ବିଭାଗ ଦ୍ୱାରା ପରିଚାଳିତ ହୋଇଥିଲା। ଉପ-ମହାପ୍ରବନ୍ଧକ (ଜନସ୍ୱାସ୍ଥ୍ୟ) ଦୀପା ଲଭାଙ୍ଗରେ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ୍‌ର ଭୟାବହତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉପ-ମହାପ୍ରବନ୍ଧକ (ସିଏସଆର) ପି. ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୧.୦୭ ଏକର ପରିମିତ ଉକ୍ତ ସ୍ଥାନ ପୂର୍ବରୁ ଜରାଜୀର୍ଣ୍ଣ ଆବାସିକ କ୍ୱାର୍ଟର୍ସ ଓ ଜବରଦଖଲ ହୋଇ ରହିଥିଲା, ଯାହା ବେଆଇନ ଅନୁପ୍ରବେଶ ଏବଂ ଅସାମାଜିକ କାର୍ଯ୍ୟକଳାପ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରୁଥିଲା। ଆରଏସପିର ଟାଉନସିପ୍ ପୁନର୍ବିକାଶ ଏବଂ ସୁରକ୍ଷା ଅଭିଯାନର ଏକ ଅଂଶ ଭାବରେ ଏହି ଅସୁରକ୍ଷିତ ସଂରଚନାଗୁଡ଼ିକୁ ଭାଙ୍ଗି ଦିଆଯାଇଥିଲା। ଏହି ମୁକ୍ତ କରାଯାଇଥିବା ଅଞ୍ଚଳକୁ ଏବେ ବ୍ୟାପକ ବୃକ୍ଷରୋପଣ ମାଧ୍ୟମରେ ଏକ ସବୁଜ ବଳୟରେ ପରିଣତ କରାଯାଉଛି, ଯାହାଦ୍ୱାରା ଏକ ଅବହେଳିତ ସ୍ଥାନ ଏକ ଜୀବନ୍ତ ପରିବେଶ ସମ୍ପଦରେ ରୂପାନ୍ତରିତ ହେଉଛି।



## ସାର୍‌ଗୁ କିଶାନ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ

**କୁତ୍ରା, ୮।୭(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଡୁନମୁରାଠିରେ ଥିବା ସର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୭ମତ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ପରିବେଶ ସୁରକ୍ଷା ଏବଂ 'ଏକ ପେଡ୍ ମାଁ କେ ନାମ' ଅଭିଯାନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ପରିସରରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଏବଂ ସଚେତନତା ସଭାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ଅମରେଶ ସାହୁଙ୍କ ଅଧ୍ୟକ୍ଷତାରେ ସୁନ୍ଦରଗଡ଼ ବନାଞ୍ଚଳ ସହକାରୀ ବନ ଅଧିକାରୀ ମାନସ କୁମାର ମୁର୍ମୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ରାଜଗାଙ୍ଗପୁର ଫରେଷ୍ଟର ରେଞ୍ଜ ଅଫିସର ଗୁରୁଚରଣ ମଣ୍ଡଳ, ବଡ଼ଗାଁ ଫରେଷ୍ଟର ଅଫିସର ମିତ୍ରଭାନୁ ପଟେଲ, କୁତ୍ରା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିରଞ୍ଜନ ରାଉଳ, ଡୁନମୁରା ସରପଞ୍ଚ ତରଣୀ ସେନ ବରିହା, ପ୍ରକୃତି ପ୍ରେମୀ ସୁଧାଂଶୁ ଚୌଧୁରୀ ପ୍ରମୁଖ ଯୋଗଦେଇ ଥିଲେ। ଅତିଥିମାନେ ବୃକ୍ଷର ଆବଶ୍ୟକତା, ଜଙ୍ଗଲ ସୁରକ୍ଷା ଓ ବିଶ୍ୱ ତାପମାତ୍ରା ବୃଦ୍ଧିର ପ୍ରତିକାର ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ। ବିଦ୍ୟାଳୟର ଇକୋକ୍ଲବ ଇନଚାର୍ଜ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ବନ ବିଭାଗରେ କର୍ମଚାରୀମାନେ ମିଳିତ ଭାବେ ବିଦ୍ୟାଳୟ ପ୍ରାଙ୍ଗଣରେ ଚାରାରୋପଣ କରିଥିଲେ।

## ବେଦବ୍ୟାସ ସଙ୍ଗମସ୍ଥଳରେ ବିଭିନ୍ନ ପ୍ରକଳ୍ପର ସର୍ଭେ ଆରମ୍ଭ

**ରାଉରକେଲା, ୮।୭(ସମିସ)**



ପୁରୁଣା ଛେଣ୍ଡ ଏବଂ ପାନପୋଷ ମଧ୍ୟ ଭାଗରେ ଥିବା ତ୍ରିବେଣୀ ଘାଟ (ହାଡ଼ପକା ଘାଟ) ସ୍ଥିତ ବେଦବ୍ୟାସ ସଙ୍ଗମସ୍ଥଳରେ ଏକ ଜଳ ଭଣ୍ଡାର ସୃଷ୍ଟିସହିତ ନଦୀର ଉଭୟ ପାର୍ଶ୍ୱରେ ନଦୀବନ୍ଧ, ନଦୀବନ୍ଧ ରାସ୍ତା, ପଥର ବନ୍ଧ ଏବଂ ପାହାଚ ନିର୍ମାଣ ପାଇଁ ସର୍ଭେ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଏହି ସର୍ଭେ କାର୍ଯ୍ୟ ପାଇଁ ପ୍ରାୟ ୫୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବାର ବ୍ୟୟ ଅଟକଳ କରାଯାଇଥିଲା, ଯାହା ଗତ ମାସରେ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟ ପାନପୋଷ ଜଳସେଚନ (ଆଇ.ବି) ସହାୟକ ନିର୍ବାହୀ ଯନ୍ତ୍ରୀ ଚନ୍ଦ୍ରମଣି ବାବୁଙ୍କ ତତ୍ତ୍ୱାବଧାନରେ କଟକ ସ୍ଥିତ ଗାୟତ୍ରୀ କନସଲଟାଣ୍ଟର ଅଭିଜ୍ଞ ସର୍ଭେକ୍ଷକ ଜୟନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଏକ ପାଞ୍ଚ ଜଣିଆ ଦଳ ଦ୍ୱାରା ପ୍ରାୟ ଏକମାସ ଧରି ଚାଲିବ ବୋଲି ଜଣାପଡ଼ିଛି। ପରବର୍ତ୍ତୀ ସମୟରେ ଆଠ ଦଶଟି ବୋରିଂ କରାଯିବ। ସର୍ଭେ କାର୍ଯ୍ୟର ସମାପନ ପରେ ସବିଶେଷ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇ ବିଭାଗୀୟ ଅଧିକାରୀମାନେ ପ୍ରକଳ୍ପର ଅନୁମୋଦନ ପାଇଁ ସରକାରଙ୍କ ନିକଟରେ ଉପସ୍ଥାପନ କରିବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଝୁଲାପୋଲ (ବ୍ୟାସସେତୁ) ସହିତ ଜଳଭଣ୍ଡାର ପାଇଁ ବହୁ ପୂର୍ବରୁ ବେଦବ୍ୟାସ ବିକାଶ ମଞ୍ଚ ତରଫରୁ ଦାବି ହୋଇ ଆସୁଥିଲା। ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା କଂକ୍ରିଟ ବ୍ୟାସସେତୁ ସହିତ ଜଳଭଣ୍ଡାର ପ୍ରକଳ୍ପ ଅନୁମୋଦନ ଲାଭକଲେ ବ୍ୟାସକ୍ଷେତ୍ର ରାଷ୍ଟ୍ରୀୟ ସ୍ତରର ଏକ ପ୍ରମୁଖ ଅଧ୍ୟାତ୍ମପୀଠ ଭାବରେ ମାନ୍ୟତା ଲାଭ କରିବ। ଜଳଭଣ୍ଡାର ସହିତ ଶଙ୍ଖ, କୋଇଲି ଏବଂ ବ୍ରାହ୍ମଣୀ ନଦୀର ଉଭୟ ପାର୍ଶ୍ୱରେ ନଦୀବନ୍ଧ ରାସ୍ତା ନିର୍ମାଣ ହେଲେ ଗମନାଗମନର ସୁବିଧା ହେବ। ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇପରେ ଯେ କଳିଙ୍ଗ ବିହାର ରେଳ ଫାଟକ ଠାରୁ ପାନପୋଷ ଛକ ମଧ୍ୟରେ ଥିବା ପ୍ରଣାମ ୨.୫ କିଲୋମିଟର ବିଶିଷ୍ଟ ଏକମାତ୍ର ୩୦ ଫୁଟର ରାସ୍ତା ଉପରେ ପୁରୁଣା ଛେଣ୍ଡ ଏବଂ ପାନପୋଷ ବାସିନ୍ଦା ନିର୍ଭରଶୀଳ। ଏହି ଅଞ୍ଚଳରେ ବାସିନ୍ଦାଙ୍କ ସଂଖ୍ୟା ଅହେତୁକ ଭାବରେ ବୃଦ୍ଧି ପାଇବାରେ ଲାଗିଛି ଯାହା ଏହି ଏକମାତ୍ର ରାସ୍ତାରେ ଆଗାମୀ ଦିନରେ ଗମନାଗମନ କରିବା ସମସ୍ୟାଜନକ ହୋଇପଡ଼ିବ। ଏହାକୁ ଦୃଷ୍ଟିରେ ରଖି ନଦୀବନ୍ଧ ରାସ୍ତା ଅତ୍ୟନ୍ତ ଆବଶ୍ୟକ ବୋଲି ବିଚାର କରିବାକୁ ହେବ। ୨୦୧୩ରେ ତରକେରା ପମ୍ପ ହାଉସଠାରୁ ଝିରପାଣି ପର୍ଯ୍ୟନ୍ତ ଏକ ନଦୀବନ୍ଧ ରାସ୍ତାର ପରିକଳ୍ପନା କରାଯାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସେ ସମୟରେ ଏହି ରିଙ୍ଗ୍ ନଦୀବନ୍ଧ ପାଇଁ ୩୦ କୋଟି ଟଙ୍କାର ବ୍ୟୟଅଟକଳ କରାଯାଇଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପ କୌଣସି କାରଣ ନଥାଇ ଥଣ୍ଡାବାକ୍ସକୁ ଚାଲି ଯାଇଥିଲା। ବିରମିତ୍ରପୁର ରେଳଧରଣାର ଅପର ପାର୍ଶ୍ୱରେ ଆଖିଦୃଷ୍ଟିଆ ବିକାଶମୂଳକ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ପୁରୁଣା ଛେଣ୍ଡ ତଥା ପାନପୋଷ ଅଞ୍ଚଳ ବିକାଶମୂଳକ କାର୍ଯ୍ୟରୁ ବଞ୍ଚିତ ରହି ଆସିଛି। ୨୦୨୦ରେ ରାଉରକେଲା ମ୍ୟୁନିସିପାଲଟି ମାଧ୍ୟମରେ ଏକ କମ୍ପ୍ରେହେନସିଭ ଡେଭଲପମେଣ୍ଟ ପ୍ଲାନ (ସିଡିପି) ପ୍ରସ୍ତୁତ ହୋଇଥିଲା। ଏହି ପ୍ଲାନ ଅଧୀନ ବ୍ରାହ୍ମଣୀ ନଦୀ ତଟରେ ପାନପୋଷ ଠାରେ ୪୫ ମିଟର ଏବଂ ପୁରୁଣା ଛେଣ୍ଡ ଠାରେ ୯୦ ମିଟର ଚଉଡ଼ା ରାସ୍ତା ରହିଛି। ସିଡିପି ପ୍ରସ୍ତୁତ ହେବା ଏହା ମଧ୍ୟରେ ଛଅ ବର୍ଷରୁ ଅଧିକା ହେଲାଣି ଅଥଚ ନଦୀବନ୍ଧ ରାସ୍ତାର ବାସ୍ତବତା ଦୂରର କଥା କୌଣସି ପରିକଳ୍ପନା ମଧ୍ୟ ହୋଇନାହିଁ। ଏପରି ସ୍ଥଳେ ବେଦବ୍ୟାସ ବିକାଶ ମଞ୍ଚ କରିଥିବା ଦାବିକୁ ସରକାରୀ ସ୍ତରରେ ତତ୍ପରତାର ସହିତ କାର୍ଯ୍ୟକାରୀ କରିବା ପାଇଁ ସଂଗଠନର ସଭାପତି ବଦ୍ରୀନାରାୟଣ ପାଢ଼ୀ, ଉପସଭାପତି ହୃଷିକେଶ ବଳିୟାର ସିଂହ, ରମାକାନ୍ତ ପାଣ୍ଡେ, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ଦାସ, ସମ୍ପାଦକ ଶ୍ରୀକାନ୍ତ କୁମାର ନାୟକ, ସୁରେଶ ଚନ୍ଦ୍ର ମହାପାତ୍ର କୋଷାଧ୍ୟକ୍ଷ ମଧୁସୂଦନ ସାହୁ, କେଦାରନାଥ ପାଢ଼ୀ, ଲକ୍ଷ୍ମୀନାରାୟଣ ମିଶ୍ର, ଦିବାକର ନନ୍ଦ, ଅର୍ଜୁନଚନ୍ଦ୍ର ସାହୁ, ନୀଳାଞ୍ଚଳ ପାଢ଼ୀ, ଟିକେଶ୍ୱର ପ୍ରଧାନ, ମନୋଜ କୁମାର ପାଢ଼ୀ, ଯୋଗେନ୍ଦ୍ର କୁମାର ସିହ୍ନକ୍ଷ, କାଶୀନାଥ ସାହୁ, ଈଶ୍ୱର ଚନ୍ଦ୍ର ମହନ୍ତ, ଅୱଦେଶ ପ୍ରସାଦ, ସଞ୍ଜୟ କୁମାର ବାଜପେୟୀ, କ୍ଷେତ୍ରବାସୀ ଧଳ ଏବଂ ମଳୟ କୁମାର ଆଚାର୍ଯ୍ୟ ପ୍ରମୁଖ ଦାବି ଉପସ୍ଥାପନ କରିଛନ୍ତି।

### କାଳବୈଶାଖୀକୁ ପୂରିଲା ଦେଢ଼ମାସ

## ତଥାପି ଅନ୍ଧାରରେ ବ୍ଲକ ଛକ



**ବଣାଇଁ, ୮।୭(ସମିସ):** ବଣାଇଁ ସହରରେ ହୋଇଥିବା କାଳବୈଶାଖୀକୁ ଇତିମଧ୍ୟରେ ଦେଢ଼ମାସ ବିତି ଗଲାଣି। ତଥାପି ସହରର ମୁଖ୍ୟ ରାସ୍ତାରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକ ମରାମତି ହୋଇ ନ ପାରିବାରୁ ସନ୍ଧ୍ୟା ହେବାମାତ୍ରେ ଦେଓଗାଁ ଠାରୁ ବ୍ଲକଛକ ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ଅନ୍ଧାରରେ ବୁଡ଼ି ରହୁଛି। ଦେଢ଼ମାସ ପୂର୍ବରୁ ହୋଇଥିବା କାଳବୈଶାଖୀରେ ଚର୍ଚ୍ଚ ଛକ ଠାରୁ ଦେଓଗାଁ ଛକ ମଧ୍ୟରେ କ୍ରମାଗତ ଭାବେ ୫ରୁ ଉର୍ଦ୍ଧ୍ୱ ଷ୍ଟ୍ରିଟ୍ ଲାଇଟ୍‌ର ଖମ୍ବ ଭାଙ୍ଗିରୁଜି ଯାଇଥିବା ବେଳେ କେବୁଲ ତାର ମଧ୍ୟ ଛିଣ୍ଡି ପଡ଼ିଥିଲା। ହେଲେ ଏହା ମଧ୍ୟରେ ଦୀର୍ଘ ଦିନ ବିତି ଯାଇଥିଲେ ସୁଦ୍ଧା ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଅନ୍ଧାର ଯୋଗୁଁ ଯିବା ଆସିବା କରିବାରେ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ପରିସ୍ଥିତିରେ ଅନେକ ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି ତେଣୁ ସ୍ଥାନୀୟ ପ୍ରଶାସନ ଅତିଶୀଘ୍ର ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବନ୍ୟାଜଳ ପରିଚାଳନା ନେଇ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଆଲୋଚନା

ସମ୍ବଲପୁର, ୮।୭ (ସମିସ)

ହୀରାକୁଦ ଅଶୋକ ନିବାସଠାରେ ଆଜି ଓଡ଼ିଶା ଏବଂ ଛତିଶଗଡ଼ ଜଳସମ୍ପଦ ବିଭାଗ ସମେତ କେନ୍ଦ୍ରୀୟ ଜଳ ଆୟୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହାନଦୀ ଅବବାହିକାରେ ଆଗାମୀ ବନ୍ୟାଜଳ



ପରିଚାଳନା, ସମନ୍ୱୟ ରକ୍ଷା ଏବଂ ଉଭୟ ରାଜ୍ୟ ମଧ୍ୟରେ ସୂଚନା ତଥା ତଥ୍ୟର ଆଦାନପ୍ରଦାନକୁ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବୈଠକରେ ହୀରାକୁଦ ଡ୍ୟାମ ମୁଖ୍ୟଯନ୍ତ୍ରୀ ତଥା ମହାନଦୀ ବେସିନ ମ୍ୟାନେଜର ଇଂ. ପ୍ରତାପ ଚନ୍ଦ୍ର ଚୌଧୁରୀ ଏବଂ କେନ୍ଦ୍ରୀୟ ଜଳ ଆୟୋଗର ମୁଖ୍ୟଯନ୍ତ୍ରୀ (ମହାନଦୀ ଓ ଇଷ୍ଟର୍ଣ୍ଣ ରିଭର୍ସ) ଜି. ନାଗାମୋହନଙ୍କ ସମେତ ଓଡ଼ିଶା ଓ ଛତିଶଗଡ଼ର ଜଳସମ୍ପଦ ବିଭାଗ ଅଧିକାରୀ ଓ ବୈଷୟିକ ଅଧିକାରୀମାନେ ଉପସ୍ଥିତ ଥିଲେ।

କେନ୍ଦ୍ରୀୟ ଜଳ ଆୟୋଗର ମୁଖ୍ୟଯନ୍ତ୍ରୀ ନାଗାମୋହନଙ୍କ ଅନୁଯାୟୀ, ବନ୍ୟା ନିୟନ୍ତ୍ରଣ ସକାଶେ ମହାନଦୀ ବେସିନକୁ ତିନୋଟି ବୃହତ୍ ଭାଗରେ ବିଭକ୍ତ କରାଯାଇଛି। ଏଥିମଧ୍ୟରୁ ସିଷ୍ଟମ୍-୨ରେ ହୀରାକୁଦ ଡ୍ୟାମ ଅଞ୍ଚଳ ରହିଛି। ଆସନ୍ତା ମାସ ସିଷ୍ଟମ-୧ର ଛତିଶଗଡ଼ର ରାୟପୁରରେ ହେବ। ଆଜି ସିଷ୍ଟମ୍-୨ ସକାଶେ ଉଭୟ ରାଜ୍ୟ ସରକାରଙ୍କ ପ୍ରତିନିଧି ଡାକି ତଥ୍ୟ ଆଦାନପ୍ରଦାନ ଏବଂ ବନ୍ୟା ମୁକାବିଲା ନେଇ ଆଲୋଚନା କରାଯାଇଥିଲା ଏବଂ ସହମତି ପ୍ରକାଶ ପାଇଥିଲା ବୋଲି ସେ କହିଛନ୍ତି। ବୈଠକରେ କ୍ୟାଚ୍‌ମେଣ୍ଟ ଏରିଆରେ କେତେବର୍ଷା ହେଉଛି, ସେମାନଙ୍କ ଡ୍ୟାମ୍‌ରେ କେତେ ଜଳ ପ୍ରବେଶ କରୁଛି, କେତେ ଜଳ ଛତିଶଗଡ଼ର ବେଙ୍ଗୋ ଡ୍ୟାମ ତଥା ରବିଶଙ୍କର ସାଗର ଡ୍ୟାମ ଭଳି ଉପରମୁଣ୍ଡର ପ୍ରକଳ୍ପଗୁଡ଼ିକରୁ ଜଳ ନିଷ୍କାସନର ସୂଚନା ଦିଆଯାଇଥିଲା। ଜଳପ୍ରବେଶ ଅନୁସାରେ ହୀରାକୁଦ ଡ୍ୟାମ କେତେ ଜଳ ନିଷ୍କାସନ କରିବ। ବର୍ଷା ପରିମାଣ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ରୁ ଜଣା ପଡ଼ିଥାଏ, ସେଥିରୁ କେତେ ପାଣି ଆସିବ ତଦନୁଯାୟୀ ଜଳ ନିଷ୍କାସନର ଆକଳନ କରାଯାଇଥାଏ। ବନ୍ୟାଜଳ ପରିଚାଳନା ପାଇଁ ଛତିଶଗଡ଼, ଓଡ଼ିଶା ଓ ସିଡବ୍ଲ୍ୟୁସିର ସନ୍ତୁଳିତ ତଥ୍ୟ ଆଦାନପ୍ରଦାନ ଦ୍ୱାରା ସଠିକ୍ ଭାବେ ହୋଇପାରିବ ବୋଲି ଶ୍ରୀ ନାଗାମୋହନ ଆଶାପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଛତିଶଗଡ଼ ପକ୍ଷରୁ ବିଭିନ୍ନ ଡ୍ୟାମ୍ ଗୁଡ଼ିକର ଜଳସ୍ତର ଓ ଜଳ ନିଷ୍କାସନ ତଥ୍ୟ ହୀରାକୁଦ ମୁଖ୍ୟଯନ୍ତ୍ରୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଆଜି ବୈଠକ ପରେ ଅଣମୌସୁମୀ ସମୟରେ ଉପରମୁଣ୍ଡରେ ବ୍ୟାରେଜ୍ ଗୁଡ଼ିକର ଗେଟ୍ ବନ୍ଦ କରି ଓଡ଼ିଶାକୁ ଜଳ ପ୍ରବାହ ହ୍ରାସ କରାଯାଉଥିବା ନେଇ ଗଣମାଧ୍ୟମର ପ୍ରଶ୍ନର ଉତ୍ତର ଛତିଶଗଡ଼ ଜଳସମ୍ପଦ ବିଭାଗ ଅଧିକାରୀମାନେ ନଦେଇ ଏଡ଼ାଇ ଯାଇଥିଲେ। ଏହାସହ ବନ୍ୟା ପରିଚାଳନା କ୍ଷେତ୍ରରେ ଛତିଶଗଡ଼ ଓଡ଼ିଶାକୁ ସଠିକ୍ ସହଯୋଗ କରୁନଥିବା ନେଇ ଅଭିଯୋଗକୁ ଅଧିକାରୀମାନେ ଅସ୍ୱୀକାର କରିଥିଲେ।

## ହୀରାକୁଦ ମୁଖ୍ୟବନ୍ଧ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ 'ନୋ-ଫ୍ଲାଇଂ ଜୋନ୍' ଘୋଷଣା

ଗୁରୁବାର ପୂର୍ବାହ୍ଣ ପ୍ରାୟ ୧୧ଟା ସମୟରେ ହୀରାକୁଦ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ। ସମ୍ବଲପୁର ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶ ଅନୁଯାୟୀ, ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟା ଜଳ ଛାଡିବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ହୀରାକୁଦ ମୁଖ୍ୟବନ୍ଧ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକୁ ନୋ-ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଛି। ତେଣୁ, ଜିଲ୍ଲାପାଳଙ୍କ ପୂର୍ବ ଅନୁମୋଦନ ବିନା ଅଧିସୂଚିତ ଅଞ୍ଚଳରେ ଡ୍ରୋନ୍, ମାଇକ୍ରୋଲାଇଟ୍ ବିମାନ ଏବଂ ଅନ୍ୟାନ୍ୟ ସମସ୍ତ ମାନବହୀନ କିମ୍ବା ମାନବଚାଳିତ ବାୟୁ ଉପକରଣର ପରିଚାଳନା କଡ଼ାକଡ଼ି ଭାବରେ ନିଷେଧ। ସମସ୍ତ ଗଣମାଧ୍ୟମ ପ୍ରତିନିଧି ଏବଂ ସାଧାରଣ ଜନତାଙ୍କୁ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବା ଏବଂ ସୁରକ୍ଷା ସୁନିଶ୍ଚିତ କରିବାରେ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଗଞ୍ଜେଇ ଚାଲାଣ, ନିରୀହ ବ୍ୟକ୍ତିଙ୍କୁ ଗିରଫ ଅଭିଯୋଗ

**ରେଢ଼ାଖୋଲ, ୮।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳରେ ମହାରାଷ୍ଟ୍ର ପୁଲିସ ସହିତ ରେଢ଼ାଖୋଲ ପୋଲିସ ମିଳିତ ଭାବରେ ଗଞ୍ଜେଇ ଚୋରାଚାଲାଣ ମାମଲାରେ ଜଣାଶୁଣା ୟୁଟ୍ୟୁବରକୁ ରାତିରୁ ଘରୁ ଆଣି ଅଟକ ରଖିଥିବା ସହିତ ମହାରାଷ୍ଟ୍ର ପୁଲିସ ପଚରାଉଚରା ଜାରି କରିଥିଲା। ହେଲେ ପରେ ତାକୁ ଛାଡ଼ି ଦେଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଧରିଥିଲା।

ସୂଚନା ଯୋଗ୍ୟ ଯେ କିଛିଦିନ ପୂର୍ବରୁ ମହାରାଷ୍ଟ୍ରରେ ୧୦୫ କେଜି ଗଞ୍ଜେଇ ସହିତ ଟ୍ରକ୍ ଗାଡି ଜବତ କରିବା ସହ ଚାଳକଙ୍କୁ ଗିରଫ କରାଯାଇଥିଲା। ଏଥିରେ ମୁଖ୍ୟ ଅଭିଯୁକ୍ତ ଟ୍ରକ୍ ଚାଳକ ରେଢ଼ାଖୋଲର ଅଶ୍ୱିନ ସାହୁ ଗଞ୍ଜେଇ ମାଫିଆଙ୍କ ବ୍ୟବହାର କରିଥିବା ମୋବାଇଲ ନମ୍ବର ପୁଲିସକୁ ଦେଇଥିବା ଜଣାପଡ଼ିଛି। ତେବେ ସିମ୍ ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ମହାରାଷ୍ଟ୍ର ପୁଲିସ ରେଢ଼ାଖୋଲ ଆସି ତାଙ୍କ ପାଖରେ ପହଞ୍ଚିଥିଲା। ତଦନ୍ତ ବାହାନାରେ ମହାରାଷ୍ଟ୍ର, ନାଗପୁର, ବାରୋଦା ଥାନାକୁ ରେଢ଼ାଖୋଲ ସିମ୍ ଦୋକାନୀକୁ ପ୍ରଥମେ ନେଇଯାଇ ଗିରଫ କରି କୋର୍ଟ ଚାଲଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଅଶ୍ୱିନୀ ସାହୁ (ବାପି)ଙ୍କୁ ଧରିବା ପାଇଁ ରେଢ଼ାଖୋଲ ଥାନା ଅଞ୍ଚଳରେ ମହାରାଷ୍ଟ୍ର ପୁଲିସ ଦୀର୍ଘଦିନ ଡେରା ପକାଇ ମଙ୍ଗଳବାର ସକାଳୁ ଗିରଫ କରି ରେଢ଼ାଖୋଲ ଥାନାରେ ଅଟକ ରଖି ପଚାର ଉଚୁରା କରୁଥିଲା। ଅଶ୍ୱିନୀ ଗାଡ଼ି ଚାଳକ ହୋଇଥିବା ବେଳେ ସ୍ୱାମୀ-ସ୍ତ୍ରୀ ସୋସିଆଲ ମିଡ଼ିଆ ରିଲ୍ସ କରି ବିଭିନ୍ନ ସୋସିଆଲ ମିଡିଆରୁ ଅର୍ଥ ଉପାର୍ଜନ କରି ଆସୁଥିବାରୁ ଅଞ୍ଚଳବାସୀ ଓ ପୁଲିସକୁ ଚକମା ଦେଇ ଆସୁଥିଲା ଅଶ୍ୱିନୀ ସାହୁ। ହେଲେ ରାତିରେ ପୁଲିସ ଉଠାଇ ଆଣି ରେଢ଼ାଖୋଲ ଥାନାରେ ଦୀର୍ଘ ସମୟ ପଚରାଉଚରା କରି ପରେ ଛାଡ଼ିଦେବା ଘଟଣାକୁ ନେଇ ବିବାଦ ଦେଖାଯାଇଥିଲା। ଏଥିରେ ମହାରାଷ୍ଟ୍ର ପୁଲିସ ଭିତିରି ମୋଟା ଅଙ୍କର ଟଙ୍କା ଡ଼ିଲ ହୋଇଥିବା ଅନୁମାନ କରାଯାଉଛି। ଏନେଇ ମହାରାଷ୍ଟ୍ର ପୁଲିସକୁ ପଚାରିବାରୁ କୌଣସି ପ୍ରଶ୍ନର ଉତ୍ତର ନ ଦେବାରୁ ଶେଷରେ ରେଢ଼ାଖୋଲ ଥାନା ଅଧିକାରୀ ସନୟ କୁମାର ନାଏକଙ୍କୁ ପଚାରିବାରୁ ଫେରାର ରହିଥିବା ମୁଖ୍ୟ ଅଭିଯୁକ୍ତ ଅଶ୍ୱିନୀ ସାହୁଙ୍କୁ ହାଇକୋର୍ଟ ଜାମିନ ମଞ୍ଜୁର କରିଥିବା ଯୋଗୁଁ ତାକୁ ଛାଡ଼ି ଦିଆଯାଇଛି ବୋଲି ପ୍ରତିକ୍ରିୟା ଦେଇଥିଲେ। ସେପଟେ ଅଟକ ଥିବା ୟୁଟ୍ୟୁବର ପ୍ରତିକ୍ରିୟାରେ କହିଛନ୍ତି ମୋ ନାମରେ କୌଣସି ମାମଲା ନାହିଁ। ଗାଡ଼ି ଦୁର୍ଘଟଣା ପାଇଁ ଅଟକ ରଖି ପଚରାଉଚରା ପରେ ଛାଡିଦେଲେ ବୋଲି କହିଥିଲେ। କିନ୍ତୁ ଏଥିରେ ମୋବାଇଲ ଦୋକାନୀ ପତ୍ନୀ ନିରୂପମା ମେହେର ଅଭିଯୋଗ ଆଣିଛନ୍ତି ଯେ ତାଙ୍କ ସ୍ୱାମୀ ଅରୁଣ ମେହେରଙ୍କୁ ତଦନ୍ତ ନାମରେ ମହାରାଷ୍ଟ୍ର ନେଇ ଗଞ୍ଜେଇ କେସରେ ଫସାଇ ଦିଆଯାଇଛି। ତାଙ୍କ ସ୍ୱାମୀଙ୍କୁ ଅଶ୍ୱିନୀ ସାହୁ ଫସାଇ ଓ ନିଜେ ନିର୍ଦ୍ଦୋଷ ବୋଲି ଚେଷ୍ଟା କରୁଛନ୍ତି ବୋଲି ନିରୁପମା କହିବା ସହ ମୋ ସ୍ୱାମୀ ମୋବାଇଲ ସିମ୍ ବିକ୍ରି କେସ୍ ମାମଲା ବଦଳରେ ମିଛ ଗଞ୍ଜେଇ କେସ୍ ଲଗାଇଛନ୍ତି। ଏଥିରେ ଅଧିକ ଠିକ୍ ଭାବରେ ତଦନ୍ତ କରି ସତ୍ୟ ସାମ୍ନାକୁ ଆଣିବା ପାଇଁ ପ୍ରଶାସନ ଅଧିକାରୀଙ୍କୁ ଗୁହାରୀ କରିଛନ୍ତି।

# ଆଞ୍ଚଳିକ ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀ




**ସମ୍ବଲପୁର, ୮।୭ (ସମିସ) :** ଓଡ଼ିଶା ସରକାରଙ୍କ ମହିଳା ସଶକ୍ତୀକରଣ ଏବଂ 'ମିଶନ ଶକ୍ତି' କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟରେ ବୁଧବାର ଆଇଆଇଏମ୍ ସମ୍ବଲପୁରର ପ୍ରେକ୍ଷାଳୟରେ ଆଞ୍ଚଳିକ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ, ଓଡ଼ିଶା ସରକାରଙ୍କର ସବୁଠାରୁ ସଫଳ ଯୋଜନା 'ସୁଭଦ୍ରା' ମାଧ୍ୟମରେ ରାଜ୍ୟର ୧ କୋଟିରୁ ଅଧିକ ଏବଂ କେବଳ ସମ୍ବଲପୁର ଜିଲ୍ଲାର ପ୍ରାୟ ୩ ଲକ୍ଷ ମହିଳା ଉପକୃତ ହେଉଛନ୍ତି। ମହିଳାମାନେ ସଶକ୍ତ ଓ ସ୍ୱାବଲମ୍ବୀ ହେଲେ ହିଁ ସମଗ୍ର ପରିବାର ଓ ସମାଜର ପ୍ରଗତି ସମ୍ଭବ। ସରକାର ମହିଳାମାନଙ୍କ ବ୍ୟବସାୟିକ ଅଭିବୃଦ୍ଧି ପାଇଁ ବିଭିନ୍ନ ସହାୟତା ଯୋଗାଇ ଦେଉଛନ୍ତି, ଯେଉଁଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ ଏବଂ ସ୍ମାର୍ଟ ଆଇଡିଆ ଲଞ୍ଚ୍ କରି ବ୍ୟବସାୟ ପ୍ରତିଷ୍ଠା କରିବା ଅନ୍ତର୍ଭୁକ୍ତ। ଉପମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ନିଜ ସ୍ୱୟଂ ସହାୟକ ଗୋଷ୍ଠୀର ସୀମା ବାହାରକୁ ଆସି ବଜାର ଚାହିଦା ଅନୁଯାୟୀ ଉତ୍ପାଦନ କରିବାକୁ ଏବଂ 'ସୁଭଦ୍ରା ଶକ୍ତି' ବ୍ରାଣ୍ଡକୁ ସମଗ୍ର ଓଡ଼ିଶା ତଥା ଦେଶରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ବ୍ଲକସ୍ତରୀୟ ବିଏଲ୍‌ବିସି ବୈଠକଗୁଡ଼ିକରେ ମହିଳା ପ୍ରତିନିଧିମାନଙ୍କୁ ସଦସ୍ୟ ଭାବେ ସାମିଲ କରାଯିବା ନେଇ ସେ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମରେ ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲ, ସମ୍ବଲପୁର ସାଂସଦଙ୍କ ଲୋକପ୍ରତିନିଧି ନାଉରୀ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ମଞ୍ଚାସୀନ ଥିଲେ। ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

# ଉପମୁଖ୍ୟମନ୍ତ୍ରୀ ଭକୁଆ କରୁଛନ୍ତି: କଂଗ୍ରେସ

**ସମ୍ବଲପୁର, ୮।୭ (ସମିସ) :** ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମିଛ ଭାଷଣ ବା ମିଛ ତଥ୍ୟରେ ସମ୍ବଲପୁରବାସୀଙ୍କୁ ଭକୁଆ କରୁଛନ୍ତି ବୋଲି ସମ୍ବଲପୁର ଜିଲ୍ଲା କଂଗ୍ରେସ ସଭାପତି ଇଂ. ଅମିତ କୁମାର ଗୁରୁ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ଆଇଆଇଏମ୍ ଭଳି ଶିକ୍ଷା କ୍ଷେତ୍ରରେ ରାଜନୈତିକ ସଭା ହେବାକଥା ନୁହଁ। ଦ୍ୱିତୀୟରେ ସୁଭଦ୍ରା ଯୋଜନାର ମା'ମାନଙ୍କ ସୁଭଦ୍ରା ଟଙ୍କା ପ୍ରଦାନକୁ ନେଇ ଯେଉଁ ମିଛ ଗୁଣଗାନ କରୁଛନ୍ତି, ତାହା ହାସ୍ୟାସ୍ପଦ ଅଟେ। ମହିଳାମାନେ ପ୍ରଥମ କିସ୍ତିରେ ୭୬% ଭାଗ ସୁଭଦ୍ରା ଯୋଜନାରେ ଉପକୃତ ହେଲେ ଓ ଆଜିଯାଏ କ୍ଷଣକେ ୭୬ ରୁ ୬୨% ଭାଗ ବୃଦ୍ଧି ହୋଇଗଲେ, ଯାହା ମନ୍ତ୍ରୀ ମିଛ ପ୍ରକାଶ କରୁଛନ୍ତି। ଓଡ଼ିଶାରେ ୬ ଲକ୍ଷ ୧୦ ହଜାର ସେଲ୍‌ଫ ହେଲ୍ପ ଗ୍ରୁପ୍‌କୁ ଆଜିଯାଏଁ ୭୬ ଲକ୍ଷ ୪୦ ହଜାର ଟଙ୍କାରେ ସୁଭଦ୍ରା ଦିଦି ସୃଷ୍ଟି ହୋଇଥିବା କହୁଥିବାବେଳେ, ବଲାଙ୍ଗିର, ସୋନପୁର, ବରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ୫ଟି ଜିଲ୍ଲାରେ ସାମିଲ ଥିବା ମହିଳାଙ୍କ ମଧ୍ୟରୁ ସମ୍ବଲପୁର ଜିଲ୍ଲା ମଧ୍ୟରୁ କେବଳ ସମ୍ବଲପୁର ଜିଲ୍ଲାରେ କେତେ ଜଣ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି, ସେହି ଲକ୍ଷପତି ଦିଦିଙ୍କ ନାଁ ଏବଂ ଠିକଣା ମନ୍ତ୍ରୀ ସ୍ପଷ୍ଟ କରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେମିତି ବି ସୁଭଦ୍ରା ଯୋଜନାରେ ଯୋଗ୍ୟ ସୁଭଦ୍ରା ମା'ମାନେ, ସୁଭଦ୍ରା ଟଙ୍କା ପାଇପାରି ନାହାନ୍ତି, ଅନେକଙ୍କ ନାଁ ସୁଭଦ୍ରା ଯୋଜନାରୁ କଟିସାରିଛି, ଅନେକ ମା'ମାନେ ସୁଭଦ୍ରା ଯୋଜନାରୁ ବଞ୍ଚିତ ରହିଛନ୍ତି। ଏସବୁ ରାଜନୈତିକ ଭାଷଣ। ୫୦ ହଜାର ଟଙ୍କା ସହାୟତାରେ ଜଣେ ବ୍ୟବସାୟ କରିବା ସ୍ୱପ୍ନର ବାହାରେ, ସୁଭଦ୍ରା ଯୋଜନାର ୫ ହଜାର ଟଙ୍କାରେ ଲକ୍ଷପତି ଦିଦି ଆଶ୍ଚର୍ଯ୍ୟ କଥା ବୋଲି କଂଗ୍ରେସ ଜିଲ୍ଲା ସଭାପତି ଇଂ. ଗୁରୁ କହିଛନ୍ତି।

# ମୃତ ବାପାଙ୍କ ମୁଖାଗ୍ନି ଦେଲେ ଝିଅ

**ସମ୍ବଲପୁର, ୮।୭ (ସମିସ) :** ସ୍ଥାନୀୟ ରାଜଘାଟରେ ସଡ଼କ ଦୁର୍ଘଟଣାରେ ମୃତ ହୀରାକୁଦର କ୍ରିଷ୍ଣା ପ୍ରସାଦଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ଝିଅ ତ୍ରିଶା ରାଜଘାଟକୁ ଯାଇ ବାପାଙ୍କ ଅନ୍ତିମ ସଂସ୍କାର କରିବା ସହିତ ମୁଖାଗ୍ନି ଦେଇଥିଲେ। ଗତକାଲି ସମ୍ବଲପୁରର ହୀରାକୁଦ ଶକ୍ତିନଗର ଛକରେ ଏକ ବାଇକ୍ ଓ ସ୍କୁଟି ମଧ୍ୟରେ ଧକ୍କା ହୋଇଥିଲା। ଏହି ସଡ଼କ ଦୁର୍ଘଟଣାରେ କ୍ରିଷ୍ଣା ପ୍ରସାଦଙ୍କ ମୃତ୍ୟୁ ହୋଇଥିଲା। ତାଙ୍କର କେହି ପୁଅ ନ ଥିବାବେଳେ ଏକମାତ୍ର ଝିଅ ତ୍ରିଶା ପ୍ରସାଦ। କ୍ରିଷ୍ଣା ପ୍ରସାଦଙ୍କ ଅକାଳ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ

**ଜମନକିରା, ୮।୭(ସମିସ):** ବି.ଆର.ଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭୋଜପୁରର ୟୁଥ୍ ରେଡକ୍ରସ ୟୁନିଟ୍ ଓ ଜମନକିରା ବନ୍ୟପ୍ରାଣୀ ରେଞ୍ଜର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ବନମହୋତ୍ସବ ପାଳନ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଘାସିରାମ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ଜମନକିରା ବନ୍ୟପ୍ରାଣୀ ରେଞ୍ଜର ରେଞ୍ଜର ଲେଖାରାଣୀ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥିଭାବେ ବନପାଳ ହେମନ୍ତ କୁମାର ମିଶ୍ର, ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରତାପ କୁମାର ମହାକୁଳ ଉପସ୍ଥିତ ଥିଲେ। ୟୁଥ୍ ରେଡକ୍ରସ କାଉନସେଲର ତଥା ଇତିହାସ ଅଧ୍ୟାପକ ତପନ କୁମାର ଜୟପୁରିଆ ସମଗ୍ର କାର୍ଯ୍ୟକ୍ରମକୁ ସୁନ୍ଦର ଭାବେ ସଂଯୋଜନା ଓ ପରିଚାଳନା କରିଥିଲେ। ଦେବେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ରେଢ଼ାଖୋଲ:** ରେଢ଼ାଖୋଲ ବନଖଣ୍ଡସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ରେଢ଼ାଖୋଲ ରେଞ୍ଜର ମୈତ୍ରି ମଞ୍ଜିତ ବିଶ୍ୱାଙ୍କ ସଭାପତିତ୍ୱରେ ଅତିଥି ଭାବରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀ ରଞ୍ଜନ ମହନ୍ତ, ଡ଼ିଏଫଓ ଡ. ଏଲଭର୍ଶନ କେ, ଭାରପ୍ରାପ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ଥାନା ଅଧିକାରୀ ସନୟ କୁମାର ନାଏକ, ଭୀମଭୋଇ କଲେଜ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପାଢ଼ୀ, ଏସିଏଫ୍ ଗଜେନ୍ଦ୍ର ଅନ୍ଦାଜ୍ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏସିଏଏଫ୍ ମାଳତିଲତା ହାଁସଦା ପରିଚାଳନା କରିଥିଲେ। ଏହି ବନ ମହୋତ୍ସବରେ ଦଳଖମଣ ଠାରେ ୪ ଏକର ଜାଗାରେ ୫ ହଜାର ଚାରା ରୋପଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିଭଳି ରେଢ଼ାଖୋଲ ସହରର ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଦିନ ଅନୁଷ୍ଠାନର ଅଧ୍ୟକ୍ଷା ମମତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବନ ମହୋତ୍ସବରେ ବିଭିନ୍ନ ଚାରାରୋପଣ କରାଯାଇଥିଲା।

**ନାକଟିଦେଉଳ:** ନାକଟିଦେଉଳ ବ୍ଲକ ଅଧୀନ ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୭ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ରମେଶ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଅଶ୍ୱନୀ କୁମାର ବେହେରା, ଅତିରିକ୍ତ ବନ ସଂରକ୍ଷକ ମନରଞ୍ଜନ ପ୍ରଧାନ, ସୁବାସିନୀ ବେହେରା ମଞ୍ଚାସୀନ ଥିଲେ। ବିଜୟ କୁମାର ବିଶ୍ୱାଳ, ବନପାଳ, ନାକଟିଦେଉଳ ବନରକ୍ଷୀ ଭାଗ୍ୟଶ୍ରୀ ବେହେରା ଓ ଅଜିତ କୁମାର ସାହୁ ଉପସ୍ଥିତ ଥିଲେ। ଶରତ କୁମାର ଶତପଥୀ, ପ୍ରଫୁଲ୍ଲ କୁମାର ପ୍ରଧାନ ଏବଂ ଛାତ୍ରୀ ରୁପାଲି ମହାପାତ୍ର, ପ୍ରଜ୍ଞା ପରିମିତା ବେହେରା, ଲିପ୍ସା ସାହୁ, ସ୍ମିତାସ୍ନିଗଧା ରଥ ଓ ଛାତ୍ର ବଳରାମ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ସିସି ୫ମ ବାଟାଲିୟନର ନୂତନ ପ୍ରଶିକ୍ଷଣ ଗୃହ ଉଦ୍‌ଘାଟିତ



**ସମ୍ବଲପୁର, ୮।୭ (ସମିସ) :** ଓଡ଼ିଶା ଏନ୍‌ସିସି ୫ମ ବାଟାଲିୟନ, ସମ୍ବଲପୁରର ନୂତନ ପ୍ରଶିକ୍ଷଣ ଗୃହ ଆଜି ଉଦ୍‌ଘାଟିତ ହୋଇଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଏନ୍‌ସିସି ମୁଖ୍ୟାଳୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଯୋଗ ଦେଇଥିଲେ। ପ୍ରଫେସର ତ୍ରିପାଠୀ କହିଲେ ଯେ, ଏହି ନୂତନ ପ୍ରଶିକ୍ଷଣ ଗୃହଟି ଏନ୍‌ସିସି କ୍ୟାଡେଟ୍ ମାନଙ୍କ ମଧ୍ୟରେ ଜାତୀୟତା ଭାବ ସୃଷ୍ଟି କରିବ। ଆଗକୁ କ୍ୟାଡେଟ୍‌ଙ୍କ ପାଇ ଏହା ଶିକ୍ଷାଗତ ଏବଂ ରଣନୀତିକ ଶ୍ରେଷ୍ଠତାର କେନ୍ଦ୍ରବିନ୍ଦୁ ହେବ। ଏହି ଅବସରରେ କୁଳପତି ଯୁବ କ୍ୟାଡେଟ୍ ମାନଙ୍କ ସହ ଆଲୋଚନା କରି ଦେଶନିର୍ମାଣ ଏବଂ ଦେଶସେବାରେ ନିଜକୁ ଉତ୍ସର୍ଗୀକୃତ କରିବାକୁ ଆହ୍ୱାନ ଦେଇଥିଲେ। ଓଡ଼ିଶା ୫ମ ବାଟାଲିୟନ ଏନସିସି କମାଣ୍ଡିଂ ଅଫିସର କର୍ଣ୍ଣେଲ ପ୍ରସୂନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ସିସି ଅଧିକାରୀ, ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ତଥା ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଏନ୍‌ସିସି କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜାତୀୟସ୍ତରର ବିଭିନ୍ନ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ୧୦ଜଣ କ୍ୟାଡେଟଙ୍କୁ ପୁରସ୍କୃତ କରାଯାଇଥିଲା। କମାଣ୍ଡିଂ ଅଫିସର କର୍ଣ୍ଣେଲ ପ୍ରସୂନ ପଣ୍ଡା ମୁଖ୍ୟଅତିଥିଙ୍କ ଉପସ୍ଥିତି ଏବଂ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିବା ସହ ଏହି ନୂତନ ସୁବିଧା ଦ୍ୱାରା ପ୍ରତିକୂଳ ପାଗରେ ମଧ୍ୟ ଇନ୍‌ଡୋର ପ୍ରଶିକ୍ଷଣ ଏବଂ ସ୍ୱତନ୍ତ୍ର କର୍ମଶାଳା ଗୁଡ଼ିକ ଦକ୍ଷତାର ସହ ପରିଚାଳନା କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ।

# ଫଂଟାବାହାଲ ଶିଶୁ ମନ୍ଦିରରେ ବନମହୋତ୍ସବ

**ସମ୍ବଲପୁର, ୮।୭ (ସମିସ) :** ସମ୍ବଲପୁର ଜିଲ୍ଲା ପଢ଼ିଆବାହାଲ ଅଧୀନ ଫଂଟାବାହାଲ ସରସ୍ୱତୀ ଶିଶୁ ମନ୍ଦିରରେ ବନମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନରେଶ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପରିବେଶପ୍ରେମୀ ରାଧେଶ୍ୟାମ ପଣ୍ଡା ଓ ଟିକେଶ୍ୱର ପ୍ରଧାନଙ୍କ ସହିତ ଗୁରୁଜୀ ଦିଲୀପ କର୍ଣ୍ଣ, ଭଗବାନ ଦୀପ, ସୁବ୍ରତ ଶତପଥୀ, ଓମପ୍ରକାଶ କୁମରା, ଯୋଗେଶ୍ୱର କର୍ମୀ, ମଧୁସୂଦନ ମାଝୀ, ବାପୁନ ପ୍ରଧାନ ତଥା ଛାତ୍ରମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରମାନେ ବୃକ୍ଷଚାରା ଏବଂ ପ୍ଲାକାର୍ଡ ଧରି ଅଞ୍ଚଳ ପରିକ୍ରମା କରିବାସହ ସଚେତନତା ସୃଷ୍ଟି କରିଥିଲେ। ଏହାପରେ ସମ୍ବଲପୁର ବନବିଭାଗ ତରଫରୁ ଅଣାଯାଇଥିବା ଚାରାଗୁଡ଼ିକ ରାସ୍ତାକଡ଼ରେ ରୋପଣ କରିଥିଲେ। ଚାରାଗୁଡ଼ିକର ଯତ୍ନ ନେବାକୁ ଛାତ୍ରମାନେ ସଂକଳ୍ପ କରିଥିଲେ।




# ଏନ୍ ଗୁହା ଲେନ୍ ମୁଖ୍ୟରାସ୍ତା ନାଳ ଉପରେ ନିର୍ମାଣ ଉଚ୍ଛେଦ

ସମ୍ବଲପୁର, ୮।୭ (ସମିସ)

ଗତ ଦୁଇଦିନ ଧରି ଲଗାଣ ବର୍ଷାରେ ବେହାଲ ହୋଇ ପଡ଼ିଛି ସମ୍ବଲପୁର। ସହରର ବିଭିନ୍ନ ଗଳି ରାସ୍ତା ଗୁଡ଼ିକରେ ନାଳ ଉପରେ ଦୋକାନ କିମ୍ବା ଘରର ସ୍ଲାବ୍ ପକାଇବା ସହ ନାଳ ଅବରୋଧ ଯୋଗୁଁ ବର୍ଷା ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ସମଗ୍ର ସମ୍ବଲପୁର ବୁଡ଼ିବା ସହ ଘର ମାନଙ୍କରେ ପାଣି ପଶି ଆସବାବ ପତ୍ର ନଷ୍ଟ ହେଉଛି। ଏନେଇ ଆକ୍ସନ ମୋଡ୍‌କୁ ଆସିଛି ମହାନଗର ନିଗମ। ସମ୍ବଲପୁର ସହରର କେନ୍ଦ୍ରସ୍ଥଳୀରେ ଥିବା ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ର ଲେନ୍ (ଏ.ଏନ୍. ଗୁହା ଲେନ୍)ରେ ରାସ୍ତା ଉପରକୁ ନିର୍ମାଣ ମାଡ଼ି ଆସିବା ସହ ନାଳ ଉପରେ ଅବୈଧ ନିର୍ମାଣ କରାଯାଇଛି। ଫଳରେ ଅଣବର୍ଷା ଋତୁରେ ମଧ୍ୟ ରାସ୍ତା ଉପରେ ନାଳ ପାଣି ବହୁଛି। ଗତ ବର୍ଷାରେ ନାଳ ଗୁଡ଼ିକର ଅବରୋଧ ଯୋଗୁଁ ନାଳ ପାଣି ବହି ନ ପାରି ଘର ମାନଙ୍କରେ ପଶିଥିଲା। ଏହି ନାଳଟି ଟାଙ୍ଗନା ନାଳା ପର୍ଯ୍ୟନ୍ତ ଯାଇଥିବାବେଳେ ବହୁସ୍ଥାନରେ ନାଳ ଉପରେ ଜଳଖିଆ ଓ ଅନ୍ୟ ଦୋକାନ ରହିଛି। ଏ.ଏନ୍ ଗୁହା ଲେନ୍ ପ୍ରବେଶ ପଥଠାରୁ ଆରମ୍ଭକରି ରାସ୍ତା ଉପରକୁ ଉଭୟପଟେ ରହିଥିବା ଘର ଗୁଡ଼ିକ ମାଡ଼ି ଆସିଛନ୍ତି। ତାହାସହିତ ନାଳ ଉପରେ ସ୍ଲାବ୍ ପକାଇ ଥିବାରୁ ମହାନଗର ନିଗମ ପକ୍ଷରୁ ନାଳ ସଫେଇ ହୋଇ ପାରୁନାହିଁ। ଗତଦିନରେ ବର୍ଷା ସମୟରେ ମହାନଗର ନିଗମ ଆୟୁକ୍ତ ଏବଂ ଉପାୟୁକ୍ତ ଆସି ସ୍ଥିତି

**୪ ଫୁଟ୍‌ର ଚଉଡ଼ା ନାଳ କରିବ ଏସ୍‌ଏମ୍‌ସି**

**ହଟାଯିବ ନାଳ ଉପର ଦୋକାନ**

**ଭଙ୍ଗାଯିବ ଜବରଦଖଲ ଓ ଅତିକ୍ରମଣ**



ଅନୁଧ୍ୟାନ କରିଥିଲେ। ଅନ୍ୟପକ୍ଷରେ ରାସ୍ତା ଉପରକୁ ଘର ଗୁଡ଼ିକ ଜବରଦଖଲ କରିଥିବାରୁ ନିତିଦିନ ଟ୍ରାଫିକ୍ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଏ.ଏନ୍ ଗୁହା ଲେନ୍‌ର ମୁଖ୍ୟରାସ୍ତା ପ୍ରାରମ୍ଭରୁ ୨୦ ଫୁଟ୍ ଚଉଡ଼ା ଥିବାବେଳେ ଏବେ ଅତିକ୍ରମଣ ଯୋଗୁଁ ଦୁଇଟି ଚାରିଚକିଆ ଯାନ ପାରି ହେବାବେଳକୁ ଟ୍ରାଫିକ୍ ଜାମ୍ ହେଉଛି। ଏହା ସାକ୍ଷୀପଡ଼ା ଅଞ୍ଚଳକୁ ମଧ୍ୟ ସଂଯୋଗ କରୁଛି। ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବୁଧବାର ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସୁଶାନ୍ତ କୁମାର ସାହୁ ଏବଂ ତାଙ୍କ ଟିମ୍ ଏ.ଏନ୍ ଗୁହା ଲେନ୍‌କୁ ଆସି ପ୍ରବେଶ ପଥଠାରୁ ନାଳ ସଫେଇ ଆରମ୍ଭ କରିଥିଲେ। ନାଳ ଗୁଡ଼ିକରେ ବାଲି, ସିମେଣ୍ଟ ଆଦି ସହ ଆବର୍ଜନା ଜମା ହୋଇଥିବା ଦେଖାଯାଇଥିଲା। ନାଳ ଉପରର ସ୍ଲାବ୍ ଗୁଡ଼ିକ ଭଙ୍ଗାଯିବା ସହ କିଭଳି ଭାବେ ବର୍ଷାଜଳ ନିଷ୍କାସନ ହୋଇପାରିବ ସେନେଇ ପଦକ୍ଷେପ ନିଆଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଫାଟକ ଓଭର୍‌ବ୍ରିଜ୍ ଏବଂ ଚର୍ଚ୍ଚ ଛକ ଅଞ୍ଚଳର ସମସ୍ତ ପାଣି ଏହି ନାଳ ଦେଇ ଟାଙ୍ଗନା ନାଳାକୁ ନିଷ୍କାସିତ ହୋଇଥାଏ। ଏ.ଏନ୍ ଗୁହା ଲେନ୍ ପ୍ରବେଶ ପଥରୁ ଶେଷରେ ଥିବା ସେବା ନର୍ସିଂହୋମ୍ ପର୍ଯ୍ୟନ୍ତ ନାଳ ଉପରେ ଥିବା ସମସ୍ତ ଅତିକ୍ରମଣକୁ ଭାଙ୍ଗି ଦିଆଯିବ ବୋଲି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶ୍ରୀ ସାହୁ କହିଛନ୍ତି। ଏହାସହ ରାସ୍ତାର ଗୋଟିଏ ପଟେ ୪ ଫୁଟ୍ ଚଉଡ଼ାର ନାଳ ନିର୍ମାଣ କରାଯାଇ ସେହିପଟକୁ ରାସ୍ତା ସ୍ଲୋପିଂ କରାଯିବ। ନାଳ ଉପରେ କୌଣସି ଦୋକାନ କରିବାକୁ ଦିଆଯିବ ନାହିଁ। ଏହାସହ ବିଦ୍ୟୁତ୍ ବିଭାଗର ଖୁଣ୍ଟ ଗୁଡ଼ିକୁ ରାସ୍ତାକଡ଼କୁ ହଟାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଏ.ଏନ୍ ଗୁହା ଲେନ୍‌ରେ ଉଚ୍ଛେଦ ଜାରି ରହିବ ବୋଲି ଜଣାପଡ଼ିଛି।

ସକାଳ
THE SAKALA



### ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ

# ବିଦ୍ୟାଳୟରୁ ବିଦାହେଲେ ପ୍ରଧାନଶିକ୍ଷକ

**ଭବାନୀପାଟଣା/ମ.ରାମପୁର, ୮ ।୭ (ସମିସ)**

ବର୍ତ୍ତମାନ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ନୀତି ଓ ନୈତିକତା ଆଉ ରହୁନାହିଁ । ନିର୍ଦ୍ଦିଷ୍ଟଭାବେ କିଛି ଶିକ୍ଷକ ନିଜ ପଦ ମର୍ଯ୍ୟାଦାକୁ ଭୁଲି ଚାରିତ୍ର୍ୟଗତ ତ୍ରୁଟି କରି ଲୋକହସା ହେବା ଦେଖା ଯାଇଛି । ସେମିତି ଏକ ଘଟଣାରେ ଜଣେ ପ୍ରଧାନ ଶିକ୍ଷକଙ୍କ ନାଁରେ ସଙ୍ଗୀନ ଅଭିଯୋଗ ଆସିଛି । କଳାହାଣ୍ଡି ଜିଲ୍ଲା ଏମ. ରାମପୁର ବ୍ଲକର ମଦନପୁର ଏସ୍ଏସ୍ଡି ବିଦ୍ୟାଳୟର ପ୍ରଧାନଶିକ୍ଷକ ଶାନ୍ତନୁ ମେହେରଙ୍କ ବିରୋଧରେ ଆସିଥିବା ଅଭିଯୋଗ ଅନୁସାରେ ବିଦ୍ୟାଳୟର ମେଟ୍ରନ୍ ଓ ଦୁଇ ରୋଷେୟାଙ୍କୁ ଜାତିଆଣ ଆକ୍ଷେପ, ବିଦ୍ୟାଳୟର ଛାତ୍ରୀ ଛାତ୍ରଙ୍କ ସମ୍ମୁଖରେ ଅଶ୍ଳୀଳ ଇଙ୍ଗିତ ଏବଂ ଅଶାଳୀନ ମନ୍ତବ୍ୟ ଦେବା ସହ ଧମକ ଦେଇ ଆସୁଥିଲେ । ଏନେଇ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ୩ ମହିଳା କର୍ମଚାରୀ । ଏହାପରେ ପ୍ରଧାନଶିକ୍ଷକଙ୍କୁ ଆଜି ଉକ୍ତ ବିଦ୍ୟାଳୟରୁ ହେଡକ୍ୱାର୍ଟର୍କୁ ବଦଳି କରାଯାଇ ରିଲିଭ୍ କରି ଦିଆଯାଇଛି । ଜିଲ୍ଲାପାଳଙ୍କ ରିପୋର୍ଟ ଉପରେ ନିଶ୍ଚିତଭାବେ କାର୍ଯ୍ୟାନୁଷ୍ଠାନ ହେବ । ଏବେ ସେହି ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ସମ୍ଭାଳିବାକୁ ଆଦେଶ ଦିଆଯାଇଛି । ଏତିକି ନୁହେଁ ଶ୍ରୀ ମେହେର ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ପାଇଁ ଆସୁଥିବା ଅନୁଦାନକୁ ମଧ୍ୟ ବାଟମାରଣା କରୁଥିବା ଅଭିଯୋଗ ରହିଛି । ହେଲେ ବିଭାଗୀୟ ଉଚ୍ଚ ପଦସ୍ଥ ଦୀର୍ଘଦିନ ହେବା ଏପରି ଘଟଣା ଘଟୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଦେଖିବାକୁ ମିଳୁଥିଲା । ଜାତିଆଣ ଆକ୍ଷେପ, ଅଶାଳୀନ ବ୍ୟବହାର, ମାନସିକ ନିର୍ଯାତନା ଓ ମୋ କହିବା କଥାରେ ରାଜି ନହେଲେ ଦରମା ବନ୍ଦ ଠାରୁ ଚାକିରିରୁ ବାହାର କରିଦେବାକୁ ଧମକ ଦେବା ଭଳି ଅଭିଯୋଗ କରାଯାଇଛି । ଏହାସହ ଉପସ୍ଥାନ ଖାତାରେ ଅନିୟମିତତା ଏବଂ ହଇରାଣ ହରକତ କରାଯାଉଥିବା ମଧ୍ୟ ଅଭିଯୋଗରେ ଉଲ୍ଲେଖ ହୋଇଛି । ଶ୍ରୀ ମେହେର ବିଦ୍ୟାଳୟର ମହିଳା କର୍ମଚାରୀମାନଙ୍କୁ ବାରମ୍ବାର ଏଭଳି ବ୍ୟବହାର କରିଆସୁଥିଲେ । ମହିଳା କର୍ମଚାରୀମାନେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ସୁଧୁରି

**'ମୋ ଇଙ୍ଗିତରେ ରାଜି ନହେଲେ ଦରମା ବନ୍ଦ'ର ଧମକ ଦେଉଥିଲେ**

ଯାଆନ୍ତୁ ସାର୍ ବୋଲି ବାରମ୍ବାର କହି ବିଫଳ ହୋଇଥିଲେ । ପ୍ରଧାନ ଶିକ୍ଷକ ନିଜ ଚାରିତ୍ରିକ ଦୋଷ ପ୍ରତି ଆଦୌ ବିଚଳିତ ନହୋଇ ମହିଳା କର୍ମଚାରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିବାରେ କ୍ଷାନ୍ତ ହେଉନଥିଲେ । ତେଣୁ ବାଧ ହୋଇ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଭାରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବିଦ୍ୟାଳୟ କୁ ତଦନ୍ତ ପାଇଁ ଆସିଥିବା ବେଳେ ପ୍ରଧାନ ଶିକ୍ଷକ ଶ୍ରୀ ମେହେର ବିଦ୍ୟାଳୟ ରେ ଉପସ୍ଥିତଥିଲେ ମଧ୍ୟ କୌଣସି ପ୍ରଶ୍ନର ଠିକ୍ ଉତ୍ତର ଦେଇନଥିଲେ । ଅନ୍ୟ ମହିଳା କର୍ମଚାରୀମାନେ ନିଜନିଜର ସମସ୍ୟା ବଖାଣିଥିଲେ । ତେବେ ଗତ ୬ତାରିଖ ଦିନ ଭାରାପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ତଦନ୍ତ କରି କହିଛନ୍ତି ଯେ ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ଦିଆଯିବ । ଆଜି ତାଙ୍କୁ ଉକ୍ତ ବିଦ୍ୟାଳୟରୁ ହେଡକ୍ୱାର୍ଟର୍କୁ ବଦଳି କରାଯାଇ ରିଲିଭ୍ କରି ଦିଆଯାଇଛି । ଜିଲ୍ଲାପାଳଙ୍କ ରିପୋର୍ଟ ଉପରେ ନିଶ୍ଚିତଭାବେ କାର୍ଯ୍ୟାନୁଷ୍ଠାନ ହେବ । ଏବେ ସେହି ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ସମ୍ଭାଳିବାକୁ ଆଦେଶ ଦିଆଯାଇଛି । ପ୍ରଧାନ ଶିକ୍ଷକ ଶ୍ରୀ ମେହେରଙ୍କ ଦୌରାତ୍ମ୍ୟ ଉପରେ ଅଙ୍କୁଶ ନଲାଗିଲେ ବିଦ୍ୟାଳୟର କୋମଳମତି ଛାତ୍ର ଛାତ୍ରୀ ଓ ମହିଳା କର୍ମଚାରୀ ବିଦ୍ୟାଳୟ ପରିସର ମଧ୍ୟରେ ରହି ଚଳିବା ମୁସ୍କିଲ ହୋଇପଡ଼ିବ ।

# ପାଇପ୍ ତଳେ ଚାପିହୋଇ ଶ୍ରମିକ ଗୁରୁତର

### ଖବର ସଂଗ୍ରହବେଳେ ସାମ୍ବାଦିକଙ୍କୁ ନାଲିଆଖି

**କୋକସରା, ୮ ।୭ (ସମିସ):** କୋକସରା ବ୍ଲକ କୁସୁମଖୁଣ୍ଟିସ୍ଥିତ ମେଗା ପାନୀୟ ଜଳ ପ୍ରକଳ୍ପର ଠିକା କ୍ୟାମ୍ପରେ ଏକ ଅଘଟଣ ଘଟିଯାଇଛି । ପାଇପ୍ କାଢୁଥିବା ସମୟରେ ଜଣେ ଅଣଓଡ଼ିଆ ଶ୍ରମିକ ଦୀର୍ଘ ସମୟ ଧରି ପାଇପ୍ ତଳେ ଚାପି ହୋଇ ରହି ଗୁରୁତର ହୋଇଛନ୍ତି ।



ତାଙ୍କୁ କୋକଡସରା ଅଗ୍ନିଶମ ବିଭାଗ କର୍ମଚାରୀମାନେ ସଂଘର୍ଷ କରି ସୁରକ୍ଷିତ ଭାବେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି । ଗୁରୁତର ଶ୍ରମିକ ଜଣକ ରାଜସ୍ଥାନ ଭରତପୁର ଅଞ୍ଚଳର ନଦିନ ଖାଁ ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, ମଙ୍ଗଳବାର ନଦିନ ଖାଁ ଠିକା କ୍ୟାମ୍ପରେ ଥିବା ବିଶାଳ ପାଇପ୍ ଗୁଡ଼ିକୁ କାଢୁଥିଲେ । ଏହି ସମୟରେ ହଠାତ ଅଣ୍ଟା ତଳକୁ ବଡ଼ ପାଇପ୍ ଗୁଡ଼ିକ ଚାପି ହୋଇଯାଇଥିଲା । ଶ୍ରମିକ ଜଣକ ଯନ୍ତ୍ରଣାରେ ଚିତ୍କାର କରିବାପରେ ଠିକା ସଂସ୍ଥା ପକ୍ଷରୁ ପ୍ରଥମେ ଜେସିବି ଓ କ୍ରେନ୍ ସାହାଯ୍ୟରେ ତାଙ୍କୁ କାଢ଼ିବାକୁ ଚେଷ୍ଟା କରାଯାଇଥିଲା, ମାତ୍ର ତାହା ବିଫଳ ହୋଇଥିଲା । ଖବରପାଇ କୋକସରା ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବହୁ କଷ୍ଟରେ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ । ପରେ ଶ୍ରମିକଙ୍କୁ ଅଗ୍ନିଶମ ଗାଡ଼ି ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମେଗା ପାନୀୟଜଳ ପ୍ରକଳ୍ପରେ ଶ୍ରମିକମାନଙ୍କୁ କୌଣସି ପ୍ରକାରର ସୁରକ୍ଷା ଉପକରଣ ଯୋଗାଇ ଦିଆଯାଉ ନାହିଁ । ବିନାସୁରକ୍ଷାରେ ବିପଜ୍ଜନକ କାମ କରାଯାଉଥିବାରୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଘଟଣାର ଖବର ସଂଗ୍ରହ ପାଇଁ ମେଡିକାଲରେ ପହଞ୍ଚିଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଠିକା ସଂସ୍ଥାର କିଛି ଅଧିକାରୀ ଓ କର୍ମଚାରୀ ନାଲିଆଖି ଦେଖାଇବା ସହ ଯୁକ୍ତିତର୍କ କରିଥିଲେ । ଯାହା ମାମଲାକୁ ଚାପି ଦେବା ଏବଂ ନିଜର ଦୋଷ ଲୁଚାଇବା ପାଇଁ ସଂସ୍ଥା ପକ୍ଷରୁ ଅପଚେଷ୍ଟା କରାଯାଇଥିବା ସ୍ପଷ୍ଟ ଜଣାପଡୁଛି । ଜଣେ ଗରିବ ଶ୍ରମିକଙ୍କ ଜୀବନ ସହ ଖେଳୁଥିବା ଏବଂ ସତ୍ୟକୁ ଲୁଚାଇବାକୁ ଚେଷ୍ଟା କରୁଥିବା ଠିକା ସଂସ୍ଥା ବିରୋଧରେ ପ୍ରଶାସନ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ତାଲୁକ ଆଇନ୍ ସେବା ସମିତି ପକ୍ଷରୁ ଚାରାରୋପଣ




**କୋକସରା, ୮ ।୭ (ସମିସ) :** ବନ ମହୋତ୍ସବ ସପ୍ତାହ ଅବସରରେ କୋକସରା ତାଲୁକ ଆଇନ୍ ସେବା ସମିତି ପକ୍ଷରୁ ମଙ୍ଗଳବାର ଜେଏମ୍ଏଫସି କୋର୍ଟ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ତାଲୁକ ଆଇନ୍ ସେବା ସମିତିର ଅଧ୍ୟକ୍ଷା ଲିପ୍ସା ରାଉତ ଅଧ୍ୟକ୍ଷତା କରିଥିଲେ । ଧର୍ମଗଡ଼ ଏବଂ ଜୁନାଗଡ଼ ଦକ୍ଷିଣ ବନଖଣ୍ଡ ପକ୍ଷରୁ ସହଯୋଗ କରାଯାଇଥିଲା । କାର୍ଯ୍ୟକ୍ରମରେ ସମିତିର ଅଧ୍ୟକ୍ଷାଙ୍କ ସମେତ ବନ ଅଧିକାରୀ, ବନ କର୍ମଚାରୀ, କୋର୍ଟ କର୍ମଚାରୀ ଏବଂ ଆଇନଜୀବୀମାନେ ଉପସ୍ଥିତ ଥିଲେ ।

## କୋର୍ଟ ପରିସରରେ ବନ ମହୋତ୍ସବ ସପ୍ତାହ

**କେସିଙ୍ଗା, ୮ ।୭ (ସମିସ):** ତାଲୁକ ଆଇନ ସେବା ସମିତି ତରଫରୁ ମଙ୍ଗଳବାର ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷା ତଥା ବିଚାରପତି ଦୀପ୍ତା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସୌରରଶ୍ମୀ ନନ୍ଦ, ଗୋଲକ ବିହାରୀ ପ୍ରଧାନ, ଦିନେଶ କୁମାର ଭୋଇ, ହରି ପ୍ରସାଦ ତାଣ୍ଡିଙ୍କ ସମେତ ଅନ୍ୟ ବରିଷ୍ଠ ଆଇନଜୀବୀ ଓ ଅଦାଲତ କର୍ମଚାରୀ ଏବଂ କେସିଙ୍ଗା ବନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।




### ଜିଲ୍ଲାରେ ଖରିଫ ଚାଷର ସାଂଘାତିକ ସ୍ଥିତି

# ଜୁନ୍‌ରେ ଶୁଖାଇଲା; ଜୁଲାଇ ଆରମ୍ଭରୁ ଛେଚିଲା

**ନୂଆପଡ଼ା/ସିନାପାଲି, ୮ ।୭ (ସମିସ):** ନୂଆପଡ଼ା ଜିଲ୍ଲାର ଅର୍ଥନୀତିର ମୂଳଆଧାର ହେଉଛି କୃଷି । ଏଠାର ଅଧିକାଂଶ ପରିବାର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଚାଷଉପରେ ନିର୍ଭରଶୀଳ । ତେଣୁ ମୌସୁମୀ ବର୍ଷାର ସ୍ଥିତି ଉପରେ ଚାଷୀଙ୍କ ଭାଗ୍ୟ ନିର୍ଭର କରିଥାଏ । ଚଳିତବର୍ଷ ପ୍ରକୃତିର ଅସ୍ୱାଭାବିକ ରୂପ ଜିଲ୍ଲାର ଚାଷୀଙ୍କୁ ଗଭୀର ଚିନ୍ତାରେ ପକାଇଛି । ଜୁନ୍ ମାସରେ ବର୍ଷାର ଘୋର ଅଭାବ ଦେଖାଦେଇଥିବା ବେଳେ ଜୁଲାଇ ଆରମ୍ଭରୁ ଲଗାଣ ବର୍ଷା ଚାଷ କାର୍ଯ୍ୟକୁ ପୁଣି ଏକ ନୂଆ ସମସ୍ୟା ସମ୍ମୁଖୀନ କରିଛି । ଫଳରେ ଖରିଫ ଚାଷ ସମୟସୂଚୀ ସମ୍ପୂର୍ଣ୍ଣ ବ୍ୟାହତ ହୋଇପଡ଼ିଛି ଏବଂ ଚାଷୀକୁଳ ଅନିଶ୍ଚିତତା ଭିତରେ ଦିନ କାଟୁଛନ୍ତି । ସାଧାରଣତଃ ଜୁନ୍ ମାସରେ ପ୍ରାକ୍-ମୌସୁମୀ ବର୍ଷା ଆରମ୍ଭ ହେବାପରେ ଚାଷୀମାନେ ହଳଲଙ୍ଗଳ କରି ଜମି ପ୍ରସ୍ତୁତ କରିଥାନ୍ତି । ଶୁଖିଲା ଜମିରେ ଖରଡ଼ି ଧାନ ବୁଣାଯାଏ ଏବଂ ରଥଯାତ୍ରା ସମୟକୁ ଧାନ ବେଉଷଣ କାମ ମଧ୍ୟ ଶେଷ ହୋଇଯାଏ । ଏହି ଆଗତୁରା ଚାଷ ଚାଷୀଙ୍କ ପାଇଁ ଏକ ସୁରକ୍ଷିତ ବିକଳ୍ପ ଭାବେ ପରିଗଣିତ ହୁଏ, କାରଣ ଏଥିରେ ମରୁଡ଼ିର ପ୍ରଭାବ ତୁଳନାମୂଳକ ଭାବେ କମ୍ ରହିଥାଏ । କିନ୍ତୁ ଚଳିତବର୍ଷ ଜୁନ୍ ମାସରେ ଆକାଶରେ ମେଘ ଦେଖାଯାଇଥିଲେ ମଧ୍ୟ ଆଶାନୁରୂପ ବର୍ଷା ହୋଇନଥିଲା । ଫଳରେ ଖରଡ଼ି ଚାଷ ପ୍ରାୟ ସମ୍ପୂର୍ଣ୍ଣ ବିଫଳ ହୋଇଛି । ବର୍ଷାର ଅଭାବ ଯୋଗୁଁ ଚାଷ ଜମି ଶୁଖିଲା ପଡ଼ି ରହିଥିଲା । ଅନେକ ଚାଷୀ ହଳ ମଧ୍ୟ କରିପାରିନଥିଲେ । ଯେଉଁମାନେ ବିହନ ସଂଗ୍ରହ କରିଥିଲେ, ସେମାନେ ବର୍ଷାକୁ ଅପେକ୍ଷା କରି ରହିଗଲେ । ଜୁଲାଇ ଆରମ୍ଭରୁ ପ୍ରବଳବର୍ଷା ଆରମ୍ଭ ହେବାପରେ ଚାଷୀଙ୍କମନରେ ପୁଣି ଆଶା ସଞ୍ଚାର ହୋଇଥିଲା । କିନ୍ତୁ ଲଗାଣ ବର୍ଷା ଯୋଗୁଁ ଜମିରେ କାମ କରିବା ମଧ୍ୟ କଷ୍ଟସାଧ ହୋଇପଡ଼ିଛି । ଏବେ ଚାଷୀମାନେ ଜମିକୁ କାଦୁଅ କରି ପହ୍ଲା ରୁଆ ଓ ବତରି ଚାଷ ଉପରେ ନିର୍ଭର କରୁଛନ୍ତି । ସମୟ ବିତିଯାଇଥିବାରୁ ଉତ୍ପାଦନ କମିବା ଆଶଙ୍କା ମଧ୍ୟ ବଢ଼ିଛି । ବର୍ଷା ପରିସଂଖ୍ୟାନ ମଧ୍ୟ ଚଳିତବର୍ଷର ପରିସ୍ଥିତିକୁ ସ୍ପଷ୍ଟ କରୁଛି । ଜିଲ୍ଲାରେ ଜୁନ୍ ମାସର ସାଧାରଣ ହାରାହାରି ବୃଷ୍ଟିପାତ ୧୭୭.୨ ମିଲିମିଟର ଥିବାବେଳେ ୨୦୨୬ ମସିହାରେ ମାତ୍ର ୯୭.୧ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଅର୍ଥାତ୍ ସାଧାରଣ ବର୍ଷାଠାରୁ ପ୍ରାୟ ୩୯ରୁ ୫୯ ପ୍ରତିଶତ ପର୍ଯ୍ୟନ୍ତ କମ୍ ବର୍ଷା ହୋଇଛି । ଗତ କିଛି ବର୍ଷର ବୃଷ୍ଟିପାତ ସହ ତୁଳନା କଲେ ମଧ୍ୟ ଚଳିତବର୍ଷ ଜୁନ୍ ମାସ ସବୁଠାରୁ ଅଧିକ ଶୁଖିଲା ଥିବା ସ୍ପଷ୍ଟ ହେଉଛି । କୃଷି ବିଭାଗ ପକ୍ଷରୁ ଚଳିତ ଖରିଫ ଋତୁରେ ଜିଲ୍ଲାର ୧ ଲକ୍ଷ ୫୮ ହଜାର ୯୭୦ ହେକ୍ଟର ଜମିରେ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ସେଥିମଧ୍ୟରୁ ୯୦ ହଜାର ୪୦୦ ହେକ୍ଟରରେ ଧାନ ଏବଂ ୬୯ ହଜାର ୫୭୦ ହେକ୍ଟରରେ ଅଣଧାନ ଫସଲ ଚାଷ ହେବାର ଯୋଜନା ରହିଛି । ଧାନ ବିହନ ବିକ୍ରି ପାଇଁ ୬,୫୦୦ କ୍ୱିଣ୍ଟାଲ ଲକ୍ଷ୍ୟ ରଖାଯାଇଥିଲେ ମଧ୍ୟ ଜୁନ୍ ଶେଷ ସୁଦ୍ଧା ୫, ୭୬୪ କ୍ୱିଣ୍ଟାଲ ବିହନ ବିକ୍ରି ହୋଇଛି । ଏହା ଦର୍ଶାଉଛି ଯେ ବର୍ଷାର ଅନିଶ୍ଚିତତା ଚାଷୀଙ୍କ ଚାଷ ଯୋଜନା ଉପରେ ସିଧାସଳଖ ପ୍ରଭାବ ପକାଇଛି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଣତିରାଣୀ ପ୍ରଧାନଙ୍କ କହିବା ଅନୁଯାୟୀ, ଚଳିତବର୍ଷ ବୃଷ୍ଟିପାତ କମ୍ ରହିବାର ସମ୍ଭାବନା ଥିବାରୁ ଚାଷୀମାନଙ୍କୁ ସ୍ୱଳ୍ପ ମିଆଦି ଧାନ କିସମ ଓ ଅଣଧାନ ଫସଲ ଚାଷ ପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଉଛି । ପାଣି ସଂରକ୍ଷଣ, ବୈଜ୍ଞାନିକ ଚାଷ ପ୍ରଣାଳୀ ଓ ସମୟୋପଯୋଗୀ କୃଷି ପରାମର୍ଶ ଏଭଳି ପରିସ୍ଥିତିରେ ଚାଷୀଙ୍କ ପାଇଁ ବହୁତ ସହାୟକ ହୋଇପାରେ । ନୂଆପଡ଼ା ଭଳି ବର୍ଷାନିର୍ଭର ଜିଲ୍ଲାରେ ଜଳବାୟୁର ଏହି ଅନିୟମିତତା କେବଳ ଚାଷୀଙ୍କ ସମସ୍ୟା ନୁହେଁ, ବରଂ ସମଗ୍ର ଗ୍ରାମୀଣ ଅର୍ଥନୀତି ପାଇଁ ଏକ ବଡ଼ ଚ୍ୟାଲେଞ୍ଜ । ଜୁନ୍ ମାସର ଶୁଖିଲା ପାଗ ଓ ଜୁଲାଇର ଅତ୍ୟଧିକ ବର୍ଷା ମଧ୍ୟରେ ଦୋଛକିରେ ପଡ଼ିଥିବା ନୂଆପଡ଼ାର ଚାଷୀ ଏବେ ଆକାଶକୁ ଚାହିଁ ଭବିଷ୍ୟତର ହିସାବ କରୁଛନ୍ତି । ଆଗାମୀ ଦିନରେ ପାଗ ଅନୁକୂଳ ରହିଲେ ଖରିଫ ଚାଷ କିଛି ପରିମାଣରେ ସୁଧୁରିପାରେ । ନଚେତ୍ ଚଳିତ କୃଷି ବର୍ଷ ଜିଲ୍ଲାର ଚାଷୀଙ୍କ ପାଇଁ ଆଉ ଏକ କଠିନ ପରୀକ୍ଷାର ବର୍ଷ ହୋଇ ରହିବ ।

### ■ କାଦୁଅ ପଚ୍‌ପଚ୍‌ରେ ରାସ୍ତାରେ ନୟାନ୍ତ ଲୋକେ

# କାଉନ୍‌ସିଲରଙ୍କ କଥା ଶୁଣୁନାହାନ୍ତି ଏନ୍‌ଏସି ଅଧିକାରୀ



**ଖଡ଼ିଆଳ, ୮ ।୭ (ସମିସ):** ସହରାଞ୍ଚଳରେ ମୌଳିକ ସୁବିଧା ଉନ୍ନତ କରିବା ପାଇଁ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ, ନୂଆପଢ଼ା ଜିଲ୍ଲା ଖଡ଼ିଆଳ ଏନ୍ଏସିର ପୁଟୁପଡ଼ା ୱାର୍ଡ ନଂ ୧୧ ରବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । ଦୀର୍ଘ ବର୍ଷ ଧରି ପଡ଼ାର ପ୍ରବେଶ ପଥ ଶହେ ମିଟର ରାସ୍ତା କାଦୁଅ ଓ ପାଣିରେ ପଚ୍‌ପଚ୍ ହୋଇ ଭାରୀଜାନ ଚାଲୁଥିବାରୁ ବଡ଼ ବଡ଼ ଖାଲ ରହିଥିବାରୁ ସ୍ଥାନୀୟ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସହରାଞ୍ଚଳରେ ରହୁଥିଲେ ମଧ୍ୟ ସେମାନେ ଗ୍ରାମାଞ୍ଚଳଠାରୁ ଅଧିକ ଦୟନୀୟ ପରିସ୍ଥିତିରେ ଜୀବନ ବିତାଉଥିବା ଅଭିଯୋଗ କରିଛନ୍ତି । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ବର୍ଷା ହେଲେ ରାସ୍ତା ସମ୍ପୂର୍ଣ୍ଣ କାଦୁଅରେ ପରିଣତ ହୋଇଯାଏ । ଚାଲିଚାଲି ଯିବା କଷ୍ଟସାଧ ହୋଇପଡୁଥିବା ବେଳେ ସ୍କୁଲ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଓ ରୋଗୀମାନେ ସର୍ବାଧିକ ଅସୁବିଧା ଭୋଗୁଛନ୍ତି । ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ ପହଞ୍ଚିବାରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଥିବା କୁହାଯାଇଛି । ଏହି ୱାର୍ଡର କାଉନ୍‌ସିଲର ନରେନ୍ଦ୍ର ଶବର ଏନଏସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଏହି କାଦୁଅ ରାସ୍ତା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି । ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଅଞ୍ଚଳବାସୀଙ୍କ ଦାବି, ତୁରନ୍ତ ରାସ୍ତାର ସ୍ଥାୟୀ ଉନ୍ନତିକରଣ କରାଯାଇ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଉ । ନଚେତ୍ ଆଗାମୀ ଦିନରେ ସେମାନେ ଗଣଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି । ଏନେଇ ଖଡ଼ିଆଳ ଏନଏସି ଇଓ ସ୍ୱାଧୀନ କେତନ ମହାରଣାଙ୍କୁ ପଚାରିବାରୁ ବର୍ତ୍ତମାନ ଅସ୍ଥାୟୀ ମୁରୁମ ପକା ଯାଇଛି । ଆଗାମୀ ଦିନରେ ସ୍ଥାୟୀ ରାସ୍ତା ନିର୍ମାଣ କରାଯିବ ବୋଲି ପ୍ରକାଶ କରିଥିଲେ ।

### ବୋରପଦର ଗ୍ରାମ ପଞ୍ଚାୟତ

# ମନରେଗା କାମରେ ଦୁର୍ନୀତି ଅଭିଯୋଗ

**କର୍ଲାମୁଣ୍ଡା, ୮ ।୭ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକରେ ଏମ୍‌ନରେଗା ଯୋଜନାରେ ଦୁର୍ନୀତି ହେଉଥିବା ନେଇ ବିଭିନ୍ନ ସମୟରେ ଲୋକେ ଅଭିଯୋଗ କରି ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି । ବ୍ଲକର ବୋରପଦର ଗ୍ରାମ ପଞ୍ଚାୟତରେ ଡିସେମ୍ବର ୨୦୨୫ ରୁ ଚଳିତ ମାସ ୬ ତାରିଖ ମଧ୍ୟରେ ଏମ୍‌ନରେଗା ଯୋଜନା ରେ ୧୭ ଟି ବିଭିନ୍ନ ପ୍ରକଳ୍ପ ଗୁଡିକ ରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଛି । ପ୍ରକଳ୍ପ ଗୁଡ଼ିକ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି । କନିଷ୍ଠଯନ୍ତ୍ରୀ ବିଲ୍ ନ କରି ଏମ୍‌ନରେଗା ଦାୟିତ୍ୱରେ ଥିବା ଅଧିକାରୀମାନେ ଅନ୍ ଲାଇନ୍ ପେମେଣ୍ଟ ପାଇଁ ( ଏଫ୍ ଟି ଓ) ଫଣ୍ଡ ଟ୍ରାନସ୍ଫର ଅର୍ଡର( ଏଣ୍ଟ୍ରି) କରିଥିବା ନେଇ ବୋରପଦର ପଞ୍ଚାୟତର ପୂର୍ବତନ ସରପଞ୍ଚ ମାଧବ ସାହୁ ଓ ଭଟାପଲା ଗ୍ରାମର ଲୋକମାନେ ଜିଲ୍ଲାପାଳ କଳାହାଣ୍ଡି, ଦୁର୍ନୀତୀ ନିବାରଣ ବିଭାଗ ଏସପି, ଡିଏସପିଙ୍କୁ ସାକ୍ଷାତ୍ କରିବା ସହ ଉଚିତ ତଦନ୍ତ କରାଯିବାକୁ ଦାବିକରି ଲିଖିତ ଭାବେ ଅଭିଯୋଗ ଜଣାଇଥିବା ପୂର୍ବତନ ସରପଞ୍ଚ ମାଧବ ସାହୁ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ଆମେ ଜିଲ୍ଲା ପ୍ରଶାସନ ପାଖରେ ଅଭିଯୋଗ କରିବା ପରେ ଏମ୍‌ନରେଗା ସାଇଟ୍ ରୁ ଏଫ୍‌ଟି ଓ ହୋଇଥିବା ବିଭିନ୍ନ ପ୍ରକଳ୍ପ ର ପେମେଣ୍ଟ ବୀବରଣୀ କୁ ବ୍ଲକ ପ୍ରଶାସନ କିଭଳି ଓ କେଉଁ କାରଣରୁ ଡିଲିଟ କରିଦେଲେ ବୋଲି ପ୍ରଶ୍ନ କରିଛନ୍ତି । ଏନେଇ କନିଷ୍ଠ ଯନ୍ତ୍ରୀ ବିନୟ ପ୍ରସାଦ ସାହୁଙ୍କୁ ପଚାରିବାରୁ ମୁଁ ଅଭିଯୋଗ ହୋଇଥିବା ନିର୍ଦ୍ଦିଷ୍ଟ କିଛି ପ୍ରକଳ୍ପ ଗୁଡିକର ମ୍ୟାଟେରିଆଲ ବିଲ୍ କରିନାହିଁ, ତେବେ କିଭଳି ଏମିତି ହେଉଛି ମୁଁ ବୁଝିପାରୁନାହିଁ ବୋଲି କହିଛନ୍ତି । ଠିକ୍ ସେହପରି ବୋର ପଦର ପଞ୍ଚାୟତ ସରପଞ୍ଚ ସୁବାସ ସାହୁଙ୍କୁ ପଚାରିବାରୁ ଏଫ୍ ଟି ଓ ହୋଇନାହିଁ, ଏହା ମିଥ୍ୟା ଅଭିଯୋଗ ବୋଲି କହିଛନ୍ତି । ଅନ୍ୟପଟେ ସାଇଟ୍‌ରୁ ତଥ୍ୟ କାହିଁକି ଡିଲିଟ କରାଗଲା ବୋଲି ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ଏମ୍ ନରେଗା ଦାୟିତ୍ୱରେ ଥିବା ଏଡିଇଓ ରାମଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ଡିଲିଟ କରିଥିବା ସ୍ୱୀକାର କରିବା ସହ ଡିଲିଟ ର କାରଣ ସଠିକ୍ ଭାବେ କହି ପାରି ନ ଥିଲେ । ଏଣୁ ଦୁର୍ନୀତି ବିଭାଗ ପକ୍ଷରୁ ଉପଯୁକ୍ତ ତଦନ୍ତ କରାଗଲେ ଅଭିଯୋଗର ସତ୍ୟା ସତ୍ୟ ଜାଣିହେବ ବୋଲି ଭଟାପଲା ଗ୍ରାମର ରୁଦ୍ର ମଣୀ ସାହୁ ଓ କ୍ଷୀର ସିନ୍ଧୁ ସାହୁ କହିଛନ୍ତି ।



### ଲାଞ୍ଜିଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର

# ନୂତନ ପରିଚାଳନା କମିଟି ଗଠିତ

**ଲାଞ୍ଜିଗଡ଼, ୮ ।୭ (ସମିସ):** ଲାଞ୍ଜିଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ସୁନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ ବସନ୍ତପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ମଲ୍ଲିକ, ସିଆରସିସି ଜଳନ୍ଧର ମାଝୀ, ଶିକ୍ଷକ ରାଧାମାଧବ ରଥ, ମନୋଜ କୁମାର ମହାକୁଡ଼, ହିରଣ୍ୟ କୁମ୍ଭାର, ଡମ୍ବରୁଧର ସାହୁ, ଦୁର୍ଗା ମାଧବ ମହାକୁଡ଼, ଦୁର୍ଯ୍ୟଧନ ନାଏକ, ପ୍ରଭାତୀ ମଲ୍ଲିକ, ସୋନାଲି ବେହେରା, ନଳିନୀ ମୁଣ୍ଡଛିନ୍ନା ପ୍ରମୁଖ ନୂତନ କମିଟି ଗଠନରେ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଥମେ ପୁରୁଣା କମିଟି ଭଙ୍ଗ କରାଯାଇଥିଲା । ଅଭିଭାବକ ମାନଙ୍କ ମଧ୍ୟରୁ ପ୍ରଥମେ ୧୫ ଜଣଙ୍କୁ ପରିଚାଳନା କମିଟି ଭାବେ ଚୟନ କରାଯାଇଥିଲା । ତାପରେ ସେହି ୧୫ ଜଣ ସଦସ୍ୟଙ୍କ ମଧ୍ୟରୁ ସଭାପତି ଓ ଉପସଭାପତି ଭାବେ ଚୟନ କରାଯାଇଥିଲା । ଏହି ପରିପେକ୍ଷୀରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାବେ ଚାରୁଚନ୍ଦ୍ର ନାଗ ଓ ଉପସଭାନେତ୍ରୀ ଭାବେ ଶାନ୍ତିଲତା ପ୍ରଧାନୀ ସର୍ବସମ୍ମତି କ୍ରମେ ୨ ବର୍ଷ ପାଇଁ ମନୋନୀତ ହୋଇଥିଲେ । କମିଟି ସଦସ୍ୟ ଭାବେ ୫ ଜଣକୁ ଚୟନ କରାଯାଇଥିବା ବେଳେ କମିଟି ସଚିବ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ସୁନା, ବିଦ୍ୟାଳୟ ଶିକ୍ଷକ ପ୍ରତିନିଧି ମନୋଜ କୁମାର ମହାକୁଡ଼, ୱାର୍ଡ ମେମ୍ବର ଚନ୍ଦ୍ର ନାଏକ, ସଦସ୍ୟା ଭାବେ ଅଙ୍ଗନବାଡି କର୍ମୀ ନୃପତି ଭୋଇ, ଆଶାକର୍ମୀ ସରସ୍ୱତୀ ଦଳେଇ ପ୍ରମୁଖ ମନୋନୀତ ହୋଇଥିବା ବେଳେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ଶେଷରେ ସମସ୍ତ ମନୋନୀତ ସଭାପତି, ସଭାନେତ୍ରୀ, ସଭ୍ୟ, ସଭ୍ୟା ଓ ସଦସ୍ୟ ସଦସ୍ୟା ମାନେ ଗଣେଶ ମୂର୍ତ୍ତି ପାଖରେ କମିଟି କିଭଳି ସୁଚାରୁ ରୂପେ ପରିଚାଳନା କରାଯିବ ସେନେଇ ଶପଥ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ୨ ଶହରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗ ଦେଇଥିଲେ । ଶିକ୍ଷକ ରାଧାମାଧବ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶାସକ ଦଳ ନେତାଙ୍କ ଦୋମୁହାଁ ନୀତି

# ବିବାଦୀୟ ଯନ୍ତ୍ରୀଙ୍କୁ ପୁଣି ଆଣିବାକୁ ଦାବି

**ଥୁଆମୂଳ ରାମପୁର, ୮ ।୭ (ସମିସ)**

କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକରେ ରାଜନୈତିକ ସମୀକରଣକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ରାଜ୍ୟରେ ବିଜେପି ସରକାର ଗଠନ ପରେ ଗ୍ରାମାଞ୍ଚଳରେ ଶାସକ ଦଳର ନେତାମାନଙ୍କ ଭୂମିକା ଓ କାର୍ଯ୍ୟଶୈଳୀକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଚାଲିଥିବାବେଳେ, ଆଇଟିଡିଏର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ନେଇ ଘଟିଥିବା ଘଟଣା ସମଗ୍ର ଅଞ୍ଚଳରେ ନୂଆ ବିବାଦ ସୃଷ୍ଟି କରିଛି ।

ପ୍ରାପ୍ତ ସୂଚନା ଅନୁଯାୟୀ, ଥୁଆମୂଳ ରାମପୁର ବ୍ଲକରେ ଆଇଟିଡିଏର କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଦେବେନ୍ଦ୍ର ମହାନନ୍ଦଙ୍କ ବିରୋଧରେ ଉନ୍ନୟନମୂଳକ କାମରେ ବ୍ୟାପକ ଅନିୟମିତତା ଏବଂ ୧୮ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ କମିଶନ (ପିସି) ନେଉଥିବା ଅଭିଯୋଗ ହୋଇଥିଲା । ଏହା ଫଳରେ ବିଭିନ୍ନ ଉନ୍ନୟନମୂଳକ କାମ ନିମ୍ନମାନର ହେଉଥିବା ଏବଂ ଦୁର୍ଗମ ଆଦିବାସୀ ଅଞ୍ଚଳର ବିକାଶ ବାଧାପ୍ରାପ୍ତ ହେଉଥିବା ଦର୍ଶାଇ ବିଜେପିର ଜୋନ୍ ୧ ଓ ଜୋନ୨ ମଣ୍ଡଳ ସଭାପତିଙ୍କ ସମେତ ଅନେକ କର୍ମୀ କଳାହାଣ୍ଡି ଜିଲ୍ଲାପାଳ, କଳାହାଣ୍ଡି ସାଂସଦ ଓ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ଥୁଆମୂଳ ରାମପୁର ବ୍ଲକରୁ ଅପସାରଣ କରାଯାଇଥିବା ସୂଚନା ମିଳିଥିଲା । କିନ୍ତୁ ଘଟଣାର କିଛି ଦିନ ପରେ ଏକ ନୂଆ ମୋଡ଼ ଆସିଥିଲା । ବିଜେପିର ଜୋନ୍-୨ ମଣ୍ଡଳ ସଭାପତି ଜିଲ୍ଲାପାଳଙ୍କୁ ପୁଣି ଏକ ଲିଖିତ ପତ୍ର ଦେଇ ସେହି କନିଷ୍ଠ ଯନ୍ତ୍ରୀ ଦେବେନ୍ଦ୍ର ମହାନନ୍ଦଙ୍କୁ ଥୁଆମୂଳ ରାମପୁରକୁ ଫେରାଇ

**ପିସି ନେବା ଅଭିଯୋଗରେ ଅପସାରଣ ହୋଇଥିଲେ**

ଆଣିବାକୁ ଅନୁରୋଧ କରିଥିବା ଜଣାପଡ଼ିଛି । ପତ୍ରରେ ଦର୍ଶାଯାଇଛି ଯେ, ବର୍ତ୍ତମାନ ଥୁଆମୂଳ ରାମପୁର ବ୍ଲକରେ ଆଇଟିଡିଏର କୌଣସି ଯନ୍ତ୍ରୀ ନ ଥିବାରୁ ସରକାରଙ୍କ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ କରିବାରେ ସମସ୍ୟା ଦେଖାଦେଇଛି । ତେଣୁ ପୂର୍ବରୁ କାର୍ଯ୍ୟରତ ଥିବା ଦେବେନ୍ଦ୍ର ମହାନନ୍ଦଙ୍କୁ ପୁନଃ ଦାୟିତ୍ୱ ଦିଆଯିବାକୁ ଅନୁରୋଧ କରାଯାଇଛି । ତେବେ, ଯେଉଁ ଯନ୍ତ୍ରୀଙ୍କୁ କିଛିଦିନ ପୂର୍ବରୁ ଦୁର୍ନୀତିଗ୍ରସ୍ତ ବୋଲି ଲିଖିତ ଅଭିଯୋଗ କରାଯାଇଥିଲା, ସେହି ଯନ୍ତ୍ରୀଙ୍କୁ ପୁଣି ଫେରାଇ ଆଣିବା ପାଇଁ ଅନୁରୋଧ କରାଯିବାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅନେକ ପ୍ରଶ୍ନ ଉଠିଛି । ଯଦି ଅଭିଯୋଗ ସତ୍ୟ ଥିଲା, ତେବେ ବର୍ତ୍ତମାନ କେଉଁ ଆଧାରରେ ତାଙ୍କୁ ପୁଣି ଦାୟିତ୍ୱ ଦେବା ପାଇଁ ସୁପାରିଶ କରାଯାଉଛି? ନା କି ଏହା ପଛରେ କୌଣସି ଭିତିରି ବୁଝାମଣା ରହିଛି? ଏଭଳି ଚର୍ଚ୍ଚା ଏବେ ଅଞ୍ଚଳବାସୀଙ୍କ ମଧ୍ୟରେ ଜୋର ଧରିଛି । ଏପଟେ ସୂଚନା ମିଳିଛି ଯେ, ସମ୍ପୃକ୍ତ ଯନ୍ତ୍ରୀ ବଫଲାମାଳି ଖଣି ପ୍ରଭାବିତ ଅଞ୍ଚଳରେ ମଧ୍ୟ ଉନ୍ନୟନ କାମର ଦାୟିତ୍ୱରେ ଥିଲେ । ସେହି ସମୟରେ ଜିଲ୍ଲା ଖଣିଜ ପାଣ୍ଠି (ଡଗର) ରୁ କୋଟି କୋଟି ଟଙ୍କା ବ୍ୟୟରେ ହୋଇଥିବା ବିଭିନ୍ନ ପ୍ରକଳ୍ପରେ ମଧ୍ୟ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ସ୍ତରରେ ଚର୍ଚ୍ଚା ହେଉଛି । ଯଦିଓ ଏହି ଅଭିଯୋଗଗୁଡ଼ିକର ସରକାରୀ ଭାବେ ପୁଷ୍ଟି ହୋଇନାହିଁ । ଏହି ପରିପ୍ରେକ୍ଷୀରେ ବୁଦ୍ଧିଜୀବୀ ଓ ସ୍ଥାନୀୟ ଅଞ୍ଚଳବାସୀ ଜିଲ୍ଲା ଖଣିଜ ପାଣ୍ଠିରେ ହୋଇଥିବା ଉନ୍ନୟନ କାମ ଏବଂ ସମ୍ପୃକ୍ତ ଅଭିଯୋଗର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଆଇନାନୁଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।



## ଜଗନ୍ନାଥ ଦର୍ଶନ ସାରି ଘରକୁ ଫେରୁଥିବା ବେଳେ ଦୁର୍ଘଟଣା

ରାଜଘାଟ/ବସ୍ତା ବ୍ଲକ, ୮।୭ (ସମିସ): ବାଲେଶ୍ୱର ଜିଲ୍ଲା ୧୬ ନଂ ଜାତୀୟ ରାଜପଥର ବସ୍ତା ଥାନା ଅନ୍ତର୍ଗତ କୁଣ୍ଡପୁର ଛକ ନିକଟରେ ଛିଡା ହୋଇଥିବା ଟ୍ରକକୁ



ପଛ ପଟୁ ଧକ୍କା ଦେଇ ଗୋଟିଏ ଟାଭେରା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଚାଳକ ସମେତ ୩ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ଆଜି ଭୋର ୪ଟା ସମୟରେ ଜାତୀୟ ରାଜପଥର କୁଣ୍ଡପୁର ଛକ ନିକଟରେ ପୁରୀରୁ ଭୋଗରାଇ ଥାନା ନିମାଚପୁର ଅଭିମୁଖେ ଆସୁଥିବା ଟ୍ରଭେରା ଗାଡି ଛିଡା ହୋଇଥିବା ଟ୍ରକକୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ଚାଳକ ଜଣକ କେବିନରେ ଚାପି ହୋଇ ଗୁରୁତର ହୋଇଥିବାବେଳେ ୧୫/୧୬ ଯାତ୍ରୀଙ୍କ ମଧ୍ୟରୁ ୨ଜଣ ମଧ୍ୟ ଗୁରୁତର ହୋଇଥିଲେ। ବସ୍ତା ପୁଲିସ, ଅଗ୍ନିଶମ ବାହିନୀ ପହଞ୍ଚି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରି ପ୍ରଥମେ ବସ୍ତା ପରେ ବାଲେଶ୍ୱର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଇଛି। ଘଟଣା ସ୍ଥଳରୁ ଟ୍ରକ ଫେରାର ହୋଇଯାଇଥିବା ବେଳେ ପୁଲିସ ଟ୍ରଭେରାଟିକୁ ଜବତ କରି ପୋଲିସ ତଦନ୍ତ ଜାରି ରଖିଛି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ତାଲିକାରେ ବ୍ୟାପକ ଅନିୟମିତତା

ବାଲେଶ୍ୱର(ଉତ୍ତର), ୮।୭ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ସଦ୍ୟ ପ୍ରକାଶିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ତାଲିକାରେ ବ୍ୟାପକ ଅନିୟମିତତା ହୋଇଛି। ବହୁ ଯୋଗ୍ୟ ହିତାଧିକାରୀ ଏହି ତାଲିକାରୁ ବାଦ ଦିଆଯାଇଥିଲା ବେଳେ ଅଯୋଗ୍ୟମାନେ ସ୍ଥାନିତ ହୋଇଛନ୍ତି। ଗୋଟିଏ ଯୌଥ ପରିବାରର ଚାରି ଭାଇଙ୍କ ନାମ ରହିଥିଲା ବେଳେ ଦୁଇ ମହଲା କିମ୍ବା ତିନି ମହଲା କୋଠା ଘର ଥିବା ଲୋକଙ୍କ ନାମ ପ୍ରକାଶ ପାଇଥିବା ହିତାଧିକାରୀ ତାଲିକାରେ ସ୍ଥାନିତ ହୋଇଛି। ଏପରିକି ପୂର୍ବ ବର୍ଷ ମାନଙ୍କରେ ଯେଉଁ ହିତାଧିକାରୀଙ୍କୁ ଘର ଦିଆଯାଇଥିଲା ଏଥର ତାଙ୍କ ପତ୍ନୀଙ୍କ ନାମ ହିତାଧିକାରୀ ତାଲିକାରେ ରହିଛି। ସର୍ବୋପରି ଅନେକ ଯୋଗ୍ୟ ଗରିବ ହିତାଧିକାରୀ, ଭିନ୍ନକ୍ଷମ, ଅସହାୟ ବିଧବା, କୋଭିଡ ମୃତକଙ୍କ ପରିବାର ଏହି ତାଲିକାରେ ସ୍ଥାନିତ ନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଆଜି ଭୋଗରାଇ ବ୍ଲକ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ବିଳକ ପକ୍ଷରୁ ଏହାର ଦୃଢ ପ୍ରତିବାଦ କରାଯିବା ସହିତ ତୁରନ୍ତ ସଂଶୋଧନ ପାଇଁ ଦାବି କରାଯାଉଛି। ଜଳେଶ୍ୱରପୁର ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ କୁମାର ଜେନା ସଭାପତିତ୍ୱ କରିଥିଲେ। ଏଥିରେ ବାଲେଶ୍ୱର

**ଭୋଗରାଇ ବ୍ଲକ**

ଜିଲ୍ଲା ସଭାପତି ସତ୍ୟଶିବ ଦାସ ଯୋଗ ଦେଇ କହିଥିଲେ ଯେ ହିତାଧିକାରୀ ତାଲିକା ପ୍ରସ୍ତୁତି ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପି.ଇ.ଓ), ଅତିରିକ୍ତ ଡାଟା ଏଣ୍ଟ୍ରି ଅପରେଟର (ଏଡିଇଓ) ଏବଂ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ ସାମିଲ ଥିଲେ। ସର୍ବୋପରି ପ୍ରତ୍ୟକ୍ଷ ଭାବେ ବ୍ଲକ ପ୍ରଶାସନ ଏହାର ଦାୟିତ୍ୱ ନେଇଥିଲେ। ମାତ୍ର ଅନେକ ପଞ୍ଚାୟତରେ ହିତାଧିକାରୀ ତାଲିକା ମନୋନୟନରେ ବିଭ୍ରାଟ ସୃଷ୍ଟି ହୋଇଛି। ଅନେକ ଯୋଗ୍ୟ ହିତାଧିକାରୀ ଏହି ତାଲିକାରୁ ବଞ୍ଚିତ ହୋଇଛନ୍ତି। ତେଣୁ ତୁରନ୍ତ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ନକଲେ ଭୋଗରାଇ ବ୍ଲକ କଂଗ୍ରେସ ପକ୍ଷରୁ ଯୋଗ୍ୟ ଅଥଚ ବଞ୍ଚିତ ଆବାସ ହିତାଧିକାରୀଙ୍କୁ ନେଇ ଭୋଗରାଇ ବିଡିଓଙ୍କ ଅଫିସ ସମ୍ମୁଖରେ ଧାରଣା ଦେବାକୁ ବାଧ୍ୟ

**ସଂଶୋଧନ ନ କଲେ ଆନ୍ଦୋଳନ ଚେତାବନୀ**

ହେବୁ ବୋଲି ଚେତାବନୀ ଦେଇଥିଲେ। ଏ ନେଇ ଏକ ଦାବିପତ୍ର ଭୋଗରାଇ ବିଡ଼ିଓଙ୍କୁ ପ୍ରଦାନ କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଉପସଭାପତି ଗୋପବନ୍ଧୁ ମହାପାତ୍ର, ଜିଲ୍ଲା କଂଗ୍ରେସ ସମ୍ପାଦିକା ମମତା ସାହୁ, ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ମିନାରାଣୀ ସ୍ୱର, ଜୋନ ସଭାପତି ରାଜେନ୍ଦ୍ର ଦଳାଇ, ରାଜେନ୍ଦ୍ର ପଣ୍ଡା, ଶିଶିର ମହାପାତ୍ର, ଜୟଦେବ ଦାସ, ମହିଧର ଜେନା ପ୍ରମୁଖ ଦଳର ବିଭିନ୍ନ ପଞ୍ଚାୟତର ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## ଯୁବକଙ୍କ ମହାନତା; ରାସ୍ତାରୁ ଟଙ୍କା ଓ ମୋବାଇଲ ପାଇ ଫେରାଇଲେ

ଲଙ୍ଗଳେଶ୍ୱର, ୮।୭ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ କଇନଗରୀ ପଞ୍ଚାୟତ



କଇନଗରୀ ଗ୍ରାମର ପ୍ରଭାକର ମାନ୍ନାଙ୍କ ପୁଅ ଦୀପକ କୁମାର ମାନ୍ନା ଘର ପାଖରୁ ବସ୍ତା ଆଡକୁ ଯାଉଥିବାବେଳେ ପେଜଗଳା ପୋଲ ପାଖରେ ତାଙ୍କ ମୋବାଇଲ ଏବଂ କିଛି ଟଙ୍କା ରାସ୍ତାରେ ପଡିଯାଇଥିଲା। ଉକ୍ତ ରାସ୍ତା ଦେଇ ସିଂଲା ଗ୍ରାମର ତପନ କୁମାର ସେଠୀ ଟଙ୍କା ଏବଂ ମୋବାଇଲ ପାଇ ସିଂଲା ଥାନାରେ ପହଞ୍ଚି ଥାନା ସହାୟତାରେ ଉକ୍ତ ବ୍ୟକ୍ତିଙ୍କୁ ଯୋଗାଯୋଗ କରିଥିଲେ। ଉକ୍ତ ବ୍ୟକ୍ତି ଜଣକ ଥାନାରେ ପହଞ୍ଚି ଥାନା ଏସ୍‌ଆଇ ତପନ କୁମାର ଜେନା ଏବଂ କନେଷ୍ଟବଳ ଜାଟା ହେମ୍ବ୍ରମଙ୍କ ଉପସ୍ଥିତିରେ ତାଙ୍କର ହଜିଯାଇଥିବା ଟଙ୍କା ଏବଂ ମୋବାଇଲ ଫେରି ପାଇବା ସହ ଏଭଳି ମହାନତା ଦେଖାଇ ଥିବା ତପନ ସେଠୀଙ୍କୁ ଧନ୍ୟବାଦ ଦେଇଥିଲେ।

## ଥାନାକୁ ଫେରିଲା ଫେରାର ଆସାମୀ

ସୋର, ୮।୭ (ସମିସ): ଗତକାଲି ପୂର୍ବାହ୍ନରେ ଅନନ୍ତପୁର ଅଧିନ ଉପରଆଡ଼ିଆ ଅଞ୍ଚଳର ଗଣେଶ ମୁଣ୍ଡା (୨୬) ନାମକ ଜଣେ ଯୁବକ ଘର ନିକଟରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ଅନନ୍ତପୁର ଥାନାରେ ଜିମା ଦେଇଥିଲେ। ପରେ ପୁଲିସ ଉକ୍ତ ଯୁବକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଅପରାହ୍ଣରେ କୌଶଳବଶତଃ ଗଣେଶ ଥାନାରୁ ଚମ୍ପଟ ମାରିଥିଲା। ଗତକାଲି ରାତିରେ ଅନନ୍ତପୁର ଥାନାଧିକାରୀ ସରୋଜ ଦାସଙ୍କ ନେତୃତ୍ୱରେ ଏଏସଆଇ ଜୀବନ କୁମାର ମଳିକ ଓ ଅନ୍ୟମାନଙ୍କୁ ନେଇ ଗଠିତ ଦୁଇଟି ଟିମ ରାତି ତମାମ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଭୋର ୪ଟାରେ ଗଣେଶଙ୍କୁ ଗିରଫ କରିଛି। ଏ ନେଇ ଅନନ୍ତପୁର ଥାନାରେ ୧୭୧/୨୬ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ କରାଯାଇଛି।

## ସହଦେବଖୁଣ୍ଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ମ୍ୟୁନସିପାଲ ହାଇସ୍କୁଲ

ବାଲେଶ୍ୱର, ୮।୭(ସମିସ): ସହଦେବଖୁଂଟା ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ମୁଖ ଭାଗରେ ଥିବା ପାଚେରୀ ଭାଙ୍ଗିଯିବା ପରେ ମରାମତି କାର୍ଯ୍ୟ ହୋଇପାରୁନାହିଁ। ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ରାସ୍ତା ଉପରେ ଜବରଦଖଲ ଉଚ୍ଛେଦ ନହେଲେ ଏହି ପ୍ରାଚୀର ନିର୍ମାଣ କାର୍ଯ୍ୟ କରିବାରେ ବାଧା ସୃଷ୍ଟି ହେଉଛି। ଉକ୍ତ

**ସମସ୍ୟାର ସମାଧାନ ଦାବି**

ସ୍ୱାସ୍ଥ୍ୟ କେନ୍ଦ୍ର ରୋଗୀ ସେବାରେ ସମଗ୍ର ରାଜ୍ୟରେ ଏକ ନମ୍ବର ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ସୁନାମ ଅର୍ଜନ କରିଛି। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ବେଆଇନ ଜବରଦଖଲ ଉଚ୍ଛେଦ ପାଇଁ ସ୍ୱାସ୍ଥ୍ୟ ଅଧିକାରୀ ଓ ରୋଗୀ କଲ୍ୟାଣ ସମିତି ପକ୍ଷରୁ ବହୁବାର ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ରାସ୍ତା ପାର୍ଶ୍ୱରେ ଜବରଦଖଲ କାରଣରୁ ଆମ୍ବୁଲାନସ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ପ୍ରବେଶ କରିପାରୁନାହିଁ। ତେଣୁ ଏହି ଉଚ୍ଛେଦ ପାଇଁ ଦାବି କରାଯାଇଛି। ମ୍ୟୁନିସିପାଲ ହାଇସ୍କୁଲରୁ ଦୁଇଜଣ ଶିକ୍ଷକଙ୍କ ବଦଳି ଓ ଦୁଇଜଣଙ୍କ ଅବସର ପରେ ୪ଟି ପଦବୀ ଖାଲି ପଡ଼ିଛି। ଶିକ୍ଷକଙ୍କ ଅଭାବରୁ ଗୋଟିଏ ଗୋଟିଏ ଶ୍ରେଣୀ ଗୃହରେ ଶତାଧିକ ଛାତ୍ରଛାତ୍ରୀ ଏକତ୍ର ପାଠ ପଢ଼ିବାକୁ ବାଧ ହେଉଛନ୍ତି। ତେଣୁ ତୁରନ୍ତ ଏହି ସ୍କୁଲରେ ଶିକ୍ଷକ ନିଯୁକ୍ତି ପାଇଁ ସ୍ଥାନୀୟ କାଉନସିଲରଙ୍କ ସହିତ ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ ଓ ସରସ୍ୱତୀ ପଣ୍ଡା ପ୍ରମୁଖ ଆଜି ଜିଲ୍ଲାପାଳଙ୍କ ଜନଶୁଣାଣୀରେ ଏହି ଦୁଇଟି ସମସ୍ୟାର ସମାଧାନ ପାଇଁ ଆବେଦନ କରିଛନ୍ତି।

## ଟଙ୍କା ଉଧାର ନେଇ ଫେରାର ଥିବା ମହିଳାଙ୍କୁ ଧରି ପୁଲିସ ଜିମା

ରାଜଘାଟ, ୮।୭ (ସମିସ): ବିଭିନ୍ନ ଲୋକଙ୍କ ଠାରୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଉଧାର ନେଇ ଗତ ୩ବର୍ଷ ଧରି ଫେରାର ଥିବା ଜଣେ ମହିଳାଙ୍କୁ ଆଜି ଭେଲୋରା ଓଡିଶା ଗ୍ରାମୀଣ ବ୍ୟାଙ୍କ ଆଗରୁ ସ୍ଥାନୀୟ ଲୋକେ ଧରି ପୁଲିସକୁ ହସ୍ତାନ୍ତର କରିଛନ୍ତି। ବସ୍ତା ବ୍ଲକ ଭେଲୋରା ଗ୍ରାମର ଡଲି ନାମକ ମହିଳା ଜଣକ ଗ୍ରାମର ପ୍ରାୟ ୨୦ରୁ ଅଧିକ ଲୋକଙ୍କ ଠାରୁ ବ୍ୟବସାୟରେ ଅଧିକ ଲାଭ ଦେବା ପ୍ରତିଶୃତି ଦେଇ ପ୍ରାୟ ୧୨ ଲକ୍ଷ ଟଙ୍କା ଉଧାର ନେଇଥିଲେ। ଟଙ୍କା ନେବା ପରେ ସେ ଫୋନ୍ ସୁଇଚ୍ ଅଫ୍ କରି ଭଡା ଘରେ ତାଲା ଲଗାଇ ଫେରାର ହୋଇଯାଇଥିଲେ। ଆଜି ସକାଳେ ସେ ଉକ୍ତ ବ୍ୟାଙ୍କକୁ ନିଜର କେୱାଇସି କରିବା ପାଇଁ ଆସିଥିଲେ। ବ୍ୟାଙ୍କ ଆଗରେ ତାଙ୍କୁ ଦେଖି ଜଣେ ପାଉଣାଦାର ଚିହ୍ନିଥିଲେ। ସେ ଚିତ୍କାର କରିବା ପରେ ଆଖପାଖର ଲୋକେ ଏକାଠି ହୋଇ ମହିଳାଙ୍କୁ ହଟହଟା କରିଥିଲେ। ଖବର ପାଇ ବସ୍ତା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ମହିଳାଙ୍କୁ ଉଦ୍ଧାର କରି ଥାନାକୁ ଆଣିଛି। ଜଣେ ପାଉଣାଦାର କହିଲେ, ମତେ କହିଥିଲେ ମାସକୁ ୫ ପ୍ରତିଶତ ସୁଧ ଦେବେ, ବିଶ୍ୱାସ କରି ମୋ ସ୍ୱାମୀଙ୍କୁ ନଜଣାଇ ପଇସା ଦେଇଥିଲି ମାତ୍ର, ଡଲି ଫେରାର ପରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡା ଲାଗି ୨ବର୍ଷ ହେଲା ମୋ ସ୍ୱାମୀ ଘରକୁ ଆସୁନାହାନ୍ତି, ଏବେ ଘର ଚଳାଇବା ମୁସ୍କିଲ ହୋଇଗଲାଣି। ମହିଳା ଜଣକ ଧରାପଡିବା ଖବର ପାଇବା ପରେ ଆହୁରି ଅନେକ ଲୋକ ଥାନାକୁ ଆସି ଅଭିଯୋଗ କରିବାରେ ଲାଗିଛନ୍ତି। ପୁଲିସ ମାମଲାର ତଦନ୍ତ ଜାରି ରଖିଛି।

## ଷଡ଼ଭୁଜ ପୋଖରୀ ଉନ୍ନତିକରଣରେ କାଉନସିଲର ବାଧକ!



ଜଳେଶ୍ୱର ବ୍ଲକ, ୮।୭ (ସମିସ) : ଜଳେଶ୍ୱର ପୌରପାଳିକାସ୍ଥିତ ୬ ନମ୍ବର ୱାଡର୍‌ର କଲୋନୀ ମଧ୍ୟରେ ଷଡ଼ଭୂଜ ପୋଖରୀ ଅବସ୍ଥିତ। ଉକ୍ତ ପୋଖରୀ ୨୦୨୪ ମସିହାରେ ଫେବ୍ରୁଆରୀ ମାସରେ ମ୍ୟୁନିସିପାଲିଟି ପକ୍ଷରୁ ଉନ୍ନତିକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୯ ଲକ୍ଷ ୩୪ ହଜାର ୬୪୨ ଟଙ୍କା ବ୍ୟୟରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ଉକ୍ତ ପୋଖରୀ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ କାରଣ ଉକ୍ତ ପୋଖରୀ କାର୍ଯ୍ୟକୁ ସେହି ୱାର୍ଡର କାଉନସିଲରଙ୍କ ସମ୍ପର୍କୀୟ ବ୍ୟକ୍ତି କାର୍ଯ୍ୟ କରିବାର ମସୁଧା କରିଥିଲେ ମଧ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଏହି କଥାରେ ରାଜି ହୋଇ ନଥିଲେ। ସେମାନଙ୍କର କହିବା କଥା ଏହି ପୋଖରୀ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଅଗ୍ରାଧିକାର ଦେଇଥିବାରୁ ୫ଟି ଗ୍ରୁପର ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ କାମ ହାତକୁ ନେଇ ଥିଲେ। ଯାହା ଫଳରେ କାଉନସିଲର ଚନ୍ଦନ ଦାସ ବାରମ୍ବାର କନିଷ୍ଠ ଯନ୍ତ୍ରୀ ଓ ସାଂସଦଙ୍କ ପାଖରେ ଅଭିଯୋଗ କରି

**ଏସ୍‌ଏଚ୍‌ଜି ମହିଳାଙ୍କ ଅଭିଯୋଗକୁ କାଉନସିଲରଙ୍କ ଖଣ୍ଡନ**

ପୋଖରୀ କାମ ପାଇଁ ଧାରା କରଜ କରି କାର୍ଯ୍ୟ କରିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବିଲକୁ ବନ୍ଦ କରି ରଖୁଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀ କରି ସ୍ୱୟଂ ସହାୟକ ଗୋଷ୍ଠୀର ଗୀତାଞ୍ଜଳି ବେହେରା, ସୁବାସିନୀ ଜେନା, ବବିତା ଦାସ, କନକଲତା ଜେନା, ସୁକାନ୍ତି ଜେନା, ଆରତୀ ଜେନା, ଆରତୀ ଦାସ, ସବିତା ପ୍ରଧାନ, ସନ୍ଧ୍ୟାରାଣୀ ସାହୁ, ଜୟନ୍ତୀ ଗିରି, ମମତା ଜେନା, ଜ୍ୟୋସ୍ନା ରାଉଳ, କଳ୍ପନା ପ୍ରଧାନ, ସାବିତ୍ରୀ ପାତ୍ର ପ୍ରମୁଖ ମହିଳା ମାନେ କାର୍ଯ୍ୟ କରି ବାକି ରହିଥିବା ବିଲ୍ ତୁରନ୍ତ ପ୍ରଦାନ ନିମନ୍ତେ ଦାବି କରିଛନ୍ତି। ଅନ୍ୟପଟେ ୬ନମ୍ବର ୱାର୍ଡ କାଉନସିଲର ଚନ୍ଦନ କୁମାର ଦାସଙ୍କୁ ପଚାରିବାରୁ ସେ କହିଥିଲେ ମୋ ବିରୋଧରେ ଆଣୁଥିବା ଅଭିଯୋଗ ସଂପୂର୍ଣ୍ଣ ମିଥ୍ୟା ଅଟେ। ଉକ୍ତ କାର୍ଯ୍ୟର ଜିଲ୍ଲା ସ୍ତରୀୟ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ହେଲେ ସତ ସାମ୍ନାକୁ ଆସିପାରିବ ବୋଲି ସେ ମତପ୍ରକାଶ କରିଛନ୍ତି।

## ବାରିପଦାରୁ ଆରମ୍ଭ ହେବ ଯୁବ ବିଜେଡିର 'ଶିକ୍ଷା ବଞ୍ଚାଅ ଆନ୍ଦୋଳନ'



ବାରିପଦା, ୮।୭ (ସମିସ): ରାଜ୍ୟରେ ନୂତନ ପାଠ୍ୟପୁସ୍ତକରେ ତ୍ରୁଟି ନେଇ ବିବାଦ ଜାରି ଥିବା ପରିପ୍ରେକ୍ଷୀରେ ଶିକ୍ଷାବ୍ୟବସ୍ଥାକୁ ଧ୍ୱଂସ କରିବାକୁ ବିଜେପି ସରକାରର ଷଡ଼ଯନ୍ତ୍ର ବିରୋଧରେ ବିକ୍ଷୋଭ ଓ ପ୍ରତିବାଦ ପାଇଁ ଯୁବ ବିଜେଡି ପକ୍ଷରୁ ଆସନ୍ତାକାଲି(ଗୁରୁବାର) ଠାରୁ 'ଶିକ୍ଷା ବଞ୍ଚାଅ ଆନ୍ଦୋଳନ' ଆରମ୍ଭ ହେବାକୁ ଯାଉଛି। ଏହି ଆନ୍ଦୋଳନ ଜୁଲାଇ ୯ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସାରା ଚାଲିବ। ପ୍ରଥମ ଦିନରେ ବାରିପଦାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ନୂତନ ପାଠ୍ୟପୁସ୍ତକରେ ବହୁ ତ୍ରୁଟି ଥିବାରୁ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି ବୋଲି ଯୁବ ବିଜେଡି ଅଭିଯୋଗ କରିଛି। ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର, ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ନୂତନ ନିର୍ଭୁଲ ଓ ମାନସମ୍ମତ ପାଠ୍ୟପୁସ୍ତକ ଯୋଗାଣ, ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ନେଇ ଆନ୍ଦୋଳନ ହେବ। ରାଜ୍ୟ ଯୁବ ସଭାପତି ଚିନ୍ମୟ ସାହୁ ଓ ସଭାନେତ୍ରୀ ଇପ୍ସିତା ସାହୁ ଉଭୟେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ସମଗ୍ର ମୟୂରଭଞ୍ଜ ଜିଲ୍ଲାର ଯୁବଛାତ୍ର ବିଜେଡି କର୍ମକର୍ତ୍ତାମାନେ ବ୍ୟାପକ ସଂଖ୍ୟାରେ ଯୋଗଦେବେ ବୋଲି ଜଣାପଡ଼ିଛି।

## ସରକାରୀ ଜାଗାରୁ ମାଟି ଖୋଳି ବିକ୍ରି ଅଭିଯୋଗ



ଜଳେଶ୍ୱର, ୮।୭ (ସମିସ): ସରକାରୀ ଜାଗାରୁ ମାଟି ଖୋଳି ବିକ୍ରି କରିବାକୁ ନେଇ ତସସିଲଦାରଙ୍କ ନିକଟରେ ଅଭିଯୋଗ। ଜଳେଶ୍ୱର ପୌରାଂଚଳର ୮ନଂ ୱାର୍ଡ ଫଂରୁଘଣ୍ଟା ଗ୍ରାମର ଖସଡା ନଂ ୨୨୫, ଖାତା ନଂ ୧୩୮/୧୧୩ ଯାହା ଗ୍ରାମର ପି ରାମହରୀ ସାମଲଙ୍କ ପୁତ୍ର କମଳାକାନ୍ତ ସାମଲ ଓ ଉମାକାନ୍ତ ସାମଲଙ୍କ ନାମରେ ରେକର୍ଡ ଭୁକ୍ତ ରହିଛି। ଏହି ଜମିର ଦକ୍ଷିଣ ପାଶ୍ୱର୍ରେ ଖସଡା ନଂ ୪୧୩ ସରକାରୀ ଅନାବାଦୀ ଖାତା ଭୁକ୍ତ ଖାତା ନଂ ୪୧୮, ପଦା କିସମ, ମୌଜା ଫଂରୁଘଣ୍ଟା ରହିଛି। ଏହି ପଦାରେ ପାଖାପାଖି ଗ୍ରାମ ଗୁଡିକର ପଶୁଚାରଣ ଭୂମି ଭାବରେ ପୁରୁଷାନୁକ୍ରମେ ବ୍ୟବହାର କରି ଆସୁଛନ୍ତି। ମାତ୍ର ଗତ କିଛିଦିନ ତଳେ ଉପରୋକ୍ତ କମଳାକାନ୍ତ ଓ ଉମାକାନ୍ତ ସାମଲ ଉକ୍ତ ଗ୍ରାମର ଶୃତିରଂଜନ ଦାସ, ପିତା ରଣଜିତ ଦାସଙ୍କ ପୁତ୍ରଙ୍କ ସହାୟତାରେ ଜେସିବି ମେସିନ ଲଗାଇ ନିଜ ଜମିରୁ ମାଟି ଉଠାଇବା ସହିତ ଉକ୍ତ ପଦା ଜମିରୁ ମାଟି ଉଠାଇ ବିକ୍ରି କରିଛନ୍ତି ଓ ପଦାକୁ ନିଜ ଜମିସହିତ ସମତୁଲ କରିଛନ୍ତି ବୋଲି ଗ୍ରାମବାସୀ ତହସିଲଦାରଙ୍କ ନକଟରେ ଅଭିଯୋଗ ପ୍ରଦାନ କରିଛନ୍ତି। ଏବିଷୟରେ ଗ୍ରାମବାସୀମାନେ ପଚାରିବାରୁ ଗାଳିଗୁଲଜ ଓ ମିଥ୍ୟା କେଶ କରିବାର ଧମକ ମଧ୍ୟ ଦେଇଥିବା ଜଣାଇଛନ୍ତି। ତେଣୁ ଉକ୍ତ ବ୍ୟକ୍ତି ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବା ସହିତ ସରଜମିନ ତଦନ୍ତ କରିବାକୁ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପ୍ରଦାନ ସମୟରେ ଗ୍ରାମର ସଂଜୟ କୁମାର ଘୋଷ, ବଳରାମ ବାଗ, ସଂଜୀବ ଘୋଷ, ରାମଚନ୍ଦ୍ର ଘୋଷ, ବନ ଘୋଷ, ମନୋରଂଜନ ଘୋଷ, କାର୍ତ୍ତିକ ଦାସ, ପ୍ରଣତୋଷ ମହାନ୍ତି, ଶ୍ରବଣ ଦାସ, ଅଜୟ ମହାନ୍ତି ପ୍ରମୁଖ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନା ଚେନ୍

ବିଶୋଇ, ୮।୭ (ସମିସ): ମୁହଁରେ ମାସ୍କ ଲଗାଇ କଳା ରଙ୍ଗର ପଲସର୍ ବାଇକ୍‌ରେ ଆସି ଦୁଇଜଣ ଯୁବକ ଜଣେ ମହିଳାଙ୍କ ବେକରୁ ସୁନାଚେନ ଝାମ୍ପି ନେଇଛନ୍ତି। ଏହ ଘଟଣା ଘଟିଛି ବିଶୋଇ ଥାନା ଅଞ୍ଚଳରେ। ଆଜି ସକାଳ ପ୍ରାୟ ସାଢ଼େ ୫ଟାରେ ବିଶୋଇ ମନ୍ଦିର ସାହିର ବାସିନ୍ଦା ପଙ୍କଜିନୀ ଧଳ(୫୦) ନିଜ ଘର ନିକଟରେ ଥିବା ଫୁଲ ଗଛରୁ ଫୁଲ ତୋଳିବା ପାଇଁ ଯାଇଥିଲେ। ଏହି ସମୟରେ କଳା ରଙ୍ଗର ପଲସରରେ ଦୁଇ ଯୁବକ ଆସି ପଙ୍କଜିନୀଙ୍କୁ ଜଣେ ହୋମିଓପାଥିକ ଡାକ୍ତରଙ୍କ ସମ୍ପର୍କରେ ପଚାରିବା ବାହାନାରେ ଚେନ୍ ଝାମ୍ପି ନେଉଥିଲେ। ଏହି ସମୟରେ ପଙ୍କଜିନୀ ସୁନାଚେନକୁ ଧରି ପକାଇଥିଲେ। ଫଳରେ ଚେନର କିଛି ଅଂଶ ପଙ୍କଜିନୀଙ୍କ ହାତରେ ଏବଂ ଅନ୍ୟ କିଛି ଅଂଶ ଲୁଟେରାଙ୍କ ହାତରେ ରହିଯାଇଥିଲା। ପଙ୍କଜିନୀଙ୍କ ପୁଅ ଲଳିତ ଟିପିରିଆ ଏହି ଘଟଣାକୁ ନେଇ ବିଶୋଇ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ଏହି ଘଟଣାକୁ ନେଇ ବିଶୋଇ ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ପୁଲିସ ଘଟଣାର ତଦନ୍ତ ଚଳାଇଛି। ବିଶୋଇ ଅଞ୍ଚଳରେ ଗତ କିଛିଦିନ ପୂର୍ବରୁ ଦୁଇ ଦୋକାନରୁ ଚୋରି ହୋଇଥିବା ବେଳେ ଆଜି ସକାଳ ସମୟରେ ଜଣେ ମହିଳାଙ୍କ ଠାରୁ ସୁନାଚେନ ଲୁଟିନେବା ଘଟଣା ସମଗ୍ର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟିକରିଛି। ପୁଲିସ ପ୍ରଶାସନ ଏହି ଅଞ୍ଚଳରେ ଘଟୁଥିବା ଲୁଟ୍, ଚିନ୍ତାଇ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଦାବି ହେଉଛି।

● ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ

## ବେଉସା ହରାଇରେ ୬୭ ପରିବାର

ରାଇରଙ୍ଗପୁର, ୮।୭ (ସମିସ): ରାଇରଙ୍ଗପୁର ସହରର ଜନସଂଖ୍ୟା ହୁ ହୁ ବୃଦ୍ଧି ପାଉଛି। ସରକାର ମଧ୍ୟ ଆଇନଶୃଙ୍ଖଳା, ଟ୍ରାଫିକ, ଅପରଧ ନିୟନ୍ତ୍ରଣ ପାଇଁ ରାଇରଙ୍ଗପୁର ପୁଲିସ ଜିଲ୍ଲା ଘୋଷଣା କରିଛନ୍ତି। ଜନସଂଖ୍ୟା ବୃଦ୍ଧି ସହ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ରାସ୍ତା ପାଶ୍ୱର୍ରେ ଛୋଟ ଛୋଟ ଦୋକାନ କରି ଚଳୁଛନ୍ତି। ରାଇରଙ୍ଗପୁର ସହରରେ ବାଇପାସ୍ ନ ଥିବାରୁ ସହରର ୍ୱମଧ ଦେଇ ଜାତୀୟ ରାଜପଥ ୨୨୦ ନମ୍ବର ଯାଇଛି। ତଦ୍‌ସହ ଦୁଇଟି ଲୌହଖଣି ଚାଲୁ ସହିତ କେନ୍ଦୁଝରେ, ଯୋଡ଼ା, ବଡ଼ବିଲ, କୋଇଡ଼ା ଲୌହଖଣି ଅଞ୍ଚଳରୁ ଶହ ଶହ ଲୌହ ପଥର ବୋଝେଇ ପରିବହନ ଟ୍ରକ୍ ଏହି ମୁଖ୍ୟ ରାସ୍ତା ଦେଇ ବାହାର ରାଜ୍ୟକୁ ଯାଉଛି। ଏଥିସହ ଦୈନିକ ଶହ ଶହ ବସ୍ ଟ୍ରକ୍, ଭାରିଯାନ, ଲଘୁଯାନ ଯାଉଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସେହିପରି ଦୈନିକ କିଛି ନା କିଛି ଛୋଟବଡ଼ ଦୁର୍ଘଟଣା ଘଟୁଛି। ଫଳରେ ବହୁ ଧନ ଜୀବନ ନଷ୍ଟ ହେଉଛି। ଆଗକୁ ରାଇରଙ୍ଗପୁର ପ୍ରସିଦ୍ଧ ରଥଯାତ୍ରା ଅଛି। ତେଣୁ ଟ୍ରାଫିକ ସମସ୍ୟା ଗୁରୁତର ଏବଂ ଜବରଦଖଲକାରୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ତରଫରୁ ଉଠା ଦୋକାନୀଙ୍କୁ ଉଚ୍ଛେଦ ପାଇଁ ପୂର୍ବରୁ ବହୁଥର ନୋଟିସ ଜାରି କରାଯାଇଥିଲା। ଆଜି ପ୍ରଶାସନ ତରଫରୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ଏସ୍‌ଡିପିଓ ବୀରେନ୍ଦ୍ର ସେନାପତି, ବହଳଦା ତହସିଲଦାର ଶିବ ନାରାୟଣ ମୁର୍ମୁ, ରାଇରଙ୍ଗପୁର ତହସିଲଦାର ଭବାନୀ ପ୍ରସାଦ ସାହୁ, ରାଇରଙ୍ଗପୁର ଟାଉନଥାନାଧିକାରୀ ରଞ୍ଜନ ସେଠୀ, ସୁପରଭାଇଜର ନିହାର କୁମାର ପାତ୍ର, ଆର୍‌ଆଇ ରଞ୍ଜନ ମହାନ୍ତ, ଆରଆଇ ସୁନାରାମ ମାଝୀଙ୍କ ସମେତ ୨ ପ୍ଲାଟୁନ ପୁଲିସ ଉପସ୍ଥିତ ରହି ଜବରଦଖଲରେ ଥିବା ୬୭ ଟି ଦୋକାନକୁ ହଟାଇବାକୁ ସ୍ଥିର କରିଥିଲେ। ଅଧିକାଂଶ ଦୋକାନୀ ସ୍ୱତଃସ୍ଫୁର୍ତ୍ତ ଭାବରେ ନିଜ ନିଜ ଦୋକାନର ଆସବାବପତ୍ର ଉଠାଇଥିଲେ। କିଛି ସ୍ଥାନରେ ଜେସିବି ଦ୍ୱାରା ଭଙ୍ଗାରୁଜା କରାଯାଇଥିଲା। ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖ, ରାଇରଙ୍ଗପୁର ଉଚ୍ଚ ବାଳକ ବିଦ୍ୟାଳୟ ଓ ବାଳିକା ବିଦ୍ୟାଳୟ, ରାଇରଙ୍ଗପୁର ମୁଖ୍ୟ ଡାକଘର ସମ୍ମୁଖ, କୁଚେଇବୁଢ଼ୀ ହନୁମାନ ମନ୍ଦିର ଛକ ନିକଟରେ ଥିବା ୬୭ ଟି ଉଠା ଦୋକାନକୁ ହଟା ଯାଇଥିଲା। ଏହାଦ୍ୱାରା ୬୭ ଟି ଦୋକାନ ଉପରେ ନିର୍ଭର କରୁଥିବା ତାଙ୍କ ପରିବାରର ୭୦୦ ଲୋକ ନିଜର ବେଉସା ହରାଇ ହତାଶ ହୋଇପଡ଼ିଛନ୍ତି। ଏପରିକି ଘରେ କାନ୍ଦବୋବାଳି ପଡ଼ିଯାଇଥିଲା।

**ଜଳେଶ୍ୱର ବ୍ଲକରେ ଅଚଳାବସ୍ଥା**

## ବଦଳି ପରେ ବି କାର୍ଯ୍ୟଭାର ଛାଡୁନାହାନ୍ତି ପିଇଓ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୮।୭ (ସମିସ)




ଜଳେଶ୍ୱର ବ୍ଲକରେ କାର୍ଯ୍ୟ କରୁଥିବା ପିଇଓ ମାନଙ୍କର ଗତ ୩ ମାସ ତଳୁ ବଦଳି ନିର୍ଦ୍ଦେଶ ମିଳିଛି। ମାତ୍ର ଆଜିଯାଏ କାର୍ଯ୍ୟଭାର ହସ୍ତାନ୍ତର କରୁନାହାନ୍ତି ପିଇଓମାନେ। ଦୀର୍ଘଦିନରୁ ବଦଳି ନିର୍ଦ୍ଦେଶ ପାଇଲା ପରେ ମଧ କାର୍ଯ୍ୟ ଭାର ହସ୍ତାନ୍ତର କରୁ ନ ଥିବାରୁ ଜଳେଶ୍ୱର ବ୍ଲକର ୩୫ଟି ଗ୍ରାମ ପଂଚାୟତରେ ପିଇଓ ପଦବୀ ଖାଲି ପଡିବା ସହିତ ଅଚଳାବସ୍ଥା ଲାଗି ରହିଛି। ଜଳେଶ୍ୱର ପଂଚାୟତ ସମିତିର ବିଭିନ୍ନ ପଂଚାୟତରେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ କୋଟିକୋଟି ଟଙ୍କାର ଅର୍ଥ ବାଟମାରଣା ହୋଇଥିବା ବେଳେ ସମସ୍ତ ଅର୍ଥ ଏହି ପିଇଓ ମାନଙ୍କ ଦ୍ୱାରା ହିଁ ହୋଇଥାଏ। ଯାହା ଜଣାପଡିଛି ହଠାତ୍ ବଦଳି ନିର୍ଦ୍ଦେଶ ଆସିବା ଦ୍ୱାରା ପଂଚାୟତର ବିଭିନ୍ନ ପ୍ରକଳ୍ପର ଖାତା ପତ୍ର ଠିକ ହୋଇପାରିନାହିଁ। ତେଣୁ ବ୍ଲକର ଅଧିକାରୀଙ୍କଠାରୁ ପିଇଓ ଓ ନିର୍ବାଚିତ ପ୍ରତିନିଧି ସମସ୍ତଙ୍କର ଅବସ୍ଥା ବିଗିଡିବାରେ ଲାଗିଛି। ଯାହା ଫଳରେ ଜଳେଶ୍ୱର ବ୍ଲକର ବିଭିନ୍ନ ପଂଚାୟତରେ ଥିବା ପିଇଓମାନେ ଅନ୍ୟତ୍ର ଯିବାକୁ ରାଜି ହେଉ ନାହାନ୍ତି। ଯେନତେନ ପ୍ରକାରେଣ ଏହି ବ୍ଲକରେ ରହିବାକୁ ପ୍ରୟାସ ଚଳାଇଛନ୍ତି। ଜଣାଯାଇଛି ଜନୈକ ପିଇଓ ୪ଟି ପଂଚାୟତର କାର୍ଯ୍ୟଭାର ଚଳାଉଥିଲେ। ଶୁଣାଯାଏ ତାଙ୍କୁ ଜଳେଶ୍ୱର ବିଡିଓ ପୁନଃ ସ୍ଥାପିତ କରିବାର ପ୍ରୟାସରେ ବ୍ଲକ ଛାଡି ନୂତନ ଯାଗାକୁ ଯିବାକୁ ଦେଇ ନ ଥିଲେ। ମାତ୍ର ଜିଲ୍ଲାପାଳଙ୍କ ନୁତନ ଚିଠି ଓ ତାଗିଦ ପରେ ତୁରନ୍ତ ଯିବାକୁ ବାଧ ହୋଇଛନ୍ତି। ସରକାରଙ୍କ ଚାକିରୀ ନିୟମାନୁଯାୟୀ ପଂଚାୟତ ସମିତି କାର୍ଯ୍ୟାଳୟର ସରକାରୀ କର୍ମଚାରୀ ମାନଙ୍କର ପ୍ରତି ୩ ବର୍ଷରେ ଥରେ ଏପ୍ରିଲ ୧୫ରୁ ଜୁନ ୧୫ ମଧ୍ୟରେ ବଦଳି ହେବାର ନିୟମ ରହିଛି। ତେବେ ଜଳେଶ୍ୱର ପଂଚାୟତ ସମିତି କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ବହୁ କର୍ମଚାରୀ ରହିଥିଲେ ଯେଉଁମାନଙ୍କର ବଦଳି ହୋଇନଥିଲା। ସରକାରଙ୍କ ନିୟମାନୁଯାୟୀ ଚଳିତ ବର୍ଷ ଜଳେଶ୍ୱର ବ୍ଲକର ୯ଜଣ ପିଇଓଙ୍କ ଅନ୍ୟତ୍ର ବଦଳି ନିର୍ଦ୍ଦେଶ ହୋଇଥିଲା। ପ୍ରତିବଦଳରେ ୧୦ଜଣ ପିଇଓ ଜଳେଶ୍ୱର ପଂଚାୟତ ସମିତିକୁ ବଦଳି ଭାବେ ଆସିଥିଲେ। ମାତ୍ର ଆଜକୁ ୩ମାସ ବିତିଯାଇଥିଲେ ମଧ୍ୟ ନୂତନ ବଦଳି ହୋଇଆସିଥିବା ପିଇଓମାନେ ସେମାନଙ୍କର କାର୍ଯ୍ୟଭାର ଗ୍ରହଣ କରିନାହାନ୍ତି। ଯାହା ଫଳରେ ସମସ୍ତ ପଂଚାୟତ କାର୍ଯ୍ୟାଳୟ ଗୁଡିକରେ ଅଚଳାବସ୍ଥା ଲାଗିରହିଛି। ନୂତନ ଭାବେ ଆସିଥିବା ପିଇଓମାନଙ୍କର କହିବାନୁଯାୟୀ ପ୍ରଥମେ ବିଡିଓ ସେମାନଙ୍କୁ ପଂଚାୟତ ବଣ୍ଟନ କରୁନଥିଲେ। ପଂଚାୟତର ଲୋକଙ୍କ ଚାପ ଓ ଜିଲ୍ଲାପାଳଙ୍କ ତାଗିଦ ପରେ ପଂଚାୟତ ବଣ୍ଟନ କରିଛନ୍ତି। ମାତ୍ର ଯେଉଁ ପଂଚାୟତ ଦେଇଛନ୍ତି ସେହି ପଂଚାୟତର ପୂର୍ବତନ ପିଇଓ ମାନେ ସେମାନଙ୍କୁ କାର୍ଯ୍ୟଭାର ପ୍ରଦାନ କରୁନାହାନ୍ତି। ନୂତନ ଜାଗାରେ ନିଯୁକ୍ତି ହୋଇଯାଇଥିଲେ ମଧ୍ୟ ପୂର୍ବ ପଂଚାୟତର ଦାୟିତ୍ୱ ପ୍ରଦାନ କରିନାହାନ୍ତି। ଶୁଣିବାକୁ ମିଳୁଛି ଯେ ବଦଳି ହୋଇଯାଇଥିବା ପିଇଓମାନେ ନେତା, ମନ୍ତ୍ରୀଙ୍କୁ ଧରି ପୁଣି ଜଳେଶ୍ୱର ବ୍ଲକର ପୂର୍ବ ସ୍ଥାନରେ ସ୍ଥାନିତ ହେବେ ତେଣୁ ଦାୟିତ୍ୱ ଦେଉ ନାହାନ୍ତି। ଏହି ଅସୁବିଧାର ତୁରନ୍ତ ସୁଧାର ପାଇଁ ନୂତନ ପିଇଓ ମାନଙ୍କୁ କାର୍ଯ୍ୟରେ ଯୋଗଦେବା ସହିତ ପଂଚାୟତ ଗୁଡିକୁ କାର୍ଯ୍ୟକ୍ଷମ କରିବାକୁ ବିଭିନ୍ନ ପଂଚାୟତର ଜନସାଧାରଣ ଦାବି କରିଛନ୍ତି। ତାଛଡା ଜଳେଶ୍ୱର ବ୍ଲକର ସମସ୍ତ ପଂଚାୟତ କାର୍ଯ୍ୟାଳୟ ଗୁଡିକରେ ଭିଜିଲାନ୍ସ ତଦନ୍ତ କଲେ ଅର୍ଥର ବାଟମାରଣା ବିଷୟରେ ଲୋକଲୋଚନକୁ ଆସିପାରନ୍ତା ବୋଲି ବିଭିନ୍ନ ପଂଚାୟତରେ ଆଲୋଚନାର ବିଷୟ ପାଲଟିଛି।

# କର୍ମଚାରୀ ଓ ଦଲାଲଙ୍କୁ ନେଇ ଭ୍ରମ

ବ୍ରହ୍ମପୁର,୮ ।୭(ସମିସ):

ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟରତ ଆଟେଣ୍ଡାଣ୍ଟଙ୍କର ନାହିଁ ପରିଚୟ ପତ୍ର କିମ୍ବା ସ୍ୱତନ୍ତ୍ର ୟୁନିଫର୍ମ। ଫଳରେ ଡାକ୍ତରଖାନାର କର୍ମଚାରୀଙ୍କୁ ଚିହ୍ନଟ କରିବାରେ ରୋଗୀ ତଥା ସେମାନଙ୍କ ସମ୍ପର୍କୀୟଙ୍କୁ ଦ୍ୱନ୍ଦ୍ୱରେ ରହିବାକୁ ପଡୁଛି। ଯାହାର ସୁଯୋଗ ନେଉଛନ୍ତି ମେଡିକାଲ କ୍ୟାମ୍ପସରେ ସକ୍ରିୟ ଦଲାଲ ଗୋଷ୍ଠୀ। ଫଳରେ ଅନେକ ସମୟରେ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଦୂର ଦୂରାନ୍ତରୁ ଆସୁଥିବା ରୋଗୀ ଓ ସମ୍ପର୍କୀୟ ଦଲାଲଙ୍କ କବଳରେ ପଡ଼ି ଆର୍ଥିକ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି। ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ବିଭିନ୍ନ କାର୍ଯ୍ୟରେ ଡ଼ାକ୍ତର, କର୍ମଚାରୀ ଓ ରୋଗୀଙ୍କୁ ସହଯୋଗ କରିବାକୁ ଆଟେଣ୍ଡାଣ୍ଟଙ୍କ ଆବଶ୍ୟକତା ରହିଛି। ଯାହାକୁ ଦୃଷ୍ଟିରେ ରଖି ହସ୍ପିଟାଲ କର୍ତ୍ତୃପକ୍ଷ ଘରୋଇ ଠିକା ସଂସ୍ଥା ଜରିଆରେ କର୍ମଚାରୀଙ୍କୁ ନିୟୋଜିତ କରି ଏହି ମାନବ ସମ୍ବଳ ଅଭାବକୁ ଦୂର କରିଥାନ୍ତି। ଏହି କ୍ରମରେ 'ଅଭିରାମ କେୟାର ଟେକିଂ ଆଣ୍ଡ ଏକ୍ସପୋର୍ଟ ସର୍ଭିସ' ନାମକ ଏକ ଘରୋଇ ସଂସ୍ଥା ଜରିଆରେ ଡାକ୍ତରଖାନାରେ ମୋଟ ୨୬୩ଜଣ ଆଟେଣ୍ଡାଣ୍ଟ ଯୋଗାଇବା ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ ଉକ୍ତ ଠିକା ସଂସ୍ଥା ପକ୍ଷରୁ ମେଡ଼ିକାଲର ବିଭିନ୍ନ ୱାଡର୍ ସମେତ ଅନ୍ୟାନ୍ୟ କାର୍ଯ୍ୟରେ ମୋଟ ୩୩୪ଜଣ ଆଟେଣ୍ଡାଣ୍ଟଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଅର୍ଥାତ୍ ଲିଭ

**ଘରୋଇ ସଂସ୍ଥା ପ୍ରତି ଏମ୍‌କେସିଜି କର୍ତ୍ତୃପକ୍ଷଙ୍କ କୋହଳ ମନୋଭାବ**

**ରୋଗୀ ଓ ସମ୍ପର୍କୀୟଙ୍କୁ ଭୋଗିବାକୁ ପଡୁଛି ସମସ୍ୟା**

**୨୦୨୧ରୁ କର୍ମଚାରୀଙ୍କୁ ମିଳିନି ୟୁନିଫର୍ମ, ନୋଟିସ ଓ ଚୁକ୍ତିନାମାର ଉଲଂଘନ କରୁଛି ଠିକା ସଂସ୍ଥା**




ରିଜର୍ଭରେ ଅଧିକ ୭୧ଜଣ ଆଟେଣ୍ଡାଣ୍ଟ ଥିବାବେଳେ କୌଣସି ଆଟେଣ୍ଡାଣ୍ଟ ଛୁଟିରେ ଗଲେ ଏହିମାନେ ଦାୟିତ୍ୱ ନିର୍ବାହ କରିଥାନ୍ତି। ଏହି ସଂସ୍ଥା ସହିତ ଏମକେସିଜି ମେଡିକାଲ କର୍ତ୍ତୃପକ୍ଷ ଗତ ଡିସେମ୍ବର ୨୦୨୦ରୁ ଚୁକ୍ତିନାମା କରିଥିବା ଜଣାପଡିଛି। ଏଥିପାଇଁ ମେଡିକାଲ କର୍ତ୍ତୃପକ୍ଷ ମାସିକ ପ୍ରାୟ ୩୦ଲକ୍ଷ ଟଙ୍କାରୁ ଉଦ୍ଧର୍ ହିସାବରେ ଉକ୍ତ ଘରୋଇ ସଂସ୍ଥାକୁ ପ୍ରଦାନ କରାଯାଉଥିବା ବେଳେ ବାର୍ଷିକ ଏହି ଅର୍ଥ ପ୍ରାୟ ୪କୋଟି ହେଉଥିବା ଜଣାପଡିଛି। ଚୁକ୍ତିନାମରେ ଘରୋଇ ସଂସ୍ଥା ନିଜ ଦ୍ୱାରା ନିୟୋଜିତ କର୍ମଚାରୀଙ୍କୁ ସ୍ୱତନ୍ତ୍ର ୟୁନିଫର୍ମ ଯୋଗାଇ ଦେବାକୁ ଚୁକ୍ତି ରହିଥିଲେ ହେଁ ଠିକା ସଂସ୍ଥା ଉକ୍ତ ଚୁକ୍ତିରେ ଖିଲାପ କରୁଥିବା ଦେଖିବାକୁ ମିଳିଛି। ଯାହାଫଳରେ ମେଡିକାଲର ବିଭିନ୍ନ ୱାର୍ଡରେ କାର୍ଯ୍ୟରତ ଆଟେଣ୍ଡାଣ୍ଟମାନେ କେହିହେଲେ ୟୁନିଫର୍ମ ପରିଧାନ କରୁନଥିବା ଦେଖିବାକୁ ମିଳୁଛି। କେବଳ ୟୁନିଫର୍ମ ନୁହେଁ ବରଂ ଠିକାସଂସ୍ଥା ଦ୍ୱାରା ନିୟୋଜିତ ଶତାଧିକ କର୍ମଚାରୀଙ୍କର ନିଜର କୌଣସି ପରିଚୟ ପତ୍ର ମଧ୍ୟ ନଥିବା ଦେଖିବାକୁ ମିଳିଛି। ଚୁକ୍ତିନାମ ପରଠାରୁ ଦିର୍ଘ ୬ବର୍ଷ ମଧ୍ୟରେ କେବଳ ଥରେ ମାତ୍ର ୟୁନିଫର୍ମ ଯୋଗାଇ ଦିଆଯାଇଥିବା ଜଣାପଡିଛି। ୟୁନିଫର୍ମ ଓ ପରିଚୟ ପତ୍ର ନଥିବାରୁ ପ୍ରକୃତ କର୍ମଚାରୀ ଓ ଦଲାଲଙ୍କ ମଧ୍ୟରେ ପାର୍ଥକ୍ୟ କରିବା ରୋଗୀ ଏବଂ ସେମାନଙ୍କ ପରିବାର ବର୍ଗଙ୍କ ପକ୍ଷେ କଷ୍ଟସାଧ ହେଉଛି। ଏହାର ସୁଯୋଗ ନେଇ କିଛି ଅସାଧୁ ବ୍ୟକ୍ତି ନିଜକୁ ଡାକ୍ତରଖାନାର କର୍ମଚାରୀର ପରିଚୟ ଦେଇ ରୋଗୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇବା ସହ ଅର୍ଥ ହଡପ କରୁଥିବା ଅଭିଯୋଗ ହୋଇଛି। ଫଳରେ ହସ୍ପିଟାଲର ସୁରକ୍ଷା ଓ ସ୍ୱଚ୍ଛ ପରିଚାଳନା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ଏମକେସିଜି ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏନେଇ ସମ୍ପୃକ୍ତ ଠିକା ସଂସ୍ଥାକୁ ବାରମ୍ବାର ନୋଟିସ ଜାରି କରାଯାଇଥିଲେ ହେଁ ଏପର୍ଯ୍ୟନ୍ତ ୟୁନିଫର୍ମ ଯୋଗାଣରେ ସମ୍ପୃକ୍ତ ସଂସ୍ଥା ବେଖାତିର କରିଥିବା ଦେଖିବାକୁ ମିଳିଛି। ଚୁକ୍ତିନାମାର ସର୍ତ୍ତ ଅନୁଯାୟୀ କର୍ମଚାରୀଙ୍କୁ ୟୁନିଫର୍ମ ସହିତ ପରିଚୟପତ୍ର ପ୍ରଦାନ ବାଧ୍ୟତାମୂଳକ ହୋଇଥିବା ସତ୍ତ୍ୱେ ଠିକା ସଂସ୍ଥା 'ଅଭିରାମ କେୟାର ଟେକିଂ ଆଣ୍ଡ ଏକ୍ସପୋର୍ଟ ସର୍ଭିସ' ଏହାକୁ ଗୁରୁତ୍ୱ ଦେଉନଥିବା ଜଣାପଡିଛି। ତେଣୁ ହସ୍ପିଟାଲରେ କାର୍ଯ୍ୟରତ ସମସ୍ତ ଆଟେଣ୍ଡାଣ୍ଟଙ୍କୁ ତୁରନ୍ତ ୟୁନିଫର୍ମ ଓ ପରିଚୟପତ୍ର ପ୍ରଦାନ କରାଯିବା ସହ ଚୁକ୍ତିନାମାରେ ଖିଲାପ କରିଥିବା ଠିକା ସଂସ୍ଥା ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ସବୁଠାରୁ ବଡକଥା ହେଲା ଏହି ସଂସ୍ଥାର ଚୁକ୍ତିନାମାର ଅବଧି ଅଛି କି ନାହିଁ ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ମେଡ଼ିକାଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି। ସେପଟେ ଠିକା ସଂସ୍ଥା ଦ୍ୱାରା ନିୟୋଜିତ କର୍ମଚାରୀଙ୍କୁ ୟୁନିଫର୍ମ ଓ ପରିଚୟପତ୍ର ପ୍ରଦାନ ନିମନ୍ତେ ବିଭିନ୍ନ ସମୟରେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବାରମ୍ବାର ନୋଟିସ ଜାରି କରାଯାଇଛି। ସେହିଭଳି ମେଡିକାଲରେ ସକ୍ରିୟ ଦଲାଲଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସକୁ ମଧ୍ୟ ଚିଠି ଲେଖାଯାଇଥିବା କହିଛନ୍ତି ମେଡିକାଲର ରେଜିଷ୍ଟ୍ରାର ଡଃ ଶ୍ୱେତକୁମାର ଦାସ।

# ଯୁକ୍ତ ଦୁଇ ନାମଲେଖା ପାଇଁ ପ୍ରଥମ ମେଧା ତାଲିକା ପ୍ରକାଶ

ବ୍ରହ୍ମପୁର,୮ ।୭(ସମିସ): ଯୁକ୍ତ ଦୁଇରେ ନାମଲେଖା ନିମନ୍ତେ ମେଧାବୀ ଛାତ୍ରଛାତ୍ରୀଙ୍କ ପ୍ରଥମ ମେରିଟ୍ ତାଲିକା ତଥା କଟ ଅଫ ମାର୍କ ପ୍ରକାଶ ପାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକରେ ବିଜ୍ଞାନ, କଳା, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷା ବିଭାଗରେ ନାମଲେଖା ପାଇଁ ଏହି ତାଲିକା ଜାରି କରାଯାଇଛି। ଚଳି ତବର୍ଷ ଗଞ୍ଜାମ ସହରର ନିଳକଣ୍ଠନଗର ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆଗରେ ରହିଛି। ଶିକ୍ଷାନୁଷ୍ଠାନରେ ବିଜ୍ଞାନ ବିଷୟରେ ସାଧାରଣବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ସର୍ବାଧିକ କଟ ଅଫ ମାର୍କ ୮୬.୮୦ ପ୍ରତିଶତ ରହିଥିବା ବେଳେ ବାଣିଜ୍ୟରେ ମଧ୍ୟ ସର୍ବାଧିକ କଟଅଫ ମାର୍କ ଶତକଡ଼ା ୬୫.୮୦ ରହିଛି। ସେହିପରି ଦ୍ୱିତୀୟରେ ବ୍ରହ୍ମପୁରର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ଉକ୍ତ ଶିକ୍ଷାନୁଷ୍ଠାନରେ ବିଜ୍ଞାନ ବିଷୟରେ କଟଅଫ ମାର୍କ ୮୨.୮୦ ପ୍ରତିଶତ ରହିଥିବା ବେଳେ ବାଣିଜ୍ୟରେ ୬୫.୫୦ ଓ କଳା ବିଷୟରେ ୬୭.୬୭ ପ୍ରତିଶତ ରହିଛି। ତେବେ କଳା ବିଷୟରେ ବ୍ରହ୍ମପୁର ସ୍ଥିତ ଶଶିଭୂଷଣ ରଥ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜିଲ୍ଲାରେ ସବୁଠୁ ଆଗରେ ରହିଛି। ଏହି ମହିଳା ଶିକ୍ଷାନୁଷ୍ଠାନରେ କଳା ବିଷୟରେ ୭୨ ପ୍ରତିଶତ କଟଅଫ ମାର୍କ ରହିଛି। ସେହିପରି ବିଜ୍ଞାନ ବିଷୟ ପାଇଁ ୮୧.୫୦ ପ୍ରତିଶତ ରହିଥିବା ବେଳେ ବାଣିଜ୍ୟ ପାଇଁ ୬୩.୧୭ ପ୍ରତିଶତ ରହିଛି। ଏହା ପରେ ବିନାୟକ ଆଚାର୍ଯ୍ୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ବିଜ୍ଞାନ ବିଷୟର କଟଅଫ ମାର୍କ ୭୧.୬୭ ପ୍ରତିଶତ ରହିଥିବା ବେଳେ କଳା ବିଷୟ ପାଇଁ ୬୦.୦୦ ଏବଂ ବାଣିଜ୍ୟ ବିଷୟ ପାଇଁ ୪୧.୫୦ ରହିଛି। ସେହିପରି ମହାମାୟୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ବିଷୟରେ ଶତକଡ଼ା ୬୬.୬୭ କଟଅଫ ମାର୍କ ରହିଥିବା ବେଳେ କଳା ବିଷୟରେ ୫୮ ଏବଂ ବିଣିଜ୍ୟରେ ୩୩ ପ୍ରତିଶତ ରହିଛି। ସେହିପରି ସିଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ପାଇଁ ୬୨.୩୩, କଳା ବିଷୟ ପାଇଁ ୫୫ ଓ ବାଣିଜ୍ୟ ବିଷୟ ପାଇଁ ୩୩ ପ୍ରତିଶତ ରହିଛି। ମେରିଟ୍ ତାଲିକାରେ ସ୍ଥାନ ପାଇଥିବା ଛାତ୍ରଛାତ୍ରୀମାନେ ଚଳିତ ମାସ ୯ରୁ ୧୫ତାରିଖରେ ମଧ୍ୟରେ ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆବଶ୍ୟକ କାଗଜପତ୍ର ସହ ନାମଲେଖା ସମ୍ପୂର୍ଣ୍ଣ କରିବାକୁ କୁହାଯାଇଛି। ପରବର୍ତ୍ତି ସମୟରେ ଚଳିତ ମାସ ୨୩ତାରିଖରେ ଦ୍ୱିତୀୟ ମେଧାବୀ ଛାତ୍ରଛାତ୍ରୀଙ୍କ ମେରିଟ୍ ତାଲିକା ପ୍ରକାଶ ପାଇବ ବୋଲି ସାମ୍ସ ପକ୍ଷରୁ ସୂଚନା ମିଳିଛି।

# ସୁନା ଧୋଇବା ଆଳରେ ଠକେଇ

ବ୍ରହ୍ମପୁର,୮।୭(ସମିସ): ଗୋପାଳପୁର ଥାନା ନିକଟସ୍ଥ ରାଣୀ ବଙ୍ଗଳାରେ ରହୁଥିବା ଜଣେ ବୃଦ୍ଧାଙ୍କ ଠାରୁ ୨ଜଣ ଦୁର୍ବୃତ୍ତ ସୁନା ଧୋଇବାକୁ ଆସି ଅସଲି ସୁନାକୁ ନେଇ ଚମ୍ପଟ ମାରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ପ୍ରକାରେ ରାଣୀ ବଙ୍ଗଳାରେ ରହୁଥିବା ବି,ଶକୁନ୍ତଳା ବୟସ ୬୧ ଘରେ ଏକା ଥିବା ସମୟରେ ଦିନ ୧୧ ଟା ସମୟରେ ୨ ଜଣ ବୟସ୍କ ଲୋକ ଆସି ସୁନା ସଫା କରିବାକୁ କହିଥିଲେ। ପରେ ବୃଦ୍ଧା ଜଣକ ଦୁଇ ତୁଳା ସୁନା ଚେନ ୧, ଦୁଇ ତୁଳାର ୨ଟି ଚୁଡ଼ି ପ୍ରାୟ ୪ ତୁଳା ସୁନା ଅଳଙ୍କାର ଧୋଇବାକୁ ଦେଇଥିଲେ। ସେହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ବୃଦ୍ଧାଙ୍କ ମୁହଁରେ କିଛି ପାଉଡର ଫୋପାଡ଼ି ଦେଇଥିଲେ। ସେଥିରେ ବୃଦ୍ଧା ଜଣକ କିଛି ଜାଣିପାରି ନଥିବାରୁ ଅସଲି ୪ ତୋଳା ସୁନା ଧରି ସେଠାରୁ ଚାଲି ଯାଇଥିଲେ। ପରେ ଏ ନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୩୯ ୯/୨୬ ମାମଲା ରୁଜୁ କରି ଅଞ୍ଚଳରେ ଲାଗିଥିବା ସିସି ଫୁଟେଜ ଯାଞ୍ଚ କରି ତଦନ୍ତ କରୁଥିବା ପୁଲିସ କହିଛି।

# ଗଅଞ୍ଜୁ ଗ୍ରାମରେ ବୃଦ୍ଧକୁ ହତ୍ୟା; ଅଭିଯୁକ୍ତ ଅଟକ

ବ୍ରହ୍ମପୁର,୮।୭(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଗଅଞ୍ଜୁ ନୁଆଁ ସାହିର ଜଣେ ବୃଦ୍ଧକୁ ହତ୍ୟା ହୋଇଛି। ମୃତକ ଜଣକ ହେଲେ ସଇତ ଦାସ ( ୬୦) ବୋଲି ଜଣାପଡ଼ିଛି। ଅଭିଯୁକ୍ତ ସୁନୀଲ କୁମାର ମାଝୀକୁ ପୁଲିସ ଥାନାକୁ ଆଣି ପଚରା ଉଚରା ଜାରି ରଖିଛି। ସୂଚନା ପ୍ରକାରେ ପୁରୀ ଅଂଚଳର ସୁନୀଲ ପ୍ରାୟ ୨ ବର୍ଷ ହେବ ଗଅଞ୍ଜୁ ଗ୍ରାମର ନୁଆଁ ସାହିରେ ମୃତଙ୍କ ଘର ପଡ଼ିଶାରେ ଆସି ଜଣକ ଘରେ ରହୁଥିଲା। କିଛି ଦିନ ତଳେ ମୃତ ସଇତର ଝିଅର ଦେହ ଖରାପ ରହିଥିବାରୁ ରକ୍ତର ଆବଶ୍ୟକ ପଡିଥିଲା। ସେହି ସମୟରେ ସୁନୀଲ ରକ୍ତ ଦେଇଥିଲେ। ତାହାରି ବାବଦକୁ ସଇତଙ୍କୁ ଟଙ୍କା ମାଗି ଆସୁଥିଲେ। ଆଜି ମଧ୍ୟାହ୍ନ ପ୍ରାୟ ୧ ଟା ସମୟରେ ମୃତ ସଇତ ବିଲ କାମ ସାରି ପଞ୍ଚାୟତ ପାଖରେ ଥିବା ଗୁଡ଼ିଆ ବନ୍ଧ ପୋଖରୀ ନିକଟରେ ଥିବା ବସଷ୍ଟପ ବିଶ୍ରାମ ଗାରରେ ବିଶ୍ରାମ କରୁଥିଲେ। ସେହି ସମୟରେ ସୁନୀଲ ମଦ୍ୟପାନ କରି ଆସି ଝିଅକୁ ଦେଇଥିବା ରକ୍ତର ଟଙ୍କା ମାଗିଥିଲା। ସେ କହିଲେ ଘରକୁ ଆସିଲେ ଦେବି ବୋଲି କହିଥିଲେ। ଏହା ଶୁଣି ରାଗିଯାଇ ସଇତି କାମକୁ ନେଇଥିବା କୁଡ଼ିରେ ଦେହର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିଲା। ସେଥିରେ ସେ ଗୁରୁତର ଆହତ ହୋଇ ଟଳି ପଡ଼ିଥିଲେ। ଖବର ପାଇଁ ଗ୍ରାମର ଲୋକେ ସେଠାରେ ପହଞ୍ଚି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇଁ ପରିବାର ଲୋକେ ଆମ୍ବୁଲାନ୍ସରେ ବ୍ରହ୍ମପୁର ମେଡିକାଲ ନେଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅଭିଯୁକ୍ତକୁ ଗ୍ରାମ ଲୋକେ କାବୁ କରି ଗୋପାଳପୁର ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ କାବୁ କରିବା ସହ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ଶବ ଗୃହରେ ରଖିଥିବା ବେଳେ ପରିବାର ଲୋକଙ୍କ ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୪୦୦/୨୬ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ପୁଲିସ କହିଛି।

**ଯାତ୍ରୀଙ୍କ ସୁନା ଗହଣା ଚୋରି ଘଟଣାର ପର୍ଦ୍ଦାଫାସ**

# ଦୁଇ ଗିରଫ, ୬୩ ଗ୍ରାମ୍ ଅଳଙ୍କାର ଜବତ

ବ୍ରହ୍ମପୁର,୮।୭(ସମିସ): ଟ୍ରେନ ଯାତ୍ରୀଙ୍କ ସୁନା ଗହଣା ଭର୍ତ୍ତି ବ୍ୟାଗ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି ଜିଆରପି ପୁଲିସ। ଏହି ଘଟଣାରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପୁଲିସ। ସେମାନେ ହେଲେ ଜଟଣୀ ଲୋକ କଲୋନୀର ସୁରଜ କୁମାର ପ୍ରସାଦ (୨୮) ଓ ଚୋରି ସାମଗ୍ରୀ କ୍ରୟ କରି ରଖିଥିବା ସଞ୍ଜୟ



ନାୟକ (୩୮)। ପୁଲିସ ତାଙ୍କ ନିକଟରୁ ୬୩. ୩୨ ଗ୍ରାମର ସୁନା ଅଳଙ୍କାର ଜବତ କରିଛି। ଯାହାର ମୂଲ୍ୟ ବର୍ତ୍ତମାନ ୭,୨୮,୨୧୬ ଟଙ୍କା। ଘଟଣାରୁ ପ୍ରକାଶ ଯେ, ରାୟଗଡାର କେଦାରନାଥ ଶବର ଗତ କିଛିଦିନ ପୂର୍ବରୁ ସେଠାରେ ଏକ ସ୍କୁଲରେ କାର୍ଯ୍ୟରତ ଜଣେ ଶିକ୍ଷୟତ୍ରୀ ପ୍ରିୟଙ୍କା ରାଉତଙ୍କୁ ବିବାହ କରିଥିଲେ। ପରେ ସେମାନେ ଶଶୁର ଘର ଭୁବନେଶ୍ୱର ଆସିଥିଲେ। ଗତ ୩୦ ତାରିଖ ରାତିରେ ଉକ୍ତ ଦମ୍ପତ୍ତି ଭୁବନେଶ୍ୱର-ରାୟଗଡା ଯାଉଥିବା ଏକ ଟ୍ରେନରେ ଯାତ୍ରା କରିଥିଲେ। ସେମାନେ ସଂରକ୍ଷଣ କକ୍ଷ ଏସ-୩ରେ ବସିଥିଲେ। କିଛି ସମୟ ପରେ ସେମାନେ ଶୋଇ ପଡ଼ିଥିଲେ। ରାତ୍ର ପ୍ରାୟ ୧୨ ଟା'ରେ ଟ୍ରେନ ବ୍ରହ୍ମପୁର ରେଳ ଷ୍ଟେସନରେ ଅଟକିଥିଲା। ପ୍ରିୟଙ୍କାଙ୍କ ଉଠି ଦେଖିବା ବେଳେ ସେ ତାଙ୍କ ପାଖରେ ରଖିଥିବା ଅଳଙ୍କାର ଭର୍ତ୍ତି ବ୍ୟାଗ ଗାୟବ ହୋଇଯାଇଥିଲା। ଅନ୍ୟ ଯାତ୍ରୀଙ୍କୁ ସେମାନେ ପଚରାଉଚରା କରି ନିରାଶ ହୋଇଥିଲେ। ଟ୍ରେନଟି ଷ୍ଟେସନ ଛାଡ଼ିଦେଇଥିବାରୁ ସେମାନେ ରାୟଗଡା ଚାଲି ଯାଇଥିଲେ। ଗତ ୧ତାରିଖରେ ସେମାନେ ବ୍ରହ୍ମପୁର ଜିଆରପି ଥାନାକୁ ଆସି ଏନେଇ ଅଭିଯୋଗ କରିଥିଲେ। ଜିଆରପି ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ଉଭୟ ଜିଆରପି ଓ ଆରପିଏଫ ପୁଲିସ ମିଳିତ ଭାବେ ଚଢ଼ାଉ କରି ଉକ୍ତ ସୁରଜଙ୍କୁ ଧରିବା ପରେ ପୁରା ଘଟଣାର ଖୁଲାସା ହୋଇଥିଲା। ପରେ ତା ପାଖରେ ରଖିଥିବା ଚୋରି ବଳକା ସୁନା ଅଳଙ୍କାର ଓ ଚୋରି ଗହଣା କ୍ରୟ କରି ନିଜ ପାଖରେ ରଖିଥିବା ସୁନା ଅଳଙ୍କାର ଜବତ କରାଯାଇଥିଲା ବୋଲି ପୁଲିସ ଏକ ପ୍ରେସନୋଟ ଜରିଆରେ ସୂଚନା ଦେଇଛି।

# ସବୁଜ ବାହିନୀ ପକ୍ଷରୁ ସାତଦିନିଆ ବନ ମହୋତ୍ସବ




ବ୍ରହ୍ମପୁର,୮।୭(ସମିସ): ଜୁଲାଇ ମାସର ପ୍ରଥମ ସପ୍ତାହ ଅବସରରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ସାତଦିନିଆ ବନ ମହୋତ୍ସବ ସପ୍ତାହ ବିଭିନ୍ନ ସ୍ଥାନରେ ଉତ୍ସାହର ସହ ପାଳନ କରାଯାଇଛି। ଏ ଅବସରରେ ବିଭିନ୍ନ ସାମାଜିକ ସଙ୍ଗଠନ, ଶିକ୍ଷାନୁଷ୍ଠାନ, ଆଶ୍ରମ ଓ ସ୍ୱାସ୍ଥ୍ୟ ଅନୁଷ୍ଠାନର ସହଯୋଗରେ ବୃକ୍ଷରୋପଣ, ବୃକ୍ଷ ସୁରକ୍ଷା ଏବଂ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ "ବୃକ୍ଷ ହିଁ ଜୀବନ' ଅଭିଯାନ ମାଧ୍ୟମରେ ଜନସାଧାରଣ, ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ବୃକ୍ଷରୋପଣ, ବୃକ୍ଷ ସଂରକ୍ଷଣ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅଭିଯାନ ସମୟରେ ଅନେକ ବ୍ୟକ୍ତି ବୃକ୍ଷକୁ ପୋଷ୍ୟ ଭାବେ ଗ୍ରହଣ କରି ତାହାର ଯତ୍ନ ନେବାକୁ ସଂକଳ୍ପବଦ୍ଧ ହୋଇଥିଲେ। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ବ୍ରହ୍ମପୁରର ମୁଖ୍ୟ ରାକେଶ ପୃଷ୍ଟି, ୟୁଥ୍ ହଷ୍ଟେଲ ଆସୋସିଏସନ୍ ଅଫ୍ ଇଣ୍ଡିଆ (ବ୍ରହ୍ମପୁର ଶାଖା)ର ପଦ୍ମନାଭ ଦାଭେ, ଆଇସିଏଆଇ(ସିଏ) ବ୍ରହ୍ମପୁର ଶାଖାର ସୀତାରଜନୀ, ହରିପୁର ଉଚ୍ଚ ବିଦ୍ୟାଳୟ ସିକ୍ଷୟତ୍ରି ରାଧା ରାଣୀ ବେହେରା (ହରିପୁର), ସାବରୀମାତା ଆଶ୍ରମର ନଗେନ୍ଦ୍ରନାଥ ମହାରଣା ଏବଂ ରୁବୀ ହସ୍ପିଟାଲ, ଚିକିଟିର ଡ଼ଃ ବି. ନାଗେଶ୍ୱର ରାଓ ସୁବୁଦ୍ଧିଙ୍କ ସମେତ ବିଭିନ୍ନ ସଂସ୍ଥା ଓ ସଙ୍ଗଠନର ପ୍ରତିନିଧିମାନେ ସକ୍ରିୟ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ସାଗର ପ୍ରସାଦ ପାତ୍ର, ସଦସ୍ୟ ପି. ଭିନୋଦ, ଏ. ପ୍ରକାଶ, ସୋହନ କୁମାର, ଦୀପକ ପାତ୍ର, ସବ୍ୟସାଚୀ ପଣ୍ଡା, ରବି କୁମାର ସାହାଣୀ, ଅଜୟ କୁମାର ସାହୁ, ବିରାଜ ପ୍ରସାଦ ପାତ୍ର, ସଞ୍ଜୟ କୁମାର ସାମନ୍ତରାୟ ଏବଂ ସ୍ନେକ୍ ହେଲ୍ପଲାଇନର ସଦସ୍ୟ ଶ୍ରୀ ସ୍ୱାଧୀନ କୁମାର ସାହୁ ପ୍ରମୁଖ ସକ୍ରିୟ ଭାବେ ସହଭାଗୀ ହୋଇଥିଲେ। ଏହି ଅବସରରେ ସଭାପତି ଶ୍ରୀ ଶିବରାମ ପାଣିଗ୍ରାହୀ କହିଥିଲେ ଯେ, ପରିବେଶ ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କର ସାମାଜିକ ଦାୟିତ୍ୱ। ତେଣୁ ପ୍ରତ୍ୟେକ ପରିବାର ଅତି କମରେ ଗୋଟିଏ ବୃକ୍ଷ ରୋପଣ କରି ତାହାର ଯତ୍ନ ନେବା ସହ ସବୁଜ ପରିବେଶ ଗଠନରେ ସହଯୋଗ କରିବାକୁ ସେ ଆହ୍ୱାନ ଜଣାଇଥିଲେ।

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗରେ ପାଠଚକ୍ର



ବ୍ରହ୍ମପୁର,୮ ।୭(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ ଗଣତନ୍ତ୍ରରେ ଅର୍ଥନୀତିର ଭୂମିକା ଉପରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଳସଚିବ ପାର୍ବତୀ ମଞ୍ଜରୀ ମହାଲିକଙ୍କ ପ୍ରେରଣାରେ ଅନୁଷ୍ଠିତ ପାଠଚକ୍ରକୁ କୁଳପତି ପ୍ରଫେସର ଅସୀମା ସାହୁ ଓ ସ୍ନାତକୋତ୍ତର ପରିଷଦର ସମୂହ ଅଧକ୍ଷ ପ୍ରଫେସର ମନୋଜ ପଟ୍ଟନାୟକ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି କୁଳପତି ପ୍ରଫେସର ସାହୁ ନିଜ ଉଦ୍‌ଘାଟନୀ ଭାଷଣରେ ଗଣତନ୍ତ୍ରରେ ଅର୍ଥନୀତିର ଆବଶ୍ୟକତା ବିଷୟରେ ନିଜର ଅନୁଭୂତିର ଏକ ଦୀକ୍ଷାନ୍ତ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ପଟ୍ଟନାୟକ କହିଥିଲେ ଗଣତନ୍ତ୍ର ଓ ଅର୍ଥନୀତି ଦୁହେଁ ଦୁହିଁଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ ଏବଂ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ। ନୂଆଁ ଦିଲ୍ଲୀସ୍ଥିତ ମାନବ ବିକାଶ ଅନୁଷ୍ଠାନର ଆମନ୍ତ୍ରିତ ପ୍ରଫେସର କେଶବ ଦାସ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଗଣତନ୍ତ୍ରରେ ଅର୍ଥନୀତିର ଉପାଦେୟତା ବିଷୟରେ ବିସ୍ତୃତ ଭାବେ ନିଜ ସନ୍ଧର୍ଭ ମାଧ୍ୟମରେ ଉପସ୍ଥାପିତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉପକୂଳସଚିବ ଡ଼. ପ୍ରଶାନ୍ତ କୁମାର ନରେନ୍ଦ୍ର ଯୋଗଦେଇ ଅର୍ଥନୀତି ହିଁ ଗଣତନ୍ତ୍ରର ମୂଳପିଣ୍ଡ ଅଭିଭିତ ସହ ଭବିଷ୍ୟତର ଗଣତନ୍ତ୍ର ଅର୍ଥନୀତି ଦ୍ୱାରା କିପରି ସୁରକ୍ଷିତ ରହିପାରିବ ତାରି ଉପରେ ନିଜର ବକ୍ତବ୍ୟ ଉପସ୍ଥାପନା କରିଥିଲେ। ଅଧ୍ୟାପିକା ନିକ୍ଷେପିତା ମଞ୍ଜରୀ ଜେନା ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ଡ଼. କିଶୋର ହରି ବାଡତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ। ଡ଼. ତନୁଜ କୁମାର ବିଷୋୟୀ ଓ ଡ଼. କିଶୋର କୁମାର ଟାକ୍ରି ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ସିନେଟକୁ ବ୍ରହ୍ମପୁର ଓ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ୮ ବିଧାୟକ ମନୋନୀତ

ବ୍ରହ୍ମପୁର,୮।୭(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସିନେଟକୁ ୮ଜଣ ବିଧାୟକ ମନୋନିତ ହୋଇଛନ୍ତି। ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପତିଙ୍କ ଦ୍ୱାରା ଏହି ସମସ୍ତ ବିଧାୟକ ମନୋନିତ ହୋଇଥିବା ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରୁ ଜଣାପଡିଛି। ପ୍ରକାଶିତ ବିଜ୍ଞପ୍ତି ପ୍ରକାରେ ଆସିକା ବିଧାୟକ ସରୋଜ କୁମାର ପାଢୀ, ଚିକିଟି ବିଧାୟକ ମନୋରଂଜନ ଦ୍ୟାନ ସାମନ୍ତରା, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଏବଂ ବାଲିଗୁଡା ବିଧାୟକ ଚକ୍ରମଣି କହଁରଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସିନେଟ ସଦସ୍ୟ ଭାବେ ମନୋନୀତ କରାଯାଇଛି। ସେହିଭଳି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସିନେଟ ସଦସ୍ୟ ଭାବେ ଖଲ୍ଲିକୋଟ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସେଠୀ, ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଏବଂ ସୋରଡା ବିଧାୟକ ନୀଳମଣି ବିଶୋୟୀଙ୍କୁ ମନୋନିତ କରାଯାଇଛି।

# ଶିକ୍ଷାନୀତି ପ୍ରତିବାଦରେ ୧୦ରେ ବିଜେଡିର ବିକ୍ଷୋଭ

ବ୍ରହ୍ମପୁର,୮।୭(ସମିସ):



ରାଜ୍ୟରେ ଚାଲିଥିବା ଶିକ୍ଷାନୀତିକୁ ବିରୋଧ କରି ଆସନ୍ତା ୧୦ ତାରିଖରେ ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନର ଅଂଶ ସ୍ୱରୂପ ଗଞ୍ଜାମ ଜିଲ୍ଲାରେ ବିକ୍ଷୋଭ, ଶୋଭାଯାତ୍ରା ଓ ଦକ୍ଷିଣାଞ୍ଚଳ ଆରଡିସିଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ବିଜେଡି ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଜେଡି ରାଜ୍ୟ କମିଟିର ନିଷ୍ପତ୍ତିକ୍ରମେ ଏହି ଆନ୍ଦୋଳନ କାର୍ଯ୍ୟକ୍ରମ ହେଉଥିବା ବେଳେ ଜିଲ୍ଲାର ସମସ୍ତ ସଂଗଠନକୁ ସକ୍ରିୟ ଭାବେ ସାମିଲ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ପୂର୍ବତନ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଦଳର ବରିଷ୍ଠ ନେତୃବୃନ୍ଦ ଆନ୍ଦୋଳନର ରୂପରେଖ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

ଶିକ୍ଷା କ୍ଷେତ୍ରରେ ସରକାରଙ୍କ ନୀତିକୁ ବିରୋଧ କରି ଗଣତାନ୍ତ୍ରିକ ଉପାୟରେ ଜନମତ ସୃଷ୍ଟି କରିବା ସହ ସରକାରଙ୍କ ନିକଟରେ ଦଳର ଦାବି ଉପସ୍ଥାପନ କରାଯିବ ବୋଲି ନେତାମାନେ କହିଥିଲେ। ବୈଠକରେ ସୂଚନା ଦିଆଯାଇଥିଲା ଯେ, ଆସନ୍ତା ୧୦ ତାରିଖ ସକାଳେ ବ୍ରହ୍ମପୁର ହିଲ୍‌ପାଟଣାସ୍ଥିତ ଗଣେଶ ମନ୍ଦିର ନିକଟରୁ ଏକ ବିଶାଳ ଶୋଭାଯାତ୍ରା ବାହାରିବ। ଶୋଭାଯାତ୍ରାରେ ଦଳର ବରିଷ୍ଠ କର୍ମକର୍ତ୍ତା, ଯୁବ ଓ ଛାତ୍ର ସଂଗଠନର ସଦସ୍ୟ, ମହିଳା କର୍ମୀ ଏବଂ ଶତାଧିକ ଦଳୀୟ କର୍ମୀ ସାମିଲ ହେବେ। ପରେ ଦକ୍ଷିଣାଞ୍ଚଳ ଆର୍‌ଡିସି କାର୍ଯ୍ୟାଳୟରେ ପହଞ୍ଚି ରାଜ୍ୟ ସରକାରଙ୍କ ଶିକ୍ଷାନୀତି ସମ୍ପର୍କିତ ବିଭିନ୍ନ ଦାବି ଉଲ୍ଲେଖ କରି ଏକ ସ୍ମାରକପତ୍ର ପ୍ରଦାନ କରାଯିବ।

ପ୍ରସ୍ତୁତି ବୈଠକରେ ପୂର୍ବତନ ବିଧାୟକ ଡ଼ା. ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଜେଡିର କାର୍ଯ୍ୟକାରୀ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଡ଼ା. ଭଗବାନ ଗନ୍ତାୟତ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ଖଲ୍ଲିକୋଟର ପୂର୍ବତନ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଆସିକା ଲୋକସଭା ଆସନର ପୂର୍ବତନ ପ୍ରାର୍ଥୀ ରଞ୍ଜିତା ସାହୁ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ, ପୂର୍ବତନ ବିଧାୟକ ସୁବାଷ ବେହେରାଙ୍କ ସମେତ ବହୁ ବରିଷ୍ଠ ନେତା, କର୍ପୋରେଟର ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଜିଲ୍ଲା ନେତୃତ୍ୱ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ କମିଟିର ନିର୍ଦ୍ଦେଶ ଅନୁଯାୟୀ ଗଞ୍ଜାମରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ସାଂଗଠନିକ ସ୍ତରରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିପୁଳ ସଂଖ୍ୟକ ଦଳୀୟ କର୍ମୀଙ୍କ ସମାଗମ ସହ ଆନ୍ଦୋଳନ ମାଧ୍ୟମରେ ଶିକ୍ଷାନୀତି ସମ୍ପର୍କିତ ଦଳର ଆଭିମୁଖ୍ୟ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ଉଦ୍ୟମ କରାଯିବ।

### ଆଖିବୁଜିଲେ ଆକ୍ରମଣର ଶିକାର ବ୍ୟବସାୟୀ

# ମୃତଦେହ ରଖି କଟକ-ଚାନ୍ଦବାଲି ରାସ୍ତା ଅବରୋଧ

ଡେରାବିଶ,୮।୭(ସମିସ)

ବାପ ପୁଅଙ୍କ ଶାବଳ ମାଡ଼ର ଶିକାର ହୋଇ ଏକ ଘରୋଇ ହସ୍ପିଟାଲରେ ଦୀର୍ଘ ଚାରିଦିନ ମୃତ୍ୟୁ ସହ ସଂଗ୍ରାମ କରି ଆଜି ବ୍ୟବସାୟୀ ଶଶିକାନ୍ତଙ୍କର ପରଲୋକ ହୋଇଯାଇଛି। ଏହି ଦୁଃଖଦ ଘଟଣା ଆଜି ସ୍ଥାନୀୟ ଅଞ୍ଚଳରେ ପ୍ରଚାର ହେବା ପରେ ଅଂଚଳରେ ଉତେଜନାର ବାତାବରଣ ଦେଖିବାକୁ ମିଳିଛି। ଆଜି ସନ୍ଧ୍ୟାରେ ଶଶିକାନ୍ତଙ୍କ ମୃତଦେହ ଚାନ୍ଦୋଳ ବଜାରରେ ପହଞ୍ଚିବା ପରେ ହଜାର ହଜାର ଲୋକ ଶଶିକାନ୍ତଙ୍କ ମୃତଦେହକୁ କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ଫାଣ୍ଡି ନିକଟରେ ରାସ୍ତା ଉପରେ ରଖି ନ୍ୟାୟ ପାଇଁ ଧାରଣାରେ ବସିରହିଥିଲେ। ଲୋକମାନେ ଶଶିକାନ୍ତଙ୍କ ମୃତ୍ୟୁ ପାଇଁ ପୋଲିସ୍ ପ୍ରଶାସନର ନିଷ୍କ୍ରିୟତାକୁ ଦାୟୀ କରିଥିଲେ। ଲୋକମାନେ ରାସ୍ତାରେ ଟାୟାର ଜାଳି ପୋଲିସ ପ୍ରଶାସନ ବିରୋଧରେ ନାରା ଦେବା ସହ ଶଶିକାନ୍ତଙ୍କ ପରିବାରକୁ ନ୍ୟାୟ ଦେବା ଓ ତାଙ୍କର ହତ୍ୟାକାଣ୍ଡରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ପାଇଁ ଅଡ଼ିବସିଥିଲେ। ଯାହା ଫଳରେ କଟକ-ଚାନ୍ଦବାଲି ରାଜରାସ୍ତାରେ ଯାତାୟତ ସମ୍ପୂର୍ଣ୍ଣ ଠପ୍ ହେବା ସହ ଧାରଣା ସ୍ଥଳର ଉଭୟ ପାର୍ଶ୍ୱରେ ଶହଶହ ଯାତ୍ରୀବାହୀ ଓ ଭାରୀଯାନ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ନରଣପଡ଼ା ଗ୍ରାମରେ ପ୍ରଦିପ୍ତ ଦାଶ ଓ ତାଙ୍କ ପୁଅ ନିଳାଦ୍ରୀ ଏହି ଗ୍ରାମର ଶଶିକାନ୍ତଙ୍କୁ ଗତ ରବିବାର ସନ୍ଧ୍ୟାରେ ଶାବଳରେ ମରଣାନ୍ତକ ଆକ୍ରମଣ କରି ଗୁରୁତର କରିଥିଲେ। ସେବେଠାରୁ ଶଶିକାନ୍ତ ଭୁବନେଶ୍ୱରର ଏକ ଘରୋଇ ହସପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଥିଲେ। ତେବେ ଉଭୟ ଅଭିଯୁକ୍ତ ବାପ ପୁଅ ଦୀର୍ଘ ବର୍ଷ ହେବ ଶଶିକାନ୍ତଙ୍କ ପରିବାର ସହ ଶତ୍ରୁତା କରି ତାଙ୍କୁ ଓ ତାଙ୍କ ପରିବାରକୁ ବାରମ୍ବାର ବାଡେଇବା ଏପରିକି ଶଶିକାନ୍ତଙ୍କ ପୁଅକୁ ନିଳାଦ୍ରୀ ଛୁରି ଭୁଷିବା ଘଟଣା ନେଇ ଶଶିକାନ୍ତ ବାରମ୍ବାର ଥାନାରେ ଅଭିଯୋଗ କରି ଆସୁଥିଲେ। ହେଲେ ଏହି ଘଟଣାରେ ପୁଲିସ୍ ପ୍ରଶାସନ କୋହଳ ମନୋଭାବ ପୋଷଣ କରିବା ସହିତ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିନଥିଲେ ବୋଲି ଶଶିକା"ଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇ ଆସୁଥିଲା। ପୁଲିସର ଏହି କୋହଳ ମନୋଭାବ ପାଇଁ ଅଭିଯୁକ୍ତ ବାପ ପୁଅ ଦ୍ୱୟ ବାରମ୍ବାର ଶଶିକାନ୍ତଙ୍କ ଘର ଉପରକୁ ଟେକାପଥର ପକାଇବା ସହ ତାଙ୍କୁ ଅଶାଳୀନ ବ୍ୟବହାର ଜାରି ରଖିଥିଲେ। ଗତ ରବିବାର ଦିନ ମଧ୍ୟ ସେହିପରି ଉଭୟ ବାପପୁଅ ଶାବଳ ଧରି ଶଶିକାନ୍ତ ଘର ଉପରକୁ ଆକ୍ରମଣ କରିବା ସହ ଶଶିକାନ୍ତଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ଶଶିକାନ୍ତ ପତ୍ନୀ ସଂଘମିତ୍ରା ସଦର ଥାନାରେ ଅଭିଯୋଗ କରିଥିଲେ। ତେବେ ପୁଲିସ୍ ପକ୍ଷରୁ ଫେରାର ଥିବା ଅଭିଯୁକ୍ତ ପ୍ରଦୀପ୍ତଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ମୁଖ୍ୟ ଅଭିଯୁକ୍ତ ନିଳିଦ୍ରୀକୁ ଗିରଫ କରିପାରି ନାହିଁ। ଧାରଣା ସ୍ଥଳରେ କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ପଦ୍ମାଳୟା ପ୍ରଧାନ ପହଞ୍ଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଉତ୍ୟକ୍ତ ଲୋକମାନେ ସେମାନଙ୍କ ଜିଦ୍‌ରେ ଅଟଳ ରହି ଧାରଣାରେ ବସିରହିଛନ୍ତି। ତେବେ ରିପୋର୍ଟ ଲେଖା ହେଲାବେଳକୁ ଲୋକମାନଙ୍କ ଧାରଣା ଜାରି ରହିଥିଲା।



## ଗ୍ରାମ ବିବାଦରୁ ପଡ଼ିଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଖୋଲିଲା

ରାଜକନିକା,୮।୭(ସମିସ): ରାଜକନିକା ବ୍ଲକ ବରାଡିଆ ପଞ୍ଚାୟତର ନଦୀସଂଲଗ୍ନ ଗାଁ ଉପୁଳାଇ ଠାରେ ଅବସ୍ଥାପିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ଏହି ଗାଁ ର ଦୁଇ ଗୋଷ୍ଠୀଙ୍କ ବିବାଦ ଯୋଗୁଁ ତାଲା ପଡ଼ିଥିଲା। ଏ ସମ୍ପର୍କରେ ବହୁବାର ବିଡିଓଙ୍କୁ ଅଭିଯୋଗ କରିବା ପରେ ଆଜି ରାଜକନିକା ବିଡ଼ିଓଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଉପସ୍ଥିତିରେ ତାଲା ଖୋଲାଯାଇଛି। ବରାଡ଼ିଆ ଗ୍ରାମ ପଂଚାୟତ ଅନ୍ତର୍ଗତ ବୈତରଣୀ ନଦୀ କୂଳରେ ଅବସ୍ଥିତ ଉପୁଳାଇ ଗାଁ ମୁଣ୍ଡରେ ଓଡିଶା ରାଜ୍ୟସରକାର ଓ ଓସଡ଼ମା ଅନୁମୋଦନ ପାଣ୍ଠି ରୁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯାଇଛି। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉପୁଳାଇ, ମନ୍ତପଡା, ମଧୁପଡା ଏବଂ ବରାଡିଆ ଗ୍ରାମର ଲୋକମାନଙ୍କୁ ବିପର୍ଯ୍ୟୟ ବେଳେ ଆଶ୍ରୟ ଦେବାକୁ ଏହା ଉଦ୍ଦିଷ୍ଟ ହୋଇଥିବା ବେଳେ ଏହାର ପରିଚାଳନା ଏବଂ ମକଡ୍ରିଲ ସମୟରେ ଏକ ଗୋଷ୍ଠୀ ଏହାକୁ ବିରୋଧ କରି ତାଲା ପକାଇଥିଲେ। ସରପଞ୍ଚ,ସମିତିସଭ୍ୟ ଏବଂ ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା କମିଟି ମଧ୍ୟରେ ମନ୍ୱୟ ଆଣି ଆଜି ପକାଯାଇଥିବା ତାଲାକୁ ପୋଲିସ ଖୋଲାଯାଇଛି।



### ନମତରା କଲଭର୍ଟ ନିର୍ମାଣରେ ଅନିୟମିତତା

## ଆପ୍ରୋଚ୍ ରାସ୍ତାରେ ଅଟକୁଛି ବସ୍

ରାଜକନିକା ୮।୭(ସମିସ): ଜୟନଗର ସିଂହପୁର ରାସ୍ତାର ନମତରା ଠାରେ ନିର୍ମିତ ହେଉଥିବା କଲଭର୍ଟ ଠାରେ ଅସ୍ଥାୟୀ ଭାବରେ ତିଆରି କରାଯାଇଥିବା ଆପ୍ରୋଚ ରାସ୍ତାରେ ଯାତ୍ରୀବାହୀ ବ୍ସ ଅଟକି ଯାଇ ସମସ୍ୟା ସୃଷ୍ଟି ହୋଇଛି। ଚାଷବାସ ସମୟରେ ଏହି କଲଭର୍ଟ କାମ କରା ନ ଯାଇ ବର୍ଷା ଦିନରେ କାମ ହେଉଥିବାରୁ ଚଳିତ ଲଗାଣ ବର୍ଷାରେ କଲଭର୍ଟ କାମ ହେଉଥିବାରୁ ଚାଷ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଚାଷୀ ମାନେ ଜମିରେ ବୁଣା ସାରିଥିବା ବେଳେ କଲଭର୍ଟ ନିର୍ମାଣ ପାଇଁ ପାଣି ନିଷ୍କାସନ ହୋଇ ପାରୁ ନ ଥିବାରୁ ଦେଉଳତରା, ନମତରା ଚାଷୀ ମାନେ ଏହି ନିର୍ମାଣ ପାଇଁ ଧାନ ସବୁ ପଚିବାକୁ ବସିଥିବା ବେଳେ ରାସ୍ତା ଦେଇ ବସ ଯାତାୟତ ବାଧା ପାଉଛି। ଲୋକଙ୍କ ସୁବିଧା ପାଇଁ ଦୈନିକ ପଶ୍ଚିମ କନିକାକୁ ୪ ଥର ବସ ଯାତାୟତ କରୁଥିବା ବେଳେ ଏହି ଅପ୍ରୋଚ ରାସ୍ତାରେ ଅଟକି ଯାଉଛି। ଫଳରେ ଏହି ସ୍ଥାନରେ ଗାଡ଼ିରୁ ଲୋକ ଓହ୍ଲାଇ ପୁଣି ଚଢ଼ାଇ ଯାତ୍ରୀ ନେବା ଆଣିବା କରାଯାଉଛି। ଏ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ସମସ୍ୟା ଆମେ ଜାଣିଚୁ, ବର୍ଷା ଦିନେ ଅପ୍ରୋଚ ଦବୁଛି, ଠିକାଦାରଙ୍କୁ କହିଚୁ, ସେ ଆବଶ୍ୟକୀୟ ମରାମତି କରିବେ ବୋଲି ସଫେଇ ଦେଇଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆର୍‌ଡି, ଆର୍ ଆଣ୍ଡ ବି, ଇରିଗେସନ ଆଦି ସବୁ ବିଭାଗର ରାଜକନିକା ଅଞ୍ଚଳର କାମକୁ ଏଠାକାର ଜଣେ ପେଟି ଠିକାଦାର ଅନି କାମ କରିବା ଏବଂ ପ୍ରଭାବ ପକାଇ କାମର ମାନ ନିମ୍ନ କରିବାର ଅଭ୍ୟାସ ସାଧାରଣରେ ବିଦ୍ରୋହ ସୃଷ୍ଟି କଲାଣି।

### ମହାକାଳପଡ଼ା ବ୍ଲକ୍ ପ୍ରଶାସନର ଦାୟିତ୍ୱହୀନତା

## ବିନା ବିଡିଓଙ୍କ ଦସ୍ତଖତରେ ଜିଲ୍ଲାପାଳଙ୍କୁ ଚିଠି

ମହାକାଳପଡ଼ା,୮।୭(ସମିସ): ମହାକାଳପଡ଼ା ବ୍ଲକ୍ ପ୍ରଶାସନକୁ ବିବାଦ ପିଛା ଛାଡୁନି। ବିଡିଓ ପଦବୀ ଖାଲିକୁ ନେଇ ଓ କମ୍ପ୍ୟୁଟର ପ୍ରୋଗ୍ରାମରକୁ ମୁଖ୍ୟ କିରାଣି ଦାୟିତ୍ୱ ଦିଆଯିବା ଘଟଣା ବିବାଦର ତାତି ଥମି ନଥିବା ବେଳେ ଏବେ ବିଡିଓଙ୍କ ଦସ୍ତଖତ ବିନା ଜିଲ୍ଲାପାଳଙ୍କୁ କରାଯାଇଥିବା ଚିଠି ପୁଣି ପ୍ରଶାସନର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅଧୀନ ବରକନ୍ଧା ପଞ୍ଚାୟତ ଅନ୍ତର୍ଗତ ଛେଡାକଣୀ ଗ୍ରାମର ସତ୍ୟନାରାୟଣ ମନ୍ଦିର ଠାରୁ ମଦନ ରାଉତଙ୍କ ଘର ପର୍ଯ୍ୟନ୍ତ ୨୦୨୫-୨୬ ଆର୍ଥିକ ବର୍ଷରେ ୩ ଲକ୍ଷ ଟଙ୍କା ବ୍ୟୟରେ ଏକ ପକ୍କା ସଡ଼କ ନିର୍ମାଣ ହୋଇଥିଲା। ଯେଉଁଥିପାଇଁ ରାମନଗରର ମା ଦୁର୍ଗା ସପ୍ଲାୟରସ ଆଣ୍ଡ ହାର୍ଡୱେର ଠାରୁ ୨୧୧ ବସ୍ତା ସିମେଣ୍ଟ କିଣା ଯାଇଥିଲା। ହେଲେ ସେହି ଜିଏସଟି ବିଲ୍‌ରେ ତାରିଖ ନଥିଲା। ଯାହାକୁ ନେଇ ଦେଖାଦେଇଥିଲା ଅସନ୍ତୋଷ। ଏହି ଘଟଣା ପରେ ୧୮ ମେ ୨୦୨୬ ରେ "ବରକନ୍ଧା ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ' ଶୀର୍ଷକ ଖବର ଦୈନିକ ଖବରକାଗଜରେ ପ୍ରକାଶ ପାଇଥିଲା। ପ୍ରକାଶିତ ଖବରକୁ ଜଣେ ସଚେତନ ନାଗରିକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ମାଧ୍ୟମରେ ଅଭିଯୋଗ କରିଥିଲେ। ଯାହାର ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ଦାଖଲ କରିଛି ମହାକାଳପଡ଼ା ପ୍ରଶାସନ। ସିମେଣ୍ଟ ଦେଇଥିବା ଏଜେନ୍ସି ବିଲ୍ ରେ ତାରିଖ ଲେଖିବାକୁ ଭୁଲିଯାଇଥିବା ଓ ଏବେ ତାହା ଲେଖାଇ ଦିଆଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। ହେଲେ ସବୁଠାରୁ ବଡ଼ ଓ ସମ୍ବେଦନଶୀଳ ଘଟଣା ହେଉଛି ଯେ, ବ୍ଲକ୍ ପ୍ରଶାସନ ଯେଉଁ ଚିଠି(ନମ୍ବର - ୨୩୮୦) ଜିଲାପାଳଙ୍କୁ ଲେଖିଛି ସେଥିରେ ବିଡ଼ିଓଙ୍କ ଦସ୍ତଖତ ନାହିଁ। ତେବେ ଏତେବଡ଼ ଭୁଲ୍ କଲା କିଏ? ଖୋଦ୍ ପ୍ରଶାସନ ତଦନ୍ତ କରି ଏଜେନ୍ସୀ ତାରିଖ ପକାଇବାକୁ ଭୁଲିଯାଇଥିବା କହୁଥିବା ବେଳେ ବିଡିଓଙ୍କ ବିନା ଦସ୍ତଖତରେ ଜିଲ୍ଲାପାଳଙ୍କୁ ଚିଠି ପଠାଯିବା ଭଳି ଭୁଲ୍ ଘଟଣା ଏବେ ପୁଣି ମହାକାଳପଡ଼ା ପ୍ରଶାସନର ପିଲାଳିଆମି ମନୋଭାବକୁ ପଦାରେ ପକାଇଛି। ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିଲା ଭଳି ଏହି ଘଟଣା ପୁରା ବ୍ଲକ୍ ପ୍ରଶାସନର ଦାୟିତ୍ୱ ହୀନତାର ଲେଖାଯୋଖା ପ୍ରମାଣ ଦେଇଛି। ତେବେ ଯଦି ବିଡ଼ିଓଙ୍କ ବିନା ଦସ୍ତଖତରେ ଚିଠି ବ୍ଲକ୍ ଅଫିସ୍ ଡେଇଁ ଜିଲ୍ଲା ଅଫିସ୍ କୁ ଯାଉଛି ତେବେ ବିଡ଼ିଓଙ୍କ ବିନା ଦସ୍ତଖତରେ ଆଉବି କିଛି ହେଉନଥିବ ସେକଥା କିଏ କହିବ? ତେବେ ଏମିତି ଦାୟିତ୍ୱ ହୀନତା ଘଟଣାରେ ଜିଲାପାଳ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ସ୍ତ୍ରୀକୁ ମାରି ଝୁଲାଇ ଦେବା ଅଭିଯୋଗରେ ସ୍ୱାମୀ ଗିରଫ

ରାଜନଗର,୮।୭(ସମିସ): ରାଜନଗର ବ୍ଲକ୍ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ବାଙ୍କୁଆଳ ଗ୍ରାମର ରତ୍ନାକର ବେହେରାଙ୍କ ସ୍ତ୍ରୀ ଉତ୍ତମା ବେହେରା(୩୮) ସୋମବାର ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ମାତ୍ର ମୃତକ ଉତ୍ତମାଙ୍କ ପିତା ଡାଙ୍ଗମାଳ ଗ୍ରାମର ମହେନ୍ଦ୍ର ବେହେରା ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ଜ୍ୱାଇଁ ରତ୍ନାକର ବିଭିନ୍ନ ସମୟରେ ତାଙ୍କ ଝିଅ ଉତମାକୁ ମାଡ ମାରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ତାଙ୍କ ଜ୍ୱାଇଁ ଉତ୍ତମାକୁ ତଣ୍ଟି ଚିପି ମାରି ଦେଇଥିବା ଓ ଆତ୍ମହତ୍ୟାର ରୂପ ଦେଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ତାଳଚୁଆ ପୁଲିସ ୧୫୪/୨୬ରେ ମାମଲା ରୁଜୁ କରିବା ସହ ରତ୍ନାକର(୪୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଆଇଆଇସି ନରେଶକୁମାର ସାହୁ ସୂଚନା ଦେଇଛନ୍ତି। ରତ୍ନାକରଙ୍କୁ ରାଜନଗର ଜେଏମଏଫସିଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନୀ ନାମଂଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି।

## ହୃଦଘାତରେ ଶିକ୍ଷକଙ୍କ ମୃତ୍ୟୁ



ରାଜକନିକା ୮।୭(ସମିସ): ରାଜକନିକା ବ୍ଲକ ସଦର ବ୍ରଜବନ୍ଧୁ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିମ୍ବାଧର ନାୟକ(୫୮) ଙ୍କ ଗତକାଲି ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ସବୁଦିନ ଭଳି ଖାଇପିଇ ଶୋଇବା ପରେ ହଠାତ ହୃଦଘାତ ହେବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ରାଜକନିକା ଓ ପରେ ଭୁବନେଶ୍ୱର ନେବା ବାଟରେ ଆଳି ମେଡିକାଲରେ ଦେଖାଉଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବିମ୍ବାଧର ନାୟକ ଜଣେ ଛାତ୍ର ବତ୍ସଳ ସ୍ନେହୀ ଦରଦୀ ଶିକ୍ଷକ ଭାବରେ ବେଶ ପରିଚିତ ଥିବା ବେଳେ ତାଙ୍କର ଆକସ୍ମିକ ବିୟୋଗ ଆଜି ସବୁଆଡେ ଶୋକ ଖେଳାଇ ଦେଇଛି। ମୃତ୍ୟୁ ଖବର ପ୍ରଚାରିତ ହୋଇ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଥିବା ବେଳେ ଆଜି ସକାଳେ ତାଙ୍କ ମୃତ ଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ବିଦ୍ୟାଳୟକୁ ନିଆଯାଇ ଆରସା ଗାଁ ପରିକ୍ରମା କରିଥିଲା। ବ୍ରଜବନ୍ଧୁ ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷିକା, ପରିଚାଳନା କମିଟି ସଦସ୍ୟ ତାଙ୍କର ଶେଷ ଦର୍ଶନ କରିବା ପରେ ଅପରାହ୍ନରେ ଗାଁ ମଶାଣିରେ ଶେଷକୃତ୍ୟ ସମାପନ କରାଯାଇଛି। ତାଙ୍କର ପରଲୋକରେ ବିଧବା ପତ୍ନୀ ମମତାରାଣୀ, ପୁଅ ଦିବ୍ୟପ୍ରସାଦ ଓ ମହାପ୍ରସାଦ ଙ୍କ ସମେତ ପରିବାର ଆତ୍ମୀୟସ୍ୱଜନଙ୍କ ମେଳରେ ବଡ଼ପୁଅ ମହାପସାଦ ମୁଖାଗ୍ନି ଦେଇଥିଲେ।

## ପୋଖରୀରେ ବୁଡି ଶିଶୁ ମୃତ

ରାଜକନିକା,୮।୭(ସମିସ): ରାଜକନିକା ଥାନା କୁଜିପୁର ଗାଁ ରେ ଆଜି ଜଣେ ୬ ବର୍ଷର ଶିଶୁକନ୍ୟା ପୋଖରୀରେ ବୁଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଛି। ସକାଳେ ସାଙ୍ଗ ପିଲାଙ୍କ ସହ ଖେଳି ସାରି ଘରକୁ ଆସିବା ପରେ ଆଉ ମିଳି ନ ଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଗାଁ ପୋଖରୀରୁ ଉଦ୍ଧାର କରି ରାଜକନିକା ମେଡିକାଲକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶିଶୁ କନ୍ୟା କୁଜିପୁର ଗ୍ରାମର ଅମର ପରିଡ଼ାଙ୍କ ଝିଅ ଆଦିତ୍ୟ ପରିଡ଼ା।

## ୪୫ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ

କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ,୮।୭(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବଢୁଥିବା ବ୍ରାଉନ୍‌ସୁଗର କାରବାର ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ବୁଧବାର ଏକ ବଡ଼ ସଫଳତା ମିଳିଛି। ଚଢ଼ଉ ବେଳେ ୪୫ ଗ୍ରାମ ବ୍ରାଉନସୁଗର (ଧଳା ଜହର) ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିସହ ନିଶା କାରବାରରେ ବ୍ୟବହୃତ ଏକ ସ୍କୁଟିକୁ ମଧ୍ୟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ପଟ୍ଟାମୁଣ୍ଡାଇ ବ୍ଲକ୍ ନିମପୁର ଗ୍ରାମର ବିଶ୍ୱଜିତ ଦାସ। ତାଙ୍କ ନିକଟରୁ ଜବତ ବ୍ରାଉନସୁଗରର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୪ ଲକ୍ଷ ୫୦ ହଜାର ଟଙ୍କା ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ପଟ୍ଟାମୁଣ୍ଡାଇ ଅବକାରୀ ସ୍ପେଶାଲ ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ନିମପୁର ଗ୍ରାମ ନିକଟରେ ଅତର୍କିତ ଚଢ଼ଉ କରିଥିଲା। ଉପନିରୀକ୍ଷକ ରତ୍ନପ୍ରଭା ସ୍ୱାଇଁଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ଉରେ ଅଭିଯୁକ୍ତଙ୍କୁ କାବୁ କରାଯିବା ସହ ନିଶାଦ୍ରବ୍ୟ ଜବତ କରାଯାଇଥିଲା। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦୀର୍ଘଦିନ ଧରି ବ୍ରାଉନ ସୁଗାର କାରବାର ବୃଦ୍ଧି ପାଉଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା। ଗିରଫ ଅଭିଯୁକ୍ତଙ୍କୁ ଅବକାରୀ ବିଭାଗ ପକ୍ଷରୁ ଅଦାଲତରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅବକାରୀ ଉପନିରୀକ୍ଷକ ରତ୍ନପ୍ରଭା ସ୍ୱାଇଁ କହିଛନ୍ତି, ଜିଲ୍ଲାରେ ବ୍ରାଉନ ସୁଗାର କାରବାର ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ।

## ଉଦ୍ୟାନ ବିଭାଗ ଗୋଦାମ ଗୃହ ନିର୍ମାଣରେ ନିମ୍ନମାନର କାମ ଅଭିଯୋଗ



ରାଜକନିକା,୮।୭(ସମିସ): ରାଜକନିକା ଉଦ୍ୟାନ କୃଷି ବିଭାଗରେ ନିର୍ମାଣାଧୀନ ରହିଥିବା ୧୨ ଶହ ବର୍ଗଫୁଟର ଏକ ଗୋଦାମ ଗୃହନିର୍ମାଣରେ ବ୍ୟାପକ ଅନିୟମିତତା ହୋଇ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି। ବିଭାଗୀୟ ଏହି କାମକୁ କେନ୍ଦ୍ରାପଡ଼ାର ଜନୈକ ଠିକାଦାର କରୁଥିବା ବେଳେ ଏହି ଗୋଦାମଗୃହ ନିର୍ମାଣ ପାଇଁ ୭୦ ଲକ୍ଷ ଟଙ୍କା ବ୍ୟୟବରାଦ ରହିଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ କହିଛନ୍ତି। ତେବେ କାମ ସମ୍ପର୍କରେ ସବିଶେଷ ସୂଚନା ମାଗିବାରୁ ଆମେ ଏହା ଦେଇପାରିବୁ ନାହିଁ, ଆପଣ ଏହା ଜାଣିବାକୁ ଚାହୁଁଥିଲେ ଆରଟିଆଇ ମାଧ୍ୟମରେ ମାଗନ୍ତୁ ବୋଲି ଯନ୍ତ୍ରୀ ଜାନକୀ ମହାପାତ୍ର ସ୍ପଷ୍ଟ ଭାବରେ କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ ଏକ ବିଭାଗୀୟ କାମ ସମ୍ପର୍କରେ କୌଣସି ସାଧାରଣ ସୂଚନା ନ ଦେଇ ସମ୍ପୃକ୍ତ ଯନ୍ତ୍ରୀ କଡା ସ୍ୱରରେ ଜବାବ ରଖିବା କାମର ସ୍ୱଚ୍ଛତା ଓ ମାନ ନେଇ ସନ୍ଦେହ ପ୍ରକାଶ କରିଛି। ପ୍ରକାଶ ଯେ ରାଜକନିକା ଉଦ୍ୟାନ କୃଷି ବିଭାଗ ପରିସରରେ ଏକ ଗୋଦାମ ଗୃହ ପାଇଁ ଏବେ ପ୍ଲିନ୍ଥ ଲେବଲ ଯାଏ କାର୍ଯ୍ୟ ଜାରି ରହିଥିବା ବେଳେ ଏହି କାମରେ ବ୍ୟବହୃତ ରଚା ବାଲି ବଦଳରେ ଧସା ବାଲି ଦିଆଯିବା ଏବଂ ୫/୮ଇଞ୍ଚ ଗୋଡି ବଦଳରେ ୩/୪ ଇଞ୍ଚ ଗୋଡି ବ୍ୟବହାର କରାଯାଉଛି। କଂକ୍ରିଟ ହେବାକୁ ଥିବା ଏହି ଗୋଦାମ କାମରେ ରଡ୍, ଗୋଡ଼ି, ବାଲିରେ ଠିକାଦାର ନିଜର ମନମାନୀ ଚଳାଇ କାମ କରିବାକୁ ଆଜି କିଛି ସଚେତନ ଯୁବକ ବିରୋଧ କରି କାମ ସମ୍ପର୍କରେ ତଥ୍ୟ ମାଗିବାରୁ କାମ କରୁଥିବା ମିସ୍ତ୍ରି ମଧ୍ୟ କାମ ସମ୍ପର୍କରେ କୌଣସି ତଥ୍ୟ ଦେଇ ପାରି ନ ଥିଲେ। ସରକାରୀ ଅର୍ଥ ବ୍ୟୟରେ ବିଭାଗୀୟ ଡିଜାଇନ ଅନୁମୋଦନରେ ୭୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ଆରମ୍ଭରେ ଅତି ନିମ୍ନମାନର କାମ କରାଯିବା, ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି କୌଣସି କାମ ପୂର୍ବରୁ କାମର ସୂଚନା ଫଳକ ନ ଲଗେଇ ହେଉଥିବା ଏହି କାମ ସମ୍ପର୍କରେ ଉଦ୍ୟାନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏତେ ବଡ଼ ପ୍ରକଳ୍ପ କାର୍ଯ୍ୟର ଖର୍ଚ୍ଚ ଅଟକଳ ଓ ଡିଜାଇନକୁ ସାର୍ବଜନିନ କରିବାକୁ ସାଧାରଣରେ ଦାବୀ ହୋଇଛି। ଲୋକଙ୍କ ସ୍ୱାର୍ଥ ସମ୍ବଳିତ ଏହି ନିର୍ମାଣରେ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ସ୍ପଷ୍ଟ ହୋଇଥିବାରୁ କାମର ମାନ ଓ ଖର୍ଚ୍ଚର ବିବରଣୀ ସାର୍ବଜନୀନ କରିବାକୁ ଦାବୀ ହୋଇଛି।

## ନିର୍ମାଣର ସପ୍ତାହକ ପରେ ପୋଲର ଆପ୍ରୋଚ ରୋଡ୍ ଧସିଲା



ଡେରାବିଶ,୮।୭(ସମିସ): ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଖମୋଳ ଗ୍ରାମ ସ୍ଥିତ ୧୨ ନଂ କେନାଲ ଉପରେ ସଦ୍ୟ ନିର୍ମାଣ କରାଯାଇଥିବା ଢଳେଇ ପୋଲର ଆପ୍ରୋଚ ରୋଡ଼ ଦବିଯାଇଥିବା ଦେଖିବାକୁ ମିଳିଛି। ପୂର୍ବରୁ ସେହି ସ୍ଥାନରେ ଥିବା ଢଳେଇ ପୋଲଟି ଅଣଚଉଡ଼ା ଥିବା କାରଣରୁ ଓ ଚଉଡ଼ା ପୋଲରୀ ଆବଶ୍ୟକତା ହେବାରୁ ପୁରୁଣା ପୋଲଟି ଭଙ୍ଗାଯାଇ ନୂଆ ପୋଲ ନିର୍ମାଣ କରାଯାଇଛି। ଏହି ପୋଲ ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବା ବେଳେ ପୋଲର ଡିଜାଇନ୍‌କୁ ବ୍ୟତିକ୍ରମ କରି ନିର୍ମାଣ କାର୍ଯ୍ୟ କରାଯାଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଜଳସେଚନ ବିଭାଗ ପକ୍ଷରୁ ନିର୍ମାଣ ସମୟରେ କୌଣସି ଅଧିକାରୀ ଉପସ୍ଥିତ ରହିନଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ନିର୍ମାଣ ପରେ ରାସ୍ତା ସହିତ ପୋଲକୁ ସଂଯୋଗ କରିବା ପାଇଁ ଯେଉଁ ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇଥିଲା ତାହା ଏତେ ନିମ୍ନମାନର ହୋଇଥିଲା ଯେ ତାହା ଦବି ଯାଇଛି। ଫଳରେ ଏହି ରାସ୍ତାରେ ଚାରିଚକିଆ ଯାନ କିମ୍ବା ଅତ୍ୟାବଶ୍ୟକ ଆମ୍ବୁଲାନ୍ସ କିମ୍ବା ଫାୟାର ଗାଡ଼ି ଯିବା ସମ୍ଭବ ହେବ ନାହିଁ। ଏପରିକି ବାଇକ୍ ଆରୋହୀ ସାମାନ୍ୟ ଟିକେ ଅନ୍ୟମନସ୍କ ହେଲେ ଦୁର୍ଘଟଣା ଗ୍ରସ୍ତ ହେବା ନିଶ୍ଚିତ। ପୂର୍ବରୁ ଏହି ଆପ୍ରୋଚ ରୋଡ୍‌ର ଗୋଟିଏ ପଟ ଦବିଯାଇଥିବା ବେଳେ ଏହାକୁ ଠିକାଦାର ଜଣକ ମରାମତି କରିଥିବା ବେଳେ ଦ୍ୱିତୀୟ ଥର ଅନ୍ୟ ଏକ ଜାଗାରେ ଏହା ଦବିଯାଇଛି। ତୁରନ୍ତ ଏହି କାର୍ଯ୍ୟକୁ ସୁଦୃଢ଼ କରି କରିବା ପାଇଁ ସାଧାରଣରେ ଦାବି ହୋଇଛି।

### ● କଣ୍ଡରାପାଟିଆରେ ଜମି ବିବାଦ

## ଚାଷୀଙ୍କ ବିରୋଧ ପରେ ବୃକ୍ଷରୋପଣ କାର୍ଯ୍ୟ ସ୍ଥଗିତ

ମହାକାଳପଡ଼ା,୮।୭(ସମିସ): ମହାକାଳପଡ଼ା ବ୍ଲକ୍‌ର ଉପକୂଳବର୍ତ୍ତୀ ଜମ୍ବୁ ସାମୁଦ୍ରିକ ଥାନା ଅନ୍ତର୍ଗତ କଣ୍ଡରାପାଟିଆ ଗ୍ରାମ ନିକଟରେ ଥିବା ପ୍ରାୟ ୧୬୦ ଏକର ସରକାରୀ ଜମିକୁ କେନ୍ଦ୍ର କରି ବନ ବିଭାଗ ଓ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ବନ ବିଭାଗ ପକ୍ଷରୁ ବୃକ୍ଷରୋପଣ ପାଇଁ ଉଦ୍ୟମ କରାଯାଇଥିବା ବେଳେ ଗ୍ରାମବାସୀଙ୍କ ବିରୋଧ ଯୋଗୁଁ କାର୍ଯ୍ୟକ୍ରମକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ସୂଚନା ମିଳିଛି।ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଏହି ଜମିରେ ପିଢ଼ି ପିଢ଼ି ଧରି ପ୍ରାୟ ୮୦ଟି ପରିବାରର ପ୍ରାୟ ୬୦୦ ଲୋକ ଚାଷବାସ କରି ଜୀବିକା ନିର୍ବାହ କରୁଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ବାପା-ଅଜା ଅମଳରୁ ଏହି ଅଞ୍ଚଳରେ ଚାଷ କରିଆସୁଥିବା ସହ ଜଙ୍ଗଲ ସୁରକ୍ଷା ଓ ସବୁଜ ପରିବେଶ ସୃଷ୍ଟିରେ ମଧ୍ୟ ସହଯୋଗ କରିଆସୁଛନ୍ତି।କିଛି ଦିନ ପୂର୍ବରୁ ବନ ବିଭାଗ ପକ୍ଷରୁ ଉକ୍ତ ଜମିରେ ବୃକ୍ଷରୋପଣ ପାଇଁ ପଦକ୍ଷେପ ନିଆଯାଇଥିବା ବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ପ୍ରତିବାଦ ସ୍ୱରୂପ ଗ୍ରାମର ଆବାଳବୃଦ୍ଧବନିତା ଗାଁ ମୁଣ୍ଡ ରାସ୍ତାରେ ଧାରଣା ଦେଇଥିଲେ। ପରେ ସ୍ଥାନୀୟ ସରପଞ୍ଚ ଉଭୟ ପକ୍ଷଙ୍କ ସହ ଆଲୋଚନା କରିବା ସହ ପ୍ରଶାସନିକ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ।ପରବର୍ତ୍ତୀ ସମୟରେ ପୋଲିସ ଉପସ୍ଥିତିରେ ବୃକ୍ଷରୋପଣ କାର୍ଯ୍ୟ ଆରମ୍ଭ କରିବାକୁ ଉଦ୍ୟମ ହୋଇଥିଲେ ମଧ୍ୟ ଗ୍ରାମବାସୀଙ୍କ ତୀବ୍ର ବିରୋଧ ଓ ଆଲୋଚନା ପରେ ଅଧିକାରୀମାନେ ସେହି ଦିନ ପାଇଁ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିଥିଲେ। ସେମାନେ ସାଙ୍ଗରେ ଆଣିଥିବା ଜେସିବି ଓ ଅନ୍ୟାନ୍ୟ ଉପକରଣ ସହ ଫେରିଯାଇଥିବା ଜଣାପଡ଼ିଛି।ଗ୍ରାମବାସୀ ସୁଦର୍ଶନ ଗିରି, ଅମଳ ସରକାର, ସୁବିମଳ ଦଣ୍ଡପାତ ଓ ବନମାଳୀ ବେହେରା ପ୍ରମୁଖ କହିଛନ୍ତି, ଏହି ଚାଷଜମି ଆମ ପରିବାରର ଏକମାତ୍ର ଜୀବିକାର ଆଧାର। ଯଦି ଏହା ଆମଠାରୁ ଛଡ଼ାଇ ନିଆଯାଏ, ତେବେ ଆମେ ଜୀବିକା ନିର୍ବାହ କରିବୁ କିପରି? ଏ ନେଇ ଗ୍ରାମବାସୀ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଲୋଡ଼ିବା ସହ ଦୀର୍ଘଦିନ ଧରି ଚାଷ କରୁଥିବା ଜମିରେ ଚାଷ କାର୍ଯ୍ୟ ଜାରି ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ପଟ୍ଟାମୁଣ୍ଡାଇ ମହିଳା କଲେଜ ନୂତନ ଗୃହ ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ,୮।୭(ସମିସ): ରାଜନଗର ବିଧାୟକ ପାଣ୍ଠିରୁ ନିର୍ମିତ ପଟ୍ଟାମୁଣ୍ଡାଇ ମହିଳା କଲେଜର ନୂତନ ଗୃହ ଓ ନବୀକରଣ କାର୍ଯ୍ୟ ଉଦ୍‌ଘାଟିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା କଲେଜର ନୂତନ ଗୃହ ଓ ନବୀକରଣ କାର୍ଯ୍ୟ ଉଦଘାଟନ କରି ଛାତ୍ରୀମାନଙ୍କ ଉଚ୍ଚଶିକ୍ଷାର ବିକାଶ ପ୍ରତି ନିଜର ଅଙ୍ଗୀକାର ବ୍ୟକ୍ତ କରିବା ସହ କଲେଜର ଭିତ୍ତିଭୂମିର ବିକାଶ ପାଇଁ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। +୨ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଡ଼. ରାଜଲକ୍ଷ୍ମୀ ମହାନ୍ତି, +୩ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଧର ବେହେରା ସମାଜସେବୀ ବୁଢା ଲେଙ୍କା କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ଓ କାଉନସିଲର ପ୍ରଶାନ୍ତ ବାରିକ ପ୍ରମୁଖ ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ ଓ ଏହି ଉତ୍ସବରେ ଯୁବନେତା ଦିଲ୍ଲୀପ ଜେନା ସଞ୍ଜୟ ଦାସ, ହରଗୋବିନ୍ଦ ଦାଶ ବାପି ସାମଲ ଭରତ ନାୟକ କଲେଜ ଅଧାପିକା ଅନୁପମା ଦାସ, ପୁଷ୍ପଲତା ସାହୁ, ଶୁଭଶ୍ରୀ ପ୍ରିୟଦର୍ଶିନୀ ତରାଇ ଏବଂ ଅଧାପକ ରମେଶ ଚନ୍ଦ୍ର ଦେଠୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ଓ ଏହି କାର୍ଯ୍ୟକ୍ରମକୁ ସୁକାନ୍ତ ନାଥ, ମଧୁଲିତା ମହାନ୍ତି, ରାଜଲକ୍ଷ୍ମୀ ହାତୀ, ସୁଧାଂଶୁ ରଞ୍ଜନ ସାମଲ, ଲମ୍ବୋଦର ପାଢ଼ୀ, ନିର୍ମଳ ସେଠୀ ଓ ନିହାର ରଞ୍ଜନ ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ।

# ପଟ୍ଟାମୁଣ୍ଡାଇ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ,୮।୭(ସମିସ)




ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିପୁଳ ଆନନ୍ଦ ଉଲ୍ଲାସର ସହିତ ପବିତ୍ର ରଥ ଯାତ୍ରା ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ପୋଖରୀଆପଡା ପତିତପାବନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି ଓ ରାଜନଗର ବିଧାୟକ ଧ୍ରୁବ ସାହୁ ବୈଠକରେ ପୌରୋହିତ୍ୟ କରି ଆଗାମୀ ରଥ ଯାତ୍ରାକୁ ରୀତିନୀତି ଅନୁଯାୟୀ ଶାନ୍ତି ଶୃଙ୍ଖଳାର ସହିତ ତ୍ରୁଟିଶୂନ୍ୟ ଭାବେ ପାଳନ କରିବା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ନେବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଓ ବିଶେଷ କରି ପାନୀୟ ଜଳ, ଟ୍ରାଫିକ ସମସ୍ୟା, ନିଶା ନିବାରଣ, ନିରାପଦ ବିଦ୍ୟୁତ ବ୍ୟବସ୍ଥା, ବିଦ୍ୟୁତ ତାର ଉପରୁ ଗଛ କଟା, ରଥ ଯିବା ରାସ୍ତା ସଫା କରିବା, ରାସ୍ତା ମରାମତି, ଉଜ୍ଜଳ ଆଲୋକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିବା ସହିତ ଯେକୌଣସି ପରିସ୍ଥିତି ପାଇଁ ପୋଲିସ ଓ ଅଗ୍ନିଶମ ବାହିନୀ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ ଓ ଏହି ବୈଠକରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ବିଡ଼ିଓ ଶୀତଲ ଅଗ୍ରୱାଲ, ଅତିରିକ୍ତ ତହସିଲଦାର ସାଗରୀକା ସେଠୀ ଥାନାଆଇଆଇସି ବନ୍ଦନା ପାତ୍ର ପତିତପାବନ ମନ୍ଦିର ପରିଚାଳନା କମିଟି ସଭାପତି ଇଂ ପ୍ରକାଶ କୁମାର ଦାଶ, ସମ୍ପାଦକ ନରହରି ଲେଙ୍କା କୋଷାଧକ୍ଷ ଶୁକଦେବ ସ୍ୱାଇଁ, ଇଂ ତ୍ରିଲୋଚନ ସୂତାର ଦିଲ୍ଲୀପ ଜେନା ବିଜୟ ମହାନ୍ତି ମାଉସୀ ମା ମନ୍ଦିର ସଭାପତି ପ୍ର ଅର୍ଜୁନ ଚରଣ ନାୟକ ଦାଇତାପତି ସଂଘ ସଭାପତି ସୁଶୀଲ ପାଠୀ ଚିତ୍ତ ରଞ୍ଜନ ଦାଶ ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ମନୋଜ ପରିଡା, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ, ପତିତପାବନ ଭଦ୍ର, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ପୂର୍ତ୍ତ ବିଭାଗ ସହ ନିର୍ବାହୀଯନ୍ତ୍ରୀ ସତ୍ୟବ୍ରତ ପଣ୍ଡା, ବିଦ୍ୟୁତ ବିଭାଗ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ପାଢ଼ୀ, ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ସୁଦାମ ସାହୁ ପ୍ରମୁଖ ଯୋଗଦେଇ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ଆୟୋଜନ କରିବା ପାଇଁ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ ଓ ଶେଷରେ ସମ୍ପାଦକ ନରହରି ଲେଙ୍କା ଧନ୍ୟବାଦ ଦେଇଥିଲେ।

# ଶ୍ରୀକ୍ଷେତ୍ର ସିଟି

୦୮/୭/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୯,୪୮,୦୩୦/- ସୁନା:୦୭.୩୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍





## ଏସ୍‌ଓଜି, ଏସ୍‌ଟିୟୁ କମାଣ୍ଡୋ ଦେଖାଇଲେ ଦକ୍ଷତା

# ଆତଙ୍କୀକୁ ନିପାତ କରି ବନ୍ଧକଙ୍କୁ ଉଦ୍ଧାର କଲେ

ପୁରୀ,୮।୭(ସମିସ)

ଶ୍ରୀମନ୍ଦିର ନିକଟରେ ଅପରେସନ ଚକ୍ରବ୍ୟୁହ। କୌଣସି ପ୍ରକାର ଆତଙ୍କୀ ହମ୍‌ଲାକୁ ମୁକାବିଲା ପାଇଁ ପ୍ରସ୍ତୁତ ଥିଲେ ଦୁଇଟି ସ୍ନାଇପର ଟିମ୍ ସହ ୪ଟି ଭାଗରେ ବିଭକ୍ତ ହୋଇ ସ୍ପେଶାଲ ଟାକ୍ଟିକାଲ ୟୁନିଟ୍ (ଏସ୍‌ଟିୟୁ)ର କମାଣ୍ଡୋ। ଏଥିସହ ସଜାଗ ଥାଆନ୍ତି ଅଗ୍ନିଶମ ବିଭାଗର ଲ୍ୟାଡର୍, ସନ୍ଧାନୀ କୁକୁର, ବୋମା ନିଷ୍କ୍ରିୟକାରୀ ଦଳ। ହଠାତ୍ ରଥଯାତ୍ରା ଗହଳି ଭିତରକୁ ୨ ଜଣ ଆତଙ୍କବାଦୀ ବନ୍ଧୁକ ଧରି ପଶି ଆସିଥିଲେ। ସମସ୍ତଙ୍କୁ ଚେତବାନୀ ଦେଲେ ଯିଏ ଯେଉଁଠି ଯେମିତି ଅଛ ସେମିତି ରୁହ। କେବଳ ସେମାନଙ୍କ ହୁକୁମ୍ ଚାଲିବ। ହାତରେ ବଡ଼ ବଡ଼ ବନ୍ଧୁକ ଧରି ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡକୁ ନିଜ କବ୍‌ଜାକୁ ନେଇଯାଇଥିଲେ ଆତଙ୍କବାଦୀ। ଆଉ ଅତର୍କିତ ଭାବେ ଗୁଳିଚାଳନା କରିବା



ସହ ଅନେକ ଶ୍ରଦ୍ଧାଳୁଙ୍କୁ ପଣବନ୍ଦୀ କରି ଏକ ସୁଉଚ୍ଚ କୋଠାରେ ଆତ୍ମଗୋପନ କରିଥିଲେ। ଖବର ପାଇ ପ୍ରଥମେ ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁକୁ ଆୟତ୍ତ କରାଯାଇଥିଲା। ଏହା ଏକ ଚ୍ୟାଲେଞ୍ଜିଙ୍ଗ୍ ଅପରେସନ ଥିବାରୁ ଅତି ସତର୍କତାର ସହ ଅଗ୍ନିଶମ ବିଭାଗର ସୁଉଚ୍ଚ ଲ୍ୟାଡର୍ ଯୋଗେ କୋଠାକୁ ଯାଇଥିଲେ ଏସ୍‌ଟିୟୁର କମାଣ୍ଡୋ। ଆଉ ଦୁଇଟି ଟିମ୍ ରଶି ସହାୟତାରେ ଛାତ ତଳକୁ ଆସି ଜଗି ରହିଥିଲେ। ସେମାନଙ୍କୁ ବ୍ୟାକ୍‌ଅପ୍ ଦେବା ପାଇଁ ୪ଟି ହିଟ୍ ଟିମ୍ ପ୍ରବେଶ କରିଥିଲେ। ଶ୍ରୀମନ୍ଦିର ନିକଟ ବାଗେଡ଼ିଆ ଧର୍ମଶାଳାରେ ଆତଙ୍କବାଦୀ ଆତ୍ମଗୋପନ କରିଥିଲେ। ଅତ୍ୟାଧୁନିକ ରୋବଟ୍ ସାହାଯ୍ୟରେ ପ୍ରଥମେ ଆତଙ୍କବାଦୀଙ୍କ ଲୋକେସନ ଠାବ କରାଯାଇଥିଲା। ଆତଙ୍କବାଦୀ କବ୍‌ଜାରେ ଥିବା ଶ୍ରଦ୍ଧାଳୁଙ୍କୁ ପ୍ରଥମେ ସତର୍କତାର ସହ କମାଣ୍ଡୋମାନେ ଉଦ୍ଧାର କରିଥିଲେ। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଆହତ ହୋଇଥିବା ପୁଲିସ କର୍ମଚାରୀଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ପଠାଯାଇଥିଲା। ପରେ ଅପରେସନ ଚକ୍ରବ୍ୟୁହ ମାଧ୍ୟମରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ନିପାତ କରାଯାଇଥିଲା। ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ପରି ବୁଧବାର ପୁରୀରେ ମକ୍‌ଡ୍ରିଲ୍ କରାଯାଇଛି। ପ୍ରଥମେ ସକାଳେ ତାଜ୍ ହୋଟେଲରେ ଓ ପରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଏହି ମକ୍‌ଡ୍ରିଲ୍ କରାଯାଇଥିଲା। ଏହା ଦେଖିବା ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଭକ୍ତଙ୍କ ବେଶ୍ ଭିଡ଼ ଲାଗିଥିଲା। ସେହିପରି ଆତଙ୍କବାଦୀ ହୋଟେଲ ତାଜ୍ ଭିତରକୁ ପଶିଯାଇଥିଲେ। ସେଠାରେ ଥିବା ଯାତ୍ରୀଙ୍କୁ ପଣବନ୍ଦୀ କରି ରଖିଥିଲେ। ଏସ୍‌ଓଜି, ଏସ୍‌ଟିୟୁ କମାଣ୍ଡୋମାନେ ସମସ୍ତ ପଣବନ୍ଦୀ ଯାତ୍ରୀଙ୍କୁ ଉଦ୍ଧାର କରିବା ସହ ଆତଙ୍କବାଦୀଙ୍କୁ ନିପାତ କରିଥିଲେ। ରଥଯାତ୍ରା ପୂର୍ବରୁ ଏହି ଅଭ୍ୟାସ କରାଯାଇଥିଲା। ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି ଯେ, ରଥଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଉଥିବାରୁ ସୁରକ୍ଷା ପୁରୀ ପୁଲିସର ସର୍ବୋଚ୍ଚ ପ୍ରାଥମିକତା। ଭକ୍ତମାନଙ୍କର ସୁରକ୍ଷା, ସୁବିଧା ଏବଂ ନିର୍ବିଘ୍ନ ଦର୍ଶନ ସୁନିଶ୍ଚିତ କରିବା ପାଇଁ କେବଳ ଟ୍ରାଫିକ୍ ଓ ଭିଡ଼ ପରିଚାଳନା ନୁହେଁ, ବରଂ ସମସ୍ତ ପ୍ରକାରର ଜରୁରୀ ପରିସ୍ଥିତିକୁ ମଧ୍ୟ ମୁକାବିଲା କରିବାକୁ ପୁଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ।

## ରଥଖଳାରୁ... ରଥରେ ହଂସ ପଟା ବାଡ଼ିଆ ଶେଷ

ପୁରୀ,୮।୭(ସମିସ): ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ତିନିରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ତିନିରଥ ଉପର ପରିକ୍ରମା ମାର୍ଗ ଚତୁଃପାର୍ଶ୍ୱରେ ହଂସ ପଟା ବାଡ଼ିଆ ଶେଷ ହୋଇଛି। ଚିତ୍ରକାର ଶେଷ କରି ତିନିରଥର ଦୁଆରବେଢ଼ା ଏବଂ ଚନ୍ଦ୍ରଶାଳୀରେ ଫୁଲ ପକାଉଛନ୍ତି। ଏଥିସହ ଶ୍ରୀବିଗ୍ରହମାନଙ୍କ ପହଣ୍ଡି ପାଇଁ ଲାଗି ଲୁଗା ଶେଷ କରିବା ସହ ପହଣ୍ଡି ସମୟରେ ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଶ୍ରୀପର



ତୂଳୀ ଏବଂ ବିଜେ ତୂଳୀ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ କୋଠ ସୁଆଁସିଆ ସେବକଙ୍କ ରଥରେ କନା ପକା କାର୍ଯ୍ୟ ପାଇଁ ବାକି ସେବକମାନେ ପ୍ରଭାଗୁଡ଼ିକର ଖୋଦେଇ ରୂପରେ ରଙ୍ଗ ଚିତ୍ର କାର୍ଯ୍ୟ ଶେଷ କରିଛନ୍ତି। ଏତଦ୍‌ବ୍ୟତୀତ ଘୋଡ଼ା, ସାରଥୀଙ୍କ ରଙ୍ଗ କାର୍ଯ୍ୟ ସହ ତିନିରଥର ବାହ୍ୟ ଅଂଶଗୁଡିକରେ ଚିତ୍ର କାର୍ଯ୍ୟ ଜାରି ରଖିଛନ୍ତି। ଦରଜୀ ସେବକମାନେ ରଥଗୁଡ଼ିକର ବତା କନାରେ ବିଳାସ ପଟି ସିଲେଇ କାର୍ଯ୍ୟ ଥିବା ହାତୁଡ଼ି, ଛୁରୀ ନିର୍ମାଣ ସହ ଖୋଳା କାର୍ଯ୍ୟ ପାଇଁ ଖଣତି ନିର୍ମାଣ ସହ ଜରୁରି ପରିସ୍ଥିତିରେ ଆବଶ୍ୟକ କଣ୍ଟା ଲୁହା ନିର୍ମିତ ସରଞ୍ଜାମ ରଥରେ ମହଜୁଦ ପାଇଁ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ରଥଯାତ୍ରାରେ ଆବଶ୍ୟକ କାଠ ସରଞ୍ଜାମ ନିର୍ମାଣ କରୁଛନ୍ତି ପାହି ମହାରଣା।

## ରଥର ନିର୍ଦ୍ଦେଶକ ଓ ବୈଷୟିକ ଦଳ ଗଠିତ

# ନନ୍ଦିଘୋଷ ଦାୟିତ୍ୱରେ ଜିଲ୍ଲାପାଳ, ତାଳଧ୍ୱଜ ଦାୟିତ୍ୱରେ ଏସ୍‌ପି

ପୁରୀ,୮।୭(ସମିସ): ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ତା' ଉପରେ ସରକାର ଓ ଜିଲ୍ଲା ପ୍ରଶାସନର ନଜର ରହିଛି। ଅଧିକାରୀଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଉଛି। ଏହି କ୍ରମରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପାଇଁ ପ୍ରତ୍ୟେକ ରଥର ନିର୍ଦ୍ଦେଶକ ଓ ବୈଷୟିକ ଦଳ ଗଠନ କରାଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନନ୍ଦିଘୋଷ ରଥ ଦାୟିତ୍ୱରେ ଥିବାବେଳେ ଏସ୍‌ପି ପ୍ରତୀକ୍ ସିଂହଙ୍କୁ ତାଳଧ୍ୱଜ ରଥ ଏବଂ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରାଙ୍କୁ ଦେବଦଳନ ରଥ ଦାୟିତ୍ୱ ଦିଆଯାଇଛି। ସେହିପରି ତାଳଧ୍ୱଜ ରଥ ନିର୍ଦ୍ଦେଶକ ଦଳରେ ୧୧ ସଦସ୍ୟ ଓ ବୈଷୟିକ ଦଳରେ ୪ ସଦସ୍ୟ ଥିବାବେଳେ ଦେବଦଳନ ରଥ ନିର୍ଦ୍ଦେଶକ ଦଳରେ ୧୨ ଓ ବୈଷୟିକ ଦଳରେ ୪ ସଦସ୍ୟ, ନନ୍ଦିଘୋଷ ରଥ ନିର୍ଦ୍ଦେଶକ ଦଳରେ ୧୩ ଓ ବୈଷୟିକ ଦଳରେ ୪ ସଦସ୍ୟ ରହିଛନ୍ତି। ଏମାନେ ଶ୍ରୀଗୁଣ୍ଡିଚା ଓ ବାହୁଡ଼ାରେ ରଥଟଣା ସମୟରେ ଆବଶ୍ୟକୀୟ ନିର୍ଦ୍ଦେଶ ଦେବେ। ଏତଦ୍‌ବ୍ୟତୀତ ପରମ୍ପରା ଅନୁସାରେ ରଥଟଣାରେ ତାଳଧ୍ୱଜରେ ସର୍ବାଧିକ ୨୫ ଜଣ ମହାରଣା ସେବକ, ୨ ଜଣ ରୂପକାର ଓ ୨୫ ଜଣ ଭୋଇ ସେବକ ରହିବେ। ଦେବଦଳନରେ ସର୍ବାଧିକ ୨୫ ଜଣ ମହାରଣା ସେବକ, ୨ ଜଣ ରୂପକାର ଓ ୨୫ ଜଣ ଭୋଇ ସେବକ ରହିବେ। ନନ୍ଦିଘୋଷରେ ସର୍ବାଧିକ ୨୭ ଜଣ ମହାରଣା ସେବକ, ୩ ଜଣ ରୂପକାର ଓ ୨୬ ଜଣ ଭୋଇ ସେବକ ଉପସ୍ଥିତ ରହିବେ। ଏମାନେ ଜରୁରୀ ପରିସ୍ଥିତିରେ ମଧ୍ୟ କାର୍ଯ୍ୟ କରିବେ। ସେହିପରି ପୁରୀ ଓ ଭଟ୍ଟମୁଣ୍ଡାରୁ ଆସିଥିବା ଘଣ୍ଟୁଆ ସେବକ ପ୍ରତି ରଥରେ ବ୍ୟବସ୍ଥାବଳୀରେ ନିର୍ଦ୍ଧାରିତ ସଂଖ୍ୟାରେ ରହି ଶ୍ରୀବିଗ୍ରହମାନଙ୍କୁ ଅବରୋଧ ନ କରି ସମତାଳରେ ଶୃଙ୍ଖଳିତ ଭାବେ ଘଣ୍ଟ ବାଦନ କରିବେ। ପ୍ରତି ରଥରେ ଦୁଇ ଜଣ ଲେଖାଏଁ ପତାକାଧାରୀ ମୁତୟନ ହୋଇ ରଥର ଗତି ନିୟନ୍ତ୍ରଣ ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେବେ। ସମ୍ପୃକ୍ତ ଅଧିକାରୀ ଓ ସେବକମାନଙ୍କୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ତରଫରୁ ରଥ କର୍ଡନ ପାସ୍ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବ।

## ରଥଯାତ୍ରା ପୂର୍ବ ପ୍ରସ୍ତୁତି: ବିଭିନ୍ନ ବସ୍ତିରେ ପୁଲିସର ଫ୍ଲାଗ୍ ମାର୍ଚ୍ଚ

ପୁରୀ,୮।୭(ସମିସ): ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟରେ ପୁରୀ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହାର ଅଂଶ ଭାବେ ସହରର ବିଭିନ୍ନ ବସ୍ତି ଓ ସମ୍ବେଦନଶୀଳ ଅଞ୍ଚଳରେ ଫ୍ଲାଗ୍ ମାର୍ଚ୍ଚ ସହ ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଚଳାଯାଇଛି। ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ସିଟି ସବ୍‌ଡିଭିଜନର ସମସ୍ତ ଥାନାର ଆଇଆଇସି ଓ ବରିଷ୍ଠ ପୁଲିସ ଅଧିକାରୀ ଏହି ଫ୍ଲାଗ୍ ମାର୍ଚ୍ଚରେ ଅଂଶଗ୍ରହଣ କରିଥିଲେ। ପୁଲିସ ଟିମ୍ ସହରର ବିଭିନ୍ନ ବସ୍ତି, ଜନବହୁଳ ଓ ସମ୍ବେଦନଶୀଳ ଅଞ୍ଚଳ ଦେଇ ପଦଯାତ୍ରା କରିବା ସହ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସଚେତନ କରିଥିଲେ। ଲୋକଙ୍କ ମନରେ ସୁରକ୍ଷାର ଭାବନା ସୃଷ୍ଟି କରିବା, ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ଓ ରଥଯାତ୍ରା ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୁନିଶ୍ଚିତ କରିବା ଫ୍ଲାଗ୍ ମାର୍ଚ୍ଚର ମୁଖ୍ୟ ଲକ୍ଷ୍ୟ। ଏହି ସମୟରେ ସହରର ବିଭିନ୍ନ ସ୍ଥାନରେ ସନ୍ଦିଗ୍ଧ ବ୍ୟକ୍ତି, ଅସାମାଜିକ ତତ୍ତ୍ୱ ଓ ଅପରାଧ ପ୍ରବଣ ଅଞ୍ଚଳଗୁଡ଼ିକରେ ସ୍ୱତନ୍ତ୍ର ଯାଞ୍ଚ କରାଯାଇଥିଲା। ପୂର୍ବରୁ ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଗତିବିଧି ଉପରେ ମଧ୍ୟ କଡ଼ା ନଜର ରଖାଯାଇଛି। କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ଦେଖିଲେ ତୁରନ୍ତ ନିକଟସ୍ଥ ଥାନା କିମ୍ବା ପୁଲିସ କଣ୍ଟ୍ରୋଲ୍ ରୁମ୍ ୧୧୨କୁ ସୂଚନା ଦେବା ପାଇଁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି।

## ୩୫୦ କେଜି ବାସି ଖାଦ୍ୟ ନଷ୍ଟ

ପୁରୀ,୮।୭(ସମିସ): ରଥଯାତ୍ରା ସମୟରେ ଭକ୍ତଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲ୍ଲା ତଥା ପୌରାଞ୍ଚଳରେ ଖାଦ୍ୟ ସୁରକ୍ଷା ଯାଞ୍ଚ ଜୋର୍‌ଦାର ହୋଇଛି। ବର୍ତ୍ତମାନ ପ୍ରଭୁ ଅଲାରନାଥଙ୍କ ଦର୍ଶନ ପାଇଁ ଭକ୍ତ ସମାଗମ ହେଉଥିବାରୁ ବ୍ରହ୍ମଗିରି ଅଞ୍ଚଳ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ଖାଦ୍ୟ ସୁରକ୍ଷା ଓ ମାନକ ଆଇନ-୨୦୦୬ ଏବଂ ସେଥିରେ ଥିବା ନିୟମାବଳୀର କଡ଼ାକଡ଼ି ପାଳନ ସୁନିଶ୍ଚିତ କରିବା ପାଇଁ ଏହି ପ୍ରବର୍ତ୍ତନ ଅଭିଯାନ ଜାରି ରହିଛି। ଏହି କ୍ରମାଗତ ଚଢ଼ଉ ସମୟରେ ପ୍ରାୟ ୩୫୦ କିଲୋଗ୍ରାମ୍ ବାସି ଖାଦ୍ୟ ନଷ୍ଟ କରାଯାଇଛି। ସେହିପରି ଖାଦ୍ୟ ସୁରକ୍ଷା ଓ ସ୍ୱାସ୍ଥ୍ୟବିଧି ଉଲ୍ଲଙ୍ଘନ କରୁଥିବା ଖାଦ୍ୟ ବ୍ୟବସାୟୀ ପ୍ରତିଷ୍ଠାନ ବିରୋଧରେ ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିୟମ ଉଲ୍ଲଙ୍ଘନ ପାଇଁ ସମୁଦାୟ ୩୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲ୍ଲା ପ୍ରଶାସନ କହିଛି ଯେ ରଥଯାତ୍ରା ପର୍ଯ୍ୟନ୍ତ ଏହି ଯାଞ୍ଚ ଜାରି ରହିବ। ପ୍ରଶାସନ ସାଧାରଣ ଲୋକଙ୍କୁ ଅପିଲ୍ କରିଛନ୍ତି ଯେ ବାସି ଓ ଅସ୍ୱାସ୍ଥ୍ୟକର ଖାଦ୍ୟ କିଣନ୍ତୁ ନାହିଁ। କୌଣସି ଅଭିଯୋଗ ଥିଲେ ତୁରନ୍ତ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଜଣାନ୍ତୁ।

## ରଥଯାତ୍ରାରେ ସ୍ୱେଚ୍ଛାସେବୀଙ୍କ ଅବଦାନ ଅତୁଳନୀୟ: ଜିଲ୍ଲାପାଳ

ପୁରୀ,୮।୭(ସମିସ): ପୁରୀରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କର ଆଗମନ ହୋଇଥାଏ। ସେମାନଙ୍କ ଶୃଙ୍ଖଳିତ ଦର୍ଶନ ସହ ଖାଦ୍ୟ, ପାନୀୟ, ଚିକିତ୍ସା ଓ ସହାୟତା ପାଇଁ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ବୁଧବାର ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଚଳିତ ରଥଯାତ୍ରାରେ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ଓ ଆବଶ୍ୟକତା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡ଼ା ସ୍ୱେଚ୍ଛାସେବୀମାନେ ପ୍ରଶାସନର ଏକ ଅଙ୍ଗ ସଦୃଶ୍ୟ। ସେମାନଙ୍କ ସହଯୋଗ ଓ ସହଭାଗିତା ରଥଯାତ୍ରା ଭଳି ଏକ ବିଶାଳ ଜନଗହଳିପୂର୍ଣ୍ଣ ଯାତ୍ରାରେ ଅତ୍ୟନ୍ତ ଆବଶ୍ୟକ। ସେମାନେ ବର୍ଷ ପରେ ବର୍ଷ ନିଃସ୍ୱାର୍ଥପର ଭାବେ ବିଭିନ୍ନ ପ୍ରକାର ସେବା ଯୋଗାଇ ଆସୁଛନ୍ତି। ସେମାନଙ୍କ ନିଷ୍ଠାପର ସେବା ଓ ସହଯୋଗ ପାଇଁ ଶ୍ରଦ୍ଧାଳୁମାନେ ଅନେକ ଆନନ୍ଦ ଓ ଶାନ୍ତି ଲାଭ କରିଥା'ନ୍ତି। ଚଳିତ ବର୍ଷ ସ୍ନାନଯାତ୍ରାରେ ଆଶାଠାରୁ ଅଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ଲାଭ କରିଥିଲେ ମଧ୍ୟ କିଛି ବ୍ୟତିକ୍ରମ ହୋଇ ନ ଥିଲା। ଏହା ମହାପ୍ରଭୁଙ୍କ ଆଶୀର୍ବାଦ। ଆମ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ସମସ୍ତ କାର୍ଯ୍ୟକୁ ସହଜ କରିପାରିବ। ତେଣୁ ଆମେ ସମସ୍ତେ ମିଶି ଶ୍ରଦ୍ଧାଳୁମାନଙ୍କୁ ଉପଯୁକ୍ତ ସେବା ଓ ସହାୟତା ଯୋଗାଇଦେବାକୁ ଜିଲ୍ଲାପାଳ ଶ୍ରୀ ପରିଡ଼ା ପରାମର୍ଶ ଦେଇଥିଲେ।

ଏହି ସମୀକ୍ଷାରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ରଥଯାତ୍ରାର ସ୍ୱତନ୍ତ୍ର ଅଧିକାରୀ ଭବତାରଣ ସାହୁ, ପୁରୀ ମହାନଗର ନିଗମର ଯୁଗ୍ମ କମିସନର ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଶାନ୍ତ କୁମାର ପତି, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ ପାଢ଼ୀ, ଡେପୁଟି କଲେକ୍ଟର ବିବେକାନନ୍ଦ ସାହୁ, ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ୱାଟ୍‌କୋ ଜିଏମ୍ ବିକ୍ରମ ରାଉତ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗୁଣ୍ଡିଚା ମନ୍ଦିର ସଂଲଗ୍ନ ସାହି ବାସିନ୍ଦାଙ୍କ ସହ ପୁଲିସର ବୈଠକ

# ସାହି ମୁରବୀ ଦେଲେ ସହଯୋଗର ଆଶ୍ୱାସନା

ପୁରୀ,୮।୭(ସମିସ): ରଥଯାତ୍ରାକୁ ସୁଚାରୁ ରୂପେ ପରିଚାଳନା ଲାଗି ପୁରୀ ପୁଲିସ ପକ୍ଷରୁ ବୁଧବାର ପୁଲିସ ଲାଇନଠାରେ ଗୁଣ୍ଡିଚା ମନ୍ଦିର ସଂଲଗ୍ନ ସାହିର ମୁରବୀ, ସ୍ଥାନୀୟ ବାସିନ୍ଦାଙ୍କ ସହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାପ୍ରଭୁଙ୍କ ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ ସମୟରେ ମନ୍ଦିର ସଂଲଗ୍ନ ସାହି ଓ ଗଳିକନ୍ଦିରେ ସୃଷ୍ଟି ହେଉଥିବା ଜନସମାଗମ, ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ, ଭିଡ଼ ପରିଚାଳନା, ଯାତାୟାତ ବ୍ୟବସ୍ଥା, ଜରୁରୀକାଳୀନ ସହାୟତା ଓ ସ୍ଥାନୀୟ ସମସ୍ୟାର ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା ହେଇଥିଲା। ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ସମସ୍ତ ବ୍ୟବସ୍ଥାକୁ ଅଧିକ ସୁଚାରୁ ଓ ସମନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।



ବୈଠକରେ କୁହାଯାଇଥିଲା ଯେ, ରଥଯାତ୍ରା ସମୟରେ ଦେଶ ଓ ବିଦେଶରୁ ଲକ୍ଷ ଲକ୍ଷ ଭକ୍ତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀକୁ ଆସିଥା'ନ୍ତି। ପୁରୀର ପବିତ୍ର ଭୂମିର ବାସିନ୍ଦା ଭାବେ ସ୍ଥାନୀୟ ଲୋକମାନେ ଯେପରି ମହାପ୍ରଭୁଙ୍କ ଆଶୀର୍ବାଦର ଅଧିକାରୀ, ସେହିପରି ଆଗନ୍ତୁକ ଭକ୍ତମାନେ ମଧ୍ୟ ପୁରୀର ଆତିଥ୍ୟ, ସ୍ନେହ ଓ ସହଯୋଗର ଅନନ୍ୟ ଅନୁଭୂତି ନେଇ ଫେରନ୍ତୁ। ଏହା ଆମ ସମସ୍ତଙ୍କର ଦାୟିତ୍ୱ। ଗୁଣ୍ଡିଚା ମନ୍ଦିର ସଂଲଗ୍ନ ସାହି ଓ ଗଳିକନ୍ଦିର ବାସିନ୍ଦାମାନେ ପ୍ରତିବର୍ଷ ରଥଯାତ୍ରା ସମୟରେ ନିଜସ୍ୱ ଅସୁବିଧା ସତ୍ତ୍ୱେ ଅପୂର୍ବ ଧୈର୍ଯ୍ୟ, ସହଯୋଗ ଓ ତ୍ୟାଗର ପରିଚୟ ଦେଇଥା'ନ୍ତି। ପୁରୀ ପୁଲିସ ପକ୍ଷରୁ ସେମାନଙ୍କ ଏହି ଅମୂଲ୍ୟ ସହଯୋଗ ପାଇଁ କୃତଜ୍ଞତା ଓ ସାଧୁବାଦ ଜଣାଯାଇଥିଲା। ବୈଠକରେ ବାସିନ୍ଦାମାନେ ବିଭିନ୍ନ ଗଠନମୂଳକ ପରାମର୍ଶ ଦେବା ସହ ରଥଯାତ୍ରା ସମୟରେ ପୁରୀ ପୁଲିସର ସମସ୍ତ ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥାକୁ ପୂର୍ଣ୍ଣ ସହଯୋଗ କରିବେ ଏବଂ ଆଗନ୍ତୁକ ଭକ୍ତମାନଙ୍କ ଆତିଥ୍ୟରେ କୌଣସି ଅବହେଳା କରିବେ ନାହିଁ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଏହି ସମନ୍ୱୟ ବୈଠକରେ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଏଥିରେ ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର, ଟାଉନ୍ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ, କୁମ୍ଭାରପଡ଼ା ଥାନା ଅଧିକାରୀ ବିଜୟ କେତନ ବେହେରା ଏବଂ ପୁରୀ ପୁଲିସର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଖରା ଓ ଅଗ୍ନିକାଣ୍ଡ ମୁକାବିଲା ପାଇଁ ଅଗ୍ନିଶମ କେନ୍ଦ୍ର ପ୍ରସ୍ତୁତ

# ସହାୟକ ହେବ ମଲ୍ଟି ପର୍ପୋଜ୍ ଆର୍ଟିକ୍ୟୁଲେଟ୍ ୱାଟର ଟାୱାର

ପୁରୀ,୮।୭(ସମିସ): ଆଗାମୀ ରଥଯାତ୍ରାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁରୀ ଅଗ୍ନିଶମ କେନ୍ଦ୍ର ନିଜକୁ ପ୍ରସ୍ତୁତ କରିଛି। କେନ୍ଦ୍ରକୁ ଆହୁରି ସୁଦୃଢ଼ କରିଛି ଅତ୍ୟାଧୁନିକ ମଲ୍ଟି ପର୍ପୋଜ ଆର୍ଟିକ୍ୟୁଲେଟ୍ ୱାଟର ଟାୱାର। ପ୍ରବଳ ଖରାରୁ ଆରମ୍ଭ କରି ବଡ଼ ଅଗ୍ନିକାଣ୍ଡ ପର୍ଯ୍ୟନ୍ତ ସବୁ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏହା ବେଶ୍ ସହାୟକ ହେବ। ଏହି ଆଧୁନିକ ଯନ୍ତ୍ରଟି ୩୧ ମିଟର ପର୍ଯ୍ୟନ୍ତ ଉଚ୍ଚତାରେ ପହଞ୍ଚି ପାରିବ ଏବଂ ୩୬୦ ଡିଗ୍ରୀ ଆଙ୍ଗେଲରେ ଘୂରିପାରିବ। ଯଦି ରଥଯାତ୍ରା ଦିନ ପ୍ରବଳ ଖରା କିମ୍ବା ଗୁଳୁଗୁଳି ହୁଏ, ତେବେ ଏହି ଟାୱାର ମାଧ୍ୟମରେ ଉପରୁ କୁହୁଡ଼ି ଭଳି ଦୃଶ୍ୟମାନ ଆକାରରେ ପାଣି ସିଞ୍ଚନ କରାଯାଇପାରିବ। ଫଳରେ ବଡ଼ଦାଣ୍ଡରେ ଥିବା ଶ୍ରଦ୍ଧାଳୁମାନେ କିଛି ସମୟ ପାଇଁ ଆଶ୍ୱସ୍ତି ପାଇପାରିବେ। ସେହିପରି ଯଦି ବଡ଼ଦାଣ୍ଡ କିମ୍ବା ସହରର



କୌଣସି ଉଚ୍ଚ ଅଟ୍ଟାଳିକାରେ ଅଗ୍ନିକାଣ୍ଡ ଘଟେ, ତେବେ ଏହି ଟାୱାର ମୁଖ୍ୟ ଭୂମିକା ଗ୍ରହଣ କରିବ। ଟାୱାରରୁ ସିଧା କୋଠାର ଉପର ମହଲା କିମ୍ବା ଝରକା ଦେଇ ଭିତରକୁ ପ୍ରବଳ ଚାପରେ ପାଣି ସ୍ପ୍ରେ କରାଯାଇପାରିବ। ଏହା ଦ୍ୱାରା ଘରକୁ ସମ୍ପୂର୍ଣ୍ଣ ଭାବେ ଅଗ୍ନିକାଣ୍ଡର ଦାଉରୁ ରକ୍ଷା କରାଯାଇପାରିବ।

ରଥଯାତ୍ରା ସମୟରେ ବଡ଼ଦାଣ୍ଡରେ ପ୍ରଚଣ୍ଡ ଭିଡ଼ ହୋଇଥାଏ। ସେହି ସମୟରେ ହିଟ୍ ଷ୍ଟ୍ରୋକ୍ କିମ୍ବା ଅଗ୍ନିକାଣ୍ଡ ଭଳି ପରିସ୍ଥିତି ଉପୁଜିପାରେ। ଏହି ନୂତନ ଟାୱାର ଯୋଗୁଁ ଅଗ୍ନିଶମ ବାହିନୀ ଠିକ୍ ସମୟରେ ପ୍ରତିକ୍ରିୟା ଦେଇପାରିବେ ବୋଲି ଅଧିକାରୀମାନେ କହିଛନ୍ତି। ପୁରୀ ଅଗ୍ନିଶମ କେନ୍ଦ୍ରର ଅଧିକାରୀ ପ୍ରଭାତ ରାଉତ କହିଛନ୍ତି, ମଲ୍ଟି ପର୍ପୋଜ୍ ଆର୍ଟିକ୍ୟୁଲେଟ୍ ୱାଟର ଟାୱାର ଆମ ପାଇଁ ଏକ ଗେମ୍ ଚେଞ୍ଜର୍। ଖରାରୁ ରକ୍ଷାଠାରୁ ଆରମ୍ଭ କରି ଉଚ୍ଚ କୋଠାର ଅଗ୍ନିକାଣ୍ଡ ପର୍ଯ୍ୟନ୍ତ ସବୁଥିରେ ଏହା କାମ ଦେବ।

## ମହାପ୍ରସାଦ ସହ ଜାମୁକୋଳି ପାଉଡରର ତୁଳନା

# ବ୍ଲଗରଙ୍କ ଭିଡିଓକୁ ନେଇ ଅସନ୍ତୋଷ

ପୁରୀ,୮।୭(ସମିସ): ପୁଣିଥରେ ମହାପ୍ରଭୁଙ୍କ ମହାପ୍ରସାଦକୁ ନେଇ ସୋସିଆଲ ମିଡିଆରେ ବିବାଦ ଦେଖାଦେଇଛି। ଜଣେ ବ୍ଲଗର୍ ନିଜେ ପ୍ରସ୍ତୁତ କରିଥିବା ଏକ ଖାଦ୍ୟ ପାଉଡରକୁ ମହାପ୍ରସାଦ ସହ ତୁଳନା କରିବା ପରେ ଭକ୍ତମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୁଜରାଟର ନୀତିନ ଜାନି ନାମକ ଜଣେ ବ୍ଲଗର୍ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ସେଥିରେ ସେ ଜାମୁକୋଳିର ମଞ୍ଜିକୁ ଶୁଖାଇ ତା'ର ପାଉଡର ପ୍ରସ୍ତୁତ କରୁଥିବା ଦେଖାଯାଉଛି। ସେ ଦାବି କରିଛନ୍ତି ଯେ, ଏହି ପାଉଡରକୁ ଉଷୁମ ପାଣି ସହ ମିଶାଇ ପିଇଲେ ଏହା ମହୌଷଧି ଭଳି କାର୍ଯ୍ୟ କରେ ଏବଂ ଏହା କୌଣସି ଗୁଣରେ ମହାପ୍ରସାଦଠାରୁ କମ୍ ନୁହେଁ। ଭିଡିଓରେ ସେ ଆହୁରି କହିଛନ୍ତି ଯେ, ଫଳ ଭିତରେ ରାଜା ହେଉଛି ଆମ୍ବ। ଆଉ ଆମ୍ବର ବାପା ହେଉଛି ଜାମୁକୋଳି। ଜାମୁକୋଳି ମଞ୍ଜି ହେଉଛି ସବୁଠୁ ଅଧିକ ଉପାଦେୟ। ଲୋକେ ଜାମୁକୋଳି ଖାଇବା ପରେ ଏହାର ମଞ୍ଜିକୁ ଫୋପାଡ଼ି ଦେଇଥା'ନ୍ତି। ହେଲେ ଏହାର ମଞ୍ଜିକୁ ପାଉଡର କରି ଗରମ ପାଣିରେ ପିଇବା ପାଇଁ ସେ ପରାମର୍ଶ ଦେଉଛନ୍ତି। ଏହାକୁ ସେ ମହାପ୍ରସାଦ ବୋଲି କହୁଛନ୍ତି।

ତାଙ୍କର ଏଭଳି ମନ୍ତବ୍ୟକୁ ଭକ୍ତମାନେ ଘୋର୍ ଅପମାନ ବୋଲି କହିଛନ୍ତି। ସେମାନଙ୍କ ମତରେ ବ୍ଲଗ୍ କରିବା କିମ୍ବା ନୂଆ ଖାଦ୍ୟ ପ୍ରସ୍ତୁତ କରିବା ଭୁଲ୍ ନୁହେଁ। କିନ୍ତୁ ଶ୍ରୀମନ୍ଦିରର ପବିତ୍ର ମହାପ୍ରସାଦ ସହ ଏହାର ତୁଳନା କରିବା ଆଦୌ ଗ୍ରହଣୀୟ ନୁହେଁ। ଭକ୍ତ ପ୍ରଶାନ୍ତ ସାହୁ କହିଛନ୍ତି, "ମହାପ୍ରସାଦ କେବଳ ଖାଦ୍ୟ ନୁହେଁ। ଏଇଟା ମହାପ୍ରଭୁଙ୍କ କରୁଣା ଓ ଆମ ଆସ୍ଥାର ପ୍ରତୀକ। ଏହାକୁ କୌଣସି ବାଣିଜ୍ୟିକ ଉତ୍ପାଦ ସହ ତୁଳନା କରାଯାଇ ପାରିବନାହିଁ।' ଅନ୍ୟ ଜଣେ ଶ୍ରଦ୍ଧାଳୁ ପ୍ରକାଶ ସାହୁ କହିଛନ୍ତି, "ଜାମୁକୋଳି ମଞ୍ଜି ଆୟୁର୍ବେଦ ଦୃଷ୍ଟିରୁ ଉପାଦେୟ ହୋଇପାରେ। କିନ୍ତୁ ମହାପ୍ରସାଦର ଆଧ୍ୟାତ୍ମିକ ମହତ୍ତ୍ୱ ସମ୍ପୂର୍ଣ୍ଣ ଅଲଗା। ଲାଇକ୍ ଓ ଭ୍ୟୁ ପାଇଁ ଏଭଳି ସମ୍ବେଦନଶୀଳ ବିଷୟକୁ ଟାଣିବା ଠିକ୍ ନୁହେଁ।' ଶ୍ରୀମନ୍ଦିରର ମହାପ୍ରସାଦକୁ ଲକ୍ଷ ଲକ୍ଷ ଭକ୍ତ ଶ୍ରଦ୍ଧା ଓ ଭକ୍ତି ସହ ଗ୍ରହଣ କରନ୍ତି। ଏହା ଆନନ୍ଦ ବଜାରରେ ମହାପ୍ରଭୁଙ୍କୁ ଭୋଗ ଲାଗିବା ପରେ ପ୍ରସ୍ତୁତ ହୋଇଥାଏ। ଭକ୍ତମାନଙ୍କ ପାଇଁ ଏହା କେବଳ ପ୍ରସାଦ ନୁହେଁ, ଏହା ମୋକ୍ଷର ମାର୍ଗ ବୋଲି ବିଶ୍ୱାସ ରହିଛି।

## ଭାରତୀୟ ଶିକ୍ଷା ଦିବସ ପାଳିତ



ପୁରୀ,୮।୭(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଭାରତୀୟ ଶିକ୍ଷା ଦିବସ ପାଳନ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ, ଓଡ଼ିଶାର ସଂଯୋଜକ ବିଶ୍ୱରଞ୍ଜନ ମିଶ୍ର ଏବଂ ସହ ସଂଯୋଜକ ହେମନ୍ତ କୁମାର ଜେନା ଯୋଗଦେଇ ଭାରତୀୟ ଶିକ୍ଷା ବ୍ୟବସ୍ଥାର ବିକାଶରେ ସଂସ୍କୃତ ଭାଷାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ନ୍ୟାସର ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ନିଜ ମତାମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ଡ. ବସନ୍ତ କୁମାର ମିଶ୍ର ନୂତନ ଶିକ୍ଷା ନୀତି (ଏନ୍‌ଇପି-୨୦୨୦)ର ବିଭିନ୍ନ ଦିଗ ଓ ଏହାର ପ୍ରାସଙ୍ଗିକତା ଉପରେ ଗଭୀର ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ଚନ୍ଦନ କୁମାର ମିଶ୍ର କରିଥିବାବେଳେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ଶତ୍ରୁଘ୍ନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ରହି ଭାରତୀୟ ଶିକ୍ଷାର ମୂଳଦର୍ଶନ ଏବଂ ସଂସ୍କୃତର ଭୂମିକା ସମ୍ପର୍କରେ ଆୟୋଜିତ ଆଲୋଚନାରୁ ଉପକୃତ ହୋଇଥିଲେ।

## ଆସୁଛି ରଥଯାତ୍ରା

# ତିନି ରଥରେ ୪ଟି ଲେଖାଏଁ ଘୋଡ଼ା

ପୁରୀ,୮।୭(ସମିସ)

ପାଖେଇ ଆସୁଛି ରଥଯାତ୍ରା। ରଥଖଳାରେ ତିନିରଥ ନିର୍ମାଣ ଶେଷ ପର୍ଯ୍ୟାୟରେ। ରଥରେ ବସି ଆଡ଼ପ ମଣ୍ଡପକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ତେବେ ମହାପ୍ରଭୁଙ୍କ ରଥରେ ପାଶ୍ୱର୍ ଦେବଦେବୀଙ୍କ ସହିତ ଘୋଡ଼ା ମଧ୍ୟ ଯାତ୍ରା କରିଥା'ନ୍ତି। ରଥ ଗଢ଼ିବା ପୂର୍ବରୁ ଘୋଡ଼ାମାନଙ୍କୁ ସଂଯୋଗ କରାଯାଇଥାଏ। ତେବେ ଏହି ଘୋଡ଼ା କିଏ ଏବଂ କାହିଁକି ରୁହନ୍ତି ତାହା ଜାଣିବାକୁ ଅନେକଙ୍କ ମନରେ ବିଶେଷ ଆଗ୍ରହ ଥାଏ। ପ୍ରତି ରଥରେ ୪ଟି ଲେଖାଏଁ ଘୋଡ଼ା ରହିଥା'ନ୍ତି। ତିନିରଥରେ ରହୁଥିବା ଅଶ୍ୱମାନଙ୍କ ଭିନ୍ନ ଭିନ୍ନ ନାମ ରହିଛି। ନନ୍ଦିଘୋଷ ରଥରେ ଲାଗୁଥିବା ଅଶ୍ୱମାନେ ହେଲେ ଶଙ୍ଖ, ବଳାହକ,



ଶ୍ୱେତ ଓ ହରିଦାଶ୍ୱ। ସେହିପରି ତାଳଧ୍ୱଜ ରଥର ଅଶ୍ୱଗୁଡ଼ିକ ହେଲେ ଶଙ୍ଖ, ସୁଚିତ୍ର, ଅଙ୍ଗଦ ଓ ମେଘନାଦ। ଦର୍ପଦଳନ ରଥର ଅଶ୍ୱଗୁଡ଼ିକ ହେଲେ ରୋଚିକା, ମୋଚିକା, ଜିତା ଓ ଅପରାଜିତା। ତାଳଧ୍ୱଜ ଓ ନନ୍ଦିଘୋଷ ରଥର ଘୋଡ଼ା ଅଣିରା ହୋଇଥିବାବେଳେ ସୁଭଦ୍ରାଙ୍କ ରଥର ଘୋଡ଼ା ମାଈ। ଘୋଡ଼ାଗୁଡ଼ିକୁ ରଥରେ ସଂଯୋଗ କରିବା ପୂର୍ବରୁ ଏମାନଙ୍କୁ ଚିତ୍ରିତ କରାଯାଏ। ସେହି ଚିତ୍ର ଅନୁଯାୟୀ, ନନ୍ଦିଘୋଷ ରଥ ଘୋଡ଼ାର ରଙ୍ଗ ଧଳା, ବଡ଼ଠାକୁରଙ୍କର କଳା ଏବଂ ସୁଭଦ୍ରାଙ୍କ ରଥର ଘୋଡ଼ାର ରଙ୍ଗ ନାଲି। ରଥରୁ ଓହ୍ଲାଇବା ପରେ ଏମାନଙ୍କୁ ସ୍ୱତନ୍ତ୍ର ଭବେ ରଖାଯାଇ ପୂଜା କରିବାର ବିଧି ରହିଛି। ଘୋଡ଼ାଗୁଡ଼ିକୁ ବିସର୍ଜନ କରାଯାଏନାହିଁ। ନବକଳେବର ସମୟରେ ଏମାନେ ନିର୍ମିତ ହୋଇ ପ୍ରତିଷ୍ଠା ପାଇଥା'ନ୍ତି। ପରବର୍ତ୍ତୀ ନବକଳେବର ପର୍ଯ୍ୟନ୍ତ ଏମାନେ ରଥରେ ସଂଯୋଜିତ ହୋଇଥା'ନ୍ତି। ନବକଳେବର ପଡ଼ିଲେ ଏମାନଙ୍କୁ କୋଇଲି ବୈକୁଣ୍ଠରେ ସମାଧି ଦିଆଯାଏ। ପୁଣି ନୂତନ ଘୋଡ଼ା ନିର୍ମାଣ କରିଥା'ନ୍ତି ରୂପକାର ସେବକ।

ରଥରେ ଘୋଡ଼ା ସଂଯୋଗ ହେବା ନେଇ ବିଭିନ୍ନ ପ୍ରକାର ଜନଶ୍ରୁତି ରହିଛି। ଏହି ଜନଶ୍ରୁତି ଅନୁଯାୟୀ, ପୂର୍ବରୁ ରଥକୁ ଘୋଡ଼ାମାନେ ଟାଣୁଥିଲେ। ସେହି ସ୍ମୃତିରେ ରଥରେ କାଠ ନିର୍ମିତ ଘୋଡ଼ାଙ୍କୁ ସଂଯୋଗ କରାଯାଉଛି। ଅନ୍ୟପକ୍ଷରେ ଏହି ଅଶ୍ୱଙ୍କୁ ଇନ୍ଦ୍ରୀୟ ସହିତ ମଧ୍ୟ ତୁଳନା କରାଯାଏ। ଶରୀର ହେଉଛି ରଥ, ଇନ୍ଦ୍ରୀୟ ହେଉଛନ୍ତି ଘୋଡ଼ା। ଅର୍ଥାତ୍ ମହାପ୍ରଭୁଙ୍କ ରଥରେ ଅଶ୍ୱ ସଂଯୋଜିତ ହେବାର ରହସ୍ୟ ହେଉଛି ଶରୀର ରୂପକ ରଥକୁ ଇନ୍ଦ୍ରୀୟମାନେ ଯେପରି ଠିକ୍ ମାର୍ଗରେ ନେଇଯାଆନ୍ତି, ସେହିଭଳି ଅଶ୍ୱମାନେ ତିନିରଥକୁ ଠିକ୍ ମାର୍ଗରେ ନେଇ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦିଅନ୍ତି। ତେଣୁ ଆମ ସନାତନ ପରମ୍ପରାରେ ଅଶ୍ୱମେଧ ଯଜ୍ଞର ପରିକଳ୍ପନା କରାଯାଇଛି। ଅଶ୍ୱମେଧ ଯଜ୍ଞର ରହସ୍ୟ ହେଉଛି ଇନ୍ଦ୍ରୀୟମାନଙ୍କୁ ନିୟନ୍ତ୍ରଣ କରିବା।

# ‘ବାଲେଶ୍ୱର ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ’

ବାଲେଶ୍ୱର, ୮।୭ (ସମିସ)




ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ସମେତ ବିଭିନ୍ନ ବ୍ଲକରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଲାଣି। ବ୍ରାଉନସୁଗର କାରବାରଠାରୁ ଆରମ୍ଭ କରି ସୁପାରୀ କିଲିଂ ବେଧଡ଼କ ଭାବେ ଚାଲିଛି। ଗୃହ ବିଭାଗଠାରୁ ଆରମ୍ଭ କରି ଜିଲ୍ଲା ପୁଲିସ ପ୍ରଶାସନ ଜିଲ୍ଲାରେ ଅପରାଧୀମାନଙ୍କୁ ଠାବ କରିବାକୁ ବିଫଳ ହୋଇଛି ବୋଲି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଦର କଂଗ୍ରେସର ଯୁବ ନେତା ତଥା ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ କୁମାର ଲେଙ୍କା ସରକାରଙ୍କ ଉପରେ ବର୍ଷିଛନ୍ତି।

ଗତ ମାସ ୨୫ତାରିଖ ରେ ଅରଡ଼ ବଜାରରେ ଶେଖ ହମିଦ ନାମକ ବ୍ୟବସାୟୀଙ୍କୁ ବିଚ ରାସ୍ତାରେ ଦୁଇ ଜଣ ସୁପାରୀ କିଲର ବାଇକରେ ଆସି ଲୋକଙ୍କ ସମ୍ମୁଖରେ ଆଠ ରାଉଣ୍ଡ ଗୁଳି ଚଳାଇ ହତ୍ୟା କରିଥିଲେ। ଇତି ମଧ୍ୟରେ ୧୩ ଦିନ ବିତି ଯାଇଥିଲେ ମଧ୍ୟ ପୁଲିସର ଚାରୋଟି ଟିମ ସୁପାରୀ କିଲର ଓ ମୁଖ୍ୟ ଆସାମୀଙ୍କୁ ଧରି ପାରିନାହାଁନ୍ତି। ଏହା ଫଳରେ ସାଧାରଣ ଲୋକେ ପୁଲିସକୁ ଭରସା କରି ପାରୁନାହାନ୍ତି। କେଉଁ କାରଣରୁ ତାଙ୍କୁ ହତ୍ୟା କରାଗଲା ସେ ସମ୍ପର୍କରେ

**● ଶେଖ ହମିଦଙ୍କ ହତ୍ୟାକାରୀ ଓ ସୁପାରୀ କିଲରକୁ ଧରିବାରେ ପୁଲିସ ବିଫଳ**
**● ୭ ଦିନରେ ଅଭିଯୁକ୍ତଙ୍କୁ ଗିରଫ ନକଲେ କଂଗ୍ରେସର ଆନ୍ଦୋଳନ ଚେତାବନୀ**

ପୁଲିସ ପାଖରେ ସୂଚନା ନାହିଁ। ତୁରନ୍ତ ହମିଦଙ୍କ ପ୍ରକୃତ ହତ୍ୟାକାରୀଙ୍କୁ ଗିରଫ କରାଯିବାକୁ ଦାବି କରାଯାଇଛି। ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଯୋଗ ଦେଇ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ୪ ଟିମ ଗଠନ ସତ୍ତ୍ୱେ କାହାରିକୁ ଗିରଫ କରାଯାଇ ପାରିନାହିଁ। ଶେଖ ହମିଦଙ୍କ ପରିବାର ଲୋକେ ମଧ୍ୟ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଆଗାମୀ ସାତ ଦିନ ମଧ୍ୟରେ ଜିଲ୍ଲା ପୁଲିସ ପ୍ରଶାସନ ଶେଖ ହମିଦଙ୍କ ହତ୍ୟାକାରୀମାନଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ନଚେତ ଦଳ ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ କାଉନସିଲର ପଦ୍ମଲୋଚନ ଲେଙ୍କା, ଟାଉନ କଂଗ୍ରେସ ସଭାପତି ଅନୁପ କୁମାର ସ୍ୱାଇଁ, ପିସିସି ସଭ୍ୟା ଅର୍ଚ୍ଚନା ନନ୍ଦୀ, ଗୌତମ ସାହୁ ଓ ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଜ୍ୟୋତ୍ସ୍ନା ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

କାଳିପଦା, ୮।୭ (ସମିସ): ବାଲିଆପାଳ ଥାନା ଅନ୍ତର୍ଗତ କାଠ ଶଗଡ଼ା ଗ୍ରାମର ଶ୍ରୀନିବାସ ପାତ୍ରଙ୍କ ପାକମୁଡ଼ି ଗ୍ରାମରେ ଥିବା ବେଆଇନ ଚିଙ୍ଗୁଡ଼ି ଝିଲିରେ ବୁଧବାର ପୂର୍ବାହ୍ନ ୧୦ଟାରେ ଏକ ଯୁବକଙ୍କ ସନ୍ଦେହ ଜନକ ଭାବରେ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ମୟୂରଭଞ୍ଜ ଜିଲ୍ଲାର ବିଶୋଇ ବ୍ଲକର କାଶିପେଣ୍ଡ ଗ୍ରାମର ଗଙ୍ଗାଧର ନାୟକ (୪୧)। ଚିଙ୍ଗୁଡ଼ି ଝିଲିର ମାଲିକ ଶ୍ରୀ ପାତ୍ର ଘଟଣା ବାବଦରେ ପୁଲିସକୁ ନ ଜଣାଇ ମୃତ ଦେହକୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୋଷ୍ଟମର୍ଟମ କରାଇବାକୁ ନେଇଯିବେ କହି ମୃତଦେହକୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇ ଯାଇ ପୁଣି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଫେରି ଆଣି ଥିଲେ। ଏପଟେ ଜାମକୁଣ୍ଡା ଫାଣ୍ଡି ଅଧିକାରୀ କେଶବ ଚନ୍ଦ୍ର ବେଶ୍ରା ଖବର ପାଇ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ମୃତଦେହକୁ ଏଣେ ତେଣେ ଖୋଜାଖୋଜି କରି ନ ପାଇ ପୁଲିସ କଣ୍ଟ୍ରୋଲ ରୁମକୁ ଏ ବାବଦରେ ଜଣାଇଥିଲେ। ପରେ ଝିଲି ମାଲିକ ଶ୍ରୀ ପାତ୍ର ଅପରାହ୍ନ ପାଞ୍ଚଟା ସମୟରେ ବସ୍ତା ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତ ଦେହକୁ ପୁଣି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ ଫାଣ୍ଡି ଅଧିକାରୀ ଶ୍ରୀ ବେଶ୍ରା ସ୍ୱାସ୍ଥ୍ୟ କେନ୍ଦ୍ରରୁ ମୃତଦେହ ଜବତ କରିଛନ୍ତି। ଆସନ୍ତା କାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ଶ୍ରୀ ବେଶ୍ରା କହିଛନ୍ତି। ପ୍ରକାଶ ଥାଉକି, ଉକ୍ତ ଯୁବକ ଜଣକ ଆଜି ହିଁ ଶ୍ରୀନିବାସର ଚିଙ୍ଗୁଡ଼ି ଝିଲିରେ କାମରେ ଯୋଗ ଦେଇଥିଲା। ମାତ୍ର କିଛି ଘଣ୍ଟା ପରେ ତାର ମୃତ୍ୟୁ ହେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତଦନ୍ତ ପରେ ମୃତ୍ୟୁର ସତ୍ୟା ସତ୍ୟ ଜଣା ପଡ଼ିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ବେଳାଭୂମିରେ ସ୍ୱଚ୍ଛତା ଅଭିଯାନ



ବାଲେଶ୍ୱର, ୮।୭ (ସମିସ): ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ବାଲିଆପାଳ ବ୍ଲକର ଯମୁନାଶୂଳ ବେଳାଭୂମିରେ ସ୍ୱଚ୍ଛତା ଅଭିଯାନ ରେ ସମୂହ ସଫେଇ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଜିଲ୍ଲାର ତାଳସାରି, ଉଦୟପୁର, ଡଗରା, ଯମୁନା ଶୂଳ, ବଳରାମଗଡି, ଇଞ୍ଚୁଡ଼ି, ଚାନ୍ଦିପୁର, ଦୁବଲାଗଡି ଆଦି ସ୍ଥାନକୁ ଗୁରୁତ୍ୱ ଦେଇ ପର୍ଯ୍ୟଟକମାନେ ଆସୁଥିବାରୁ ଏହି ସ୍ଥାନ ଗୁଡ଼ିକର ପରିବେଶ ଠିକ୍ ରହିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ୟୁନିଅନର ବରିଷ୍ଠ ସଦସ୍ୟ ଅନାମ ଚରଣ ପଣ୍ଡା, ଶିଶିର ଦାସ, ରାମନାରାୟଣ ଶତପଥି ଓ ବିବେକାନନ୍ଦ ଦାସଙ୍କ ପରାମର୍ଶ କ୍ରମେ ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ଏହି ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଉତ୍କଳ ବନ୍ଧୁ ପଣ୍ଡା, ସୁରେଶ ଚନ୍ଦ୍ର ଦାସ ଲକ୍ଷ୍ମୀଧର ଗାଣ, ତପୋଧନ ବାରିକ, ସଞ୍ଜୟ ବେହେରା, ସଞ୍ଜୟ ଗିରି, କହ୍ନେଇ ଚରଣ ପ୍ରଧାନ, ରବିରଞ୍ଜନ ତ୍ରିପାଠୀ, ପ୍ରତିମା ଜେନା, ରାଜଶ୍ରୀ ପାଣିଗ୍ରାହୀ, ଶମ୍ଭୁନାଥ ନାୟକ, କୈଳାସ ଚନ୍ଦ୍ର ଦାସ, ପ୍ରଦୀପ୍ତ ଦାସ, ଶାନ୍ତନୁ ମହାପାତ୍ର, ମନ୍ମଥ ଚକ୍ରବର୍ତ୍ତୀ, ସତ୍ୟ ରଞ୍ଜନ ସାହୁଙ୍କ ସମେତ ବହୁ ସ୍ଥାନୀୟ ଲୋକେ ଅଂଶଗ୍ରହଣ କରିଥିଲେ।

# ସିଭିଲ୍ ସୋସାଇଟିର ଗଣଧାରଣା ୧୩ରେ

ବାଲେଶ୍ୱର, ୮।୭ (ସମିସ): ପେଟ୍ରୋଲ୍ ଓ ଡିଜେଲରେ ଶତକଡ଼ା ୨୦ ଭାଗ ଇଥାନଲ୍ ମିଶ୍ରଣ କରି ତୈଳକମ୍ପାନୀ ବିକ୍ରି କରୁଥିବାରୁ ଇଞ୍ଜିନ୍‌ଚାଳିତ ଯାନବାହନଗୁଡ଼ିକର ଇଞ୍ଜିନ୍ ଖରାପ ହେଉଛି ଓ ମାଇଲେଜ୍ କମ୍ ଦେଉଥିବା ଘଟଣାରେ ଦେଶବ୍ୟା ବ୍ୟାପୀ ପ୍ରତିବାଦ ହେଉଛି। ଏ ନେଇ ବାଲେଶ୍ୱର ସିଭିଲ୍ ସୋସାଇଟିର କାର୍ଯ୍ୟକାରୀ କମିଟି ତରଫରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ୍ ବିଭାଗର ଜ୍ଞାତସାରରେ ଏହି ଅପମିଶ୍ରଣ କରାଯାଉଥିଲେ ବି ଗ୍ରାହକମାନେ ପେଟ୍ରୋଲ୍ ଓ ଡିଜେଲ୍‌ର ଧାର୍ଯ୍ୟ ଦାମ୍ ଦେଇ ଅପମିଶ୍ରିତ ତେଲ କିଣିବାକୁ ବାଧ୍ୟ ହେଉଛନ୍ତି ବୋଲି ସିଭିଲ୍ ସୋସାଇଟି ଅଭିଯୋଗ କରିଛି। ୧୫ ବର୍ଷ ପରେ ଗାଡ଼ିଗୁଡ଼ିକ ଚଳାଇବାକୁ ଅନୁପଯୁକ୍ତ ବୋଲି ପରିବହନ ବିଭାଗର କେନ୍ଦ୍ର ମନ୍ତ୍ରୀଙ୍କ ଘୋଷଣା ଫଳରେ ଏହା ଗାଡ଼ି ବିକ୍ରି କରୁଥିବା ଥିବା କମ୍ପାନୀମାନଙ୍କୁ ସହାୟକ ହେଉଥିବାରୁ କମ୍ପାନୀମାନଙ୍କ ସ୍ୱାର୍ଥରେ ଏପରି ଅପମିଶ୍ରଣ କରାଯାଉଥିବାର କେତେକ ମତ ଦେଇଥିଲେ। ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ମନୋଜ ନାୟକ ଆଲୋଚନାର ପ୍ରସଙ୍ଗ ଆଗତ କରି ପେଟ୍ରୋଲ୍ ଓ ଡିଜେଲରେ ଇଥାନଲ୍ ମିଶାଇ ସରକାର ଦେଶର ଜନତାଙ୍କ ପ୍ରତି ବିଶ୍ୱାସଘାତକତା କରୁଥିବାର କହିଥିଲେ। ଦୀର୍ଘ ଆଲୋଚନା ପରେ ଆସନ୍ତା ୧୩ ତାରିଖ ସନ୍ଧ୍ୟା ୬ଟାରୁ ୮ଟା ପର୍ଯ୍ୟନ୍ତ ଓ.ଟି. ରୋଡ୍ ପାଶ୍ୱର୍ରେ ଥିବା ଏକ ପେଟ୍ରୋଲ୍



ପମ୍ପ ନିକଟରେ ପ୍ରତିବାଦ ଗଣଧାରଣା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଉକ୍ତଦିନ ଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ। ଏହି ବୈଠକରେ ସିଭିଲ୍ ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହ ସମେତ ଅରୁଣ ଜେନା, ଜୟନ୍ତ ଦାସ, ଶରତ ଚନ୍ଦ୍ର ଦଳାଇ, ଜୀବନବୀମା କର୍ମଚାରୀ ନେତା ଶ୍ୟାମସୁ ରାୟ, କମଳାକାନ୍ତ ବେହେରା, ଭରତ ଚନ୍ଦ୍ର ସେଠୀ, ଶରତ ଚନ୍ଦ୍ର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁଙ୍କ ମସୁନ୍ଦର ଜେନା, ତୁଷାରକାନ୍ତି ମହାପାତ୍ର, ମଳୟ ପୁରୁଷୋତ୍ତମ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ଶାନ୍ତିପୂର୍ଣ୍ଣ ପ୍ରତିବାଦ ଗଣଧାରଣାରେ ଜନସାଧାରଣ ଯୋଗଦେବାକୁ ନିବଦେନ କରାଯାଇଛି। ଉଠା ଜଳସେଚନ କର୍ମଚାରୀ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ୍ ଦେଇଥିଲେ।

# ୧୫୦ ଲିଟର ମହୁଲି ଜବତ, ୨ କୋର୍ଟଚାଲାଣ

ଜଳେଶ୍ୱର, ୮।୭ (ସମିସ) : ଜଳେଶ୍ୱର ବ୍ଲକ ରାଇବଣିଆ ଥାନାରେ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶରେ ନିଶାମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମରେ ନିଶା ମାଫିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ନିଷ୍ପତ୍ତି ହୋଇଥିଲା। ଚୋରା ଦେଶୀ ଓ ବିଦେଶୀ ମଦ କାରବାରୀଙ୍କ ଉପରେ ବଡ଼ ଧରଣର ଚଡାଉ ପରେ ଏବେ ରାଇବଣିଆ ଅଞ୍ଚଳର ଜୈନେକ ନିଶା ମାଫିଆ ଜଳେଶ୍ୱର ଅଞ୍ଚଳରେ ଦେଶୀ ମଦ ନେଟୱର୍କ ଚଳାଉଛି। କିନ୍ତୁ ମଦ ବିରୋଧରେ ଯୁବପିଢ଼ି ଓ ମହିଳାଙ୍କ ଆକ୍ରୋଶ ଧିରେ ଧିରେ ବଢ଼ିବାକୁ ଲାଗିଛି। ମଙ୍ଗଳବାର ସନ୍ଧ୍ୟା ସମୟରେ କଳମା ପଞ୍ଚାୟତ, ଅଶାବନ୍ଧ ଓ ଖୁଦିଆମାଝୀସାହି ପଞ୍ଚାୟତର ବଳାଙ୍ଗ ସାହିରୁ ୨ଟି ସ୍କୁଟି ସହ ୨ ଯୁବକ ନିକଟରୁ ୧୫୦ ଲିଟର ରୁ ଅଧିକ ଦେଶୀମଦ ରାଇବଣିଆ ପୁଲିସ ଜବତ କରିବାରେ ସଫଳ ହୋଇଛି। ସୋମବାର ଦୁଇ ଜଣଙ୍କୁ କୋର୍ଟଚାଲାଣ ହୋଇଥିବା ଜଣାଯାଇଛି। ସୀମାନ୍ତରେ ଚୋରା ମଦ ଉପରେ ପ୍ରଶାସନ କଡ଼ା ନଜର ରଖିଥିବା ବେଳେ ପ୍ରତିଦିନ ରାତିରେ ପଶ୍ଚିମବଙ୍ଗରୁ ପ୍ରଚୁର ପରିମାଣରେ ଦେଶୀମଦ ଓଡ଼ିଶା କୁ ପ୍ରବେଶ କରୁଛି। ଜନ ସାଧାରଣଙ୍କ ସହିତ ପ୍ରଶାସନ ସତର୍କ ହେଲେ ଚୋରା ବିଷାକ୍ତ ମଦ ଚାଲାଣ ରୋକା ଯାଇ ପାରିବ ବୋଲି ମତ ପ୍ରକାଶ ପାଇଛି।

# ମୁଖୁରା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରୁ ଚୋରି

ରେମୁଣା, ୮।୭ (ସମିସ): ରେମୁଣା ଥାନା ଅନ୍ତର୍ଗତ ଖରିଦ ମୁଖୁରା ପଞ୍ଚାୟତର ମୁଖୁରା ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ



ଗତକାଲି ରାତ୍ରିରେ ଦୁର୍ବୃତ୍ତମାନେ ମୁଖ୍ୟ ଗେଟ ଓ ଅଫିସ କବାଟର ତାଲା ଭାଙ୍ଗି ସ୍କୁଲର ଜେରକ୍ସ ମେସିନ, କମ୍ପ୍ୟୁଟର ମେସିନ, ଗଡ଼ରେଜର ଥିବା ବିଭିନ୍ନ ଅଫିସ ସାମଗ୍ରୀ ଓ ଇନଭୋଟର, ସିଲିଂଫେନ, ଗ୍ୟାସଚୁଲା, ସାଉଣ୍ଡବକ୍ସ, ଗ୍ୟାସ ସିଲିଣ୍ଡର ପ୍ରଭୃତି ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହିତ ଆଲମିରାରେ ଥିବା ନଗଦ ୨ହଜାର ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଯାଇଛି। ଆଜି ସକାଳେ ସ୍କୁଲକୁ ଆସି ମେନ ଗେଟ ଓ ଅଫିସ ଘର ଚାବି ଭଙ୍ଗା ଦେଖି ସଙ୍ଗେ ସଙ୍ଗେ ଦିବା ୧୧ଟା ସମୟରେ ରେମୁଣା ଥାନାରେ ଶିକ୍ଷା କେନ୍ଦ୍ରର ପ୍ରଧାନ ଶିକ୍ଷୟିତ୍ରୀ ମମତା ପତି ଲିଖିତ ଅଭିଯୋଗ କରିଛନ୍ତି। କିଛି ମାସର ବ୍ୟବଧାନ ଭିତରେ ୩ ଥର ଚୋରି ହୋଇ ଶିକ୍ଷା କେନ୍ଦ୍ରର ଏକପ୍ରକାର ଦୁର୍ବୃତ୍ତମାନେ କଳା କନା ବୋଲାଇ ଥିବା ବେଳେ ଏପର୍ଯ୍ୟନ୍ତ କାହାରିକୁ ପୁଲିସ ଧରିବାରେ ସକ୍ଷମ ହୋଇନାହିଁ। ୩ ଥର ଚୋରିରେ ବି ପୁଲିସ ହାତ ଖାଲି ପଡ଼ିଥିବାବେଳେ ଗ୍ରାମବାସୀ ଓ ଜନସାଧାରଣ ଅଭିଭାବକ ପକ୍ଷରୁ ତୁରନ୍ତ ଅଭିଯୁକ୍ତକୁ ଧରିବା ପାଇଁ ଦାବି ହେଉଛି।

# ଭୋଗରାଇ ବ୍ଲକରେ ଭିବି - ଜୀ ରାମ୍ ଜୀ ଯୋଜନାର ପ୍ରଶିକ୍ଷଣ ଶିବିର



ବାଲେଶ୍ୱର(ଉତ୍ତର), ୮।୭ (ସମିସ) : ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ସ୍ତରୀୟ ଭିବି ଜୀ ରାମ୍ ଜୀ ଯୋଜନାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଆଧୁନିକ ବ୍ୟବସ୍ଥାରେ ଭାରତ ଗ୍ରାମୀଣ ଶ୍ରମଶକ୍ତି ରଣନୀତିକୁ ବିକଶିତ ଭାରତ ୨୦୪୭ ମସିହାର ସଂକଳ୍ପକୁ ସମୃଦ୍ଧ କରିବା ସହିତ ନୂତନ ଆଇନ ଅନୁଯାୟୀ, ବାର୍ଷିକ ସରକାରୀ କାର୍ଯ୍ୟ ଗ୍ୟାରେଣ୍ଟିକୁ ୧୦୦ ଦିନରୁ ୧୨୫ ଦିନକୁ ବୃଦ୍ଧିକରି ଦୈନିକ ସର୍ବନିମ୍ନ ମଜୁରୀ ୩୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ତାହା ସହିତ ସ୍ଥାନୀୟ କୃଷି ଅର୍ଥନୀତିକୁ ସହାୟତା କରିବା ନିମନ୍ତେ ଏହି ଯୋଜନାର ଫସଲ ଅମଳର ମୁଖ୍ୟ ସମୟର ୬୦ ଦିନର ବାଧ୍ୟତାମୂଳକ କାର୍ଯ୍ୟ ବିରତି ବ୍ୟବସ୍ଥା ରହିଛି ବୋଲି ବିଡ଼ିଓ ପ୍ରଶାନ୍ତ ମହାରଣା ଡିଜିଟାଲ ମିନି ପ୍ରୋଜେକ୍ଟ ମାଧ୍ୟମରେ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ଏପିଇଓ ଜଗବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତର ସରପଞ୍ଚ, ସମିତି ସଦସ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଦକ୍ଷିଣ ପୂର୍ବ ରେଳବାଇ ମେନ୍ସ ୟୁନିଅନର ବୈଠକ




ବାଲେଶ୍ୱର, ୮।୭ (ସମିସ): ଆଜି ଦକ୍ଷିଣ ପୂର୍ବ ରେଳବାଇ ମେନ୍ସ ୟୁନିଅନ, ବାଲେଶ୍ୱର ଶାଖାର ଶାଖା ପରିଷଦ ଏକ ବୈଠକ ମୁଖ୍ୟ ଉପଦେଷ୍ଟା ଡ. ଗୌର ସାଧନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୟୁନିୟନର ଖଡ଼ଗପୁର ମଣ୍ଡଳ ସଂଯୋଜକ ଅଭିଜିତ ମଲ୍ଲିକ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ ଓ ଶାଖାର ସମସ୍ତ ପଦାକାରୀ କର୍ମକର୍ତ୍ତା ଓ ଶାଖା ପରିଷଦ ସଦସ୍ୟମାନେ ମଧ୍ୟ ବୈଠକରେ ଯୋଗଦେଇଥିଲେ। ବୈଠକରେ ସଂଗଠନର ସୁଦୃଢ଼ୀକରଣ, ସଦସ୍ୟ ସଂଗ୍ରହ, ରେଳ କର୍ମଚାରୀଙ୍କ କଲ୍ୟାଣ, ସଂଗଠନର କାର୍ଯ୍ୟକ୍ଷମତା ବୃଦ୍ଧି ଏବଂ ବିଭିନ୍ନ ୟୁନିଅନ ସମ୍ବନ୍ଧୀୟ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇ ଏକାକ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା ଓ ଦକ୍ଷିଣ ପୂର୍ବ ରେଳବାଇ ମେନ୍ସ ୟୁନିଅନ, ଖଡଗପୁର ମହିଳା ଶାଖାର ସହ-ସଂପାଦକ ରୂପେ ମିନତୀ ମାନ୍ନା ମହାନ୍ତି ଓ ଶାଖା ପରିଷଦ ରୂପେ ମେଙ୍କୁ ମାଝି ମୋନନିତ କରାଯାଇଥିଲା। ଏହି ଅବସରରେ ମଣ୍ଡଳ ସଂଯୋଜକ ଅଭିଜିତ ମଲ୍ଲିକ ସଂଗଠନକୁ ଏକତାବୋଧ ସୁଦୃଢ଼ କରିବାରେ ମୁଖ୍ୟ ଉପଦେଷ୍ଟା ଡ. ଗୌର ସାଧନ ମିଶ୍ର ଏବଂ ଶାଖା ସମ୍ପାଦକ ଉମେଶ ଚନ୍ଦ୍ର ଅଗସ୍ତି ଓ ସଭାପତି ଅରୁଣ କୁମାର ପଲେଇଙ୍କ ଦୃଢ଼, ଦକ୍ଷ ଓ ଗତିଶୀଳ ନେତୃତ୍ୱର ଉଚ୍ଚ ପ୍ରଶଂସା କରିଥିଲେ। ସେହିପରି ବୈଠକର ସଫଳ ଆୟୋଜନ ପାଇଁ ସମସ୍ତ ପଦାକାରୀ କର୍ମକର୍ତ୍ତା ଓ ଶାଖା ପରିଷଦ ସଦସ୍ୟ ତଥା ମହିଳା ଶାଖାର ସଦସ୍ୟାଙ୍କ ସକ୍ରିୟ ସହଯୋଗକୁ ଧନ୍ୟବାଦ ଜଣାଇଥିଲେ। ଶେଷରେ ଶାଖା କୋଷାଧ୍ୟକ୍ଷ ଅଭିମନ୍ୟୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍‌ଆଇଆର ସମ୍ବନ୍ଧିତ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତା

କାଳିପଦା, ୮।୭ (ସମିସ): ସଘନ ପୁନଃ ସଂଶୋଧନ (ଏସଆଇଆର) ସମ୍ବନ୍ଧିତ ବିଭିନ୍ନ ପ୍ରତିଯୋଗିତା ବୁଧବାର ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବସ୍ତା ବ୍ଲକର ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀ ଚିତ୍ରାଙ୍କନ, ପେଣ୍ଟିଂ, ରଙ୍ଗୋଲି, ସାଧାରଣ ଜ୍ଞାନ, ସ୍ଲୋଗାନ ଲିଖନ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୋଟ ୮୦ ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିବା ବେଳେ ୧୪ ଜଣ କୃତିତ୍ୱ ଅର୍ଜନ କରିଥିଲେ। ଉଦଯାପନ ସଭା ରେ କଲେଜ ଅଧ୍ୟକ୍ଷ ପ୍ରଧ୍ୟାପକ ଦିବ୍ୟେନ୍ଦୁ ଗିରି ପୌରହିତ୍ୟ କରିଥିବା ବେଳେ ବିଡ଼ିଓ ମିହିର କୁମାର ବେହେରା, ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ, ବିଏଲଓ ସୁପର ଭାଇଜର ସୁଦୀପ୍ତ କୁମାର ପ୍ରଧାନ, ଅଧ୍ୟାପିକା ତନୁଶ୍ରୀ ନାୟକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରକାଶ ବିଶ୍ୱାଳ, ଅଧ୍ୟାପିକା ସ୍ୱାଗତିକା ଜେନା, ବିଏଲଓ ଅନିରୁଦ୍ଧ ଜେନା, ବିଜୟ ଚକ୍ରବର୍ତ୍ତୀ, ବିସିକେତନ ମହାନ୍ତି, ପଙ୍କଜ କୁମାର ଦାସ, ଶଶିକାନ୍ତ ଜେନା, ସନ୍ତୋଷ ସାହୁ, ଲିପିକା ମାନ୍ନା, ମନୋଜ ସାମନ୍ତ, ବଂଶୀଧର ନାୟକ, ଅଧ୍ୟାପକ ମୟୁଖ ମଣ୍ଡଳ, ମସାଙ୍ଗ



ଟୁଡୁ, ସବିର ହୋସେନ ପ୍ରମୁଖ ପରିଚାଳନା କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱର ଜୋନ୍‌ସ୍ତରୀୟ ସ୍କେଟିଂ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି ବୈଠକ

ଜଳେଶ୍ୱର ବ୍ଲକ, ୮।୭ (ସମିସ): ଆସନ୍ତା ୧୦ ତାରିଖରେ ଜଳେଶ୍ୱର ସେଣ୍ଟ ଜେମ୍ସ କନଭେଣ୍ଟ ସ୍କୁଲ ଓ ନର୍ଥ ଓଡ଼ିଶା ସ୍କେଟିଙ୍ଗ ଏକାଡେମୀ ମିଳିତ ଆନକୂଲ୍ୟରେ ପ୍ରଥମ ଥର ପାଇଁ ଜାତୀୟ ରାଜପଥ ସନ୍ନିକଟ ଲକ୍ଷ୍ମଣନାଥ ଟୋଲ୍ ପ୍ଲାଜା ନିକଟରେ ଆଇସିଏସଇ ବାଲେଶ୍ୱର ଜୋନ୍‌ସ୍ତରୀୟ ସ୍କେଟିଙ୍ଗ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସଭାପତି ସୁକୁମାର ରଣାଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ସାଧାରଣ ସମ୍ପାଦକ ଭୂପତି ଭୋଇ, ପଦ୍ମିନୀ ଦାଶ, ତପସ୍ୱିନୀ ସାହୁ, ପ୍ରତିଭା ରାଣୀ ଜେନା, ସୁଲତାନା ବିବି, ଚିତ୍ରଲେଖା ବେହେରା, କୋଚ୍ ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଏକାଡେମୀ ବରିଷ୍ଠ ସଭ୍ୟ ସୁମନ୍ତ ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ଅବସ୍ଥିତ ଆଇସିଏସଇ ସ୍କୁଲ ଛାତ୍ରମାନେ ଅଂଶ ଗ୍ରହଣ କରିବେ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଭୋଇ ସୂଚନା ଦେଇଛନ୍ତି।

# ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସ

ରେମୁଣା, ୮।୭ (ସମିସ): ଅଚ୍ୟୁତପୁରସ୍ଥିତ ଅକ୍ସଫୋର୍ଡ ପବ୍ଲିକ ସ୍କୁଲରେ ପ୍ରତିଷ୍ଠା ଦିବସ ବର୍ଣ୍ଣାଢ୍ୟ ପରିବେଶରେ ବିଦ୍ୟାଳୟର ପ୍ରାଣପ୍ରତିଷ୍ଠାତା ସଞ୍ଜୟ କୁମାର ସାହୁଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଅଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଖୁଣ୍ଟିଆ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ନିଜର ଉତ୍ତମ ଭବିଷ୍ୟତ ଗଠନ ନିମନ୍ତେ ଦିଗଦର୍ଶନ ଦେଇଥିଲେ। ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଜିଲ୍ଲାର ବିଶିଷ୍ଟ କବି ତଥା ‘ପ୍ରତିଭାଶ୍ରୀ’ର ପ୍ରତିଷ୍ଠାତା ଶ୍ରୀଯୁକ୍ତ ପ୍ରଶାନ୍ତ ଦାସ ଯୋଗ ଦେଇ ବିଭିନ୍ନ ଗଳ୍ପ ଓ ଉଦାହରଣ ମାଧ୍ୟମରେ ଛାତ୍ରଛାତ୍ରୀ ଓ ସେମାନଙ୍କର ଅଭିଭାବକ ମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାର ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗ ଦେଇ ଶିକ୍ଷା ମାଧ୍ୟମରେ କ୍ରୀଡ଼ାର ଉପକାରିତା ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ପ୍ରତିଷ୍ଠାତା ସଞ୍ଜୟ କୁମାର ସାହୁ ମଞ୍ଚ




ପରିଚାଳନା କରିଥିଲେ। ତଥା ଶିକ୍ଷକ ରାଜକିଶୋର ମହାନ୍ତି ପୁରସ୍କାର ବିତରଣ ଦାୟିତ୍ୱ ପରିବହନ କରିଥିବା ସ୍ଥଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅଙ୍କିତା ଗୁପ୍ତା ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଅଧ୍ୟକ୍ଷା ଶୁଭଶ୍ରୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅଲମ୍ପିଆଡ଼ରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।

# ପୁରାତନ ବିଦ୍ୟାର୍ଥୀ ପରିଷଦର ପ୍ରତିଷ୍ଠା ଦିବସ ଓ ବନ ମହୋତ୍ସବ

ବାଲେଶ୍ୱର, ୮।୭ (ସମିସ)



ସଦର ବ୍ଲକ ଗେଙ୍ଗୁଟି ଗ୍ରାମପଞ୍ଚାୟତର ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ, ସାଉଁ ପରିସରରେ ପ୍ରତିଷ୍ଠା ଦିବସ ଓ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସଂଗଠନର ସଭାପତି ଜଳଧର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. କାଳିପଦ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ସଂଗଠନର ସମ୍ପାଦକ କବି ସୁଧାକର ସେଠୀ ମଞ୍ଚ ପରିଚାଳନା କରିଥିଲେ। ସହ ସମ୍ପାଦକ ନବକୁମାର ନାୟକ ମଞ୍ଚ ଆହ୍ୱାନ କରିଥିବା ବେଳେ ସାବିତ୍ରୀରାଣୀ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ପୂର୍ବତନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାହୁ, ପ୍ରତିଷ୍ଠାତା ସଦସ୍ୟ ପରିବାରରୁ ତଥା ବିଦ୍ୟାଳୟର ପ୍ରଥମ ଦିନର ଛାତ୍ରୀ ବନଲାତା ଦାସ, ବିଦ୍ୟାଳୟ ପାଇଁ ଜମି ଦାତା ପରିବାରରୁ ବିଜୟ କୁମାର ପରିଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦ୍ରୋଣାଚାର୍ଯ୍ୟ ପଟ୍ଟାୟତ, ସଂଗଠନର ଉପଦେଷ୍ଟା ପିତାମ୍ବର ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଇଂ ମନ୍ମଥ କୁମାର ବାରିକ, ଆଗଧାଡିର ପରିଷଦର ସଦସ୍ୟ ଯୁବ ଆଇନଜୀବୀ ପ୍ରଶାନ୍ତ କୁମାର ସାମଲ, ଯତୀନ କୁମାର ମହାନ୍ତି ପ୍ରମୁଖ ପରିଷଦକୁ ନେଇ ଦେଖିଥିବା ସ୍ୱପ୍ନ ବଖାଣି ଥିଲେ।

ଚଳିତ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟରେ ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାରୀ ତିନି ଛାତ୍ରୀ ଅଭିପ୍ସା ସାମଲ, ରାଜଲକ୍ଷ୍ମୀ ସାମଲ, କୁମାରୀ ରିତୁପର୍ଣ୍ଣା ପ୍ରଧାନଙ୍କୁ ବିଦ୍ୟାର୍ଥୀ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା।

ପରିବେଶ ପ୍ରତି ଅବଦାନକୁ ଆଖିଆଗରେ ରଖି ଅବନୀ କୁମାର ରାଉତକୁ ଚଳିତ ବର୍ଷ ବୃକ୍ଷବନ୍ଧୁ ସମ୍ମାନ -୨୦୨୬ ପ୍ରଦାନ କରାଯାଇଥିବା ବେଳେ ସମସ୍ତ ଛାତ୍ରଛାତ୍ରୀଙ୍କୁ ତିନିଶହରୁ ଅଧିକ ଚାରା ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୟଶ୍ରୀ ରାଉତ, ଶୁଭ୍ରାଂଶୁ ରାଉତ, ଋତୁପର୍ଣ୍ଣା ପାଣିଗ୍ରାହୀ, ଗୌରୀଶଙ୍କର ରାଉତ, ରାହୁଲ ବାରିକ, କୁଞ୍ଜ ବିହାରୀ ସେଠୀ, ହିମାଂଶୁ ଶେଖର ପରିଡା, ପବିତ୍ରା ଦାସ, ନିହାର ରଞ୍ଜନ ବେହେରା, ଦିବ୍ୟସା ଆଚାର୍ଯ୍ୟ, ପ୍ରିୟବ୍ରତ ଆଚାର୍ଯ୍ୟ ଭାଗ ନେଇଥିଲେ।